# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୬/୨୦୧୯ ( ୨୦ ପୃଷ୍ଠା) Sambalpur, Monday, September 16 / 2019 ★★

୧୫ଶ ଭାଗ ୨୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୬/୨୦୧୯ | Sambalpur, Monday, September 16 / 2019 | ପୃଷ୍ଠା-୧




**ନଭେମ୍ବରରୁ ରାମମନ୍ଦିର ନିର୍ମାଣ ଆରମ୍ଭ**

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ରାୟ ନଭେମ୍ବର ସୁଦ୍ଧା ପ୍ରକାଶ ପାଇବା ପରେ ଭବ୍ୟ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ କହିଛନ୍ତି।

୧୩

୧୬

**ସ୍ୱସ୍ତିକଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର ପୁରସ୍କାର**

ଶ୍ରେଷ୍ଠ ଯୁବ କ୍ରିକେଟରଭାବେ ରବିବାର ସରୋଜ ମହାସୁଆର ସ୍ମୃତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ପ୍ରତିଭା ସମ୍ପନ୍ନ ସ୍ୱସ୍ତିକ ସାମଲ।



### ଗୋଦାବରୀରେ ବୁଡ଼ିଲା ପର୍ଯ୍ୟଟନ ବୋଟ୍

# ୧୨ ମୃତ, ୩୦ ନିଖୋଜ



ଏନ୍‌ଡିଆରଏଫ୍ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଅମରାବତୀ,୧୫।୯(ପି.ଟି.)**

ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀରେ ରବିବାର ଏକ ପର୍ଯ୍ୟଟନ ବୋଟ୍ ବୁଡ଼ିଯିବାରୁ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ୧୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ଉକ୍ତ ବୋଟ୍‌ରେ ୯ ଜଣ କର୍ମଚାରୀଙ୍କ ସମେତ ପାଖାପାଖି ୬୦ ଜଣ ଥିଲେ। ଅନ୍ୟମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟା ଆସିଥିବା ଗୋଦାବରୀ ନଦୀରେ ଯାତ୍ରୀମାନଙ୍କୁ ନେଇ ପର୍ଯ୍ୟଟନ ସ୍ଥଳୀ ପାପିକୋଣ୍ଡାଲୁ ଯାଉଥିବା ଘରୋଇ ସଂସ୍ଥାର ଏହି ବୋଟ୍‌ଟି ଏକ ମୁଣ୍ଡିଆରେ ଧକ୍କାହୋଇ ବୁଡ଼ିଯାଇଥିଲା। ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଏହି ମର୍ମନ୍ତୁଦ ଦୁର୍ଘଟଣା ପାଇଁ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି।

୧୨ ଜଣଙ୍କ ମୃତଦେହ ମିଳିଥିବାବେଳେ ସ୍ଥାନୀୟ ଲୋକେ ୧୭ ଜଣଙ୍କୁ ଉଦ୍ଧାର କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ଦୁଇଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହିତ ଏକ ସ୍ୱତନ୍ତ୍ର ହେଲିକପ୍ଟରକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ କରାଯାଇଛି। ସୂଚନା ଅନୁଯାୟୀ ପର୍ଯ୍ୟଟକମାନେ ଦିନ ୧୦ଟାରେ ଦେବୀକୋଣ୍ଡାଠାରୁ ବାହାରିଥିଲେ। ଅପରାହ୍ନ ୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆନ୍ଧ୍ରପ୍ରଦେଶର ପର୍ଯ୍ୟଟନ ମନ୍ତ୍ରୀ ଅବନ୍ତି ଶ୍ରୀନିବାସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିବା ଜଣାପଡ଼ିଛି। ତୁଟୁଗୁଣ୍ଟା ଗ୍ରାମବାସୀ ପ୍ରାଥମିକ ପର୍ଯ୍ୟାୟରେ ୧୪ ଜଣଙ୍କୁ ଉଦ୍ଧାର କରିଥିଲେ। ୧୨ ଜଣଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି। ପୂର୍ବ ଗୋଦାବରୀ ଜିଲ୍ଲାରେ ବୋଟ୍ ବୁଡ଼ି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।

'ରୟାଲ ବଶିଷ୍ଠ' ନାମକ ଏହି ବୋଟ୍‌ର ଦୁଇ ଚାଳକ ମଧ୍ୟ ପ୍ରାଣ ହରାଇଛନ୍ତି। ବୋଟ୍‌ର ଲାଇସେନ୍ସ ରହିଛି। ବନ୍ୟା ପାଇଁ ଗୋଦାବରୀରେ ଯାତ୍ରାକୁ ନିଷେଧ କରାଯାଇଥିବାବେଳେ ଉକ୍ତ ବୋଟ୍‌କୁ ପର୍ଯ୍ୟଟକ ପରିବହନ କରିବା ପାଇଁ ଆବଶ୍ୟକ ଅନୁମତି ମିଳିଥିଲା କି ନାହିଁ ଜଣାପଡିନି। କିଛିଦିନ ହେଲା ଗୋଦାବରୀରେ ବନ୍ୟା ଆସିଥିବାବେଳେ ରବିବାର ଉକ୍ତ ନଦୀ ଦେଇ ୫.୧୩ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ପୂର୍ବ ଗୋଦାବରୀ ଜିଲାର ଜିଲାପାଳ ମୁରଲୀଧର ରେଡ୍ଡୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଛାଡ଼ିବା ପର୍ଯ୍ୟନ୍ତ ବୋଟ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୋଟରେ ଅଧିକାଂଶ ପର୍ଯ୍ୟଟକ ପଡୋଶୀ ତେଲେଙ୍ଗାନାର ହାଇଦ୍ରାବାଦ ଓ ୱାରାଙ୍ଗଲ ସହରର ଥିଲେ ବୋଲି ଜଣାପଡିଛି।

### ■ ପରାଜୟ ସ୍ୱୀକାର କଲେ, ଭାରତକୁ ଭୟ ବି ଦେଖାଇଲେ ଇମ୍ରାନ୍

# ଯୁଦ୍ଧରେ ହାରିଯିବ ପାକିସ୍ତାନ

"ଦୁଇଟି ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ଯୁଦ୍ଧ କଲେ ତାହାର ପରିଣାମ ଆଣବିକ ଯୁଦ୍ଧ ହିଁ ହୋଇପାରେ। ଆତ୍ମସମର୍ପଣ ଓ ଯୁଦ୍ଧ ମଧ୍ୟରୁ ଗୋଟିଏକୁ ବାଛିବାକୁ କୁହାଗଲେ ପାକିସ୍ତାନ ନିଜ ସ୍ୱାଧୀନତା ବଜାୟ ରଖିବା ପାଇଁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ପସନ୍ଦ କରିବ।'



**ଇସ୍‌ଲାମାବାଦ,୧୫।୯(ପି.ଟି.)**

ଭାରତ ସହ ପାରମ୍ପରିକ ଯୁଦ୍ଧ ହେଲେ ପାକିସ୍ତାନ ହାରିଯିବ। ହେଲେ ଆତ୍ମସମର୍ପଣ କରିବା ପୂର୍ବରୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ। ଦୁଇଟି ଆଣବିକ ଅସ୍ତ୍ରସମ୍ପନ୍ନ ଦେଶ ଯୁଦ୍ଧ କଲେ ଶେଷରେ ତାହା ଆଣବିକ ଯୁଦ୍ଧର ରୂପ ନେବ। ଏହାର ପରିଣାମ ଭୟାବହ ହେବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଦୋମୁହାଁ କଥା କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ କେବଳ ଭାରତ ନୁହେଁ, ପାକିସ୍ତାନରେ ମଧ୍ୟ ନିନ୍ଦା କରାଯାଇଛି।

ଅଗଷ୍ଟ ୫ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ଭାରତକୁ ଆଣବିକ ଯୁଦ୍ଧର ଭୟ ଦେଖାଉଥିବା ପାକସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ କେତେବେଳେ କ'ଣ କହୁଛନ୍ତି ନିଜେ ବି ଜାଣିପାରୁ ନାହାନ୍ତି। ସାମରିକ ବିଦ୍ରୋହଜନିତ କ୍ଷମତା ପରିବର୍ତ୍ତନର ଆଶଙ୍କା ଥିବାରୁ ଇମ୍ରାନ୍ ଥରକୁ ଥର କଥା ବଦଳାଇ ନିଜ ଆସନ ବଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ସେ ଭାରତକୁ ପୁଣିଥରେ ଯୁଦ୍ଧ ଭୟ ଦେଖାଇଛନ୍ତି। ମାତ୍ର ଦୁଇଦେଶ ମଧ୍ୟରେ ଯୁଦ୍ଧ ହେଲେ ଶକ୍ତିଶାଳୀ ଭାରତଠାରୁ ପାକିସ୍ତାନ ହାରିଯିବ ବୋଲି ମଧ୍ୟ ସେ ସ୍ୱୀକାର କରିଛନ୍ତି। ଅନ୍ତର୍ଜାତୀୟ ଟିଭି ଚ୍ୟାନେଲ 'ଅଲ୍ ଜଜିରା'କୁ ଦେଇଥିବା ସାକ୍ଷାତ୍‌କାରରେ ଇମ୍ରାନ୍ କହିଛନ୍ତି, ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର ପରେ ନୂଆଦିଲ୍ଲୀ ସହ ଆଲୋଚନାର ପ୍ରଶ୍ନ ଉଠୁନାହିଁ। ଏହାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଯଦି ପାରମ୍ପରିକ ଯୁଦ୍ଧ ହୁଏ ତେବେ ପାକିସ୍ତାନ ହରିଯିବ। ନୂଆଦିଲ୍ଲୀ ଏହାକୁ ଭାରତୀୟ ଉପମହାଦେଶ ବାହାରକୁ ନେଇଯାଇପାରେ। ତେଣୁ କଶ୍ମୀର ପ୍ରସଙ୍ଗକୁ ନେଇ ଆମେ ଜାତିସଂଘର ଦ୍ୱାରସ୍ଥ ହୋଇଛୁ ଓ ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଉଠାଉଛୁ। ☞ ପୃଷ୍ଠା-୨

**ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ବନ୍ଦ ନ କଲେ**

## ଖଣ୍ଡ ଖଣ୍ଡ ହେବ ପାକ୍

**ସୁରଟ,୧୫।୯**

ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ ନ କଲେ ପାକିସ୍ତାନ ଖଣ୍ଡ ଖଣ୍ଡ ହୋଇଯିବ। ପାକିସ୍ତାନୀମାନେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କଲେ ଭାରତୀୟ ସେନା ସେମାନଙ୍କୁ ଆଉ ଫେରିବାକୁ ଦେବ ନାହିଁ। ସେଇଠି ନିପାତ କରିଦେବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଛନ୍ତି।

କର୍ତ୍ତବ୍ୟ ସମ୍ପାଦନ ବେଳେ ଶହୀଦ ହୋଇଥିବା ୧୨୨ ଯବାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିବା ପାଇଁ ଉଦ୍ଦିଷ୍ଟ ଏକ କାର୍ଯ୍ୟକ୍ରମ ଗୁଜରାଟର ସୁରଟରେ ଶନିବାର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ କହିଥିଲେ, ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ କରୁ। ଅନ୍ୟଥା ପଡ଼ୋଶୀ

**ରାଜନାଥଙ୍କ ଚେତାବନୀ**

ଦେଶକୁ ଖଣ୍ଡ ବିଖଣ୍ଡିତ ହେବାରୁ କେହି ରକ୍ଷା କରିପାରିବେ ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏଲ୍‌ଓସି ଅତିକ୍ରମ ନ କରିବାକୁ ଦେଶବାସୀଙ୍କୁ ଉପଯୁକ୍ତ ପରାମର୍ଶ ଦେଇଛନ୍ତି। କାରଣ ସୀମାରେ ପ୍ରସ୍ତୁତ ହୋଇରହିଥିବା ଭାରତୀୟ ଯବାନମାନେ ସେମାନଙ୍କୁ ଫେରିବାକୁ ଦେବେନାହିଁ ବୋଲି ରାଜନାଥ କହିଛନ୍ତି। ପ୍ରକାଶ ଯେ, ଇମ୍ରାନ୍ ଶୁକ୍ରବାର ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଜଧାନୀ ମୁଜାଫରାବାଦରେ ଉଦ୍‌ବୋଧନ ଦେଇଥିଲେ। ସେ ନିର୍ଦ୍ଦେଶ ନ ଦେବା ଯାଏ ଏଲ୍‌ଓସି ନିକଟକୁ ଅଗ୍ରସର ନ ହେବାକୁ ପିଓକେବାସୀଙ୍କୁ ପରାମର୍ଶ ଦେଇଥିଲେ।

**ବ୍ରାଉନ୍‌ସୁଗାର କାରବାରର ପର୍ଦ୍ଦାଫାଶ**

## ମୁଖ୍ୟ ବେପାରୀ ସମେତ ୩ ଗିରଫ

■ ୩୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର, ୯ ଲକ୍ଷ ୪୪ ହଜାର ୮୦ ଟଙ୍କା, ୨ ବାଇକ୍ ଜବତ



ଗିରଫ ବ୍ରାଉନ୍‌ସୁଗାର ବେପାରୀଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

**ବାଲେଶ୍ୱର ଅଫିସ,୧୫।୯**

ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶାଦ୍ରବ୍ୟ କାରବାରର ହବ୍ ପାଲଟିଛି ବାଲେଶ୍ୱର। ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଏଠାକୁ ବ୍ରାଉନ୍‌ସୁଗାର ଅଣାଯାଇ ପରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଶନିବାର ଅପରାହ୍ନରେ ମସ୍‌ଜିଦ୍ ଗଳିରୁ ୩୦୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ସହ ୩ ଜଣ ଚୋରା ବେପାରୀଙ୍କୁ ଗିରଫ ପରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ଅନେକ ତଥ୍ୟ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ମିଳିଛି। ଜବତ ବ୍ରାଉନ୍‌ସୁଗାରର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ। ଗିରଫ ୩ ବେପାରୀଙ୍କଠାରୁ ୯ଲକ୍ଷ ୪୪ ହଜାର ୮୦ ଟଙ୍କା ଜବତ କରାଯାଇଛି। ଗିରଫ ୩ ଜଣଙ୍କ ମଧ୍ୟରୁ ୨ ଯୁବକଙ୍କ ଘର ଖୋର୍ଦ୍ଧା ଜିଲାରେ। ସେମାନଙ୍କଠାରୁ ୩ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ☞ ପୃଷ୍ଠା-୨



ସମ୍ବଲପୁରରେ ରବିବାର ଅନୁଷ୍ଠିତ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣର ଏକ ଇଭେଣ୍ଟ ଅବସରରେ ପ୍ରତିଯୋଗୀମାନେ।

### ଅଟୋ ସେକ୍ଟରରେ ମାନ୍ଦାବସ୍ଥା ନେଇ ମାରୁତିର ମତ

## ମାଲିକାନା ଚାର୍ଜ ବୃଦ୍ଧି ଯୋଗୁ କାର୍ ବିକ୍ରି କମିଛି

**ନୂଆଦିଲ୍ଲୀ,୧୫।୯**

ଅର୍ଥନୀତିରେ ନଗଦ ସଙ୍କଟ ଗୁରୁତର ହେବା ଓ ଓନରଶିପ୍ ବା ମାଲିକାନା ଚାର୍ଜ ବୃଦ୍ଧି ପାଇବା କାରଣରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଆସିଛି ଆଉ ଏଥିପାଇଁ କାର୍ ବିକ୍ରି କମିଛି ବୋଲି ମାରୁତି ସୁଜୁକି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର(ମାର୍କେଟିଂ ଓ ସେଲ୍‌ସ) ଶଶାଙ୍କ ଶ୍ରୀବାସ୍ତବ ରବିବାର କହିଛନ୍ତି।

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ସମ୍ପର୍କରେ ସେ କହିଛନ୍ତି ଯେ, ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଙ୍କ ଦ୍ୱାରା ଋଣ ପ୍ରଦାନ ନେଇ ନିୟମ କଡାକଡି କରାଯିବା ଯୋଗୁ ନଗଦ ସଙ୍କଟ ଗଭୀର ହୋଇଛି। ଏହାଛଡ଼ା ବିଏସ୍-୬ ଗାଡ଼ିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଗାଡ଼ି ବିକ୍ରି ହ୍ରାସର ଅନ୍ୟତମ ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ତାଙ୍କ ମତରେ ଗତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ଅଟୋ ସେକ୍ଟରରେ ଅଭିବୃଦ୍ଧି ୨୬% ରହିଥିବାବେଳେ ବର୍ଷ ଶେଷ ବେଳକୁ ଏହା ୩% ହ୍ରାସ ପାଇଥିଲା। ଏପ୍ରିଲ ସୁଦ୍ଧା ଡିଲରଙ୍କ ନିକଟକୁ ଆଉ ନୂଆ ଗାଡ଼ି ପଠାଇବା ସମ୍ଭବ ହୋଇପାରି ନାହିଁ। କାରଣ ସେମାନଙ୍କ ନିକଟରେ ବିକ୍ରି ନ ହୋଇ ପଡିରହିଥିବା ଗାଡ଼ି ସଂଖ୍ୟା ବଢ଼ି ଚାଲିଛି। ଗାଡ଼ିର ଓନରଶିପ୍ ଦର ବୃଦ୍ଧି ପାଇବା ମୁଖ୍ୟ କାରଣ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବାଟବଣା

**ଆଜିର ମନ୍ତବ୍ୟ**

"ଉତ୍ତର ଭାରତୀୟ ଯୁବତୀ ଯୁବକ ନିଯୁକ୍ତି ପାଇବା ପାଇଁ ସକ୍ଷମ ନୁହନ୍ତି।

-ସନ୍ତୋଷ ଗଙ୍ଗୱାର, ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଦେଶର ମୋଟ ଜୁଏଲେରୀ ରପ୍ତାନି ୯% ହ୍ରାସ ଘଟି ୧୫.୩୩ ବିଲିୟନ ଡଲାର ରହିଛି।

– ଜୁଏଲେରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍


NATIONAL EGG CO-ORDINATION COMMITTEE | 15.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

**Eggs Retail Price- 46/-Dozen**
Issued in the Interest of Consumers


**ଡିଏଲ୍, ଗାଡ଼ି କାଗଜପତ୍ର ସମସ୍ୟା ଦୂର ପାଇଁ ପଦକ୍ଷେପ**

# ରବିବାର ଚାଲିଲା ଆର୍‌ଟିଓ କାର୍ଯ୍ୟ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ପରିବହନ ସଚିବଙ୍କ ନିର୍ଦ୍ଦେଶକ୍ରମେ ରବିବାର ଛୁଟିଦିନରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) କାର୍ଯ୍ୟ କରିଥିଲା। ଅଧିକ ଭିଡ଼ ହେଉଥିବା ଭୁବନେଶ୍ୱରର ଆର୍‌ଟିଓ-୧ ଓ ଆର୍‌ଟିଓ-୨ରେ ସୁରୁଖୁରୁରେ କାର୍ଯ୍ୟ ଚାଲିଥିଲା। ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ପାଇଁ ଲୋକେ ଧାଡିରେ ରହିଥିଲେ। ପୂର୍ବରୁ ଆବେଦନକରିଥିବା ଲୋକେ ଲର୍ନିଂ ଟେଷ୍ଟ ଦେଇଥିଲେ। ଅନ୍ୟଦିନ ଅପେକ୍ଷା ଭିଡ଼ କମ୍ ରହିଥିବାବେଳେ ଆରଟିଓ-୧କୁ ପ୍ରାୟ ଦୁଇ ହଜାର ଓ ଆର୍‌ଟିଓ-୨କୁ ୭ଶହ ଲୋକ ଆସିଥିଲେ। ତେବେ ଛୁଟିଦିନ ହୋଇଥିବାରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ କର୍ମଚାରୀ ଥିବା ଜଣାପଡ଼ିଛି।

ଅନ୍ୟଦିନ ଭଳି ପୂର୍ବାହ୍ନ ୧୦ଟାରେ ଅଫିସ ଖୋଲିଥିଲା। ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ପହଞ୍ଚି ଲୋକଙ୍କୁ ସେବା ଯୋଗାଇଦେଇଥିଲେ। ଆରମ୍ଭରେ ଟିକେ ଭିଡ଼ ରହିଥିଲା। ପରେ ଲୋକେ ଲାଇନ୍‌ରେ ଆସି ସୁରୁଖୁରୁରେ ନିଜର କାର୍ଯ୍ୟ ସାରିଥିଲେ। ଯେଉଁମାନେ ଫର୍ମ ଫିଲ୍‌ଅପ୍ ବା ଅନ୍ୟ କାଗଜପତ୍ର କିପରି କରିବେ ତାହା ସମ୍ପର୍କରେ ଜାଣିପାରୁ ନ ଥିଲେ ସେମାନଙ୍କୁ ସହଯୋଗ କରିବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ଆର୍‌ଟିଓ ଆଗରେ ରହିଥିବା ଦୁଇଟି ଅନ୍‌ଲାଇନ୍ ମେଶିନରୁ ଲୋକେ ଡ୍ରାଇଭିଂ ଲାଇସେନ୍ସ ସହ ଅନ୍ୟ କାଗଜପତ୍ର ସମ୍ପର୍କରେ ସୂଚନା ପାଇପାରୁଥିଲେ। ଏହାସହ ସେ ଥିଲେ ମଧ୍ୟ ଲୋକେ ଲାଇସେନ୍ସ ପାଇଁ ଆବେଦନ କରୁଥିଲେ। ତେବେ ଅପରାହ୍ନ ପ୍ରାୟ ୨ଟାରେ ଇଣ୍ଟରନେଟ ସମସ୍ୟା ଦେଖାଦେବାରୁ କୌଣସି ଫାଇଲ୍ ଅପଲୋଡ୍ ହୋଇ ନ ଥିଲା। ଘଣ୍ଟାଏ ଧରି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ଲାଇନ୍‌ରେ ଛିଡ଼ା ହୋଇଥିବା ଲୋକେ ଅସନ୍ତୋଷ ଦେଖାଦେଇଥିଲା।

ଆର୍‌ଟିଓ-୧ର ଆର୍‌ଟିଓ ପ୍ରଦୀପ ମହାନ୍ତି କହିଛନ୍ତି, ନୂଆ ମୋଟର ଆଇନ ସେପ୍ଟେମ୍ବର ୧ରୁ ଲାଗୁ ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଡିଏଲ୍ ଆବେଦନ ପାଇଁ ୨୦ହଜାରରୁ ଊର୍ଦ୍ଧ୍ୱ ସ୍ଲଟ୍ ବୁକ୍ ହୋଇଛି। ନିୟମ କୋହଳ ହେବା ପରେ ଏବେ ଅଟୋ ଡ୍ରାଇଭର ପୂର୍ବଭଳି ବେପରୁଆଭାବେ ଗାଡ଼ି ଚାଳନା କରୁଛନ୍ତି। ଏକାଧିକ ଯାତ୍ରୀଙ୍କୁ ଗାଡିରେ ବସାଇ ବିପଦପୂର୍ଣ୍ଣ ଭାବେ ନେଉଛନ୍ତି। ତେଣୁ ଏଭଳି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଟୋ ଚାଳକ ସଂଘକୁ ସତର୍କ କରାଯାଇଥିବା ସେ କହିଛନ୍ତି। ସେହିଭଳି ଆର୍‌ଟିଓ-୨ରେ ୧୮ହଜାରରୁ ଊର୍ଦ୍ଧ୍ୱ ସ୍ଲଟ୍ ବୁକ୍ ହୋଇଥିବା ଆର୍‌ଟିଓ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି।

■ ଅଧିକାଂଶ ଆବେଦନକାରୀ ଥିଲେ ସରକାରୀ କର୍ମଚାରୀ

■ ୧୫ଦିନରେ ଡିଏଲ୍ ଆବେଦନ ପାଇଁ ୩୮ ହଜାର ସ୍ଲଟ୍ ବୁକ୍

■ ଅଟୋ ଚାଳକ ସଂଘକୁ ସତର୍କ କଲା ଆର୍‌ଟିଓ



ଭୁବନେଶ୍ୱର ଆରଟିଓ କାର୍ଯ୍ୟାଳୟରେ ରବିବାର ଲୋକଙ୍କ ଭିଡ଼।

ତେବେ ଏତେ ସଂଖ୍ୟକ ଲୋକ ଡିଏଲ୍ କରି ନ ଥିବାରୁ ସେ ଆଶ୍ଚର୍ଯ୍ୟପ୍ରକାଶ କରିବା ସହ କାହିଁକି ବିନା ଲାଇସେନ୍ସରେ ଗାଡ଼ି ଚଳୁଥିଲେ ବୋଲି ପ୍ରଶ୍ନ କରିଛନ୍ତି।

### ଲର୍ନିଂ ଟେଷ୍ଟ ପାଇଁ ନାଲ୍‌କୋ ଛକରେ ଆଜି ଖୋଲିବ କ୍ୟାମ୍ପ୍ ଅଫିସ

ଭୁବନେଶ୍ୱରରେ ଥିବା ଦୁଇ ଆର୍‌ଟିଓରେ ଏକସଙ୍ଗେ ବିଭିନ୍ନ କାର୍ଯ୍ୟ ହେଉଥିବାରୁ ଲୋକଙ୍କୁ ସେବା ଯୋଗାଇବାରେ ସମସ୍ୟା ହେଉଛି। ତେଣୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ଲର୍ନିଂ ଟେଷ୍ଟ କରିବାକୁ କ୍ୟାମ୍ପ୍ ଅଫିସ ଖୋଲିବ। ସୋମବାରଠାରୁ ନାଲକୋ ଛକ ନିକଟ ବିଏମ୍‌ସି ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ ପରିସରରେ ଆର୍‌ଟିଓ-୨ର କ୍ୟାମ୍ପ୍ ଅଫିସ୍ କାର୍ଯ୍ୟ କରିବ ବୋଲି ଆର୍‌ଟିଓ ସଞ୍ଜୟ ବେହେରା କହିଛନ୍ତି। ସେହିଭଳି ଶହୀଦନଗର ୱାର୍ଡ ଅଫିସ ଓ ସ୍ଥାନୀୟ ବିଏମ୍‌ସି କାର୍ଯ୍ୟାଳୟରେ ଆର୍‌ଟିଓ-୧ର ଶାଖା ଅଫିସ୍ ରହିଛି। କିନ୍ତୁ ଏହି ଦୁଇ ଶାଖା ଅଫିସ୍ ଏବେ ବନ୍ଦ ରହିଥିବାରୁ ତାହାର ସ୍ଥିତି ଅନୁଧ୍ୟାନ କରାଯିବ। ଆବଶ୍ୟକ ବ୍ୟବସ୍ଥା କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ଆର୍‌ଟିଓ ପ୍ରଦୀପ ମହାନ୍ତି କହିଛନ୍ତି।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶ୍ରୀରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାର୍ ଆଗ ସିଟ୍‌ରେ ବେଲ୍ଟ ବାନ୍ଧି ଶିଶୁଙ୍କୁ ନେବା ମନା

- ଟୁଇଟ୍ ମାଧ୍ୟମରେ ଜାଣିବାକୁ ଚାହିଁଥିଲେ ଲୋକେ
- ପୋଲିସ କମିଶନରଙ୍କ ଚିଠିର ଉତ୍ତର ରଖିଲେ ଆର୍‌ଟିଓ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)** କାର୍‌ର ଆଗ ସିଟ୍‌ରେ ୬ବର୍ଷ କିମ୍ବା ଏହାଠାରୁ କମ୍ ବର୍ଷ ବୟସର ପିଲାଙ୍କୁ ବସାଇ ନେବା ମନା। ଏପରିକି ସିଟ୍ ବେଲ୍ଟ ବାନ୍ଧି ନିଆଯିବା ମଧ୍ୟ ଠିକ୍ ନୁହେଁ। ଏହା ଶିଶୁଙ୍କ ପାଇଁ ବିପଦ ଆଣିପାରେ। ତେଣୁ ଏହାକୁ ଦଣ୍ଡନୀୟ ଭାବେ ବିଚାର କରାଯାଇପାରେ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଆର୍‌ଟିଓ ସୂଚନା ଆଧାରରେ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଲୋକଙ୍କ ମଧ୍ୟରେ ଛନକା ପଶିଛି। କାରଣ ଏଯାଏ ବହୁ ନିୟମ ବିଷୟରେ ଲୋକେ ଜାଣିନାହାନ୍ତି। ଏଥିପାଇଁ କମିଶନର ଷଡ଼ଙ୍ଗୀ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ସହ ଯୋଡ଼ିହୋଇଛନ୍ତି। ନିକଟରେ ଜଣେ ବ୍ୟକ୍ତି କମିଶନରଙ୍କୁ ଟୁଇଟ୍ କରି କାର୍‌ରେ ଛୋଟ ଶିଶୁଙ୍କ ଯାତାୟାତ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏ ସଂକ୍ରାନ୍ତରେ ଉତ୍ତର ରଖିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଆର୍‌ଟିଓ-୧କୁ ଜଣାଇବାକୁ କୁହାଯାଇଥିଲା। ଆର୍‌ଟିଓ ପ୍ରଦୀପ ମହାନ୍ତି ଜଣାଇନ୍ତି ଯେ, କାର୍‌ର ଆଗ ସିଟ୍‌ରେ ୬ ବର୍ଷ କିମ୍ବା ଏହାଠାରୁ କମ୍ ବର୍ଷର ଶିଶୁଙ୍କୁ ସିଟ୍‌ବେଲ୍ଟ ବାନ୍ଧି କେହି ନେଇପାରିବେ ନାହିଁ। କାରଣ ଗାଡ଼ିଟି ହମ୍ପ କିମ୍ବା ଖାଲରେ ପଡ଼ିଗଲେ ପିଲାଟି ସିଟ୍‌ରୁ ବାହାରି ଯିବାର ସମ୍ଭାବନା ରହିଛି। ତେଣୁ ଶିଶୁଙ୍କୁ ଏଭଳି ନେବା ଦଣ୍ଡନୀୟ। କିନ୍ତୁ କାର ଆଗରେ ଜଣେ ବୟସ୍କ ବ୍ୟକ୍ତି ଏହି ବୟସର ଶିଶୁଙ୍କୁ ଧରି ନିଜେ ସିଟ୍‌ବେଲ୍ଟ ବାନ୍ଧି ନେଇପାରିବେ ବୋଲି ଆର୍‌ଟିଓ ମହାନ୍ତି କହିଛନ୍ତି।

କେବଳ ଏହି ଗୋଟିଏ ସମସ୍ୟା ନୁହେଁ, ସାଇବର ଅପରାଧ ହେଉ କିମ୍ବା ଡିଏଲ୍ ହଜିଯିବା କଥା ହେଉ ଅଥବା ଛୋଟବଡ଼ କୌଣସି ସମସ୍ୟା ହେଉ ପୋଲିସ କମିଶନର ନିଜ ଟୁଇଟ୍ ମାଧ୍ୟମରେ ସମାଧାନର ବାଟ ବତାଉଛନ୍ତି। ଯଦି କୌଣସି ବ୍ୟକ୍ତି ଏକ ଥାନାରୁ ନ୍ୟାୟ ପାଇପାରୁନାହାନ୍ତି, ସେ ଘଟଣା ସମ୍ପର୍କରେ କମିଶନରଙ୍କୁ ଜଣାଇଲେ ତୁରନ୍ତ ତଦାରଖ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ତେଣୁ ଟୁଇଟ୍ ମାଧ୍ୟମରେ ସମସ୍ୟା ଜଣାଇବାକୁ କମିଶନର ଷଡ଼ଙ୍ଗୀ ଜଣାଇଛନ୍ତି।

## ଓପିଟିସିଏଲ୍‌ରେ ଇଞ୍ଜିନିୟର ଦିବସ ପାଳିତ

# '୫-ଟି ମନ୍ତ୍ର ବ୍ୟବହାର କରି ଉତ୍ତମ ସେବା ଯୋଗାନ୍ତୁ'




ଅତିଥିଙ୍କ ଗହଣରେ ପୁରସ୍କୃତ ଇଞ୍ଜିନିୟରମାନେ।

**୨୧ଜଣ ଇଞ୍ଜିନିୟର ପୁରସ୍କୃତ**

**ଭୁବନେଶ୍ୱର, ୧୫।୯(ବ୍ୟୁରୋ)** ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ମନ୍ତ୍ରକୁ ପାଳନ କଲେ ଯେକୌଣସି ସଂସ୍ଥାର ବିକାଶ ସୁନିଶ୍ଚିତ। ମୁଖ୍ୟତଃ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ଭଳି ସଂସ୍ଥା ପାଇଁ ପ୍ରତ୍ୟେକ 'ଟି'ର ଗୁରୁତ୍ୱ ରହିଛି। ଟେକ୍ନୋଲୋଜି ଜରିଆରେ କେଉଁ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି ତାହା ଜାଣି ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ଓପିଟିସିଏଲ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟଶୈଳୀରେ ଏସବୁ ମନ୍ତ୍ରକୁ ବ୍ୟବହାର କରି ଉତ୍ତମ ସେବା ଯୋଗାନ୍ତୁ ବୋଲି ଅଧ୍ୟକ୍ଷ ଡ. ସୌରଭ ଗର୍ଗ କହିଛନ୍ତି। ରବିବାର ଭାରତ ରତ୍ନ ସାର୍ ଏମ୍ ବିଶ୍ୱେଶ୍ୱରାୟଙ୍କ ଜନ୍ମ ଦିବସ ଉପଲକ୍ଷେ ଓପିଟିସିଏଲ୍‌ର ଚନ୍ଦକା ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଜାତୀୟ ଇଞ୍ଜିନିୟର ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ଡ. ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୧ ଜଣ ଶ୍ରେଷ୍ଠ ଇଞ୍ଜିନିୟରଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ସାରା ରାଜ୍ୟ ପାଇଁ ଓପିଟିସିଏଲ ଗୋଟିଏ ଟୋଲ୍ ଫ୍ରି ନମ୍ବର ପରିଚାଳନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଇଂ. ଅମଳେନ୍ଦୁ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତ୍ୟାଧୁନିକ ପାୱାର ଟ୍ରାନ୍ସଫର୍ମରର ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ରାଧା ରମଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଇଞ୍ଜିନିୟର ସମୟସୀମା ମଧ୍ୟରେ ଗୁଣାତ୍ମକ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ। ମାନବ ସମ୍ବଳ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ଅଜୟ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଓବାଦୀଙ୍କ ନାଁରେ ଟଙ୍କା ମାଗି କନଷ୍ଟେବଲ ଗିରଫ

**ବିଷମକଟକ,୧୫।୯** ମାଓବାଦୀଙ୍କ ନାଁରେ ଟଙ୍କା ମାଗିବା ଘଟଣାରେ ରାୟଗଡ଼ା ଜିଲା ବିଷମକଟକ ପୋଲିସ ରବିବାର ଜଣେ କନଷ୍ଟେବଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜେକେପୁରର ଜି. ଶ୍ରୀକାନ୍ତ କୁମାର । ତାଙ୍କଠାରୁ ଗୋଟିଏ ୯ ଏମ୍.ଏମ୍.ପିସ୍ତଲ,୨୪ ରାଉଣ୍ଡ ଗୁଳି, ୨ ମାଗାଜିନ୍, ୩ ମୋବାଇଲ ଫୋନ୍ ଏବଂ ଗୋଟିଏ ସ୍କୁଟି ଜବତ କରାଯାଇଛି। ସେ ରାୟଗଡ଼ା ଜିଲା ପୋଲିସ ବିଭାଗରେ କାମ କରନ୍ତି ।

ଗତ ୧୮ ତାରିଖରେ ବିଷମକଟକ ବ୍ଲକ ଅନ୍ତର୍ଗତ ଗୋଡିଗୁଡାଠାରେ ଏକ ପିଚୁ ମିଶ୍ରଣ ପ୍ଲାଣ୍ଟକୁ କେତେକ ଯୁବକ ମୁହଁରେ କପଡା ବାନ୍ଧି ଆସିଥିଲେ । ସେମାନେ ନିଜକୁ ମାଓବାଦୀ ପରିଚୟ ଦେଇ ପ୍ଲାଣ୍ଟର ସୁପରଭାଇଜରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଟଙ୍କା ମାଗିଥିଲେ। ପୁଣି ଗତ ୪ତାରିଖରେ ପ୍ଲାଣ୍ଟର ମାଲିକ ଜୟପୁରର ଶ୍ରବଣ କୁମାର ମହାନ୍ତିଙ୍କୁ ଫୋନ କରି ଟଙ୍କା ମାଗିଥିଲେ । ଯଦି ତୁରନ୍ତ ଟଙ୍କା ନ ଦିଅନ୍ତି, ତେବେ ପ୍ଲାଣ୍ଟରେ ନିଆଁ ଲଗାଇବା ସହ ସୁପରଭାଇଜରଙ୍କୁ ମୃତ୍ୟୁଦଣ୍ଡ ଦେବେ ବୋଲି ଧମକ ଦେଇଥିଲେ । ୫ ତାରିଖରେ ପ୍ଲାଣ୍ଟ ମାଲିକ ମହାନ୍ତି ଏନେଇ ବିଷମକଟକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ବିଷମକଟକ ପୋଲିସ ତଦନ୍ତ ଚଳାଇଥିଲା । ଅପରାହ୍ନରେ ପୋଲିସ ଶ୍ରୀକାନ୍ତ କୁମାରଙ୍କୁ ଗିରଫ କରିଛି। ଏନେଇ ପୋଲିସ୍ ଏକ ମାମଲା (କେଶ ନଂ.୮୯/୧୯) ରୁଜୁ କରିଛି ।

ପ୍ରଥମ ପୃଷ୍ଠାରୁ...

## ଯୁଦ୍ଧରେ...

ବିଶ୍ୱ ସମୁଦାୟ ଏହା ଉପରେ ପଦକ୍ଷେପ ନେବା ଜରୁରୀ ବୋଲି ଇମ୍ରାନ୍ କହିଛନ୍ତି।

ସମ୍ଭାବ୍ୟ ଯୁଦ୍ଧକୁ ନେଇ ପ୍ରଶ୍ନର ଉତ୍ତରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଛନ୍ତି, ପାକିସ୍ତାନ କେବେ ଯୁଦ୍ଧ ଚାହେଁ ନାହିଁ। ସେ ଜଣେ ଶାନ୍ତିବାଦୀ ଓ ଯୁଦ୍ଧବିରୋଧୀ। ଯୁଦ୍ଧ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ। ଏହାସତ୍ତ୍ୱେ ଭାରତ ସହ ନିଶ୍ଚିତ ଭାବେ ଯୁଦ୍ଧ ହୋଇପାରେ। ଦୁଇଟି ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ଯୁଦ୍ଧ କଲେ ତାହାର ଶେଷ ପରିଣାମ ଆଣବିକ ଯୁଦ୍ଧ ହିଁ ହୋଇପାରେ। ପାରମ୍ପରିକ ଯୁଦ୍ଧରେ ଆମେ ହାରିବୁ। କିନ୍ତୁ ଯେତେବେଳେ ଆତ୍ମସମର୍ପଣ ଓ ଯୁଦ୍ଧ ମଧ୍ୟରୁ ଗୋଟିଏକୁ ବାଛିବାକୁ କୁହାଯିବ ସେତେବେଳେ ପାକିସ୍ତାନ ନିଜ ସ୍ୱାଧୀନତା ପାଇଁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ ପସନ୍ଦ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ କଳାତାଲିକାଭୁକ୍ତ କରାଗଲେ ଦେଶ ଉପରେ ଅନେକ କଟକଣା ଜାରି କରାଯିବ। ଆମକୁ ଅର୍ଥନୈତିକ ସ୍ତରରେ ଦେବାଳିଆ ସ୍ଥିତିକୁ ଠେଲିଦେବା ପାଇଁ ଭାରତ ଏପରି ଉଦ୍ୟମ ଚଳାଇଛି। ଦୁଇଟି ସଭ୍ୟ ପଡ଼ୋଶୀ ଭଳି ଚଳିବା ସହ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ସମାଧାନ ପାଇଁ ଭାରତକୁ ନିକଟରେ ପାକିସ୍ତାନ ପ୍ରସ୍ତାବ ଦେଇଥିଲା। ହେଲେ ଭାରତ ଆଗ୍ରହ ପ୍ରକାଶ କରିନାହିଁ। ତେଣୁ ପାକିସ୍ତାନ ମଧ୍ୟ ଆଉ ଆଲୋଚନା ଚାହୁଁନାହିଁ ବୋଲି ଇମ୍ରାନ କହିଛନ୍ତି।

## ମାଲିକାନା...

ଯୋଗୁ ଗାଡ଼ିର ବିକ୍ରି ଧିମା ହୋଇଛି ବୋଲି ଶ୍ରୀବାସ୍ତବ ମତପ୍ରକାଶ କରିଛନ୍ତି। ଏହାବ୍ୟତୀତ ରୋଡ୍ ଟ୍ୟାକ୍ସ ବୃଦ୍ଧି ପାଇବା, ଉତ୍ପାଦନ ଖର୍ଚ୍ଚ ବଢ଼ିବା, ବିଏସ୍-୬କୁ ଆପଣାଇବା ଯୋଗୁ ଗାଡ଼ିର ଦାମ ଅନ୍ ରୋଡ୍ ପ୍ରାୟ ୧୪ରୁ ୧୫% ବଢ଼ିଯାଇଛି। ଏପରି କି କେତେକ ରାଜ୍ୟରେ ରୋଡ୍ ଟ୍ୟାକ୍ସ ଅଧିକ ଥିବାରୁ ଗାଡ଼ିର ଅନ୍ ରୋଡ୍ ଦାମ ୨୦ ପ୍ରତିଶତରୁ ଅଧିକ ହୋଇଛି। ଏଥିଯୋଗୁ ଏଣ୍ଟ୍ରି ଲେଭେଲ ସେଗ୍‌ମେଣ୍ଟ ସବୁଠୁ ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି। ଲୋକେ ଗାଡ଼ି ଦାମ୍‌କୁ ନେଇ ଅତ୍ୟଧିକ ସମ୍ବେଦନଶୀଳ ଥିବାରୁ ଗାଡ଼ି ବିକ୍ରି ପ୍ରଭାବିତ ହୋଇଛି ବୋଲି ଶ୍ରୀବାସ୍ତବ ମତପ୍ରକାଶ କରିଛନ୍ତି। ଅଟୋମୋବାଇଲ ନିର୍ମାତା ସଂଘ ସିଆମ୍‌ର ତଥ୍ୟ ଅନୁଯାୟୀ ଅଗଷ୍ଟରେ ଗାଡ଼ି ବିକ୍ରି ୨୩.୫୫ ପ୍ରତିଶତ ହ୍ରାସ ପାଇ ୧୮,୨୧,୪୯୦ ୟୁନିଟ ହୋଇଛି। ଗତବର୍ଷ ଏହି ସମୟରେ ୨୩,୮୨,୪୩୬ ୟୁନିଟ୍ ବିକ୍ରି ହୋଇଥିଲା। ସେହିପରି ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ବିକ୍ରି ୧୫.୮୯ ପ୍ରତିଶତ ହ୍ରାସ ପାଇ ୯୭,୩୨,୦୪୦ ୟୁନିଟ ହୋଇଛି। ବର୍ଷକ ପୂର୍ବରୁ ଏହି ସମୟରେ ୧,୧୫,୭୦,୪୦୧ୟୁନିଟ ଗାଡ଼ି ବିକ୍ରି ହୋଇଥିଲା। ଶ୍ରୀବାସ୍ତବ କହିଛନ୍ତି ଯେ, ଭାରି ଡିସ୍‌କାଉଣ୍ଟ ଘୋଷଣା କରି କମ୍ପାନୀ ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ମୁକାବିଲା ପାଇଁ ଉଦ୍ୟମ କରୁଛି। ବିଏସ୍-୬ ନିୟମ ଲାଗୁ ହେବା ପୂର୍ବରୁ କମ୍ପାନୀ ସମସ୍ତ ବିଏସ୍-୪ ଗାଡ଼ି ବିକ୍ରି କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି।

## ମୁଖ୍ୟ ବେପାରୀ...

ଏହାସହ ବାଲେଶ୍ୱରର ମୁଖ୍ୟ ବ୍ୟବସାୟୀ ସେକ୍ ହାଇଦର ଅଲ୍ଲୀଙ୍କୁ ମଧ୍ୟ ଗିରଫ କରାଯାଇଥିବା ସହଦେବଖୁଣ୍ଟା ମଡେଲ ଥାନା ପରିସରରେ ରବିବାର ମଧ୍ୟାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଯୁଗଳ କିଶୋର କୁମାର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲାର ଟାଉନ ଥାନା କୁମ୍ଭିଲୋ ଅଞ୍ଚଳର ପୀତବାସ ରଣା (୨୯) ଓ ଜାଗୁଳିପାଟଣା ଅଞ୍ଚଳର ଭବାନୀ ପ୍ରସାଦ ସ୍ୱାଇଁ (୨୨) ଅରଡ଼ବଜାରସ୍ଥିତ ମସଜିଦ୍ ଗଳିର ସେକ୍ ହାଇଦର ଅଲ୍ଲୀ (୨୬)ଙ୍କଠାରୁ ବ୍ରାଉନ୍‌ସୁଗାର କିଣିବାକୁ ଆସିଥିବା ପୋଲିସକୁ ଖବର ମିଳିଥିଲା। ଜିଲା ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚିବାରୁ ଉକ୍ତ ଦୁଇ ଯୁବକ ମୋଟରସାଇକେଲ ଯୋଗେ ପଳାଇ ଯାଉଥିଲେ। ଉକ୍ତ ସ୍କ୍ୱାଡ୍ ଫୁଲାଡ଼ି ରାସ୍ତାର ନୁଣିଆଯୋଡ଼ି ପୋଲସ୍ଥିତ 'ମୁକ୍ତିଦ୍ୱାର' ସମ୍ମୁଖରୁ ସେମାନଙ୍କୁ କାବୁ କରିଥିଲା। ପୋଲିସର ଅନ୍ୟ ଏକ ଟିମ୍ ସେକ୍ ହାଇଦର ଅଲ୍ଲୀଙ୍କୁ ଗିରଫ କରିଥିଲା। ୩ ଜଣଙ୍କୁ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା ଦୁଇଟି ମୋଟରସାଇକେଲ (ନଂ. ଓଡି ୩୩ୟୁ-୪୦୦୨, ଓଡି ୦୧ଜେଡ୍-୪୧୪୨) ସହ ୩ଟି ଦାମୀ ମୋବାଇଲ ଏବଂ ୯ ଲକ୍ଷ ୪୪ ହଜାର ୮୦ ଟଙ୍କା ଜବତ କରାଯାଇଛି। ସହଦେବଖୁଣ୍ଟା ମଡେଲ ଥାନାରେ ଏ ନେଇ ଏକ ମାମଲା (ନଂ.୨୭୪/୧୯) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ବୟାନକୁ ଭିତ୍ତିକରି ଖୋର୍ଦ୍ଧାରେ ଥିବା ମୁଖ୍ୟ ବ୍ରାଉନ୍‌ସୁଗାର ବ୍ୟବସାୟୀ ମୁନା ନାୟକଙ୍କୁ ମଧ୍ୟ ବାଲେଶ୍ୱର ପୋଲିସ ତତ୍ତ୍ୱାବଧାନରେ ଖୋର୍ଦ୍ଧା ପୋଲିସ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଗତ ଜୁନ୍ ୧୭ ତାରିଖରେ ସେକ୍ ହାଇଦରଙ୍କ ବାପା ସେକ୍ ରାଜୁ, ଭାଇ ସେକ୍ ହୁସେନ ଓ ମାମୁ ସେକ୍ ମକ୍‌ସଦଙ୍କଠାରୁ ୧ କେଜି ୬୫୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଏ ନେଇ ସହଦେବଖୁଣ୍ଟା ମଡେଲ ଥାନାରେ ମାମଲା (ନଂ.୧୬୫/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ପରିବାର ଏହି କାରବାରରେ ଲିପ୍ତ ଥିବାରୁ ଜିଲାପାଳଙ୍କ ସହ ଆଲୋଚନା କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନାଧିକାରୀ ପରେଶ ରାଉତ ଉପସ୍ଥିତ ଥିଲେ।

# ପ୍ରାଥମିକ ସଦସ୍ୟ ପଦରୁ ଇତିଶଙ୍କୁ ନିଲମ୍ବିତ କଲା ଏନ୍ଏସୟୁଆଇ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)** ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ମନ୍ତବ୍ୟ ଦେବାପରେ ରାଜ୍ୟ ଛାତ୍ର କଂଗ୍ରେସ ଆବାହକ ଇତିଶ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିଅନ ଅଫ ଇଣ୍ଡିଆ (ଏନଏସୟୁଆଇ) ପକ୍ଷରୁ ଇତିଶଙ୍କୁ ରବିବାର ଦଳରୁ ନିଲମ୍ବିତ କରିଦିଆଯାଇଛି। ସଙ୍ଗଠନରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ଏନ୍ଏସୟୁଆଇ ଜାତୀୟ ସମ୍ପାଦକ ମୋତହା ରୋହିତ ତାଙ୍କୁ ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଛନ୍ତି। ଗତ ୧୨ ତାରିଖରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଇତିଶ ସିଧାସଳଖ ନିରଞ୍ଜନଙ୍କୁ ଟାର୍ଗେଟ କରିଥିଲେ। ନିଲମ୍ବିତ ହେବାପରେ ଇତିଶ କହିଛନ୍ତି, ସତ କହିବାପରେ ଏଭଳି ପୁରସ୍କାର ମିଳିଛି। ସାଢ଼େ ୪ ବର୍ଷ ଛାତ୍ର କଂଗ୍ରେସ ସଭାପତି ରହିଛି। କଂଗ୍ରେସକୁ ଯିଏ କ୍ଷତି ପହଞ୍ଚାଇବ ତା ବିରୋଧରେ ଲଢ଼ିବି। ଏନ୍ଏସୟୁଆଇର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି, କଂଗ୍ରେସରୁ ନୁହେଁ। କଂଗ୍ରେସକୁ ଯିଏ ବିଜେଡି ହାତରେ ବିକ୍ରି କରିବାକୁ ଚାହିଁବ ତାକୁ ଛଡ଼ାଯିବ ନାହିଁ। ନିରଞ୍ଜନ ବାବୁଙ୍କୁ ୨୦୧୨ରେ ହଠାତ୍ ପିସିସି ସଭାପତି ପଦରୁ କାଢ଼ି ଦିଆଯାଇଥିଲା। ସେଥିଲାଗି ସେ ରାଗ ଶୁଝାଇବା ପାଇଁ ଦଳକୁ କ୍ଷତି ପହଞ୍ଚାଉଛନ୍ତି। ତାଙ୍କ ପକ୍ଷରୁ ଯାହା ଅଛି ଠିକ୍ ବୋଲି ଇତିଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ନିରଞ୍ଜନଙ୍କ ନିଦ ହଜାଇ ଦିଆଯିବ ବୋଲି ଇତିଶ ଗତ ୧୨ତାରିଖରେ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ। ଏହାର ଦିନକ ପରେ ଇତିଶ ହତୋତ୍ସାହିତ ହୋଇ ପିଲାଳିଆମି କଥା କହୁଛନ୍ତି। ସେ ଗୋଟିଏ ଜାଗାରୁ ଲଢିଲେ। ସେଠାରେ ତାଙ୍କୁ ଯେତିକି ଭୋଟ ମିଳିଲା ଏଥିଲାଗି କାହାକୁ ଦୋଷ ଦେବେ ବୋଲି ନିରଞ୍ଜନ କହିଥିଲେ।

# ଖୋଲିଲା ରେଙ୍ଗାଳି ଡ୍ୟାମ୍ ଗେଟ

**କଣିହାଁ,୧୫।୯(ଡି.ଏନ.ଏ.)** ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ରେଙ୍ଗାଳି ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଥିବା ଯୋଗୁ ରବିବାର ଗୋଟିଏ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଡ୍ୟାମର ଜଳ ଧାରଣା କ୍ଷମତା ୧୨୩.୫୦ ରହିଥିବାବେଳେ ସକାଳ ୯ଟା ସୁଦ୍ଧା ଜଳସ୍ତର ୧୨୩.୩୩ ମିଟର ଛୁଇଁଥିଲା। ଡ୍ୟାମର ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା ଓ କର୍ମଚାରୀ ସକାଳ ୯ଟାରେ ୨୪ ଟି ଗେଟ୍ ମଧ୍ୟରୁ ୭ ନମ୍ବର ଗେଟ୍ ଖୋଲିଥିଲେ। ସନ୍ଧ୍ୟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୨.୬୭ ମିଟର ରହିଛି। ଖବରଲେଖା ହେବା ସୁଦ୍ଧା ପ୍ରତି ସେକେଣ୍ଡରେ ଜଳ ଭଣ୍ଡାର ମଧ୍ୟକୁ ୧୧୯୨.୨୨ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ ଓ ଖୋଲାଯାଇଥିବା ଗେଟ ଦେଇ ୨୧୦୩.୪୪ ଘନ ମିଟର ଜଳ ନିଷ୍କାସିତ ହେଉଛି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଡ୍ୟାମର ଗୋଟିଏ ଗେଟ୍ ଖୋଲାଯାଇଥିଲା। ପରେ ଜଳସ୍ତର ହ୍ରାସ ପାଇବା ଯୋଗୁ ଏହାକୁ ବନ୍ଦ କରିଦିଆଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଗୁରୁଦୃଷ୍ଟିରେ ରହିଥିବାରୁ ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ଥିତି କ୍ରମଶଃ ବୃଦ୍ଧି ପାଉଥିବାରୁ ଜମିଜମା ବିକ୍ରି ସକାଶେ ଯୋଜନା କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହେବ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଦେବଦର୍ଶନର ସୁଯୋଗ ମିଳିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାହିତ୍ୟ, ଚର୍ଚ୍ଚା ଓ ସାମ୍ବାଦିକତା କ୍ଷେତ୍ରରୁ ସୁନାମ ଅର୍ଜନ କରିପାରିବେ।

**ମିଥୁନ** ଦୀର୍ଘ ଦିନରୁ ଆପଣ ମନେ ମନେ ଚିନ୍ତା କରିଥିବା କାମଗୁଡ଼ିକ ଆଜି ବାସ୍ତବରେ ଫଳପ୍ରଦ ହୋଇପାରିବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ରହିବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥ ଆଣିପାରନ୍ତି। ବାଣିଜ୍ୟ,ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାହିତ୍ୟ,କଳା,କ୍ରୀଡ଼ା ପ୍ରଭୃତି ସହ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବିଭିନ୍ନ ସମସ୍ୟା ଲାଗି ରହିଥିବା କାରଣରୁ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ । ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅର୍ଥ ଅଭାବ ଥିଲେ ମଧ୍ୟ ତାହାକୁ ବନ୍ଧୁଙ୍କ ସାହାଯ୍ୟକ୍ରମେ ସୁଧାରି ନେଇପାରିବେ।

**କନ୍ୟା** ବାରମ୍ବାର ଧୋକା ଖାଇ ଓ ସମସ୍ୟା ମଧ୍ୟରେ ଚଳିବା ସହ କାର୍ଯ୍ୟଗୁଡ଼ିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ସାହାଯ୍ୟ କରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଯେତେ ଭଲ କାମ କଲେ କ'ଣ ହେବ, ଚିକିଏ ଚିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହୋଇପାରନ୍ତି।

**ତୁଳା** ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ କାର୍ଯ୍ୟ ହାସଲ କରିବା ଦୁରୂହ ହୋଇପଡ଼ିବ। ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ। ଫଳରେ ଟେନସନ୍ କିଛି ମାତ୍ରାରେ କମି ଯାଇପାରେ।

**ବିଛା** ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି,ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ଅନୁରାଧା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ।

**ଧନୁ** ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭକରି କାର୍ଯ୍ୟ ହାସଲ କରିବେ । ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା କରିଥିବା ଦିଗରୁ ଅର୍ଥଲାଭ ଘଟିବ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମକର** ବହୁତ ଦିନରୁ ଚେଷ୍ଟା ଚଳାଇଥିବା କାମଟି କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ। ନତୁବା ଅଦଳବଦଳ ହୋଇ ଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଶିଳ୍ପ, ବାଣିଜ୍ୟ,ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବାର ଆଶଙ୍କା ରହିଛି। ଆତ୍ମୀୟସ୍ୱଜନଙ୍କ ପରୋକ୍ଷ ଶତ୍ରୁତା ମନୋଭାବକୁ ଲକ୍ଷ୍ୟକରି ମାନସିକ ସ୍ତରରେ ଯନ୍ତ୍ରଣା ଅନୁଭବ କରିବେ।

**ମୀନ** ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଲାନ୍ତି ଦେଖାଦେଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ମାସାନ୍ତ, ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ସେପ୍ଟେମ୍ବର ୧୬ ତାରିଖ, ବିଶ୍ୱ ଓଜୋନ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ,ମିଥୁନ ରାଶିର ଘାତବାର, ଦିବା ଘ୭।୦୯ମି. ମଧ୍ୟେ, ଘ୧।୧୩ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୧୩ମି. ଗତେ ଘ୫।୪୩ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୯ମି. ଗତେ ଘ୧୦।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୮ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**

real estate

**SALE**

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535. D-66780

Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore for sale. Contact: Owner -9338342502. D-67390

to-let

Prime location single room attach bath, kitchen, Lewis road, Bhubaneswar. 9861124451. D-67230

Prime location 1000sqft office / godown, Lewi road, Bhubaneswar. 9861124451. D-67231

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



ନିକଟରେ 'ମୋ କଲେଜ'ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ ଆକାଶଦାସ ନାୟକ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ରବିବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

### ଏସ୍‌ସିବିରେ ଜଗା-କାଳିଆଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ ପ୍ରତାପ

# ମୁଣ୍ଡରେ ଖପୁରି ପ୍ରତିରୋପଣ ପରେ ସ୍କୁଲ ଯିବ ଜଗା

**କଟକ ଅଫିସ, ୧୫।୯**

କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ରବିବାର ଆଇନ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଭେଟିଛନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ଓ ଚିକିତ୍ସା ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ମେଡିକାଲରେ ଜଗାକୁ କିଛି ସମୟ ମନ୍ତ୍ରୀ ଜେନା କୋଳରେ ଧରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ମନ୍ତ୍ରୀ ଜେନା କହିଛନ୍ତି, ଜଗା ଏବେ ବୁଲୁଛି, ଖେଳୁଛି, ଖାଉଛି। କିନ୍ତୁ କାଳିଆ ଅବସ୍ଥା ଏମ୍‌ସରୁ ଆସିବା ସମୟରୁ ହିଁ ସ୍ଥିର ରହିଛି। ଖୁବ୍‌ଶୀଘ୍ର କାଳିଆ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବ ବୋଲି ଡାକ୍ତର କହିଛନ୍ତି। ଜଗା ମୁଣ୍ଡରେ ଖପୁରି ପ୍ରତିରୋପଣ କରାଯିବା ପରେ ଜଗାକୁ ପାଠ ପଢ଼ିବା ପାଇଁ ସ୍କୁଲ ପଠାଯିବ। ଏଥିସହ ମନ୍ତ୍ରୀ ଜେନା ଆହୁରି କହିଛନ୍ତି, ପୃଥିବୀରେ ଏଭଳି ବିରଳ ଅସ୍ତ୍ରୋପଚାର କ୍ୱଚିତ୍ ମାତ୍ରାରେ ହୋଇଥାଏ। ଜଗା-କାଳିଆଙ୍କ ଏହି ଘଟଣା ମେଡିକାଲ କ୍ଷେତ୍ରରେ ଗୋଟିଏ ବଡ଼ ସଫଳତା। ଏହି ଘଟଣା ଓ ଅନ୍ୟ ଘଟଣା ଭିତରେ ପାର୍ଥକ୍ୟ ହେଲା ଅନ୍ୟ କେସ୍‌ଗୁଡ଼ିକ ପାର୍ଟଲି ଜଏଣ୍ଟ ହୋଇଥାଏ। କିନ୍ତୁ ଜଗା-କାଳିଆଙ୍କ କ୍ଷେତ୍ରରେ ମୁଣ୍ଡ ସମ୍ପୂର୍ଣ୍ଣ ଭାବେ ଲାଗିକି ଥିଲା। ଜଗାର ବ୍ରେନ୍ କାଳିଆ ମୁଣ୍ଡ ଭିତରେ ଓ କାଳିଆ ବ୍ରେନ୍ ଜଗା ମୁଣ୍ଡ ଭିତରେ ପଶିକି ଥିଲା। କିନ୍ତୁ ମହାପ୍ରଭୁଙ୍କ ଆଶୀର୍ବାଦରୁ ଉଭୟ ସୁସ୍ଥ ଅଛନ୍ତି। ସେଥିପାଇଁ ଏମ୍‌ସ ଟିମ୍‌କୁ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶା ପୂରଣ ହୋଇଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ଜଗା-କାଳିଆଙ୍କ ଚିକିତ୍ସା ପାଇଁ ୧୪ ଜଣିଆ ଡାକ୍ତରୀ ଟିମ୍ ଲାଗିଛନ୍ତି। ଜଗା ସମ୍ପୂର୍ଣ୍ଣ ସୁସ୍ଥ ଅଛି, କିନ୍ତୁ କାଳିଆର ଅବସ୍ଥା ସ୍ଥିର ରହୁଛି। ଡାକ୍ତରମାନେ ପରିଶ୍ରମ କରୁଛନ୍ତି। ଆଶା ରଖିଛୁ ଖୁବ୍‌ଶୀଘ୍ର କାଳିଆ ମଧ୍ୟ ସୁସ୍ଥ ହୋଇଯିବ।



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ରବିବାର କଟକ ବଡ଼ ମେଡିକାଲରେ ଜଗା-କାଳିଆଙ୍କୁ ଭେଟି ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆଲୋଚନା କରିଛନ୍ତି।

# ହରିୟାଣାରେ ସିବିଜି ଉତ୍ପାଦନ ପ୍ରକଳ୍ପର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର




ବାୟୋ ଗ୍ୟାସ୍ (ସିବିଜି) ଉତ୍ପାଦନ ପ୍ରକଳ୍ପକୁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ହରିୟାଣାର ଫରିଦାବାଦଠାରେ ଉଚ୍ଚମାନର କମ୍ପ୍ରେସଡ୍ ବାୟୋ ଗ୍ୟାସ୍ (ସିବିଜି) ଉତ୍ପାଦନ ପ୍ରକଳ୍ପକୁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଏହାସହ ଇଣ୍ଡିଆନ୍ ଅଏଲର ଫରିଦାବାଦସ୍ଥିତ ଅନୁସନ୍ଧାନ ଓ ବିକାଶ(ଆର ଆଣ୍ଡ ଡି) କେନ୍ଦ୍ରକୁ ଧର୍ମେନ୍ଦ୍ର ବୁଲି ଦେଖିଛନ୍ତି। ଫରିଦାବାଦ୍‌ଠାରେ ଏହି ସିଏନ୍‌ଜି ଉତ୍ପାଦନ ପ୍ରକଳ୍ପ ପ୍ରଥମ ଥର ପାଇଁ କାର୍ଯ୍ୟକ୍ଷମ ହେବ। ଏହାସହ କୃଷି ଓ ଅନ୍ୟାନ୍ୟ ଜୈବ ବର୍ଜ୍ୟରୁ ଉଚ୍ଚମାନର ସିବିଜି ଉତ୍ପାଦନ କେନ୍ଦ୍ର କରାଯିବ। ଏହି ପ୍ରକଳ୍ପରୁ ଉତ୍ପାଦିତ ହୋଇଥିବା ପ୍ରଥମ ୨୫୦ କେଜି ସିବିଜି ବୋଝେଇ ଗାଡ଼ିକୁ ଫରିଦାବାଦ୍ ସେକ୍ଟର -୭ ସ୍ଥିତ ଇସ୍କନର ମିଡ୍ ଡେ ମିଲ୍ ପ୍ରସ୍ତୁତ କେନ୍ଦ୍ରକୁ ପତାକା ଦେଖାଇ କେନ୍ଦ୍ରମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଇସ୍କନ ଦ୍ୱାରା ଦୈନିକ ପାଖାପାଖି ୬୦ହଜାର ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଉଛି। ଏହି ପ୍ରକଳ୍ପର ଶୁଭାରମ୍ଭ ପରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବର୍ଜ୍ୟବସ୍ତୁକୁ ଉର୍ଜ୍ଜା ସମ୍ପତ୍ତିରେ ପରିଣତ କରିବା ପାଇଁ ଦିଆଯାଇଥିବା ଆହ୍ୱାନର ଏହା ସଫଳ କ୍ରିୟାନ୍ୱୟନ। ଫରିଦାବାଦ୍‌ସ୍ଥିତ ଏହି ପ୍ରକଳ୍ପ ଦୈନିକ ୫ ଟନ୍ ଜୈବ ବର୍ଜ୍ୟବସ୍ତୁକୁ ସିବିଜିରେ ପରିଣତ କରିବ। ଏହାଦ୍ୱାରା ଫରିଦାବାଦ୍‌ର ଜୈବ ବର୍ଜ୍ୟ ପରିଚାଳନା ଓ ଉର୍ଜ୍ଜା ଆବଶ୍ୟକତାକୁ ପୂରଣ କରିବା ପାଇଁ ସହାୟକ ହେବ। ଫରିଦାବାଦ୍ ଗସ୍ତ ଅବସରରେ ଏଠାରେ ଥିବା ଇଣ୍ଡିଆନ୍ ଅଏଲ୍‌ର ଆର ଆଣ୍ଡ ଡି ପ୍ରତିଷ୍ଠାନକୁ ବୁଲି ଦେଖିଛନ୍ତି। ଏଠାରେ ବିକଳ୍ପ ଉର୍ଜ୍ଜା ପ୍ରସ୍ତୁତି ବିଶେଷ ଭାବରେ ୨ଜି ଓ ୩ଜି ଇଥାନଲ, ହାଇଡ୍ରୋଜେନ୍ ମିଶ୍ରିତ ସିଏନଜି, ହାଇଡ୍ରୋଜେନ୍ ଜାଳେଣି ତଥା ଭବିଷ୍ୟତର ନିରନ୍ତର ଅକ୍ଷୟ ଉର୍ଜ୍ଜା ପାଇଁ କାମରେ ଏହି ପ୍ରତିଷ୍ଠାନ ନିୟୋଜିତ। ଆଇଓସିଏଲ୍ ଦ୍ୱାରା ଉର୍ଜ୍ଜା ଗବେଷଣା କେନ୍ଦ୍ର ମାଧ୍ୟମରେ ନୂତନ ଉର୍ଜ୍ଜାର ବିକଳ୍ପ ସନ୍ଧାନରେ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା ସହ ଯୁବ ବୈଜ୍ଞାନିକମାନଙ୍କ ନିୟୋଜନକୁ ଆଗକୁ ବଢ଼ାଉଥିବାରୁ ଧର୍ମେନ୍ଦ୍ର ଆଇଓସିଏଲ୍ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଫୁଲବାଣୀ ଅଫିସ/ଖଜୁରିପଡ଼ା, ୧୫।୯**

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଜଣେ କନଷ୍ଟେବଲଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଦିବ୍ୟାଙ୍ଗ ଯୁବତୀ ଜଣକ ସମ୍ପୃକ୍ତ କନଷ୍ଟେବଲଙ୍କ ବାସଭବନରେ ବହୁଦିନ ହେବ କାର୍ଯ୍ୟ କରି ଆସୁଥିଲେ। ପ୍ରାୟ ୫/୬ ମାସ ତଳେ ସେଠାରେ ଆଉ କାମ ନ କରି ଘରକୁ ପଳାଇ ଆସିଥିଲେ। ତେବେ ସେ ବର୍ତ୍ତମାନ ୫ ମାସର ଗର୍ଭବତୀ ଥିବା ନେଇ ରବିବାର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦେଖି ପଚରାଉଚରା ଜାରି ରହିଛି। ଏ ନେଇ ନଂ. ୮୨/୧୯ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବାରୁ ଅଧିକ ସୂଚନା ଦେଇପାରିବେନି ବୋଲି ଖଜୁରିପଡ଼ା ଥାନାଧିକାରୀ ରମାକାନ୍ତ ପାତ୍ର କହିଛନ୍ତି।



## ଜିଲା ଟିଠି
## ପୁରୀ

# କଥାକୁ ଭରସା ନାହିଁ

ବଦଳିଯିବ ପୁରୀର ଚେହେରା। ପୁରୀ ହେବ ବିଶ୍ୱ ଐତିହ୍ୟ ସହର। ଭକ୍ତ, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ପୁରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବ। ଏସବୁ ପରିକଳ୍ପନା ଭିତରେ ଶ୍ରୀମନ୍ଦିର ସୁରକ୍ଷା ହୋଇଛି ସବୁଠୁ ବଡ଼ ପ୍ରଶ୍ନ। ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ବଡ଼ଦେଉଳର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଜାଗା ଖାଲି କରାଯିବ। ଏମିତି ଅନେକ ସ୍ୱପ୍ନ ଦେଖିଛନ୍ତି ରାଜ୍ୟ ସରକାର। ଆଉ ଏହାକୁ ସାକାର କରିବା ଲାଗି ପ୍ରଥମେ ୨୬୫ କୋଟି ଏବଂ ପରେ ୫୦୦ କୋଟି ଟଙ୍କା ମଧ୍ୟ ଘୋଷଣା କରିଛନ୍ତି। ୭୫ ମିଟର ଜାଗା ଖାଲି ପାଇଁ ଭାଙ୍ଗିବ ପ୍ରାୟ ୧୮ ମଠ, ଶତାଧିକ ବାସଗୃହ ଆଉ ବ୍ୟବସାୟ ପ୍ରତିଷ୍ଠାନ। ଏହି ଯୋଜନାକୁ ଫଳପ୍ରଦ କରିବା ଲାଗି ଇତିମଧ୍ୟରେ ଅଭିଯାନ ଆରମ୍ଭ ହୋଇଯାଇଛି। ପ୍ରଥମେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ସବୁ ଉଠାଦୋକାନୀଙ୍କୁ ହଟାଇ ଦିଆଯାଇଛି। ମେଘନାଦ ପାଚେରୀ କଡ଼କୁ ଲାଗି ରହିଥିବା ସବୁ ନିର୍ମାଣ ଉଚ୍ଛେଦ କରାଯାଇଥିବା ବେଳେ ୩ଟି ପୁରାତନ ମଠ ବି ମାଟିରେ ମିଶିଛି। ବ୍ରିଟିଶ୍ ଅମଳର ରଘୁନନ୍ଦନ ଲାଇବ୍ରେରି ସତ୍ତା ହରାଇଛି। ବିସ୍ଥାପିତଙ୍କ ଲାଗି ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ହେଲେ ସରକାରଙ୍କ କଥାକୁ ବିଶ୍ୱାସକୁ ନେଇପାରୁ ନାହାନ୍ତି କ୍ଷତିଗ୍ରସ୍ତ। ବିଗତ ଦିନର ଅନୁଭୂତିକୁ ନେଇ ବିସ୍ଥାପିତମାନେ ସନ୍ଦିହାନ ରହିଛନ୍ତି। ୨୦୧୫ ନବକଳେବର ସମୟରେ ବହୁସଂଖ୍ୟାରେ ବ୍ୟବସାୟିକ ଗୃହ, ଏକାଧିକ ବ୍ୟକ୍ତିଙ୍କ ଘର ମଧ୍ୟ ଭାଙ୍ଗି ଦିଆଗଲା। ସେତେବେଳେ ପ୍ରଶାସନ ଥଇଥାନ କରିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏହାପରେ ବେସାହାରା ହୋଇପଡ଼ିଲେ ବିସ୍ଥାପିତ। ବାରମ୍ବାର ପ୍ରଶାସନ ନିକଟକୁ ଦୌଡ଼ୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନେକଙ୍କୁ ଥଇଥାନ କରାଯାଇ ନାହିଁ। କେବଳ ୨୦୧୫ ନୁହେଁ, ଏହା ପୂର୍ବରୁ ମଧ୍ୟ ଏଭଳି ଉଚ୍ଛେଦ କରାଯାଇଛି। କିନ୍ତୁ ବିସ୍ଥାପିତଙ୍କୁ ଠିକ୍ ଭାବେ ଥଇଥାନ କରାଯାଇ ନ ଥିବାରୁ ସେମାନଙ୍କ ମନରେ ସନ୍ଦେହ ବସା ବାନ୍ଧିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ସବୁ ନିର୍ମାଣ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ଭାବେ ଏ ଦିଗରେ କାମ ବି ଆରମ୍ଭ କରିଦେଇଛନ୍ତି। ୭୫ ମିଟର ପରେ ବିଭିନ୍ନ ମଠକୁ ଥଇଥାନ କରିବେ ବୋଲି କହୁଛନ୍ତି। ଆନ୍‌ସିଏଣ୍ଟ ମନୁମେଣ୍ଟସ ଆକ୍ଟ ଅନୁଯାୟୀ ଶ୍ରୀମନ୍ଦିରଠାରୁ ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ କରାଯାଇ ପାରିବ ନାହିଁ ବୋଲି ନିୟମ ରହିଛି। ପ୍ରଶାସନ କିଭଳି କନ୍‌ଷ୍ଟ୍ରକସନ କରି ମଠକୁ ଥଇଥାନ କରିବ, ସେ ନେଇ ମହନ୍ତମାନେ ବି ସନ୍ଦେହରେ ରହିଛନ୍ତି। ତେଣୁ ସରକାରଙ୍କ କଥାକୁ ଭରସା କରିପାରୁ ନାହାନ୍ତି ବିସ୍ଥାପିତ।

**- ହେମନ୍ତ କୁମାର ନାୟକ**


# ପେମେଣ୍ଟରେ ବିଳମ୍ବର କାରଣ

**ମୋର ସମ୍ମାନୀୟ ନିବେଶକର୍ତ୍ତା ସାଥୀଗଣ,**

ସର୍ବପ୍ରଥମେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି କି ଆପଣଙ୍କର ଜୀବନ ସପରିବାର ସର୍ବଦା ସୁଖୀ ଏବଂ ସମ୍ପନ୍ନ ରହୁ।

ଠିକ୍ ସମୟରେ ପେମେଣ୍ଟ କରିବାର ଯେଉଁ ସ୍ଥାପିତ ପରମ୍ପରା ଅଛି ତାହା ବିପରୀତ ଏଠାରେ କିଛି ଜାଗାରେ ପେମେଣ୍ଟ କରିବାରେ ବିଳମ୍ବ ହେଉଅଛି, କାରଣ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିବନ୍ଧ (ଏମ୍ବର୍ଗୋ) କାରଣରୁ ଆମେ ନିଜର ପରିସମ୍ପତ୍ତି ବିକ୍ରି କରି, ବନ୍ଧାରଖି କିମ୍ବା ଜଏଣ୍ଟ ବେଞ୍ଚର୍‌ରେ ଧନ ଏକଜୁଟ କରି ଏକଟଙ୍କା ମଧ୍ୟ ସଂସ୍ଥାଗତ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବୁ ନାହିଁ, ଏପରିକି ନିବେଶକଙ୍କର ପେମେଣ୍ଟ ପାଇଁ ମଧ୍ୟ ନୁହେଁ।

ଏହି ପ୍ରକାରର ଏକଜୁଟ୍ କରାଯାଇଥିବା ସମୁଦାୟ ଧନରାଶି ସାହାରା-ସେବି ଖାତାକୁ ଚାଲିଯାଇଥାଏ। ଏ ପର୍ଯ୍ୟନ୍ତ ସାହାରା-ସେବି ଖାତାରେ ମୋଟ ସୁଧ ସହ ପ୍ରାୟ **₹21,000** କୋଟି ଟଙ୍କା ଜମା ହୋଇଯାଇଅଛି। ସେବି ଦ୍ୱାରା **4** ଥର **150**ଟି ଖବର କାଗଜ ଜରିଆରେ ପୂରା ଦେଶରେ, ବିଜ୍ଞାପନ ଦେବା ସତ୍ତ୍ୱେ ମଧ୍ୟ ସେବି କେବଳ **₹96** କୋଟି ଟଙ୍କା ସମ୍ମାନିତ ନିବେଶକମାନଙ୍କୁ ପ୍ରଦାନ କରିପାରିଛି। ଏହା ଏଥିପାଇଁ କି ଅଧିକାଂଶ ନିବେଶକମାନଙ୍କ ପେମେଣ୍ଟ ଆମେ ପ୍ରଥମରୁ ହିଁ କରିସାରିଅଛୁ।

ଏଣୁ ନ୍ୟାୟାଳୟ ନିର୍ଦ୍ଦେଶାନୁସାରେ ଯେମିତି ଖାତାଗୁଡ଼ିକର ଯାଞ୍ଚ ହୋଇଯିବ, ଆମେ ଜମା କରିଥିବା ସମସ୍ତ ଧନରାଶି ଆମକୁ ଫେରସ୍ତ ମିଳିଯିବ, ଯାହାକୁ ଯାହା ଦେୟ ପାଇବାର ଅଛି, ତା'ର ତାହା ପୂରା ହୋଇଯିବ, ତା ସହିତ ଆଗକୁ ପ୍ରତିବନ୍ଧ ମଧ୍ୟ ହଟିଯିବ। ସେତେବେଳେ ଦେୟ ସମ୍ବନ୍ଧୀୟ ବିଳମ୍ବର ସମସ୍ୟା ଧୀରେ ଧୀରେ ସମାପ୍ତ ହୋଇଯିବ। ହଁ, ଏହି ପ୍ରକ୍ରିୟା ପୂରା କରିବାରେ କିଛି ସମୟ ଅବଶ୍ୟ ଲାଗିବ। ଯାହା ସମ୍ପୂର୍ଣ୍ଣ ରୂପେ ସମ୍ମାନୀୟ ନ୍ୟାୟାଳୟ ଉପରେ ନିର୍ଭର କରିଥାଏ।

ଏହା ବ୍ୟତୀତ ସାହାରାର ପରିସମ୍ପତ୍ତି ତାହାର ସମୁଦାୟ ଦେଣଦାରୀ/ଦେୟତା ତୁଳନାରେ ତିନିଗୁଣା ଅଧିକ ଅଟେ। ଏଣୁ ନିବେଶକମାନଙ୍କ ଧନ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଅଟେ।

ବର୍ତ୍ତମାନ ଟିକିଏ ଅସୁବିଧା ତ ନିଶ୍ଚୟ ଅଛି। ଦୁଃଖର ବିଷୟ ଏହି କି ଯେ କଠିନ ପରିସ୍ଥିତିର ଲାଭ ନେବାପାଇଁ ଆମର ଏଠାରୁ ନିଷ୍କାସିତ ହୋଇଥିବା କିଛି କର୍ମଚାରୀ କିମ୍ବା କିଛି କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଯେଉଁମାନେ ସଂସ୍ଥାରୁ କାମ ଛାଡ଼ି ଦେଇଛନ୍ତି ସେମାନେ ପରିସ୍ଥିତିର ଫାଇଦା ଉଠାଇ କିଛି କୁଜି ନେତାମାନଙ୍କ ସହ ମିଶି ସମ୍ମାନିତ ନିବେଶକର୍ତ୍ତା ସାଥୀମାନଙ୍କ ମଧ୍ୟରେ ଅପପ୍ରଚାର କରୁଛନ୍ତି ଓ ସେମାନଙ୍କୁ ଭ୍ରମିତ କରୁଛନ୍ତି ତଥା ସଂସ୍ଥା ଏବଂ ସମ୍ମାନିତ ନିବେଶକାରୀମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି। ବ୍ଲାକମେଲ୍‌ର ପରି ସଂସ୍ଥା ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଏପରି ଲୋକମାନଙ୍କ ପ୍ରତି ଆପଣମାନଙ୍କୁ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତା ଅଛି।

ଆପଣ ନିବେଶକର୍ତ୍ତା ସାଥୀମାନଙ୍କର ହିତ ଆମ ପାଇଁ ସର୍ବଦା ସର୍ବୋଚ୍ଚ ରହିଅଛି ଏବଂ ସବୁବେଳେ ରହିବ ମଧ୍ୟ।

ଆପଣମାନଙ୍କୁ ମୋର ଅନୁରୋଧ ଯେ ବିଚଳିତ ହୁଅନ୍ତୁ ନାହିଁ ଏବଂ ଧୈର୍ଯ୍ୟ ରଖନ୍ତୁ। ଆପଣଙ୍କୁ ଆପଣଙ୍କର ନିବେଶିତ ଧନ ସମ୍ପୂର୍ଣ୍ଣ ସୁଧ ସହ ମିଳିଯିବ। ଯେଉଁ ବିଳମ୍ବ ହେଉଅଛି ତାକୁ ଆପଣ ଏହା ଭାବି ନିଅନ୍ତୁ ଯେ, ଆପଣ ଅଧିକ ସୁଧ ଅର୍ଜନ କରିବା ପାଇଁ ନିଜ ଧନକୁ ଟିକିଏ ଅଧିକ ସମୟ ନିବେଶିତ କରିଛନ୍ତି।

ମୁଁ ପୁଣି ଥରେ ଆପଣଙ୍କୁ ଆଶ୍ୱସ୍ତ କରୁଅଛି ଯେ ଆପଣଙ୍କ ଧନ ପୂର୍ଣ୍ଣମାତ୍ରାରେ ସୁରକ୍ଷିତ ଏବଂ ଆପଣଙ୍କୁ କୌଣସି ପ୍ରକାରର କିଛି କ୍ଷତି ହେବନାହିଁ। ଆପଣମାନଙ୍କୁ ଅନୁରୋଧ ଆମ ସହିତ ସହଯୋଗ କରନ୍ତୁ ଓ ପୂର୍ବପରି ଆମ ଉପରେ ବିଶ୍ୱାସ ରଖନ୍ତୁ।

**ଉକ୍ତ ବିଜ୍ଞାପନ ଜରିଆରେ ଆମେ ଏହି ବିଷୟ ସଂକ୍ରାନ୍ତରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟକୁ ଆବେଦନ କରିବାକୁ ସମ୍ମାନନୀୟ ରାଜ୍ୟ ସରକାରଙ୍କୁ ବିନମ୍ରତାର ସହ ଅନୁରୋଧ କରୁଛୁ। ଏହା ଆମର ସମ୍ମାନନୀୟ ନିବେଶକଙ୍କ ପାଇଁ ଏକ ବଡ଼ ସହାୟକ ହେବ।**

ସମ୍ମାନ ଏବଂ ଶୁଭକାମନା ସହିତ

ସର୍ବଦା ଆପଣଙ୍କର

Saharashri

ସୁବ୍ରତ ରାୟ ସାହାରା

SAHARA INDIA PARIWAR

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା । ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା ।
– ଶ୍ରୀମା

# ବାଟବଣା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ବିଧିବଦ୍ଧ ଘୋଷଣା କରି କହିଛନ୍ତି ଯେ, ଗୋଟିଏ ଦେଶରେ ଗୋଟିଏ ଭାଷା ରହିବା ଆବଶ୍ୟକ । ସେଥିପାଇଁ ହିନ୍ଦୀ ଜାତୀୟ ଭାଷା ହେବା ଦରକାର । ଉତ୍ତର ଭାରତର କେତେକ ରାଜ୍ୟରେ ବ୍ୟବହୃତ ହେଉଥିବା ହିନ୍ଦୀ ଭାଷାକୁ ଭାରତୀୟ ସମ୍ବିଧାନରେ ସ୍ଥାନ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତର ୪୪ ପ୍ରତିଶତ ନାଗରିକ ହିନ୍ଦୀକୁ ନିଜର ଭାଷା ଭାବେ ଜନଗଣନା ବେଳେ କହିଥିଲେ । ଅପରପକ୍ଷରେ କେତେ ସଂଖ୍ୟକ ଲୋକ ଇଂଲିଶ୍ ବ୍ୟବହାର କରନ୍ତି ବୋଲି ଜନଗଣନାରେ ପ୍ରଶ୍ନ ନ ଥିବାରୁ ସରକାର କହୁଛନ୍ତି ମାତ୍ର ୩ ପ୍ରତିଶତ ନାଗରିକ ଇଂଲିଶ୍ ବ୍ୟବହାର କରୁଛନ୍ତି । ଅନେକ ଶିକ୍ଷିତ ବ୍ୟକ୍ତି ଏସବୁକୁ ଭଲ ଭାବେ ବୁଝି ନ ପାରି ଚିନ୍ତା କରନ୍ତି ଯେ, ହିନ୍ଦୀ ହେଉଛି ଜାତୀୟ ଭାଷା । କିନ୍ତୁ ବାସ୍ତବରେ ଦେଖିଲେ ବୁଝାପଡୁଛି, ଇଂଲିଶ୍ ସମେତ ସମ୍ବିଧାନରେ ହିନ୍ଦୀ ହେଉଛି ଦ୍ୱିତୀୟ ସରକାରୀ ବା ରାଜଭାଷା । ସ୍ୱାଧୀନତା ପୂର୍ବରୁ ଏହି ଉପମହାଦେଶର ଇତିହାସ ଦେଖିଲେ ଜଣାପଡ଼େ ଯେ, ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରି ରାଜାମାନେ ପ୍ରଜାଙ୍କୁ ଶାସନ କରୁଥିଲେ । ବିଦେଶରୁ ଆସି ଏହି ଭୂଖଣ୍ଡର କିଛି ଅଂଶ ଉପରେ ଶାସନ କରିଥିବା ମୁସଲମାନ ରାଜାମାନେ ଆରବୀୟ, ପାର୍ସୀ ଭଳି ଅନେକ ଭାଷାର ସାହାଯ୍ୟ ନେଇ ପ୍ରଶାସନ ଚଳାଇଥିଲେ । ପରବର୍ତ୍ତୀ ସମୟରେ ଏହି ମାଟିରୁ ଜନ୍ମ ନେଇଥିଲା ଉର୍ଦ୍ଦୁ ଭାଷା । ପଞ୍ଜାବ ଓ ସିନ୍ଧ୍ ଭଳି ଉତ୍ତର ପଶ୍ଚିମାଞ୍ଚଳରେ ବସବାସ କରୁଥିବା ଉଭୟ ହିନ୍ଦୁ ଓ ମୁସଲମାନମାନେ ମଧ୍ୟ ଉର୍ଦ୍ଦୁ ପଠନ ସହ କଥାବାର୍ତ୍ତା ମଧ୍ୟ କରୁଥିଲେ । କିନ୍ତୁ ହିନ୍ଦୀ ଏକ ଜାରଜ ଭାଷା । ତାହାର ଅନେକ ଶବ୍ଦ ଉର୍ଦ୍ଦୁ, ଫରାସୀ, ଆରବୀୟ ସମେତ ଅନେକ ୟୁରୋପୀୟ ଭାଷାରୁ ନିଆଯାଇଛି । ଉଲ୍ଲେଖଯୋଗ୍ୟ, ହିନ୍ଦୀ ଏକ ଶାସ୍ତ୍ରୀୟ ଭାଷା ନୁହେଁ । ଭାରତର ମାତ୍ର ୬ଟି ଶାସ୍ତ୍ରୀୟ ଭାଷା ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ, ମାଲାୟାଲମ୍ ଏବଂ ଓଡ଼ିଆ ଜୀବିତ ଅଛନ୍ତି । ଆମେ ଓଡ଼ିଆ ଗୌରବାନ୍ୱିତ ହେବା କଥା ଯେ, ଏହି ଉପମହାଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଜନ୍ମ ନେଇଥିଲା । ସ୍ୱାଧୀନତା ପରେ ବିଶେଷକରି ଗତ ଶତାବ୍ଦୀର ୬୦ ଦଶନ୍ଧିରେ ଅମିତ୍ ଶାହଙ୍କ ଭଳି କେତେକ ରାଜନୈତିକ ବ୍ୟକ୍ତି ଅନୁରୂପ ଆକାରରେ ହିନ୍ଦୀକୁ ଜାତୀୟ ଭାଷାର ଆଖ୍ୟା ଦେବାକୁ ଚେଷ୍ଟା କରିଥିଲେ । ସେତେବେଳେ ସେହି ରାଜନୀତିଜ୍ଞମାନେ କିମ୍ବା ଆଜିର ଅମିତ୍ ଶାହ ଯଦି ତାଙ୍କର ମନ୍ଦ ଉଦ୍ଦେଶ୍ୟରେ ସଫଳତା ହାସଲ କରନ୍ତି, ତେବେ ସବୁ ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଭାଷା ମାଧ୍ୟମରେ ଶିକ୍ଷା ଲାଭ କରିବାକୁ ଜୋରଜବରଦସ୍ତ ପଡ଼ିବ । ଯେତେବେଳେ ବିଦ୍ୟାଳୟସ୍ତରରୁ ମାତୃଭାଷାକୁ ଏକ ଗୌଣ ବିଷୟ ଭାବରେ ବୁଝେଇ ଦିଆଯିବ, ସେତେବେଳେ ହିନ୍ଦୀ ବ୍ୟତୀତ ଭାରତର ଅନ୍ୟ ସବୁ ଭାଷା କ୍ରମଶଃ ଲୋପ ପାଇଯିବାର ଯଥେଷ୍ଟ ଆଶଙ୍କା ରହିଛି । ତତ୍କ୍ଷଣାତ୍ ନ ହେଲେ ମଧ୍ୟ ଦୁଇତିନିଟି ପିଢ଼ି ପରେ ଓଡ଼ିଆ, ବଙ୍ଗଳା, ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ୍ ଭଳି ପୁରାତନ ଭାଷା ନିଶ୍ଚିତ ଭାବେ ନିଶ୍ଚିହ୍ନ ହୋଇଯିବ ।

ଆଜିର ସରକାର ଭାବୁଛନ୍ତି ଯେ ଜିଏସ୍‌ଟି ଲାଗୁ କଲା ପରେ 'ଗୋଟିଏ ଦେଶ ଗୋଟିଏ ଟିକସ' ଅନେକ ସଫଳତା ପାଇଛି । ଏହି ଦାବିକୁ ଭଲଭାବେ ଦେଖିଲେ ଜଣାପଡୁଛି ଯେ, ବିମୁଦ୍ରୀକରଣ ପରେ ଆସିଥିବା ଜିଏସ୍‌ଟି ବ୍ୟବସ୍ଥା ଯୋଗୁ ଆଜିର ଜାତୀୟ ଅର୍ଥନୀତିରେ ମାନ୍ଦାବସ୍ଥା ଦେଶକୁ ଭୋଗିବାକୁ ପଡୁଛି । ଏହି ଅପ୍ରାକୃତିକ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜୋରଜବରଦସ୍ତ କରାଯାଉଥିବା କାର୍ଯ୍ୟ ମୁଖ୍ୟତଃ ଦାୟୀ । ଆଜି ମଧ୍ୟବିତ୍ତ ବର୍ଗ ଏହାର କୁଫଳ ଭୋଗ କରି ନୀରବ ରହିଛନ୍ତି । ଆସନ୍ତା କିଛିମାସ ମଧ୍ୟରେ ଦୁଃସ୍ଥିତିର ପ୍ରଭାବ ଯେତେବେଳେ ଗରିବଙ୍କ ପେଟରେ ଲାତ ମାରିବ, ସେତେବେଳେ କେଉଁ ପରିସ୍ଥିତି ଉପୁଜିବ ତାହା ଦେଖିବାକୁ ବାକି ଅଛି । ଏଠାରେ ଉଲ୍ଲେଖଯୋଗ୍ୟ, ଭାରତର ସମ୍ବିଧାନ କେବଳ ଇଂଲିଶ୍ ଓ ହିନ୍ଦୀରେ ଉପଲବ୍ଧ । ଯଦି ଭାଷାର ଇତିହାସକୁ ଦେଖାଯାଏ, ତେବେ ଗତ ଶତାବ୍ଦୀର ତୃତୀୟ ଦଶକକୁ ମନେପକାଇବାକୁ ପଡ଼ିବ । ଦକ୍ଷିଣ ଭାରତରେ ହିନ୍ଦୀ ବିରୋଧୀ ଆନ୍ଦୋଳନ ୧୯୩୦ରୁ ଆରମ୍ଭ ହୋଇ ୧୯୬୦ ଯାଏ ଚାଲିଥିଲା । ଦ୍ରାବିଡ଼ୀୟମାନେ ଏହାକୁ ଘୋର ବିରୋଧ କରିବା ପରେ ସାମ୍ବିଧାନିକ ସଭାରେ ଏ ନେଇ ଆଲୋଚନା ହୋଇଥିଲା । ପରବର୍ତ୍ତୀ ସମୟରେ 'ମୁନ୍‌ସି-ଆୟାଙ୍ଗାର ସୂତ୍ର' ଅନୁଯାୟୀ ହିନ୍ଦୀକୁ ଭାରତର ଅନ୍ୟାନ୍ୟ ଭାଷା ଭଳି ଅନ୍ୟତମ ସରକାରୀ ଭାଷା ଭାବେ ଅଭିହିତ କରାଯାଇଥିଲା । କନେୟାଲାଲ ମାନିକ୍‌ଲାଲ ମୁନ୍‌ସି ଏବଂ ଏନ୍. ଗୋପାଳସ୍ୱାମୀ ଆୟାଙ୍ଗାର ସମ୍ବିଧାନର ଚିଠା କମିଟିର ସଦସ୍ୟ ଥିଲେ । ମୁନ୍‌ସି ଗୁଜରାଟୀ ଥିବା ବେଳେ ଆୟାଙ୍ଗାର ମାଡ୍ରାସର ଲୋକ । ଉଭୟେ ଦେଶବାସୀଙ୍କ ଭାବାବେଗ ବୁଝି ସବୁ ଭାଷାକୁ ସମାନ ଗୁରୁତ୍ୱ ଦେଇଥିଲେ । କେବଳ ଭାରତ ନୁହେଁ, ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରରେ ବହୁବିଧ ଭାଷା ବ୍ୟବହାର କରାଯାଉଛି । ଆମେରିକାରେ ଏପରିକି ସାଧାରଣ ଯାନବାହନ ଏବଂ ସରକାରୀ କାଗଜପତ୍ରରେ ଇଂଲିଶ୍ ସମେତ ସ୍ପେନୀୟ ଭାଷା ବ୍ୟବହୃତ ହୋଇଥାଏ । ସେହିଭଳି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟାବହୁଳ ରାଷ୍ଟ୍ର ଚାଇନାରେ ମାଣ୍ଡାରିନ୍ ଓ କାଣ୍ଟୋନିଜ୍ ପ୍ରଚଳିତ । କିନ୍ତୁ ଚାଇନାରେ ମଧ୍ୟ ଅନେକ ଲକ୍ଷ ଯୁବତୀଯୁବକ ଇଂଲିଶ୍ ଶିଖିବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଉଛି । ଏବେ ବୁଝିବାକୁ ହେବ ଯେ, ବିଜ୍ଞାନର ଭାଷା ଇଂଲିଶ୍ ହୋଇ ନ ଥିଲେ ମଧ୍ୟ ଇଣ୍ଟରନେଟ ଭାଷା ହେଉଛି ଇଂଲିଶ୍ । ଆମେ ସମସ୍ତେ ନିଜ ମାତୃଭାଷାରେ ଇ-ମେଲ୍ ଓ ହ୍ୱାଟ୍‌ସଆପ୍ ପଠାଇପାରୁ କିମ୍ବା ଖବରକାଗଜ ପଢ଼ିପାରୁ, କିନ୍ତୁ ସେହି ବାଇନାରୀ ବ୍ୟବସ୍ଥାକୁ ପ୍ରଚଳିତ ରଖିବା ପାଇଁ ଇଂଲିଶ୍‌ର ବ୍ୟବହାର ଅପରିହାର୍ଯ୍ୟ । ଅନୁରୂପ ଭାବେ ଜଣେ ରୁଷୀୟ ପାଇଲଟ ଭିଏଟ୍‌ନାମରେ ବିମାନ ଅବତରଣ କଲାବେଳକୁ ସେଠାକାର ବିମାନବନ୍ଦର କଣ୍ଟ୍ରୋଲ ଟାୱାର ସହିତ ଇଂଲିଶ୍‌ରେ କଥା ହୋଇଥାଆନ୍ତି । ସେଥିପାଇଁ ଭବିଷ୍ୟତର ପୃଥିବୀରେ ଇଂଲିଶ୍‌ର ଗୁରୁତ୍ୱକୁ ଗୌଣ କରାଯାଇ ନ ପାରେ । ଏଠାରେ ଏକ କୌତୂହଳ ବିଷୟ ମନକୁ ଆସେ । ଭାରତୀୟମାନେ ଆଇଟି ବା ସୂଚନା ପ୍ରଯୁକ୍ତିବିଦ୍ୟାରେ ବିଶ୍ୱସ୍ତରରେ ଅନେକ ସଫଳତା ହାସଲ କରିଛନ୍ତି । ସେହିଭଳି ସିଙ୍ଗାପୁରରୁ ଆରମ୍ଭ କରି ସାନ୍‌ଫ୍ରାନ୍‌ସିସ୍କୋ ପର୍ଯ୍ୟନ୍ତ ଅନେକ ଲକ୍ଷ ଭାରତୀୟ ବ୍ୟବସାୟ ଗବେଷଣା, ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଡାକ୍ତର, ଇଞ୍ଜିନିୟର ଏପରିକି ବିଦେଶରେ ରାଜନୀତିରେ ଉତ୍କର୍ଷ ଲାଭ କରିପାରିଛନ୍ତି । ଭାରତରେ ହିନ୍ଦୀକୁ ଜାତୀୟ ଭାଷା ଭାବେ ସ୍ଥାନ ଦେବା ପୂର୍ବରୁ ଏହିସବୁ ସଫଳ ପ୍ରବାସୀ ଭାରତୀୟମାନଙ୍କୁ ପଚରାଯିବା ଦରକାର ଯେ ସେମାନଙ୍କ ସଫଳତା ପଛରେ ହିନ୍ଦୀ ନା ଇଂଲିଶ୍ ରହିଛି । ଏହା କହିଲା ବେଳକୁ ମନେରଖିବାକୁ ହେବ ଯେ, ଅନେକ ଗବେଷକ ସ୍ପଷ୍ଟଭାବେ ତଥ୍ୟ ଦେଇଛନ୍ତି, ନିଜ ମାତୃଭାଷାରେ ଯେଉଁ ବ୍ୟକ୍ତି ନିପୁଣ ହୋଇପାରିବେ ନାହିଁ ସେହି ବ୍ୟକ୍ତି ଅନ୍ୟଭାଷାରେ ପାରଦର୍ଶିତା ଲାଭ କରିବା କଷ୍ଟକର । ସେଥିପାଇଁ ଏ ଲେଖାରେ ହିନ୍ଦୀକୁ ବିରୋଧ କରାଯାଉନାହିଁ । ଯାହାକୁ ଯେଉଁ ଭାଷା ପସନ୍ଦ ହେବ ଛାତ୍ରୀଛାତ୍ର ତାହାକୁ ଆପଣାଇନେବେ । କୌଣସି ଜୋରଜବରଦସ୍ତ ଉଚିତ ନୁହେଁ । ଏଥିସହିତ ଭାରତରେ ଅନେକ ପରିବାର ଏଭଳି ଅଛନ୍ତି, ଯେଉଁଥିରେ ମାତାପିତା ଉଭୟଙ୍କ ଭାଷା ଭିନ୍ନ । ସେହି ବିବିଧତା ହେଉଛି ଭାରତର ସୌନ୍ଦର୍ଯ୍ୟ । ତାହାକୁ ନଷ୍ଟ କରିବା ପାଇଁ ପାଗ ଭିଡ଼ିଥିବା ଶକ୍ତିମାନଙ୍କୁ କୌଣସି ଭାବେ ସମର୍ଥନ ମିଳିବା ଉଚିତ ନୁହେଁ ।

ମନେରଖିବାକୁ ହେବ ଯେ, ଭାରତର ସହରାଞ୍ଚଳରେ ସିନେମା, ଟେଲିଭିଜନ ସହିତ ସେଠାରେ ବାସ କରୁଥିବା ବାହାର ରାଜ୍ୟର ଲୋକଙ୍କ ସହ ମିଶୁଥିବା ବାସିନ୍ଦାମାନେ ହିନ୍ଦୀକୁ ଚଳେଇ ନେଇପାରନ୍ତି । କିନ୍ତୁ ଗ୍ରାମାଞ୍ଚଳର ନାଗରିକ ହିନ୍ଦୀ ବୁଝିବା କଷ୍ଟକର । ସେଥିପାଇଁ ନିଜ ମାତୃଭାଷାକୁ ଯିଏ ବଳି ପକେଇ ଦେଇପାରିବ, ସେହି ବ୍ୟକ୍ତି ବା ଜାତି ନିଜର ମା', ସ୍ତ୍ରୀ, ଭଉଣୀ କିମ୍ବା ଝିଅକୁ ବଜାରରେ ବିକ୍ରି ମଧ୍ୟ କରିଦେଇପାରିବ ।

୧୪ ସେପ୍ଟେମ୍ବର ୨୦୧୯, ଯାହାକୁ କେନ୍ଦ୍ର ସରକାର ହିନ୍ଦୀ ଦିବସ ଭାବେ ପାଳନ କରୁଛନ୍ତି, ସେହି ଅବସରରେ ଅମିତ୍ ଶାହ କାହିଁକି ଏଭଳି ଅଯଥା ବିସ୍ଫୋରକ ମନ୍ତବ୍ୟ ଦେଲେ ତାହା ବୁଝିବାକୁ ସମୟ ଲାଗିପାରେ, କିନ୍ତୁ କଷ୍ଟକର ନୁହେଁ । ଆଜି ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିବାକୁ ଯାଉଛି । ବହୁ ଶିଳ୍ପ ଓ ବ୍ୟବସାୟ ବନ୍ଦ ହୋଇଗଲାଣି । ଅନେକ ଉଦ୍ୟୋଗୀ ଦେଶ ଛାଡ଼ି ପଳାଇଗଲେଣି । ଆହୁରି କେତେକେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଅନେକ ଲକ୍ଷଙ୍କ ଚାକିରି ମଧ୍ୟ ଚାଲିଗଲାଣି । ନୂଆ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ । ଏକ ଭୟ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରି ଆଲୋଚନାକୁ କଣ୍ଠରୋଧ କରିବା ପାଇଁ ସବୁ ଚେଷ୍ଟା ଲାଗିରହିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଉଭୟେ ଜାଣିଶୁଣି ହେଉ ବା ଅନଭିଜ୍ଞତା ଯୋଗୁ ଗଣମାଧ୍ୟମରେ ଅବାଞ୍ଛିତ କଥା କହି ଦେଶର ଅର୍ଥନୈତିକ ପରିସ୍ଥିତିରୁ ଦୃଷ୍ଟି ହଟାଇବାରେ ବିଫଳ ହେଲେ । ସେହି ଦୁହିଁଙ୍କ ଦେଶବାସୀଙ୍କୁ ବାଟବଣା କରିବାର ଉଦ୍ୟମ ବିଫଳ ହେବା ପରେ ଅମିତ ଶାହଙ୍କ ଅଯଥା ମନ୍ତବ୍ୟ ଦେଶର ମାରାତ୍ମକ ପରିସ୍ଥିତିଠାରୁ ଗଣମାଧ୍ୟମ ଓ ଲୋକଙ୍କ ଦୃଷ୍ଟି ଅନ୍ୟତ୍ର ଟାଣିନେବାର ପ୍ରୟାସ ଭଳି ମନେହେଉଛି । ଜନସାଧାରଣ ଏହାକୁ କିଭଳି ସତର୍କତାର ସହିତ ବୁଝିବେ ତାହା ଦେଖିବାକୁ ବାକି ଅଛି ।

**ତଥାଗତ ସତପଥୀ**

## ଚିରନ୍ତନୀ

ମୁହୂର୍ତ୍ତକେ ଉଦେ ହୋଇ ମୁହୂର୍ତ୍ତକେ ପଡ଼ିଲେ ମଉଳି
ନବୋଦ୍‌ଗତ ଅଙ୍କୁରଟି ରବିକରେ ନଇଁଲେ ଝାଉଁଳି,
ଅକାରଣ ନୁହେ ତା'ର କ୍ଷଣିକ ବିକାଶ–
ଅକଳଙ୍କ ସୃଷ୍ଟିର ନିର୍ଯ୍ୟାସ । (ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୪

- ଚଳିତବର୍ଷ ନଭେମ୍ବର ସୁଦ୍ଧା ରାଜ୍ୟର ସବୁ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନକରି ରାଜ୍ୟ ଗୁଡ଼ିକ ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ ନିର୍ବାଚନ କମିଶନ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ।
- କେନ୍ଦ୍ର ସରକାର ନୂତନ ଔଷଧ ନୀତି ଘୋଷଣା କରିବା ସହ ୬୯ଟି ଔଷଧ ଉପରୁ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ଉଠାଇଛନ୍ତି ।

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୮– ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠାମାଲାନିଙ୍କ ୯୫ ବର୍ଷ ବୟସରେ ପରଲୋକ ।
୯– ଭାରତୀୟ ସେନା କାର୍ଯ୍ୟାନୁଷ୍ଠାନ ପିଓକେରେ ଥିବା ପାକ୍ ସେନାର ଏକ ଶିବିର ଓ ଆତଙ୍କବାଦୀଙ୍କ ଲଞ୍ଚ୍ ପ୍ୟାଡ୍ ଧ୍ୱଂସ ହୋଇଯାଇଛି ।
୧୦–ପାକିସ୍ତାନ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବାର ୮ ସହଯୋଗୀ କଶ୍ମୀରରୁ ଗିରଫ ହୋଇଛନ୍ତି ।
୧୩– ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଦିଲ୍ଲୀରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ ପାଣିରେ ବୁଡ଼ି ୩୩ ଜଣଙ୍କ ପ୍ରାଣହାନି ଘଟିଛି ।

# ସବୁଠାରୁ ଛୋଟ-ସବୁଠାରୁ ବଡ଼



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ବାଲ୍ୟସଖା ତଥା ଅନ୍ୟତମ ପ୍ରଧାନଶିଷ୍ୟ ଅନନ୍ତନାଥ ରାୟ ଥିଲେ ଅପୂର୍ବ ସାଧନ-ଶକ୍ତିର ଅଧିକାରୀ । ଯୌବନରେ ସ୍ତ୍ରୀ, ପୁତ୍ରଙ୍କୁ ହରାଇ ସେ ସଂସାର ବିରାଗୀ ହୋଇଉଠିଲେ ଏବଂ ବୈଷ୍ଣବ ମନ୍ତ୍ରରେ ଦୀକ୍ଷା ଗ୍ରହଣ କରି ନିଜ ଗ୍ରାମ କାଶୀପୁରରେ ଗୋଟିଏ ସାଧନଗୃହ ନିର୍ମାଣକରି ଈଶ୍ୱରପ୍ରାପ୍ତି ଆଶାରେ କଠୋର ସାଧନା ଆରମ୍ଭ କଲେ । ଆହାର, ନିଦ୍ରା ସମ୍ପୂର୍ଣ୍ଣ ତ୍ୟାଗକରି କେତେବେଳେ ୧୦ ଦିନ, କେତେବେଳେ ୧୫-୧୮ ଦିନ ପର୍ଯ୍ୟନ୍ତ ଧ୍ୟାନମଗ୍ନ ରହୁଥିଲେ । ତଥାପି ଈଶ୍ୱର ଦର୍ଶନ ନ ମିଳିବାରୁ ହତାଶାରେ ଭାଙ୍ଗିପଡ଼ି ଜୀବନ ହାରିବାକୁ ମନସ୍ଥ କଲେ । ଗୋଟିଏ ବର୍ଷଣମୁଖର ରାତ୍ରିରେ ସାଧନଗୃହର କବାଟ କିଳି ନିଜର ପିନ୍ଧା ଧୋତିକୁ ଦଉଡି ଭଳି ବଳି ଘରର ରୁଅରେ ବାନ୍ଧି ଗଳାରେ ଫାଶ ଲଗାଇ ଆତ୍ମହତ୍ୟା କରିବାର ଉପକ୍ରମ କଲେ । ସେହି ସମୟରେ ଅନୁକୂଳଚନ୍ଦ୍ର ନିଜ ଗ୍ରାମ ହିମାଇତପୁରରେ ଭକ୍ତପ୍ରବର କିଶୋରୀମୋହନଙ୍କ ଘରେ ଭାବାବେଗରେ କୀର୍ତ୍ତନରତ । ହିମାଇତପୁରରୁ କାଶୀପୁରର ଦୂରତା ପ୍ରାୟ ତିନି ମାଇଲ । ହଠାତ୍ ଅନୁକୂଳଚନ୍ଦ୍ର କିଶୋରୀମୋହନଙ୍କୁ କହିଲେ, "ତୁମେ କୀର୍ତ୍ତନ ଚାଲୁ ରଖ, ମୁଁ ସଙ୍ଗେ ସଙ୍ଗେ ଆସୁଛି ।" ଏହା କହି ସେହି ଝଡ଼ବର୍ଷାର ତାଣ୍ଡବ ମଧ୍ୟରେ ଦୌଡ଼ି ଅଦୃଶ୍ୟ ହୋଇଗଲେ । ଏଣେ ଅନନ୍ତନାଥ ନିଜ ବେକରେ ଫାଶ ଲଗାଇବାର ଉଦ୍ୟମ କଲାବେଳକୁ ବାହାରେ ଶୁଣାଗଲା ପରିଚିତ କଣ୍ଠସ୍ୱର– "ଅନ୍ତା, କବାଟ ଖୋଲ । ପୂରା ତିନ୍ତିଗଲି ।"

ଅନନ୍ତନାଥ ଭାବିଲେ, ଏ ବେଳରେ ଅନୁକୂଳ ଏଠାକୁ କିପରି ଆସିଲା । ସବୁ ପଣ୍ଡ କରିଦେବ । ଏହା ଭାବି ତରବରରେ ଗଳାରେ ଫାଶ ଲଗାଇଲା ବେଳକୁ ଅନୁକୂଳଚନ୍ଦ୍ରଙ୍କର ପ୍ରଚଣ୍ଡ ଧମକ– "କବାଟ ଖୋଲ୍ ଶଳା ।" ତାଙ୍କର ପ୍ରଚଣ୍ଡ ପଦାଘାତରେ କବାଟର ଅର୍ଗଳ ଭାଙ୍ଗିଗଲା । ଘର ଭିତରକୁ ପଶିଆସି ପ୍ରିୟ ସଖାକୁ କୋଳାଗ୍ରତ କରି ଟେକି ଧରିଲେ, ଗଳାରୁ ଫାଶ ବାହାର କରି ଫିଙ୍ଗିଦେଲେ । କହିଲେ ଦୂର୍ ଶଳା ! ତୁ ଭଗବାନ ଭଗବାନ କହି କାନ୍ଦୁଛୁ– ଆଉ ଭଗବାନ ଯେ ତୋର ପଛେ ପଛେ ଘୂରି ବୁଲୁଛନ୍ତି ତାହା କ'ଣ ଆଖି ଖୋଲି ଦେଖିପାରୁନୁ । ହଠାତ୍ ଅନନ୍ତନାଥ ଅନୁଭବ କଲେ ଝଲକ ଝଲକ ଜ୍ୟୋତିଃ ତରଙ୍ଗ ତାଙ୍କ ସତ୍ତାକୁ ଆଚ୍ଛନ୍ନ କରିପକାଇଛି– ଶାନ୍ତ, ସମାହିତ ହୋଇ ଆସୁଛି ମନ– ଅଗଣିତ ନାଦ ଗୋଟିଏ ପରେ ଗୋଟିଏ ଧ୍ୱନିତ ହୋଇଚାଲିଛି ତାଙ୍କ କର୍ଣ୍ଣପଟରେ । ଗୋଟିଏ କେନ୍ଦ୍ରରୁ ସେହି ଦ୍ରୁତ କମ୍ପମାନ ଆଲୋକର ସ୍ରୋତ ଦୂରଦୂରାନ୍ତକୁ ବିଚ୍ଛୁରିତ ହୋଇ ପୁଣି କେଉଁ ଏକ ମହାକର୍ଷଣରେ କେନ୍ଦ୍ରାୟିତ ହେବାକୁ ଯାଇ ପୁନରାୟ ବହିର୍ମୁଖୀ ହୋଇ ଧାଇଁଚାଲିଛି । ସେଥି ସହିତ ଧ୍ୱନିତ ହେଉଛି ଏକ ଦ୍ରୁତ ତାଳରେ କମ୍ପିତ ନାଦ– ଯାହାର ପ୍ରଥମାର୍ଦ୍ଧରେ ଆଲୋକର ତରଙ୍ଗ ବିଚ୍ଛୁରିତ ହେଉଛି ଏବଂ ଦ୍ୱିତୀୟାର୍ଦ୍ଧରେ ପୁଣି କେନ୍ଦ୍ର ଆଡ଼କୁ ଫେରିଆସୁଛି । ସେ ବିସ୍ମିତ ହୋଇ ଦେଖିଲେ, ସେହି ଜ୍ୟୋତିଃ ତରଙ୍ଗର କେନ୍ଦ୍ରରେ ସମାସୀନ ଯେଉଁ ପୁରୁଷ, ଯାହାଙ୍କ ଦେହକୁ କେନ୍ଦ୍ରକରି ସେହି ଅପୂର୍ବ ଜ୍ୟୋତିଃ ଆଉ ନାଦର ଖେଳ ଚାଲିଛି, ସେ ଆଉ କେହି ନୁହନ୍ତି– ତାଙ୍କରି ବାଲ୍ୟବନ୍ଧୁ ଅନୁକୂଳଚନ୍ଦ୍ର । ତାଙ୍କୁ ଅଧିକ କିଛି ଭାବିବାର ସୁଯୋଗ ନ ଦେଇ ଅନୁକୂଳଚନ୍ଦ୍ର ଧମକ ଦେଇ କହିଲେ, ଚାଲ୍ ଶଳା, ମା'ଙ୍କ (ଅନୁକୂଳଚନ୍ଦ୍ରଙ୍କ ଜନନୀ ମନୋମୋହିନୀ ଦେବୀ) ପାଖରୁ ଏହି ମନ୍ତ୍ରରେ (ସତ୍‌ମନ୍ତ୍ରରେ) ଦୀକ୍ଷା ନେବୁ । ବନ୍ଧୁଙ୍କୁ ଟାଣି ଟାଣି ଆଣି ନିଜ ଘରେ ମା'ଙ୍କ ମାଧ୍ୟମରେ ଦୀକ୍ଷା ଦିଆଇଲେ ।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମଦିବସ ଉପଲକ୍ଷେ

ଏହା ପରେ ଅନନ୍ତନାଥ ଆଉ ପଛକୁ ଫେରିନାହାନ୍ତି । ସତ୍‌ମନ୍ତ୍ରରେ କଠୋର ସାଧନା କରି ଉପଲବ୍ଧିର ଚରମରେ ଉପନୀତ ହୋଇ ପ୍ରତ୍ୟକ୍ଷ କଲେ– ସେହି ସତ୍ୟଲୋକର ଅନାମୀ ପୁରୁଷ ହିଁ ଅନୁକୂଳଚନ୍ଦ୍ର ରୂପରେ ଧରାବତରଣ କରିଛନ୍ତି । ନିଜ ସାଧନାରେ ନିଶ୍ଚିତ ହୋଇ ସେ ଅନୁକୂଳଚନ୍ଦ୍ରଙ୍କୁ 'ଠାକୁର, ଭଗବାନ' ବୋଲି ପ୍ରଚାର କରିବାକୁ ଲାଗିଲେ । ଏଭଳି ପ୍ରଚାରରୁ ନିବୃତ୍ତ କରିବା ପାଇଁ ଅନୁକୂଳଚନ୍ଦ୍ର ତାଙ୍କୁ ବାରମ୍ବାର ତିରସ୍କାର କଲେ ଏବଂ ବେଳେ ବେଳେ ପ୍ରହାର ମଧ୍ୟ କରିଛନ୍ତି । କିନ୍ତୁ ଅନନ୍ତନାଥ ଆଦୌ ନିରସ୍ତ ହେଲେ ନାହିଁ । କହିଲେ ମୁଁ ଯାହା ସତ୍ୟ ବୋଲି ଜାଣିଛି ତାହା ସମସ୍ତ ଜଗତବାସୀଙ୍କୁ କହିବି, ଏଥିରେ ମୋର ଯାହା ବି ପରିଣତି ହେଉନା କାହିଁକି । ଏକରୁ ଅନେକ– କ୍ରମେ କ୍ରମେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଖ୍ୟାତି ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହେବାକୁ ଲାଗିଲା । ଆସିଲେ ଦୁଃଖଦୈନ୍ୟ ପୀଡ଼ିତ, ସମସ୍ୟାଜର୍ଜରିତ ମଣିଷ ଜୀବନପଥର ନୂତନ ସନ୍ଧାନ ପାଇବା ଆଶାରେ । ଆସିଲେ ଜ୍ଞାନୀ, ଗୁଣୀ, ବିଜ୍ଞାନୀ, ଜିଜ୍ଞାସୁ, ଶାସ୍ତ୍ରଜ୍ଞ ପଣ୍ଡିତ, ଶିକ୍ଷାବିଦ୍, ଦାର୍ଶନିକ । ଆସିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ । ଆସିଲେ କେତେ ନେତା, ଜନତା, ନାନାବିଧ ସମସ୍ୟାର ସମାଧାନ ଆଶାରେ । ସେମାନେ ତାଙ୍କୁ ଦେଖିଲେ, ବୁଝିଲେ, ପରଖିଲେ, ଜାଣିଲେ– ତାଙ୍କର ଅନନ୍ତ ଜ୍ଞାନ-କର୍ମ-ପ୍ରେମର ସ୍ପର୍ଶରେ ମୁଗ୍ଧ ହେଲେ, ତୃପ୍ତ ହେଲେ ଏବଂ ତାଙ୍କର ଆଗମନ ବାର୍ତ୍ତା ବହନ କରି ଚାଲିଲେ ଗ୍ରାମରୁ ନଗରକୁ, ଦେଶରୁ ଦେଶାନ୍ତରକୁ । ଆସିଥିଲେ କୃତବିଦ୍ୟ ବୈଜ୍ଞାନିକ ପ୍ରଫେସର କୃଷ୍ଣପ୍ରସନ୍ନ, ବୈଷ୍ଣବଗୁରୁ ସତୀଶଚନ୍ଦ୍ର, ସ୍ୱଭାବକବି ହେମଚନ୍ଦ୍ର, ଆମେରିକାନ ନାଭାଲ ଅଫିସର ସ୍ପେନସର ସାହେବ, ହାଉଜରମ୍ୟାନ ସାହେବ, ଆସିଥିଲେ ଦେଶବନ୍ଧୁ ଚିତ୍ତରଞ୍ଜନ, ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର– ଏମିତି ଅନେକେ । ପଦ୍ମାନଦୀ ତୀରର ସେହି କ୍ଷୁଦ୍ର ହିମାଇତପୁର ଗ୍ରାମରେ ଗଢ଼ିଉଠିଲା ବିରାଟ ସତ୍‌ସଙ୍ଗ ଆଶ୍ରମ– ମଣିଷର ପ୍ରୟୋଜନରେ, ମଣିଷକୁ ନେଇ, ମଣିଷର ମଙ୍ଗଳ ପାଇଁ ମହାମିଳନର ତୀର୍ଥଭୂମିରୂପେ । ଧର୍ମ ସମ୍ବନ୍ଧରେ ସମସ୍ତ ଜଟିଳତା, ଆନୁଷ୍ଠାନିକତା ଏବଂ ସଂକୀର୍ଣ୍ଣତାର ଅନ୍ତ ଘଟାଇ ଶ୍ରୀଶ୍ରୀଠାକୁର ଘୋଷଣା କଲେ– ପରିବେଶର ସମସ୍ତଙ୍କୁ ନେଇ ସୁନ୍ଦର ସଫଳ ଭାବରେ ବଞ୍ଚିବା ଏବଂ ଜୀବନର ସର୍ବାଙ୍ଗୀଣ ଉନ୍ନତି ପଥରେ ଆଗେଇ ଯିବାର ନୀତିନିୟମକୁ ହିଁ ଧର୍ମ କହନ୍ତି ଏବଂ ଏହା ହିଁ ଜାତି-ବର୍ଣ୍ଣ-ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କର ଅନୁସରଣୀୟ ମାନବ ଧର୍ମ– ତାଙ୍କ ପ୍ରବର୍ତ୍ତିତ ସତ୍‌ସଙ୍ଗ ଆନ୍ଦୋଳନ ଏହି ଉଦାର ମାନବଧର୍ମର ଆଦର୍ଶ ବହନ କରିଚାଲିଛି ।

ହେଲେ ସେହି ମହାନ୍ ପୁରୁଷ ମଣିଷର ମଙ୍ଗଳ ପାଇଁ କିପରି କୃଚ୍ଛ୍ର ସାଧନା କରିଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ପଦ୍ମାନଇ କୂଳର ଗ୍ରାମ ହିମାଇତପୁର ଗୋଟିଏ ବନ୍ୟାପ୍ଲାବିତ ଅଞ୍ଚଳ । ବର୍ଷାଦିନେ ରାସ୍ତାଘାଟ ସବୁ ପାଣିରେ ବୁଡ଼ିଯାଏ । ଆଶ୍ରମରେ ଥିଲା କେତେକ ହାତସଫା ପାଇଖାନା । ବର୍ଷାଦିନେ ସୁଇପର ଆସି ନ ପାରିବାରୁ ଦିନ ଦିନ ଧରି ମଇଳା ଜମିରହେ । ଫଳରେ ଆଶ୍ରମର ପରିବେଶ ଦୂଷିତ, ପୂତିଗନ୍ଧମୟ ହୋଇଉଠେ । କେହି କିଛି କରିପାରନ୍ତି ନାହିଁ । ଏହାର ପ୍ରତିକାର ପାଇଁ ଶ୍ରୀଶ୍ରୀଠାକୁର ଏକାକୀ ସମସ୍ତଙ୍କ ଅଲକ୍ଷ୍ୟରେ ଗଭୀର, ନିସ୍ତବ୍ଧ ରାତ୍ରିରେ ଗୋଟିଏ ଟିଣରେ ପାଇଖାନାଗୁଡ଼ିକରୁ ପଚା, ଦୁର୍ଗନ୍ଧ ମଳ ବାହାରକରି ମୁଣ୍ଡରେ ବୋହିନେଇ ଦୂରରେ ନିକ୍ଷେପ କରନ୍ତି ଏବଂ ଭଲଭାବରେ ପଦ୍ମାନଦୀରେ ସ୍ନାନକରି ବିଛଣାରେ ଆସି ଶୁଅନ୍ତି । ପରିବେଶର ଶୁଦ୍ଧତା ପାଇଁ ରାତି ପରେ ରାତି ଚାଲେ ତାଙ୍କର ଏହି କୃଚ୍ଛ୍ର ଲୋକସେବା ସମସ୍ତଙ୍କ ଅଲକ୍ଷ୍ୟରେ । କେହି ଜାଣି ପାରନ୍ତି ନାହିଁ ଯେ ତାଙ୍କର ଏକାନ୍ତ ଆରାଧ୍ୟ ଦେବତା ଏପରି କାର୍ଯ୍ୟ କରିଚାଲିଛନ୍ତି ନିଭୃତରେ ସମସ୍ତଙ୍କ ମଙ୍ଗଳ ପାଇଁ । ଦିନେ ଅବଶ୍ୟ ତାଙ୍କର ପୁତ୍ର ଅମରେନ୍ଦ୍ରନାଥ (ଶ୍ରୀଶ୍ରୀବଡ଼ଦା), ଯିଏ ସେତେବେଳେ ତପୋବନ ହାଇସ୍କୁଲର ଛାତ୍ର, ଏ କଥା ଜାଣି ପକାଇଲେ । ତାହା ପରଠାରୁ ବାଳକ ଅମରେନ୍ଦ୍ରନାଥ ନିଜ ସାଙ୍ଗ ପିଲାମାନଙ୍କ ସହିତ ମିଶି ଏହି କାର୍ଯ୍ୟ କରିବାକୁ ବ୍ରତୀ ହେଲେ, ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଆଶ୍ରମ କର୍ତ୍ତୃପକ୍ଷ ତାଙ୍କୁ ଗୋଟିଏ ରୌପ୍ୟପଦକରେ ପୁରସ୍କୃତ କରିଥିଲେ । ଏଭଳି ଜଣେ ଠାକୁରଙ୍କୁ ଆମେ କେଉଁ ଭାଷାରେ ବର୍ଣ୍ଣନା କରିପାରିବା ? ବୋଧହୁଏ ସେଥିପାଇଁ ଶାସ୍ତ୍ର ତାଙ୍କୁ କହିଛି– 'ଅଣୋରଣୀୟାନ୍ ମହତୋ ମହୀୟାନ୍'– ଅର୍ଥାତ୍ ସେ ଅଣୁଠାରୁ କ୍ଷୁଦ୍ର ଓ ମହତ୍‌ଠାରୁ ଆହୁରି ମହାନ୍ ।

# ମଣ୍ଟ୍ରିଲ ପ୍ରୋଟୋକଲର ତିରିଶ ବର୍ଷ



ଇଂ. ମାୟାଧର ସ୍ୱାଇଁ

ପୃଥିବୀର ବାୟୁମଣ୍ଡଳରେ ଥିବା ଓଜୋନ ସ୍ତରକୁ ରକ୍ଷାକରିବା ପାଇଁ ହୋଇଥିବା ମଣ୍ଟ୍ରିଲ ପ୍ରୋଟୋକଲକୁ ୩୦ବର୍ଷ ପୂରିଲା । ଓଜୋନ କ୍ଷୟକାରୀ ପଦାର୍ଥଗୁଡ଼ିକର ଉତ୍ପାଦନ ଓ ବ୍ୟବହାର ନ କରିବା ପାଇଁ ୧୯୮୭ ସେପ୍ଟେମ୍ବର ୧୬ରେ କାନାଡାର ମଣ୍ଟ୍ରିଲଠାରେ ୪୩ଟି ଦେଶ ସମ୍ମିଳିତ ହୋଇ ଏହି ପ୍ରୋଟୋକଲ ପ୍ରସ୍ତୁତ କରିଥିଲେ ଏବଂ ଏହା ୧୯୮୯ ମସିହାରୁ କାର୍ଯ୍ୟକାରୀ ହେଲା । ଏହି ଚୁକ୍ତିରେ ୧୯୭ଟି ଦେଶ ସ୍ୱାକ୍ଷର କରିଛନ୍ତି । ଏହା ହେଉଛି ଏକମାତ୍ର ଅନ୍ତର୍ଜାତୀୟ ଚୁକ୍ତି ଯାହାକୁ କୌଣସି ଦେଶ ବିରୋଧ କରିନାହାନ୍ତି । ପୃଥିବୀର ପ୍ରତ୍ୟେକ ଦେଶ ଏହି ଚୁକ୍ତି ଅନୁଯାୟୀ କାର୍ଯ୍ୟ କରିଛନ୍ତି ଏବଂ ଫଳରେ ପୃଥିବୀରେ ଓଜୋନ କ୍ଷୟକାରୀ ପଦାର୍ଥର ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଛି ।

ପୃଥିବୀର ବାୟୁମଣ୍ଡଳ ଅନେକ ସ୍ତରକୁ ନେଇ ଗଠିତ । ସବୁଠାରୁ ତଳ ସ୍ତର ଭୂପୃଷ୍ଠରୁ ୧୦ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପ୍ତ । ଏହାକୁ ଟ୍ରପୋସ୍ପିୟର କୁହାଯାଏ । ଏହା ଉପରେ ୧୦ରୁ ୫୦ କି.ମି. ପର୍ଯ୍ୟନ୍ତ ବାୟୁମଣ୍ଡଳକୁ ଷ୍ଟ୍ରାଟୋସ୍ପିୟର କୁହାଯାଏ । ଷ୍ଟ୍ରାଟୋସ୍ପିୟରରେ ଏକ ପତଳା ସ୍ତରର ଓଜୋନ ଅଛି ଯାହାକୁ ଓଜୋନ ସ୍ତର କୁହାଯାଏ । ଏହି ସ୍ତରକୁ ପୃଥିବୀର ଜୀବଜଗତ ପାଇଁ ରକ୍ଷାକବଚ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସୂର୍ଯ୍ୟରୁ ଆସୁଥିବା କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ଶୋଷଣ କରିଦିଏ ।

ତିନୋଟି ଅମ୍ଳଜାନ ପରମାଣୁକୁ ନେଇ ଓଜୋନ ଗଠିତ । ସୂର୍ଯ୍ୟାଲୋକର ଅତିବାଇଗଣୀ ରଶ୍ମି ସହ ଅମ୍ଳଜାନର ପ୍ରତିକ୍ରିୟାରେ ବାୟୁମଣ୍ଡଳରେ ଓଜୋନ ସୃଷ୍ଟି ହୋଇଥାଏ । ଏହି ଓଜୋନ ଅଣୁ ପୁଣି ଅତିବାଇଗଣୀ ରଶ୍ମି ସହ ପ୍ରତିକ୍ରିୟା କରିବା ଦ୍ୱାରା ଏହାର ବିଘଟନ ହୋଇଥାଏ । ଏହିପରି ପ୍ରକୃତିରେ ଓଜୋନ ଅଣୁର ସୃଷ୍ଟି ଓ ବିଘଟନ ନିରନ୍ତର ହୋଇ ବାୟୁମଣ୍ଡଳରେ ଓଜୋନର ପରିମାଣ ସମାନ ଥାଏ । କିନ୍ତୁ ଗତ ଶତାବ୍ଦୀରେ ମନୁଷ୍ୟ ନିଜର କେତେକ ବିଳାସ ସାମଗ୍ରୀ ଉପକରଣ ଉଦ୍ଭାବନ କରି ସେଥିରେ କ୍ଲୋରିନ ଓ ବ୍ରୋମିନ ଯୌଗିକ ପଦାର୍ଥ ବ୍ୟବହାର କଲା । ଏହିସବୁ ପଦାର୍ଥ ସେଥିରୁ ନିର୍ଗତ ହୋଇ ବାୟୁମଣ୍ଡଳକୁ ଗଲା ଏବଂ ସେଠାରେ ଓଜୋନ ସହ ପ୍ରତିକ୍ରିୟା କରି ତାକୁ ବିଖଣ୍ଡନ କଲା । ଫଳରେ ବାୟୁମଣ୍ଡଳରେ ଓଜୋନ ସ୍ତରର ସ୍ଥୂଳତା ହ୍ରାସ ପାଇଲା । ଓଜୋନ କ୍ଷୟକାରୀ ପଦାର୍ଥଗୁଡ଼ିକ ହେଉଛି କ୍ଲୋରୋଫ୍ଲୋରୋ କାର୍ବନ, କାର୍ବନ ଟେଟ୍ରାକ୍ଲୋରାଇଡ, ମିଥାଇଲ ବ୍ରୋମାଇଡ ଏବଂ ହାଇଡ୍ରୋ କ୍ଲୋରୋଫ୍ଲୋରୋ କାର୍ବନ । ଏଗୁଡ଼ିକ ରେଫ୍ରିଜରେଟର, ଶୀତତାପ ନିୟନ୍ତ୍ରକ, ଅଗ୍ନିଶମ ଉପକରଣ ଆଦିରେ ବ୍ୟବହୃତ ହେଉଥିଲା । ଓଜୋନ ସ୍ତରର ହ୍ରାସ ଆଣ୍ଟାର୍କଟିକା ଉପରେ ଅଧିକ ଥିଲା । ଏପରିକି ସେଠାରେ ସେହି ସ୍ତରରେ ଛିଦ୍ର ହୋଇଥିବାର ଜଣାପଡ଼ିଲା ।

**ବିଶ୍ୱ ଓଜୋନ ଦିବସ ଉପଲକ୍ଷେ**

ନେଦରଲାଣ୍ଡର ରସାୟନ ବିଜ୍ଞାନୀ ପଲ୍ କ୍ରୁଜେନ ୧୯୬୯ ମସିହାରେ ପ୍ରକାଶ କଲେ ଯେ, ନାଇଟ୍ରୋଜେନ ଅକ୍‌ସାଇଡ ଯୋଗୁ ବାୟୁମଣ୍ଡଳରେ ଓଜୋନର ପରିମାଣ ହ୍ରାସ ପାଉଛି । ଏହାପରେ ୧୯୭୪ ମସିହାରେ ଆମେରିକାର ଦୁଇଜଣ ରସାୟନ ବିଜ୍ଞାନୀ ମେରିଓ ମୋଲିନା ଏବଂ ଶେରଉଡ୍ ରୋଲାଣ୍ଡ ମନୁଷ୍ୟ ଦ୍ୱାରା ଉତ୍ପାଦିତ କ୍ଲୋରୋଫ୍ଲୋରୋ କାର୍ବନ ଯୋଗୁ ଓଜୋନ ସ୍ତର ହ୍ରାସପାଉଛି ବୋଲି ଗବେଷଣାତ୍ମକ ନିବନ୍ଧ ପ୍ରକାଶ କଲେ । ଏହି ପଦାର୍ଥ କ୍ଲୋରିନ, ଫ୍ଲୋରିନ, କାର୍ବନ ଓ ଉଦ୍‌ଜାନ ପରମାଣୁରୁ ଗଠିତ ଏବଂ ଏହା ରେଫ୍ରିଜରେଟର ଓ ଶୀତତାପ ନିୟନ୍ତ୍ରକରେ ବ୍ୟବହୃତ ହେଉଥିଲା । ବିଷାକ୍ତ ଆମୋନିଆ ଜାଗାରେ ଏହାର ବ୍ୟବହାର ପାଇଁ ଆମେରିକାର ଜେନେରାଲ ମୋଟର କମ୍ପାନୀ ୧୯୨୮ ମସିହାରେ ପ୍ରଥମେ ଏହାକୁ ଉତ୍ପାଦନ କରିବା ପରେ ଏହାକୁ ବିସ୍ମୟ ପଦାର୍ଥ ଆଖ୍ୟା ଦିଆଯାଇଥିଲା । ବହୁଳ ବ୍ୟବହାର ପରେ ଏହାର ପ୍ରକୃତ ଚେହେରା ଜଣାପଡ଼ିଲା ଏବଂ ବର୍ତ୍ତମାନ ଏହାର ଉତ୍ପାଦନକୁ ବନ୍ଦ କରାଯାଇଛି ।

ଓଜୋନ ସ୍ତର ହ୍ରାସର ପ୍ରମାଣ ଏବଂ ବିଶେଷକରି ଆଣ୍ଟାର୍କଟିକା ଉପରେ ଏଥିରେ ଛିଦ୍ର ହେବା ପରେ ମାନବ ସମାଜର ଚେତା ପଶିଲା । ଏହାର ନିରାକରଣ ପାଇଁ ୧୯୮୫ ମସିହାରେ ଭିଏନା ସମ୍ମିଳନୀରେ ନୀତିଗତ ନିଷ୍ପତ୍ତି ନିଆଯାଇଥିଲା ଏବଂ ଏହାର ଦୁଇବର୍ଷ ପରେ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷରିତ ହେଲା । ଏହି ପ୍ରୋଟୋକଲ ଅନୁଯାୟୀ ବିକାଶଶୀଳ ଦେଶଗୁଡ଼ିକୁ ଓଜୋନ କ୍ଷୟକାରୀ ପଦାର୍ଥର ଉତ୍ପାଦନ ବନ୍ଦ କରି ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଅର୍ଥ ବ୍ୟବସ୍ଥା କରାଗଲା । ମଣ୍ଟ୍ରିଲ ପ୍ରୋଟୋକଲ ଯୋଗୁ ଓଜୋନ ସ୍ତରର ସ୍ଥୂଳତା କ୍ରମଶଃ ବୃଦ୍ଧି ପାଇଲା । ମାତ୍ର ଏହା ପୂର୍ବାବସ୍ଥାକୁ ଫେରିଆସିବା ପାଇଁ ଆହୁରି ଅନେକ ବର୍ଷ ଲାଗିବ ।

୧୯୮୭ ସେପ୍ଟେମ୍ବର ୧୬ରେ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଥିବା ଯୋଗୁ ଜନସଚେତନତା ନିମିତ୍ତ ମିଳିତ ଜାତିସଂଘ ୧୯୯୪ ସେପ୍ଟେମ୍ବର ୧୬କୁ 'ଓଜୋନ ଦିବସ' ଭାବେ ଘୋଷଣା କରିଛି ଏବଂ ସେହି ବର୍ଷଠାରୁ ଏହା ପ୍ରତିବର୍ଷ ପାଳିତ ହୋଇଆସୁଛି ।

ଭୁବନେଶ୍ୱର, ମୋ–୯୪୩୮୬୯୩୭୨୪

## ଏଇ ଭାରତରେ

ପରିବାରକୁ ନୂଆ ସନ୍ତାନଟିଏ ଆସିବାକୁ ଥିଲେ ଝିଅ କି ପୁଅ ହେବ ତାହାକୁ ନେଇ ଆରମ୍ଭ ହୋଇଯାଏ ଜ୍ୟୋତିଷ ଗଣନା । ଅନେକେ ବି ଗର୍ଭବତୀଙ୍କ ଲକ୍ଷଣକୁ ନେଇ ବାଢନ୍ତି ମନଗଢା କଥା । କିନ୍ତୁ ଏମିତି ଗାଁ ଅଛି ଯେଉଁଠି ଗର୍ଭବତୀଙ୍କର ଝିଅ କି ପୁଅ ହେବ ସେ ବିଷୟରେ ଆଗୁଆ ଜାଣିବାର ଏକ ଅନ୍ଧବିଶ୍ୱାସ ଏବେ ବି ସୁଦ୍ଧା ବଳବତ୍ତର ରହିଛି । ଗାଁର ନାଁ କୁର୍କା । ଝାଡ଼ଖଣ୍ଡ ଲୋହରଦଗା ଜିଲାରେ ଥିବା ଏହି ଗାଁରେ ଏକ ପାହାଡ଼ ଅଛି । ଚାନ୍ଦ ଆକୃତିର ଏକ ଚିହ୍ନ ରହିଛି ପାହାଡ଼ରେ । ଏଥିପାଇଁ ସ୍ଥାନୀୟ ଲୋକମାନେ ଏହାକୁ ଚାନ୍ଦ ପାହାଡ଼ କହନ୍ତି । ଝିଅ କି ପୁଅ ହେବ ତାହା ଜାଣିବା ଲାଗି ସନ୍ତାନ ଅଶାୟୀ ମା'-ବାପା ପାହାଡ଼ ଉପରେ ବିଶ୍ୱାସ ରଖିଛନ୍ତି । ଏଥିପାଇଁ ସେମାନେ ଅନ୍ଧବିଶ୍ୱାସଭିତ୍ତିକ ଏକ ଭିନ୍ନ ତରିକା ଆପଣାଉଛନ୍ତି । ପାହାଡ଼ ପାଖକୁ ଯାଇ ପଥର ଫିଙ୍ଗା ପରୀକ୍ଷା ଦିଅନ୍ତି ଗର୍ଭବତୀ ମହିଳା । ପାହାଡ଼ ପାଖରେ ପହଞ୍ଚିବା ପରେ ସେମାନେ ଦୂରରେ ଠିଆ ହୋଇ ପାହାଡ଼ରେ ଥିବା ଚାନ୍ଦକୁ ଲକ୍ଷ୍ୟ କରି ଏକ ପଥର ଫିଙ୍ଗନ୍ତି । ଯଦି ଚାନ୍ଦ ଭିତରେ ପଥର ବାଜେ ତେବେ ପୁଅ ଓ ବାହାରେ ବାଜିଲେ ଝିଅ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି । କେବଳ ଏତିକି ନୁହେଁ ପାହାଡ଼ରେ ଥିବା ଚାନ୍ଦର ଆକୃତିରୁ ମାତୃଗର୍ଭରେ ବଢୁଥିବା ପିଲାର ଆକୃତି ବି ଜାଣିହୁଏ ବୋଲି ଏଠାକାର ଲୋକଙ୍କ ବିଶ୍ୱାସ ରହିଛି । ନାଗବଂଶୀ ରାଜାଙ୍କ ସମୟରୁ ଚାଲିଆସୁଥିବା ଏହି ପରମ୍ପରାରେ କିଛି ଅର୍ଥ ବ୍ୟୟ ନ କରି ମଧ୍ୟ ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ କରିହେଉଛି ବୋଲି କହନ୍ତି ଗ୍ରାମବାସୀ ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | 4 | 3 | 0 | 7 | | | 6 | | | A |
| | A | | | | | 1 | | | | D | 9 | 0 | | |
| | 7 | | | | | | | 9 | E | | | | B | |
| | | | 2 | | E | | | | | | 1 | | 4 | C |
| | | | 6 | D | C | | | A | 0 | | | | 2 | |
| 6 | B | | | | | | 3 | | | | | | | |
| C | | 5 | | 3 | 0 | A | | | | 8 | | 2 | | 7 |
| | | | | | 9 | B | 1 | | | | | | | 5 |
| 2 | | 1 | | E | B | | | | | | 0 | | | |
| | | A | D | 2 | 5 | 7 | | | C | | | | | |
| 5 | | 2 | | | | | 7 | | | | | | E | |
| | | 0 | | | | E | | D | 1 | 9 | | | | |
| | | E | 8 | 4 | 6 | | | | | | 3 | 5 | 9 | |
| 7 | C | | 1 | A | | 4 | | | | | | | 3 | |
| 3 | 9 | 6 | | C | | | 8 | | 5 | B | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 4 | B | E | 5 | 8 | A | 0 | 3 | 2 | C | 6 | D | 9 | 1 |
| 0 | 9 | 6 | D | 3 | A | C | 2 | E | 1 | 4 | 5 | 8 | 7 | B |
| A | 1 | 5 | B | C | 2 | 8 | 6 | D | 9 | 7 | 3 | 0 | E | 4 |
| 8 | D | C | 7 | 0 | 9 | 4 | 5 | 1 | B | A | E | 6 | 2 | 3 |
| 2 | 3 | E | 6 | 4 | 1 | 9 | B | 7 | D | 8 | 0 | 5 | A | C |
| 1 | 6 | 8 | 9 | B | 3 | D | C | 2 | 4 | E | A | 7 | 0 | 5 |
| C | 7 | 3 | A | E | 0 | B | 4 | 5 | 6 | 2 | D | 1 | 8 | 9 |
| B | 2 | 9 | 5 | 6 | 7 | E | A | 8 | 3 | 0 | 1 | 4 | C | D |
| 5 | A | D | C | 1 | 4 | 3 | 7 | 0 | 8 | 9 | B | E | 6 | 2 |
| 4 | E | 0 | 8 | 2 | D | 1 | 9 | 6 | 7 | 5 | C | B | 3 | A |
| 3 | 8 | A | 0 | 7 | E | 5 | 1 | 4 | C | D | 9 | 2 | B | 6 |
| D | C | 4 | 2 | A | 6 | 0 | E | 9 | 5 | B | 8 | 3 | 1 | 7 |
| 6 | 0 | 1 | 4 | 9 | 5 | 7 | 8 | B | A | 3 | 2 | C | D | E |
| E | B | 7 | 1 | D | C | 2 | 3 | A | 0 | 6 | 4 | 9 | 5 | 8 |
| 9 | 5 | 2 | 3 | 8 | B | 6 | D | C | E | 1 | 7 | A | 4 | 0 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ତାଳଚେର ଶତାବ୍ଦୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଉ

ମହାଶୟ,

ମହାନଦୀ କୋଇଲା ଖଣିସମୂହ (ଏମ୍‌ସିଏଲ୍) ତାଳଚେରରେ ଏକ ଶତାବ୍ଦୀ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରିସାରିଛି । କିନ୍ତୁ ଏହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ । ରାଜ୍ୟ ସରକାର ନା ମହାନଦୀ କୋଇଲା ଖଣି ଏହାର ପରିଚାଳନା କରିବ, ତା'ର ସମାଧାନ ହୋଇନାହିଁ । ଏହି ବିବାଦର ସମାଧାନ ହୋଇ ତୁରନ୍ତ ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉ ।

ରବିନାରାୟଣ ପାଣି, କଳିଙ୍ଗବିହାର, ଭୁବନେଶ୍ୱର

### ପିସି ଓ ପ୍ରିୟାପ୍ରୀତି ତୋଷଣ

ବିଭିନ୍ନ ସରକାରୀ ଯୋଜନାରେ ନିରପେକ୍ଷତାର ଘୋର ଅଭାବ କାରଣରୁ ବ୍ୟାପକ ଅର୍ଥ ବ୍ୟୟ ସତ୍ତ୍ୱେ ବହୁ ଯୋଗ୍ୟ ହିତାଧିକାରୀ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଏବଂ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମାଞ୍ଚଳ) ଭଳି ମୌଳିକ ଆବଶ୍ୟକତାରୁ ବର୍ଷ ବର୍ଷ ଧରି ବଞ୍ଚିତ ହୋଇ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ପ୍ରାୟ ପ୍ରତିଦିନ ଏଭଳି ଘଟଣାମାନ ବିଭିନ୍ନ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି । କେନ୍ଦ୍ର ତଥା ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଦାରିଦ୍ର୍ୟ ହ୍ରାସ ତଥା କୃଷକର ଆୟ ବଢିବାର ବାହାଦୁରିକୁ ଏହି କରୁଣ ଦୃଶ୍ୟମାନ ପ୍ରଶାସନର ନିଷ୍ଠା ଓ ନିରପେକ୍ଷତାରେ ପ୍ରଶ୍ନ ଚିହ୍ନ ଲଗାଇଛି । ଗ୍ରାମାଞ୍ଚଳରେ ଏକ ଅଲିଖିତ ନିୟମ କାର୍ଯ୍ୟକାରୀ ହେଲା ଭଳି ଲାଗୁଛି– ଗାଁ କୁଜିନେତା ହୁଅ, ପି.ଏମ୍. ଆବାସ ନିଅ ଓ ନିଜ ଭାଇ ବିରାଦରଙ୍କୁ ଦିଅ । ଏହି ଯୋଜନାରେ ହେଉଥିବା ପିସି ଓ ପ୍ରିୟାପ୍ରୀତି ତୋଷଣକୁ ସରକାର ରୋକନ୍ତୁ ।

ସୁଶାନ୍ତ ବଳ, ରାଜକନିକା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଭିନେତା ଅକ୍ଷୟ କୁମାର ଓ ଟ୍ୱିଙ୍କଲ ଖାନ୍ନାଙ୍କ ପୁଅ ଆରବ ରବିବାର ୧୭ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ସ୍ୱତନ୍ତ୍ର ଅବସରରେ ଅକ୍ଷୟ ହ୍ୟାପି ବାର୍ଥ ଡେ ମେସେଜ୍ ସହ ପୁଅ ପାଇଁ ଏକ ଆବେଗପୂର୍ଣ୍ଣ ପତ୍ର ଲେଖିଛନ୍ତି। ଏହାକୁ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।

# ସୁସ୍ଥ ପୃଥିବୀ ପାଇଁ ସଂକଳ୍ପ

ଓଜୋନ୍ ଆମ ବାୟୁମଣ୍ଡଳରେ ପୃଥିବୀ ପୃଷ୍ଠରୁ ୧୦ ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର)ମଧ୍ୟରେ ରହିଛି। ପୃଥିବୀ ପୃଷ୍ଠରେ ଏହାର ପରମାଣ ଖୁବ୍ କମ୍। କିନ୍ତୁ ବାୟୁମଣ୍ଡଳର ୯୦ ପ୍ରତିଶତ ଓଜୋନ୍ ଷ୍ଟ୍ରଟୋସ୍ଫିୟରରେ ହିଁ ରହିଛି। ଏହା ଆମ ଜୀବନ ପାଇଁ ଅତି ଦରକାରୀ। ଷ୍ଟ୍ରଟୋସ୍ଫିୟରରେ ଥିବା ଓଜୋନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ପ୍ରଭାବରୁ ଆମକୁ ରକ୍ଷା କରେ।ଏହା ବି ବାୟୁମଣ୍ଡଳର ନିମ୍ନସ୍ତରରେ ରହି ବାୟୁମଣ୍ଡଳରୁ ବିଷାକ୍ତ କଣିକା ଦୂର କରିବାରେ ସାହାଯ୍ୟ କରେ । ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କାଟିକା ସର୍ଭେରେ ପ୍ରକାଶ ପାଇଥିଲା। ଓଜୋନ୍ ହୋଲ୍ ପ୍ରଥମେ ନୋବେଲ ପୁରସ୍କାର ବିଜେତା ଶେର୍‌ଉଡ ରୋଲ୍ୟାଣ୍ଡ ଠାବ କରିଥିଲେ। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା।

ଆମେ ଅତ୍ୟଧିକ ରାସାୟନିକ ପଦାର୍ଥ ବ୍ୟବହାର ତଥା କାର୍ବନ୍‌ଡାଇଅକ୍ସାଇଡ ନିର୍ଗମନ କରାଇବା ଦ୍ୱାରା ବାୟୁମଣ୍ଡଳର ଉପର ଓ ନିମ୍ନ ସ୍ତରରେ ଥିବା ଓଜୋନ ସ୍ତରରେ କ୍ଷତି ହେଉଛି। ଆମେ ବ୍ୟବହାର କରୁଥିବା ବହୁ ରାସାୟନିକ ପଦାର୍ଥ ମୁଖ୍ୟତଃ କ୍ଲୋରିନ ଓ ବ୍ରୋମିନ ଥିବା ମିଥାଇଲ ବ୍ରୋମାଇଡ , ମିଥାଇଲ କ୍ଲୋରୋଫର୍ମ, କାର୍ବନ ଟେଟ୍ରାକୋଲରାଇଡ ଦ୍ୱାରା ଓଜୋନ ସ୍ତର ବେଶି କ୍ଷତି ହେଉଛି। କ୍ଲୋରୋଫ୍ଲୁରୋକାର୍ବନ୍‌ସ ଓ ହାଇଡ୍ରୋକ୍ଲୋରୋଫ୍ଲୁରୋକାର୍ବନ୍‌ସ ବି ଓଜୋନ ପରସ୍ତକୁ ଦୁର୍ବଳ କରୁଛି। ବିଶ୍ୱର ଅନେକ ଦେଶ ଓଜୋନ ସ୍ତରକୁ ଦୁର୍ବଳ କରୁଥିବା ପଦାର୍ଥ ଉପରେ ନିୟନ୍ତ୍ରଣ ଅଣିବା ପାଇଁ ମଣ୍ଟ୍ରିଲ ପ୍ରୋଟୋକଲରେ ୧୯୮୭ ସେପ୍ଟେମ୍ବର ୧୬ରେ ହସ୍ତାକ୍ଷର କରିଥିଲେ। ଏହାକୁ ସ୍ମରଣ କରିବା ପାଇଁ ୧୯୯୪ରେ ଜାତିସଂଘ ପକ୍ଷରୁ ସେପ୍ଟେମ୍ବର ୧୬କୁ ଆନ୍ତର୍ଜାତିକ ଓଜୋନ ସ୍ତର ସଂରକ୍ଷଣ ଦିବସ ଭାବେ ଘୋଷଣା କରାଯାଇଥିଲା। ଓଜୋନ ସ୍ତରକୁ କ୍ଷତି କରୁଥିବା ରାସାୟନିକ ପଦାର୍ଥର ଉତ୍ପାଦନ ଓ ବ୍ୟବହାରକୁ ନିୟନ୍ତ୍ରଣ କରିବା ମଣ୍ଟ୍ରିଲ ପ୍ରୋଟୋକଲର ମୁଖ୍ୟ ଲକ୍ଷ୍ୟ। ପ୍ରାୟ ୧୦୦ଟି ରାସାୟନିକ ପଦାର୍ଥକୁ ନିୟନ୍ତ୍ରଣ କରିବା ଉପରେ ଏହା ଜୋର୍ ଦିଏ। ଏହାପରେ ତିନି ଦଶନ୍ଧି ଧରି ଓଜୋନ ପରସ୍ତ ଓ ଜଳବାୟୁକୁ ସୁରକ୍ଷା ଦେବାରେ ଆନ୍ତର୍ଜାତିକ ସ୍ତରରେ ମିଳିଥିବା ସହଯୋଗକୁ ସମୀକ୍ଷା ହେଉଛି ଚଳିତବର୍ଷ (୨୦୧୯)ର ଏହି ଦିବସ ପାଳନର ଲକ୍ଷ୍ୟ। ଜୀବନ ଓ ପୃଥିବୀକୁ କେମିତି ସୁସ୍ଥ ରଖିହେବ ତାହା ପାଇଁ ଏହା ଆମକୁ ସ୍ମରଣ କରିପାରିଛି।




ରେଫ୍ରିଜେରେଟର ,ଏୟାର କଣ୍ଡିସନର ଏବଂ ଅନ୍ୟ ଉତ୍ପାଦ ଯାହା ଓଜୋନକୁ କ୍ଷତି କରୁଛି ତାହାକୁ କମାଇବା ଲାଗି ମଣ୍ଟ୍ରିଲ ପ୍ରୋଟୋକଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଫଳସ୍ୱରୂପ ୨୦୧୮ରେ ଓଜୋନ ସ୍ତରରେ ଉନ୍ନତି ଆସିଥିବା ଏକ ବୈଜ୍ଞାନିକ ଆକଳନରୁ ଜଣାଯାଇଛି। ୨୦୦୦ରୁ ପ୍ରତି ଦଶନ୍ଧିରେ ଓଜୋନ ପରସ୍ତର ୧.୩ ପ୍ରତିଶତ ଭରଣା ହୋଇପାରିଛି। ଏହା ମଧ୍ୟ ପ୍ରକାଶ କରିଛି ଯେ ୨୦୩୦ ସୁଦ୍ଧା ଉତ୍ତର ଗୋଲାର୍ଦ୍ଧ ଓ ମଧ୍ୟ ଅକ୍ଷାଂଶ ଅଞ୍ଚଳରେ କ୍ଷତି ହୋଇଥିବା ଓଜୋନ ସ୍ତର ପୂରା ପୂରଣ ହୋଇଯିବ। ଦକ୍ଷିଣ ଗୋଲାର୍ଦ୍ଧରେ ୨୦୫୦ ଓ ମେରୁ ଅଞ୍ଚଳରେ ୨୦୬୦ ସୁଦ୍ଧା ଏହା ପୂରଣ ହୋଇଯିବ ବୋଲି କୁହାଯାଇଛି।

ଓଜୋନ ସ୍ତରକୁ ସୁରକ୍ଷା କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବି ପରୋକ୍ଷରେ ୧୯୯୦ରୁ ୨୦୧୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନକୁ ରୋକିବାରେ କିଛି ସଫଳତା ପାଇଛି। ୧୩୫ ବିଲିୟନ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନ କମ୍ କରିବାରେ ସକ୍ଷମ ହୋଇଛି। ୨୦୦୯, ସେପ୍ଟେମ୍ବର ୧୬ରେ ଭିଏନା କନଭେନଶନ ଏବଂ ମଣ୍ଟ୍ରିଲ ପ୍ରୋଟୋକଲ ମଧ୍ୟରେ ସାର୍ବଭୌମିକ ସମର୍ଥନ ଲାଭ କରିବା ପାଇଁ ଏକ ଚୁକ୍ତି ବି କରାଯାଇଛି।୨୦୧୬ ଅକ୍ଟୋବର ୧୫ରେ ରାଓ୍ୱାଣ୍ଡାର କିଗାଲିରେ ଓଜୋନ ପରସ୍ତକୁ କ୍ଷତି କରୁଥିବା ପଦାର୍ଥ ଉପରେ ମଣ୍ଟ୍ରିଲ ପ୍ରୋଟୋକଲର ଅଂଶୀଦାର ଦେଶମାନଙ୍କ ମଧ୍ୟରେ ଏକ ବୁଝାମଣା ବି ହୋଇଛି। ଓଜୋନର ସୁରକ୍ଷା ଆମ ସମସ୍ତଙ୍କର। ଏଥିପ୍ରତି ସଜାଗ ରହିଲେ ଏକ ସୁସ୍ଥ ପୃଥିବୀ ଆମକୁ ତଥା ଆମ ପରପିଢ଼ିକୁ ସ୍ୱାଗତ କରିବ । ୨୦୧୮ରେ ଏହି ଦିବସର ସ୍ଲୋଗାନ ଥିଲା– 'ମଣ୍ଟ୍ରିଲ ପ୍ରୋଟୋକଲ :ଶାନ୍ତ ରୁହ ଓ ଆଗେଇ ଚାଲ' । ୨୦୧୯ରେ ଏହି ଦିବସର ସ୍ଲୋଗାନ ରହିଛି –''୩୨ ବର୍ଷ ଏବଂ ଉପଚାର।' ଏହାର ସମୀକ୍ଷା କରି ସାରା ବିଶ୍ୱ ଏକ ମହତ ଦିଗରେ ଆଗେଇବାର ସଂକଳ୍ପ ନେବାର ଏହି ଦିବସ ଏକ ଶୁଭ ମୁହୂର୍ତ୍ତ ବୋଲି କୁହାଯାଇପାରେ।

## ବିହାର ଟୁରିଜମ୍‌ର ସ୍ୱତନ୍ତ୍ର ପ୍ୟାକେଜ୍

# ଅନ୍‌ଲାଇନରେ କରିହେବ ପିଣ୍ଡଦାନ

ପିତୃପୁରୁଷଙ୍କ ପୁଣ୍ୟତିଥିରେ ପିଣ୍ଡଦାନ କରାଯିବାର ବିଧି ରହିଛି। କିନ୍ତୁ ଏବର ବ୍ୟସ୍ତବହୁଳ ଜୀବନରେ ଏଥିପାଇଁ ଲୋକଙ୍କ ପାଖରେ ସମୟର ଘୋର ଅଭାବ। ତେଣୁ ମୋକ୍ଷସ୍ଥଳ ଗୟାଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଅନ୍‌ଲାଇନ ପିଣ୍ଡଦାନ ବ୍ୟବସ୍ଥା। ବିହାରର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ନିକଟସ୍ଥ ବିଷ୍ଣୁପଦ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି। ଗୟାଠାରେ ଅନୁଷ୍ଠିତ ପିତୃପକ୍ଷ ମେଳା ଦେଶ ବିଦେଶରେ ବେଶ୍ ପ୍ରସିଦ୍ଧ। ଚଳିତ ବର୍ଷ ଏହି ମେଳା ଆରମ୍ଭରୁ ଏଠାରେ ଅନଲାଇନ୍‌ରେ ପିଣ୍ଡଦାନର ବ୍ୟବସ୍ଥା ଆରମ୍ଭ କରାଯାଇଛି। 'ପିଣ୍ଡଦାନ ଗୟା' ଆପ୍ ଭର୍ସନ ଥ୍ରି ଡାଉନଲୋଡ୍ କରି ଅନ୍‌ଲାଇନ ପିଣ୍ଡଦାନ ସମ୍ପର୍କରେ ଶ୍ରଦ୍ଧାଳୁମାନେ ସମସ୍ତ ତଥ୍ୟ ପାଇପାରିବେ। ଏହି ଆପ୍‌ରୁ ଗୟାକୁ ଯିବାଆସିବା ପାଇଁ ଟ୍ରେନ୍ ଓ ଫ୍ଲାଇଟ୍‌ର ସୂଚନା ମଧ୍ୟ ମିଳିପାରିବ। ବିହାର ଟୁରିଜିମ୍ ବିଭାଗ ପକ୍ଷରୁ ଏହି ଇ-ପିଣ୍ଡଦାନ ବ୍ୟବସ୍ଥା କରାଯାଇଛି। ଲୋକମାନେ ପିତ୍ରପକ୍ଷଗୟା.କମ୍‌ରେ ପିଣ୍ଡଦାନ ପାଇଁ ବୁକିଂ କରିପାରିବେ। ଏଥିରେ ପିତୃପୁରୁଷଙ୍କ ନାମ ଏଣ୍ଟ୍ରି କରିବା ସହ ନିର୍ଦ୍ଧାରିତ ଶୁଳ୍କ ଜମା କରିବା ପରେ ସେଠାରେ ଥିବା ସରକାରୀ ପଣ୍ଡାମାନେ ପିଣ୍ଡଦାନ କରିବେ। ଏହି ପିଣ୍ଡଦାନର ଭିଡିଓ ରେକର୍ଡିଂ କରାଯିବ। ଏଥିସହ ଏହାକୁ ସିଡୀ ବା ପେନ୍‌ଡ୍ରାଇଭ୍ ଯୋଗେ ଇ-ପିଣ୍ଡଦାନ ପାଇଁ ବୁକିଂ କରିଥିବା ଲୋକଙ୍କ ଠିକଣାରେ ପଠାଇ ଦିଆଯିବ। ଡିସେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଲୋକମାନେ ଏହାର ସୁବିଧା ପାଇପାରିବେ। ଏଥିପାଇଁ ୧୯ ହଜାର ଟଙ୍କା ସହ ୯୫୦ ଟଙ୍କା ଜିଏସ୍‌ଟି ଦେବାକୁ ହେବ। ଅନ୍ୟପଟେ ପର୍ଯ୍ୟଟନ ବିଭାଗର ଏହି ପ୍ୟାକେଜ୍‌କୁ ଗୟା ପଣ୍ଡା ସମାଜ ପକ୍ଷରୁ ବିରୋଧ କରାଯାଉଛି। ଏ ନେଇ ପଣ୍ଡା ରାଜନ ସିଜୁଆର ଓ ମହେଶ ଲାଲ ଗୁପ୍ତ କହିଛନ୍ତି, ସରକାର ଇ-ପିଣ୍ଡଦାନ ବ୍ୟବସ୍ଥା କରି ଲୋକଙ୍କ ଧାର୍ମିକ ଭାବାବେଗ ପ୍ରତି ଉପହାସ କରୁଛନ୍ତି।



## ମଙ୍ଗଳସୂତ୍ର ପାଇଁ ୮ଦିନ ଗୋବର ଘାଣ୍ଟିଲେ ବଳଦ ମାଲିକ

ଅହମ୍ମଦନଗର: ଆକାଶଛୁଆଁ ହୋଇଛି ସୁନାଦର। କିଣିବାକୁ ଗଲାବେଳେ ଶହେ ଥର ଭାବିବାକୁ ପଡୁଛି। ଏପରିସ୍ଥିତିରେ ଏକ ଗୋରୁ ଦେଢ଼ ଲକ୍ଷ ଟଙ୍କାର ମଙ୍ଗଳସୂତ୍ର ଗିଳିଦେବା ଆଉ ତାକୁ ବାହାର କରିବାକୁ ଯାଇ ଗୋରୁ ମାଲିକ ୮ଦିନ ଧରି ଗୋବର ଘାଣ୍ଟିଛନ୍ତି। ଏଭଳି ଘଟଣା ଘଟିଛି ମହାରାଷ୍ଟ୍ରର ଅହମ୍ମଦନଗର ଅଞ୍ଚଳରେ। ମହାରାଷ୍ଟ୍ରର କୃଷିଭିତ୍ତିକ ପର୍ବ 'ପୋଲା'ର ରହିଛି ସ୍ୱତନ୍ତ୍ରତା। ଏହି ପର୍ବରେ ଗୋରୁଙ୍କୁ ଭଲ ଖାଦ୍ୟ ଖାଇବାକୁ ଦେଇ ପୂଜାର୍ଚ୍ଚନା କରାଯାଇଥାଏ। ସୁନା ଅଳଙ୍କାର ସହ ସ୍ୱତନ୍ତ୍ର ବେଶରେ ସଜାଯାଇ ନଗର ପରିକ୍ରମାରେ ସାମିଲ କରାଯାଏ। ଜଣେ ଚାଷୀ ଜାକଜମକରେ ପାଳନ କରିଥିଲେ'ପୋଲା' । ନିଜ ବଳଦକୁ ପୂଜାର୍ଚ୍ଚନା କରିବା ପରେ ଗାଁ ସାରା ବୁଲାଇଥିଲେ। ସନ୍ଧ୍ୟାରେ ହଠାତ୍ ବିଜୁଳି ଚାଲିଯାଇଥିଲା। ଏହି ସମୟରେ ପୂଜା ଥାଳିରେ ମିଠା ସହିତ ସମ୍ପୃକ୍ତ ଚାଷୀଙ୍କ ସ୍ତ୍ରୀ ରଖିଥିବା ମଙ୍ଗଳସୂତ୍ରକୁ ଗିଳି ଦେଇଥିଲା ବଳଦ। ମାଲିକ ପାଟିରେ ହାତ ଭର୍ତ୍ତି କରି ଅଳଙ୍କାରକୁ ବାହାର କରିବାକୁ ଚେଷ୍ଟା କରିଥିଲେ। ହେଲେ ବଳଦ ପେଟ ଭିତରକୁ ମଙ୍ଗଳସୂତ୍ରଟି ଚାଲିଯାଇଥିଲା। ଗ୍ରାମବାସୀଙ୍କ କଥା ମାନି ଚାଷୀ ଜଣକ ୮ଦିନ ଧରି ବଳଦକୁ ଗୋଟିଏ ସ୍ଥାନରେ ବାନ୍ଧି ରଖିଥିଲେ। ଆଶା ଥିଲା ଗୋବରରେ ମଙ୍ଗଳସୂତ୍ର ବାହାରି ଆସିବ। ହେଲେ ତାଙ୍କୁ ନିରାଶ ହେବାକୁ ପଡ଼ିଲା। ଅନ୍ୟ ଉପାୟ ନ ପାଇ ଶେଷରେ ଚାଷୀ ଜଣକ ଡାକ୍ତରଙ୍କ ସହାୟତା ଲୋଡ଼ିଲେ। ଅପରେଶନ ପରେ ପାକସ୍ଥଳୀରେ ଫସି ରହିଥିବା ମଙ୍ଗଳସୂତ୍ରକୁ ବାହାର କରାଯାଇଛି।

# ଗ୍ୟାଙ୍ଗ୍ସ ଅଫ୍ ୱାସେପୁରକୁ ମିଳିଲା ୫୯ତମ ସ୍ଥାନ

**ମୁମ୍ବାଇ:** ଲୋକପ୍ରିୟ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ସୁପରହିଟ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'କୁ ବ୍ରିଟିଶ୍ ଖବରକାଗଜ 'ଦ ଗାର୍ଡିୟାନ୍' ୨୧ଶତାବ୍ଦୀର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ତାଲିକାରେ ସ୍ଥାନ ଦେଇଛି। ଖବରକାଗଜ ପକ୍ଷରୁ ୨୦୦୦ ମସିହା ପରେ ମୁକ୍ତିଲାଭ କରିଥିବା ସାରା ଦୁନିଆର ସର୍ବଶ୍ରେଷ୍ଠ ୧୦୦ ଚଳଚ୍ଚିତ୍ରର ନାମ ପ୍ରକାଶ କରାଯାଇଛି। ବଲିଉଡ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର' ଏକମାତ୍ର ଭାରତୀୟ ଚଳଚ୍ଚିତ୍ର ଭାବେ ଏହି ତାଲିକାରେ ସ୍ଥାନ ପାଇଛି। ଫିଲ୍ମଟି ଶ୍ରେଷ୍ଠ ୫୯ତମ ସ୍ଥାନ ପାଇଛି। ତେବେ ଏହି ସଫଳତାକୁ ନେଇ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'ର ସମ୍ପୂର୍ଣ୍ଣ ଟିମ୍ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, 'ଦ ଗାର୍ଡିୟାନ'ର ସମୀକ୍ଷକ ମଣ୍ଡଳରେ ଥିବା ପିଟର ବ୍ରେଡ୍ ଶୌଁ, କ୍ୟାଥ୍ କ୍ଲାର୍କ,ଏଣ୍ଡ୍ର୍ୟୁ ପଲ୍‌ୱର ଏବଂ କାଥରିନ୍ ଶାଁର୍ଡ ଏହି ତାଲିକା ପ୍ରସ୍ତୁତ କରିଛନ୍ତି। ଏକବିଂଶ ଶତାବ୍ଦୀର ସମସ୍ତ ଚଳଚ୍ଚିତ୍ରକୁ ନେଇ ସ୍ୱତନ୍ତ୍ର ଭାବେ ସମୀକ୍ଷା କରି ଏବଂ ବିଶେଷଜ୍ଞଙ୍କ ସହ ଚର୍ଚ୍ଚା କରିବା ପରେ ଏହାକୁ ପ୍ରସ୍ତୁତ କରିଥିଲେ। ବଲିଉଡ୍ ଫିଲ୍ମ 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'ଭାରତରେ ଅନେକ ଲୋକପ୍ରିୟତା ହାସଲ କରିବା ପରେ ଏବେ ଅନ୍ତର୍ଜାତୀୟକସ୍ତରରେ ମଧ୍ୟ ସଫଳତା ସାଉଁଟୁଛି। ଏନେଇ ନିର୍ଦ୍ଦେଶକ କଶ୍ୟପ କହିଛନ୍ତି, ଯଦି ସେ ତାଲିକା ପ୍ରସ୍ତୁତ କରିଥାନ୍ତେ, ତେବେ ତାଲିକାଟି ଏଭଳି ହୋଇ ନ ଥାନ୍ତା। ଅନେକ ଭଲ ଭଲ ଫିଲ୍ମକୁ ଏହି ଫିଲ୍ମ ତଳେ ରଖାଯାଇଛି। ଯେପରି 'ଦ ଡାର୍କ ନାଇଟ୍', ସେ ଏହାକୁ ଆଗରେ ସ୍ଥାନ ଦେଇଥାନ୍ତେ। ତେବେ ଏହି ସଫଳତା ପାଇ ସେ ଗର୍ବ ଅନୁଭବ କରୁଥିବା ମଧ୍ୟ କହିଛନ୍ତି। ସେହିପରି ତାଲିକାରେ ପ୍ରଥମ ସ୍ଥାନ ପାଇଥିବା ଫିଲ୍ମ 'ଦେୟର ୱିଲ୍ ବି ବ୍ଲଡ୍'ଫିଲ୍ମଟି ସର୍ବଶ୍ରେଷ୍ଠ ସ୍ଥାନ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ପ୍ରକାଶ ଥାଉ କି, 'ଗ୍ୟାଙ୍ଗ୍ସ ଅଫ୍ ୱାସେପୁର'ର ଦୁଇଟି ସିରିଜ୍ ୨୦୧୨ରେ ରିଲିଜ୍ ହୋଇଥିଲା। ଝାରଖଣ୍ଡର ଧାନବାଦସ୍ଥିତ ୱାସେପୁରର ଏକ କୋଇଲା ମାଫିଆ ପରିବାର କାହାଣୀକୁ ନେଇ ଫିଲ୍ମଟି ଚିତ୍ରଣ କରାଯାଇଥିଲା। ଉଭୟ ସିରିଜ୍ ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା। ଫିଲ୍ମରେ ଭେଟେରାନ ଅଭିନେତା ମନୋଜ ବାଜପେୟୀ, ନୱାଜୁଦ୍ଦୀନ ସିଦ୍ଦିକୀ, ପୀୟୂଷ ମିଶ୍ର ଏବଂ ରିଚା ଚଢ଼ାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଥିଲା।

ଦ ଗାର୍ଡିୟାନ୍‌ର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ତାଲିକାରେ ଭାରତୀୟ ସିନେମା




# ଇନ୍ସୁଲିନ ସ୍ତରକୁ ନିୟନ୍ତ୍ରଣରେ ରଖେ କାକୁଡ଼ି

କାକୁଡ଼ିରେ ରହିଛି ଫାଇବର ଓ ପୋଟାସିୟମ। ଏହାକୁ ନିୟମିତି ଖାଇଲେ ସବୁ ପ୍ରକାର କିଡନୀ ସମସ୍ୟା ଠିକ ହୋଇଥାଏ ବୋଲି ଆୟୁର୍ବେଦ ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିକଟରେ ଆମେରିକାର କାଲିଫର୍ନିଆଠାରେ ଥିବା ଆୟୁର୍ବେଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ମତ ଦେଇଛି, କାକୁଡ଼ି କ୍ୟାନସର ଭଳି ମାରାତ୍ମକ ରୋଗକୁ ମଧ୍ୟ ଦୂରେଇ ଦେଇଥାଏ। ଏହା ପେଟ ସମ୍ବନ୍ଧୀୟ ସବୁ ପ୍ରକାର ସମସ୍ୟାକୁ ଠିକ କରେ। କାକୁଡ଼ି ପାଚନତନ୍ତ୍ରକୁ ମଜଭୁତ କରିଥାଏ। ନିୟମିତ କାକୁଡ଼ି ଖାଇଲେ ଶରୀରରେ ଜଳୀୟ ଅଂଶ କମ ହୋଇ ନ ଥାଏ। ସୁଗାର ସମସ୍ୟା ବା ଡାଇବେଟିସ ଥିଲେ କାକୁଡ଼ି ଖାଇବା ଭଲ। ଏହା ଇନ୍ସୁଲିନ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ଫଳରେ ଶରୀରରେ ସୁଗାର ସ୍ତର ମଧ୍ୟ ଆପଣାଛାଏଁ ନିୟନ୍ତ୍ରିତ ହୋଇଥାଏ।



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 173 of 2019**
Syndicate Bank, Paradeep Port Branch, Paradeep, Dist.: Jagatsinghpur ...Applicant
-Versus-
Sitabala Mandal and others ...Defendants
To,
1. **Smt. Sitabala Mandal,** W/o- Anil Kumar Mandal, At- Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
2. **Mr. Samir Kumar Swain,** S/o- Bachha Swain, At- Bijayachandrapur, P.O.: Atharbanki, P.S.: Paradeep, Dist.: Jagatsinghpur-754141
3. **Anil Kumar Mandal,** S/o- Ananta Charan Mandal, At- Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
4. **Amaresh Mandal,** S/o- Ananta Charan Mandal, At- Nimidhi, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 173 of 2019** in the Court of Debts Recovery Tribunal at Cuttack for a recovery of **Rs.31,00,492.34** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24th day of Oct. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of September 2019.**

Sd/- Registrar
Manoj Kumar Patnaik
Debts Recovery Tribunal

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
**Nayapalli, Bhubaneswar-751012**
**Re-advertisement Reference No. 4287 dated 13.09.19**

**TRAINING OF GOVERNMENT DOCTORS**

**No. 329-E:-** In continuation of classified advertisement vide caption no. 236-E dated 19.08.2019, it is informed that the last date for apply for training of Government doctors for the course of 1 Year Training of Post Graduate Diploma in Public Health Management (PGDPHM), has been extended to 25.09.2019. Those doctors who have already applied need not apply again. All other terms and condition remain same.

**Sd./- Director, SIH&FW (Odisha), Bhubaneswar**
10003/11/0045/1920

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 179 of 2019**
Syndicate Bank, Paradeep Port Branch, Paradeep, Dist.: Jagatsinghpur ...Applicant
-Versus-
Sushant Kumar Behera and others ...Defendants
To
1. **Mr. Sushant Kumar Behera,** S/o- Chandramani Behera, At/P.O.: Mangarajpur, P.S.: Kujanga, Dist.: Jagatsinghpur-754141
2. **Mr. Mohan Kumar Swain,** S/o- Dullava Charan Swain, At- Kathagada, P.O.: Bhutamundai, Paradeepgarh, P.S.: Kujanga, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 179 of 2019** in the Court of Debts Recovery Tribunal at Cuttack for a recovery of **Rs.52,70,917.69** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24th day of Oct. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of September 2019.**

Sd/- Registrar
M.K. Patnaik
Debts Recovery Tribunal

# ଏଥର ଦୁର୍ଗାପୂଜାରେ ବାଲାକୋଟ୍ ଏୟାରଷ୍ଟ୍ରାଇକ୍‌ର ଝଲକ୍

କୋଲକାତା–ଆସୁଛି ପାର୍ବଣ, ଆସୁଛନ୍ତି ମା'। ଦେଶର କୋଣାନୁକୋଣରେ ଜଗଜ୍ଜନନୀଙ୍କ ପୂଜା ଧୁମଧାମ୍‌ରେ ପାଳିତ ହେବାକୁ ଥିବାବେଳେ, କୋଲକାତାର ପୂଜା ପ୍ରସ୍ତୁତି ଉପରେ କିନ୍ତୁ ସାରା ଦେଶର ନଜର ରହିଥାଏ। ତେବେ ଚଳିତ ଥର କୋଲକାତାର ଦୁର୍ଗାପୂଜାରେ ଦେଖିବାକୁ ମିଳିବ ଦେଶପ୍ରେମର ଝଲକ୍। ଭାରତୀୟ ବାୟୁସେନାର ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ଥିମ୍‌କୁ ନେଇ କୋଲକାତାର ଏକ ଦୁର୍ଗାପୂଜା ସମିତି ପ୍ରସ୍ତୁତ କରୁଛି ଚଳିତ ଥରର ସବୁଠାରୁ ନିଆରା ଦୁର୍ଗାପୂଜା।

ମଧ୍ୟ କୋଲକାତାର ୟଙ୍ଗ୍ ବ୍ୟାୟଜ୍ କ୍ଲବ ସାର୍ବଜନୀନ ଦୁର୍ଗାପୂଜା ସମିତି ଚଳିତ ଥର ୫୦ତମ ଦୁର୍ଗାପୂଜା ପାଳନ ପାଇଁ ପ୍ରସ୍ତୁତ ହେଉଛି। ଏହି ଅବସରରେ ପାକିସ୍ତାନ ଆତଙ୍କୀ ଆଡ୍ଡା ଉପରେ ବାୟୁସେନା ପକ୍ଷରୁ ହୋଇଥିବା ଏୟାରଷ୍ଟ୍ରାଇକ୍‌କୁ ନେଇ ମାଟିର ପ୍ରତିମୂର୍ତ୍ତି ଏବଂ ଡିଜିଟାଲ ପ୍ରୋଜେକ୍ସନ ମାଧ୍ୟମରେ ସମିତି ପକ୍ଷରୁ ପ୍ରଦର୍ଶିତ କରାଯିବ। ସମିତିର ପ୍ରବକ୍ତା ବିକ୍ରମ ସିଂହ କହିଛନ୍ତି, ଦୁର୍ଗାପୂଜା ପେଣ୍ଡାଲରେ ପ୍ରବେଶ କରୁ କରୁ ବାୟୁସେନାର ୬୫ କର୍ମୀ ଏବଂ ମୃତ ଆତଙ୍କବାଦୀଙ୍କ ମଡେଲ ଦେଖିବାକୁ ମିଳିବ। ସେହିପରି ବାୟୁସେନା ବିମାନର ମଡେଲ ମଧ୍ୟ ଦେଖିବାକୁ ମିଳିବ। ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କ ଏକ ଅବିକଳ ପ୍ରତିମା ପୂଜା ଦେଖିବାକୁ ଆସିଥିବା ଆଗନ୍ତୁକଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିବ। ତେବେ ସମସ୍ତ ଶ୍ରଦ୍ଧାଳୁ ଓ ଆଗନ୍ତୁକଙ୍କୁ ଭାରତୀୟ ବାୟୁସେନାର ଆତଙ୍କବାଦ ବିରୋଧରେ ଏହି ସଫଳତା ମନେ ପକାଇବାକୁ ସମିତି ପକ୍ଷରୁ ଏଭଳି ପ୍ରଚେଷ୍ଟା କରାଯାଇଛି।

## ବେଲୁନ ଲ୍ୟାମ୍ପ: ଉଚ୍ଚତା ୩୫ ସେ.ମି., ମୂଲ୍ୟ ୩୭ ଡଲାର

ହରର୍ ମୁଭି ଦେଖିବାକୁ ଭଲ ପାଉଥିବା ବ୍ୟକ୍ତି ନିଶ୍ଚିତଭାବେ ୨୦୧୭ରେ ଆସିଥିବା ଷ୍ଟିଫେନ କିଙ୍ଗଙ୍କ ଉପନ୍ୟାସ 'ଇଟ' ଉପରେ ଆଧାରିତ ଚଳଚ୍ଚିତ୍ର ଦେଖିଥିବେ। ସେଥିରେ ମୁଖ୍ୟ ଖଳନାୟକ ଚରିତ୍ରରେ ଅଭିନୟ କରୁଥିବା ଜୋକର୍ ହାତରେ ଏକ ଲାଲ ରଙ୍ଗର ବେଲୁନ ଦେଖିଥିବେ। ବେଲୁନ୍ଟି ବେଶ ସୁନ୍ଦର କିନ୍ତୁ ବେଶ ରହସ୍ୟଜନକ ଓ ଭୟାନକ ଲାଗୁଥିଲା। ସେହି ବେଲୁନ୍ କୁ ନଜରରେ ରଖି ତିଆରି ହୋଇଛି ଏକ ଲ୍ୟାମ୍ପ, ଯାହାକି ଅବିକଳ ଚଳଚ୍ଚିତ୍ରର ଲାଲ ବେଲୁନ ପରି ଦେଖାଯାଏ। ଆଉ ଯେବେ ସେଥିରେ ବିଦ୍ୟୁତ ସଂଯୋଗ କରାଯାଏ ତାହା ଜଳିଉଠେ, ଲାଗେ ବେଶ ସୁନ୍ଦର କିନ୍ତୁ ରହସ୍ୟମୟ। ବର୍ତ୍ତମାନ ଏହି ବେଲୁନ ଲ୍ୟାମ୍ପ ଅନଲାଇନ ବିକ୍ରି ହେଉଛି। ଏହାର ଉଚ୍ଚତା ୩୫ ସେ.ମି. ଓ ମୂଲ୍ୟ ୩୭ ଡଲାର।



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 174 of 2019**
Syndicate Bank, Paradeep Port Branch, Paradeep, Dist.: Jagatsinghpur ...Applicant
-Versus-
Dhula Das and others ...Defendants
To
1. **Mr. Dhula Das,** S/o- Late Purna Chandra Das, At- Bhandua, P.O.: Kujanga, P.S.: Kujanga, Dist.: Jagatsinghpur-754141
2. **Mr. Balaram Das,** S/o- Dhula Das, At- Bhandua, P.O.: Kujanga, P.S.: Kujanga, Dist.: Jagatsinghpur-754141
3. **Mr. Braja Kishore Nayak,** S/o- Purna Chandra Nayak, At: Balarampur (Nuasahi), P.O./P.S.: Kujanga, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 174 of 2019** in the Court of Debts Recovery Tribunal at Cuttack for a recovery of **Rs.31,16,327.30** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24th day of Oct. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of September 2019.**

Sd/-Registrar
Manoj Kumar Patnaik
Debts Recovery Tribunal

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**ତହସିଲଦାରଙ୍କ କାର୍ଯ୍ୟାଳୟ, ମାହାଙ୍ଗା**
**ନିଲାମ ଇସ୍ତାହାର**
ବିଜ୍ଞାପନ ସଂଖ୍ୟା : ୨୪୭୭ ତାରିଖ : ୧୨।୦୯।୨୦୧୯
ମାହାଙ୍ଗା ତହସିଲଦାରଙ୍କ କାର୍ଯ୍ୟାଳୟର ଗାଡି ସଂଖ୍ୟା ଓଆର୍ ୦୫–୦୬୪୧ଟି ଆସନ୍ତା ତା ୨୫।୦୯।୨୦୧୯ ରିଖ ଘ ୦୪.୩୦ ମିନିଟ୍‌ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଏତଦ୍ ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ସଂପୂର୍ଣ୍ଣ ବିବରଣୀ **www.cuttack.nic.in** ରେ ଉପଲବ୍ଧ ଅଟେ। ଇଚ୍ଛୁକ ଆବେଦନକାରୀମାନେ ସଂପୂର୍ଣ୍ଣ ବିବରଣୀ ଏହି ୱେବସାଇଟ୍‌ରୁ **download** କରିପାରିବେ କିମ୍ବା ମାହାଙ୍ଗା ତହସିଲଦାରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।
ସ୍ୱାକ୍ଷର/– ତହସିଲଦାର, ମାହାଙ୍ଗା

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଭରତ


ବିଜୟ


ସିସାର୍


କାର୍ତ୍ତିକ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଆଜି କ'ଣ କେଉଁଠି

**ଦେବଗଡ**
- ଭାଗବତ ଜନ୍ମ ଉତ୍ସବର ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ, କୁଚୁରାପାଣି ଗାଁ, ପୂର୍ବାହ୍ନ ୧୨ଟା।

**ଲୋଇସିଂହା**
- ବିଶ୍ୱକର୍ମା ପୂଜା ପାଇଁ କଳସ ଯାତ୍ରା, ରୁଗୁଡିଖାଲ, ଅପରାହ୍ନ ୪।୩୦ମିନିଟ।

**ବିଜେପୁର**
- ଅନନ୍ତ ମେଢ ଭସାଣି, ଭୁଏପଡା, ପୂର୍ବାହ୍ନ ୧୧ଟା।

**ନୂଆପଡା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସିନାପାଲି ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ଷଣ୍ଢପଥ ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲ, ପୂର୍ବାହ୍ନ ୧୦ଟା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପକେଇଲା ଛେପ ଢୋକିବ ନାହିଁ,
ଦେଲା ଦାନ ହରିବ ନାହିଁ ।**

ଯେଉଁ ବିଷୟରେ କଥା ଦିଆହୋଇଛି ତାହା ନିଶ୍ଚୟ ପାଳନ କରିବା ଉଚିତ। ପ୍ରତିଶ୍ରୁତି ଭଙ୍ଗକରିବା ଅନ୍ୟାୟ। ସ୍ୱୀକାରବଦ୍ଧ କଥାରୁ ଓହରିଆସିବା ବା ହଟିଆସିବା ଶୋଭନୀୟ ହୋଇ ନ ଥାଏ। ସେହିପରି ଦାନ ଦେଲା ପରେ ସ୍ୱତଃ ଦାନ ଦିଆଯାଇଥିବା ବସ୍ତୁ ବା ଜିନିଷ ଉପରୁ ଅଧିକାର ହଟିଯାଇଥାଏ। ଏପରିସ୍ଥଳେ ଦାନ ପୁନଶ୍ଚ ଛଡ଼ାଇ ଆଣିବା ବା ପ୍ରତ୍ୟାଖ୍ୟାନ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରଧନରେ ମୁହଁ ହଲାଇ,
ଟାକର ମାରି ନେବ ଛଡ଼ାଇ ।**

ପର ଲୋକଠାରୁ ମିଳିଥିବା ଧନକୁ ନିଜର ବୋଲି କହିବାର କିଛି ଅଧିକାର ନ ଥାଏ। ଏପରି ମିଳିଥିବା ଧନରାଶିକୁ ନିଜର ବୋଲି ଦାବି କରି ଦାମ୍ଭିକତା ବା ବଡ଼ିମା ଦେଖାଉଥିବା ବ୍ୟକ୍ତିଙ୍କୁ ବେଳେବେଳେ ଏଥିପାଇଁ ଅପଦସ୍ଥ ହେବାକୁ ମଧ୍ୟ ପଡ଼ିଥାଏ। ସାଧାରଣତଃ ଅନ୍ୟ ଉପରେ ନିର୍ଭର କରୁଥିବା ବ୍ୟକ୍ତି ଜୀବନରେ କେବେ ସିଧା ଠିଆ ହୋଇ ପାରି ନ ଥାଏ। ତେଣୁ ପରଧନକୁ ନିଜର ବୋଲି ଭାବି ବୃଥା ଗର୍ବ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଇକ୍ ଆରୋହୀଙ୍କୁ ୨୨ହଜାର ୫ଶହ ଟଙ୍କା ଜରିମାନା

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୧୫।୯ (ଡି.ଏନ.ଏ.)**

କଣ୍ଟାବାଞ୍ଜି-ବେଲପଡ଼ା ୪୨ ନମ୍ବର ରାଜ୍ୟ ରାଜପଥରେ ଚେକିଂ ବେଳେ ରବିବାର ଜଣେ ବାଇକ ଆରୋହୀ ପରିବହନ ବିଭାଗ ଓ ପୋଲିସ ହାବୁଡରେ ପଡିଥିଲେ। ନୂଆ ମୋଟରଯାନ ଆଇନ ଅନୁଯାୟୀ ବାଇକ ଆରୋହୀଙ୍କୁ ପରିବହନ ବିଭାଗ କର୍ମଚାରୀମାନେ ୨୨ହଜାର ୫ଶହ ଟଙ୍କା ଜରିମାନା କରିଥିବା ଜଣାପଡିଛି। ଜରିମାନା ଦେଇଥିବା ବାଇକ ଆରୋହୀ ଜଣକ ହେଲେ ବେଲପଡ଼ାର ସୁଶାନ୍ତ କୁମାର ମେହେର।

ମିଳିଥିବାସୂଚନା ମୁତାବକ, ସୁଶାନ୍ତ ଏକ ବାଇକ୍‌ରେ ଯାଉଥିବାବେଳେ ରବିବାର କଣ୍ଟାବାଞ୍ଜି-ବେଲପଡ଼ା ରାସ୍ତାରେ ଚାଲିଥିବା ଯାନବାହନ ଚେକିଂରେ ପଡିଥିଲେ। ପୋଲିସ ଅଧିକାରୀମାନେ ଯାଞ୍ଚବେଳେ ସୁଶାନ୍ତ ମଦ୍ୟପାନ କରି ବାଇକ୍ ଚଲାଉଥିବା ଜାଣିବାକୁ ପାଇଥିଲେ। ଏପରି କି ଅଧିକାରୀମାନେ ତାଙ୍କୁ ବାଇକ କାଗଜପତ୍ର ଦେଖାଇବାକୁ କହିଥିଲେ। ହେଲେ ସେ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପରିବହନ ବିଭାଗ କର୍ମଚାରୀମାନେ ଭେଲିଡ ଲାଇସେନ୍ସ ନ ଥିବାରୁ ୫ ହଜାର ଟଙ୍କା, ମଦ୍ୟପାନ କରିଥିବାରୁ ୧୦ ହଜାର ଟଙ୍କା, ବିପଦଜ୍ଜନକ ଭାବେ ଗାଡିଚାଳନା ପାଇଁ ୫ ହଜାର ଟଙ୍କା, ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ଅମାନ୍ୟ କରିବାରୁ ୨ ହଜାର ଟଙ୍କା ଓ ସାଧାରଣ ଅପରାଧ ପାଇଁ ୫ ଶହ ଟଙ୍କା ଏହିପରି ମୋଟ ସୁଶାନ୍ତଙ୍କ ନାମରେ ୨୨ ହଜାର ୫ ଶହ ଟଙ୍କା ଜରିମାନା କରି ଚାଲାଣ କାଟିଥିବା ଜଣାପଡିଛି। ବଲାଙ୍ଗୀର ଜିଲାରେ ପ୍ରଥମ ଥର ପାଇଁ ଏଭଳି ବଡଧରଣର ଜରିମାନା ଆଦାୟ ପରେ ସାଧାରଣରେ କୋକୁଆଭୟ ଦେଖାଦେଇଛି । ତେବେ ଏ ସମ୍ପର୍କରେ କଣ୍ଟାବାଞ୍ଜି ପୋଲିସ ଓ ବଲାଙ୍ଗୀର ପରିବହନ ଅଧିକାରୀମାନେ ସବିଶେଷ ସୂଚନା ଦେବାକୁ ମନା କରିଦେଇଛନ୍ତି।

## ବୃଦ୍ଧଙ୍କଠାରୁ ଭତ୍ତା ଟଙ୍କା ଲୁଟ୍

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ନୁଆଁ ମହୁଲପାଲି ଗ୍ରାମର ମୁକ୍ତେଶ୍ୱର ସେଠ (୮୦)ଙ୍କଠାରୁ ଭତ୍ତା ଟଙ୍କା ଲୁଟ୍ ହୋଇଛି। ନୂଆମହୁଲପାଲି ପଞ୍ଚାୟତ ଅଫିସରୁ ସେ ଭତ୍ତା ବାବଦକୁ ୫ ଶହ ଟଙ୍କା ନେଇ ଘରକୁ ଫେରୁଥିଲେ। ହେଲେ ରାସ୍ତାରେ ଜଣେ ଦୁର୍ବୃତ୍ତ ଆସି ସେ ଧରିଥିବା ବ୍ୟାଗ୍ ସହ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ହେଲେ ଏ ନେଇ ସେ ଥାନାରେ ଅଭିଯୋଗ କରି ନ ଥିବା କହିଛନ୍ତି।

## କଟକ, ଆରଏସ୍‌ପିର ବୃହତ୍ ବିଜୟ

**କଟକ ଅଫିସ, ୧୫।୯**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପରେ ରବିବାର ୫ଟି ମ୍ୟାଚ୍ ଖେଳାଯାଇଛି । କଟକ ଓ ଆରଏସ୍‌ପି ଦଳ ବୃହତ୍ ଗୋଲ ବ୍ୟବଧାନରେ ବିଜୟୀ ହୋଇଛନ୍ତି । କଟକ ୭-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଥିଲା । ପ୍ରଥମ କ୍ୱାର୍ଟରରେ ଗୋଟିଏ ଓ ଦ୍ୱିତୀୟ କ୍ୱାର୍ଟରରେ ୨ଟି ଗୋଲ ସ୍କୋର କରିଥିବା କଟକ ୪ର୍ଥ କ୍ୱାର୍ଟରରେ ୪ଟି ଗୋଲ ଦେଇ ସହଜ ବିଜୟ ହାସଲ କରିଥିଲା। ଆରଏସ୍‌ପି ମଧ୍ୟ ୭-୦ ଗୋଲରେ ଜଗତସିଂପୁରକୁ ହରାଇଥିଲା । ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୨ୟ ଓ ୩ୟ କ୍ୱାର୍ଟରରେ ୨ଟି ଲେଖାଏ, ୪ର୍ଥ କ୍ୱାର୍ଟରରେ ଆରଏସପି ପକ୍ଷରୁ ୩ଟି ଗୋଲ ହୋଇଥିଲା। ଓଡ଼ିଶା ପୋଲିସ ୬-୦ ଗୋଲରେ କନ୍ଧମାଳକୁ ହରାଇଥିଲା । ଓଡ଼ିଶା ପୋଲିସ ପକ୍ଷରୁ ସିମନ ବାର୍ଲା ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି । ସମ୍ବଲପୁର ୫-୩ ଗୋଲରେ ବରଗଡ଼କୁ, ପାନପୋଷ ୭-୧ ଗୋଲରେ ଗଞ୍ଜାମକୁ ପରାସ୍ତ କରିଛି ।

## ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

**ପଦ୍ମପୁର, ୧୫।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ଗ୍ରାମରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗ୍ରାମରେ ଖୁଦୁରୁକୁଣୀ ଓଷା ଚାଲିଥିବା ବେଳେ ଛାତ୍ର ଜଣକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ସେଠାରେ ଅଚେତ ହୋଇପଡିବାରୁ ତାଙ୍କୁ ଚିକିତ୍ସା ଲାଗି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦୀପକ କୁମାର ନାୟକ(୧୭)। ସେ ଗାୟତ୍ରୀ ମାତା ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


# CLASSIFIED DISPLAY

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨0 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଡ଼ ମାଛ ଧରିବାକୁ ହେଲେ ବନିଶୀ ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ୍ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନ୍‌ଙ୍କ ଦର୍ଶନ ହେବା। - ଶ୍ରୀ ରାମକୃଷ୍ଣ ପରମହଂସ



# ପୋଲିସକୁ ସହଯୋଗ, ଅଭିଯୋଗ କରନ୍ତୁ

ସମ୍ବଲପୁର,୧୫।୯(ବ୍ୟୁରୋ)

ନୂଆ ମୋଟରଯାନ ନିୟମ ଲାଗୁ ହେବା ପରେ ସମ୍ବଲପୁର ଜିଲାରେ ମଧ୍ୟ ପୋଲିସ ଧରପଗଡ ଆରମ୍ଭ କରିଛି। ହେଲମେଟ ନ ପିନ୍ଧି ଓ ନିଶା ଦ୍ରବ୍ୟ ସେବନ କରି ଗାଡି ଚଳାଉଥିବା ଲୋକେ ଧରା ପଡୁଛନ୍ତି। ହେଲେ ଏହା ଲୋକଙ୍କ ମଙ୍ଗଳ ପାଇଁ କରାଯାଉଛି। ଯେଉଁ ମୁଖ୍ୟ କାରଣ ପାଇଁ ଦୁର୍ଘଟଣା ଘଟିଥାଏ ତାହାକୁ ରୋକିବା ପାଇଁ ପୋଲିସ କେବଳ ପ୍ରୟାସ କରୁଛି। ତେଣୁ ଦୁର୍ଘଟଣା ରୋକିବାକୁ ପୋଲିସ ଓ ଜନତା ମିଶି କାମ କରିବା ଆବଶ୍ୟକ। ଏସ୍‌ପି ଅଫିସ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶ୍ୱାଲ ସିଂ ଏହା କହିଛନ୍ତି।

ରାଜସ୍ୱ ପାଇଁ ପୋଲିସ ଜରିମାନା ନେଉନି। ଲୋକେ ଯେଭଳି ପୁଣି ଥରେ ଭୁଲ୍ ନ କରନ୍ତି ସେଥିପାଇଁ ଜରିମାନାର ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କୁ ସଚେତନ ଆଉ ସତର୍କ ହେବାକୁ ହେବ। ଲୋକଙ୍କ ଭିତରେ ଧୀରେ ଧୀରେ ହେଲମେଟ ବ୍ୟବହାର ବଢ଼ିଛି । ଏଭଳି ହେଲେ ଆଗକୁ ଦୁର୍ଘଟଣା ହାର କମିଯିବ। ନିକଟରେ ଅଇଁଠାପାଲି ଥାନା ଅଞ୍ଚଳରେ ଦୁର୍ଘଟଣା ଯୋଗୁ ୨ ଜଣଙ୍କ ଜୀବନ ଯାଇଛି। ସେମାନେ ଯଦି ହେଲମେଟ ପିନ୍ଧିଥାନ୍ତେ ତେବେ ବଞ୍ଚି ଯାଇଥାନ୍ତେ। ଏବେ ଜିଲାରେ ପ୍ରାୟ ୭୦ ପ୍ରତିଶତ ଲୋକେ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରୁଛନ୍ତି । ଏହାକୁ ଶତ ପ୍ରତିଶତ କରି ରାଜ୍ୟରେ ଏକ ନମ୍ବର ସ୍ଥାନରେ ରଖିବାକୁ ହେଲେ ସମସ୍ତଙ୍କ ସହଯୋଗ ଦରକାର । ପୋଲିସ ପକ୍ଷରୁ ପ୍ରତିଦିନ ୭/୮ ସ୍ଥାନରେ ଚେକିଂ ହେଉଛି । ଆହୁରି ଅଧିକ ଜାଗାରେ ମଧ୍ୟ ଚେକିଂ କରାଯିବ। ଏବେ କିନ୍ତୁ ଗାଡିର ବିଭିନ୍ନ କାଗଜପତ୍ର ଉପରେ ଚେକିଂ କରାଯାଉନାହିଁ। କାଗଜପତ୍ର ପ୍ରସ୍ତୁତ କରିବାକୁ ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ୩ ମାସ ସମୟ ଦେଇଛନ୍ତି। ଚେକିଂବେଳେ ଜରୁରୀ କାର୍ଯ୍ୟରେ ଯାଉଥିବା ଗାଡିକୁ ଛଡାଯାଉଛି। କାହାକୁ ହଇରାଣ କରିବା ପୋଲିସର ଉଦ୍ଦେଶ୍ୟ ନୁହେଁ । ପୋଲିସ କର୍ମଚାରୀ ମଧ୍ୟ ସମସ୍ତଙ୍କ ସହ ଉତ୍ତମ ବ୍ୟବହାର କରି ଚେକିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକେ ସଚେତନ ହେଉଛନ୍ତି। ଆଉ କିଛି ଦିନ ସମୟ ଲାଗିବ । ତେଣୁ ଚେକିଂ ବେଳେ ପୋଲିସକୁ ସହଯୋଗ କରନ୍ତୁ। ଯଦି ପୋଲିସ କର୍ମଚାରୀ ହଇରାଣ କରୁଛନ୍ତି ତେବେ ସିଧାସଳଖ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କରନ୍ତୁ ବୋଲି ଏସ୍‌ପି ଅନୁରୋଧ କରି ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ୩ ଦିନରେ ସହରର ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୩୨ ଜଣଙ୍କୁ ନିଶାଦ୍ରବ୍ୟ ସେବନ କରି ଗାଡି ଚାଳନା ଅଭିଯୋଗରେ ଗିରଫ କରାଯାଇଛି। ସେଭଳି ରବିବାର ୧ ଲକ୍ଷ ୨୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

**ଦୁର୍ଘଟଣା ରୋକିବାକୁ ପୋଲିସ ଉଦ୍ୟମ**

- ଲୋକେ ମଧ୍ୟ ପୋଲିସକୁ ସହଯୋଗ କରିବା ଆବଶ୍ୟକ
- ଲୋକଙ୍କ ସୁରକ୍ଷା ପାଇଁ କଡ଼ା ମୋଟରଯାନ ନିୟମ ହୋଇଛି
- ନିଶାଦ୍ରବ୍ୟ ସେବନ କରି ଗାଡି ଚାଳନା ଅଭିଯୋଗରେ ୩୨ ଗିରଫ
- ଦିନକରେ ୧ ଲକ୍ଷ ୨୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି



ଏସ୍‌ପି କନୱର ବିଶ୍ୱାଲ ସିଂ

### ଚେକିଂରୁ ବର୍ତ୍ତିବାକୁ ହ୍ୱାଟ୍ସଆପ ଗ୍ରୁପ୍, ଫସିବେ ଆଡ୍‌ମିନ୍

ସମ୍ବଲପୁର ପୋଲିସ ପକ୍ଷରୁ ସହର ବିଭିନ୍ନ ସ୍ଥାନରେ ଗାଡିମୋଟର ଚେକିଂ କରାଯାଉଛି । ସକାଳେ ହେଲମେଟ ଓ ସନ୍ଧ୍ୟାରେ ନିଶାଦ୍ରବ୍ୟ ସେବନ କରି ଗାଡି ଚଳାଇବା ଉପରେ ଚେକିଂ ହେଉଛି। ୨ ସପ୍ତାହ ହେଲା ମାତ୍ରାଧିକ ଚେକିଂ କରାଯାଉଛି। ହେଲେ ପୋଲିସ ଆଖିରେ ଧୂଳି ଦେଇ ଲୋକେ ଖସି ଯାଉଛନ୍ତି। କେତେ ଜଣ ଯୁବକ ହ୍ୱାଟ୍ସଆପ ଗ୍ରୁପ କରିଛନ୍ତି । କୌଣସି ସ୍ଥାନରେ ଚେକିଂ ହେଉଥିବା ଏମାନେ ଦେଖିଲେ ବା ଜାଣିଲେ ସଙ୍ଗେ ସଙ୍ଗେ ଗ୍ରୁପରେ ପକାଇ ଦେଉଛନ୍ତି। ତେଣୁ ହେଲମେଟ ପିନ୍ଧି ନ ଥିବା ବା ନିଶା ସେବନ କରି ଗାଡି ଚଳାଉଥିବା ଲୋକେ ସତର୍କ ହୋଇ ଅନ୍ୟ ରାସ୍ତା ଦେଇ ଚାଲିଯାଉଛନ୍ତି। ଏହା ଉପରେ ଅଭିଯୋଗ ଆସିଛି। ଲୋକଙ୍କୁ ହେଲମେଟ ବ୍ୟବହାର ଉପରେ ସଚେତନ କରିବା ବଦଳରେ ଏହି ଗ୍ରୁପ୍ ପୋଲିସକୁ ଚ୍ୟାଲେଞ୍ଜ କରୁଛି। ଏଣୁ ଏହି ଗ୍ରୁପର ଆଡମିନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପୋଲିସ ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ଏଣିକି ଲୋକେ ଅନ୍‌ଲାଇନ୍‌ରେ ଅଭିଯୋଗ କରିପାରିବେ

ସମ୍ବଲପୁର,୧୫।୯ (ବ୍ୟୁରୋ): ସମ୍ବଲପୁର ଜିଲା ପ୍ରଶାସନ ଜନ ସାଧାରଣଙ୍କ ଅଭିଯୋଗ କରିବା ପାଇଁ ଆଉ ଏକ ସୁବିଧା କରିଛି । ଏବେ ପୋର୍ଟାଲ ମାଧ୍ୟମରେ ଲୋକେ ପ୍ରଶାସନକୁ ଅଭିଯୋଗ କରି ପାରିବେ । ସୋମବରେ ଜିଲାପାଳ ଶୁଭମ ସକସେନା ମାନେଶ୍ୱର ବ୍ଲକରେ ଏହାର ଶୁଭାରମ୍ଭ କରିବେ। ଏହି ପୋର୍ଟାଲରେ ବିଭିନ୍ନ ବିଭାଗ ଅଧିକାରୀ ମଧ୍ୟ ରହିବେ । ସାଧାରଣ ଲୋକଙ୍କୁ ଆଉ ଲମ୍ବା ଲାଇନରେ ଛିଡା ହୋଇ ଅଭିଯୋଗ କରିବାକୁ ପଡିବ ନାହିଁ । ଏହାଦ୍ୱାରା ଲୋକମାନଙ୍କ ସମୟ ଅପଚୟ ହେବ ନାହିଁ ।
ଅଭିଯୋଗ ସମାଧାନ ହେଲା କି ନାହିଁ ଓ ତଦନ୍ତ କେତେ ବାଟ ଗଲା ସେ ନେଇ ମଧ୍ୟ ଏଥିରେ ସୂଚନା ଦିଆଯିବ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

### ପଞ୍ଚମ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ପାଇଁ ବୈଠକ

ସମ୍ବଲପୁର, ୧୫।୯ (ବ୍ୟୁରୋ)

ଚଳିତ ମାସ ୨୧ ଓ ୨୨ ତାରିଖ ଦୁଇଦିନ ଧରି ହେବାକୁ ଥିବା ପଞ୍ଚମ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ବୈଠକ ସମଲେଶ୍ୱରୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ଉପାଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସ୍ମରଣିକା ମୁଖ୍ୟ ଅରବିନ୍ଦ ମହାପାତ୍ର, ପ୍ରଫେସର ସୁରୁବାବୁ ମେହେର, ଆଲୋଚନାଚକ୍ରର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ବୈଷମ୍ପାୟନ ଆଚାର୍ଯ୍ୟ, ଗୋପୀନାଥ ଷଡଙ୍ଗୀ, ପିତାମ୍ବର ରାୟ, ଖାଦ୍ୟ କମିଟି ସଦସ୍ୟ ସରୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମର ବୃତ୍ତାନ୍ତ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ସ୍ମରଣିକା ପ୍ରକାଶନ, ଆଲୋଚନାଚକ୍ର, କଳାକାର କର୍ମଶାଳା, ସଂସ୍କୃତି ପ୍ରେମୀ, ସଂସ୍କୃତି ଉପରେ ଲେଖୁଥିବା ଓ ସଞ୍ଚାର ପ୍ରଚାରପ୍ରସାର ପାଇଁ ଅବଦାନ ଥିବା ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଆୟୋଜକ ସମର୍ପଣ ଅନୁଷ୍ଠାନ ତଥା ପରିଚାଳନା କମିଟି ସମ୍ପାଦକ ଭଜରାମ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶେଷରେ ରତନ୍‌ଲାଲ୍ ଶର୍ମା ଧନ୍ୟବାଦ ଦେଇଥିଲେ ।

# କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର, ୧୫।୯ (ବ୍ୟୁରୋ)

ଦାନୀପାଲିସ୍ଥିତ ରାମଚଣ୍ଡୀ ସେବା ସଦନଠାରେ କୁଲତା ସମାଜର ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ଯଶୋବନ୍ତି ନାୟକଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ ମୁଖ୍ୟଅତିଥି, ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ, ଡା. ଶିଶିର କୁମାର ପ୍ରଧାନ, ଇଂ. ମନୋହର ଭୋଇ ଓ ଇଂ. ଗୋକୁଳ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାମସାଗର ସାହୁ, ଭଗବନ୍ଧୁ ପ୍ରଧାନ, ଦୟାସାଗର ପ୍ରଧାନ, ପ୍ରଫେସର କାମଦେବ ସାହୁ ନୂଆଁଖାଇ ବାର୍ତ୍ତା ପ୍ରଦାନ କରିଥିଲେ। କୁଲତା ସମାଜର ଇଷ୍ଟଦେବୀ ମାଁ ରଣେଶ୍ୱର ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସାମୂହିକ ନୂଆଁଖାଇ ଜୁହାର ଭେଟ ହୋଇଥିଲା । ପୂଜକ ନିର୍ମଳ ପ୍ରଧାନ ଓ ଦେବୀପ୍ରସାଦ ଭୋଇ ପୂଜାର୍ଚ୍ଚନା କରିଥିଲେ। ରାମଚଣ୍ଡୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନିର୍ମିତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଏଥିସହ ଶିଶୁମାନଙ୍କ ମଧ୍ୟରେ କୁଇଜ, ନାଚ ଓ ଗୀତ ପ୍ରତିଯୋଗିତା ହୋଇଥିଲା । ପ୍ରଦୀପ ସାହୁ, ହେମକାନ୍ତ ସାହୁ ଓ ସୁଶ୍ରୀସୁପ୍ରଭା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜ୍ୟୋତିଷ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ହେବାସହ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ନୂଆଁଖାଇ ଭେଟଘାଟ ପାଳନ କମିଟି ଆବାହକ ସରୋଜ ସାହୁ ସୂଚନା ପ୍ରଦାନ କରିଥିବା ବେଳେ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ରବିବାର ସମ୍ବଲପୁର କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଉଛି ।

## ଜାତୀୟ ଯୁବ ସଂସଦ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା



ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀଛାତ୍ର ।

**ସମ୍ବଲପୁର,୧୫।୯(ବ୍ୟୁରୋ)**–ଦିଲୀ ଲାଇବ୍ରେରୀ ହଲରେ ୩୧ତମ ଯୁବ ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ଛାତ୍ରୀଛାତ୍ର ଆଞ୍ଚଳିକ ସ୍ତରରେ ପ୍ରଥମ ଓ ଜୋନାଲ ସ୍ତରରେ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି । ସେହିପରି ବ୍ୟକ୍ତିଗତ ସ୍ତରରେ ସ୍କୁଲର ଛାତ୍ରୀ ଶ୍ୱେତା ଦାସ ପ୍ରଥମ, ଉଦିତା ପ୍ରଧାନ ଦ୍ୱିତୀୟ, ଦେବାଶିଷ ପୂଜାରୀ, ଅନ୍ୱେଷା ମିଶ୍ର, ପ୍ରକୃତି ପଣ୍ଡା ତୃତୀୟ, ପ୍ରାଚୀ ପାଣିଗ୍ରାହୀ, ରେଶ୍ମା ସାହୁ ଓ ଏଲ ସୁଦିପ୍ତା ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । କେନ୍ଦ୍ରୀମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୩ ଓ ୧୪ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ହୋଇଥିଲା।

■ବାଇକ୍-କାର୍ ଧକ୍କାରେ ଯୁବତୀ ଯୁବକ ମୃତ୍ୟୁ ଘଟଣା

# କାର୍ ଚାଳକଙ୍କୁ ସୁହାଇଲା ପୋଲିସର ଅବହେଳା

ସମ୍ବଲପୁର,୧୫।୯ (ବ୍ୟୁରୋ)

- କାର ଚାଳକ ନିଶାଦ୍ରବ୍ୟ ସେବନ କରିଥିଲେ
- ପରୀକ୍ଷା କରାଇବାରେ ବିଳମ୍ବ କରିଥିଲା ପୋଲିସ
- ଆଇନ ଶୃଙ୍ଖଳା ବାହାନା କରୁଛି ପୋଲିସ
- ରିପୋର୍ଟକୁ ନେଇ ସନ୍ଦେହ, ଏସ୍‌ପି କହିଲେ ତଦନ୍ତ ହେବ

ସମ୍ବଲପୁର ସହରର ଅଇଁଠାପାଲି ଥାନା ଦୁର୍ଗାପାଲି ନିକଟରେ ସେପ୍ଟେମ୍ବର ୧୧ ତାରିଖ ବାଇକ-କାର ଦୁର୍ଘଟଣାରେ ୨ ଜଣକ ଜୀବନ ଯାଇଛି। ଏହି ଦୁର୍ଘଯଣା ଯୋଗୁ ସଦର ଥାନା ଅଧୀନ ଠେମେରା ଗ୍ରାମର ପ୍ରଭାତ କୁମାର ସାହୁ (୨୪) ଓ ଧମା ଥାନା ଡକରା ଗ୍ରାମର କମଳିନୀ ସାହୁଙ୍କ ମୃତ୍ୟୁ ଘଟିଥିଲା । ସେଦିନ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଲୋକେ ପୋଡି ଦେଇଥିଲେ। ୧୨ ତାରିଖ ମୃତକଙ୍କ ପରିବାର ବର୍ଗ ଓ ବିଭିନ୍ନ ଦିଗରୁ ଚାପ ପଡିବା ଫଳରେ କାର୍ ଚାଳକ ତଥା ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ ହର୍ଷ ବର୍ଦ୍ଧନ ସାହେରୀ (୨୬)ଙ୍କୁ ପୋଲିସ ଗିରଫ କରିଥିଲା। ହେଲେ ପୋଲିସ ପକ୍ଷରୁ ଅବହେଳା କରାଯାଇଥିବାରୁ ଅଭିଯୁକ୍ତଙ୍କ ଉପରେ ନିଶା ଦ୍ରବ୍ୟ ସେବନ କରି ଗାଡି ଚଳାଇଥିବା ମାମଲା ରୁଜୁ ହୋଇ ପାରିଲା ନାହିଁ ବୋଲି ଅଭିଯୋଗ ହେଉଛି ।

ସେଦିନ କାର ଚାଳକ ନିଶାସକ୍ତ ଅବସ୍ଥାରେ ଥିବା ଜାଣିବା ପରେ ଲୋକେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ଏ ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା। ଅଭିଯୁକ୍ତଙ୍କ ସହ କିଛି ଯୁବକଙ୍କ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଶେଷରେ ପୋଲିସକୁ ଲୋକେ କାର୍ ଚାଳକଙ୍କୁ ହସ୍ତାନ୍ତର କରିଥିଲେ। ହେଲେ ପୋଲିସ ସଙ୍ଗେ ସଙ୍ଗେ ପରୀକ୍ଷା ନ କରାଇ ପ୍ରାୟ ୧୪ ଘଣ୍ଟା ପରେ ଭିମସାରରେ ନେଇ ସେ ନିଶାଦ୍ରବ୍ୟ ପିଇଥିଲେ କି ନାହିଁ ତାହା ଜାଣିବାକୁ ପରୀକ୍ଷା କରାଇଥିଲା। ବିଳମ୍ବରେ ପରୀକ୍ଷା ହେତୁ ନିଶା ସେବନ କରି ନ ଥିବା ରିପୋର୍ଟ ଆସିଥିଲା। ଏଣୁ ଏହାକୁ ନେଇ ଏବେ ପୋଲିସର କାର୍ଯ୍ୟ ପ୍ରତି ସନ୍ଦେହ ହେଉଛି। ଜାଣି ଶୁଣି ପୋଲିସ ପରୀକ୍ଷା କରାଇ ନ ଥିବା ଅଭିଯୋଗ ହେଉଛି। ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି ଯେ, ଘଟଣାସ୍ଥଳରେ ଆଇନ ଶୃଙ୍ଖଳା ପରସ୍ଥିତି ସୃଷ୍ଟି ହେତୁ ପୋଲିସକୁ ସମସ୍ୟା ହୋଇଥିଲା। ତେଣୁ ଅଭିଯୁକ୍ତଙ୍କୁ ପରୀକ୍ଷା ପାଇଁ ନିଆ ଯାଇ ପାରି ନ ଥିଲା। ଅନ୍ୟପକ୍ଷେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି ଯେ, ପରୀକ୍ଷା କରି ରିପୋର୍ଟ ଦେବା ଡାକ୍ତରଙ୍କ କାମ। ହେଲେ କେଉଁ ପରିସ୍ଥିତିରେ ବିଳମ୍ବ ହେଲା ସେ ନେଇ ତଦନ୍ତ କରାଯିବ।

■ ଆରଣ୍ୟକ ମଞ୍ଚରେ ନାଟ୍ୟୋତ୍ସବ

# ନାଟକ ଛୁଟି, କୁଳାଙ୍ଗାର ମଞ୍ଚସ୍ଥ

ସମ୍ବଲପୁର, ୧୫।୯ (ବ୍ୟୁରୋ)

ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ରବିବାର ନାଟ୍ୟୋତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଶୈଳେଶ ଚନ୍ଦ୍ର ପଟ୍ଟନାୟକଙ୍କ ରଚିତ ଓ ଭବାନୀଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଥମେ ଓଡିଆ ଭାଷାର ନାଟକ ଛୁଟି ମଞ୍ଚସ୍ଥ ହୋଇଥିଲା। ମଣିଷ ଜୀବନ ଏକ ନାଟକ। ପ୍ରତ୍ୟେକ ମଣିଷ ନିଜ ଜୀବନକୁ ନେଇ ଅଭିନୟ କରିଥାନ୍ତି । କିଏ ସଫଳ ହୋଇ ଆଗକୁ ବଢ଼ିଥାଏ ତ ଆଉ କାହାର ଅଭିନୟ କରୁ କରୁ ଜୀବନର ଦୀପ ଶିଖା ଲିଭିଯାଏ । ତେଣୁ ଜୀବନ ଜଞ୍ଜାଳରୁ ଜୀବନ ଦୀପ ଲିଭିଗଲେ ଯନ୍ତ୍ରଣାର ଛୁଟି ହୋଇଥାଏ । ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା । ବିଭିନ୍ନ ଭୂମିକାରେ ସୂର୍ଯ୍ୟ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ସଂଯୁକ୍ତା ପଣ୍ଡା, କୈଳାଶ ଚନ୍ଦ୍ର ପୂଜାରୀ ଅଭିନୟ କରିଥିଲେ । ଗିରିଜା ଶଙ୍କର ମିଶ୍ର ସଂଗୀତ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ମହାରଣା ଆଲୋକ ସମ୍ପାତ କରିଥିଲେ। ଦ୍ୱିତୀୟ ନାଟକ ସମ୍ବଲପୁରୀ ଭାଷାରେ କୁଳାଙ୍ଗାର ମଞ୍ଚସ୍ଥ ହୋଇଥିଲା। ବୀରୁପାକ୍ଷ ପ୍ରଧାନ ଏହାର ରଚନା କରିଥିବା ବେଳେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ନରେନ୍ଦ୍ର କୁମାର ବେହେରା, ଚନ୍ଦ୍ରକାନ୍ତ ମହାନ୍ତି, ତାପସ ସାହୁ, ଶାଶ୍ୱତି ସୌମ୍ୟା ଭୋଇ, ଶିବାନୀ ପାତ୍ର ଅଭିନୟ କରିଥିଲେ । ରତନ ପୂଜାରୀ ଗୀତ ରଚନା କରିଥିବା ବେଳେ ରବିନ୍ଦ୍ର ପଣ୍ଡା ଓ ପ୍ରିୟଦର୍ଶନୀ ନାଥ କଣ୍ଠ ଦାନ କରିଥିଲେ। ରଞ୍ଜିତ କୁମାର ସାହୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଶୈଳେଶ ଚନ୍ଦ୍ର ପଟ୍ଟନାୟକ, ଗାୟତ୍ରୀ କଲେଜ ଅଫ୍ ଫାର୍ମାସି ସମ୍ପାଦକ ଶିବନାରାୟଣ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ସିଦ୍ଧାର୍ଥ ପଣ୍ଡା ଉତ୍ସବରେ ସଂଯୋଜନା କରିଥିଲେ ।



ରବିବାର ସମ୍ବଲପୁର ଆରଣ୍ୟକ ମଞ୍ଚଠାରେ ମଞ୍ଚସ୍ଥ ନାଟକ 'ଛୁଟି'ର ଦୃଶ୍ୟ ।

## ଫଟୋରେ ଖବର



ବୁର୍ଲା ଗାର୍ଲ୍ସ ହାଇସ୍କୁଲରେ ରବିବାର ପଶ୍ଚିମ ଓଡିଶା କଲ୍ୟାଣ ସମିତି ପକ୍ଷରୁ ନୂଆଁଖାଇ ଭେଟଘାଟ ଶୀର୍ଷକ ବିବିଧ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।



ସମ୍ବଲପୁର ବଙ୍ଗୀୟ ପରିଷଦ ଦ୍ୱାରା ବସ୍ତି ମାରୱାଡି ପଞ୍ଚାୟତ ଧର୍ମଶାଳାରେ ଆୟୋଜିତ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରତିଯୋଗିମାନେ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



■ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକଙ୍କ ଅଭିଯୋଗ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଝାରସୁଗୁଡା ଅଫିସ୍/ ଲଖନପୁର, ୧୫।୯ (ଡି.ଏନ୍.ଏ.)**

ଭାଜପା ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅରୁଣ ସିଂ ରବିବାର ଦିନିକିଆ ଝାରସୁଗୁଡା ଜିଲା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ସେବା ସପ୍ତାହ କାର୍ଯ୍ୟକ୍ରମର ଜିଲାରେ ଶୁଭାରମ୍ଭ କରିଛନ୍ତି। ସେବା ସପ୍ତାହ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ରାଷ୍ଟ୍ରୀୟ ସମ୍ପାଦକ ସିଂ ଦଳୀୟ କର୍ମକର୍ତ୍ତାଙ୍କ ସହ ଜିଲାମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏନେଇ ଦଳ ତରଫରୁ ସାରା ଜିଲାରେ ସେବା ସପ୍ତାହ କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ଜନହିତକର କାର୍ଯ୍ୟ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସିଂ ଆହ୍ୱାନ ଦେଇଛନ୍ତି। ଏଥିମଧ୍ୟରେ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂହଙ୍କ ସହିତ ଦଳୀୟ ନେତୃବୃନ୍ଦ।

ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ୍ ବର୍ଜନ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କହିଥିଲେ।

ରାଷ୍ଟ୍ରୀୟ ସମ୍ପାଦକ ସିଂ ସହରର ଏକ ହୋଟେଲରେ ସନ୍ଧ୍ୟାରେ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ସେ ସିଧାସଳଖ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଟାର୍ଗେଟ କରି ବର୍ଷିଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଏମିତି ଏକ ବ୍ୟକ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି, ଯାହାଙ୍କର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତାନାହିଁ। ଚାରିଆଡେ ପାଉଁଶ, ରାଖଡ ପଡି ମାତ୍ରାଧିକ ପ୍ରଦୂଷଣ ବୃଦ୍ଧି ପାଉଛି। ଏ ଦିଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଦୂଷଣ, ପର୍ଯ୍ୟାବରଣ ଓ ସ୍ୱାସ୍ଥ୍ୟ ପ୍ରତି ଚିନ୍ତାନାହିଁ। ଅସ୍ୱାସ୍ଥ୍ୟକର

■ମୃତଦେହରେ ସାଲାଇନ୍ ଦେବା ଦୁର୍ଭାଗ୍ୟଜନକ

■ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ

■ପାଉଁଶ ପରିବହନ ବ୍ୟବସାୟରେ ମନ୍ତ୍ରୀଙ୍କ ହାତଥିବା କହିଲେ

ପରିବେଶକୁ ନେଇ ଏଠାରେ ଓଲଟା ଗଙ୍ଗା ବହୁଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣି ସିଂ କହିଛନ୍ତି ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ତାଙ୍କ ସମ୍ପର୍କୀୟ ପାଉଁଶ ବ୍ୟବସାୟରେ ସାମିଲ ଥାଇ ଅଞ୍ଚଳର ପରିବେଶକୁ ପ୍ରଦୂଷିତ କରୁଛନ୍ତି। ଏଥିରୁ ସେମାନେ ନିବୃତ୍ତ ରହି ପରିବେଶକୁ ସନ୍ତୁଳିତ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଏଠାରେ ଲୋକଙ୍କୁ ଯେଉଁ ସୁବିଧା ସୁଯୋଗ ମିଳିବା କଥା ତାହା ମିଳୁନାହିଁ। ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଚିକିତ୍ସାରେ ଅବହେଳା ପାଇଁ ୨ମାସ ମଧ୍ୟରେ ୨ଜଣଙ୍କର ପ୍ରାଣହାନି ଘଟିଲାଣି। ମୃତଦେହରେ ସାଲାଇନ୍ ଓ ଇଞ୍ଜେକ୍‌ସନ ଦିଆଯାଉଛି। ଏହି ଘଟଣାକୁ ସେ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଇସ୍ତଫା ଦିଅନ୍ତୁ ବୋଲି ସିଂ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ତଥା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନେଶ ଜୈନ, ଅନିଲ ନାୟକ, ନରେଶ ନାୟକ, ରଘୁନନ୍ଦନ ପଣ୍ଡା, ରମେଶ ଗାନ୍ଧୀ, ବିଶ୍ୱଜିତ ଷଡଙ୍ଗୀ, ନେତାଜୀ ପଟ୍ଟନାୟକ, ଉମେଶ ଗୁପ୍ତା, ସୋନୁ ଥିରାନୀ, ଶ୍ଳୋକ ସାର୍ନା, ସବିତା ପ୍ରଧାନ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ନୂଆଦିଲ୍ଲୀରେ ଓଡ଼ିଆ କର୍ମଚାରୀଙ୍କ ଦୁରାବସ୍ଥା

# ଛୁଟି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବି

**ଭୁବନେଶ୍ୱର, ୧୫।୯(ବ୍ୟୁରୋ)**

ଦେଶର ରାଜଧାନୀ ନୂଆଦିଲ୍ଲୀରେ ଓଡ଼ିଶା ଭବନ, ଓଡ଼ିଶା ସଦନ ଏବଂ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ରହିଛି। ଏହି ସବୁରେ ରାଜ୍ୟ ସରକାରଙ୍କ ଅଧୀନରେ ବିଭିନ୍ନ ଠିକା କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ନିରାପତ୍ତା ରକ୍ଷୀ, ରୁମ୍ ବୟ, ମାଳି, ଡ୍ରାଇଭର ରହିଛନ୍ତି। ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା, ଯାତାୟାତ ଖର୍ଚ୍ଚ, ମହାନଗର ଭତ୍ତା ପ୍ରଭୃତି ମିଳୁନାହିଁ। ଅନୁରୂପ ଭାବେ ଏମାନଙ୍କୁ ସାମୟିକ ଛୁଟି, ଅର୍ଜିତ ଛୁଟି, ପର୍ବପର୍ବାଣି ଛୁଟି ତଥା ଅନ୍ୟାନ୍ୟ ଛୁଟି ମଧ୍ୟ ମିଳି ନ ଥାଏ। କୌଣସି କାରଣରୁ କାର୍ଯ୍ୟଦିବସରେ ଯୋଗଦେଇ ନ ପାରିଲେ ଏମାନଙ୍କୁ ଦରମାର କେତେକ ଅଂଶ ହରାଇବାକୁ ପଡ଼ିଥାଏ। ସଚିବାଳୟଠାରୁ ଆରମ୍ଭ କରି ରାଜ୍ୟରେ ଥିବା ଅନ୍ୟ ସରକାରୀ କାର୍ଯ୍ୟାଳୟର ଠିକା କର୍ମଚାରୀମାନେ ଛୁଟି ସହ ଅନ୍ୟାନ୍ୟ ସୁବିଧା ପାଉଛନ୍ତି, ହେଲେ ଦିଲ୍ଲୀରେ କାର୍ଯ୍ୟରତ କର୍ମଚାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ତେଣୁ ଅନ୍ୟ କର୍ମଚାରୀଙ୍କ ପରି ଦିଲ୍ଲୀରେ କାର୍ଯ୍ୟରତ ଓଡ଼ିଆଙ୍କୁ ସୁବିଧା ସୁଯୋଗ ପ୍ରଦାନ ନେଇ ଦାବି କରାଯାଇଛି। କର୍ମଚାରୀମାନେ ଏ ନେଇ ବରିଷ୍ଠ ଅଧିକାରୀଙ୍କୁ ଏକାଧିକ ଥର ଅବଗତ କରିଛନ୍ତି। ହେଲେ କୌଣସି ସୁଫଳ ପାଇପାରିନାହାନ୍ତି ବୋଲି କର୍ମଚାରୀମାନେ କହିଛନ୍ତି।

## ଯୁବକଙ୍କୁ ଲଣ୍ଡା କରି, ଚୂନକାଳି ବୋଳି ଗାଁ ବୁଲାଇଲେ

**ଭଣ୍ଡାରିପୋଖରୀ, ୧୫।୯(ଡି.ଏନ୍.ଏ.)**

**ଜଣେ ଅଭିଯୁକ୍ତ ଗିରଫ, ୪ ଫେରାର**

ରାଗ ଶୁଝାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ କେତେକ ଲୋକ ମିଶି ମାଡ ମାରିବା ସହ ମୁହଁରେ ଚୂନକାଳି ବୋଳି, ଲଣ୍ଡା କରାଇ ଗାଁରେ ବୁଲାଇବା ଭଳି ଘଟଣା ପଦାକୁ ଆସିଛି। ଗତ ୧୧ ତାରିଖ ସନ୍ଧ୍ୟାରେ ଅରେଇକଣା ଗ୍ରାମରେ ଘଟିଥିବା ଏହି ଘଟଣା ନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରି ରବିବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୪ ଅଭିଯୁକ୍ତ ଫେରାର ରହିଛନ୍ତି। ପୋଲିସ ସୂଚନା ଅନୁଯାୟୀ ପାଟୁଳି ପଞ୍ଚାୟତ ଅରେଇକଣା ଅଞ୍ଚଳର ଜଣେ ଯୁବକ ପାଟୁଳି ଗ୍ରାମକୁ ଯିବା ପାଇଁ ୧୧ ତାରିଖ ସନ୍ଧ୍ୟାରେ ଗାଁ ମୁଖ୍ୟ ରାସ୍ତାକଡରେ ବସିଥିଲେ। ଗ୍ରାମର ଜଣେ ଯୁବକ ସେଠାରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କ ନାମରେ କାହିଁକି ଅପପ୍ରଚାର କରୁଛ ବୋଲି ପଚାରିଥିଲେ। ଯୁବକ ଜଣଙ୍କ ଏହାକୁ ଅସ୍ୱୀକାର କରିବା ସତ୍ତ୍ୱେ ତାଙ୍କୁ ମାଡ ମାରି ସେ ଗାଁକୁ ଘୋଷାରି ନେଇଥିଲେ। ପରେ ଅନ୍ୟ ୪ ଜଣ ଯୁବକ ମିଶି ତାଙ୍କୁ ମାଡ ମାରିବା ସହ ଏକ ଧାରୁଆ ଖୁରରେ ଜବରଦସ୍ତ ମୁଣ୍ଡବାଳ ଓ ନିଶ ଅଧା ଚାଞ୍ଛି ଦେଇଥିଲେ। ସେମାନେ ତାଙ୍କ ମୁହଁ ଓ ମୁଣ୍ଡରେ ଚୂନକାଳି ବୋଳି ଗ୍ରାମରେ ବୁଲାଇଥିଲେ। ପରେ ଏହି ଘଟଣାର ଆପୋଷ ସମାଧାନ ଲାଗି ଉଦ୍ୟମ ହୋଇଥିଲା। ତାହା ବିଫଳ ହେବାରୁ ନିର୍ଯାତନାର ଶିକାର ହୋଇଥିବା ଯୁବକ ଶନିବାର ରାତିରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଦଫା ୩୪୧, ୩୨୩, ୩୫୫, ୨୯୪, ୫୦୬, ୩୪ ଆଇପିସିରେ ଏକ ମାମଲା (ନଂ ୧୪୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ମହେଶ୍ୱର ଯେନାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏଏସଆଇ ଗୌରୀମଣି ସିଂ କହିଛନ୍ତି।

■ କଣ୍ଟାବାଞ୍ଜିରେ ପୋଲିସର ଚଢାଉ

# ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ

**କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.)**

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ କମ୍ପାନୀ ନାଁରେ କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ବ୍ରାଣ୍ଡର ନକଲି ସାମଗ୍ରୀ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନରେ ଶନିବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଏଥିରେ କମ୍ପାନୀର ୪ ଜଣିଆ ଟିମ୍ ମଧ୍ୟ ସାମିଲ ହୋଇଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ଖୁଚୁରା ଦୋକାନୀ ଏବଂ ଥୋକ ବିକ୍ରେତାଙ୍କ ଉପରେ ଚଢାଉ ହୋଇଥିଲା। ଚଢାଉ ବେଳେ ସ୍ଥାନୀୟ ସାପ୍ତାହିକ ବଜାର ରୋଡସ୍ଥିତ ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲଙ୍କ ନିକଟରୁ ୫୮ ହଜାର ୬ ଶହ କ୍ଲିନିକ ପ୍ଲସ ସେମ୍ପୁ ପାଉଚ, ଇନ୍ଦିରା ଛକ ନିକଟସ୍ଥ କନ୍ହେୟା ଟ୍ରେଡ଼ିଂର ମାଲିକ ମଣ୍ଟୁ ଗୋୟଲଙ୍କ ଦୋକାନରୁ ୨ହଜାର ୮୦ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ଜବତ କରାଯାଇଥିଲା।

ସେହିପରି ବଙ୍ଗୋମୁଣ୍ଡା ରାସ୍ତା ରେଳବାଇ ଫାଟକ ନିକଟସ୍ଥ ରାଜେଶ ଅଗ୍ରୱାଲଙ୍କ ଦୋକାନରୁ ବିକ୍ରି ହୋଇଥିବା ୯୫୪ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ସହ ହରିଭବନ ସମ୍ମୁଖସ୍ଥିତ ପାୟଲ ଫେନ୍ସି ଷ୍ଟୋରର ମାଲିକ ବିଷ୍ଣୁ ଜୈନଙ୍କ



କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନ ବଜାରରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

**୨ ଦୋକାନୀଙ୍କୁ କୋର୍ଟ ଚାଲାଣ**

ଦୋକାନରୁ ୨ଟି ଲେକ୍‌ମି ସ୍କିନ ଫ୍ରେସନର, ୩ଟି ଆଇ ଲୁମ୍ବ(୫ଗ୍ରାମର) ଜବତ କରାଯାଇଥିବା ଜଣାପଡିଛି। ଏନେଇ କମ୍ପାନୀର ଲିଗାଲ ଏଟନୀ ନୟନ ତାରା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ । କଣ୍ଟାବାଞ୍ଜି ପୋଲିସ ଏକ ମାମଲା(ନଂ.୧୭୯/୨୦୧୮) ରୁଜୁ କରି ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲ ଏବଂ କନ୍ହେୟା ଟ୍ରେଡ଼ିଂର ମଣ୍ଟୁ ଅଗ୍ରୱାଲଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଚଢାଉରେ କମ୍ପାନୀର ନୟନ ତାରାଙ୍କ ସହ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକରାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କିଛିବର୍ଷ ପୂର୍ବରୁ ନକଲି ଔଷଧକୁ ନେଇ କଣ୍ଟାବାଞ୍ଜି ସହରରେ ଚଢ଼ାଉ କରାଯାଇଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା । ଏବେ ନକଲି କସ୍‌ମେଟିକ୍ ସାମଗ୍ରୀ ଜବତ୍ କରାଯାଇଥିବା ଘଟଣା ଗ୍ରାହକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଗୋଡଭଗା ନାଗରିକ କମିଟିର ନୂଆଁଖାଇ ଭେଟଘାଟ

**ଟିପଲିମା/ଅତାବିରା, ୧୫।୯ (ଡି.ଏନ.ଏ)**

ସମ୍ବଲପୁର- ବରଗଡ ସୀମାନ୍ତରେ ଥିବା ଗୋଡଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଗୋଡଭଗା ନାଗରିକ କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସାଂସ୍କୃତିକ ସମାଜର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ବୋଧରାମ ଦାସ, ଘୁଡକାଟିକ୍ରା ପ୍ରଭୁଭକ୍ତି ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ସରସ୍ୱତୀ ସମାବେଶ, ଅତାବିରା ବ୍ଲକର ପୂର୍ବତନ ଅଧକ୍ଷ ଗୁଣମଣୀ କର୍ମୀ, ଶିକ୍ଷକ ବେଣୁଧର ମିଶ୍ର, ଜିଲାପରିଷଦ ଉପାଧକ୍ଷା ସୁଷମା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନୂଆଁଖାଇ ପରମ୍ପରା ସମ୍ପର୍କରେ କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ସମ୍ମାନରେ ତ୍ରିଲୋଚନ ପ୍ରଧାନ, କରୁଣାକର ସ୍ମୃତି ସମ୍ମାନରେ ପ୍ରେମରାଜ ଭୋଇ, ବିପିନ ବିହାରୀ ସମ୍ମାନରେ ଦିବ୍ୟ କୁମାର ଭୋଇ, ନାଗରିକ କୃଷି ସମ୍ମାନରେ ଶ୍ରୀନିବାସ ଭୋଇ, ଯୁବ ପ୍ରତିଭା ସମ୍ମାନରେ ସରୋଜ ଭୋଇଙ୍କୁ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ସ୍କୁଲ କଲେଜର ସଫଳ ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆ ଯାଇଥିଲା। ଉପେନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ପଞ୍ଚାନନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍‌ଏସ୍‌ଏସ୍‌ର ରୁଦ୍ଧଦ୍ୱାର ବୈଠକରେ ମନ୍ତ୍ର ଫୁଙ୍କିଲେ ମୋହନ ଭାଗବତ

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ସମ୍ବଲପୁର ଶାସନ ସ୍ଥିତ ବୈଦିକ କଲେଜ ପରିସରରେ ରବିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଏକ ରୁଦ୍ଧଦ୍ୱାର ବୈଠକ ବସିଥିଲା। ଏଥିରେ ସଂଘର ସରଚାଳକ ମୋହନ ଭାଗବତ ଯୋଗ ଦେଇଥିଲେ। ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ ଭାଜପାର ଶତାଧିକ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

■ ଗଞ୍ଜାମ: ୨୪ ଘଣ୍ଟାରେ ଦ୍ୱିତୀୟ ଏନ୍‌କାଉଣ୍ଟର

# ପୋଲିସ ଗୁଳିରେ ପ୍ରମୋଦ ଆହତ

■ବିଜେଡି ନେତାଙ୍କୁ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିଲେ

■ମାଉଜର, ଗୁଳି, ବାଇକ ଜବତ



ଆହତ ପ୍ରମୋଦ ବାରିକି।

**ଗଞ୍ଜାମ, ୧୫।୯(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ପୁଣି ଜଣଙ୍କୁ ଏନ୍‌କାଉଣ୍ଟର ହୋଇଛି। ଶନିବାର ଗଞ୍ଜାମ ଥାନା ପୋଲିସ ଗୁଳିରେ ବ୍ରହ୍ମପୁର ଗୋଷାଣୀ ନୂଆଗାଁର ସୁଶାନ୍ତ ବେହେରା ଓରଫ କୋକ ଆହତ ହୋଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଏକାଧିକ ମାମଲାର ଅଭିଯୁକ୍ତ ତଥା ସୁଶାନ୍ତଙ୍କ ଜଣେ ସହଯୋଗୀଙ୍କୁ ରବିବାର ଭୋର୍‌ରେ ରମ୍ଭା ପୋଲିସ ଏନ୍‌କାଉଣ୍ଟର କରିଛି। ସେ ହେଲେ ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମର ପ୍ରମୋଦ ବାରିକି (୩୦)। ପ୍ରମୋଦଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ପ୍ରଥମେ ଛତ୍ରପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ତାଙ୍କ ନିକଟରୁ ଗୋଟିଏ ମାଉଜର, ଗୁଳି ଓ ବାଇକ୍ ଜବତ କରିଛି। ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରତିନିଧିଙ୍କ ଉପରକୁ ବୋମାମାଡ ଘଟଣାରେ ପ୍ରମୋଦ ମଧ ସମ୍ପୃକ୍ତ ଥିଲେ ବୋଲି ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି।

ଗତ ୨୨ ତାରିଖ ସନ୍ଧ୍ୟାରେ ଗଞ୍ଜାମରେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର ପାଢ଼ୀଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜୋରଦାର ଉଦ୍ୟମ ଚଳାଇଥିଲା। ଅଭିଯୁକ୍ତ ସୁଶାନ୍ତଙ୍କୁ ଶନିବାର ଭୋର ପ୍ରାୟ ୪ଟାରେ ଗଞ୍ଜାମ ଜୟଶ୍ରୀ ଛକ ନିକଟରେ ଏନ୍‌କାଉଣ୍ଟର କରାଯାଇଥିଲା। ସେ ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରମୋଦ ରାତିରେ କୃଷ୍ଣପ୍ରସାଦଗଡ଼ ଅଞ୍ଚଳରୁ ଜଣେ ସହଯୋଗୀଙ୍କ ସହ ବାଇକ ଯୋଗେ ଗଞ୍ଜାମ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ତେଣୁ ପାଲୁର ଜଙ୍କଶନସ୍ଥିତ ପାଲୁର ଗ୍ରାମଠାରେ ରମ୍ଭା ଥାନା ପୋଲିସର ଏକ ଟିମ୍ ଜଗି ରହିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ପ୍ରମୋଦଙ୍କ ବାଇକ୍‌କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିବା ବେଳେ ସେ ପ୍ରଥମେ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ପ୍ରମୋଦଙ୍କ ଗୋଡ଼ରେ ବାଜିଥିଲା। ଫଳରେ ସେ ସେଠାରେ ପଡ଼ି ଯାଇଥିବା ବେଳେ ସହଯୋଗୀ ଜଣକ ଖସି ପଳାଇଥିଲେ। ପ୍ରମୋଦଙ୍କୁ କାବୁ କରିବା ବେଳେ ଧସ୍ତାଧସ୍ତିରେ ୨ କନ୍‌ଷ୍ଟେବଲ ଆହତ ହୋଇଥିବା ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରମୋଦଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

**ଭେଡ଼େନ, ୧୫।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ତିନିଦିନ ଧରି ଚାଲିଥିବା ତୃତୀୟ ମାନସ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଅପରାହ୍ନରେ ଖେଳା ହୋଇଥିବା ଫାଇନାଲ ମ୍ୟାଚରେ ଏହି ଦଳ ଭୁବନେଶ୍ୱର ଜଟଣୀ କ୍ଲବକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ପୂର୍ବରୁ ଖେଳା ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଦଳ ଝାରସୁଗୁଡ଼ା ଦଳକୁ ୩-୦ ଗୋଲ ବ୍ୟବଧାନ ଏବଂ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ଦଳ ଭବାନୀପାଟଣାକୁ ରୋମାଞ୍ଚକର ଟାଇବ୍ରେକର ଯୋଗେ ୯-୮ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ବିଜୟୀ ଦଳର ରଘୁ ମାରାଣ୍ଡିଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୂର୍ଯ୍ୟ ଦେହେରି ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳଗୁଡ଼ିକୁ ରେଫରୀ ଶିବୁ ଛେତ୍ରୀ, ଅରୁଣ ଭୋଇ, ନୀଳ ନାଏକ, ସୁଶାନ୍ତ ଓରାମ ଏବଂ ସୁଧାଂଶୁ ସେଠ ପ୍ରମୁଖ ପରିଚାଳନା କରିଥିଲେ। ମାନସ ସ୍ପୋର୍ଟସ କ୍ଲବ ସଭାପତି ସଞ୍ଜୟ ମେହେର, ସମ୍ପାଦକ ସୁଶାନ୍ତ ସାହୁଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

■ଆଗକୁ ବ୍ରଜରାଜନଗର ପୌର ନିର୍ବାଚନ

# ମଙ୍ଗୁଆଲ ବିହୀନ କଂଗ୍ରେସ, ମଙ୍ଗ ଧରିବ କିଏ

**ବ୍ରଜରାଜନଗର, ୧୫।୯ (ଡି.ଏନ୍.ଏ.)**

ଓଡ଼ିଶା ରାଜନୀତିରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ସର୍ବଦା ଚର୍ଚ୍ଚାରେ ରହି ଆସିଛି। ପ୍ରସନ୍ନ ପଣ୍ଡାଙ୍କ ଦେହାନ୍ତ ପରଠାରୁ ଆଜି ପର୍ଯ୍ୟନ୍ତ ଏ ନିର୍ବାଚନମଣ୍ଡଳୀରେ ସରକାର ବିରୋଧୀ ହାୱା ଚାଲିଥିଲା, ଯାହାକୁ ୨୦୧୯ରେ କିଶୋର ମହାନ୍ତି ଭଙ୍ଗ କରିଥିଲେ। ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଏଠାରେ କଂଗ୍ରେସ ଟିକେଟରେ ଅନୁପ ସାଏ ନିର୍ବାଚିତ ହୋଇଆସୁଥିଲେ। ହେଲେ ୨୦୧୪ରେ ଅନୁପ ବିଜେଡିରେ ଯୋଗଦେଇ ନିର୍ବାଚନ ଲଢ଼ି ଥଇଲେ ବି ଭାଜପାର ରାଧାରାଣୀ ପଣ୍ଡାଙ୍କଠାରୁ ହାରି ଯାଇଥିଲେ। ୨୦୦୧ରୁ ୨୦୧୯ ରାଜ୍ୟରେ ବିଜେଡି ସରକାର ଥିଲାବେଳେ ବ୍ରଜରାଜନଗର ଆସନ ସବୁବେଳେ ବିରୋଧୀ ଦଳ ଅକ୍ତିଆରରେ ରହିଥିଲା। ଫଳରେ ବ୍ରଜରାଜନଗରରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେତେବେଳେ ଝାରସୁଗୁଡ଼ାରୁ ନବ କିଶୋର ଦାସ କଂଗ୍ରେସର ମଙ୍ଗୁଆଲ ସାଜି କଂଗ୍ରେସକୁ ଜିତାଇବା ସହ ସାରା ରାଜ୍ୟରେ ନିଜର ପତିଆରା ବୃଦ୍ଧି କରିଥିଲେ। ପଶ୍ଚିମ ଓଡିଶାର ଟାଣୁଆ ନେତା କିଶୋର ପଟେଲ ୨୦୧୪ରେ କଂଗ୍ରେସକୁ ସୁସଂଗଠିତ କରିଥିଲେ ହେଁ ନିର୍ବାଚନରେ ଅଳ୍ପକେ ରାଧାରାଣୀ ପଣ୍ଡାଙ୍କଠାରୁ ହାରି ଯାଇଥିଲେ। ୨୦୧୯ରେ ପଟେଲ ଟିକେଟ ପାଇବା ଗୋଟେ ପ୍ରକାର ନିଶ୍ଚିତ ଥିଲା, ହେଲେ ଦଳର ଦୁର୍ଭାଗ୍ୟ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସେ ରୋଗରେ ପୀଡ଼ିତ ଥିଲେ। ଏ ପରିସ୍ଥିତିରେ ଦଳର ଅନେକ ଆଗଧାଡି କର୍ମୀ ଦିଗହରା ହୋଇଯାଇଥିଲେ। ନିର୍ବାଚନମଣ୍ଡଳୀର ୩୦ ହଜାରରୁ ଊର୍ଦ୍ଧ୍ୱ ଟାଣୁଆ କର୍ମୀଙ୍କୁ ଅଣଦେଖା କରି ଦଳ ସିପିଆଇ ସହିତ ମେଣ୍ଟ କଲା। ହେଲେ ନିର୍ବାଚନରେ ତା'ର ଓଲଟା ପ୍ରଭାବ ପଡିଲା। ବର୍ତ୍ତମାନ ସ୍ଥିତିରେ ଆଗକୁ ପୌର ନିର୍ବାଚନ ରହିଛି। ହେଲେ ଏ ପର୍ଯ୍ୟନ୍ତ ଦଳରେ କେହି ମଙ୍ଗୁଆଳ ନାହାନ୍ତି। ଦଳ ତରଫରୁ ମଧ କୌଣସି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉ ନାହିଁ। ଏପଟେ ପୌର ନିର୍ବାଚନ ପାଖେଇ ଆସୁଥିବା ଦେଖି ବିଜେଡି ଓ ଭାଜପା କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଉଭୟ ଦଳ ସେମାନଙ୍କର ଦଳ ବିଷୟରେ ସମୀକ୍ଷା କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ବେଳେ କଂଗ୍ରେସର ସେପରି କିଛି ସାଙ୍ଗଠନିକ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଏପରି କି ସୋସିଆଲ ମିଡିଆରେ ଜଣେ ଦୁଇ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ କେହି ନିଜର ମତ ରଖୁନାହାନ୍ତି। ନିକଟ ଅତୀତରେ ଯେଉଁମାନେ ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗଦେଇଥିଲେ ବର୍ତ୍ତମାନ ପରିସ୍ଥିତିରେ ସେମାନେ କରିବେ କ'ଣ। ଏହା ସତ ଯେ, ପୌରାଞ୍ଚଳରେ କଂଗ୍ରେସର ଭୋଟର ଅଛନ୍ତି। ହେଲେ ସେମାନଙ୍କୁ ସଂଗଠିତ କରିବା ପାଇଁ ହେଲେ ଜଣେ ସୁଦକ୍ଷ ମଙ୍ଗୁଆଲଙ୍କ ଆବଶ୍ୟକତା ରହିଛି। ଏହା ହୋଇପାରିଲେ ନିଃସନ୍ଦେହ କଂଗ୍ରେସ ପୌର ନିର୍ବାଚନରେ ଅନ୍ୟଦଳକୁ କଡ଼ା ଟକ୍କର ଦବ। ଦଳର ବରିଷ୍ଠ ନେତା ପ୍ରମୋଦ ପଣ୍ଡା, ଯତୀନ୍ଦ୍ର ମିଶ୍ର, ସଦାଶିବ ବିଶି, ବାବୁ ବନଛୋର, ପୂର୍ବତନ ଯୁବ କଂଗ୍ରେସ ସଭାପତି ଦେବେଶ ପଣ୍ଡା ପ୍ରମୁଖଙ୍କୁ ପଚାରିବାରୁ ସମସ୍ତଙ୍କର ଗୋଟିଏ ଉତ୍ତର ଆମେ ଦଳରେ ଅଛୁ ଓ ଦଳ ପାଇଁ କାମ କରିବୁ। ଦଳ ଯାହାକୁ ଦାୟିତ୍ୱ ଦେବ ତାଙ୍କ ସହିତ ମିଳିମିଶି କାର୍ଯ୍ୟ କରିବୁ। ହେଲେ ନିଜେ ମଙ୍ଗୁଆଳ ହେବା ପାଇଁ ସମସ୍ତେ ନିଜ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି।

## ଲମ୍ବା ଧାଡ଼ି ଯୋଗୁ ଚିକିତ୍ସା ପାଇପାରିଲେନି: ଡାକ୍ତର ଦେଖିବା ପୂର୍ବରୁ ଶିଶୁ ମୃତ

ଅନୁଗୋଳ ଅଫିସ, ୧୫।୯: ଗୁରୁତର ଅବସ୍ଥାରେ ରବିବାର ମେଡିକାଲ ଆସିଥିବା ଜଣେ ଦେଢ ବର୍ଷର ଶିଶୁପୁତ୍ର ଚିକିତ୍ସା ପାଇ ନ ପାରିବାରୁ ତାହାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଶିଶୁ କୁଇଓ ଜାମୁନାଳି ଅଞ୍ଚଳର ଶଙ୍କର୍ଷଣ ପ୍ରଧାନଙ୍କ ପୁଅ ସୁମନ ପ୍ରଧାନ ବୋଲି ଜଣାପଡିଛି। ଏହାକୁ ନେଇ କିଛି ସମୟ ମେଡିକାଲ ପରିସରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ଶଙ୍କର୍ଷଣଙ୍କ ଅଭିଯୋଗ ମୁତାବକ, ପୁଅକୁ ଜ୍ୱର ହୋଇଥିବାରୁ ସକାଳ ପ୍ରାୟ ସାଢେ ୮ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଲମ୍ବା ଧାଡ଼ି ଲାଗିଥିବାରୁ ଶିଶୁଟିକୁ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାଇ ପାରି ନ ଥିଲେ। କାଜୁଆଲିଟି ୱାର୍ଡରେ ଥିବା ସୁରକ୍ଷା କର୍ମୀ, ଡାକ୍ତର କର୍ମଚାରୀଙ୍କୁ ସେ ବାରମ୍ବାର ନେହୁରା ହୋଇଥିଲେ ହେଁ କେହି ନ ଶୁଣିବାରୁ ଠିକ୍ ସମୟରେ ଶିଶୁଟି ଚିକିତ୍ସା ପାଇପାରି ନ ଥଲା। ପ୍ରାୟ ଦେଢ ଘଣ୍ଟା ଧରି ଲାଇନରେ ଛିଡା ହେବାର ପରେ ଶିଶୁଟିର ମୃତ୍ୟୁ ଘଟିଥିବା ଶଙ୍କର୍ଷଣ ଅଭିଯୋଗ କରିଛନ୍ତି। ଏହା ପରେ ମଧ ଡାକ୍ତରଖାନା କର୍ମଚାରୀ ମୃତ ଶିଶୁର ବ୍ୟବଚ୍ଛେଦ ନ କରି ସେମିତି ମୃତଦେହ ନେଇଯିବାକୁ କହିଥିବା ଶଙ୍କର୍ଷଣ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇଙ୍କୁ ପଚାରିବାରେ କହିଛନ୍ତି, ମୋ ନିକଟକୁ ଏଭଳି କିଛି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିବା ପରେ ଅନୁଧାନ କରାଯିବ। ଏହା ସତ୍ୟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଭାରତୀୟ ମଜଦୁର ସଂଘର ଅଭ୍ୟାସ ବର୍ଗ

**ଦେବଗଡ଼,୧୫।୯(ଡି.ଏନ.ଏ.):** ବାରକୋଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଭାରତୀୟ ମଜଦୁର ସଂଘ ଦେବଗଡ଼ ଜିଲା ଶାଖା ପକ୍ଷରୁ ୨ ଦିନିଆ ଅଭ୍ୟାସ ବର୍ଗ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସଭାନେତ୍ରୀ ନେତ୍ରମଣି ବେହେରା, ସମ୍ପାଦକ ଦିଲୀପ ଗଡନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭ୍ୟାସ ବର୍ଗରେ ଭାରତୀୟ ମଜଦୁର ସଂଘର ସର୍ବ ଭାରତୀୟସ୍ତରରେ ସଫଳତା, ସଂଘର ନୀତି ଓ କାର୍ଯ୍ୟ ପଦ୍ଧତି, କାର୍ଯ୍ୟକର୍ତ୍ତା ଓ ସଂଗଠନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମଜଦୁର ସଂଘର ଜିଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ସାହୁ, ପରାମର୍ଶଦାତା ଶ୍ରୀବତ୍ସ ମିଶ୍ର, ସନାତନ ବେହେରା, ମୁକୁଳ ପ୍ରଧାନଙ୍କ ସମେତ ଜିଲାର ବହୁ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

### ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଦେବଗଡ଼,୧୫।୯(ଡି.ଏନ.ଏ.):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ଦେବଗଡ଼ କେନ୍ଦ୍ର ପକ୍ଷରୁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ନାତକ, ସ୍ନାତକୋତ୍ତର, ଡିପ୍ଲୋମା ସାର୍ଟିଫିକେଟ ପାଠ୍ୟକ୍ରମରେ ନୂତନ ଭାବେ ନାମ ଲେଖାଇଥିବା ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଅନୁଷ୍ଠିତ ସଭାରେ ଦେବଗଡ଼ କେନ୍ଦ୍ର ସଂଯୋଜକ ତଥା ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ଦେବଗଡ଼ କେନ୍ଦ୍ର ସଂଯୋଜକ ତଥା ଅଧ୍ୟାପକ ସଞ୍ଜୀବ କୁମାର ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ପୁରାତନ ଏବଂ ନୂତନ ଛାତ୍ରୀଛାତ୍ରମାନେ ପରିଚୟ ପ୍ରଦାନ କରି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ମନୋରଞ୍ଜନ ମାରାଣ୍ଡି, ନିରଞ୍ଜନ ସାହୁ, ପ୍ରତାପ ଚନ୍ଦ୍ର ଦାସ, ସଂଗ୍ରାମ କେଶରୀ ନନ୍ଦ, ଗୁରୁଚରଣ କିଷାନ, ବିଜୟ କୁମାର ପ୍ରଧାନ, ଜଗବନ୍ଧୁ ମିଶ୍ର, ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମିନି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା କରାଇଦେବାକୁ କହି ଲକ୍ଷେ ଟଙ୍କା ଠକେଇ

- ଝିଅ ମୃତ୍ୟୁ ବାବଦକୁ କ୍ଷତିପୂରଣ ମିଳିଥିଲା
- ରାତାରାତି ଗାଁରୁ ଖସି ପଳାଉଥିଲେ
- ବପୋଲିସ ଜିମାଦେଲେ ଗ୍ରାମବାସୀ

**ସମ୍ବଲପୁର,୧୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ବାସୁପାଲି ଗ୍ରାମର ବିନୋଦ ବାର୍ଲାଙ୍କ ପରିବାର ୧ ଲକ୍ଷ ୧୦ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ବିନୋଦ କିଡ୍‌ନୀ ରୋଗରେ ପୀଡିତ। ଏଣୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଦେବାକୁ କହି ଅନୀଲ ମହତୋ ନାମକ ଜଣେ ଯୁବକ ଏହି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ଶନିବାର ବିଳମ୍ବିତ ରାତିରେ ସେ ଫେରାର ହୋଇଯାଉଥିବା ସମୟରେ ଅନ୍ୟମାନଙ୍କ ସହଯୋଗରେ ପରିବାର ବର୍ଗ କବରାପାଲି ଗ୍ରାମ ନିକଟରେ କାବୁ କରିଥିଲେ। ରବିବାର ସନ୍ଧ୍ୟାରେ ଯୁଯୁମୁରା ପୋଲିସ ଜିମା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ରେଢାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁଙ୍କୁ ପଚାରିବାରୁ ଥାନାରେ ଅଭିଯୋଗ ପରେ ତଦନ୍ତ କରାଯାଉଛି। ଅଭିଯୁକ୍ତ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି ବୋଲି କହିଛନ୍ତି।

ବିନୋଦଙ୍କ ଅଭିଯୋଗ କ୍ରମେ ୨୦୧୭ ଜୁଲାଇରେ ବିନୋଦଙ୍କ ଝିଅ



ସମ୍ବଲପୁର ଜିଲା ଯୁଯୁମୁରା ଥାନାରେ ଥିବା ଅଭିଯୁକ୍ତ।



ଠକେଇର ଶିକାର ହୋଇଥିବା ବିନୋଦ ଓ ତାଙ୍କ ସ୍ତ୍ରୀ ଗାନ୍ଧୀ।

ରାଜିନାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିଲା। ତେଣୁ ତାଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସରକାରୀ ସହାୟତା ରାଶି ମିଳିଥିଲା। ସେ ଏହି ଟଙ୍କା ପାଇବା ଦିନରୁ ଗାଁରେ ରହୁଥିବା ସୋନପୁର ଜିଲା ମୂଳବାସିନ୍ଦା ଅନୀଲଙ୍କ ତାଙ୍କ ପରିବାର ଉପରେ ଆଖି ପଡିଥିଲା। ବିଭିନ୍ନ ଉପାୟରେ ସେ ଏହି ଟଙ୍କା ନେବାକୁ ଚେଷ୍ଟା କରିଥିଲେ। ଶେଷରେ କିଡ୍‌ନୀ ରୋଗର ଚିକିତ୍ସା କରାଇ ଦେବେ ବୋଲି କହିଥିଲେ। ଗତ ଜୁଲାଇ ୨୯ ତାରିଖରେ ବିନୋଦଙ୍କ ସ୍ତ୍ରୀ ଗାନ୍ଧୀଙ୍କ ଜମା ଖାତାରୁ ନିକଟସ୍ଥ ସହଜ କେନ୍ଦ୍ରରୁ ୧୦ ହଜାର ଟଙ୍କା ଲେଖାଏଁ ୧୦ ଥର କରି ମୋଟ ୧ ଲକ୍ଷ ଟଙ୍କା ଅନ୍ୟ ଜମା ଖାତାକୁ ନେଇଥିଲେ। ପରେ ଘରକୁ ଆସି ଆଉ ନଗଦ ୧୦ ହଜାର ଟଙ୍କା ନେଇଛନ୍ତି। ହେଲେ ଟଙ୍କା ନେବା ଦିନରୁ ଆଉ ସେ ଦେଖା ଦେଲେ ନାହିଁ। ବାରମ୍ବାର ଏ ସମ୍ପର୍କରେ ପଚାରିଲେ ଆଜି କାଲି କହି ଭଣ୍ଡେଇ ଚାଲିଥିଲେ। ଶେଷରେ ଏହି କଥା ଗ୍ରାମବାସୀଙ୍କ ପାଖରେ ପଡିଥିଲା। ଶୁକ୍ରବାର ଗାଁରେ ଏକ ସଭା ବସିଥିଲା। ଉକ୍ତ ସଭାରେ ସେ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ତାଙ୍କ କାର ଚାବି ସହ ସଭାରେ ଗ୍ରାମବସୀଙ୍କ ଜିମାରେ ଦେଇଥିଲେ। ହେଲେ ଶନିବାର ରାତିରେ ସେ ତାଙ୍କ ପାଖରେ ଥିବା ଅଉ ଗୋଟିଏ ଚାବିରେ କାର ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ପିଛା କରି ସଦର ଥାନା କବରାପାଲି ଗ୍ରାମ ଛକରେ କାବୁ କରି ନେଇଥିଲେ। ରବିବାର ପୋଲିସ ପାଖରେ ଜିମା ଦେଇଛନ୍ତି।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେତୃବୃନ୍ଦଙ୍କ ସହ ଛାତ୍ରୀଛାତ୍ର।

### ସ୍ୱଚ୍ଛ, ସୁନ୍ଦର ଦେବଗଡ଼ ଅଭିଯାନ

## ସାମୂହିକ ସଫେଇ, ଚାରାରୋପଣ

**ଦେବଗଡ଼,୧୫।୯(ଡି.ଏନ୍.ଏ.)**

ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ଼ ଅଭିଯାନରେ ଜିଲାରେ ସାମୂହିକ ସଫେଇ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌରାଞ୍ଚଳରୁ ଆରମ୍ଭ କରି ୩ଟି ବ୍ଲକର ସମସ୍ତ ପଞ୍ଚାୟତରେ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ଅଙ୍ଗନୱାଡିକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଜନସାଧାରଣ ଉତ୍ସାହର ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ରାସ୍ତା, ପୋଖରୀରେ ସଫେଇ ଏବଂ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନା ନେଇ ୨୮ଜଣ ଜିଲାସ୍ତରୀୟ ଅଧିକାରୀଙ୍କୁ ବିଭିନ୍ନ ଅଞ୍ଚଳର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଧରମ ହାଁସଦା, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ପ୍ରକଳ୍ପନିର୍ଦ୍ଦେଶକଡିଆର୍‌ଡିଏ ସୁଶାନ୍ତ ଦେବକୀ ପଟେଲଙ୍କ ତତ୍ତ୍ୱାବଧାନରେ ରିଆମାଳ, ବାରକୋଟ ଓ ତିଲେଇବଣି ବ୍ଲକର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପୌରାଞ୍ଚଳର ୨୩ଟି ସ୍ଥାନରେ ସାମୂହିକ ସଫେଇ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ଭାଗବତ ଜନ୍ମୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଝରାକଣ୍ଟଲରେ ଭାଗବତ ଜନ୍ମୋତ୍ସବ ପାଳିତ

**ଦେବଗଡ,୧୫।୯(ଡି.ଏନ.ଏ.):**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ଝରାକଣ୍ଟଲ ଗ୍ରାମରେ ରାଧାକୃଷ୍ଣ ଭାଗବତ ଟୁଙ୍ଗି ଓ କଳାକେନ୍ଦ୍ରରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଭାଗବତ ଟୁଙ୍ଗିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ଶିଶୁ ମଙ୍ଗଳ ସମିତି ସଭାପତି ଅତୁଲ୍ୟ କୁମାର ପୂଜାରୀ, ନେହେରୁ ଯୁବକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭାଗବତ ଜନ୍ମ ଏବଂ ଜନ୍ମୋତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାଗବତ ଟୁଙ୍ଗିର ସମ୍ପାଦକ ନିରଞ୍ଜନ ନିଆରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବାନନ୍ଦ ସାହୁ, ବିଶ୍ୱନାଥ ସାହୁ, ଭୁବନେଶ୍ୱର ସାହୁ, ରମେଶ ଚନ୍ଦ୍ର ସାହୁ, ଶୁକଦେବ ସାହୁ, ଖଗେଶ୍ୱର ସାହୁ, ଦୀନବନ୍ଧୁ ସାହୁ, ନୃପମଣି ପ୍ରଧାନ, ମୀନକେତନ ପ୍ରଧାନ, ରଥ ଚରଣ ପଙ୍କା, ରସାନନ୍ଦ ପ୍ରଧାନ, ପରମା ପ୍ରଧାନ, ଚିତ୍ରସେନ ପ୍ରଧାନ, ଲଳିତ ପାତ୍ର, ଦଶରୁ ପେଣ୍ଡେଇ, ଟିକେଶ୍ୱର ସାହୁ, ଗୁରୁଚରଣ ସାହୁ, ହାଡିବନ୍ଧୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଝରାକଣ୍ଟଲ, ସାଲୋଇ, ସିଙ୍ଗୁରୀ, ଧାତୁକିପାଲି, ଖୁଲୁଣ୍ଡିକୁଦର ଓ ଗୁରୁଜାଙ୍ଗ ଆଦି ଗ୍ରାମର ଭାଗବତପ୍ରେମୀ ଯୋଗଦେଇଥିଲେ । ଜୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରଡ଼ା ଉନ୍ନୀତ ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ

**ଜମନକିରା,୧୫। ୯(ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ଅନ୍ତର୍ଗତ ସରଡ଼ା ଉନ୍ନୀତ ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ସରଡ଼ା ପଞ୍ଚାୟତ ସରପଞ୍ଚ ଉମାକାନ୍ତ ପଧାନ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସାରଦା ପ୍ରଶନ୍ନ ଦାଶ ଏଥିରେ ଅଧ୍ୟକ୍ଷତା କରି ସ୍ୱଚ୍ଛତା ପକ୍ଷ ପାଳନ ଆବଶ୍ୟକତା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍କୁଲରେ ରଚନା, କୁଇଜ ଓ ପ୍ରବନ୍ଧ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀର ଚନ୍ଦନ ନାଏକ, ଇସାକ ଏକ୍କା ଓ ଗୋଲାପି ମାଝି ପ୍ରଥମ ସ୍ଥାନ ହାସଲ କରିଥିଲେ। ଅଷ୍ଟମ ଶ୍ରେଣୀର ଉର୍ସଲା ବାଥା, କିରଣ ଛତ୍ରିଆ, କଣ୍ଠିତା ମାଝି ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ ସ୍କୁଲର ଭରତ ଚନ୍ଦ୍ର ବିଶ୍ୱାଳ ଓ ସୁଚିତ୍ରା ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପଙ୍କଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ରବିବାର ସମ୍ବଲପୁରରେ ନବୋଦୟ ଆଲୁମିନି ସଭ୍ୟମାନେ ନୂଆଁଖାଇ ଭେଟଘାଟର ଶୁଭେଚ୍ଛା ଜଣାଉଛନ୍ତି।

## ନବୋଦୟାନ୍ ନୂଆଁଖାଇ ଭେଟଘାଟ୍

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ସମ୍ବଲପୁର ନବୋଦୟ ଆଲୁମିନି ପରିବାର ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ନାରୀ ସେବା ସଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରକାଶ ଡାଙ୍ଗଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଆସିଷ୍ଟାଣ୍ଟ କଲେକ୍ଟର ବ୍ରଜ କିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ବିକାଶରେ ନବୋଦୟ ଛାତ୍ରଙ୍କ ଭୂମିକା ଓ କର୍ତ୍ତବ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ପ୍ରେସ୍ କ୍ଲବର ସଭାପତି ତ୍ରୀବିକ୍ରମ ପ୍ରଧାନ, ଯୁବ ବୈଜ୍ଞାନିକ ଶେଷ କିସାନ ସମ୍ମାନିତ ଅତିଥି ଥିଲେ। ସଂଯୋଜକ ଆଦିତ୍ୟ ମାଝି ଓ ଉପଦେଷ୍ଟା ଲିପିକା ଦାସ ମଞ୍ଚାସୀନ ଥିଲେ। ମାନସ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଆଶିଷ କୁମ୍ଭାରଙ୍କ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ନବୋଦୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଅଧ୍ୟକ୍ଷ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କାର୍ଟୁନିଷ୍ଟ ପଙ୍କଜ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଶୁଭେନ୍ଦ୍ର ଶତପଥୀ, ଆଶୁତୋଷ ମିଶ୍ର, ପୁଣ୍ୟତୋଷ ମୁଣ୍ଡ, ମିତ୍ରଭାନୁ ସାହୁ, ବ୍ୟୋମକେଶ ପାତ୍ର, ଯଶରାଜ ଜୈନ, ରାଜେଶ ନେଟର୍, ଗଜପତି ଭୋଇ, ବୃନ୍ଦାବନ ମାଝି, ରଶ୍ମୀକାନ୍ତ ଭୋଇ, ନିତେଶ୍ୱର ଦୁଆନ, ରମେଶ ସାହୁ, ସୋନୁ ମେହେର, ପୁନମ ନାଏକ, ଚାନ୍ଦନୀ କହଁର, ସୌମ୍ୟାଶ୍ରୀ ଭୋଇ, ଶ୍ୱାତୀ ସ୍ୱୟଂପ୍ରଭା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



ରବିବାର ସମ୍ବଲପୁର ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭା କକ୍ଷରେ ସିଟୁର ଅଭ୍ୟର୍ଥନା କମିଟି ବୈଠକ ।

## ଡିସେମ୍ବର ୮ରେ ସିଟୁର ସମ୍ମିଳନୀ

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ସିଆଇଟିୟୁର ୧୪ତମ ରାଜ୍ୟ ସମ୍ମିଳନୀ ଆସନ୍ତା ଡିସେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ସମ୍ବଲପୁରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଅଭ୍ୟର୍ଥନା କମିଟି ମଧ୍ୟ ଗଠିତ ହୋଇଛି । ମହେଶ୍ୱର ଷଣ୍ଢଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କମିଟି ବୈଠକ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭାକକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ରାଜ୍ୟ ଉପସଭାପତି ଜନାର୍ଦ୍ଦନ ପତି, ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଶ୍ରମିକ ନେତା ପ୍ରଣୟ ନାୟକ, ଲଳିତ କୁମାର ପଟ୍ଟନାୟକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ସମ୍ମିଳନୀରେ ପଶ୍ଚିମ ଓଡିଶାର ଶ୍ରମିକ, କର୍ମଚାରୀ, ବୁଦ୍ଧିଜୀବି, ଗଣତାନ୍ତ୍ରିକ ଶ୍ରମଜୀବି ଓ ଜନସାଧାରଣ ସାମିଲ ହୋଇ ନିଜସ୍ୱ ମତ ଉପସ୍ଥାପନ କରି ପାରିବେ ବୋଲି ବୈଠକରେ ସ୍ଥିର କରାଯାଇଛି ।

## ଭୋଜପୁର କଲେଜରେ ଗାନ୍ଧୀଙ୍କ ଜୀବନ ଦର୍ଶନ ନେଇ ଆଲୋଚନାଚକ୍ର

**ଜମନକିରା, ୧୫। ୯ ( ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଭୋଜପୁର ବିଆର୍‌ଜି କଲେଜରେ ଗାନ୍ଧୀ ଜୀବନ ଦର୍ଶନ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସାଂସ୍କୃତିକ ସମାଜ କାର୍ଯ୍ୟକାରୀ ସଦସ୍ୟ ତଥା ସମ୍ବଲପୁରର ପୂର୍ବତନ ଡିଏଲ୍‌ସି ଡ.ସନ୍ତୋଷ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ହୃଷିକେଶ ପୂଜାରୀ, ଡିଭିଜିନାଲ ମ୍ୟାନେଜର ରାମାନୁଜ ପଣ୍ଡା ପ୍ରମୁଖ ଯୋଗଦେଇ ଗାନ୍ଧୀ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ପୂଜାରୀ ସତ୍ୟାଗ୍ରହର ବାଖ୍ୟା କରିଥିବାବେଳେ ପଣ୍ଡା ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଦାଶ ଗାନ୍ଧୀଙ୍କ ଦର୍ଶନକୁ ଦୈନନ୍ଦିନ ଜୀବନ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳ ଗାନ୍ଧୀଜୀଙ୍କ ଆଦର୍ଶର ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ତପନ ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଭୋଜପୁର କଲେଜରେ ଗାନ୍ଧୀଙ୍କ ଜୀବନ ଦର୍ଶନ ନେଇ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।




ପ୍ରଧାନପାଲି ପାବନ ସରବୋରରେ ରବିବାର ଶାଶ୍ୱତ ଯୌଗିକ କୃଷି ପ୍ରଶିକ୍ଷଣ ଶିବିରରେ ଚାଷୀନେତା ଅଶୋକ ପ୍ରଧାନ ବକ୍ତବ୍ୟ ଦେଉଛନ୍ତି ।

## ଶାଶ୍ୱତ ଯୌଗିକ କୃଷି ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୧୫।୯ (ବ୍ୟୁରୋ)**

ପ୍ରଧାନପାଲି ସ୍ଥିତ ପାବନ ସରବୋରଠାରେ ରବିବାର ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶାଶ୍ୱତ ଯୌଗିକ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପକେନ୍ଦ୍ର ପରିଚାଳିକା ବ୍ରହ୍ମକୁମାରୀ ପାର୍ବତୀ, ଗ୍ରାମାଞ୍ଚଳ ବିକାଶ ବିଭାଗ ମୁଖ୍ୟ ବ୍ରହ୍ମକୁମାର ସୋମନାଥ, ବ୍ରହ୍ମକୁମାର ଦେବରାଜ, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମହାପାତ୍ର, ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, କୃଷି ବିଶ୍ୱବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ବିଜୟ କୁମାର ସେଠୀ, କୃଷି ବିଭାଗ ଅଧିକାରୀ ଶରତ ଚନ୍ଦ୍ର ପରିଡା ସମ୍ମାନିତ ବକ୍ତାଭାବେ ଯୋଗଦେଇ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଅଞ୍ଚଳର ୩ଶହ ଚାଷୀ ସାମିଲ ହୋଇଥିଲେ।

## ଫଟୋରେ ଖବର








ସମ୍ବଲପୁର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରବିବାର ଗୁରୁ ସତ୍ୟନାରାୟଣ ବହିଦାର ଉଦ୍ୟାନରେ ଚାରାରୋପଣ କରାଯାଉଛି। (ବାମ) ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ହୋଟେଲ ସଭା କକ୍ଷଠାରେ ଫଟୋ ଫିଲିକ୍ସର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଆୟୋଜକ । (ମଝି) ଫଟୋ ଫିଲିକ୍ସର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ବିଭିନ୍ନ ଅଞ୍ଚଳର ଫଟୋଗ୍ରାଫର୍ ଓ ପ୍ରତିନିଧିମାନେ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ସମୁଦ୍ର କୂଳରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**କାକଟପୁର, ୧୫।୯(ଡି.ଏନ୍.ଏ.):** ପୁରୀ ଜିଲା ଅସ୍ତରଙ୍ଗ ଉପକୂଳ ତାଲୁଅକଣି ସମୁଦ୍ର କୂଳରୁ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଅସ୍ତରଙ୍ଗ ପୋଲିସ ରବିବାର ମଧ୍ୟାହ୍ନରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଅସ୍ତରଙ୍ଗ ଥାନାରେ ୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଶରତ କୁମାର ନାୟକ କହିଛନ୍ତି। ନାୟକଙ୍କ ସୂଚନାନୁସାରେ, ତାଲୁଅକଣିସ୍ଥିତ ସମୁଦ୍ର କୂଳରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ମତ୍ସ୍ୟଜୀବୀମାନେ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ ଯୁବକଙ୍କ ବୟସ ୨୫ରୁ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ। ଅନ୍ୟ କେଉଁଆଡୁ ମୃତଦେହଟି ଭାସି ଆସିଥିବା ପୋଲିସ ସନ୍ଦେହ କରୁଛି। ଘଟଣାର ତଦନ୍ତ କରାଯାଉଛି। ପରିଚୟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ଯୁବକଙ୍କ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି।

### ଜଟଣୀ କୋର୍ଟରେ ପ୍ରଥମ ମାମଲା
#### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

**ଜଟଣୀ,୧୫।୯(ଡି.ଏନ.ଏ.):** ଜଟଣୀରେ ଶନିବାର ଉଦ୍‌ଘାଟିତ ନୂତନ କୋର୍ଟରେ ରବିବାର ପ୍ରଥମ ଏକ ମାମଲା ବିଚାର ହୋଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହୋଇଛି। ଜଟଣୀ ଥାନା ଅନ୍ତର୍ଗତ ମଣିପୁର ଗ୍ରାମର ସମୀରା ବିବିଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ସ୍ୱାମୀ ନୁର ଅଲ୍ଲୀ ଖାଁଙ୍କୁ ଗିରଫ କରି ଜଟଣୀସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରିଥିଲେ। ନୁରଅଲ୍ଲୀ ତାଙ୍କ ସ୍ତ୍ରୀ ସମିରାଙ୍କୁ ନିର୍ଯାତନା ଦେବା ସହ ଗୁରୁବାର ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସମୀରା ଆହତ ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଝାରପଡା ଜେଲ୍ ହାଜତକୁ ପଠାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କବିରାଜ ଜେନା ଓ ଅଭିଯୋଗକାରିଣୀଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ଅକ୍ଷୟ ଦାସ ମାମଲା ପରିଚାଳନା କରୁଥିଲେ। ଜଟଣୀ ଥାନାରେ ଏ ନେଇ ନଂ. ୩୪୫/୧୯ରେ ମାମଲା ରୁଜୁ ହୋଇଛି।

### ଓଡ଼ିଶାରେ ହେବ ବିପର୍ଯ୍ୟୟ ପରିଚାଳନା ଗ୍ରୀଡ୍

- ଏନ୍‌ଡିଆର୍‌ଏଫ୍ ଡିଜିଙ୍କ ସୂଚନା
- ୫ ଦେଶ କରିବେ ମିଳିତ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ

**ଭୁବନେଶ୍ୱର, ୧୫।୯(ବ୍ୟୁରୋ)**

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ନିୟମିତ ବ୍ୟବଧାନରେ ବିଭିନ୍ନ ବିପର୍ଯ୍ୟୟ ଦ୍ୱାରା ରାଜ୍ୟ ବହୁଳ ଭାବେ ପ୍ରଭାବିତ ହୋଇଥାଏ। ତେଣୁ ଏହାର ସଫଳ ମୁକାବିଲା ଏବଂ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ହ୍ରାସ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଗ୍ରୀଡ୍ ପ୍ରତିଷ୍ଠା କରାଯିବ। ଏହି ଗ୍ରୀଡ୍‌ର ରାଜ୍ୟ ମୁଖ୍ୟାଳୟ ରହିବା ସହ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ପ୍ରାନ୍ତରେ ସ୍ୱତନ୍ତ୍ର କେନ୍ଦ୍ର ରହିବ। ଓଡ଼ିଶା ଗସ୍ତରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନ୍‌ଡିଆର୍‌ଏଫ୍) ଡିଜି ସତ୍ୟନାରାୟଣ ପ୍ରଧାନ ରବିବାର ଏହି ସୂଚନା ଦେଇଛନ୍ତି। ମୁଣ୍ଡୁଳିଠାରେ ଏହାର ମୁଖ୍ୟାଳୟ ହେବ ବୋଲି ଜଣାପଡିଛି। ଏହି ସ୍ଥାନରୁ ସବୁ ସ୍ଥାନକୁ ବିପର୍ଯ୍ୟୟ ସମୟରେ ଯାତାୟାତ ସୁବିଧାଜନକ ହେବ ବୋଲି ମନେ କରାଯାଉଛି। ସେହିପରି ବିପର୍ଯ୍ୟୟ ପରିଚାଳନା ବ୍ୟତୀତ ଏବେ ଠିକ୍ ଭାବେ ସହରାଞ୍ଚଳ ନିର୍ମାଣ କରିବାର ସମୟ ଆସିଥିବା ପ୍ରଧାନ କହିଛନ୍ତି। ଅଧିକରୁ ଅଧିକ ବିପର୍ଯ୍ୟୟ ପ୍ରତିରୋଧ ନିର୍ମାଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ସହରାଞ୍ଚଳରେ ହେଉଥିବା ବନ୍ୟା ଏବଂ କ୍ଷୟକ୍ଷତିକୁ ରୋକାଯାଇ ପାରିବ। ପବନର ଗତିରୋଧକୁ ନିୟନ୍ତ୍ରଣ କରିପାରୁଥିବା ଜଙ୍ଗଲ ସୃଷ୍ଟି ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଖୁବଶୀଘ୍ର ବାଂଲାଦେଶ, ଭାରତ,ମ୍ୟାନମାର, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ(ବିଆଇଏମ୍‌ଏସ୍‌ଟି) ରାଜ୍ୟରେ ମିଳିତଭାବେ ସମରାଭ୍ୟାସ କରିବେ ବୋଲି ମଧ୍ୟ ସତ୍ୟ ନାରାୟଣ ସୂଚନା ଦେଇଛନ୍ତି।

# ଆଖିବୁଜିଲା ଚନ୍ଦନ
## ମ୍ୟୁଜିୟମରେ ରହିବ ଦାନ୍ତ

**ବାରଙ୍ଗ,୧୫।୯(ଡି.ଏନ.ଏ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ହାତୀସଫାରିର ହାତୀଶାଳରେ ଥିବା ଏକମାତ୍ର ଅଣ୍ଡିରା ଦନ୍ତା ହାତୀଛୁଆ ଚନ୍ଦନର ମୃତ୍ୟୁ ଘଟିଛି। ଚନ୍ଦନର ମୃତ୍ୟୁ ପରେ ତା'ର ସେବା କରୁଥିବା ମାହୁନ୍ତମାନେ ଭାଙ୍ଗିପଡ଼ିଛନ୍ତି। କାରଣ ସେ ସମସ୍ତଙ୍କଠାରୁ ଛୋଟ ଓ ଚଗଲାମୀ ଥିବାରୁ ସମସ୍ତ ମାହୁନ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲା। ଶନିବାର ବିଳମ୍ବିତ ରାତିରେ ତା'ର ମୃତ୍ୟୁ ହୋଇଥିବାବେଳେ ରବିବାର ବ୍ୟବଚ୍ଛେଦ ହେବା ପରେ ଏକ ହରପିସ ଭାଇରସରେ ଆକ୍ରମଣ ହୋଇ ରକ୍ତନଳୀ ସବୁ କଣା ହୋଇଯିବାରୁ ମୃତ୍ୟୁ ହୋଇଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ସାଧାରଣରେ ଚନ୍ଦନର ହଠାତ ମୃତ୍ୟୁକୁ କର୍ମଚାରୀମାନେ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ଡାକ୍ତରମାନଙ୍କ ରୋଗ ନିରୂପଣରେ ବିଫଳତା ଯୋଗୁ ମୃତ୍ୟୁ ଘଟିଲା ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ଦନ୍ତାହାତୀ ଚନ୍ଦନର ମୃତ୍ୟୁ ପରେ ତା' ଦାନ୍ତକୁ ରାଜ୍ୟ ସଂଗ୍ରହାଳୟରେ ରଖାଯିବ ବୋଲି ଜଣାପଡ଼ିଛି। ବାପାମାଆଙ୍କୁ ହରାଇ ୪ମାସର ହୋଇଥିବାବେଳେ ୨୮ଜୁଲାଇ ୨୦୧୦ରେ ଚନ୍ଦକା-ଡମପଡା ଡିଭିଜନରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିବାପରେ ଏହାର ନାମ ଚନ୍ଦନ ରଖାଯାଇଥିଲା।

ଚନ୍ଦନର ମୃତ୍ୟୁପରେ ନନ୍ଦନକାନନରେ ହାତୀ ସଂଖ୍ୟା ହ୍ରାସ ପାଇ ୬ଟି କେବଳ ମାଈ ହାତୀ ଥିବାର ଜଣାପଡିଛି। ସେମାନଙ୍କ ମଧ୍ୟରେ ପ୍ରେମା, ବାସନ୍ତି, ହୀରା, ଗୌରୀ, କମଳା ଓ ମାମା ଅଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ୨୫ରେ ହାତୀ ଜୁଲି ହରପିସ ଭାଇରସରେ ଆକ୍ରାନ୍ତ ହୋଇ ମୃତ୍ୟୁ କରିଥିବାର ବ୍ୟବଚ୍ଛେଦ ରିପୋର୍ଟରେ ଜଣାପଡିଥିଲା। ଏହାର ୨୧ଦିନ ପରେ ଚନ୍ଦନ ମଧ୍ୟ ଏହି ଭାଇରସରେ ଆକ୍ରାନ୍ତ ହୋଇଥିଲା। ଗତ ୧୩ତାରିଖରେ ଚନ୍ଦନ ଅସୁସ୍ଥ ହେବା କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିଲା। ଫଳରେ ମାହୁନ୍ତମାନେ ଡାକ୍ତରଙ୍କୁ ଜଣାଇବାରୁ ତାକୁ ଇଞ୍ଜେକ୍ସନ ଓ ଔଷଧ ଦିଆଯାଇଥିଲା। କିନ୍ତୁ ଚନ୍ଦନର ସ୍ୱାସ୍ଥ୍ୟ ଆହୁରି ବିଗିଡିବାରେ ଲାଗିଥିଲା। ତେବେ ୧୪ତାରିଖରେ ଚନ୍ଦନର ମୁହଁ ଫୁଲିଯିବା ସହ ଚଲାବୁଲା ମଧ୍ୟ ନ ହେବାରୁ ମାହୁନ୍ତମାନେ ପୁଣି ଡାକ୍ତରଙ୍କୁ ଜଣାଇଥିଲେ। ଡାକ୍ତରମାନେ ପୁଣି ସାଲାଇନ ଓ ଇଞ୍ଜେକ୍ସନ ଦେଇଥିଲେ ସୁଦ୍ଧା ସନ୍ଧ୍ୟା ଭିତରେ ଚନ୍ଦନ ଉଠିପାରି ନ ଥିଲା। ଫଳରେ ରାତିରେ ଝାଡ଼ା, ପରିଶ୍ରା ହେବାରୁ ପୁଣି ରାତି ୨ଟାରେ ଇଞ୍ଜେକ୍ସନ ଦିଆଯାଇଥିଲା। ତେବେ କିଛି ସମୟ ପରେ ଚନ୍ଦନର ମୃତ୍ୟୁ ହୋଇଯାଇଥିଲା। ରବିବାର ଅପରାହ୍ଣରେ ବ୍ୟବଚ୍ଛେଦ ହୋଇ ରିପୋର୍ଟ ଆସିବା ପରେ ଚନ୍ଦନ ଜୁଲି ଭଳି ହରପିସ ଭାଇରସରେ ଆକ୍ରାନ୍ତ ହୋଇ ମୃତ୍ୟୁ ହେଲା ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।



### ଚନ୍ଦନକୁ ଝୁରୁଛନ୍ତି ମାହୁନ୍ତ

ଚନ୍ଦନ ହାତୀ ବଂଶବୃଦ୍ଧିର ମଙ୍ଗୁଆଳ ସାଜିବାକୁ ଯାଇଥିଲା। ଦନ୍ତା ହୋଇଥିବାରୁ ଦୁଷ୍ଟାମି ହାତୀଶାଳରେ କରୁଥିଲା। ଚନ୍ଦନର ମୃତ୍ୟୁ ପରେ ପ୍ରଥମଠାରୁ ସେବା ଶୁଶ୍ରୂଷା କରି ବଡ କରିଥିବା ତା'ର ମାହୁନ୍ତ ଗଙ୍ଗାରାମ ଖମାରୀ କାନ୍ଦିଥିଲା। କେବଳ ଗଙ୍ଗାରାମ ନୁହେଁ ହାତୀଶାଳରେ ଥିବା ଶ୍ୟାମ ସିଂ, ଅର୍ଜୁନ ଖମାରି, କାରିଆ ହାସଦା, ବିଶ୍ୱନାଥ ଭୋଇ, ଧିରେନ ସାମଲ, ପ୍ରଦୀପ୍ତ ବାଗ ସମସ୍ତଙ୍କର ପ୍ରିୟ ରହିଥିଲା ଚନ୍ଦନ। ଚଗଲାମି କରୁଥିଲା କିନ୍ତୁ ସମସ୍ତଙ୍କ କଥା ମାନୁଥିବାରୁ ସମସ୍ତ ମାହୁନ୍ତମାନେ ଝୁରିବାକୁ ଆରମ୍ଭ କରିଛନ୍ତି।

### ଦୁଇ ଛୋଟ ହାତୀକୁ ପ୍ରାଥମିକ ଭାବେ ଅଲଗା ରଖାଯିବ

ଦୁଇ ଭୁତାଣୁଜନିତ ଭାଇରସ ରୋଗ ପାଇଁ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବା ସହ ଆଣ୍ଟିଭାଇରାଲ ଔଷଧ ଦେବାର ବ୍ୟବସ୍ଥା ହେଉଛି। ସମସ୍ତ ହାତୀମାନଙ୍କର ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବାର ଯୋଜନା ଚାଲିଛି। ପ୍ରାଥମିକ ପର୍ଯ୍ୟାୟରେ ଛୋଟ ହାତୀ ହୀରା ଓ ମାମାକୁ ଅଲଗା କରାଯିବ। ଅନ୍ୟପଟେ ମୃତ ଚନ୍ଦନର ଦାନ୍ତ ଦୁଇଟା ମ୍ୟୁଜିୟମରେ ରଖିବାର ବ୍ୟବସ୍ଥା ହେଉଛି ବୋଲି ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ ଅଶୋକ କୁମାର ଦାସ କହିଛନ୍ତି।

### ଚିନ୍ତା ବଢ଼ାଇଲା ଦୁଇ ନୂଆ ଭାଇରସ

ନନ୍ଦନକାନନ ପାଇଁ କାଳସାଜିବାକୁ ଯାଉଛି ହରପିସ ଓ ପାର୍‌ବୋ ଭାଇରସ। ବାତ୍ୟା ପରଠାରୁ ଏହି ନୂଆରୋଗର ପ୍ରଭାବ ପଡିଛି। ଜଳବାୟୁ ପରିବର୍ତ୍ତନ ବେଳେ ଏହାର ପ୍ରଭାବ ଦେଖାଦେଇଥାଏ। ଏହା ନନ୍ଦନକାନନରେ ନୂଆ ହୋଇଥିବାବେଳେ ଗତ ଦୁଇବର୍ଷ ତଳେ ଆଠଗଡ, ଆସାମ, କର୍ନାଟକରେ ଏହି ଭାଇରସରେ ବହୁ ହାତୀ ମରିଛନ୍ତି। ଏହାର ଭ୍ୟାକସିନ ଅଦ୍ୟାବଧି ନାହିଁ ବୋଲି ଉପନିର୍ଦ୍ଦେଶକ ଦାସ କହିଛନ୍ତି। ଅନ୍ୟପଟେ ଜୁଲିହାତୀର ବ୍ୟବଚ୍ଛେଦ ରିପୋର୍ଟରେ ହରପିସ ଭାଇରସ ଆକ୍ରାନ୍ତ ଯୋଗୁ ଏପରି ହେଲା ବୋଲି କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ ମଧ୍ୟ କୌଣସି ପ୍ରତିକାର କରି ନ ଥିବାରୁ ଚନ୍ଦନର ମଧ୍ୟ ଏହି ଭାଇରସରେ ମୃତ୍ୟୁ ହେଲା ବୋଲି ଜଣାପଡିଛି। ନନ୍ଦନକାନନରେ ୩ଜଣ ଡାକ୍ତର ରହିଥିବାବେଳେ ମାସିକ ୧ଲକ୍ଷ ଟଙ୍କାର ଔଷଧ ଜୀବଜନ୍ତୁମାନଙ୍କ ପାଇଁ ଖର୍ଚ୍ଚ ହେଉଛି। ଏହାସହ ଓୟୁଏଟିର ବିଶେଷଜ୍ଞମାନଙ୍କ ପଶୁପକ୍ଷୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ ପାଇଁ ବାର୍ଷିକ ୨୫ଲକ୍ଷ ଟଙ୍କା ନନ୍ଦନକାନନ ଖର୍ଚ୍ଚ କରୁଛି। ପୁଣି ନନ୍ଦନକାନନ ଭିତରେ ବିଭିନ୍ନ ପରୀକ୍ଷା ପାଇଁ ଲକ୍ଷାଧିକ ଟଙ୍କାର ଆନୁସଙ୍ଗିକ ଯନ୍ତ୍ରପାତି କିଣାଯାଇଛି। ଏହାସତ୍ତ୍ୱେ ରୋଗ ନିରୂପଣ ଠିକ ହେଉ ନ ଥିବାର ଅଭିଯୋଗ ହେଉଛି। ଜୁଲିର ମୃତ୍ୟୁପରେ ଏହାର ପ୍ରତିଷେଧକ ପାଇଁ ବ୍ୟବସ୍ଥା କରିଥିଲେ ଏପରି ହୋଇ ନ ଥାନ୍ତା ବୋଲି କର୍ମଚାରୀମାନେ କହିଛନ୍ତି। ପୂର୍ବରୁ ମୃତ୍ୟୁ କରିଥିବା ଆଫ୍ରିକୀୟ ସିଂହ ପାର୍‌ବୋ ଭାଇରସରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଥିବାର ବ୍ୟବଚ୍ଛେଦ ରିପୋର୍ଟରେ ଜଣାପଡିଥିଲା। ପ୍ରାୟତଃ କୁକୁରମାନେ ଏଥିରେ ଆକ୍ରାନ୍ତ ହେଉଥିବାବେଳେ ପ୍ରଥମକରି ଆଫ୍ରିକୀୟ ସିଂହଦେହରେ ଏହି ଭୁତାଣୁ ଦେଖାଦେଇଥିଲା। ଏହାର ଭ୍ୟାକସିନ ନଥିବା ବେଳେ ଆଣ୍ଟିଭାଇରାଲ ଔଷଧ ସିଂହମାନଙ୍କୁ ପ୍ରଦାନ କରାଯାଉଛି।



### ଭୁଶୁଡ଼ିଲା ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପାଚେରି

**ପୁରୀ ଅଫିସ, ୧୫।୯:** ବିପଦସଙ୍କୁଳ ଅବସ୍ଥାରେ ଥିବା ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପାଚେରି ରବିବାର ଭୁଶୁଡ଼ି ପଡ଼ିଛି। ଏହା ସହ ପୋଖରୀର ଏକ ପାର୍ଶ୍ୱ ପାଚେରି ଦବିଯାଇଛି। ଦୀର୍ଘଦିନ ଧରି ଏହାର ପାଚେରି ବିପଦସଙ୍କୁଳ ଅବସ୍ଥାରେ ରହିଥିବାବେଳେ ପ୍ରଶାସନର ଅବହେଳାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମାର୍କଣ୍ଡ, ଶ୍ୱେତଗଙ୍ଗା, ଶ୍ରୀମନ୍ଦିରରେ ଥିବା ରୋହିଣୀକୁଣ୍ଡ, ମହୋଦଧି ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ପଞ୍ଚତୀର୍ଥ ବୋଲି କୁହାଯାଏ। ଏଠାରେ ସ୍ନାନକଲେ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ଶ୍ରୀକ୍ଷେତ୍ରର ବିକାଶ ପାଇଁ ସରକାର ଉଚ୍ଛେଦ କରୁଥିବାବେଳେ ଐତିହ୍ୟର ସଂରକ୍ଷଣ ସହ ଏହି ପୁଷ୍କରିଣୀର ପୁନରୁଦ୍ଧାର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### କୂଳ ଛାଡ଼ିଲା ମାଲେସିଆ ଜାହାଜ

**ବ୍ରହ୍ମଗିରି, ୧୫।୯(ଡି.ଏନ୍.ଏ.)**



ଜାହାଜ ମୂଳରୁ ଜେସିବି ସାହାଯ୍ୟରେ ବାଲି କଢ଼ାଯାଉଛି।

ବହୁ ପରିଶ୍ରମ ପରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାଜହଂସ କୂଳରେ ଲାଗିଥିବା ମାଲେସିଆ ଜାହାଜ ଜିନ୍ ହ୍ୱା କୂଳ ଛାଡ଼ିଛି। ଏହାକୁ ଉଦ୍ଧାର କରିବା ପାଇଁ ଶନିବାର ପହଞ୍ଚିଥିବା ଏମ୍‌ଭି ଚିତା ନାମକ ଜାହାଜ ସାହାଯ୍ୟରେ ରବିବାର ରାତି ୯ଟା ୩୦ରେ ଜିନ୍ ହ୍ୱାକୁ ସମୁଦ୍ର ମଧ୍ୟକୁ ନିଆଯାଇଥିବା ଜଣାପଡ଼ିଛି। ରବିବାର ସକାଳୁ ଏହି ଜାହାଜଟି ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା। ଏମ୍‌ଭି ଚିତା ଉପକୂଳଠାରୁ ପ୍ରାୟ ଦେଢ କିଲୋମିଟର ଗଭୀର ସମୁଦ୍ରରେ ରହି ଚେନ ସାହାଯ୍ୟରେ ଭିଡିବା ପାଇଁ ଚେଷ୍ଟା କରିଥିଲା। ମାତ୍ର ଜିନ ହ୍ୱା ବାଲିରେ ପୋତି ହୋଇଯାଇଥିବାରୁ ଏହାକୁ ଟାଣିବା ସମ୍ଭବପର ହୋଇ ନ ଥିଲା। ଜାହାଜକୁ ଉପକୂଳରୁ ଘୁଞ୍ଚାଇବା ପାଇଁ ଜେସିବି ସାହାଯ୍ୟରେ ବାଲି କଢା ଯାଇଥିଲେ ମଧ୍ୟ ବାରମ୍ବାର ବାଲି ଧସି ଆସି ଜାହାଜ ସହ ଲାଖି ଯାଉଥିଲା। ଶେଷରେ ମାଲେସିଆରୁ ଆସିଥିବା ୮ଜଣିଆ ଟିମ୍ ଜାହାଜକୁ କାଢ଼ିବାରେ ସଫଳ ହୋଇଥିଲେ।

ମାଲେସିଆର ଜିନ ହ୍ୱା ଜାହାଜ ଗତ ମାସ ୮ ତାରିଖରେ ବୈଷୟିକ ତ୍ରୁଟି ଯୋଗୁ ରାଜହଂସ ନିକଟରେ ଲାଗିଥିଲା। ଏହାର କଣ୍ଟେନରଟି ଅଲଗା ହୋଇ ସମୁଦ୍ର ଜୁଆର ମାଡରେ କ୍ଷତିଗ୍ରସ୍ତ ହୋଇ ଓଲଟି ପଡିଥିଲା। ଜାହାଜରେ ଭରିରହିଥିବା ତେଲ ଚିଲିକାର ଜୈବ ବିବିଧତା ଉପରେ ପ୍ରଭାବ ପକାଇବାର ଆଶଙ୍କା କରି ଏହାକୁ ତୁରନ୍ତ ନେବା ପାଇଁ ପ୍ରଶାସନ ତରଫରୁ ଜାହାଜର ମାଲିକଙ୍କୁ ନୋଟିସ କରାଯାଇଥିଲା। ପରବର୍ତ୍ତି ସମୟରେ ଏହି ଜାହାଜରେ ଥିବା ତେଲକୁ ପ୍ରଶାସନ ତରଫରୁ କଢାଯାଇଥିଲା। ତେଲ କଢା ଯିବାର ସାତ ଦିନ ମଧ୍ୟରେ ଜାହାଜଟିକୁ ଉପକୂଳରୁ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ମାଇକ୍ରୋ ଫାଇନାନ୍ସ ଚକ୍ରବ୍ୟୂହରେ ମହିଳା

**ଜାମଟିକ୍ରା, ୧୫।୯ (ଡି.ଏନ.ଏ)**

ବରଗଡ ଜିଲାର ଅତାବିରା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଗତ କିଛି ବର୍ଷ ହେଲା କେତେକ ମାଇକ୍ରୋ ଫାଇନାନ୍ସ କମ୍ପାନୀ ନିଜର ବ୍ୟବସାୟ ଜାରି ରଖିଛନ୍ତି। ଏହି କମ୍ପାନୀ ଗୁଡିକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମହିଳା ଗୋଷ୍ଠୀ କରି ସେମାନଙ୍କୁ ଅର୍ଥ ଋଣ ଦେଉଛନ୍ତି। କିନ୍ତୁ ସାପ୍ତାହିକ ଭାବେ ଯେଉଁ ଅର୍ଥ ସଂଗ୍ରହ କରୁଛନ୍ତି ତାହା ମହାଜନଙ୍କ ଚକ୍ରବୃଦ୍ଧି ସୁଧଠାରୁ ବଳିଯାଉଛି। ଅତାବିରା ଅଞ୍ଚଳରେ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଆଳରେ ମାଇକ୍ରୋ ଫାଇନାନ୍ସ ନାମରେ ଲକ୍ଷ ଲକ୍ଷ ଟଙ୍କାର କାରବାର ଚାଲିଛି। ମହିଳାମାନଙ୍କୁ ଦିଆଯାଉଥିବା ଋଣ ବାବଦକୁ ୨୨ ପ୍ରତିଶତରୁ ୩୬ ପ୍ରତିଶତ ଯାଏଁ ସୁଧ ଆଦାୟ କରାଯାଉଛି। କେତେକ ମାଇକ୍ରୋ ଫାଇନାନ୍ସ କମ୍ପାନୀ ବିଭିନ୍ନ ବ୍ୟାଙ୍କ ତୁଳନାରେ ତିନି ଗୁଣ ଅଧିକ ସୁଧ ଆଦାୟ କରୁଛନ୍ତି। ଏହି ଋଣ କାରବାର ପ୍ରକୃତରେ ଗ୍ରାମାଞ୍ଚଳର ମହିଳା ଗୋଷ୍ଠୀଙ୍କୁ ଅର୍ଥନୈତିକ ଭାବେ ସୁଦୃଢ଼ କରିବା ବଦଳରେ ଦେବାଳିଆ କରିପକାଉଛି। ସହଜରେ ହାତ ପାଆନ୍ତାରେ ଋଣ ମିଳି ଯାଉଥିବାରୁ ଅଧିକାଂଶ ମହିଳା ଏଭଳି ଋଣ ନେବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ସରକାର ମହିଳା ସଶକ୍ତୀକରଣ ପାଇଁ ଏସ୍‌ଏଚଜି ମହିଳାଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏହି ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ବଡି, ପାମ୍ପଡ, ଆଚାର ଭଳି ଘରୋଇ ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ରଖାଯାଇଛି। ସରକାର କମ୍ ସୁଧରେ ମହିଳା ଗୋଷ୍ଠୀମାନଙ୍କୁ ଋଣ ମଞ୍ଜୁର କରି ବିଭିନ୍ନ ବ୍ୟବସାୟ ପାଇଁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଗୁଡିକ ମହିଳାମାନଙ୍କୁ ଟାର୍ଗେଟ କରି ଆକର୍ଷଣୀୟ ଯୋଜନା ପ୍ରସ୍ତୁତ କରି ଋଣ ମଞ୍ଜୁର କରୁଛନ୍ତି। କେବଳ ଆଧାର କାର୍ଡର ଫଟୋ କପି, ଗୋଟିଏ ଫଟୋ ଦେଲେ ତାହା ଋଣ ମଞ୍ଜୁର ପାଇଁ ଯଥେଷ୍ଟ ହେଉଛି । ଏହି କମ୍ପାନୀ ଗୁଡିକ ପଞ୍ଜୀକରଣ ହୋଇଛି କି ନାହିଁ ତାହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଅତାବିରାର ଜଣେ ମହିଳା ସୀତା ତାଣ୍ଡି କୁହନ୍ତି, ମୁଁ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ଋଣ ନେଇ ମୋ ପୁଅକୁ କଲେଜରେ ନାମ ଲେଖାଇବି । ସୁଧ ଯାହା ନେଲେ ବି କ'ଣ କରିବି । ଋଣ ନେବାକୁ ପରିସ୍ଥିତି ମୋତେ ବାଧ୍ୟ କରୁଛି । ସେହିପରି ସିଲାଟର ମିନତୀ ମିର୍ଦ୍ଧା କୁହନ୍ତି, ମୁଁ ୨୫ ହଜାର ଋଣ ଆଣିଛି । ତାହା ମାସିକ ହିସାବରେ ଦେଢ଼ ବର୍ଷ ପର୍ଯ୍ୟନ୍ତ ୨୨ ପ୍ରତିଶତ ସୁଧ ସହିତ ସୁଝିବି । ସୁଧ ଟିକିଏ ଅଧିକ ହେଉଛି । ଅତାବିରା ଅଞ୍ଚଳରେ ଅନେକ ଅର୍ଥ ଲଗାଣ ସଂସ୍ଥା ମହିଳାମାନଙ୍କଠାରୁ ଅଧିକ ସୁଧ ନେଇ ଶୋଷଣ କରୁଛନ୍ତି । ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସଚେତନ ନାଗରିକ ବିନୋଦ ସାହୁ ମତବ୍ୟକ୍ତ କରିଛନ୍ତି ।

### ପୁରୀ ମଙ୍ଗୁ ମଠ ଉଚ୍ଛେଦ ପ୍ରସଙ୍ଗ
## ଜିଲାପାଳଙ୍କ ସହ ଶିଖ୍ ପ୍ରତିନିଧି ଦଳର ଆଲୋଚନା



**ପୁରୀ ଅଫିସ, ୧୫।୯**

ଶ୍ରୀମନ୍ଦିର ସୁରକ୍ଷା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଘନାଦ ପାଚେରି ଚାରିପଟୁ ୭୫ ମିଟର ପରିଧିରେ ଆସୁଥିବା ସମସ୍ତ କୋଠା, ମଠ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ଏମାର, ମଙ୍ଗୁଳି ଏବଂ ବଡଆଖଡା ମଠ ମାଟିରେ ମିଶିଯାଇଥିବାବେଳେ ମଙ୍ଗୁ ମଠ ଉଚ୍ଛେଦ ଲାଗି ପ୍ରଶାସନ ନୋଟିସ ଜାରି କରିଛି। ଶିଖ୍ ଗୁରୁ ନାନକ ଦେବଙ୍କ ସହ ଜଡିତ ମଙ୍ଗୁ ମଠ ନ ଭାଙ୍ଗିବା ଲାଗି ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ ଟୁଇଟର୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ରବିବାର ଦିଲ୍ଲୀ ଗୁରୁଦ୍ୱାର ଶିରୋମଣି ପ୍ରବନ୍ଧନ କମିଟିର ୫ଜଣିଆ ପ୍ରତିନିଧି ଦଳ ପୁରୀ ଜିଲାପାଳଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସେମାନେ ମଙ୍ଗୁ ମଠ ଏବଂ ପଞ୍ଜାବୀ ମଠ ସ୍ଥିତି ଅନୁଧ୍ୟାନ କରିଥିଲେ। କମିଟିର ଲିଗାଲ ସେଲ ଚେୟାରମ୍ୟାନ ଜଗଦୀଶ ସିଂ କୋହଲେନଙ୍କ ନେତୃତ୍ୱରେ ସରବଜିତ ସିଂ ଧିରକ୍, ଭୂପେନ୍ଦ୍ର ସିଂ ଭୁଲାର, ହରଜିତ ସିଂ ପାପାଙ୍କ ସମେତ ପୁରୀ ଗୁରୁଦ୍ୱାର ଆରତି ସାହେବର ବାବା ସମସେର ସିଂ, ଆଇନଜୀବୀ ବିଶ୍ୱଜିତ ସେନାପତି, ଜଗଦୀପ ସିଂ, ରବି ନାରାୟଣ ସାମନ୍ତରାୟ ପ୍ରମୁଖ ଆସିଥିଲେ। ମଠ ନ ଭାଙ୍ଗିବାକୁ ଜିଲାପାଳ ବଲୱନ୍ତ ସିଂଙ୍କୁ ଅନୁରୋଧ କରିଛନ୍ତି। ମଠ ସମ୍ପତ୍ତି ସମ୍ପୂର୍ଣ୍ଣ ଜବରଦଖଲରେ ରହିଛି। ତେଣୁ ରାଜ୍ୟ ସରକାର ଏସବୁକୁ ଭାଙ୍ଗିବାକୁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ମଠ ବିଜେ ସ୍ଥଳୀ, ମହନ୍ତଙ୍କ ଗାଦି, ରୋଷଘରକୁ ଭଙ୍ଗାଯିବ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ଏବଂ ମଠର ପନରୁଦ୍ଧାର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା କମିଟିର ଲିଗାଲ ସେଲ ଚେୟାରମ୍ୟାନ କୋହଲେନ ଜଣାଇଛନ୍ତି। ତେବେ ଜିଲାପାଳ ଯାହା କହୁଛନ୍ତି ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

### ମହାନଦୀରୁ ମିଳିଲା ବିରଳ ପ୍ରଜାତିର ମାଛ, କଇଁଛ

**ଗଣ୍ଡତୁରୁମ, ୧୫।୯ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ଅଞ୍ଚଳରେ ପ୍ରବାହିତ ମହାନଦୀରେ ବିରଳ ପ୍ରକାର ମାଛ ଓ କଇଁଛ ଦେଖିବାକୁ ମିଳିଛି। ରବିବାର ବ୍ରାହ୍ମଣତୁରୁମ ଗ୍ରାମର ପ୍ରେମସାଗର ତରିଆ ନଦୀରେ ମାଛ ମାରୁଥିବା ସମୟରେ ଏହି ମାଛ ଓ କଇଁଛ ତାଙ୍କ ଜାଲରେ ପଡିଥିଲେ। ମାଛର ଚିତାକୁଟା ହୋଇଛି । ଏହାର ଶରୀର କଣ୍ଟକ ଯୁକ୍ତ ରହିଛି। ଏହାକୁ ଭଲଭାବେ ଅନୁଧ୍ୟାନ କଲେ ଅନେକ ଦେବଦେବୀ ଓ ଶ୍ରୀ ଜଗନ୍ନାଥଙ୍କ ପ୍ରତିଛବି ପ୍ରତିଫଳିତ ହେଉଛି । ସେପରି ମାଛ ଶରୀରରେ ରାମଚିତା, ଶିବ ଡମ୍ବରୁ ଚିହ୍ନ ଥିବା ଅନୁମାନ ହେଉଛି । ଉକ୍ତ ଜାଲରେ ଆଉ ଏକ ଭିନ୍ନ ଧରଣର ବିରଳ ପ୍ରଜାତିର କଇଁଛ ଦେଖିବାକୁ ମିଳିଛି । ଏହାର ରଙ୍ଗ ସମ୍ପୂର୍ଣ୍ଣ ହଳଦିଆ ଏବଂ ଅନ୍ୟ କଇଁଛଠାରୁ ଏହା ଦେଖିବାକୁ ଭିନ୍ନ । ମତ୍ସ୍ୟଜୀବୀ ଏହି ମାଛ ଓ କଇଁଛଙ୍କୁ ମହାନଦୀ ପାଣିରେ ଛାଡିଦେଇଥିବା ଜଣାପଡିଛି ।




ମହାନଦୀରୁ ମିଳିଥିବା ବିରଳ ପ୍ରଜାତିର ମାଛ ଓ କଇଁଛ ।

**ସଂକ୍ଷେପରେ**

## ସଚିନ ତେନ୍ଦୁଲକର ହୋଇପାରନ୍ତି ଓଡ଼ିଶା ଟୁରିଜମ୍ ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ବର, ୧୫।୯(ବ୍ୟୁରୋ)**

ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ଜଣେ ପରିଚିତ ଚେହେରା ହୋଇପାରନ୍ତି ଟୁରିଜମ୍ ବ୍ରାଣ୍ଡ୍ ଆମ୍ବାସାଡର। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ହୋଇପାରନ୍ତି ଓଡ଼ିଶା ପର୍ଯ୍ୟଟନର ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର। ଏନେଇ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇ ନ ଥିଲେ ମଧ୍ୟ ଆଲୋଚନା ଜୋର୍ ଧରିଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତା'ହେଲେ ଖୁବ୍‌ଶୀଘ୍ର ତେନ୍ଦୁଲକର ଓଡ଼ିଶାର ଉତ୍କୃଷ୍ଟ ପର୍ଯ୍ୟଟନ ସମ୍ପଳକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ଲାଟଫର୍ମରେ ପ୍ରମୋଟ କରୁଥିବାର ଦେଖିବାକୁ ମିଳିବ।

ବିଦେଶୀ ଏବଂ ଦେଶୀୟ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାକୁ ଜଣେ ଖ୍ୟାତନାମା ସେଲିବ୍ରିଟିଙ୍କୁ ଓଡ଼ିଶା ଟୁରିଜମ୍ 'ବ୍ରାଣ୍ଡ୍ ଆମ୍ବାସାଡର' କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଗୁଜରାଟ, ପଶ୍ଚିମବଙ୍ଗ, ଆସାମ ଓ ଆନ୍ଧ୍ରପ୍ରଦେଶ ପରି ରାଜ୍ୟ ଅମିତାଭ ବଚ୍ଚନ, ଶାହରୁଖ୍ ଖାନ, ପ୍ରିୟଙ୍କା ଚୋପ୍ରା ଓ ଅଜୟ ଦେବଗନ ଭଳି ବଲିଉଡ୍ ସେଲିବ୍ରିଟିଙ୍କୁ ସେମାନଙ୍କ ପର୍ଯ୍ୟଟନର ବ୍ରାଣ୍ଡ୍ ଆମ୍ବାସାଡର କରିଥିବାବେଳେ ଓଡ଼ିଶା ଏ କ୍ଷେତ୍ରରେ ବହୁପଛରେ ପଡ଼ିଯାଇଛି। ସେଲିବ୍ରିଟି ଆମ୍ବାସାଡର ନ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ହେବା ସତ୍ତ୍ବେ ରାଜ୍ୟ ପର୍ଯ୍ୟଟନ ସେଭଳି ଲୋକଲୋଚନକୁ ଆସିପାରୁନାହିଁ। ଏନେଇ ବିଭିନ୍ନ ସମୟରେ ହୋଟେଲିୟର ଏବଂ ଟୁର୍ ଅପରେଟରମାନେ ଅଭିଯୋଗ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିଥିବାବେଳେ ଟିଭି ଚ୍ୟାନେଲ ବିଜ୍ଞାପନରେ ଓଡ଼ିଆ ଅଭିନେତ୍ରୀ, ଅଭିନେତାଙ୍କୁ ପ୍ରାୟତଃ ଦେଖିବାକୁ ମିଳୁଛି। ମାତ୍ର ଦେଶ କିମ୍ବା ଦେଶ ବାହାରେ ଏହି ଅଭିନେତ୍ରୀ, ଅଭିନେତାମାନେ ପରିଚିତ ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ଆକୃଷ୍ଟ କରିବାରେ ବିଫଳ ହେଉଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ଷ୍ଟାର୍ କ୍ରିକେଟର୍ ତଥା କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ରାଜ୍ୟ ପର୍ଯ୍ୟଟନର ଆମ୍ବାସାଡର କରିବାକୁ ବିଭାଗ ଚିନ୍ତା କରିଛି। ଏନେଇ ତେନ୍ଦୁଲକରଙ୍କ ସହ କଥାବର୍ତ୍ତା ଚାଲିଥିବାବେଳେ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ତେଣୁ ସଚିନଙ୍କ ବ୍ରାଣ୍ଡ୍ ଭାଲ୍ୟୁ ବଲିଉଡ୍ କଳାକାରଙ୍କଠାରୁ ମଧ୍ୟ ବିଶେଷ ଅଧିକ। ଏଭଳିସ୍ଥଳେ ଯଦି ସେ ଓଡ଼ିଶା ପର୍ଯ୍ୟଟନର ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବିଜ୍ଞାପନରେ ନଜର ଆସନ୍ତି ତା'ହେଲେ ରାଜ୍ୟ ପର୍ଯ୍ୟଟନ ବିଶ୍ୱସ୍ତରରେ ବିଶେଷଭାବେ ପରିଚିତ ହୋଇପାରିବ। ଓଡ଼ିଶାର ବ୍ରାଣ୍ଡିଂ କ୍ୟାମ୍ପେନକୁ ଏକ ନୂଆ ଦିଗ ମିଳିବ ଏବଂ ଆସାମ, ଗୁଜରାଟ ଓ ମଧ୍ୟପ୍ରଦେଶ ଭଳି ଓଡ଼ିଶା ଟୁରିଜମ୍ ଏକ ନୂତନ ସ୍ତରକୁ ଯାଇପାରିବ ବୋଲି ଆଲୋଚନା ହେଉଛି।

## ଡଙ୍ଗାବୁଡ଼ି ଘଟଣା: ମିଳିଲା ୨ ନିଖୋଜଙ୍କ ମୃତଦେହ

**ଚିତ୍ରକୋଣ୍ଡା, ୧୫।(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନାଞ୍ଚଳ ଯନ୍ତ୍ରୀ ପଞ୍ଚାୟତ ତୋଟାଗୁଡା ଗ୍ରାମର ୪ ଜଣ ଶୁକ୍ରବାର ନାକାମାମୁଡି ଗ୍ରାମକୁ ଯାଇ ନଦୀପାର ହୋଇ ଫେରୁଥିବା ବେଳେ ଆମ୍ବୁଲିବେଢା ନିକଟରେ ଡଙ୍ଗା ବୁଡିଯାଇଥିଲା। ଫଳରେ ସନାଦେଈ ଗଲରିଙ୍କ ମୃତ୍ୟୁ ହୋଇଥିଲା। ସନାଦେଈଙ୍କ ସ୍ବାମୀ ମଙ୍ଗଳା ଗଲରି(୩୦) ୮ମାସର ଝିଅ ଦୀପାଳି ଗଲରି ଏବଂ ସାନାତା ଶିଶା(୨୦) ନିଖୋଜ ଥିଲେ। ରବିବାର ଖୋଜାଖୋଜି କରିବାରୁ ମଙ୍ଗଳା ଏବଂ ସାନାତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଝିଅ ଦୀପାଳିଙ୍କ ମୃତଦେହ ଉଦ୍ଧାର ହୋଇପାରିନାହିଁ।

### ■ ଶାହଙ୍କ 'ଏକ ରାଷ୍ଟ୍ର ଏକ ଭାଷା' ପ୍ରସ୍ତାବ

# ବିବିଧତାକୁ କ୍ଷୁଣ୍ଣ କରିବାର ପ୍ରୟାସ

- ମାପିଚୁପି ବକ୍ତବ୍ୟ ରଖିଲେ ଭାଜପା ନେତା ପ୍ରଦୀପ
- ଯୁକ୍ତିଯୁକ୍ତ ନୁହେଁ : ସଂସ୍କୃତି ମନ୍ତ୍ରୀ
- କଂଗ୍ରେସ, ବାମପନ୍ଥୀ ଦଳର ବିରୋଧ

**ଭୁବନେଶ୍ବର, ୧୫।୯(ବ୍ୟୁରୋ)**

ଦେଶର ବିଭିନ୍ନ ସ୍ଥାନରେ ଶନିବାର ହିନ୍ଦୀ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ 'ଗୋଟିଏ ଦେଶ ଗୋଟିଏ ଭାଷା' ସପକ୍ଷରେ ମତ ଦେଇଛନ୍ତି। ଏହାକୁ ସାଧାରଣ ଭାଷା ଭାବେ ଗ୍ରହଣ କରାଗଲେ ସାରା ଦେଶକୁ ଏକତା ସୂତ୍ରରେ ବନ୍ଧାଯାଇପାରିବ ବୋଲି ଶାହ ମତ ଦେଇଛନ୍ତି। ଶାହଙ୍କ ଏଭଳି ପ୍ରସ୍ତାବକୁ ନେଇ ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟରେ ଏହାକୁ ବିରୋଧ କରାଯାଇଛି। ବହୁଭାଷୀ ତଥା ଆଞ୍ଚଳିକ ଭାଷା ସପକ୍ଷବାଦୀ ସଙ୍ଗଠନଗୁଡ଼ିକ ଶାହଙ୍କ 'ଏକ ରାଷ୍ଟ୍ର ଏକ ଭାଷା' ପ୍ରସ୍ତାବ ବିରୋଧରେ ରାସ୍ତାକୁ ମଧ୍ୟ ଓହ୍ଲାଇଛନ୍ତି। ୧୯୩୬ ଏପ୍ରିଲ ୧ରେ ଭାଷାଭିତ୍ତିରେ ଗଠିତ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ଏଠାରେ ଓଡ଼ିଆ ଭାଷା ବହୁଳ ବ୍ୟବହାର କରାଯାଇଥାଏ। ସେହିପରି ରାଜ୍ୟରେ ପ୍ରାୟ ୨୨ ପ୍ରତିଶତ ଅନୁସୂଚିତ ଜନଜାତି(ଏସ୍‌ଟି) ରହିଛନ୍ତି, ସେମାନଙ୍କର ମଧ୍ୟ ସ୍ବତନ୍ତ୍ର ଭାଷା ଏବଂ କେତେକଙ୍କର ସ୍ବତନ୍ତ୍ର ଲିପି ରହିଛି। ରାଜ୍ୟର ପଶ୍ଚିମ ପ୍ରାନ୍ତରେ କଥିତ ଭାବେ ସମ୍ବଲପୁରୀ ଭାଷାର ମଧ୍ୟ ପ୍ରଚଳନ ରହିଛି। ତେଣୁ ପ୍ରାୟ ୪ କୋଟି ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ରାଜ୍ୟରେ ଭାଷାକୁ ନେଇ ବ୍ୟାପକ ବିବିଧତା ରହିଛି। ଏପରି ସ୍ଥିତିରେ ହିନ୍ଦୀ ଭଳି ଏକ ଭାଷାକୁ ଲାଗୁ କରିବା ପାଇଁ ଦେଶର ଶୀର୍ଷସ୍ତରରୁ ଚେଷ୍ଟା କରାଯିବାକୁ ଅଧିକାଂଶ ନାପସନ୍ଦ କରିଛନ୍ତି।

କଂଗ୍ରେସ ନେତା ଗଣେଶ୍ବର ବେହେରା କହିଛନ୍ତି ଯେ, ବିବିଧତା ହିଁ ଭାରତବର୍ଷ ଏବଂ ଭାରତୀୟମାନଙ୍କର ପରିଚୟ। କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କୁହାଯାଉଥିବା ଭାଷାକୁ ଜୋର୍‌ଜବରଦସ୍ତ ଲଦିଦେବା ଆଦୌ ଗ୍ରହଣୀୟ ହେବନାହିଁ। ଏହା ଏକ ଉଦ୍ଭଟ ଚିନ୍ତାଧାରା। ନିକଟରେ କେନ୍ଦ୍ର ସରକାର ଡ୍ରାଫ୍ଟ ଏଜୁକେଶନ ପଲିସି ଦ୍ୱାରା ହିନ୍ଦୀକୁ ପ୍ରାଧାନ୍ୟ ଦେବା ପାଇଁ ଚେଷ୍ଟା କରିଥିଲେ। ହେଲେ ଦକ୍ଷିଣ ଭାରତ ଓ ଅନ୍ୟ ରାଜ୍ୟଗୁଡ଼ିକର ପ୍ରବଳ ବିରୋଧ କାରଣରୁ ସେହି ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ ହେଲେ। ସମ୍ବିଧାନ ୨୨ଟି ଭାଷାକୁ ସ୍ବୀକୃତି ଦେଇଛି। ତେଣୁ ହିନ୍ଦୀକୁ ଲଦିବାର ବୃଥା ପ୍ରୟାସ ନ କରିବାକୁ ଗଣେଶ୍ବର କହିଛନ୍ତି। ବାମପନ୍ଥୀ ନେତା ଅଲିକିଶୋର ପଟ୍ଟନାୟକ କହିଛନ୍ତି ଯେ, ଏକ ଦେଶ-ଏକ ନିର୍ବାଚନ, ଏକ ଦେଶ-ଏକ ସମ୍ବିଧାନ ଭଳି ଏକ ଦେଶ-ଏକ ଭାଷା ବ୍ୟବସ୍ଥା କଥା କହିବା ରାଷ୍ଟ୍ରର ବିବିଧତା ଉପରେ ଆକ୍ରମଣ ସଦୃଶ। ପ୍ରତି ଧର୍ମ, ଭାଷା, ଜାତି, ପ୍ରାନ୍ତରେ ସ୍ବତନ୍ତ୍ର ପରିଚୟ ରହିଛି। ଏହି ବିବିଧତା ହିଁ ଭାରତ ବର୍ଷକୁ ସୁନ୍ଦର କରିଛି। ସେହିପରି ଓଡ଼ିଶାରେ ସରକାରୀସ୍ତରରେ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବା ନେଇ ଦାବି ରହିଛି। ଏପରି କି ବ୍ୟବହାର ନ ହେଲେ ଦଣ୍ଡବ୍ୟବସ୍ଥା ମଧ୍ୟ ରହିଛି। ତେଣୁ ଏପରି ସ୍ଥିତିରେ ହିନ୍ଦୀ ଭାଷାକୁ ଲଦିଦେବା ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରାଘାତ ବୋଲି ଅଲି କହିଛନ୍ତି। ସେହିପରି ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି ଯେ, ଓଡ଼ିଆ ଆମ ରାଜ୍ୟର ଭାଷା। ହିନ୍ଦୀ ଦେଶର ଅନ୍ୟ ଏକ ଭାଷା। ଆଗାମୀ ଦିନରେ ସରକାରୀସ୍ତରରେ ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ ଭାବେ ବ୍ୟବହାର କରାଯିବ। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି, ନଥି ପ୍ରଣୟନ ଇତ୍ୟାଦି ଆରମ୍ଭ ହୋଇଛି। ତେଣୁ ଏ ପରିସ୍ଥିତିରେ ଅନ୍ୟ କେଉଁ ଭାଷା ଲଦିଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ ଭାଜପା ନେତା ପ୍ରଦୀପ ପୁରୋହିତ ମାପିଚୁପି ତାଙ୍କ ମନ୍ତବ୍ୟ ରଖିଛନ୍ତି। ଏ ସମ୍ପର୍କରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଏକ ରାଷ୍ଟ୍ର-ଏକ ଭାଷା ଦ୍ୱାରା କୌଣସି ଆଞ୍ଚଳିକ ଭାଷାକୁ ନ୍ୟୂନ କରିବା କିମ୍ବା ଏହାର ପ୍ରଚଳନ ବନ୍ଦ କଥା କୁହାଯାଇନାହିଁ। ହିନ୍ଦୀ ଭାଷାକୁ ସାଧାରଣରେ ବହୁଳ ବ୍ୟବହାର କରାଯାଉଥିବାରୁ ଏହି କଥା କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ସରକାରୀ ଭାଷା ଆଇନ-୧୯୬୩ ଅନୁଯାୟୀ, କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ପାଇଁ ହିନ୍ଦୀ ଏବଂ ଇଂଲିଶକୁ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଥିଲା। ଦେଶର ୨୨ଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ବୀକୃତି ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ସମ୍ବିଧାନର ଅନୁଚ୍ଛେଦ ୨୯ ପ୍ରତ୍ୟେକ ଭାରତୀୟଙ୍କୁ ନିଜସ୍ୱ ଭାଷା ଓ ସଂସ୍କୃତି ବାଛିବାର ଅଧିକାର ଦେଇଛି।

## ସହକାରୀ ମ୍ୟାନେଜରଙ୍କୁ ଲୁହା ଛଡରେ ପିଟି ହତ୍ୟା

**ରାଉରକେଲା ଅଫିସ, ୧୫। ୯**

ଆର୍‌ଏସ୍‌ପି ପରିସରରେ ରବିବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଏକ କମ୍ପାନୀରେ କାମ କରୁଥିବା ସହକାରୀ ମ୍ୟାନେଜରଙ୍କୁ ସେହି କମ୍ପାନୀର ଜଣେ କର୍ମଚାରୀ ଲୁହା ଛଡରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଶରୀର ଆଇଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଏ ନେଇ ଟାଙ୍ଗରପାଲି ଥାନା କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି। ଡିଏସ୍‌ପି ପି.କେ ମିଶ୍ର ଥାନାରେ ପହଞ୍ଚି ତନାଘନା କରୁଛନ୍ତି। ଅଭିଯୁକ୍ତ ଶ୍ରମିକ ଅନୀଲ ଲୋହାରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୂଚନା ମିଳିଛି ଯେ, କାରଖାନା ପରିସରରେ ଥିବା ଫେରୋସ୍କ୍ରାପ ନିଗମ ଲିଃରେ ତାମିଲନାଡୁ ରାଜ୍ୟର ଯୁବ ଇଞ୍ଜିନିୟର ଜେ. ଗଣେଶ କୁମାର ସହକାରୀ ମ୍ୟାନେଜର ଭାବେ କାମ କରୁଥିଲେ। ସେହି କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ଥିଲେ ଦକ୍ଷିଣ ରାଉରକେଲା ଅଞ୍ଚଳ ବାସିନ୍ଦା ଅନୀଲ ଲୋହାର। ଗତ କିଛି ଦିନ ହେବ ଗଣେଶ କୁମାରଙ୍କ ସହ ଅନୀଲଙ୍କର ମତାନ୍ତର ଲାଗି ରହିଥିଲା। ଅନୀଲ ବିଳମ୍ବରେ କାମକୁ ଆସି ଶୀଘ୍ର ଫେରିଯାଉଥିବା ନେଇ ଗଣେଶ ଅଭିଯୋଗ କରିଆସୁଥିଲେ। ଅନୀଲ କହୁଥିଲେ ଗଣେଶ ମିଛରେ ନାନା ଅଭିଯୋଗ କରୁଛନ୍ତି। ତାଙ୍କୁ ଜାଣୁଶୁଣି ଭାରି କାମରେ ନିୟୋଜିତ କରି ହଇରାଣ କରୁଛନ୍ତି। ହାଜିରା କାଟୁଛନ୍ତି। ଆପତ୍ତି କଲେ ନାଲି ଆଖି ଦେଖାଉଛନ୍ତି। ଏମିତି ପରସ୍ପର ମଧ୍ୟରେ ତିକ୍ତତା ଲାଗି ରହିଥିବା ଶୁଣାଯାଇଛି। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଶତ୍ରୁତା ଚରମରେ ପହଞ୍ଚିଥିଲା। ରବିବାର ଅପରାହ୍ନରେ ଅନୀଲଙ୍କ ସହ ଗଣେଶଙ୍କର ଏଭଳି କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅନୀଲ ଗଣେଶଙ୍କୁ ଲୁହା ଛଡରେ ପଛ ପଟୁ ଆକ୍ରମଣ କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଗଣେଶଙ୍କୁ ଆଇଜିଏଚ ନିଆଯାଇ ଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପରିବାର ଲୋକେ ତାମିଲନାଡୁରୁ ପହଞ୍ଚିବା ପରେ ମୃତ ଶରୀର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ୍ ଆଘାତରେ ଯବାନ ମୃତ, ଜଣେ ଗୁରୁତର

**ମାଲକାନଗିରି/ପାଣ୍ଡ୍ରିପାଣି, ୧୫।୯ (ଡି.ଏନ.ଏ./ସ୍ୱ.ପ୍ର.):** ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗଡା ଗ୍ରାମରେ ଥିବା ୪ର୍ଥ ଏସ୍‌ଏସ୍‌ବିଏନ୍‌ର ୨ ଜଣ ଯବାନ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଛନ୍ତି। ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାହୁଲ କୁମାର ବେହେରା। ଗୁରୁତର ଯବାନ ଜଣକ ହେଲେ ଗଙ୍ଗା ଶବରା। ସେମାନେ ରହୁଥିବା ସ୍ଥାନରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ହାଇମାଷ୍ଟ ଲାଇଟଟି ବୁଲି ଯାଇଥିଲା। ଏହାକୁ ସଜାଡ଼ିବାକୁ ଶିଡ଼ି ପକାଇ ଖୁଣ୍ଟରେ ଚଢୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ଗୁରୁତର ଯବାନ ଗଙ୍ଗାଙ୍କୁ ପ୍ରଥମେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

### ନୂଆଦିଲ୍ଲୀରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

## 'କଳା ଓ ସଂସ୍କୃତିକୁ ସମୟ ଦେବା ପ୍ରଶଂସନୀୟ'



ନୂଆଦିଲ୍ଲୀଠାରେ ଜୁହାର ପରିବାର ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ବର, ୧୫।୯(ବ୍ୟୁରୋ)**

ବ୍ୟସ୍ତବହୁଳ ଜୀବନ ଭିତରେ ଥାଇ ମଧ୍ୟ ନିଜର କଳା, ସଂସ୍କୃତି, ସଂସ୍କାରକୁ ନୂଆ ପିଢ଼ିଙ୍କ ପାଖରେ ପହଞ୍ଚାଇବା ଏକ ପ୍ରଶଂସନୀୟ କାମ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଜୁହାର ପରିବାର ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆମର ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଯେଉଁ କାମ ହୋଇଛି ତାହା ପ୍ରଶଂସନୀୟ। ଧୀରେ ଧୀରେ ଜୁହାର ପରିବାର ପ୍ରବାସୀ ପଶ୍ଚିମ ଓଡିଶା ଭଉଣୀ,ଭାଇମାନଙ୍କ ପାଇଁ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଯାଇଛି। ବାଙ୍ଗାଲୁର, ହାଇଦ୍ରାବାଦଠାରୁ ଆରମ୍ଭ କରି ଭାରତବର୍ଷ ଓ ବିଶ୍ୱର ସବୁ ଅଞ୍ଚଳରେ ନୂଆଁଖାଇ ଭେଟଘାଟ, ସାମାଜିକ ଏକତ୍ରୀକରଣ କାମ ଚାଲିଛି। ମହାପ୍ରଭୁ ଜଗନ୍ନାଥ, ମା' ସମଲେଇ, ମାଣିକେଶ୍ୱରୀଙ୍କ ଆଶୀର୍ବାଦ ଯୋଗୁ ନୂଆଁଖାଇ ଜୁହାର ଆମର ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ନନ୍ଦନକାନନର ହାତୀଛୁଆ ଚନ୍ଦନ ମୃତ

**ବାରଙ୍ଗ, ୧୫।୯(ଡି.ଏନ.ଏ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ହାତୀସଫାରିର ହାତୀଶାଳରେ ଥିବା ଏକମାତ୍ର ଅଣ୍ଡିରା ଦନ୍ତା ହାତୀଛୁଆ ଚନ୍ଦନର ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ୧୦ବର୍ଷର ଏହି ଚନ୍ଦନ ନନ୍ଦନକାନନ ଓ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲା। ଏହି ଦନ୍ତାହାତୀ ଚନ୍ଦନ ନନ୍ଦନକାନନ ପାଇଁ ହାତୀବଂଶର ମୁଖ୍ୟ ଆୟୁଧ ସାଜିବାକୁ ଯାଇଥିଲା। କିନ୍ତୁ ଏହାର ମୃତ୍ୟୁପରେ ନନ୍ଦନକାନନରେ ଥିବା ହାତୀମାନଙ୍କ ବଂଶବୃଦ୍ଧିରେ ଅନ୍ତରାୟ ଦେଖାଦେଇଛି । ତେବେ ଗତ ୧୩ତାରିଖରୁ ଚନ୍ଦନ ଅସୁସ୍ଥ ହେବା ପରେ ବିଭିନ୍ନ ଔଷଧ, ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯିବାରୁ ଶନିବାର ରାତି ୨ଟାରେ ମୃତ୍ୟୁ ଘଟିଥିଲା। ତେବେ ନୂଆ ରୋଗ ହରପିସ ଭାଇରସରେ ଆକ୍ରାନ୍ତ ହୋଇ ରକ୍ତନଳୀ ସବୁକଣା ହୋଇଯିବାରୁ ଚନ୍ଦନର ମୃତ୍ୟୁ ଘଟିଛି ବୋଲି ରବିବାର ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ବାପାମାଆକୁ ହରାଇ ୪ମାସର ହୋଇଥିବାବେଳେ



୨୮ଜୁଲାଇ ୨୦୧୦ରେ ଚନ୍ଦକା-ଡମପଡା ଡିଭିଜନରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିବାପରେ ଏହାର ନାମ ଚନ୍ଦନ ରଖାଯାଇଥିଲା।

### ■ ବ୍ୟାସନଗରରେ ନୂଆଁଖାଇ ଭେଟ୍‌ଘାଟ୍

## 'ଭାଇଚାରା ଓ ଆବେଗର ପର୍ବ ନୂଆଁଖାଇ'

**ଯାଜପୁର ଅଫିସ, ୧୫।୯**

ପର୍ବପର୍ବାଣି ପଶ୍ଚିମ ଓଡ଼ିଶାର ଲୌକିକତା। ଯାନିଯାତ୍ରା ଚଳଣିର ଏକ ପ୍ରତିରୂପ। ଜୀବନ ଜୀଇବା ସହ ମଣିଷର ସଂସ୍କୃତି ଓ ସାମାଜିକତାର ସମ୍ବନ୍ଧ ଅତି ନିବିଡ। ଭାରତର ବିଭିନ୍ନ ସମାଜରେ, ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳିତ ହୁଏ। କିନ୍ତୁ ପଶ୍ଚିମ ଓଡ଼ିଶାରେ ଏହା ଯେପରି ସାମୂହିକ ଭାବରେ ପାଳିତ ହୁଏ, ଅନ୍ୟତ୍ର ତାହା ପରିଦୃଷ୍ଟ ହୁଏ ନାହିଁ। ଜୀବନର ଦୁଃଖ, ଶୋକ, ପ୍ରଣୟ, ସ୍ନେହ ମମତା, ଭାଇଚାରା ଓ ଆବେଗର ପର୍ବ ନୂଆଁଖାଇରେ ସମସ୍ତେ ସାମିଲ ହେବା ନିଶ୍ଚିତଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରେ ବୋଲି ବକ୍ତାମାନେ ମତପୋଷଣ କରିଛନ୍ତି। ରବିବାର ବ୍ୟାସଦେବ ଟାଉନହଲଠାରେ ବ୍ୟାସନଗର ନୂଆଁଖାଇ ପରିବାରର ବାଙ୍କବିହାରୀ ମିଶ୍ର, ସୁବୋଧ ପଣ୍ଡା, ପ୍ରଦୀପ ଚାନ୍ଦ, ଉମାରାଣୀ ପଣ୍ଡା ଓ ସଂସ୍କୃତି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଭେଟ୍‌ଘାଟ୍ ଉତ୍ସବରେ ପଶ୍ଚିମ ଓଡ଼ିଶାର ୪୦୦ରୁ ଉର୍ଦ୍ଧ୍ୱ ପରିବାର ଯୋଗଦେଇ ଭରପୂର ମନୋରଞ୍ଜନ କରିଥିଲେ। ସ୍ନିଗ୍ଧାରାଣୀ ହୋତା, ଦେବସ୍ମିତା କର, ମନନ ପଧାନ ଓ ସୋନିଆ ପ୍ରସାଦଙ୍କ ଛାନ୍ଦାୟିତ ନୃତ୍ୟରେ ସମସ୍ତେ ଝୁମି ଉଠିଥିଲେ। ପରେ ବରଗଡର କୋଶଲି ଅର୍କେଷ୍ଟ୍ରା କଳାକାରଙ୍କ ପାରମ୍ପରିକ ନୃତ୍ୟ ଓ ସଂଗୀତ ସମସ୍ତଙ୍କୁ ଆମୋଦିତ କରିଥିଲା। ଏହାସହ ସୁବଳ ପଧାନ, ବିଭାସ ଦାସ, ଅର୍ଚ୍ଚନା ପଧାନ ଓ ଅଲିନ ସାହୁ ବିଭିନ୍ନ ସମ୍ବଲପୁରୀ ଗୀତ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା, ଯାଜପୁର ଜିଲା ପ୍ରତିନିଧି ସଂଯୁକ୍ତା ମହାପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପଶ୍ଚିମଓଡିଶାବାସୀଙ୍କ ପାରିବାରିକ ସଂହତି ବୋଲି କହିବା ସହିତ କେବଳ ବ୍ୟକ୍ତିଗତ ଜୀବନର ସୁଖ ବା ଦୁଃଖ ନୁହେଁ, ଏଠାରେ ଦାମ୍ପତ୍ୟ ଜୀବନର ସମ୍ପୂର୍ଣ୍ଣ ଚିତ୍ର ଦେଖିବାକୁ ମିଳେ। ଏପରିଭାବେ ଏକ ଉନ୍ନତଶୀଳ ସାମାଜିକ ଜୀବନଯାପନ କରିବା ପାଇଁ ଏହି ମହାନ୍ ପର୍ବ ପ୍ରେରଣାର ଏକ ପ୍ରତୀକ ହୋଇଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଝୋଟି, ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ୟାସନଗର ନୂଆଁଖାଇ ପରିବାରର ହର୍ଷବର୍ଦ୍ଧନ ବେହେରା, ନୀଳକଣ୍ଠ ପଧାନ, ନରେନ୍ଦ୍ର ପଧାନ, ପ୍ରିତୀଶ ଗଡତ୍ୟା, ରାଧାକାନ୍ତ ସାହୁ, ପୂର୍ଣ୍ଣେନ୍ଦୁ ଶୁକ୍ଲା, ବରୁଣ ବନଛୋର, ଟଙ୍କଧର ବାରିକ ପ୍ରମୁଖ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।




ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**୪ର୍ଥ ଓଡ଼ିଶା ଟୁରିଜମ୍ କନ୍‌କ୍ଲେଭ**

# ଗଲ୍ଫ ଟୁରିଜମ୍, ଆଡ୍‌ଭେଞ୍ଚର୍ ସ୍ପୋର୍ଟସ ଫୋକସ୍‌ରେ

- ୨୦୨୦ ପର୍ଯ୍ୟଟନ ନୀତି ପାଇଁ ପ୍ରସ୍ତୁତ ହେବ ରୋଡ୍‌ମ୍ୟାପ୍
- ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଗୁରୁତ୍ୱ
- ଓଡ଼ିଶାର ଐତିହ୍ୟ, ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପରେ ନୂଆ ସୁଯୋଗ

**ଭୁବନେଶ୍ବର, ୧୫।୯(ବ୍ୟୁରୋ)**




ଖବରଦାତା ସମ୍ମିଳନୀରେ ଏଚ୍‌ଆର୍‌ଏଓର ଅଧ୍ୟକ୍ଷ ଜେ.କେ. ମହାନ୍ତି ଓ ଅନ୍ୟମାନେ।

ବିଶ୍ୱସ୍ତରରେ ଓଡ଼ିଶା ପର୍ଯ୍ୟଟନକୁ ପହଞ୍ଚାଇବା ଏବଂ ଅଧିକରୁ ଅଧିକ ଘରୋଇ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ୪ର୍ଥ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଓଡ଼ିଶା ଟୁରିଜମ୍ କନ୍‌କ୍ଲେଭ୍। ହୋଟେଲ ଆଣ୍ଡ୍ ରେଷ୍ଟୁରା ଆସୋସିଏଶନ୍ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ) ପକ୍ଷରୁ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆସନ୍ତା ୧୮ ତାରିଖରେ ଏହା ଅନୁଷ୍ଠିତ ହେବ । ତେବେ ଚଳିତବର୍ଷ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଖାଦ୍ୟ, ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ଫୋକସ୍ ରହିବ। ଏହାସହ ପର୍ଯ୍ୟଟନ ପ୍ରଚାର ପ୍ରସାରରେ ଡିଜିଟାଲ ମିଡ଼ିଆର ଉପଯୋଗ, ଇଣ୍ଟରନ୍ୟାଶନାଲ ବିମାନ ସେବା, ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଭଳି ବିଭିନ୍ନ ବିଷୟ ଏଥର କନ୍‌କ୍ଲେଭ୍‌ର ମୁଖ୍ୟ ଆଲୋଚନାର ବିଷୟ ହେବ। ପ୍ରଥମ ଥର ପାଇଁ ରାଜ୍ୟରେ ଗଲ୍ଫ ଟୁରିଜମ୍‌ର ବିକାଶ ପାଇଁ ଏହି କନ୍‌କ୍ଲେଭ୍‌ରେ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରାଯିବ।

ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତିଙ୍କ ସୂଚନା ଅନୁଯାୟୀ, କନ୍‌କ୍ଲେଭ୍‌ରେ ଚଳିତବର୍ଷ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପର୍ଯ୍ୟଟନ ବିଶେଷଜ୍ଞମାନଙ୍କ ସହ ଟ୍ରାଭେଲ ବ୍ଲଗର୍, କଣ୍ଟେଣ୍ଟ ରାଇଟର୍, ଫୁଡ୍ ବ୍ଲଗର୍, ଇକୋ ଟୁରିଜମ୍ ଓ ଡିଜିଟାଲ ମାର୍କେଟିଂ ବିଶେଷଜ୍ଞ, ଫିଲ୍ମମେକର୍ ଏବଂ ଏୟାରଲାଇନ୍ସ ଓ ଆଡ୍‌ଭେଞ୍ଚର ସ୍ପୋର୍ଟସ୍ ବିଶେଷଜ୍ଞମାନେ ଯୋଗଦେବେ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହ ଆଡ୍‌ଭେଞ୍ଚର୍ ଟୁର୍ ଅପରେଟର୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆର ସଭାପତି କ୍ୟାପ୍ଟେନ୍ ସ୍ୱଦେଶ କୁମାର, ଆସୋସିଏଶନ୍ ଅଫ୍ ଡୋମେଷ୍ଟିକ୍ ଟୁର୍ ଅପରେଟର୍ସ ଅଫ୍ ଇଣ୍ଡିଆର ସଭାପତି ପି.ପି. ଖାନ୍ନା, ଇଣ୍ଡିଆ ଗଲ୍ଫ ଟୁରିଜିମ୍ ଆସୋସିଏଶନ୍ ସଭାପତି ରାଜନ ଶେହଗଲ ଏବଂ ଦେଶର ଆଗଧାଡ଼ିର ଇନ୍‌ବାଉଣ୍ଡ ଟୁର୍ ଅପରେଟର୍ ରାଜୀବ କୋହଲି ଏହି କନ୍‌କ୍ଲେଭ୍‌ରେ ଯୋଗଦେଇ ଓଡ଼ିଶାରେ ଗଲ୍ଫ ଟୁରିଜମ୍, ଆଡ୍‌ଭେଞ୍ଚର୍ ସ୍ପୋର୍ଟସ୍ ଏବଂ ଇକୋ ଟୁରିଜମ୍ କ୍ଷେତ୍ରରେ ଥିବା ସୁଯୋଗ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରିବେ। ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଡ. ମୋନା ଶର୍ମା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଶୁଭା ଶର୍ମା ଏହି ଅବସରରେ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ ଏବଂ ଓଡ଼ିଶାର ଉତ୍କୃଷ୍ଟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ପର୍କରେ ବକ୍ତବ୍ୟ ରଖିବେ। 'ବ୍ରାଣ୍ଡିଂ ଓଡ଼ିଶା' ଏହି କନ୍‌କ୍ଲେଭ୍‌ର ମୁଖ୍ୟ ବିଷୟ ଥିବାବେଳେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ୩୬୦ ଡିଗ୍ରୀ ପ୍ରୋତ୍ସାହନ ଦେବା ଲାଗି ଏଠାରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ, ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରରେ ଥିବା ସାମ୍ଭାବ୍ୟ ସୁଯୋଗକୁ ଭିତ୍ତିକରି ଷ୍ଟେକ୍‌ହୋଲ୍ଡରମାନଙ୍କ ପରାମର୍ଶ ନିଆଯିବ। 'ଟୁରିଜମ୍ ଟୁ ବି ଦ ଡ୍ରାଇଭିଂ ଫୋର୍ସ ଅଫ୍ ଷ୍ଟେଟ୍ ଇକୋନୋମୀ' ବା 'ପର୍ଯ୍ୟଟନ ରାଜ୍ୟ ଅର୍ଥ ବ୍ୟବସ୍ଥାର ପ୍ରେରକ ଶକ୍ତି' ଏହି କନ୍‌କ୍ଲେଭ୍‌ର ମୁଖ୍ୟ ଥିମ୍ ରହିବ। କନ୍‌କ୍ଲେଭ୍‌ରେ ବିଭିନ୍ନ ଏୟାରଲାଇନ୍ସର ମୁଖ୍ୟମାନେ ଯୋଗଦେବାକୁ ଥିବାବେଳେ ରାଜ୍ୟକୁ କିଭଳି ଅଧିକରୁ ଅଧିକ ଇଣ୍ଟରନ୍ୟାଶନାଲ ଏବଂ ଡୋମେଷ୍ଟିକ୍ ଫ୍ଲାଇଟ୍ ସେବା ଯୋଗାଇହେବ ତାହା ଉପରେ ଆଲୋଚନା କରାଯିବ। ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହାସହ ଅଧିକ ଷ୍ଟାର୍ ହୋଟେଲ ପ୍ରତିଷ୍ଠା, ଜିଏସ୍‌ଟିକୁ ନେଇ ଲାଗି ରହିଥିବା ସମସ୍ୟା, ହୋଟେଲ୍‌କୁ ଇନ୍‌ଫ୍ରାଷ୍ଟ୍ରକ୍ଚର କାଟାଗୋରୀରେ ଅନ୍ତର୍ଭୁକ୍ତ କରିବା, ପ୍ରସ୍ତୁତ ହେବାକୁ ଥିବା ରାଜ୍ୟର ନୂଆ ଟୁରିଜମ୍ ପଲିସି ୨୦୨୦ ଆଦି ଉପରେ ଆଲୋଚନା କରାଯିବା ସହ ପ୍ରାପ୍ତ ନିଷ୍କର୍ଷକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ରବିବାର ଏଚ୍‌ଆର୍‌ଏଓ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇ ଯାଇଛି।
- ଆରିଷ୍ଟଟଲ

**ସଂକ୍ଷେପରେ**

## ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ

ବୌଦ୍ଧ,୧୫।୯(ସ୍ୱ.ପ୍ର)
ବୌଦ୍ଧ ସହର ଛାପାଖାନା ପଡିଆଠାରେ ରୁଦ୍ର ଭୈରବୀ କ୍ଲବ ପକ୍ଷରୁ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ଖେଳ ତେଲିବନ୍ଧ ଓ ବୁଟୁପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତେଲିବନ୍ଧ ଦଳ ସିଧାସଳଖ ଦୁଇଟି ସେଟ୍‌ରେ ୧୩-୨ ଓ ୧୦-୧ ବ୍ୟବଧାନରେ ବୁଟୁପାଲିକୁ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। କ୍ଲବର ସଭାପତି ଷଷ୍ଠ କୁମାର ପୁରୋହିତ, ଉପସଭାପତି ଆଶୁତୋଷ ଦାଶ, ଜୟ ଭୈରବୀ କ୍ଲବର ସଭାପତି ନିରୋଦ କୁମାର ମେହେର, ବ୍ୟବସାୟୀ ସୁରେନ୍ଦ୍ର ଅଗ୍ରୱାଲା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୨ ହଜାର ଟଙ୍କା ପୁରସ୍କାର ରାଶି ଓ ରନର୍ସ ଦଳକୁ ୧୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଖେଳକୁ ରେଫରୀ ଭାବେ ଅମ୍ବରୀଶ ପ୍ରଧାନ, ବେଦବ୍ୟାସ ମେହେର, ପିକନ ଦାଶ ପରିଚାଳନା କରିଥିଲେ । କ୍ଲବର ସମ୍ପାଦକ ସଞ୍ଜୀବ କୁମାର ଦେଓ, ଉପଦେଷ୍ଟା ଦଶରଥ ମେହେର, କୋଷାଧ୍ୟକ୍ଷ ରାମକୃଷ୍ଣ ମନଛୋର ଓ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳନା ହୋଇଥିଲା ।

■ ଧାନକିଣା ଜାଲିଆତି

# ତଦନ୍ତ ଆଳରେ ଗଡୁଛି ସମୟ

■ ଜିଲାପାଳଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ୍‌ର ତଦନ୍ତ
■ ବିଳମ୍ବିତ ତଦନ୍ତ ପ୍ରକ୍ରିୟା ନେଇ ବଢୁଛି ସନ୍ଦେହ
■ ନେତା, ଜନ ପ୍ରତିନିଧିଙ୍କ ନିରବତା ନେଇ ଚର୍ଚ୍ଚା

ବରଗଡ଼ ଅଫିସ୍,୧୫।୯

ବରଗଡ଼ ଜିଲା ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଗତ ରବିରତ୍ତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ଜାଲିଆତି ସାରା ଜିଲାରେ ଆଲୋଡ଼ନ ଖେଳାଇ ଦେଇଛି । ଟାର୍ଗେଟ୍ ପୂରଣ ଆଳରେ ପ୍ରଶାସନ ପକ୍ଷରୁ ମଣ୍ଡି ଗୁଡ଼ିକୁ ବନ୍ଦ କରି ଦିଆଯିବାରୁ ଜିଲାର ଅନେକ ଚାଷୀ ନିଜ ଧାନ ବିକ୍ରି କରି ପାରି ନ ଥିଲେ। ଅନ୍ୟପଟେ ଉକ୍ତ ପ୍ୟାକ୍ସରେ ଜାଲ୍ ପରିଚୟପତ୍ର ବଳରେ ବହୁ ପରିମାଣର ଧାନ କିଣାଯାଇଥିବା ପଦାକୁ ଆସିଛି। ଏଭଳି ଜାଲିଆତି ଘଟଣା ପଦାକୁ ଆସିବାର ପ୍ରାୟ ତିନି ସପ୍ତାହ ପୂରିଯାଇଥିଲେ ସୁଦ୍ଧା ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହି ଘଟଣାରେ କେବଳ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅପସାରଣ କରାଯାଇଥିବାବେଳେ ତଦନ୍ତ ଆଳରେ ସମୟ ଗଡ଼ି ଚାଲିଛି। ମୁଖ୍ୟମନ୍ତ୍ରୀ ୫-ଟିକୁ ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲାର ଧାନକିଣା ଜାଲିଆତିରେ ଆଇନର ହାତ ବଙ୍କେଇ ଯିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

ତୋରା ପ୍ୟାକ୍ସରେ ଧରାପଡ଼ିଥିବା ଜାଲିଆତି ଘଟଣାରେ ତଳୁ ଉପର ପର୍ଯ୍ୟନ୍ତ ଅନେକ ଅଧିକାରୀ, କର୍ମଚାରୀଙ୍କ ସମ୍ପୃକ୍ତିକୁ ସହଜରେ ଏଡ଼ାଇ ଦେଇ ହେଉନାହିଁ । ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ୟାକ୍ସ ତଥା ସମବାୟ ବିଭାଗଠାରୁ ଆରମ୍ଭ କରି ରାଜସ୍ୱ, ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟିର ଭୂମିକା ରହିଛି । ମାତ୍ର ପରିଚୟ ପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ଧାନ କିଣାବିକା ସରିବା ଏବଂ ସେଭଳି ଅନିୟମିତତା ମଧ୍ୟରେ କ୍ରୟଧାନର ପ୍ରାପ୍ୟ ମୂଲ୍ୟ ତଥାକଥିତ ଚାଷୀଙ୍କ ଆକାଉଣ୍ଟରେ ଜମା ହେବା ପର୍ଯ୍ୟନ୍ତ ସେହି ଜାଲିଆତି ଘଟଣା ଉପରୋକ୍ତ ବିଭାଗର କୌଣସି ଅଧିକାରୀଙ୍କ ନଜରରେ କିଭଳି ପଡ଼ିଲା ନାହିଁ, ତାକୁ ନେଇ ଏବେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଜାଲିଆତି ଘଟଣା ପଦାକୁ ଆସିବା ପରେ ଭାରପ୍ରାପ୍ତ ସହକାରୀ ସମବାୟ ନିବନ୍ଧକ(ଏଆରସିଏସ) ଶରତ ଚନ୍ଦ୍ର ପାଣିଗ୍ରାହୀ ଜଣେ ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଇଓ) ଶାନ୍ତନୁ ପାଣିଗ୍ରାହୀଙ୍କ ହାତରେ ତଦନ୍ତ ଭାର ନ୍ୟସ୍ତ କରିଥିଲେ। ମାତ୍ର ସେଭଳି ଏକ ଜାଲିଆତି ଘଟଣାର ତଦନ୍ତ ଭାର ଜଣେ ସିଇଓଙ୍କ ଉପରେ ଲଦି ଦେବା ସହଜରେ ଗ୍ରହଣ କରାଯାଇ ପାରି ନ ଥିଲା । ଏହାପରେ ଅତିରିକ୍ତ ସମବାୟ ନିବନ୍ଧକ(ଡିଆରସିଏସ) ଭକ୍ତବନ୍ଧୁ ସାହୁ ସେହି ଘଟଣାର ତଦନ୍ତ ପାଇଁ ଖୋଦ୍ ଏଆରସିଏସ୍ ପାଣିଗ୍ରାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ଜାଲିଆତିର ଚେର ବହୁ ଭିତରକୁ ଲମ୍ବିଥିବା ଏବଂ ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସେଥିରେ ହସ୍ତକ୍ଷେପ କରି ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି । ସେହି ଟିମ୍‌ରେ ସ୍ଥାନୀୟ ୨ଜଣ ଏସିଏସଓ, ଭାରପ୍ରାପ୍ତ ଏଆରସିଏସ୍, ୨ଜଣ ଯୋଗାଣ ନିରୀକ୍ଷକ ପ୍ରମୁଖ ରହିଛନ୍ତି । ମାତ୍ର ଉକ୍ତ ଟିମ୍‌ର ମଧ୍ୟ ତଦନ୍ତ ସରିନାହିଁ ଏବଂ ସମୟ ଗଡ଼ିଚାଲିଛି । ଅପରପକ୍ଷେ ଭୁବନେଶ୍ୱରରୁ ସମବାୟ ବିଭାଗର ଅନ୍ୟ ଜଣେ ଅଧିକାରୀ ତୋରା ପ୍ୟାକ୍ସକୁ ଗସ୍ତ କରି ଜାଲିଆତି ଘଟଣା ଉପରେ ଅନୁସନ୍ଧାନ କରି ଫେରିଥିବା ସୂଚନା ମିଳିଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏ ନେଇ ଧରିତ୍ରୀରେ ପ୍ରକାଶିତ ଏକ ଖବରକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଟୁଇଟ୍ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି ।

■ ସରକାରୀ ଅର୍ଥ ହଡପ ମାମଲା

## କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଦ୍ଦୋଷରେ ଖଲାସ

ପୁରୁଣାକଟକ,୧୫।୯(ଡି.ଏନ.ଏ)

ସରକାରୀ ଯୋଜନା ଅର୍ଥ ହଡପ ଅଭିଯୋଗ ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିରନସିଂହପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

ସୂଚନା ଅନୁସାରେ, ୨୦୧୫-୧୬ ମସିହାରେ ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ହରଭଙ୍ଗା ବ୍ଲକ ବିରନସିଂହପୁର ପଞ୍ଚାୟତ ଅନ୍ତର୍ଗତ ହାଟଗାଁର ଗିରିଶ ନାଏକ ନାମକ ଜଣେ ହିତାଧିକାରୀ ୩ କିସ୍ତିରେ ୭୦ ହଜାର ଟଙ୍କା ଉଠାଇଥିଲେ । ତେବେ ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ଭୋକ୍ତା ଠିକ ଭାବେ କାର୍ଯ୍ୟ ହୋଇଥିବା ଦର୍ଶାଇବା ସହିତ ଟଙ୍କା ମଞ୍ଜୁର ପାଇଁ ହରଭଙ୍ଗା ବିଡିଓଙ୍କୁ ସୁପାରିଶ କରିଥିଲେ। ପରେ ଗିରିଶ ଘର ନ କରି ସେହି ଟଙ୍କାକୁ ଉଠାଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଗତ ଜୁଲାଇ ୩୧ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ସେହି ମାମଲାର ଶୁଣାଣି କରି କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡ଼ିଛି ।

## ଗୁଦଗୁଭା ରାସ୍ତାରେ ଘାଇ, ମରାମତି ଦାବି

ଘଣ୍ଟାପଡା, ୧୫।୯ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ପୋଡାପଦର ଛକଠାରୁ ଖେମୁଣ୍ଡିଗଡକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ସଂଯୋଗ କରୁଛି । ଏହି ରାସ୍ତାର ନୂଆପଡା ଛକଠାରୁ ଗୁଦଗୁଭା ଯାଇଥିବା ପଞ୍ଚାୟତ ରାସ୍ତା ଗତମାସ ଲଘୁଚାପ ବନ୍ୟା ପ୍ରଭାବରେ ଧୋଇଯାଇ ଘାଇ ସୃଷ୍ଟି ହୋଇଛି । ଗ୍ରାମବାସୀ ତଥା ଛାତ୍ରୀଛାତ୍ର ଏହି ରାସ୍ତାରେ ଯାତାୟାତ କରିଥାନ୍ତି । ରାସ୍ତାରୁ ମାଟି ଧୋଇଯାଇ ଘାଇ ସୃଷ୍ଟି ହୋଇଥିବାରୁ ଯିବା ଆସିବାରେ ଅସୁବିଧା ହେଉଛି । ତୁରନ୍ତ ଉକ୍ତ ରାସ୍ତା ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

## ୧୦ ବର୍ଷ ହେଲା ବୃଦ୍ଧ ଦମ୍ପତିଙ୍କୁ ମିଳୁନି ଭତ୍ତା

ପୁରୁଣାକଟକ,୧୫।୯(ଡି.ଏନ.ଏ)
ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତରେ ଭତ୍ତା ଯୋଜନା ପ୍ରହସନ ପାଲଟିଛି । ୧୦ ବର୍ଷ ହେଲା ଭତ୍ତା ପାଇଁ ଆବେଦନ କରିଆସୁଥିଲେ ମଧ୍ୟ ଉଆଁଳ ଗ୍ରାମର ଏକ ବୃଦ୍ଧ ଦମ୍ପତିଙ୍କୁ ଏଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିନି ।

ଏହି ଗ୍ରାମର କୁଳମଣି ଭୋକ୍ତା (୭୬) । ତାଙ୍କ ସ୍ତ୍ରୀ ମେନକା ଭୋକ୍ତା(୭୨) ଏବେ ରୋଗଗ୍ରସ୍ତ । ଏହି ଦମ୍ପତି ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ବହୁବାର ଜଣାଇ ଆସିଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ମିଳି ନ ଥିବା ଅଭିଯୋଗ କରିଛନ୍ତି । ଆମେ ବୁଢାବୁଢୀ ମରିବାର ବୟସରେ ଉପନୀତ । ଘରେ ରୋଗାକ୍ରାନ୍ତ ସ୍ତ୍ରୀକୁ ଛାଡି ଭତ୍ତା ପାଇବା ପାଇଁ ଆଉ କାହାକୁ କେତେ କହିବି। ଓଳିଏ ଖାଇଲେ ଓଳିଏ ନାହିଁ । ଦୁଇ ପ୍ରାଣୀଙ୍କ ଭତ୍ତା ଟଙ୍କା ମିଳୁଥିଲେ କିଛି ନ ହେଲେ ସ୍ତ୍ରୀର ଚିକିତ୍ସା କରି ପାରନ୍ତି ବୋଲି କୁଳମଣି କୋହଭରା କଣ୍ଠରେ କହିଥିଲେ । ଏ ନେଇ ରାମଗଡ ସରପଞ୍ଚ ନରେଶ ସେଠୀଙ୍କୁ ପଚାରିବାରୁ ଏ ବିଷୟରେ ସେ ଜାଣି ନ ଥିବା କହିଥିଲେ। ଯଦି ଉଭୟ ଦମ୍ପତି ବାର୍ଦ୍ଧକ୍ୟ ଭତ୍ତା ପାଇନାହାନ୍ତି, ତାହେଲେ ତାଙ୍କୁ ଦିଆଯିବ ବୋଲି ସରପଞ୍ଚ ସେଠୀ କହିଥିଲେ ।





ଭତ୍ତା ପାଇ ନ ଥିବା ବୃଦ୍ଧ ଦମ୍ପତି ।

## ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟାପକ, ଅଭିଭାବକ ସମାବେଶ

ପଦ୍ମପୁର, ୧୫।୯ (ଡି.ଏନ.ଏ)

ପଦ୍ମପୁ ଅଞ୍ଚଳ ମହାବିଦ୍ୟାଳୟରେ ଶନିବାର ଅଧ୍ୟାପକ, ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସ୍ୱାଗତ ଭାଷଣ ପରେ ସମସ୍ତ ବିଭାଗୀୟ ମୁଖ୍ୟ ଅଭିଭାବିକା, ଅଭିଭାବକମାନଙ୍କୁ ନିଜ ନିଜ ବିଭାଗ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରଙ୍କ ମାତାପିତା ବହୁ ସଂଖ୍ୟାରେ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଧାପକ ଡ. ପ୍ରମୋଦ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଚିକିତ୍ସାରେ ଅବହେଳା ଅଭିଯୋଗ

## ଶିଶୁପୁତ୍ରର ମୃତ୍ୟୁ, ଡାକ୍ତରଖାନାରେ ଉତ୍ତେଜନା



ଶିଶୁପୁତ୍ରର ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ।

ବରଗଡ଼ ଅଫିସ୍,୧୫।୯
ଜଣେ ଶିଶୁପୁତ୍ରର ମୃତ୍ୟୁକୁ ନେଇ ରବିବାର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଉତ୍ତେଜନା ଦେଖାଯାଇଥିଲା। ମୃତ ଶିଶୁଜଣକ ବିଜେପୁର ନିବାସୀ ପାଣ୍ଡବ ସାହୁଙ୍କ ପୁଅ ଦୀପକ(୪) ବୋଲି ଜଣାପଡ଼ିଛି। ଚିକିତ୍ସାରେ ଅବହେଳା ଯୋଗୁ ଦୀପକଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ରାତ୍ରି ପ୍ରାୟ ୯ଟାରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ପୋଲିସ ସେଠାକୁ ପହଞ୍ଚି ଆଲୋଚନା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ପ୍ରକାଶ ଯେ, ଝାଡ଼ାବାନ୍ତି ହେବାରୁ ପରିବାର ଲୋକେ ଦୀପକଙ୍କୁ ରବିବାର ଦିନ ପ୍ରାୟ ଗୋଟାଏରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ତାଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା । ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟି ନ ଥିଲା । ସେଠାରେ ଦାୟିତ୍ୱରେ ଥିବା ଡାକ୍ତର, ନର୍ସ ମଧ୍ୟ ଠିକ୍ ଭାବେ ଚିକିତ୍ସା କରି ନ ଥିଲେ । ଅନ୍ୟପଟେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଥିବାବେଳେ ଡାକ୍ତରଙ୍କ ଦେଖା ନ ଥିଲା । ସେଠାରେ ଥିବା ନର୍ସ ମୋବାଇଲ ଖେଳିବାରେ ବ୍ୟସ୍ତ ଥିଲେ ବୋଲି ମୃତ ଶିଶୁର ମା' ବାପା ଅଭିଯୋଗ କରିଛନ୍ତି ।

ଚିକିତ୍ସା ଦାୟିତ୍ୱରେ ରହିଥିବା ସମ୍ପୃକ୍ତ ନର୍ସ, ଡାକ୍ତରଙ୍କ ଏଭଳି ମନୋଭାବ ଦେଖି ପରିବାର ଲୋକେ ଦିପକଙ୍କୁ ଅନ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେବାକୁ ମନସ୍ଥ କରିଥିଲେ ଏବଂ ଡିସଚାର୍ଜ ଟିକେଟ୍ କାଟି ଜିଲା ମୁଖ୍ୟ ଡାକ୍ତରଖାନାରୁ ବାହାରିଥିଲେ । ମାତ୍ର ସ୍ଥାନୀୟ ବସଷ୍ଟାଣ୍ଡ ନିକଟକୁ ପହଞ୍ଚିବା ପରେ ଦୀପକଙ୍କ ମୃତ୍ୟୁ ହୋଇ ଯାଇଥିଲା । ଏହାପରେ ମୃତ ଶିଶୁପୁତ୍ରଙ୍କୁ ଧରି ମା' ବାପା ଜିଲା ମୁଖ୍ୟ ଡାକ୍ତରଖାନାକୁ ପୁରି ଫେରିଥିଲେ ଏବଂ ସେଠାରୁ ଜରୁରୀକାଳୀନ ବିଭାଗକୁ ଯାଇଥିଲେ । ମାତ୍ର ସେଠାରେ କାର୍ଯ୍ୟରତ ଡାକ୍ତର ମଧ୍ୟ ସେଠାରୁ ଚାଲି ଯାଇଥିଲେ ବୋଲି ଅଭିଯୋଗ ହୋଇଛି । ଘଟଣାଟି ପ୍ରଘଟ ହେବା ପରେ ଚିକିତ୍ସାରେ ଅବହେଳା କରିଥିବା ସମ୍ପୃକ୍ତ ଡାକ୍ତର, ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଏସଡ଼ିପିଓ ସୁଧାକର ସାହୁ ସେଠାରେ ପହଞ୍ଚିଥିଲେ। ପୋଲିସରେ ସେ ନେଇ ଅଭିଯୋଗ ହେଲେ ସିଡ଼ିଏମଓଙ୍କ ସହିତ ଆଲୋଚନା କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଡ଼ିପିଓ ସାହୁ କହିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶଙ୍କ ମତାମତ ନେବାକୁ ଉଦ୍ୟମ କରାଯାଇଥିଲା, ମାତ୍ର ଫୋନ ରିସିଭ୍ ନ କରିବାରୁ ମତାମତ ମିଳିପାରିନାହିଁ ।

## ଆଦିବାସୀ ଉନ୍ନୟନ ପରିଷଦର ବୈଠକ

ଘଣ୍ଟାପଡା, ୧୫।୯ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ଦେଢ଼େଣମାଲ ଆଦିବାସୀ ଉନ୍ନୟନ ପରିଷଦର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସାମନ୍ତ ମାଝୀଙ୍କ ତତ୍ତ୍ୱାବଧାନରେ ପରିଷଦ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ଘାସିରାମ ପୁଟା ସଭାପତିତ୍ୱ କରିଥିଲେ । ବୈଠକରେ ବିଗତ ବର୍ଷର ଆୟବ୍ୟୟର ସମୀକ୍ଷା କରାଯିବା ସହ ଚଳିତ ବର୍ଷ ନୂଆଁଖାଇ ଭେଟଘାଟ ଆୟୋଜନ କରାଯିବା ନେଇ ଆଲୋଚନା ହୋଇଥିଲା । ଏଥିରେ ଘଣ୍ଟାପଡା ଜୋନର ୮ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଆଦିବାସୀ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ନୀଳାଞ୍ଚଳ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଉପସ୍ଥିତ ଆଦିବାସୀ ।

## ଫୁଟବଲ ଖେଳାଳିଙ୍କ ପରଲୋକ



ବୌଦ୍ଧ,୧୫।୯(ସ୍ୱ.ପ୍ର)
ବୌଦ୍ଧର ଯୁବ ଫୁଟବଲ ଖେଳାଳି ସୁଜନ କୁମାର ମାଝୀଙ୍କ ରବିବାର ସକାଳେ ଅକାଳ ବିୟୋଗ ଘଟିଛି। ସେ ଦୀର୍ଘଦିନ ହେଲା କର୍କଟ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ରହିଥିଲେ । ଜଣେ ଦକ୍ଷ ଗୋଲ ରକ୍ଷକ ଭାବେ ସ୍ୱର୍ଗତ ମାଝି ସୁନାମ ଅର୍ଜନ କରିବା ସହିତ ଅନେକ କ୍ଲବ ଓ ଜିଲା ପକ୍ଷରୁ ଖେଳିଥିଲେ। ତାଙ୍କ ବିୟୋଗରେ ଖେଳାଳି ଓ ବନ୍ଧୁ, ଶୁଭେଚ୍ଛୁ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ହାତୀ ଉପଦ୍ରବରେ ଫସଲ ନଷ୍ଟ

ଘଣ୍ଟାପଡା, ୧୫।୯ (ଡି.ଏନ.ଏ)
କଣ୍ଟାମାଳ ବନଖଣ୍ଡ ଘଣ୍ଟାପଡା ଫରେଷ୍ଟ ଅଧୀନ ଶୀମାଳ, ବଘିଆ, ତମ୍ବାସିନା, ମାନେପୁର, ଲଣ୍ଡାପଦର, ସୁର୍କାଭଟା, କୁନାଶିଳା, ଗୁଦଗୁଭା ଆଦି ଅନେକ ସ୍ଥାନରେ ଗତ କିଛି ଦିନ ହେବ ହାତୀଙ୍କ ଉପଦ୍ରବ ଲାଗି ରହିଛି । ଫଳରେ ଅନେକ ଚାଷୀଙ୍କ ପନିପରିବା ଓ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ୪ଟି ଦନ୍ତାହାତୀ, ୩ଟି ମାଈହାତୀ ଓ ୩ଟି ଶାବକ ମିଶାଇ ମୋଟ ୧୦ଟି ହାତୀ ଗତ ୬ ତାରିଖରୁ ଶଗଡା ଫରେଷ୍ଟ ଅଞ୍ଚଳରୁ ଆସି ଉପଦ୍ରବ ଚଳାଇଛନ୍ତି। ଏଥିଯୋଗୁ ଶ୍ରୀମାଳ ଗ୍ରାମର ରାଜପତି ରଣା, ଗିରିଧାରୀ ରଣା, ଶ୍ରୀପତି ରଣା, ବୈଷ୍ଣବ ଭୋଇ, ମାଣିକପୁର ଗ୍ରାମର ରକ୍ମଣୀ ରଣା, ଘଣ୍ଟାପଡା ଗ୍ରାମର ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଚାଷୀଙ୍କ ଧାନ ଜମି ନଷ୍ଟ ହୋଇଥିବା ଜଣାଯାଇଛି। ଘଣ୍ଟାପଡା ବନପାଳ ଅଭିମନ୍ୟୁ ସାହଙ୍କ କହିବା ଅନୁସାରେ ହାତୀପଲ ୨୦ରୁ ୩୦ ଜଣ ଚାଷୀଙ୍କର ପ୍ରାୟ ୧୦ ଏକର ଧାନ ଚାଷ ନଷ୍ଟ କରିଛନ୍ତି। ହାତୀପଲକୁ ଅତିଶୀଘ୍ର ଘଉଡାଇବାର ବ୍ୟବସ୍ଥା କରାଯିବା ସହ କ୍ଷୟକ୍ଷତି ଆକଳନ କରି ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।



ହାତୀପଲ ନଷ୍ଟ କରିଥିବା ଫସଲ ।

## ୨୧ତମ ରାଜ୍ୟସ୍ତରୀୟ ତୀରନ୍ଦାଜୀ ଉଦ୍‌ଯାପିତ

ବୌଦ୍ଧ,୧୫।୯(ସ୍ୱ.ପ୍ର)

ବୌଦ୍ଧ କଚେରି ଖେଳ ପଡିଆଠାରେ ରାଜ୍ୟ ତୀରନ୍ଦାଜୀ ଆସୋସିଏଶନ ଆନୁକୂଲ୍ୟରେ ବୌଦ୍ଧ ଜିଲା ତୀରନ୍ଦାଜ ସଂଘ ପକ୍ଷରୁ ତିନିଧରି ଚାଲିଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ମୁଖ୍ୟଅତିଥି, ରାଜ୍ୟ ତୀରନ୍ଦାଜ ସଂଘର ସାଧାରଣ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାଶ, ଉପସଭାପତି ଅକ୍ଷୟ ପ୍ରସାଦ ମହାନ୍ତି, ପଠାଣିସାମନ୍ତ ଜୁନିୟର କଲେଜର ଅଧ୍ୟକ୍ଷ ତ୍ରିନାଥ ନାୟକ, ଶିକ୍ଷାବିତ୍ ଇଂ. ସଞ୍ଜୟ କୁମାର ପଣ୍ଡା, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାର ଜୁନିୟର ବାଳକ ବର୍ଗରେ କୋରାପୁଟ ସାଇ ହାଲ୍‌ର ଟୁନା କୁର୍ମୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ସଞ୍ଜିତ ପୋଡିଆମୀ ରୌପ୍ୟ ଓ ଭୁବନେଶ୍ୱର କିସ୍‌ର ସୋମନାଥ ହେମ୍ବ୍ରମ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଜୁନିୟର ବାଳିକା ବର୍ଗରେ ସାଇ ସୁନ୍ଦରଗଡର ମମିତା ଓରାମ ସ୍ୱର୍ଣ୍ଣ, କିସ୍ ଭୁବନେଶ୍ୱରର ଚନ୍ଦ୍ରମଣି ମୁଣ୍ଡା ରୌପ୍ୟ ଓ ଆଶାଲତା ଦାଶ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ସିନିୟର ବାଳକ ବିଭାଗରେ କିସ୍ ଭୁବନେଶ୍ୱରର ରଣଜିତ ନାଏକ ସ୍ୱର୍ଣ୍ଣ, ସୁନ୍ଦରଗଡ ଜିଲା ତୀରନ୍ଦାଜର ପ୍ରଭାତ ମଞ୍ଜି ରୌପ୍ୟ ଓ କିସ ଭୁବନେଶ୍ୱରର ଶବଣ କୁମାର ମାଡାଙ୍ଗି କାଂସ୍ୟ ପଦକ ହାସଲ କରିଥିଲେ। ସିନିୟର ବାଳିକା ବିଭାଗରେ କିସ୍ ଭୁବନେଶ୍ୱରର ଆଶାଲତା ଦାଶ ସ୍ୱର୍ଣ୍ଣ, ସୁମି ମୁଣ୍ଡା ରୌପ୍ୟ ଓ ଚନ୍ଦ୍ରମଣି ମୁଣ୍ଡା କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ସବଜୁନିୟର ବାଳକ ବିଭାଗରେ କିସ୍ ଭୁବନେଶ୍ୱରର ସୋମନାଥ ହେମ୍ବ୍ରମ ସ୍ୱର୍ଣ୍ଣ, ସାଇ ହାଲ୍ କୋରାପୁଟର ସଞ୍ଜୟ ଦୁରୁଆ ରୌପ୍ୟ ଓ ରଘୁନାଥ କୋଶଳ କାଂସ୍ୟ ପଦକ ହାସଲ କରିଥିଲେ । ସବଜୁନିୟର ବାଳିକା ବିଭାଗରେ ସାଇ ସୁନ୍ଦରଗଡର ମମିତା ଓରାମ ସ୍ୱର୍ଣ୍ଣ, କିସ୍ ଭୁବନେଶ୍ୱର ଶାକର ଟୁଡୁ ରୌପ୍ୟ ଓ ମାନଶ୍ୱରୀ ହାଂସଦା କାଂସ୍ୟ ପଦକ ହାସଲ କରିଥିଲେ। ଜିଲା ତୀରନ୍ଦାଜ ସଂଘ ସଭାପତି ସୂର୍ଯ୍ୟକାନ୍ତ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ଅର୍ଜୁନ କଅଁର ବିବରଣୀ ପାଠ ଓ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱକପ୍ ଓ ଏସିଆ ଖେଳରେ ଅଂଶଗ୍ରହଣ କରିଥିବା ରୀତ ନାୟକ ଓ ଖେଲୋ ଇଣ୍ଡିଆରେ ଅଂଶଗ୍ରହଣ କରିଥିବା ଗୋଲାପ ନାୟକଙ୍କୁ ବୌଦ୍ଧ ଜିଲା ଆର୍ଚେରୀ ଆସୋସିଏସନ ପକ୍ଷରୁ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। କୃତି ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ୧୮ଟି ଜିଲାର ୨୦୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ତିରନ୍ଦାଜୀ ସଂଘ ଓ ବୌଦ୍ଧ ଜିଲାର ତୀରନ୍ଦାଜ ଆସୋସିଏଶନର କାର୍ଯ୍ୟକର୍ତ୍ତା ମିଳିତ ଭାବେ ଖେଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଜୁନିୟର ରେଡକ୍ରସ ସ୍ୱେଚ୍ଛାସେବୀ, ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଦର୍ଶ ବିଦ୍ୟାଳୟ ଏବଂ ଜିଲା ଶିକ୍ଷା ବିଭାଗର ଶିକ୍ଷୟତ୍ରୀ ଶିକ୍ଷକ ମାନେ ସହଯୋଗ କରିଥିଲେ।




ତୀରନ୍ଦାଜୀ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।



ଆସାମ ପରେ ହରିୟାଣାରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ରବିବାର ଘୋଷଣା କରିଛନ୍ତି। ଅକ୍ଟୋବରରେ ହରିୟାଣା ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପାର ମହାସଂକଳ୍ପ ଅଭିଯାନ ଅବସରରେ ଖଟ୍ଟର ଅବସରପ୍ରାପ୍ତ ବିଚାରପତି ଏଚ୍.ଏସ୍. ଭାଲା ଏବଂ ପୂର୍ବତନ ନୌସେନା ମୁଖ୍ୟ ଆଡ୍‌ମିରାଲ ସୁନିଲ ଲାନ୍‌ବାଙ୍କୁ ଭେଟିବା ପରେ ପଞ୍ଚକୁଲାଠାରେ ଖବରଦାତାମାନଙ୍କୁ ଏହା କହିଛନ୍ତି।



ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସହଯୋଗିତା (ଆର୍‌ସିଇପି) ଚୁକ୍ତିରେ ସାମିଲ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଅମୃତସରରେ କୃଷକମାନେ ଅମୃତସର-ଦିଲ୍ଲୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।



ତ୍ରିପୁରାର ମେଲାଘରରେ ପାରମ୍ପରିକ ବାର୍ଷିକ ନୌକା ପ୍ରତିଯୋଗିତାରେ ରୁଦ୍ର ସାଗର ହ୍ରଦରେ ବୋଟ୍ ଚଳାଉଛନ୍ତି ମହିଳା ନାବିକ।



ରାମବନର ଜମ୍ମୁ-ଶ୍ରୀନଗର ରାଜପଥରେ ଗୁଜ୍ଜର ସମ୍ପ୍ରଦାୟର ଜଣେ ବ୍ୟକ୍ତି ଛେଳି ଚରାଉଛନ୍ତି।

ନିଯୁକ୍ତିକୁ ନେଇ ଗଙ୍ଗୱାର୍‌ଙ୍କ ମନ୍ତବ୍ୟ

# ଉତ୍ତର ଭାରତୀୟଙ୍କ ଯୋଗ୍ୟତା ନାହିଁ

**ଲକ୍ଷ୍ନୌ,୧୫।୯(ପି.ଟି.)**

ଭାରତରେ ବେରୋଜଗାରୀ ହାର ୪ ଦଶନ୍ଧି ମଧ୍ୟରେ ସର୍ବାଧିକ ବୋଲି ସରକାରୀ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଦେଶରେ ନିଯୁକ୍ତିର ଅଭାବ ନ ଥିବା କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର କହିଛନ୍ତି। ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ରହିଥିବାବେଳେ ଏଥିପାଇଁ ଉତ୍ତର ଭାରତୀୟଙ୍କର ଯୋଗ୍ୟତାର ଅଭାବ ଥିବା ସେ କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି।

ଗଙ୍ଗୱାର କହିଛନ୍ତି, ପୂର୍ବ ସରକାରରେ ମଧ୍ୟ ସେ ସମାନ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ଦୈନନ୍ଦିନ ସ୍ଥିତିକୁ ସେ ଅନୁଧ୍ୟାନ କରିଆସୁଛନ୍ତି। ଯେଉଁ ନିଯୁକ୍ତିଦାତାମାନେ ଉତ୍ତରଭାରତ ଆସୁଛନ୍ତି, ସେମାନେ ପ୍ରାର୍ଥୀଙ୍କ ଠାରେ ଆବଶ୍ୟକ ଯୋଗ୍ୟତାର ଅଭାବ ଅନୁଭବ କରୁଛନ୍ତି। ଦେଶରେ ଆର୍ଥିକ ମାନ୍ଦାବସ୍ଥା



## ଅପମାନିତ କରିଛନ୍ତି କେନ୍ଦ୍ରମନ୍ତ୍ରୀ: ପ୍ରିୟଙ୍କା

ଦେଖାଦେଇଥିବାବେଳେ ଜିଡିପି ହାର ୫ ପ୍ରତିଶତକୁ ହ୍ରାସ ପାଇଛି ଯାହା କି ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ। ଏଭଳି ସମୟରେ ସରକାରଙ୍କ ବିଫଳତାକୁ ଲୁଚାଇବାକୁ ଯାଇ ମନ୍ତ୍ରୀ ଗଙ୍ଗୱାର ଏଭଳି ମନ୍ତବ୍ୟ ଦେଇଛନ୍ତି। ଗତ ମେ ମାସରେ ପ୍ରକାଶିତ ସରକାରୀ ରିପୋର୍ଟରେ ନିଯୁକ୍ତି ହ୍ରାସ ପାଇଥିବା କୁହାଯାଇଥିବାବେଳେ ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏଭଳି ଅପମାନଜନକ ମନ୍ତବ୍ୟ ଦେଇ ସରକାର ଆର୍ଥିକ ମାନ୍ଦାବସ୍ଥା ଜନିତ ଛଟେଇ ଅପବାଦରୁ ନିଜକୁ ରକ୍ଷା କରିବାକୁ ଉଦ୍ୟମ କରିଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। କେନ୍ଦ୍ରର ଏନ୍‌ଡିଏ ସରକାର ୫ ବର୍ଷ ମଧ୍ୟରେ ନିଯୁକ୍ତି ସୃଷ୍ଟିରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯାହା ବି ନିଯୁକ୍ତି ଥିଲା ତାହା ଆର୍ଥିକ ମାନ୍ଦାବସ୍ଥା କାରଣରୁ ହରାଇବାକୁ ପଡୁଛି। ଉତ୍ତର ଭାରତୀୟଙ୍କୁ ଅପମାନିତ କରି ସରକାର ଖସିଯିବାକୁ ଉଦ୍ୟମ କରୁଛନ୍ତି ବୋଲି ପ୍ରିୟଙ୍କା ସମାଲୋଚନା କରିଛନ୍ତି। ସରକାରଙ୍କ ଏଭଳି ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ କହିଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ। ଏଥିପାଇଁ ସରକାର ରାଷ୍ଟ୍ର ନିକଟରେ କ୍ଷମା ମାଗନ୍ତୁ ବୋଲି ମାୟାବତୀ ଟ୍ୱିଟ୍ କରିଛନ୍ତି।

# ଆମେରିକାକୁ ଯୁଦ୍ଧ ଧମକ ଦେଲା ଇରାନ

**ଦୁବାଇ,୧୫।୯**

ସୌଦି ଆରବର ଦୁଇଟି ତୈଳ ପ୍ରକଳ୍ପ ଉପରେ ଡ୍ରୋନ୍ ଆକ୍ରମଣ ପଛରେ ଇରାନ୍‌ର ହାତ ରହିଛି ବୋଲି ଆମେରିକା ଅଭିଯୋଗ କରିଥିବାବେଳେ ତେହେରାନ ଏହାକୁ ଖଣ୍ଡନ କରିଛି। ଅନ୍ୟପକ୍ଷରେ ଯୁଦ୍ଧ ପାଇଁ ଇରାନ ଧମକ ଦେଇଛି। ଉପସାଗରୀୟ ଅଞ୍ଚଳରେ ଆମେରିକା ବେସ୍ ଓ ବିମାନବାହୀ ଯୁଦ୍ଧଜାହାଜ ଏହାର ମିସାଇଲ ରେଞ୍ଜ୍ ପରିସରରେ ରହିଥିବା ତେହେରାନ୍ ପକ୍ଷରୁ କୁହାଯାଇଛି।

ଶନିବାର ୟେମେନ ବିଦ୍ରୋହୀ ହୁଥି ସଂଗଠନ ସୌଦି ଆରବର ତୈଳ କ୍ଷେତ୍ର ଓ ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉପରେ ଡ୍ରୋନ୍ ଆକ୍ରମଣ କରିଥିବା ଦାବି କରିଥିଲା। ଏହି ସଂଗଠନକୁ ଇରାନ ସହାୟତା ଦେଉଛି। ଡ୍ରୋନ୍ ଆକ୍ରମଣ ଯୋଗୁ ସୌଦିର ତୈଳ ଯୋଗାଣ ଗୁରୁତର ବାଧାପ୍ରାପ୍ତ ହୋଇଛି। ବିଶ୍ୱର ତୈଳ ଯୋଗାଣକୁ ପ୍ରଭାବିତ କରିବା

## ସୌଦି ଆକ୍ରମଣ ନେଇ ଅଭିଯୋଗକୁ ପ୍ରତ୍ୟାଖ୍ୟାନ

ଏହି ଆକ୍ରମଣର ଉଦ୍ଦେଶ୍ୟ ଓ ଏହା ପଛରେ ଇରାନର ହାତ ରହିଛି ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ ଅଭିଯୋଗ କରିଥିଲେ। ଆକ୍ରମଣ ଯୋଗୁ ତୈଳ ଦର ବ୍ୟାରେଲ ପିଛା ୩ରୁ ୫ ଡଲାର ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଆମେରିକାର ଅଭିଯୋଗକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଆବ୍ବାସ୍ ମୌସସାଭି ଖଣ୍ଡନ କରିଛନ୍ତି। ଆମେରିକା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। ପୂରା ଦମ୍‌ରେ ଯୁଦ୍ଧ ପାଇଁ ଇରାନ ପ୍ରସ୍ତୁତ ବୋଲି ରିଭଲ୍ୟୁଶନାରୀ ଗାର୍ଡସ୍‌ର ଜଣେ ବରିଷ୍ଠ କମାଣ୍ଡର କହିଛନ୍ତି।



ସୌଦିଆରବର ତୈଳ ପ୍ରକଳ୍ପ ଉପରେ ଶନିବାର ଡ୍ରୋନ ଆକ୍ରମଣ ପରର ଦୃଶ୍ୟ।

# ପାୱାରଙ୍କ ପାକ୍ ପ୍ରେମ

**ମୁମ୍ବାଇ,୧୫।୯(ଆଇଏଏନ୍‌ଏସ୍)**

ପାକିସ୍ତାନୀମାନେ ଅତ୍ୟାଚାରିତ ହେଉଥିବାରୁ ଖୁସି ନାହାନ୍ତି ବୋଲି ଏଠାକାର ଲୋକେ କହନ୍ତି, ଯାହାକି ମିଛ। ପାକିସ୍ତାନର ପ୍ରକୃତ ସ୍ଥିତିକୁ ହୃଦୟଙ୍ଗମ ନ କରି କେବଳ ରାଜନୈତିକ ଫାଇଦା ପାଇଁ ଏଭଳି ମନ୍ତବ୍ୟ ଦିଆଯାଉଛି। ପାକିସ୍ତାନୀମାନେ ଭାରତୀୟଙ୍କୁ ନିଜ ସମ୍ପର୍କୀୟ ଭଳି ବ୍ୟବହାର କରନ୍ତି ବୋଲି ଜାତୀୟବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି। ପାୱାରଙ୍କ ଏପରି ପାକିସ୍ତାନ ପ୍ରେମକୁ ନେଇ ବିବାଦ ସୃଷ୍ଟି ହୋଇଛି।

ମୁମ୍ବାଇସ୍ଥିତ ଏନ୍‌ସିପି କାର୍ଯ୍ୟାଳୟରେ ଶନିବାର ରାତିରେ ଆୟୋଜିତ ଏକ ବୈଠକରେ ସଂଖ୍ୟାଲଘୁ ସମୁଦାୟର ସଦସ୍ୟଙ୍କୁ ସମ୍ବୋଧିତ କରି ପାୱାର



କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ପାକିସ୍ତାନକୁ ପ୍ରଶଂସା କରିଥିଲେ। ପାକିସ୍ତାନୀମାନେ ଭାରତକୁ ଯାତ୍ରା କରି ନ ପାରିଲେ ମଧ୍ୟ ଭାରତୀୟମାନଙ୍କୁ ସେମାନଙ୍କ ସମ୍ପର୍କୀୟ ବୋଲି ବିବେଚନା କରନ୍ତି। ସେମାନେ ଭାରତୀୟଙ୍କୁ ସମ୍ପର୍କୀୟ ଭଳି ବ୍ୟବହାର ମଧ୍ୟ ଦେଖାନ୍ତି। ହେଲେ ଏଠାରେ କ୍ଷମତାରେ ଥିବା ଲୋକେ ପାକିସ୍ତାନ ଓ ଇସ୍‌ଲାମ ନାମରେ ଲୋକଙ୍କୁ ବିଭାଜନ ପାଇଁ ଉଦ୍ୟମ କରୁଛନ୍ତି।

# ନ ସୁଧୁରିଲେ ଚିଦାମ୍ବରମ୍‌ଙ୍କ ଭଳି ଦଶା ଭୋଗିବେ

**ବଲିଆ,୧୫।୯**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁଧୁରିଯାଆନ୍ତୁ। ନଚେତ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଭଳି ଦଶା ଭୋଗିବେ ବୋଲି ରବିବାର ଭାଜପା ନେତା ସୁରେନ୍ଦ୍ର ସିଂ ଧମକ ଦେଇଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଉତ୍ତରପ୍ରଦେଶର ବୈରିଆ ବିଧାୟକ ସୁରେନ୍ଦ୍ର ସିଂ କହିଛନ୍ତି, ଟିଏମ୍‌ସି ସୁପ୍ରିମୋ ମମତା



ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ଉଚିତ। କାରଣ ସେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ବିରୋଧ

## ମମତାଙ୍କୁ ଧମକ ଦେଇ ପୁଣି ବିବାଦରେ ସୁରେନ୍ଦ୍ର ସିଂ

କରୁଛନ୍ତି। ତାଙ୍କ ପାଇଁ ଖରାପ ସମୟ ଆରମ୍ଭ ହୋଇଯାଇଛି ବୋଲି ସେ ଭୁଲିଯାଇଥିବା ଏଥିରୁ ଜଣାପଡୁଛି। ମମତା ନିଜ ଭାଷା ଓ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ। ନ ହେଲେ ଜେଲ୍‌ରେ ଥିବା କଂଗ୍ରେସ ନେତା ଚିଦାମ୍ବରମଙ୍କ ଭଳି ତାଙ୍କ ଅବସ୍ଥା ହେବ।

# ବଙ୍ଗଳା ଛାଡ଼ିନାହାନ୍ତି ୮୨ ଏମ୍‌ପି

**ନୂଆଦିଲ୍ଲୀ,୧୫।୯(ପି.ଟି.)**

ଲୋକ ସଭା କମିଟିର ତାଗିଦ ସତ୍ତ୍ୱେ ୮୨ ଏମ୍‌ପି ଏପର୍ଯ୍ୟନ୍ତ ସରକାରୀ ବଙ୍ଗଳା ଖାଲିକରିନାହାନ୍ତି। ତୁରନ୍ତ ଘର ଖାଲି କରାଇବା ପାଇଁ ପୂର୍ବତନ ଏମ୍‌ପିମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସରକାର ବିଚାର କରୁଥିବା ଜଣାପଡିଛି। ପାଖାପାଖି ୨୦୦ ପୂର୍ବତନ ଏମ୍‌ପିଙ୍କୁ ବଙ୍ଗଳା ଖାଲିକରିବା ପାଇଁ ଅଗଷ୍ଟ ୧୯ରେ ସି.ଆର୍. ପାଟିଲଙ୍କ ନେତୃତ୍ୱରେ ଲୋକ ସଭା ହାଉସିଂ କମିଟି ନିର୍ଦ୍ଦେଶ ଦେଇଥିଲେ। ୭ ଦିନ ମଧ୍ୟରେ ସେମାନଙ୍କୁ ଘର ଛାଡ଼ିବାକୁ କୁହାଯାଇଥିବାବେଳେ

## ତାଗିଦ ସତ୍ତ୍ୱେ ଶୁଣୁନାହାନ୍ତି

୩ ଦିନ ମଧ୍ୟରେ ବିଦ୍ୟୁତ, ପାଣି ଓ ରନ୍ଧନ ଗ୍ୟାସ ସଂଯୋଗ କାଟିଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ପରେ ଅଧିକାଂଶ ଏମ୍‌ପି ବଙ୍ଗଳା ଛାଡ଼ିଥିବାବେଳେ ଏବେ ବି ୮୨ ଏମ୍‌ପି ଘର ଖାଲି କରିନାହାନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ସମ୍ପୃକ୍ତ ଏମ୍‌ପିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଉସିଂ କମିଟି ସୂତ୍ରରୁ କୁହାଯାଇଛି।

# ବାୟୁସେନାକୁ ମିଳିଲା ସ୍ପାଇସ୍-୨୦୦୦ ବୋମା

**ନୂଆଦିଲ୍ଲୀ,୧୫।୯**

ଭାରତୀୟ ବାୟୁସେନାକୁ ଅଟ୍ଟାଳିକା ଧ୍ୱଂସକାରୀ ସ୍ପାଇସ୍-୨୦୦୦ ବୋମା ମିଳିଛି। ଏହା ବାୟୁସେନାର ଆକ୍ରମଣ କ୍ଷମତା ବୃଦ୍ଧିରେ ସହାୟକ ହେବ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଗତ ଫେବୃୟାରୀ ୨୬ରେ ବାୟୁସେନା ପାକିସ୍ତାନର ବାଲାକୋଟ୍‌ସ୍ଥିତ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିର ଧ୍ୱଂସ କରିବାକୁ ସ୍ପାଇସ୍-୨୦୦୦ ବୋମା ବ୍ୟବହାର କରିଥିବାବେଳେ ଏହାର ବିଲ୍ଡିଂ ବ୍ଲାଷ୍ଟର ଭର୍ସନ ଇସ୍ରାଏଲ୍ ଯୋଗାଇ ଦେଇଛି। ବାୟୁସେନାର ମିରାଜ ୨୦୦୦ ଲଢୁଆ ବିମାନରୁ ଏହି





ବୋମାକୁ ନିକ୍ଷେପ କରାଯିବ। ତେଣୁ ଉକ୍ତ ଅସ୍ତ୍ର ଗ୍ୱାଲିୟର ଏୟାରବେସ୍‌ରେ ରହିବ। ମାର୍କ ୮୪ ଯୁଦ୍ଧାସ୍ତ୍ର ଏବଂ ବୋମା ପାଇଁ ଭାରତୀୟ ବାୟୁସେନା ଇସ୍ରାଏଲ୍ ସହ ଗତ ଜୁନ୍ ମାସରେ ୨୫୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ସ୍ପାଇସ୍-୨୦୦୦ ବିଲ୍ଡିଂ ବ୍ଲାଷ୍ଟର ବୋମା ରହିଛି।

# 'ନଭେମ୍ବର ପରେ ରାମମନ୍ଦିର'

**ଅଯୋଧ୍ୟା,୧୫।୯(ଆଇଏଏନ୍‌ଏସ୍)**

ନଭେମ୍ବର ପରେ ଅଯୋଧ୍ୟାରେ ବିଶାଳ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ ବୋଲି ବରିଷ୍ଠ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ କହିଛନ୍ତି। ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଥିବାବେଳେ ରାୟ ରାମମନ୍ଦିର ସପକ୍ଷରେ ଯିବ ବୋଲି ସେ କହିଛନ୍ତି। ଉପାସନା କରିବା ନାଗରିକର ମୌଳିକ ଅଧିକାର



ସୁବ୍ରମଣ୍ୟମ୍ ସ୍ୱାମୀ

ହୋଇଥିବାରୁ ଏହାକୁ କେହି ଛଡ଼ାଇ ନେଇପାରିବେ ନାହିଁ ବୋଲି ଅଯୋଧ୍ୟା ଗସ୍ତରେ ଥିବା ସୁବ୍ରମଣ୍ୟମ୍ କହିଛନ୍ତି।

[ଇତିହାସର ଆଇନାରେ]

## ସେପ୍ଟେମ୍ବର ୧୬ର ପ୍ରମୁଖ ଘଟଣା

୧୯୭୫ ସେପ୍ଟେମ୍ବର ୧୬ରେ ପପୁଆ ନ୍ୟୁ ଗିନି ଅଷ୍ଟ୍ରେଲିଆଠାରୁ ସ୍ୱାଧୀନ ହୋଇଥିଲା। ଇଣ୍ଡୋନେସିଆ ସୀମାରେ ଅବସ୍ଥିତ ଏହି ଦେଶ ପୂର୍ବରୁ ଜର୍ମାନୀ, ବ୍ରିଟେନ ଓ ଅଷ୍ଟ୍ରେଲିଆ ଶାସନାଧୀନ ଥିଲା। ୧୯୦୨ରେ ଏହା ଅଷ୍ଟ୍ରେଲିଆ କମନୱେଲ୍‌ଥ କର୍ତ୍ତୃପକ୍ଷଙ୍କ ଅଧୀନକୁ ଆସିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଜର୍ମାନ ଅଧୀନରେ ଥିବା ନ୍ୟୁ ଗିନିକୁ ଅଷ୍ଟ୍ରେଲିଆ ଅକ୍ତିଆର କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ଅଞ୍ଚଳ ନ୍ୟୁ ଗିନି ସହ ମିଶିଯାଇଥିଲା।

୨୦୧୩ ସେପ୍ଟେମ୍ବର ୧୬ରେ ଆମେରିକା ନୌସେନା ରିଜର୍ଭ ବାହିନୀର ଜଣେ ପୂର୍ବତନ ଅଫିସର ୱାଶିଂଟନ ନ୍ୟାଭି ୟାର୍ଡରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିଲେ। ଆକ୍ରମଣକାରୀଙ୍କ ନାମ ଆରୋନ ଆଲେକ୍ସିସ ବୋଲି ଜଣାପଡିଥିଲା। ଏହି ଘଟଣା ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା।





ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ କେତେକ ସ୍ଥାନରେ ସାମାନ୍ୟ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୫.୧ |
| ଚାନ୍ଦବାଲି | ୩୫.୫ | ୨୬.୪ |
| କଟକ | ୩୪.୮ | ୨୪.୫ |
| ପାରାଦ୍ୱୀପ | ୩୨.୦ | ୨୮.୦ |
| ଭୁବନେଶ୍ୱର | ୩୩.୮ | ୨୬.୧ |
| ଗୋପାଳପୁର | ୩୨.୦ | ୨୬.୦ |
| ପୁରୀ | ୩୩.୨ | ୨୬.୮ |
| ଅନୁଗୋଳ | ୩୪.୭ | ୨୨.୬ |
| ବାରିପଦା | --- | ୨୬.୬ |
| ଝାରସୁଗୁଡ଼ା | ୩୩.୬ | ୨୬.୦ |
| କେନ୍ଦୁଝର | ୩୨.୯ | ୨୩.୬ |
| ସମ୍ବଲପୁର | ୩୪.୦ | ୨୫.୫ |
| ସୁନ୍ଦରଗଡ଼ | ୩୦.୦ | ୨୧.୫ |
| ହୀରାକୁଦ | ୩୩.୪ | ୨୬.୩ |
| ତାଲଚେର | --- | ୨୫.୦ |
| ଭବାନୀପାଟଣା | ୩୩.୬ | ୨୪.୦ |
| ବଲାଙ୍ଗୀର | ୩୪.୫ | ୨୫.୩ |
| କୋରାପୁଟ | ୨୮.୬ | ୨୧.୦ |
| ଫୁଲବାଣୀ | ୩୨.୨ | --- |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୧.୦ | |
| ସୋନପୁର | ୩୨.୮ | ୨୧.୮ |
| ଦାରିଙ୍ଗିବାଡ଼ି | --- | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ପାକ୍‌ର ୨,୦୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

ପାକିସ୍ତାନୀ ସେନା ଚଳିତବର୍ଷ ୨,୦୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଏଥିରେ ୨୧ ଭାରତୀୟ ନିହତ ହେଲେଣି ବୋଲି ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ପାକିସ୍ତାନ ସବୁବେଳେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ରେଖା (ଆଇବି)ରେ ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ଚଳିତବର୍ଷ ପାକିସ୍ତାନୀ ସେନା ୨,୦୫୦ ଥର ଗୁଳିଗୋଳା ବର୍ଷଣ ଓ ମୋର୍ଟାର ମାଡ଼ କରି ବର୍ଡର ପୋଷ୍ଟ ଓ ସୀମାନ୍ତ ଗ୍ରାମଗୁଡ଼ିକୁ ଟାର୍ଗେଟ କରିଛି। ପାକିସ୍ତାନୀ ସେନାର ସୀମାପାର ଆକ୍ରମଣରେ ଅଦ୍ୟାବଧି ୨୧ ଭାରତୀୟ ନିହତ ହେଲେଣି। ଏଲ୍‌ଓସି



ଏବଂ ଆଇବିରେ ଶାନ୍ତି ବଜାୟ ରଖିବା ପାଇଁ ୨୦୦୩ ଅସ୍ତ୍ରବିରତି ଚୁକ୍ତିକୁ ସମ୍ମାନ ଦେବାଲାଗି ଭାରତ ପାକିସ୍ତାନକୁ ବାରମ୍ବାର କହିଆସୁଛି। ହେଲେ ପାକିସ୍ତାନ ଶୁଣୁନାହିଁ। ଅସ୍ତ୍ରବିରତି ଉଲ୍ଲଂଘନ କରି ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପଡ଼ୋଶୀ ଦେଶ ଉଦ୍ୟମ ଜାରି ରଖିଛି।

## ସ୍ମାର୍ଟ ରୋବୋ



ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ରୋବଟ୍ ବା ରୋବୋର ବ୍ୟବହାର କିଛି ନୂଆ କଥା ନୁହେଁ। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ତିଆରି କରିଛନ୍ତି ଯାହା ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ବିଶେଷଭାବରେ ଷ୍ଟ୍ରୋକ୍ ରୋଗୀଙ୍କ ପାଇଁ ଏହି ସ୍ମାର୍ଟ ରୋବୋ ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି। ରୋଗୀ ନିକଟରେ ରହି ଜଣେ ଆଟେଣ୍ଡାଣ୍ଟର କାମ ଉକ୍ତ ରୋବୋ ସୁଚାରୁରୂପେ ତୁଲାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରି କି ରୋଗୀ କେଉଁ ସମୟରେ ଔଷଧ ଖାଇବ ତାହାକୁ ମନେରଖିବା ସହ ଔଷଧ ମଧ୍ୟ ଦେଇପାରିବ। କେତେଜଣ ରୋଗୀ ଏହି ରୋବୋ ସହ ଭିଡିଓ ଗେମ୍ ଖେଳିପାରିବେ। ତେବେ ଏଭଳି ରୋବୋ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ମାସ ଲାଗିବ ବୋଲି ରିପୋର୍ଟରେ ସୂଚିତ କରାଯାଇଛି।

## ଯକ୍ଷ୍ମାକୁ ନିୟନ୍ତ୍ରଣ କରିବ ଟି' ସେଲ୍



ଯକ୍ଷ୍ମା ରୋଗୀଙ୍କ ପାଇଁ ଖୁସି ଖବର। ଅବଶ୍ୟ ଏବେ ଏହି ରୋଗକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇସାରିଲାଣି। ଏହାର ସରଳ ଏବଂ ସହଜ ଚିକିତ୍ସା ପ୍ରଣାଳୀ ମଧ୍ୟ ଉପଲବ୍ଧ। ନିକଟରେ ଆଉ ଏକ ଉପାୟ ଦ୍ୱାରା ଯକ୍ଷ୍ମାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏ ସମ୍ପର୍କରେ ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଯକ୍ଷ୍ମା ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଗବେଷଣା ସମୟରେ ସେମାନେ ମନୁଷ୍ୟ କୋଷ (ସେଲ୍) ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଆଇଏନ୍ଆଇସିଟି ନାମକ ଏକ ସେଲ୍ ପାଇଥିଲେ। ଏହାକୁ ସଂକ୍ଷେପରେ ସେମାନେ 'ଟି ସେଲ୍' ନାମରେ ନାମିତ କରିଛନ୍ତି। ଯଦି ଏହି ସେଲ୍ ସକ୍ରିୟ ରହେ ତେବେ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅନେକାଂଶରେ କମ୍ ଥାଏ ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ଓଜୋନ ରକ୍ଷିଛି ଜୀବନ

**ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବରେ ପାଳନ କରାଯାଇଥାଏ। ଏ ବର୍ଷର ବାର୍ତ୍ତା ହେଲା– '୩୨ ବର୍ଷର ଉପଶମକରଣ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



କମଳାକାନ୍ତ ଜେନା

ଆଜି ହେଉଛି ସେପ୍ଟେମ୍ବର ୧୬ ତାରିଖ – 'ବିଶ୍ୱ ଓଜୋନ ଦିବସ'। ଓଜୋନ ହେଉଛି ଏକ ବାଷ୍ପ, ଯାହାକି ଆମ ବାୟୁମଣ୍ଡଳରେ ରହି ଆମର ଜୀବନକୁ ରକ୍ଷା କରୁଛି। ଆମେ ବଞ୍ଚିବା ପାଇଁ ଅମ୍ଳଜାନ ବାଷ୍ପ ଗ୍ରହଣ କରୁ, ଯାହାକି ଦୁଇ ଦୁଇଟା ଅମ୍ଳଜାନ କଣିକାରେ ଗଠିତ। କିନ୍ତୁ ତିନି ତିନିଟା ଅମ୍ଳଜାନ କଣିକା ମିଶିଲେ ଓଜୋନ ବାଷ୍ପ ସୃଷ୍ଟି ହୁଏ। ଭୂଇଁଠାରୁ ୮ କି.ମି.ରୁ ୫୦ କି.ମି. ଉଚ୍ଚତା ଭିତରେ ଏହି ବାଷ୍ପର ସ୍ତର ରହିଛି। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି–ଖ' (ୟୁଭି–ବି)। ଏହି ବିକିରଣ ଆମ ଶରୀରରେ ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟ କିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢିପାରନ୍ତି ନାହିଁ। ଅତିବାଇଗଣି ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡିଯାଏ। ପ୍ରତିବର୍ଷ ପ୍ରାୟ ୧,୩୦,୦୦୦ ବ୍ୟକ୍ତି ଚର୍ମ କର୍କଟ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ଓ ୬୬,୦୦୦ ବ୍ୟକ୍ତି ଚର୍ମ କର୍କଟରେ ପ୍ରାଣ ହରାନ୍ତି। ତେଣୁ ଏହି ବିକିରଣ ଆମ ପାଇଁ ବିପଦ। କିନ୍ତୁ ବାୟୁମଣ୍ଡଳରେ ଥିବା ଓଜୋନସ୍ତର ଏହି ମାରାତ୍ମକ ବିକିରଣକୁ ଶୋଷି ନିଏ। ଓଜୋନସ୍ତର ନ ଥିଲେ ପୃଥିବୀ ପୃଷ୍ଠରେ ହୁଏତ ଆଜିର

ସିଏଫ୍‌ସି ବ୍ୟତୀତ ମିଥାଇଲ ବ୍ରୋମାଇଡ୍ କୀଟନାଶକର ବ୍ୟବହାର ମଧ୍ୟ ଓଜୋନ ସ୍ତରକୁ ନଷ୍ଟ କରେ। ତେଣୁ ଓଜୋନ ସ୍ତରକୁ ନଷ୍ଟ କରୁଥିବା କାରକଗୁଡିକ ସମ୍ପର୍କରେ ଆମେ ସମସ୍ତେ ଜାଣିବା ଜରୁରୀ। ସେହି ସଚେତନତା ସୃଷ୍ଟି କରିବା ସକାଶେ ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ୧୯୯୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ଭାବରେ ପାଳନ କରାଯାଉଛି। ଏବେ ସିଏଫ୍‌ସି ବଦଳରେ କମ୍ ବିପଦପୂର୍ଣ୍ଣ ବାଷ୍ପ ଏଚ୍‌ସିଏଫ୍‌ସି ବ୍ୟବହୃତ ହେଉଛି। ୨୦୨୦ ପରେ ତାହାକୁ ମଧ୍ୟ ବନ୍ଦ କରିବାର ପ୍ରସ୍ତାବ ରହିଛି। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ବିଶ୍ୱ ଓଜୋନ ଦିବସ ପାଇଁ ଏକ ବାର୍ତ୍ତା ରଖାଯାଇଛି, ତାହା ହେଉଛି – '୩୨ ବର୍ଷର ଉପଶମକରଣ'। ଏହାର ଅର୍ଥ ୧୯୮୭ ମସିହା ସେପ୍ଟେମ୍ବର ୧୬ ତାରିଖରେ ୩୬ଟି ଦେଶକୁ ନେଇ ମଣ୍ଟ୍ରିଲ୍‌ଠାରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଓଜୋନର କ୍ଷୟକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଥିଲା।

> "ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନ ସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି–ଖ' (ୟୁଭି–ବି)। ଏହି ବିକିରଣ ଆମ ଶରୀରରେ ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ ମଧ୍ୟ କୃଷି ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ।"




ଜୀବଜଗତ ସମ୍ଭବ ହୋଇପାରି ନ ଥାନ୍ତା। ତେଣୁ ଓଜୋନ ସ୍ତର ଆମର ରକ୍ଷାକାରୀ ଚଦର ପରି କାର୍ଯ୍ୟ କରୁଛି।

ଆମେ ବ୍ୟବହାର କରୁଥିବା ସିଏଫ୍‌ସି ବାଷ୍ପ ଦ୍ୱାରା ବାୟୁମଣ୍ଡଳର ଓଜୋନ ସ୍ତର ନଷ୍ଟ ହୁଏ। ବିଭିନ୍ନ ସୌଖୀନ ଦ୍ରବ୍ୟ, ଫୋମ୍, ଏରୋସୋଲ ସ୍ପ୍ରେ, ରେଫ୍ରିଜରେଟର ଓ ଏ.ସି. ଇତ୍ୟାଦିରେ ସିଏଫ୍‌ସି ବାଷ୍ପ ବ୍ୟବହାର କରାଯାଏ। ଅତଏବ ଦୀର୍ଘ ୩୨ ବର୍ଷ ଧରି ଏହି ଚୁକ୍ତି ଆମର ସ୍ୱାସ୍ଥ୍ୟ ଓ ପରିବେଶକୁ ଉପଶମ କରିଆସୁଛି। ଓଜୋନ ସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର। ଏହାକୁ ସାଇତି ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହି ବିଷୟରେ ଆମେ ନିଜେ ସଚେତନ ହେବା ଓ ଅନ୍ୟକୁ ସଚେତନ କରିବା।

–ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ମୋ : ୯୪୩୯୫୦୧୬୫୧



ପ୍ର. ରମେଶ ଚନ୍ଦ୍ର ପରିଡ଼ା

# ବିଜ୍ଞାନ ଈଶ୍ୱରଙ୍କୁ ହତ୍ୟାକରେ ନାହିଁ



କିଛିବର୍ଷ ତଳେ ଇଂଲଣ୍ଡର କ୍ୟାଥୋଲିକ ଚର୍ଚ୍ଚଗୁଡ଼ିକ ଦ୍ୱାରା ଅନୁଷ୍ଠିତ ସର୍ବେକ୍ଷଣରୁ ଜଣା ପଡ଼ିଥିଲା ଯେ ସାଧାରଣ ଲୋକଙ୍କ ମଧ୍ୟରୁ ୮୭.୬% ଈଶ୍ୱରଙ୍କ ସ୍ଥିତିକୁ ଦୃଢ଼ ଭାବେ ବିଶ୍ୱାସ କଲାବେଳେ ୧୨.୩%ଙ୍କର ଏଥି ସମ୍ପର୍କରେ ନିର୍ଦ୍ଦିଷ୍ଟ ମତାମତ ନାହିଁ କିମ୍ବା ସେମାନେ ଏହାକୁ ନେଇ ବିଶେଷ ଚିନ୍ତା କରନ୍ତି ନାହିଁ ଏବଂ ଅବଶିଷ୍ଟ ଅର୍ଥାତ୍ ଅତି ନଗଣ୍ୟ ହୋଇଥିବା ୦.୧% ସେଥିରେ ଆଦୌ ବିଶ୍ୱାସ କରନ୍ତି ନାହିଁ। ତେବେ, କ୍ରମଶଃ ଈଶ୍ୱରବିଶ୍ୱାସୀଙ୍କ ସଂଖ୍ୟା ହ୍ରାସ ପାଉଛି ଏବଂ ଏ ବିଶ୍ୱାସ ପ୍ରତି ନିଷ୍ଠାପରତା କମିବାରେ ଲାଗିଛି ବୋଲି ଏଥିରୁ ଜଣାପଡ଼ିଛି। ଅନ୍ୟପକ୍ଷରେ, ଈଶ୍ୱର ପ୍ରତି ବିଶ୍ୱାସ ନ ଥିବା ତଥା ତାଙ୍କ ସହିତ ସମ୍ପୃକ୍ତ ନ ଥିବା ଲୋକଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିଚାଲିଛି। ଏଥିପାଇଁ ଅନେକେ ବିଜ୍ଞାନକୁ ଦାୟୀକରନ୍ତି। ଏହା ମଣିଷକୁ ଅଧିକ ଯୁକ୍ତିବାଦୀ ଓ ବସ୍ତୁବାଦୀ କରିଦେଉଥିବାରୁ ଏପରି ଘଟୁଛି ବୋଲି ସେମାନଙ୍କ ମତ। କାରଣ ସେଥିଯୋଗୁ ସେ ଈଶ୍ୱରଙ୍କ ସ୍ଥିତିକୁ ମଧ୍ୟ ଯୁକ୍ତି ମାଧ୍ୟମରେ ତଉଲୁଛି ଏବଂ ସେଥିରେ ସଫଳ ନ ହେବା ଫଳରେ ତାଙ୍କ ପ୍ରତି ତା'ର ବିଶ୍ୱାସ ହ୍ରାସ ପାଉଛି। ଏଣୁ ବିଜ୍ଞାନର ପ୍ରଗତି ଆଧ୍ୟାତ୍ମିକତା ତଥା ଈଶ୍ୱର ବିଶ୍ୱାସର ବିଲୟ ଘଟାଇ ଚାଲିଛି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ, ୧୯୯୯ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ମାର୍ଟିନସ ଜେ.ଜି. ଭେଲ୍‌ମ୍ୟାନ୍‌ଙ୍କ ମତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସେତୁବନ୍ଧଟିଏ ନିର୍ମାଣ କରିବା ସଂଗତି ଏବଂ ଅସଂଗତି ମଧ୍ୟରେ ତାହା କରିବା ଭଳି ମନେହୋଇପାରେ। କିନ୍ତୁ ବିଜ୍ଞାନକୁ ସମାଜର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ତା'ଠାରେ ଅତ୍ୟାବଶ୍ୟକ ବୈଜ୍ଞାନିକ ମନୋଭାବର ସଞ୍ଚାର କରିବାର ଏହା ହେଉଛି ଏକ ନିର୍ଭରଯୋଗ୍ୟ ତଥା ସବୁଠାରୁ ସହଜସାଧ ମାର୍ଗ। ନିକଟରେ ମର୍ଯ୍ୟାଦାସମ୍ପନ୍ନ ଆନ୍ତର୍ଜାତିକ ଟେମ୍ପଲଟନ ପୁରସ୍କାର ତା'ର ଆଭିମୁଖ୍ୟକୁ ମୁଖ୍ୟତଃ ଏହି ଦିଗାଭିମୁଖୀ କରିଛି।

ଏହି ପୁରସ୍କାରଟି ଆମେରିକାର ଜନ୍ ଟେମ୍ପଲଟନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ୧୯୭୨ ମସିହାରେ। ତେବେ ୧୯୮୭ ମସିହାରେ ଜନ୍ ଟେମ୍ପଲଟନ ଫାଉଣ୍ଡେଶନ ଗଠନ କରାଯାଇ ତାକୁ ଏ ଦାୟିତ୍ୱ ସମର୍ପଣ କରାଯାଇଛି। ପ୍ରଥମେ ଏହାର ଆଭିମୁଖ୍ୟ ଥିଲା ଆଧ୍ୟାତ୍ମିକ ପରିସରକୁ ପ୍ରତିଷ୍ଠିତ କରିବା ଲାଗି ଅସାଧାରଣ ଯୋଗଦାନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା। ତେଣୁ ପ୍ରାଥମିକ ଅବସ୍ଥାରେ ଏଥିପାଇଁ ବିଚାରକୁ ନିଆଯାଉଥିଲା ଧର୍ମ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ। ଅତଏବ ଏହାର ପ୍ରଥମ ପ୍ରାପ୍ତକ ଥିଲେ ମଦର ଟେରେସା ଏବଂ ତାଙ୍କ ପରେ ଆର୍କ ବିଶପ ଦେଶମଣ୍ଡ ଟୁଟୁ, ଦଲାଇଲାମା, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଭଳି ଲୋକେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହାର ପରିସର ବିସ୍ତାରିତ କରାଗଲା। ଫଳରେ ଫ୍ରିମ୍ୟାନ୍ ଡଏସନ (୧୯୯୪), ମାର୍ଟିନ ରିସ (୨୦୧୧)ଙ୍କ ଭଳି ବହୁ ପ୍ରଖ୍ୟାତ ବୈଜ୍ଞାନିକ ଏହା ଲାଭ କରିବାର ଗୌରବ ଅର୍ଜନ କଲେ। ଚଳିତବର୍ଷ (୨୦୧୯)ରେ ଏହି ୧.୪ ନିୟୁତ ଡଲାର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଆମେରିକାର ନିଉହାମ୍ପସାୟାରସ୍ଥିତ ଡାର୍ଟମାଉଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରଫେସର ମାର୍ଶେଲୋ ଗ୍ଲେଇଷ୍ଟର। ସେ ମଧ୍ୟ ଏକକାଳୀନ ଭାବେ ପ୍ରାକୃତିକ ଦର୍ଶନ ବିଭାଗର ଆପଲଟନ ପ୍ରଫେସର ରୂପେ କାର୍ଯ୍ୟନିର୍ବାହ କରୁଛନ୍ତି।

ଗ୍ଲେଇଷ୍ଟର ଜଣେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ। ତାଙ୍କ ଅଧ୍ୟୟନ ଓ ଗବେଷଣାର ପରିସର ଖୁବ୍ ପ୍ରଶସ୍ତ। ତାହା ଆଦ୍ୟ ବିଶ୍ୱବ୍ରହ୍ମାଣ୍ଡର ପଦାର୍ଥ ବିଜ୍ଞାନଠାରୁ ଆରମ୍ଭକରି ନଭୋ–ଜୀବବିଜ୍ଞାନ, କଣିକା ପଦାର୍ଥ ବିଜ୍ଞାନ ଏବଂ ବିଶ୍ୱତତ୍ତ୍ୱ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେ ମଧ୍ୟ ଜଣେ ଉତ୍ତମ ଜନପ୍ରିୟ ବିଜ୍ଞାନ ଲେଖକ। ତାଙ୍କ ଲେଖାଗୁଡ଼ିକର ବିସ୍ତୃତ ପରିସର ମଧ୍ୟରେ ଥାଏ ବିଜ୍ଞାନ, ସଂସ୍କୃତି, ଦର୍ଶନ ଏବଂ ଆଧ୍ୟାତ୍ମିକତାର ଅନନ୍ୟ ସମନ୍ୱୟ।



ଜନ୍ ଟେମ୍ପଲଟନ

ବ୍ରାଜିଲର ରିଓ ଡି'ଜେନିରୋଠାରେ ୧୯୫୯ମାର୍ଚ୍ଚ ୧୯ ତାରିଖରେ ଜନ୍ମଲାଭ କରିଥିବା ଏହି ବୈଜ୍ଞାନିକଙ୍କ ପିତା ଆଇଜାକ ଥିଲେ ଜଣେ ଶିକ୍ଷାବିତ୍ ଏବଂ ମାତା ହାଲୁଜା ଜଣେ ଗୃହିଣୀ। ସେ ୧୯୮୧ ମସିହାରେ ସ୍ଥାନୀୟ ପୋଣ୍ଟିଫିକାଲ କ୍ୟାଥୋଲିକ ବିଶ୍ୱବିଦ୍ୟାଳୟରୁ ସ୍ନାତକ, ୧୯୮୨ ମସିହାରେ ସେଠାର ଫେଡେରାଲ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଏବଂ ୧୯୮୬ ମସିହାରେ ଲଣ୍ଡନର ସୁପ୍ରସିଦ୍ଧ କିଂସ୍ କଲେଜର ପି.ଏଚ୍‌ଡି. ଉପାଧି ଲାଭ କରିଥିଲେ। ତତ୍ପରେ ସେ ୧୯୮୮

> "୧୯୯୯ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ମାର୍ଟିନସ ଜେ.ଜି. ଭେଲ୍‌ମ୍ୟାନ୍‌ଙ୍କ ମତରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସେତୁବନ୍ଧଟିଏ ନିର୍ମାଣ କରିବା ସଂଗତି ଏବଂ ଅସଂଗତି ମଧ୍ୟରେ ତାହା କରିବା ଭଳି ମନେହୋଇପାରେ, କିନ୍ତୁ ବିଜ୍ଞାନକୁ ସମାଜର ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ତା'ଠାରେ ଅତ୍ୟାବଶ୍ୟକ ବୈଜ୍ଞାନିକ ମନୋଭାବର ସଞ୍ଚାର କରିବାର ଏହା ହେଉଛି ଏକ ନିର୍ଭରଯୋଗ୍ୟ ତଥା ସବୁଠାରୁ ସହଜସାଧ ମାର୍ଗ।"

### ଟେମ୍ପଲଟନ ପୁରସ୍କାର–୨୦୧୯

ମସିହା ଯାଏ ଫର୍ମି ବିଜ୍ଞାନାଗାରରେ ଏବଂ ୧୯୯୧ ମସିହା ପର୍ଯ୍ୟନ୍ତ କାଭ୍‌ଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଓରିଟିକାଲ ଫିଜିକ୍ସରେ ଗବେଷଣା କରିବାକୁ ଲାଗିଲେ। ବର୍ତ୍ତମାନ ତାଙ୍କର କର୍ମସ୍ଥଳୀ ହେଉଛି ଡାର୍ଟମାଉଥ କଲେଜ। ପଦାର୍ଥ ବିଜ୍ଞାନକୁ ତାଙ୍କର ଅବଦାନ ପାଇଁ ଗ୍ଲେଇଷ୍ଟର ଲାଭ କରିଛନ୍ତି ବହୁ ପୁରସ୍କାର ଓ ସମ୍ମାନ। ଆମେରିକାନ ଫିଜିକାଲ ସୋସାଇଟିର ସେ ହେଉଛନ୍ତି ଜଣେ ପ୍ରାକ୍ତନ ସଦସ୍ୟ ଏବଂ ବର୍ତ୍ତମାନର ଫେଲୋ। ଅନ୍ୟପକ୍ଷରେ, ବ୍ରାଜିଲର ଏକାଡେମୀ ଅଫ୍ ଫିଲୋଶଫି ମଧ ତାଙ୍କୁ ସଦସ୍ୟତା ପ୍ରଦାନ କରିଛି। ସେ ଲାଭ କରିଥିବା ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି ଆମେରିକାର ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ ଏବଂ ହ୍ୱାଇଟ ହାଉସ ଦ୍ୱାରା ପ୍ରଦତ୍ତ ପ୍ରେସିଡେନ୍‌ସିଆଲ ଫାକଲ୍‌ଟି ଫେଲୋ ପୁରସ୍କାର। ବ୍ରାଜିଲିଆନ ସାଇନ୍ସ ରିସର୍ଚ୍ଚ କାଉନସିଲ ଦ୍ୱାରା ପ୍ରଦତ୍ତ ଜୋସ୍ ରେଇସ ଆୱାର୍ଡ ଫର୍ ଦ ପବ୍ଲିକ ଅଣ୍ଡରଷ୍ଟାଣ୍ଡିଂ ଅଫ୍ ସାଇନ୍ସ ଏବଂ ବ୍ରାଜିଲିଆନ ଡାଇୟା ସ୍ୱୋରା ପ୍ରାଇଜ।

ଗବେଷଣା ଓ ଜନପ୍ରିୟ ବିଜ୍ଞାନ ଲେଖା ଲେଖିବା ବ୍ୟତୀତ ଗ୍ଲେଇଷ୍ଟର ମଧ ଅନେକ ଟେଲିଭିଜନ ଓ ରେଡିଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ପ୍ରମୁଖଗୁଡ଼ିକ ଭିତରେ ରହିଛି ଷ୍ଟିଫେନ ହକିଂଙ୍କ ବିଶ୍ୱବ୍ରହ୍ମାଣ୍ଡ ବିୟଣ୍ଡ ଦ ବିଗ୍‌ବ୍ୟାଙ୍ଗ, ହାଓ ଲାଇଫ ବିଗାନ୍, ଫ୍ରେସ୍ ଏୟାର, ରେଡିଓଲାବ୍ ଇତ୍ୟାଦି। ଏସବୁ ସମଗ୍ର ବିଶ୍ୱର ୧୨୦ଟି ଦେଶରେ ବେଶ୍ ଜନାଦୃତ ହୋଇଛି। ବର୍ତ୍ତମାନ ସେ ଟେମ୍ପଲଟନ ପୁରସ୍କାର–୨୦୧୯ ଲାଭ କରିଛନ୍ତି। ବିଜ୍ଞାନ ଈଶ୍ୱରଙ୍କୁ ହତ୍ୟାକରେ ନାହିଁ ବୋଲି ଏକ ବିଜ୍ଞାନ ଓ ଦର୍ଶନ ସମ୍ମିଳିତ ପୃଷ୍ଠଭୂମି ଉପରେ ଆଧାରିତ କାର୍ଯ୍ୟକ୍ରମର ପ୍ରସାର ଲାଗି। ଏଥିରେ ସେ ଦୃଢ଼ ଭାବେ ସାବ୍ୟସ୍ତ କରିଛନ୍ତି ଯେ ବୈଜ୍ଞାନିକ ମାନସିକତା ଏବଂ ଆଧ୍ୟାତ୍ମିକତା ଯେ କେବଳ ଏକତ୍ର ତିଷ୍ଠିପାରିବେ ତା' ନୁହେଁ ବରଂ ପରସ୍ପରକୁ ଋଦ୍ଧିମନ୍ତ ମଧ କରିପାରିବେ। ଏହାକୁ ସେ ଯୁକ୍ତିସିଦ୍ଧ ଭାବେ ଉପସ୍ଥାପିତ କରିଛନ୍ତି ବିବିଧ ବୈଜ୍ଞାନିକ ତଥ୍ୟର ଅବତାରଣା କରି।

–ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

## ସ୍ମରଣଶକ୍ତି ବଢ଼ାଇବାର ସହଜ ଉପାୟ



ସାଧାରଣତଃ ବୟସ ବଢ଼ିବା ସହ ସ୍ମରଣଶକ୍ତିରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ। ଅପରପକ୍ଷରେ ମସ୍ତିଷ୍କଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏପରି ଅସୁବିଧା ସୃଷ୍ଟି ହେବା ଆଶଙ୍କା ଥାଏ। ତେବେ ଏହାକୁ ବଢ଼ାଇବାର ଏକ ସରଳ ଉପାୟ ରହିଛି। ଏପରି ବିଷୟବସ୍ତୁ ଉପରେ ନିକଟରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଏକ କୌତୂହଳପୂର୍ଣ୍ଣ ତଥ୍ୟ ଜାଣିବାକୁ ପାଇଥିଲେ। ସ୍ମରଣଶକ୍ତି ବଢ଼ାଇବାର ସହଜ ଉପାୟ ହେଲା 'ଗପିବା' ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହି ସମୟରେ ସେମାନେ ଗବେଷଣା ପରିସରଭୁକ୍ତ କେତେଜଣ ବ୍ୟକ୍ତିଙ୍କୁ ଦୁଇଭାଗରେ ବିଭକ୍ତ କରିଥିଲେ। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ପରସ୍ପର ସହ ଗପିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ମରଣଶକ୍ତି ଉପରେ ଏହାର କି ପ୍ରକାର ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ। ଆଶ୍ଚର୍ଯ୍ୟର କଥା ସେମାନଙ୍କ ମଧ୍ୟରୁ ୩୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ଜଣାପଡ଼ିଥିଲା।

## ରାତ୍ରଭୋଜନ

ରାତ୍ରଭୋଜନ ସହଜରେ ହଜମ ହେଉଥିବା ଦରକାର। ରାତିରେ ଯଦି ଆମେ ଗରିଷ୍ଠ ଖାଦ୍ୟ ଖାଇବା ତେବେ ତାହା ହଜମଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହି ସମୟରେ ଆମକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ। ରାତ୍ରଭୋଜନରେ ସବୁବେଳେ ସୁପାଚ୍ୟଯୋଗ୍ୟ ଖାଦ୍ୟ ଖାଆନ୍ତୁ। ଯଦି ଏହାର ଏକ ଚାର୍ଟ ପ୍ରସ୍ତୁତ କରିପାରିଲେ ତାହା ଆହୁରି ଭଲ। ସବୁଠାରୁ ଖାସ୍ କଥା ହେଲା, ଶୋଇବା ସମୟ ଏବଂ ରାତ୍ରଭୋଜନ କରିବ ସମୟ ଭିତରେ ଅତିକମ୍‌ରେ ଦୁଇଘଣ୍ଟା ଗ୍ୟାପ୍ ରହିବା ଭଲ। ସଙ୍ଗେ ସଙ୍ଗେ ରାତ୍ରଭୋଜନ ଶେଷକରି ଶୋଇବାକୁ ଯାଉଥିଲେ ଏପରି ଅଭ୍ୟାସ ପରିତ୍ୟାଗ କରନ୍ତୁ। କାରଣ ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ନିଦ୍ରାଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ରାତ୍ରଭୋଜନ କରିବା ପରେ କିଛି ସମୟ ଚାଲବୁଲ କରନ୍ତୁ। କାରଣ ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। କେତେକେ ବିଳମ୍ବିତ ରାତିରେ ଭୋଜନ କରିଥାଆନ୍ତି। ଏଭଳି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସ୍ୱାସ୍ଥ୍ୟ ଲାଗି ସେତେ ଭଲ। ରାତିରେ ପେଟପୂରା ଖାଦ୍ୟ ଖାଆନ୍ତୁ ନାହିଁ।



## ୧୦ଟି କଥା

- ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଏହାଦ୍ୱାରା ଟେନ୍‌ସନ ଅନେକାଂଶରେ ଦୂର ହୋଇଥାଏ।
- ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଏହା ସହ ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ।
- ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ପାଇଁ ବାହାର କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ।
- କ'ଣ ପାଇଁ ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ତାହାର କାରଣ ଖୋଜି ବାହାର କରନ୍ତୁ। ଯେତେ ସମ୍ଭବ ଏହାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତୁ।
- ଯଦି ଅଧିକାଂଶ ସମୟ ଚାପର ବଶବର୍ତ୍ତୀ ହେଉଛନ୍ତି ତେବେ ଯେତେ ସମ୍ଭବ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
- ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ନିଜେ ତୁଲାଇପାରୁ ନ ଥିବା କାମକୁ ଆପଣେଇ ଟେନ୍‌ସନକୁ ଡାକି ଆଣନ୍ତୁ ନାହିଁ।
- ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ସବୁବେଳେ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।
- ଯଦି ଅଧିକାଂଶ ସମୟ ଟେନ୍‌ସନରେ ରହୁଛନ୍ତି ତେବେ କିଛି ସମୟ ଶାନ୍ତ ପରିବେଶରେ ନିଜକୁ ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ମାନସିକ ଶାନ୍ତି ମିଳିବା ଯଥେଷ୍ଟ ସମ୍ଭାବନା ରହିଛି।
- ସବୁବେଳେ ନିଜକୁ ଟେନ୍‌ସନ ଫ୍ରି ରଖିବାକୁ ଏକ ରୁଟିନ୍ ଲାଇଫ ଖସଡ଼ା ପ୍ରସ୍ତୁତ କରନ୍ତୁ।
- ଟେନ୍‌ସନକୁ ନେଇ ଯଦି ଅଧିକ ଚିନ୍ତାଗ୍ରସ୍ତ ରହୁଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ, ଯିଏ କି ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ସହଜ ବାଟ ବତାଇଦେବେ।

## ସଂକ୍ଷେପରେ

### ପୁଞ୍ଜି ବଜାରରେ ଏଫ୍‌ପିଆଇଙ୍କ ୧୮୪୧ କୋଟି ନିବେଶ

**ମୁମ୍ବାଇ,୧୫-୯:** ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ସେପ୍ଟେମ୍ବର ୧୩ ସୁଦ୍ଧା ପୁଞ୍ଜି ବଜାରରେ ୧୮୪୧ କୋଟି ଟଙ୍କା ନିବେଶ କରିଛନ୍ତି। ଏଥିପୂର୍ବରୁ ସେମାନେ କ୍ରମାଗତ ଦୁଇ ମାସ ହେବ ବଜାରରେ ଶେୟାର ବିକ୍ରି କରି ଅର୍ଥ କାଢ଼ି ନେଉଥିଲେ। ଆଲୋଚ୍ୟ ସମୟ ମଧ୍ୟରେ ସେମାନେ ୨୦୩୧.୦୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିବା ବେଳେ ୩୮୭୨.୧୯ କୋଟି ଟଙ୍କା କିଣିଛନ୍ତି। ଏଭଳି ଭାବେ ସେମାନେ ମୋଟ ୧୮୪୧.୧୭ କୋଟି ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଏଥିପୂର୍ବରୁ ଏଫ୍‌ପିଆଇ ଅଗଷ୍ଟରେ ୫୯୨୦.୦୨ କୋଟି ଟଙ୍କା, ଜୁଲାଇରେ ୨୯୮୫.୮୮କୋଟି ଟଙ୍କାର ନେଟ୍ ଶେୟାର ବିକ୍ରି କରିଥିଲେ। ବଜାର ବିଶ୍ଳେଷକ ଫର୍ମ ଗ୍ରୋର ମୁଖ୍ୟ ପରିଚାଳନା ଅଧିକାରୀ ହର୍ଷ ଜୈନଙ୍କ କହିବାନୁଯାୟୀ, ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ନରମ ପଡିବା ଓ ଜୁଲାଇରେ ଔଦ୍ୟୋଗିକ ଉତ୍ପାଦନ ୪.୩% ରହିବା ଯୋଗୁ ଏଫ୍‌ପିଆଇଙ୍କ ଭାରତୀୟ ପୁଞ୍ଜି ବଜାର ପ୍ରତି ଆକର୍ଷଣ ପୁଣି ବଢ଼ିଛି।

### ଜିରୋ ବାଲାନ୍ସ ଆକାଉଣ୍ଟରେ ନେଣଦେଣ
### ୧୨୫ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ନେବ ଆଇସିଆଇସିଆଇ ବ୍ୟାଙ୍କ

**ନୂଆଦିଲ୍ଲୀ,୧୫-୯:** ଘରୋଇ ସେକ୍ଟରର ଆଇସିଆଇସିଆଇ ବ୍ୟାଙ୍କ ନିଜର ଗ୍ରାହକଙ୍କୁ ଜୋର୍‌ଦାର ଝଟକା ଦେଇଛି। ବ୍ୟାଙ୍କ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ ଅକ୍ଟୋବର ୧୬ରୁ ଶାଖାରେ ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୦୦ରୁ ୧୨୫ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ଆଦାୟ କରିବ। ସେହିପରି ଗ୍ରାହକ ବ୍ୟାଙ୍କ ଶାଖାରେ ମେଶିନ ସହାୟତାରେ ଟଙ୍କା ଜମା କଲେ ଏଥିଲାଗି ମଧ ତାଙ୍କ ଠାରୁ ଶୁଳ୍କ ଆଦାୟ କରାଯିବ। ବ୍ୟାଙ୍କ ପକ୍ଷରୁ ଏକ ନୋଟିସ ଜାରି କରି କୁହାଯାଇଛି ଯେ, ଗ୍ରାହକମାନଙ୍କ ନେଣଦେଣକୁ ଡିଜିଟାଲ ମୋଡ୍‌ରେ ପରିବର୍ତ୍ତନ କରିବା ଲାଗି ବ୍ୟାଙ୍କ ପ୍ରୋତ୍ସାହିତ କରୁଛି। ସୂଚନାଥାଉ କି, ଏନ୍‌ଇଏଫ୍‌ଟି, ଆର୍‌ଟିଜିଏସ୍ ଏବଂ ୟୁପିଆଇ ଜରିଆରେ ହେଉଥିବା ପାଣ୍ଠି ସ୍ଥାନାନ୍ତର ଲାଗି ଲାଗୁଥିବା ଚାର୍ଜକୁ ଆଇସିଆଇସିଆଇ ବ୍ୟାଙ୍କ ପ୍ରତ୍ୟାହାର କରିନେଇଛି। ବର୍ତ୍ତମାନ ୧୦ହଜାରରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏନ୍‌ଇଏଫ୍‌ଟି ଟ୍ରାଞ୍ଜାକଶନ ଉପରେ ବ୍ୟାଙ୍କ ୨.୨୫ ଟଙ୍କାରୁ ଆରମ୍ଭ କରି ୨୪.୭୫ ଟଙ୍କା(ଜିଏସ୍‌ଟି ଅତିରିକ୍ତ) ଚାର୍ଜ ଆଦାୟ କରୁଛି। ସେହିପରି ଶାଖାରୁ ୨ ଲକ୍ଷରୁ ୧୦ ଟଙ୍କା ପର୍ଯ୍ୟନ୍ତ ଆର୍‌ଟିଜିଏସ୍ ନେଣଦେଣ ପାଇଁ ୨୦ରୁ ୪୫ ଟଙ୍କା ପର୍ଯ୍ୟନ୍ତ (ଜିଏସ୍‌ଟି ଅତିରିକ୍ତ) ଚାର୍ଜ ଆଦାୟ କରାଯାଉଛି।

### ଦକ୍ଷତା ବିକାଶ ଲାଗି ସିବିଏସ୍‌ଇ-ମାଇକ୍ରୋସଫ୍ଟ ଚୁକ୍ତି

**ନୂଆଦିଲ୍ଲୀ, ୧୫-୯:** ଉଚ୍ଚ ବିଦ୍ୟାଳୟ ଶିକ୍ଷକ ମାନଙ୍କର ଦକ୍ଷତା ବିକାଶ ଲାଗି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଏବଂ ମାଇକ୍ରୋସଫ୍ଟ ଇଣ୍ଡିଆ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସିବିଏସ୍‌ଇ ସ୍କୁଲ ଗୁଡିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସଞ୍ଚାଳିତ ଶିକ୍ଷା ପ୍ରଦାନ କରିବା ଦିଗରେ ଶିକ୍ଷକଙ୍କୁ ସଶକ୍ତ କରିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ। ଏହାକୁ ଗ୍ରେଡ ୮ରୁ ୧୦ମ ଶିକ୍ଷକଙ୍କ ଲାଗି ବିକଶିତ କରାଯାଇଛି। ଏହି କାର୍ଯ୍ୟକ୍ରମ ସାରା ଦେଶର ୧୦ଟି ସହରରେ ଚଳିତ ମାସ ୧୧ ତାରିଖ ଠାରୁ ଆରମ୍ଭ କରାଯାଇଛି। ଦେଶର ଅର୍ଥନୈତିକ ବିକାଶରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ପଦକ୍ଷେପ ଗ୍ରହଣ କରିଥିବା କମ୍ପାନୀର ଜେନେରାଲ ମ୍ୟାନେଜର ମନିଷ ପ୍ରକାଶ କହିଛନ୍ତି।

ରପ୍ତାନି ବୃଦ୍ଧି ଲାଗି ସରକାରଙ୍କ ପକ୍ଷରୁ ଘୋଷିତ ପ୍ରୋତ୍ସାହନ ସହାୟତା କରିବା ଏହି ପ୍ରୋତ୍ସାହନ ସ୍ୱଳ୍ପମିଆଦି ସହ ମଧ୍ୟମ ଓ ଦୀର୍ଘମିଆଦୀ କ୍ଷେତ୍ରରେ ରପ୍ତାନି ବୃଦ୍ଧି କରିବାରେ ଖୋରାକ୍ ଯୋଗାଇବ।
**- ଶରଦ କୁମାର ସରାଫ୍, ଏଫ୍‌ଆଇଇଓ ପ୍ରେସିଡେଣ୍ଟ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ପରିବେଶ ପ୍ରଦୂଷଣକୁ ରୋକିବା ଲାଗି ଦେଶବାସୀ ଗୋଟିଏ ଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଜ ଆଡୁ ବର୍ଜନ କରନ୍ତୁ।
**- ଅର୍ଜୁନ ରାମ ମେଘୱାଲ୍, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ**



# ବ୍ୟାଙ୍କ ମିଶ୍ରଣ ଯୋଗୁ ଫାଇଦା ହେବନି: ଏଆଇବିଓସି ଅଧ୍ୟକ୍ଷ

**ଭୁବନେଶ୍ୱର, ୧୫-୯(ବ୍ୟୁରୋ)**




- ୨୫ ମଧ୍ୟରାତ୍ରରୁ ଦୁଇ ଦିନିଆ ବ୍ୟାଙ୍କ ଧର୍ମଘଟ
- ସାମିଲ ହେବେ ୩.୫୦ ଲକ୍ଷରୁ ଊର୍ଦ୍ଧ୍ୱ ଅଧିକାରୀ-କର୍ମଚାରୀ
- ୪ ଦିନ ବନ୍ଦ ରହିବ ବ୍ୟାଙ୍କ

ଦେଶରେ ବ୍ୟାଙ୍କ ମିଶ୍ରଣର ଆବଶ୍ୟକତା ନାହିଁ। ଅର୍ଥନୀତି ଦୃଷ୍ଟିରୁ ଏହା ଫାଇଦା ଦେବ ନାହିଁ। ଭାରତ ଗ୍ରାମୀଣ ଅର୍ଥବ୍ୟବସ୍ଥା ଉପରେ ନିର୍ଭରଶୀଳ ରହିଥିବାରୁ ତୃଣମୂଳ ସ୍ତରରେ ଶାଖାଭିତ୍ତିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଆବଶ୍ୟକତା ରହିଛି। କୃଷକ ଏବଂ କ୍ଷୁଦ୍ର ଶିଳ୍ପକୁ ଋଣ ଯୋଗାଣ ଦ୍ୱାରା ଅର୍ଥନୀତିକୁ ସୁଦୃଢ କରାଯିବା ଉଚିତ୍। ଏହି ଲକ୍ଷ୍ୟ ହାସଲ ଲାଗି ଅଧିକ ବ୍ୟାଙ୍କ ଶାଖା ଖୋଲିବା ଆବଶ୍ୟକ। ମାତ୍ର ମିଶ୍ରଣ ଯୋଗୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ବ୍ୟାଙ୍କର ଓଭରଲ୍ୟାପ ଶାଖା (ସମାନ ବ୍ୟାଙ୍କ ଅଧୀନରେ ଏକାଧିକ ଶାଖା) ବନ୍ଦ ହୋଇଯିବ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇବିଓସି) ଅଧ୍ୟକ୍ଷ ତଥା ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ସଂଘ ବିହାର ୟୁନିଟ୍ ମୁଖ୍ୟ ସୁନୀଲ କୁମାର ଅଭିଯୋଗ କରିଛନ୍ତି।

ରବିବାର ବିଓଆଇ ଓଡିଶା ୟୁନିଟ୍ ଅଫିସର୍ସ ସଂଘର ଅଧିବେଶନରେ ଯୋଗଦେଇ ସେ କହିଛନ୍ତି, ମିଶ୍ରଣ ଯୋଗୁ ଶାଖା ବନ୍ଦ ହେବାକୁ ଯାଉଥିବାରୁ ଲୋକେ ବହୁ ସ୍ଥାନରେ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ହେବେ। ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ବ୍ୟାଙ୍କଗୁଡିକ ଘରୋଇକରଣ ଆଡକୁ ମୁହାଁଉଥିବା ଅନୁଭୂତ ହେଉଛି। ସରକାର ମନମୁଖୀ ଭାବେ ବ୍ୟାଙ୍କଗୁଡ଼ିକୁ ଘରୋଇକରଣ ଆଡକୁ ଠେଲି ଦେଉଛନ୍ତି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଉଛି। କୁମାର କହିଛନ୍ତି ଯେ, ୪ ଦୁର୍ବଳ ବ୍ୟାଙ୍କକୁ ମିଶାଇ ଦେଲେ ଏହା ଭଲ କାରବାର କରିବ ବୋଲି ଭାବିବା ଭୁଲ। ଅପରପକ୍ଷରେ କେବଳ ଘରୋଇ ବ୍ୟାଙ୍କ ଭଲ କାରବାର କରୁଛି ତାହା ମଧ୍ୟ କହିହେବ ନାହିଁ। ଏପରି ହୋଇଥିଲେ ବିଶ୍ୱସ୍ତରର ଅନେକ ଘରୋଇ ବ୍ୟାଙ୍କ ବନ୍ଦ ହୋଇ ନ ଥାନ୍ତା। ଦେଶରେ ୟେସ୍ ବ୍ୟାଙ୍କ ସ୍ଥିତି ବିଗିଡି ନ ଥାନ୍ତା। ବ୍ୟାଙ୍କ ଅଫ୍ ମଦୁରାଇ, ବ୍ୟାଙ୍କ ଅଫ ରାଜସ୍ଥାନର ସ୍ଥିତି ଆଜି ଭଲ ରହିଥାନ୍ତା। ବ୍ୟାଙ୍କଗୁଡିକ ବିଭିନ୍ନ ସଂସ୍କୃତି ଏବଂ ଟେକ୍ନୋଲୋଜି ସହ କାମ କରୁଥିବାରୁ ମିଶ୍ରଣ ପ୍ରକ୍ରିୟା ଚ୍ୟାଲେଞ୍ଜିଂ ହୋଇଛି। ତାଙ୍କର କହିବାନୁଯାୟୀ, ଷ୍ଟେଟ ବ୍ୟାଙ୍କ ସହ ଏହାର ସହାୟକ ବ୍ୟାଙ୍କଗୁଡିକର ମିଶ୍ରଣ ଦ୍ୱାରା ୨୦୦୦ ଶାଖା ବନ୍ଦ ହୋଇଯାଇଛି। ସେହିଭଳି ବ୍ୟାଙ୍କ ଅଫ୍ ବରୋଦାରେ ଦେନା ଏବଂ ବିଜୟା ବ୍ୟାଙ୍କର ମିଶ୍ରଣ ଫଳରେ ୯୦୦ ଶାଖା ବନ୍ଦ ହୋଇଯିବ। ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିବ ବୋଲି ସେ ମତ ଦେଇଛନ୍ତି।

କୁମାର କହିଛନ୍ତି ଯେ, ସରକାର ଫିନ୍‌ଟେକ, ପେମେଣ୍ଟ ବ୍ୟାଙ୍କ, ଏନ୍‌ବିଏଫ୍‌ସିକୁ ପ୍ରୋତ୍ସାହିତ କରୁଛନ୍ତି। ମାତ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକୁ ବନ୍ଦ କରିଦେବା ଲାଗି ପଦକ୍ଷେପ ନେଉଛନ୍ତି। ନୂଆ ନିଯୁକ୍ତି ସହ ବାଣିଜ୍ୟିକ କାର୍ଯ୍ୟଦକ୍ଷତା ବୃଦ୍ଧିଲାଗି ବ୍ୟାଙ୍କଗୁଡିକୁ ସ୍ୱାଧୀନତା ଦେବା ଜରୁରୀ। କାର୍ଯ୍ୟକ୍ରମ ଅବସରରେ ବିଓଆଇ ଅଧିକାରୀ ସଂଘ ଓଡ଼ିଶା ୟୁନିଟ ସଭାପତି ସ୍ମୃତି ରଞ୍ଜନ ସାହୁ, କର୍ଣ୍ଣାଟକ ୟୁନିଟର ସାଧାରଣ ସମ୍ପାଦକ ବିଏନ ମଧୁସୂଦନ, ପୂର୍ବଭାରତ ୟୁନିଟ ସାଧାରଣ ସମ୍ପାଦକ ସଞ୍ଜୟ ଦାସ, ଝାଡଖଣ୍ଡ ୟୁନିଟ ସାଧାରଣ ସମ୍ପାଦକ ସୁନିଲ ଲାକ୍ରା, ଓଡ଼ିଶା ୟୁନିଟ ସାଧାରଣ ସମ୍ପାଦକ କମଲଜିତ ମହାପାତ୍ର, ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ସରକାରଙ୍କ ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତି ବିରୋଧରେ ୪ ବ୍ୟାଙ୍କ ଅଧିକାରୀ ସଂଘ ଧର୍ମଘଟକୁ ଓହ୍ଲାଇବେ। ଆସନ୍ତା ୨୫ ମଧ୍ୟରାତ୍ରଠାରୁ ୨୭ ସେପ୍ଟେମ୍ବର ରାତି ୧୨ ଯାଏ ସାରା ଦେଶର ୩.୨୦ ଲକ୍ଷ ଅଧିକାରୀ ଏବଂ ୪୫ ହଜାର କର୍ମଚାରୀ ଧର୍ମଘଟରେ ସାମିଲ ହେବେ। ଦୁଇ ଦିନ ଧର୍ମଘଟ, ଦ୍ୱିତୀୟ ଶନିବାର ଏବଂ ରବିବାର ପଡୁଥିବାରୁ ମୋଟ ୪ ଦିନ ବ୍ୟାଙ୍କ ବନ୍ଦ ରହିବ। ବ୍ୟାଙ୍କ ଅଧିକାରୀଙ୍କ ଦାବିକୁ ସରକାର ନ ମାନିଲେ ନଭେମ୍ବର ଦ୍ୱିତୀୟ ସପ୍ତାହରୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ଧର୍ମଘଟ ହେବ ବୋଲି କୁମାର ସ୍ପଷ୍ଟ କରିଛନ୍ତି।

### ପାସେଞ୍ଜର ଗାଡ଼ି ବିକ୍ରି
## ମାରୁତି-ଟାଟାକୁ କ୍ଷତି, ହ୍ୟୁଣ୍ଡାଇ-ମହିନ୍ଦ୍ରା ଲାଭବାନ

**ନୂଆଦିଲ୍ଲୀ,୧୫-୯**

ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ମାରୁତି ସୁଜୁକି ଇଣ୍ଡିଆ ଓ ଟାଟା ମୋଟର୍ସର ପାସେଞ୍ଜର ଗାଡ଼ି ବିକ୍ରି ହ୍ରାସ ପାଇଛି। ଅନ୍ୟପକ୍ଷରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ହ୍ୟୁଣ୍ଡାଇ ମୋଟର୍ସର ବିକ୍ରି ବଢ଼ିଛି ବୋଲି ଅଟୋ ନିର୍ମାତା ସଂଗଠନ ସିଆମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ମାରୁତିର ଏପ୍ରିଲ-ଅଗଷ୍ଟରେ ମୋଟ୍ ଗାଡ଼ି ବିକ୍ରି ୫,୫୫,୦୬୪ ଥିବା ବେଳେ ବର୍ଷକ ପୂର୍ବରୁ ଏହି ଅବଧିରେ ଏହା ୭,୫୭,୨୮୯ ଥିଲା। ଫଳରେ କମ୍ପାନୀ ବଜାର ଅଂଶ ୫୨.୧୬ରୁ ହ୍ରାସ ପାଇ ୪୯.୮୩ ପ୍ରତିଶତ ହୋଇଛି। ସେହିପରି ଟାଟା ମୋଟର୍ସର ବିକ୍ରି ଏହି ସମୟରେ ୧.୩୯% ହ୍ରାସ ପାଇଛି। ଆଲୋଚ୍ୟ ମାସ ମଧ୍ୟରେ କମ୍ପାନୀ ୬୦,୦୯୩ ଗାଡ଼ି ବିକ୍ରି କରିଥିଲା, ଯାହାକି ପୂର୍ବ ବର୍ଷ ୯୮,୭୦୨ ଥିଲା। ଏହାର ବଜାର ଅଂଶ ୬.୭୯ରୁ ୫.୪୧ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଏହି ସମୟରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ବିକ୍ରି ୨.୭୭% ବୃଦ୍ଧି ପାଇଛି। ଏହା ଏପ୍ରିଲ-ଅଗଷ୍ଟ ମଧ୍ୟରେ ୨,୦୩,୭୨୯ ଗାଡ଼ି ବିକ୍ରି କରିଛି, ଯାହା କି ପୂର୍ବ ବର୍ଷ ୨,୨୬,୩୯୬ ବିକ୍ରି କରିଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ କମ୍ପାନୀ କମ୍ ଗାଡ଼ି ବିକ୍ରି କରିଥିଲେ ସୁଦ୍ଧା ଏହାର ବଜାର ଅଂଶ ୧୫.୫୯ ପ୍ରତିଶତରୁ ୧୮.୩୬ ପ୍ରତିଶତକୁ ବୃଦ୍ଧିପାଇଛି। ସେହିପରି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ୮୯,୭୩୩ ଗାଡ଼ି ବିକ୍ରି କରିଛି। କିନ୍ତୁ ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୧,୦୦,୦୧୫ ଗାଡ଼ି ବିକ୍ରି କରିଥିଲା। କିନ୍ତୁ ଏହାର ବଜାର ଅଂଶ ୬.୮୯ରୁ ୮.୦୮ ପ୍ରତିଶତକୁ ବଢ଼ିଛି।

## ଏଲ୍‌ଜିର ଫେଷ୍ଟିଭ କ୍ୟାମ୍ପେନ




**ଭୁବନେଶ୍ୱର, ୧୫-୯**

ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ପକ୍ଷରୁ ଫେଷ୍ଟିଭ କ୍ୟାମ୍ପେନ ଖ୍ୟାହିସୋ ସେ ଖୋସିଓ ତକ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଏଲ୍‌ଜି ପ୍ରଡକ୍ଟ କ୍ରୟ ଉପରେ ଗ୍ରାହକମାନେ ଆକର୍ଷଣୀୟ ଅଫର, ପ୍ରୋତ୍ସାହନ ଲାଭ କରିପାରିବେ। ହୋମ ଆପ୍ଲାଏନ୍ସଠାରୁ ହୋମ ଇଲେକ୍‌ଟ୍ରୋନିକ୍ସ ବର୍ଗରେ ଗ୍ରାହକମାନେ ଉକ୍ତ ସୁବିଧା ଅକ୍ଟୋବର ୩୧ ଯାଏ ଅଫର ଲାଭ କରିପାରିବେ। ଗ୍ରାହକମାନେ ପାର୍ବଣରେ ସେମାନଙ୍କ ପ୍ରଡକ୍ଟ ଅପଗ୍ରେଡ କରାଇଥାନ୍ତି। ଏଭଳି ଅଫର ଗ୍ରାହକଙ୍କୁ ସୁବିଧା ପ୍ରଦାନ କରିବ ବୋଲି ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ନିର୍ଦ୍ଦେଶକ କିମ୍.କି.ୱାନ ସୂଚନା ଦେଇଛନ୍ତି। କମ୍ପାନୀର ରେଫ୍ରିଜରେଟର, ଏୟାର କଣ୍ଡିଶନର, ୱାଶିଂ ମେଶିନ, ୱାଟର ପ୍ୟୁରିଫାୟର, ମାଇକ୍ରୋୱେଭ ଭଳି ପ୍ରଡକ୍ଟ କିଣି ଗ୍ରାହକ ସାପ୍ତାହିକ ଲକି ଡ୍ର ମାଧ୍ୟମରେ ଭାଗ ନେଇପାରିବେ। ଏଥିରେ ୪ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପୁରସ୍କାର ରହିଛି। ବମ୍ପର ଲକି ଡ୍ର ସହ ଗ୍ରାହକମାନେ ଅନ୍ୟାନ୍ୟ ଆକର୍ଷଣୀୟ ଡିଲ୍ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ପିଓଜେ ଖୋଲିଲା ନୂଆ ଫର୍ନିଚର ଶୋ'ରୁମ

- ଓଡ଼ିଶାରେ ସମ୍ପ୍ରସାରଣ ଲକ୍ଷ୍ୟ
- ସାରା ଦେଶରେ ୨୭ ଷ୍ଟୋର ସହ ସେବା ଦେଉଛି
- ଗ୍ରାହକଙ୍କ ପାଇଁ ରହିଛି ଇନାଗୁରାଲ ଅଫର

**ଭୁବନେଶ୍ୱର, ୧୫-୯**



କଲିକତାଭିତ୍ତିକ ଫର୍ନିଚର ମାନୁଫାକ୍‌ଚରର ପିଓଜେ ପକ୍ଷରୁ ସ୍ଥାନୀୟ ସପ୍ତଶତୀ ମନ୍ଦିର ସମ୍ମୁଖରେ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ କମ୍ପାନୀର ବିଜନେସ୍ ଡେଭ୍‌ଲପର ସନ୍ୟାମ ଜଲାନ ଏହାକୁ ଉନ୍ମୋଚନ କରିଥିଲେ। ୮ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଶୋ'ରୁମଟି ଖୋଲିଛି। ଏଠାରେ ଘର ଉପଯୋଗୀ ଫର୍ନିଚର, ଅଫିସ ଫର୍ନିଚର, ଗାର୍ଡେନ ଫର୍ନିଚର ଏବଂ ମାଟ୍ରେସେସ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ଆଇଏସ୍‌ଓ, ବିଆଇଏଫ୍‌ଏମ୍‌ଏ, ଗ୍ରୀନ ଗାର୍ଡ ଭଳି ମାନ୍ୟତା ପାଇଛି। ବିହାର, ଝାଡଖଣ୍ଡ, କଲିକତା ପରେ ଭୁବନେଶ୍ୱରରେ କମ୍ପାନୀ ପ୍ରଥମ ଶୋ'ରୁମ ସ୍ଥାପନା କରିଛି। ସ୍ଥାନୀୟ ପଟିଆଠାରେ ଶୀଘ୍ର ଆଉ ଏକ ଶୋ'ରୁମ ଖୋଲିବା ନେଇ ଯୋଜନା ରହିଛି। ଏହାବାଦ ରାଜ୍ୟର ଅନ୍ୟ ପ୍ରମୁଖ ସହରରେ ସୁବିଧା ମୁତାବକ ସମ୍ପ୍ରସାରଣ ଯୋଜନା କରାଯାଇଛି। ସାରା ଦେଶରେ କମ୍ପାନୀ ବର୍ତ୍ତମାନ ୨୭ଟି ଷ୍ଟୋର ସହ ସେବା ଯୋଗାଉଛି। କାର୍ଯ୍ୟକ୍ରମ ଅବସରରେ ଶାଖା ଇନଚାର୍ଜ ବିକାଶ କୁମାର ଉପସ୍ଥିତ ଥିଲେ। ବର୍ତ୍ତମାନ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପ୍ରାୟ ୭୦% ରିହାତି ଗ୍ରାହକ ପାଇପାରିବେ।

**ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ**

ଲୋକଙ୍କୁ ସୁଲଭ ମୂଲ୍ୟରେ ପ୍ରିମିୟମ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟ ରହିଛି। ମାନୁଫାକଚରର ହୋଇଥିବାରୁ ଲୋକଙ୍କୁ ସିଧାସଳଖ ପ୍ରଡକ୍ଟ ଯୋଗାଉଛୁ। ଅନ୍ୟ କାହାର ପ୍ରଡକ୍ଟ ଆଣି ବିକ୍ରି କରୁ ନ ଥିବାରୁ ଲୋକଙ୍କୁ ସୁବିଧାରେ ଏବଂ ସୁଲଭତାକୁ ନଜର ରଖାଯାଇଛି। କମ୍ପାନୀ ବିଭିନ୍ନ ମାନ୍ୟତା ଲାଭ କରିଛି, ଯାହା ଉନ୍ନତ ସେବା ଯୋଗାଣ ଧାରାକୁ ଦର୍ଶାଉଛି। ଭଲ ଅଭିବୃଦ୍ଧି ନେଇ ଯୋଜନା ରହିଛି। ଓଡ଼ିଶାରେ ଭଲ କାରବାର କରିବା ନେଇ ଆଶା ରହିଛି। ମାନ୍ଦାବସ୍ଥା ଆମ କାରବାରକୁ ପ୍ରଭାବିତ କରିନାହିଁ। ଲୋକଙ୍କର ଚାହିଦାରେ ପ୍ରଭାବ ଏତେଟା ନାହିଁ। କାରବାର ଭଲ ରହିଥିବାରୁ ସମ୍ପ୍ରସାରଣ ଦିଗରେ ପଦକ୍ଷେପ ନେଉଛୁ।
**- ସନ୍ୟାମ ଜଲାନ, ବିଜନେସ ଡେଭଲପର**

### ପାକିସ୍ତାନ ବାୟୁସୀମା ବନ୍ଦ୍‌ର ପ୍ରଭାବ
## ଏୟାର ଇଣ୍ଡିଆର ଅପରେଟିଂ କ୍ଷତି ୪୬୦୦ କୋଟି

**ନୂଆଦିଲ୍ଲୀ,୧୫-୯**

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ରେ ଅପରେଟିଙ୍ଗ୍ କ୍ଷତି ୪୬୦୦ କୋଟି ଟଙ୍କା ପହଞ୍ଚିଛି। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି, ବୈଦେଶିକ ମୁଦ୍ରା ବିନିମୟରେ ଅସ୍ଥିରତା, ସର୍ବୋପରି ପାକିସ୍ତାନ ବାୟୁ ସୀମା ପ୍ରବେଶ ଉପରେ କଟକଣା ଲାଗୁ ହେବା ଯୋଗୁ ଏୟାର ଇଣ୍ଡିଆର ଅପରେଟିଙ୍ଗ୍ କ୍ଷତି ବଢ଼ିଛି। ତେବେ ଋଣରେ ବୁଡ଼ି ରହିଥିବା କମ୍ପାନୀ ୨୦୧୯-୨୦ରେ ଲାଭ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ଆଶାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, କଠିନ ବ୍ୟବସାୟୀକୁ ପରିସ୍ଥିତି କାରଣରୁ ଉକ୍ତ ଏୟାରଲାଇନ କମ୍ପାନୀର ନେଟ୍ କ୍ଷତି ୮୪୦୦ କୋଟି ଟଙ୍କା ହୋଇଥିବା ବେଳେ ମୋଟ ରାଜସ୍ୱ ଆୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ୨୦୧୯-୨୦ରେ କମ୍ପାନୀ ୭୦୦ରୁ ୮୦୦ କୋଟି ଟଙ୍କାର ଅପରେଶନାଲ ଲାଭ ହାସଲ କରିବ ବୋଲି ଅନୁମାନ କରାଯାଉଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଆର୍ଥିକ ବର୍ଷରେ ଅଶୋଧିତ ତେଲ ଦର ବୃଦ୍ଧି ପାଇନାହିଁ।

## ପିଏଫ୍‌ଏ ପ୍ରଦର୍ଶନ କଲା ବେଦାନ୍ତ

**ଭୁବନେଶ୍ୱର, ୧୫-୯**




ବେଦାନ୍ତ ଆଲୁମିନିୟମ ପକ୍ଷରୁ ସିଆମ ବାର୍ଷିକ ସମ୍ମିଳନୀ ଅବସରରେ ପ୍ରାଇମେରୀ ଫାଉଣ୍ଡରୀ ଆଲଏ(ପିଏଫଏ)ର ପ୍ରଦର୍ଶନ କରାଯାଇଛି। ପ୍ରଥମ ଆଲୁମିନିୟମ ଉତ୍ପାଦକଭାବେ ଘରୋଇ ବଜାରରେ କମ୍ପାନୀ ପିଏଫ୍‌ଏ ଅଟୋମୋବାଇଲ କ୍ଷେତ୍ରକୁ ଯୋଗାଣ କରିବ। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ୨.୪୦ ଲକ୍ଷ ଟନ୍ ପିଏଫ୍‌ଏ ଏହା ଉତ୍ପାଦନ କରୁଛି। ଭାରତୀୟ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ସିଇଓ ଅଜୟ କପୁର କହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଭାରତୀୟ ଅଟୋମୋବାଇଲ ଶିଳ୍ପ ବେଶ୍ ଲାଭବାନ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି। କାଷ୍ଟ ଆଲୁମିନିୟମରୁ ପିଏଫ୍‌ଏ ପ୍ରସ୍ତୁତ ହୋଇଥାଏ। ବର୍ତ୍ତମାନ ଦେଶରେ ଆଲୁମିନିୟମ ହ୍ୱିଲ ପରିମାଣ କମ୍ ରହିଛି। ବିଶ୍ୱ ବଜାରରେ ଏ କ୍ଷେତ୍ରରେ ସ୍ଥିତି ଦୃଢ କରିବା ଲାଗି ଏଭଳି ପଦକ୍ଷେପ ବେଶ୍ ସହାୟକ ହେବ ବୋଲି ସିଇଓ କପୁର ସ୍ପଷ୍ଟ କରିଛନ୍ତି।

### ସୌଦି ଆରବର ଆରାମ୍‌କୋ ତୈଳ ଭଣ୍ଡାରରେ ଡ୍ରୋନ ଆକ୍ରମଣ
# ମହଙ୍ଗା ହୋଇପାରେ ଅଶୋଧିତ ତେଲ ଦର

**ନୂଆଦିଲ୍ଲୀ,୧୫-୯**

ସୌଦି ଆରବର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆରାମ୍‌କୋର ଅବକିକ୍ ଓ ଖୁରେସରେ ଥିବା ଦୁଇଟି ତୈଳ ଭଣ୍ଡାର ଉପରେ ଡ୍ରୋନ ଆକ୍ରମଣ ହୋଇଛି। ଫଳରେ ସେଠାରେ ଅସ୍ଥାୟୀ ରୂପେ ତୈଳ ଉତ୍ପାଦନକୁ ବନ୍ଦ କରିଦିଆଯାଇଛି। ସୌଦି ଆରବ ଶକ୍ତି ମନ୍ତ୍ରୀ ପ୍ରିନ୍ସ ଅବ୍‌ଦୁଲ ଅଜିଜ୍ ବିନ୍ ସଲମାନ କହିଛନ୍ତି ଯେ, ଏହି ଆକ୍ରମଣ ଯୋଗୁ ଆରାମକୋର ମୋଟ ଉତ୍ପାଦନ ଅଧା ହୋଇଗଲାଣି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଯୋଗାଣ ବ୍ୟାହତ ହେବ। ଫଳସ୍ୱରୂପ ବଜାରରେ ତେଲ ଦର ବଢ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ସୌଦି ଶକ୍ତିମନ୍ତ୍ରୀ କହିଛନ୍ତି ଯେ, ଆରାମ୍‌କୋର ଦୈନିକ ୫୭ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଉତ୍ପାଦନ ପ୍ରଭାବିତ ହେଉଛି। ତୈଳ ଉତ୍ପାଦକ ଦେଶସମୂହକୁ ନେଇ ଗଠିତ ଓପେକ୍ ପକ୍ଷରୁ ଅଗଷ୍ଟରେ ଜାରି ତଥ୍ୟ ଅନୁଯାୟୀ ସୌଦି ଆରବ ଦୈନିକ ୯୮ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଉତ୍ପାଦନ କରୁଥିଲା। ଆରାମ୍‌କୋ ଉପରେ ହୋଇଥିବା ଡ୍ରୋନ ଆକ୍ରମଣର ପ୍ରଭାବ ସାରା ବିଶ୍ୱର ତୈଳ ଯୋଗାଣ ଉପରେ ପଡିବ ବୋଲି ମନେ କରାଯାଉଛି। ଆରାମ୍‌କୋର ଉତ୍ପାଦନ ମୂଳ ସ୍ଥିତିକୁ ନ ଆସିଲେ ବିଶ୍ୱ ବଜାରରେ ପ୍ରତି ମାସରେ ୧୫୦ ମିଲିୟନ ବ୍ୟାରେଲ ଅଶୋଧିତ



ତେଲ କମିଯିବ। ଏହାଦ୍ୱାରା ଦର ବଢ଼ିଯିବ। ଖବରକାଗଜ ଅଏଲପ୍ରାଇସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଦୈନିକ ତେଲ ଯୋଗାଣର ଏକ ପଞ୍ଚମାଂଶ ଉକ୍ତ ଘଟଣା ଯୋଗୁ ପ୍ରଭାବିତ ହେବ। ଆରାମ୍‌କୋ ସର୍ବାଧିକ ତେଲ ଯୋଗାଣକାରୀଙ୍କ ମଧ୍ୟରେ ଅନ୍ୟତମ ଏବଂ ଅଶୋଧିତ ତେଲ ଯୋଗାଣରେ ଏହା ସର୍ବବୃହତ୍ କମ୍ପାନୀ। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁସାରେ କମ୍ପାନୀ ୨୦୧୮ରେ ୧୧୧ ବିଲିୟନ ଡଲାର ଲାଭ କରିଥିଲା। ଏହା ଆପଲ୍ ଓ ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟ୍‌ର ମୋଟ ବାର୍ଷିକ ଲାଭ ଠାରୁ ବହୁ ଅଧିକ। ଫୋର୍ବ୍ସ ରିପୋର୍ଟ ଅନୁସାରେ ୨୦୧୮ ପରିସଂଖ୍ୟାନ ଅନୁଯାୟୀ, ଆରାମ୍‌କୋ ବିଶ୍ୱରେ ସବୁଠାରୁ ଲାଭ କରିବାରେ ପ୍ରଥମ ସ୍ଥାନରେ ରହିଛି। ଏହା ୨୦୧୭ରେ ୧୦୦ ବିଲିୟନ ଡଲାର ଟିକସ ଦେଇଛି। ବିବିସିର ବିଜ୍‌ନେସ ଖବରଦାତା କ୍ୟାଟି ପ୍ରେସକଟ୍ କହିଛନ୍ତି ଯେ, ଅନ୍ତର୍ଜାତୀୟ ବଜାରରେ ସୌଦି ଆରବ ୧୦ ପ୍ରତିଶତ ତେଲ ଯୋଗାଇଥାଏ। ଯୋଗାଣ କମିବା ଅର୍ଥ ତେଲ ଦର ବଢ଼ିବ। ତୈଳ ଦର ଉପରେ ନଜର ରଖୁଥିବା ମର୍ନିଂଷ୍ଟାର ନିର୍ଦ୍ଦେଶକ ସ୍ୟାଣ୍ଡି ଫିଲ୍ଡନ କହିଛନ୍ତି, ସୋମବାର ବଜାର ଖୋଲିବା ମାତ୍ରେ ତେଲ ଦର ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ବୋଲି ଆଶା କରାଯାଉଛି। ଏହାର ପ୍ରଭାବ ତୁରନ୍ତ ଦେଖାଯିବ ନାହିଁ। ତେବେ ସପ୍ତାହେ ପରେ ଲୋକଙ୍କ ପକେଟ ଉପରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ସେ କହିଛନ୍ତି।

### ଆଇପିଓ ବଜାରରୁ ଦୂରେଇ ଯାଉଛନ୍ତି କମ୍ପାନୀ
## ଅଦ୍ୟାବଧି ମାତ୍ର ୧୧କମ୍ପାନୀର ବଜାର ପ୍ରବେଶ

**ମୁମ୍ବାଇ, ୧୫-୯**

ଭାରତୀୟ ଷ୍ଟକ୍ ବଜାର ପ୍ରତି ନିବେଶକଙ୍କ ଧାରଣା ନକାରାତ୍ମକ ଥିବା କାରଣରୁ ପୁଞ୍ଜି ଯୋଗାଡ କରିବା ଲାଗି ଆଗ୍ରହୀ କମ୍ପାନୀଗୁଡ଼ିକ ଇନିସିଆଲ ପବ୍ଲିକ୍ ଅଫରିଙ୍ଗ୍ (ଆଇପିଓ) ଆଣୁନାହାନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୩ ମାସ ବାକି ଥିବା ବେଳେ ଅଦ୍ୟାବଧି ମାତ୍ର ୧୧ କମ୍ପାନୀ ପୁଞ୍ଜି ବଜାରରେ ପ୍ରବେଶ କରିଛନ୍ତି। ସେମାନେ ଆଇପିଓ ଜରିଆରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ଯୋଗାଡ କରିଛନ୍ତି। ତେବେ ୨୦୧୮ରେ ୨୪ କମ୍ପାନୀ ଆଇପିଓ ଆଣିଥିଲେ ଏବଂ ଷ୍ଟକ୍ ବଜାରରୁ ୩୦,୯୫୯ କୋଟି ଟଙ୍କା ଉଠାଇଥିଲେ। ବିଶେଷଜ୍ଞଙ୍କ କହିବାନୁଯାୟୀ ବଜାର ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଆହ୍ୱାନପୂର୍ଣ୍ଣ ରହିବାର ସମ୍ଭାବନା ରହିଛି। ବିଶ୍ୱ ଓ ଘରୋଇ ସ୍ତରରେ ସୃଷ୍ଟି ହୋଇଥିବା କାରଣକୁ ଏଥିପାଇଁ ଦାୟୀ କରାଯାଇପାରେ ବୋଲି ସେମାନେ କହିଛନ୍ତି। ରିଲାଏନ୍ସ ସିକ୍ୟୁରିଟିଜ୍ ଗବେଷଣା ପ୍ରମୁଖ ନବୀନ କୁଲକର୍ଣ୍ଣି କହିଛନ୍ତି ଯେ, ଆଇପିଓ ବଜାରରେ ଚଳିତ ଆର୍ଥିକ ବର୍ଷର ଶେଷ ଅବଧି ଅତ୍ୟନ୍ତ କଠିନ ରହିବ। କ୍ଷୁଦ୍ର ଓ ମଧ୍ୟମ ସ୍ତରର କମ୍ପାନୀ ଶେୟାର ମୂଲ୍ୟରେ ଜୋର୍‌ଦାର୍ ସୁଧାର ହୋଇଛି, ଯାହାର ପ୍ରଭାବ ପ୍ରାଥମିକ ବଜାର ଉପରେ ପଡ଼ିଛି।

## ସଂକ୍ଷେପରେ

### ଭିଏତ୍‌ନାମ ଓପନ୍ ଜିତିଲେ ସୌରଭ



ହୋ ଚି ମିନ୍ ସିଟି,୧୫।୯ (ପି.ଟି.): ଭାରତୀୟ ଯୁବ ବ୍ୟାଡମିଣ୍ଟନ ତାରକା ସୌରଭ ବର୍ମା ଆଉ ଏକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଭିଏତ୍‌ନାମ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସୌରଭ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ସେ ଚାଇନାର ସୁନ ଫେଇ ଜିଆଙ୍ଗ୍‌କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ସୌରଭ ଫାଇନାଲ ମୁକାବିଲାରେ ସୁନ୍‌ଙ୍କୁ ୨୧-୧୨, ୧୭-୨୧, ୨୧-୧୪ରେ ହରାଇ ବାଜି ମାରିଛନ୍ତି। ବିଜୟୀ ହେବା ପାଇଁ ସୌରଭଙ୍କୁ ୧ ଘଣ୍ଟା ୧୨ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏହାପୂର୍ବରୁ ସୌରଭ ହାଇଦ୍ରାବାଦ ଓପନ ଓ ସ୍ଲୋଭେନିଆନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ।

### ହାଫ୍ ମାରାଥନରେ କାମୱ୍ରୋରୋର୍‌ଙ୍କ ନୂଆ ବିଶ୍ୱ ରେକର୍ଡ




ପ୍ୟାରିସ, ୧୫।୯ (ଏଏଫ୍‌ପି): କେନିଆ ଧାବକ ଜେଫ୍ରି କାମୱ୍ରୋରୋର୍‌ଙ୍କ ନାମରେ ହାଫ୍ ମାରାଥନର ନୂତନ ବିଶ୍ୱ ରେକର୍ଡ ଲିପିବଦ୍ଧ ହୋଇଛି। ରବିବାର ଏଠାରେ ଅନୁଷ୍ଠିତ ହାଫ୍ ମାରାଥନ (୨୧.୧ କିଲୋମିଟର)କୁ ଜେଫ୍ରି ୫୮ ମିନିଟ୍ ୧ ସେକେଣ୍ଡରେ ଫିନିଶ୍ କରି ସ୍ୱର୍ଣ୍ଣ ପଦକ ଜିତିବା ସହ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଗତବର୍ଷ ଭାଲେନସିଆଠାରେ ଅନୁଷ୍ଠିତ ହାଫ୍ ମାରାଥନ୍‌କୁ କାମୱ୍ରୋରୋର୍‌ଙ୍କ ସାଥୀ କେନିଆ ଧାବକ ଆବ୍ରାହମ କିପତୁମ୍ ୫୮:୧୮ ସେକେଣ୍ଡରେ ଶେଷ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ୨୬ ବର୍ଷୀୟ ଜେଫ୍ରି ଏବେ ୧୭ ସେକେଣ୍ଡ କମ୍ ସମୟ ନେଇ ବିଶ୍ୱ ରେକର୍ଡକୁ ନିଜ ନାମରେ କରି ନେଇଛନ୍ତି। ଅନ୍ୟତମ କେନିଆ ଧାବକ ବର୍ନାଡ୍ କିପ୍‌କୋରିର୍ (୫୯:୧୬) ଓ ଇଥିଓପିଆର ବେରେହାନୁ ୱେଣ୍ଡେମୁ ସେଗୁ (୫୯:୨୨) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ। ମହିଳା ବିଭାଗରେ ଇଥିଓପିଆର ଡିବାବା ଏଡୁଗାନ (୧:୦୫:୫୭) ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ଖୋଖୋ ଚୟନ ଶିବିର

ଭୁବନେଶ୍ୱର,୧୫।୯(ସ୍ପୋର୍ଟ୍ସ ବ୍ୟୁରୋ): ରାଜ୍ୟର ୩୦ତମ ସବ୍ ଜୁନିୟର ଖୋଖୋ ଚୟନ ଶିବିର ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲାଙ୍ଗ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ବ୍ଲକ ଚେୟାରମ୍ୟାନ ପ୍ରସନ୍ନ ମିଶ୍ର ସମ୍ମାନିତ ଅତିଥି ଭାବେ ବିଇଓ ନିରଞ୍ଜନ ପାତ୍ର ଓ ରାଜ୍ୟ ଖୋଖୋ ସଂଘ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଯୋଗ ଦେଇଥିଲେ। ଶିବିରରେ ୧୭ ଜିଲା ଓ ଗୋଟିଏ ବିଶ୍ୱବିଦ୍ୟାଳୟର ୬୬ ବାଳିକା ଏବଂ ୬୨ ବାଳକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ହରିଶ୍ଚନ୍ଦ୍ର ପଣ୍ଡାଙ୍କୁ ପଠାଣି ସାମନ୍ତ ସମ୍ମାନ, ଦେବେନ୍ଦ୍ର ମଲ୍ଲିକଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ମିଶ୍ରଙ୍କୁ ମଦର ଟେରେସା, ଅରୁଣ କୁମାର ରାଉତରାୟଙ୍କୁ କାବ୍ୟନିଷ୍ଠ, ରାକିନା ମଙ୍ଗରାଜଙ୍କୁ ଡ. ହରେକୃଷ୍ଣ ମହାତାବ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ରେଫରି ତପନ କୁମାର ଦାଶ, ଜୟନ୍ତ କୁମାର ରାୟ, ସୁନାକର ରାଉତ, କେ. ସି. ରାମ ହେମ୍ବ୍ରମ, କିଶୋର ଚନ୍ଦ୍ର ଜେନା, ଭୁବନ ମୋହନ ଦାଶ, ଖୋଖୋ କୋଚ୍ ପ୍ରଶାନ୍ତ ମଲ୍ଲିକ ପ୍ରମୁଖଙ୍କୁ ଶାରୀରିକ ଶିକ୍ଷା ସମ୍ମାନ ଦିଆଯାଇଛି। ଶିବିରରୁ ଉଭୟ ବର୍ଗରେ ୧୮ ଲେଖାଏ ଖେଳାଳିଙ୍କୁ ଚୟନ କରାଯାଇଛି। ଏମାନେ ୨୨ ତାରିଖଠାରୁ କେନ୍ଦୁଝରଠାରେ ହେବାକୁ ଥିବା ଖୋଖୋ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ବୋଲି ଚୟନ ଶିବିର ମୁଖ୍ୟ ଚୌଧାରୀ ପାର୍ଥସାରଥୀ ମହାପାତ୍ର ସୂଚନା ଦେଇଛନ୍ତି।

> ଇଂଲଣ୍ଡ ବିପକ୍ଷ ୫ମ ଆଶେସ ଟେଷ୍ଟରେ ଦୁଇଟି 'ଡିଆର୍‌ଏସ୍ କଲ୍' ବିଫଳ ହେବା ଆମକୁ ଆଶଙ୍କାରେ ପକାଇ ଦେଇଛି।
> –ଟିମ୍ ପେନ୍, ଅଷ୍ଟ୍ରେଲିଆ ଅଧିନାୟକ



> ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଯୁବ ଖେଳାଳିଙ୍କୁ ଦଳରେ ସେମାନଙ୍କ ଦକ୍ଷତା ପ୍ରତିପାଦନର ସୁଯୋଗ ଦିଆଯାଉଛି।
> – ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



■ ସ୍ୱସ୍ତିକ, ସତ୍ୟେନ୍ଦ୍ର, ଅନନ୍ତଙ୍କୁ ସରୋଜ ମହାସୁଆର ସ୍ମୃତି ପୁରସ୍କାର

# 'କ୍ରିକେଟ ଯୋଗୁ ଜୀବନ ଶୃଙ୍ଖଳିତ ହୋଇଛି'

ଭୁବନେଶ୍ୱର, ୧୫।୯(କ୍ରୀଡ଼ା ପ୍ରତିନିଧି)
କ୍ରିକେଟ ଏପରି ଏକ ଖେଳ ଯାହାକି ଜଣେ ଖେଳାଳିକୁ ଶୃଙ୍ଖଳିତ କରିଥାଏ। କ୍ରିକେଟ ପଡ଼ିଆରୁ ଶୃଙ୍ଖଳା ଜ୍ଞାନ ମିଳିଥାଏ। ସତ୍ୟପଥରେ ରହି ଖେଳକୁ ଭଲ ପାଇଲେ ଏବଂ ଉତ୍ସର୍ଗୀକୃତ ଭାବେ ଏକାଗ୍ରତା ରକ୍ଷା କରିପାରିଲେ ଜଣେ ନିଶ୍ଚିତ ଶ୍ରେଷ୍ଠ ଖେଳାଳିରେ ପରିଣତ ହୋଇପାରିବ। ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ସରୋଜ ମହାସୁଆର ସ୍ମୃତି ସମ୍ମାନ ସମାରୋହର ଅନ୍ୟତମ ଅତିଥି ତଥା ଓଡ଼ିଶା କ୍ରିକେଟର ଦ୍ରୋଣାଚାର୍ଯ୍ୟ ଭାବେ ପରିଚିତ ପ୍ରତିଷ୍ଠିତ କୋଚ୍ କିଶୋର ମାଣିଆ ଏହା ପ୍ରକାଶ କରିଛନ୍ତି। ଅତିଥିଙ୍କ ମତ ସହ ଏକମତ ହୋଇଛନ୍ତି ଶ୍ରେଷ୍ଠ ଯୁବ କ୍ରିକେଟର ପୁରସ୍କାର ବିଜେତା ସ୍ୱସ୍ତିକ ସାମଲ। କ୍ରିକେଟ ଯୋଗୁ ମୋ ଜୀବନ ଶୃଙ୍ଖଳିତ ହୋଇପାରିଛି। ଏହି ପଡ଼ିଆରୁ ମୋତେ ଅନେକ କିଛି ଶିଖିବାକୁ ମିଳିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ କ୍ରିକେଟ ଖେଳାଳିଙ୍କ ପାଇଁ ହାତଗଣତି କେତୋଟି ପୁରସ୍କାର ରହିଛି। ଆମେ ତ ସବୁବେଳେ ଭଲ ଖେଳିବାକୁ ଚେଷ୍ଟା କରିଥାଉ। ମାତ୍ର ତାହା ଅଧିକ ସମୟ ଲୋକଙ୍କ ମାନସପଟରେ ରହି ନ ଥାଏ। ଏପରି ପୁରସ୍କାର ଏକ ସ୍ୱୀକୃତି ସଦୃଶ। ସରୋଜ ମହାସୁଆର ସ୍ମୃତି ପୁରସ୍କାର ପାଇଁ ମନୋନୀତ କରାଯାଇଥିବାରୁ ମୁଁ ବହୁତ ଖୁସି। ଏହା ମୋ ପାଇଁ ଭିନ୍ନ ଅନୁଭବ ଆଣିଛି ଏବଂ ଆହୁରି ଅଧିକ ପରିଶ୍ରମ କରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଛି ବୋଲି ରାଉରକେଲା ଜିମ୍‌ଖାନା କ୍ଲବର ଅନ୍ୟତମ ସଦସ୍ୟ ସ୍ୱସ୍ତିକ ପ୍ରକାଶ କରିଛନ୍ତି। କୋଚ୍ ଆର. ଶ୍ରୀକାନ୍ତଙ୍କଠାରୁ କ୍ରିକେଟର ମୂଳଦୁଆ ଆରମ୍ଭ କରିଥିବା ସ୍ୱସ୍ତିକ୍ ଏବେ ସୁବାସ ମହାନ୍ତିଙ୍କ ପ୍ରଶିକ୍ଷଣରେ ଆଗକୁ ବଢୁଛନ୍ତି। ରାଜ୍ୟ ପକ୍ଷରୁ ୧୬ ବର୍ଷରୁ କମ୍ ବୟସ ବର୍ଗରେ ଏକ ବର୍ଷ ଖେଳିବା ପରେ ସେ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। ପ୍ରଦର୍ଶନର ପୁରସ୍କାର ସ୍ୱରୂପ ତାଙ୍କୁ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ସୁଯୋଗ ମିଳିଥିଲା। ଗତଥର ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଖେଳିବାପରେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ଖେଳି ସିନିୟର କ୍ୟାରିୟର ଆରମ୍ଭ କରିଛି। ୨୦୧୯ ଫେବୃୟାରୀ ୨୪ରେ ମୋର ସିନିୟର କ୍ୟାରିୟର ଆରମ୍ଭ ହେଲା ବୋଲି କହିଛନ୍ତି ସ୍ୱସ୍ତିକ। ଭବିଷ୍ୟତରେ ଭାରତ ପକ୍ଷରୁ ଖେଳିବା ସ୍ୱପ୍ନରେ ଥିବା ଏହି ଯୁବ ପ୍ରତିଭାଙ୍କ ଆଦର୍ଶ ଖେଳାଳି ହେଲେ ବୀରେନ୍ଦ୍ର ସେହ୍ୱାଗ। ସେହ୍ୱାଗ ଜଣେ ଆକ୍ରମଣାତ୍ମକ ଓପନର ଥିଲେ। ତାଙ୍କ ଖେଳ ମୋତେ ବହୁତ ଭଲ ଲାଗେ। ମୁଁ ମଧ୍ୟ ଜଣେ ଓପନର। ଭବିଷ୍ୟତରେ ତାଙ୍କ ପରି ଖେଳାଳି ହେବାକୁ ଚାହେଁ ବୋଲି କହିଛନ୍ତି ଏହି କ୍ରିକେଟ ପ୍ରତିଭା।

ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସ୍ୱସ୍ତିକଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର ଏବଂ ଦୁଇ ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମହାପାତ୍ରଙ୍କୁ ଯୁଗ୍ମଭାବେ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ସତ୍ୟେନ୍ଦ୍ର ଓ ଅନନ୍ତ ଅତୀତକୁ ମନେ ପକାଇ ସରୋଜ ମହାସୁଆରଙ୍କ ସ୍ମୃତିଚାରଣ କରିଥିଲେ। ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ, ବିଧାୟକ ତଥା ଟାଉନ୍ କ୍ଲବ ସମ୍ପାଦକ ସୁରେଶ କୁମାର ରାଉତରାୟ, ପୂର୍ବତନ କ୍ରିକେଟ ଖେଳାଳି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମେୟର ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରତିଷ୍ଠିତ କ୍ରିକେଟ କୋଚ୍ କିଶୋର ମାଣିଆ, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟର ଜଣେ ଆଗଧାଡ଼ିର ଅମ୍ପାୟରଭାବେ ପରିଗଣିତ ହେଉଥିବା ସରୋଜ ମହାସୁଆର କଟକରେ ଏକ ମ୍ୟାଚରେ ଅମ୍ପାୟରିଂ କରି ଫେରୁଥିବାବେଳେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଏହି ମର୍ଯ୍ୟାଦାଜନକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଉତ୍ସବ ଆରମ୍ଭରେ ସରୋଜଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ ପୁରସ୍କୃତ ପ୍ରତିଭାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସରୋଜ ମହାସୁଆରଙ୍କ ସ୍ମୃତିରେ ଏହି ପୁରସ୍କାରକୁ ଜାରି ରଖିବା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ଅନେକ କ୍ରୀଡ଼ାପ୍ରେମୀ, ଶୁଭେଚ୍ଛୁ ଏବଂ କ୍ରୀଡ଼ା ପ୍ରତିଭା ଉପସ୍ଥିତ ଥିଲେ। ଶେଷରେ ମନୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ମାନପତ୍ର ସହ ସରୋଜ ମହାସୁଆର ସ୍ମୃତି ପୁରସ୍କାର ବିଜେତା ।



ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିୟନଶିପ: ସପୋର୍ଟ ଷ୍ଟାଫ୍‌ଙ୍କ ଗହଣରେ ପଦକ ବିଜୟୀ ଓଡ଼ିଆ ଆଥଲେଟ୍।

## ୧୩ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୪୮ ପଦକ

କଟକ ଅଫିସ,୧୫।୯
ରାଞ୍ଚିର ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ୩୧ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ ରବିବାର ଉଦଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୪୮ପଦକ ଜିତିଥିବା ବେଳେ ଏହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ରହିଛି। ଦ୍ୱିତୀୟ ଦିବସରେ ଓଡ଼ିଶା ୨୫ଟି ପଦକ ଜିତିଥିଲା। ଏଥିରେ ୮ଟି ସ୍ୱର୍ଣ୍ଣ ପଦକ ରହିଛି। ପୂର୍ବରୁ ଶନିବାର ତଥା ପ୍ରଥମ ଦିବସରେ ଓଡ଼ିଆ ଆଥ୍‌ଲେଟମାନେ ୫ଟି ସ୍ୱର୍ଣ୍ଣ ପଦକ ମିଶାଇ ମୋଟ ୨୩ଟି ପଦକ ଜିତିଥିଲେ । ୨୦ବର୍ଷରୁ କମ୍ ବାଳକ ୧୦ହଜାର ମିଟର ଚାଲିବାରେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ୪୦୦ମିଟର ହର୍ଡଲ୍ସରେ ସାହିଲ କିରୋ, ୧୮ବର୍ଷରୁ କମ୍ ବାଳିକା ହାମରରେ ଶ୍ୱେତଲିନା ନାୟକ, ୨୦୦ମିଟର ଦୌଡ଼ରେ ସୁଖୀ ବକ୍ସି, ୨୦ବର୍ଷରୁ କମ୍ ବାଳିକା ୨୦୦ମିଟର ଦୌଡ଼ରେ ଦୀପାଳି ମହାପାତ୍ର, ୧୮ବର୍ଷରୁ କମ ବାଳକ ୮୦୦ମିଟର ଦୌଡ଼ରେ ଦିଲ୍ଲୀପ ନାୟକ, ୧୬ବର୍ଷରୁ କମ୍ ବାଳିକା ପେଣ୍ଟାଥ୍ଲନରେ ସବିତା ଟପ୍ପୋ, ୧୬ବର୍ଷରୁ କମ୍ ବାଳକ ୮୦୦ମିଟର ଦୌଡ଼ରେ ସୁରେନ୍ଦ୍ର ଖାରା ରବିବାର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଆଡଭାନୀଙ୍କୁ ୨୨ତମ ବିଶ୍ୱ ଟାଇଟଲ

ମାଣ୍ଡଲେ(ମ୍ୟାନ୍‌ମାର), ୧୫।୯(ପି.ଟି.)
ଭାରତୀୟ ବିଲିୟାର୍ଡ୍ସ ତାରକା ପଙ୍କଜ ଆଡଭାନୀ ରେକର୍ଡ ୨୨ତମ ବିଶ୍ୱ ଟାଇଟଲ ହାସଲ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ଏଠାରେ ଖେଳାଯାଇଥିବା ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ସେ ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନଶିପ୍‌ର ୧୫୦- ଅପ୍ ଫର୍ମାଟରେ ସେ କ୍ରମାଗତ ଚତୁର୍ଥ ଫାଇନାଲରେ ବିଜୟୀ ହୋଇଛନ୍ତି। ଏଥିସହତ ୩୪ ବର୍ଷୀୟ ଆଡଭାନୀ ୨୦୧୪ରେ ପେସାଦାର ବିଲିୟାର୍ଡ୍ସକୁ ଫେରିବା ପରେ ପ୍ରତିବର୍ଷ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ବିଲିୟାର୍ଡ୍ସର ଏହି ଛୋଟିଆ ଫର୍ମାଟରେ ଆଡଭାନୀ ଗତ ୬ ବର୍ଷ ମଧ୍ୟରେ ପଞ୍ଚମଥର ପାଇଁ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ମ୍ୟାନ୍‌ମାରର ଫେଭରାଇଟ ଖେଳାଳି ନେ ଥ୍ୱା ଓଙ୍କୁ ୬-୨ରେ ପରାସ୍ତ କରିଛନ୍ତି।

ଗତବର୍ଷ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ।



ଏଥର ଆଡଭାନୀ ସମ୍ପୂର୍ଣ୍ଣ ଏକପାଖିଆ ଭାବେ ମ୍ୟାଚ୍ ହାତେଇ ନେଇଥିଲେ। ଫାଇନାଲ ମୁକାବିଲାରେ ସେ ୬-୨ (୧୫୦-୪, ୧୫୧- ୬୬, ୧୫୦-୫୦, ୭- ୧୫୦, ୧୫୧- ୬୯, ୧୫୦-୦, ୧୩୩- ୧୫୦, ୧୫୦-୭୫)ରେ ନେଙ୍କୁ ପରାସ୍ତ କରିଥିଲେ। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଆଡଭାନୀ ଇଂଲଣ୍ଡର ମାଇକ୍ ରସେଲଙ୍କୁ ୫-୨ରେ ପରାସ୍ତ କରିଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେ ଥ୍ୱା ଓ ୫-୩ରେ ଭାରତର ସୌରଭ କୋଠାରିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

## ଭାରତୀୟ ରେସଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି

ନୁର-ସୁଲତାନ (କାଜାଖସ୍ଥାନ), ୧୫।୯(ପି.ଟି.)
ଏଠାରେ ଚାଲିଥିବା ରେସଲିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ରେସଲରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ରବିବାର ଭାରତୀୟ ଗ୍ରୀକୋ- ରୋମାନ ରେସଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଫଳରେ ଭାରତୀୟ ରେସଲରଙ୍କ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ନେଇ ଆଶଙ୍କା ସୃଷ୍ଟି ହୋଇଛି। ୬୭ କେ.ଜି. ବର୍ଗରେ ମନୀଷ, ୮୭ କେ.ଜି. ବର୍ଗରେ ସୁନୀଲ କୁମାର ଓ ୯୭ କେ.ଜି. ବର୍ଗରେ ରବି ବିଦାୟ ନେଇଛନ୍ତି। ପ୍ରଥମ ଦିବସରେ ୪ଜଣ ରେସଲର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ୩ ଜଣ ଗୋଟିଏ ହେଲେ ବି ବାଉଟ ଜିତିପାରି ନ ଥିଲେ ଓ ଗୋଟିଏ ପଏଣ୍ଟ ମଧ୍ୟ ସ୍କୋର କରି ପାରି ନ ଥିଲେ। ତେବେ ରବି ଚାଇନିଜ ତାଇପେଇର ଚେଙ୍ଗ ହାଓ ଚେନ୍‌ଙ୍କୁ ହରାଇ ଗୋଟିଏ ବାଉଟ ଜିତିବାକୁ ସକ୍ଷମ ହୋଇଥିଲେ। ସେ ୫-୦ରେ ବିଜୟୀ ହୋଇଥିଲେ। ତେବେ ପରବର୍ତ୍ତୀ ବାଉଟ୍‌ରେ ରବି ଚେକ ଗଣରାଜ୍ୟର ଅର୍ଥର ଓମାରୋଭଙ୍କଠାରୁ ୭-୦ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ରାଜ୍ୟସ୍ତରୀୟ ସନ୍ତରଣ ଉଦ୍‌ଯାପିତ

■ ୨୦ ଜିଲାର ୩୧୦ ପ୍ରତିଯୋଗୀ
■ ପ୍ରଥମ ଥର ପାଇଁ ଭାଗ ନେଲେ ଦିବ୍ୟାଙ୍ଗ
■ ୫ବର୍ଷରୁ ଆରମ୍ଭ କରି ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବର୍ଗରେ ଇଭେଣ୍ଟ

ସମ୍ବଲପୁର, ୧୫।୯ (ବ୍ୟୁରୋ)
ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ଠାରେ ନବମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ରାଜ୍ୟସ୍ତରୀୟ ସନ୍ତରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ରାଜ୍ୟର ୨୦ଟି ଜିଲାରୁ ୩୧୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଅର୍ପିତା ସାହୁ ଓ ବିକାଶ ହରିପାଲଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ପ୍ରଥମ ଥର ଦିବ୍ୟାଙ୍ଗମାନେ ଭାଗ ନେଇ ସଫଳତା ହାସଲ କରିଛନ୍ତି । ଲିପୁ ରାଉତ, ସୁମିତ ପଣ୍ଡା, ରୋହିତ ଭୋଇ, ରାଜକିଶୋର ପ୍ରଧାନ, ପ୍ରିୟରଞ୍ଜନ ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଦଧିଚି ରୌପ୍ୟ ପଦକ ହାସଲ କରିଛନ୍ତି। ୫ବର୍ଷରୁ ଆରମ୍ଭ କରି ୮୦ ବର୍ଷ ବୟସ ମଧ୍ୟରେ ୧୮ଟି ବର୍ଗରେ ଇଭେଣ୍ଟ ହୋଇଥିଲା । ୫୦ ମିଟର ଫ୍ରି ଷ୍ଟାଇଲ, ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ, ୫୦ ମିଟର ବ୍ୟାକଷ୍ଟ୍ରୋକ, ୫୦ମିଟର ବଟର ଫ୍ଲାଏ ଆଦି ଇଭେଣ୍ଟରେ ପ୍ରତିଯୋଗୀ ଭାଗ ନେଇଥିଲେ। ୫୦ ମିଟର ଫ୍ରି ଷ୍ଟାଇଲ ଇଭେଣ୍ଟ କେବଳ ୫ବର୍ଷ ବୟସର ବର୍ଗ ପ୍ରତିଯୋଗୀଙ୍କ ସକାଶେ କରାଯାଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଡିଏଫଓ ଡ. ସଞ୍ଜିତ କୁମାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଉମାଚରଣ ପତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କ୍ଲବ ଉପଦେଷ୍ଟା ପ୍ରେମରଞ୍ଜନ ପ୍ରଧାନ ସଂଯୋଜନା କରିଥିବାବେଳେ ସଭାପତି ଜୟକୃଷ୍ଣ ପଟେଲ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଜୟନ୍ତ କୁମାର ପାଣ୍ଡେ ସୂଚନା ପ୍ରଦାନ କରିଥିବାବେଳେ ସାଂଗଠାନିକ ସମ୍ପାଦକ ସୁନ୍ଦରମଣୀ ବାରିକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉପସଭାପତି ରାଜେଶ ମିଶ୍ର ଓ କୋଷାଧ୍ୟକ୍ଷ ଅନୀଲ ବେରିହା ସହଯୋଗ କରିଥିଲେ । ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, ରମଣୀରଞ୍ଜନ ସାହୁ, ପଦ୍ମଲୋଚନ ନାୟକ, ସୁରେନ୍ଦ୍ର ନାଏକ, ମନୋଜ ବନଛୋର, କିଶୋର ଲୁହା, ରଙ୍କନିଧି ସେଠ, ଅନନ୍ତ ବେରିହା, ଗଙ୍ଗାଧର ଓରାମ, ଆର୍ତ୍ତତ୍ରାଣ ମାଝୀ, ଆଶୁତୋଷ ନାୟକ, ଈଶ୍ୱର ପ୍ରସାଦ ବାରିକ ଇଭେଣ୍ଟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ଖଟେଶ୍ୱର ପାଣ୍ଡେ ରାଜ୍ୟ ସନ୍ତରଣରେ ଭୀଷ୍ମ ପିତାମହ। ଏଣୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡିଶା ମାଷ୍ଟର୍ସ ସୁଇମର୍ସ କ୍ଲବ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।




ଝସକେତନ ସାହୁ ସୁଇମିଂ ପୁଲରେ ମୁଖ୍ୟଅତିଥି ଜୟନାରାୟଣ ମିଶ୍ର ଶ୍ରେଷ୍ଠ ସନ୍ତରଣବିତ ବିକାଶ ହରିପାଲ ଓ ଅର୍ପିତା ସାହୁଙ୍କୁ ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ରାଜ୍ୟ ର୍ୟାଙ୍କିଙ୍ଗ୍ ଟିଟି ଉଦ୍‌ଯାପିତ

## ଶ୍ୱେତପଦ୍ମାଙ୍କୁ ତ୍ରିମୁକୁଟ

ଭୁବନେଶ୍ୱର, ୧୫।୯(କ୍ରୀଡ଼ା ପ୍ରତିନିଧି): ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ୧୪ତମ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗ, ସବ୍‌ଜୁନିୟର ବାଳିକା ଓ ଜୁନିୟର ବାଳିକାରେ ଚାମ୍ପିୟନ ହୋଇ ଶ୍ୱେତପଦ୍ମା ଦଳାଇ ତ୍ରିମୁକୁଟ ହାସଲ କରିଛନ୍ତି। ପୁରୁଷରେ ଅସିଫ୍ ହକ୍ ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଶ୍ୱେତପଦ୍ମା ୪-୨ରେ ମୟୂରୀ ଚାଟାର୍ଜୀଙ୍କୁ ଏବଂ ପୁରୁଷ ସିଙ୍ଗଲ୍ସରେ ଅସିଫ ୪-୦ରେ ସ୍ନେହମୟ ମଲିକଙ୍କୁ ପରାସ୍ତ କରିଛନ୍ତି। କ୍ୟାଡେଟ ବାଳକ ବିଭାଗରେ ଅନିନ୍ଦ୍ୟ ଅନୁପମ ଦାସ ୩-୧ରେ ଅର୍ଚ୍ଚିତ କୁମାର ବେହେରା, ବାଳିକାରେ ସାଦିକା ସୋଦବର୍ମା ୩-୦ରେ ଉର୍ଜା ବର୍ମା, ସବ୍‌ଜୁନିୟର ବାଳିକାରେ ଶ୍ୱେତପଦ୍ମା ୪-୦ରେ ସୁଶ୍ରୀ ପଟ୍ଟନାୟକ, ବାଳକରେ ଅଙ୍କୁର ବିଶ୍ୱାଳ ୪-୧ରେ ଦ୍ୱାରିକାନାଥ ସ୍ୱାଇଁ, ଜୁନିୟର ବାଳିକାରେ ଶ୍ୱେତପଦ୍ମା ୪-୧ରେ ଯୋଶିତା ଜାମୁଲା, ବାଳକରେ ଅବିନାଶ ତ୍ରିପାଠୀ ୪-୩ରେ ମୋହିତ ବେହୁରେଙ୍କୁ ଏବଂ ଯୁଥ ବାଳକ ସିଙ୍ଗଲ୍ସ ଫାଇନାଲରେ ଏମ.ଈଶ୍ୱର ରାଓ ୪-୧ରେ ଆର୍ଯ୍ୟା ଶଙ୍କର ମହାପ୍ରସାଦଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାଜିଲା ଟେବିଲ ଟେନିସ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଉପସଭାପତି ପି.କେ. ସାମନ୍ତରାୟ, ବୈଷୟିକ ନିର୍ଦ୍ଦେଶକ ବିଜନ ଦାସ ମହାପାତ୍ର, ଆୟୋଜକ କମିଟି ସମ୍ପାଦକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜନ ଦାସ ମହାପାତ୍ର, ତପନ ଖା, ଜୀବନ ବଲ୍ଲଭ ସାମଲ ଓ ସୁଜିତ ରଥ ମ୍ୟାଚ ଗୁଡ଼ିକୁ ପରିଚାଳନା କରିଥିଲେ।

## ମେଡିକାଲ ଇମର୍ଜେନ୍ସି: ନ୍ୟୁଜିଲାଣ୍ଡ ଗଲେ ସିନ୍ଧୁଙ୍କ କୋଚ୍

**ହାଇଦ୍ରାବାଦ, ୧୫।୯:** ଅଲିମ୍ପିକ୍ସ ରୌପ୍ୟ ତଥା ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ପି.ଭି. ସିନ୍ଧୁଙ୍କ କୋରିଆ କୋଚ୍ କିମ୍ ଜି ହ୍ୟୁନ୍ ମେଡିକାଲ ଇମର୍ଜେନ୍ସି ନେଇ ନ୍ୟୁଜିଲାଣ୍ଡ ପ୍ରସ୍ଥାନ କରିଛନ୍ତି। ତାଙ୍କ ସ୍ୱାମୀ ଅସୁସ୍ଥ ଥିବାରୁ କିମ୍‌ଙ୍କୁ ହଠାତ ଯିବାକୁ ପଡିଛି। ଆଗାମୀ କିଛି ଦିନ ମଧ୍ୟରେ ଭାରତ ଫେରିବା ନିଶ୍ଚିତ ନୁହଁ ବୋଲି କିମ୍ କହିଛନ୍ତି। ତେବେ ସେ ଖୁବ୍ ଶୀଘ୍ର ଦଳରେ ଯୋଗ ଦେବେ ବୋଲି ଭାରତୀୟ ଦଳ ମୁଖ୍ୟ କୋଚ୍ ପୁଲେଲା ଗୋପୀଚାନ୍ଦ କହିଛନ୍ତି।

## ରେକର୍ଡ ୭ମ ଥର ଲାଗି ବ୍ରଡ୍‌ଙ୍କ ଶିକାର ହେଲେ ୱାର୍ନର



ଲଣ୍ଡନ, ୧୫।୯: ଅଷ୍ଟ୍ରେଲିଆ ଓପନର୍ ଡେଭିଡ୍ ୱାର୍ନର ଚଳିତ ଆଶେସ ସିରିଜକୁ ନୈରାଶ୍ୟଜନକ ଭାବେ ଶେଷ କରିଛନ୍ତି। ଏଠାରେ ଚାଲିଥିବା ଅନ୍ତିମ ତଥା ୫ମ ମ୍ୟାଚ୍‌ର ୨ୟ ଇନିଂସରେ ମଧ ୱାର୍ନର ବ୍ୟାଟିଂରେ ଫେଲ୍ ମାରିଥିଲେ। ଘରୋଇ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୯୯ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରୁଥିବାବେଳେ ଷ୍ଟୁଆର୍ଟ ବ୍ରଡ୍ ନୂଆ ବଲରେ ପ୍ରାରମ୍ଭରୁ ଅଷ୍ଟ୍ରେଲିଆକୁ ଡବଲ୍ ଝଟ୍‌କା ଦେଇଥିଲେ। ବ୍ରଡ୍ ତାଙ୍କ ଲଗାତର ୨ ଓଭରରେ ଯଥାକ୍ରମେ ଦୁଇ ଓପନର୍ ମାର୍କସ ହାରିସ (୯ ରନ) ଓ ୱାର୍ନର (୧୧)ଙ୍କୁ ଆଉଟ୍ କରିଥିଲେ। ୫ମ ଓଭର ଶେଷ ବଲରେ ହାରିସଙ୍କୁ କ୍ଲିନ ବୋଲ୍ଡ କରିଥିବାବେଳେ ୭ମ ଓଭର ୪ର୍ଥ ବଲରେ ୱାର୍ନରଙ୍କୁ ସ୍ଲିପରେ କ୍ୟାଚ୍ କରାଇ ଦେଇଥିଲେ। ଏଥିସହ ଚଳିତ ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜରେ ରେକର୍ଡ ୭ମ ଥର ଲାଗି ବ୍ରଡ୍‌ଙ୍କ ଶିକାର ହୋଇଛନ୍ତି ୱାର୍ନର। ମୋଟ୍ ଉପରେ ଟେଷ୍ଟ କ୍ରିକେଟ୍‌ରେ ୧୩ଥର ଲାଗି ୱାର୍ନରଙ୍କୁ ବ୍ରଡ୍ ଆଉଟ୍ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଗୋଟିଏ ସିରିଜରେ ଜଣେ ବ୍ୟାଟ୍ସମ୍ୟାନ ସମାନ ବୋଲରଙ୍କ ଦ୍ୱାରା ୭ଥର ଆଉଟ୍ ହେବାରେ ବିଶ୍ୱରେ ଏହା ୬ଷ୍ଠ ଘଟଣା।

> ଗ୍ରୀଷ୍ମଋତୁରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ଟେଷ୍ଟ ସିରିଜରେ ଟିମ୍ ପେନ୍ ଅଧିନାୟକତ୍ୱ ଜାରି ରଖିବା ଉଚିତ୍।
> –ରିକି ପଣ୍ଟିଂ, ପୂର୍ବତନ ଅଧିନାୟକ



> ମୁଁ ଏପର୍ଯ୍ୟନ୍ତ ବାପାଙ୍କଠାରୁ ଅଧିକ ଦୟାଳୁ ବ୍ୟକ୍ତି ଦେଖିନାହିଁ। ମୋ ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଛି।
> – ମାଇକେଲ ଓଏନ, ପୂର୍ବତନ ଫୁଟ୍‌ବଲର



# ଇଂଲଣ୍ଡ ୧୩୫ ରନରେ ବିଜୟୀ

ଲଣ୍ଡନ, ୧୫।୯

କେନିଂଟନ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ୫ମ ତଥା ଅନ୍ତିମ ଆଶେସ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ୧୩୫ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୩୯୯ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ମାଥ୍ୟୁ ୱାଡେଙ୍କ ଶତକ ସତ୍ତ୍ୱେ ଦ୍ୱିତୀୟ ଇନିଂସରେ ୨୬୩ ରନ କରି ଆଉଆଉଟ ହୋଇ ଯାଇଛି। ଫଳରେ ୫ ମାଚ ବିଶିଷ୍ଟ ଆଶେସ ସିରିଜ ୨–୨ସ୍ଥିତିରେ ଶେଷ ହୋଇଛି। ଗୋଟିଏ ଟେଷ୍ଟ ଅମୀମାଂସିତଭାବେ ଶେଷ ହୋଇଥିଲା।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୧୩/୮ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୨୯ ରନ କରି ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଦଳ ୧୬ ରନ ଯୋଗକରି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ପୂର୍ବ ଦିନ ଅପରାଜିତ ଥିବା ଦୁଇ ବ୍ୟାଟ୍ସମ୍ୟାନ ଜୋଫ୍ରା ଆର୍ଚରର ୩ ଓ ଜ୍ୟାକ ଲିଚ୍ ୯ ରନ କରି ଆଉଟ ହୋଇଥିଲେ। ପ୍ୟାଟ୍ କୁମିନ୍ସ ଓ ନାଥାନ ଲିୟନ ଏହି ଉଇକେଟ ୨ଟି ପାଇଥିଲେ। ୪ର୍ଥ ଇନିଂସରେ କଷ୍ଟସାଧ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆର ଆରମ୍ଭ ଭଲ ହୋଇ ନ ଥିଲା। ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍ ଚମତ୍କାର ବୋଲିଂ କରି ମାତ୍ର ୨୯ ରନ ମଧ୍ୟରେ ଅଷ୍ଟ୍ରେଲିଆର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ମାର୍କୁସ ହାରିସ ୯ ଓ ଡେଭିଡ ୱାର୍ନର ୧୧ ରନ କରିବାକୁ ସକ୍ଷମ ହୋଇଥିଲେ। ଫର୍ମରେ ଥିବା ଦୁଇ ବ୍ୟାଟ୍ସମ୍ୟାନ ମାର୍ନୁସ ଲାବୁସ୍କାନ ୧୪ ଓ ଷ୍ଟିଭେନ ସ୍ମିଥ ୨୩ ରନ କରି ଆଉଟ ହେବାରୁ ଅଷ୍ଟ୍ରେଲିଆ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମିଡଲ ଅର୍ଡରରେ ମାଥ୍ୟୁ ୱାଡେ ଶତକ ହାସଲ କରି ଇନିଂସ ସମ୍ଭାଳିଥିଲେ ହେଁ ମିଚେଲ ମାର୍ଶ ୨୪ ଓ ଟିମ୍ ପେନ୍ ୨୧ ରନ କରି



ଉଇକେଟ ହାସଲ ପରେ ଉଲ୍ଲସିତ ଷ୍ଟୁଆର୍ଟ ବ୍ରଡ୍।

ଆଉଟ ହେବାରୁ ଅଷ୍ଟ୍ରେଲିଆ ପରାଜୟ ଆଡ଼କୁ ମୁହାଁଇଥିଲା। ୱାଡେ ଏଠାରେ ହାସଲ କରିଥିଲେ କ୍ୟାରିୟରର ୪ର୍ଥ ଟେଷ୍ଟ ଶତକ। ୧୪୭ ବଲ୍‌ର ସମ୍ମୁଖୀନ ହୋଇ ସେ ୧୫ ଚୌକା ଓ ୧ ଛକା ସହାୟତାରେ ଶତକ ପୂରଣ କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇ ପ୍ୟାଟ୍ କୁମିନ୍ସ ମାତ୍ର ୯ ରନ କରିଥିଲେ ହେଁ ୪୧ଟି ବଲ୍ ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ୱାଡେ ୧୧୭ ରନ କରି ଜୋ ରୁଟ୍‌ଙ୍କ ଶିକାର ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ୍ ଓ ଜ୍ୟାକ ଲିଚ୍ ୪ଟି ଲେଖାଏ ଏବଂ ଜୋ ରୁଟ୍ ୨ଟି ଉଇକେଟ ନେଇଥିଲେ।

### ପଞ୍ଚମ ଆଶେସ ଟେଷ୍ଟ

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୯୪। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୨୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୨୯/ଅଲଆଉଟ(ଜୋ ଡେନ୍‌ଲି-୯୪, ବେନ୍ ଷ୍ଟୋକ୍ସ-୬୭, ଜୋସ ବଟଲର-୪୭, ନାଥାନ ଲିୟନ-୪/୬୯, ପ୍ୟାଟ୍ କୁମିନ୍ସ-୨/୬୭, ପିଟର ସିଡ୍‌ଲେ-୨/୫୨, ମିଚେଲ ମାର୍ଶ-୨/୪୦)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୬୩/ଅଲଆଉଟ(ୱାଡେ-୧୧୭, ବ୍ରଡ୍-୪/୬୨, ଲିଚ୍-୪/୪୯, ରୁଟ୍-୨/୨୬)।

## ଭାଙ୍ଗିଲେ ୬୧ ବର୍ଷର ରେକର୍ଡ

ଲଣ୍ଡନ, ୧୫।୯: ଚଳିତ ୫ ମ୍ୟାଚ୍‌ବିଶିଷ୍ଟ ଆଶେସ ସିରିଜରେ ବ୍ୟାଟିଂରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ୱାର୍ନର ମୋଟ୍ ୧୦ ଇନିଂସରୁ ୯୫ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୬୫ ରନର ଏକ ଅର୍ଦ୍ଧଶତକୀୟ ଇନିଂସ ସାମିଲ ରହିଛି। ଇନିଂସ ପିଛା ତାଙ୍କ ଆଭରେଜ ୯.୫ ରହିଛି। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ଓପନର୍ ଭାବେ ସବୁଠାରୁ ଖରାପ୍ ଆଭରେଜ ୱାର୍ନରଙ୍କ ନାମରେ ଲିପିବଦ୍ଧ ହୋଇଛି। ଏହିକ୍ରମରେ ୱାର୍ନର ୬୧ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୫୮ରେ ନ୍ୟୁଜିଲାଣ୍ଡ ଓପନର୍ ଜନ୍ ଡି ଆର୍ସି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧୩୬ ରନ କରି ଏକ ଅଲୋଡ଼ା ରେକର୍ଡର ଅଧିକାରୀ ରହିଥିଲେ।

# ଭାରତ–ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ ବାତିଲ

ଧର୍ମଶାଳା, ୧୫।୯ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ରବିବାର ଖେଳାଯିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ଖେଳ ଆରମ୍ଭ ସମ୍ଭବପର ନ ଥିଲା। ମ୍ୟାଚ ଦେଖିବା ଲାଗି ଆସିଥିବା ଦର୍ଶକଙ୍କୁ ଏହା ନିରାଶ କରିଥିଲା। ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହେବା ପରେ ମ୍ୟାଚ ଖେଳାଯିବା ନେଇ ସନ୍ଦେହ ଦେଖାଦେଇଥିଲା। ଏହାସତ୍ତ୍ୱେ ପାଗରେ ପରବର୍ତ୍ତନ ଘଟିଲେ ଏପରିକି ମ୍ୟାଚକୁ ୫ ଓଭର ବିଶିଷ୍ଟ କରିବା ଲାଗି ଚିନ୍ତା କରାଯାଇଥିଲା। ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ମାତ୍ର ତାହା ବୃଥାରେ ପରିଣତ ହୋଇଥିଲା। ମ୍ୟାଚ ଦେଖିବାକୁ ଲାଗି ଆଖପାଖ ଜିଲା ସମେତ ଚଣ୍ଡିଗଡ଼ ଏବଂ ଦିଲ୍ଲୀରୁ ବହୁ କ୍ରିକେଟ ପ୍ରେମୀ ଆସିଥିଲେ। ସେମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। ଷ୍ଟାଡିୟମର ଅଧିକାଂଶ ଷ୍ଟାଣ୍ଡ ଉପରିଭାଗରେ କୌଣସି ଛାତ ନ ଥିବାରୁ ବର୍ଷାରୁ ନିଜକୁ ବଞ୍ଚାଇବା ଲାଗି କିଛି ଦର୍ଶକ ଷ୍ଟାଡିୟମ ଭିତରକୁ ଚାଲିଯାଇଥିଲେ। ସେଠାରେ ରଖାଯାଇଥିବା ଅସ୍ଥାୟୀ ହୋର୍ଡିଂକୁ ସେମାନେ ସାମୟିକ 'ଛତା' ରୂପେ ବ୍ୟବହାର କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆଜିକାଲି ସମସ୍ତ ମ୍ୟାଚର ବୀମା କରାଉଛନ୍ତି। ତେଣୁ ଏଚପିସିଏ ଆର୍ଥିକ କ୍ଷତିଗ୍ରସ୍ତ ହେବ ନାହିଁ। ଯେହେତୁ ମ୍ୟାଚର ଟସ୍ ପଡ଼ିନାହିଁ ଦର୍ଶକମାନେ ଟିକେଟ ମୂଲ୍ୟ ଫେରିପାଇବେ। ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମୋହାଲିଠାରେ ବୁଧବାର ଖେଳାଯିବ। ତୃତୀୟ ତଥା ଅନ୍ତିମ ମ୍ୟାଚ ସେପ୍ଟେମ୍ବର ୨୨ରେ ବେଙ୍ଗାଲୁରୁରେ ଖେଳାଯିବ।



ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ।

# ଓଡ଼ିଶା ଏଫ୍‌ସି ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୧୫।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ନୂତନ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି ରବିବାର ଏହାର ଅଫିସିଆଲ ଲୋଗୋ ଉନ୍ମୋଚନ କରିଛି। ଗତ ମାସରେ ଓଡ଼ିଶା ସରକାର ଓ ଦିଲ୍ଲୀ ସ୍କୋରର ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେବାପରେ ଓଡ଼ିଶା ଏଫ୍‌ସି କ୍ଲବ ସୃଷ୍ଟି ହୋଇଥିଲା। ଓଡ଼ିଶା ଏଫ୍‌ସି ଲୋଗୋରେ ରାଜ୍ୟର ଐତିହ୍ୟ କୀର୍ତ୍ତିରାଜି ଓ ସଂସ୍କୃତିର ଚିତ୍ର ଦେଖିବାକୁ ମିଳିଛି। ଏଥିସହ ମୂଳ କମ୍ପାନୀର ଲକ୍ଷ୍ୟ ଓ ବିଚାରଧାରା ପ୍ରତୀୟମାନ ହେଉଛି। ଓଡ଼ିଶା ଏଫ୍‌ସି ଲୋଗୋରେ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରର ଚକ୍ର ସ୍ଥାନ ପାଇଛି। କୋଣାର୍କ ମନ୍ଦିରକୁ ରଥ ଭାବେ ନିର୍ମିତ କରାଯାଇଥିବାବେଳେ ଏହି ୨୪ ଚକ୍ର ଏହାର ଚକା ସଦୃଶ। ଲୋଗୋରେ ଏହାର ଉପସ୍ଥିତି ଆନ୍ଦୋଳନ ଓ ବିକାଶର ପ୍ରତିନିଧିତ୍ୱ କରୁଛି। କ୍ଲବ ସର୍ବଦା ଉତ୍କୃଷ୍ଟତା ପାଇଁ ପ୍ରୟାସ କରୁଛି ଏବଂ ଯୁବ ଶକ୍ତି ଉପରେ ବିଶ୍ୱାସ କରୁଥିବାରୁ ଏହି ପ୍ରକାର ଚକ ଲୋଗୋରେ ସ୍ଥାନିତ ହୋଇଛି। ଏହି ଲୋଗୋରେ ମଧ୍ୟ ଏକ ଜାହାଜର ଚିତ୍ର ରହିଛି, ଯାହା ମୂଳ କମ୍ପାନୀ ଜିଏମ୍‌ଏସ୍'ର ପ୍ରତିନିଧିତ୍ୱ କରୁଛି। ଜିଏମ୍‌ଏସ୍ ବିଶ୍ୱରେ ଜାହାଜ ଓ ବିଦେଶୀ ସମ୍ପତ୍ତି କାରବାରର ଏକ ପ୍ରମୁଖ କମ୍ପାନୀ। 'ଓଡ଼ିଶା ଜନସାଧାରଣଙ୍କ ସହ ଯୋଡ଼ି ହେବା ଲାଗି ଲୋଗୋ ଉନ୍ମୋଚନ ପ୍ରଥମ ପଦକ୍ଷେପ। ଏହା ବହୁତ ଜୀବନ୍ତ ଓ ରଙ୍ଗିନ ରାଜ୍ୟ, ଯାହାକୁ ଲୋଗୋ ପ୍ରତିନଧିତ୍ୱ କରୁଛି। ସେହିଭଳି ଲୋଗୋରେ ସ୍ଥାନ ପାଇଥିବା ଚକ୍ର ଓଡ଼ିଶାର ସମୃଦ୍ଧ ପରମ୍ପରା ଓ ସଂସ୍କୃତିକୁ ପ୍ରତିଫଳନ କରୁଛି' ବୋଲି କ୍ଲବର ନିର୍ଦ୍ଦେଶକ ରୋହନ ଶର୍ମା ଏହି ଅବସରରେ କହିଛନ୍ତି। ସେହିଭଳି ଲୋଗୋ ଉନ୍ମୋଚନ ଅବସରରେ ଅଫିସିଆଲ ଟ୍ୟାଗ୍ ଲାଇନ୍ '# ଆମଟିମ୍‌ଆମଗେମ୍' କୁ ମଧ୍ୟ କ୍ଲବ ଗ୍ରହଣ କରିଛି। ଫଳରେ ଓଡ଼ିଶା ଏଫ୍‌ସି କ୍ଲବ ଏବେ ସୋସିଆଲ ମିଡିଆ ଫେସବୁକ୍, ଇନ୍‌ଷ୍ଟାଗ୍ରାମ ଓ ଟୁଇଟର୍‌ରେ ଉପଲବ୍ଧ ହୋଇଛି। ଭାରତୀୟ ଫୁଟ୍‌ବଲରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବା ଆଇଏସ୍‌ଏଲ୍‌ର ୬ଷ୍ଠ ସଂସ୍କରଣ ଅକ୍ଟୋବର ୨୦ ତାରିଖରୁ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ୍ ନଭେମ୍ବର ୨୪ରେ କଳିଙ୍ଗ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ବସ୍ କଣ୍ଡକ୍ଟରଙ୍କ ପୁଅ ଏସିଆ କପ୍ ହିରୋ

ନୂଆଦିଲ୍ଲୀ, ୧୫।୯(ପିଟି)

୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ଦେଖିବା ଲାଗି ମୁମ୍ବାଇରେ ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିବା ବୈଦେହୀ ଅଙ୍କୋଲେକର ଶନିବାର ଛୁଟି ନେଇଥିଲେ। କିନ୍ତୁ ତାଙ୍କ ଘରେ ଥିବା କେବୁଲରେ ଖେଳ ଚ୍ୟାନେଲ ନ ଥିଲା, ଯାହା ତାଙ୍କୁ ପୁଅ ଅଥର୍ବଙ୍କ ପ୍ରଦର୍ଶନ ଦେଖିବାକୁ ରୋକିପାରି ନ ଥିଲା। ନିକଟରେ ରହୁଥିବା ଦିଅର ଘରେ ଖେଳ ଦେଖି ପୁଅର ଭଲ ପ୍ରଦର୍ଶନ ପାଇଁ ପ୍ରାର୍ଥନା କରିଥିଲେ। ଅବଶ୍ୟ ତାଙ୍କ ପ୍ରାର୍ଥନା ବେକାର ଯାଇ ନ ଥିଲା। ଅଥର୍ବ ବିନୋଦ ଅଙ୍କୋଲେକରଙ୍କ ୫ ଉଇକେଟ ସହାୟତାରେ ବାଂଲାଦେଶକୁ ହରାଇ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଏସିଆ କପ୍ ଜିତିଥିଲା। ୧୦୭ ରନ୍‌ର ଟାର୍ଗେଟକୁ ପିଛା କରୁଥିବା ବାଂଲାଦେଶ ୧୦୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।



ଅଥର୍ବ ଅଙ୍କୋଲେକର



ବୈଦେହୀ ଅଙ୍କୋଲେକର

୧୮ ବର୍ଷୀୟ ବାମହାତୀ ସ୍ପିନର ଅଙ୍କୋଲେକର ୮ ଓଭର ବୋଲିଂ କରି ୨୮ ରନ୍ ବ୍ୟୟରେ ୫ ଉଇକେଟ ନେଇ ଚାମ୍ପିୟନ ଭାରତୀୟ ଦଳ ପାଇଁ ହିରୋ ସାଜିଥିଲେ। ଫଳରେ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଥିଲା ଏବଂ ସେ ଟୁର୍ନାମେଣ୍ଟରେ ସର୍ବାଧିକ ୧୨ଟି ଉଇକେଟ ନେଇଥିଲେ। ମୁମ୍ବାଇ ଫେରିବା ପରେ ଭାବବିହ୍ୱଳ ମା' ବୈଦେହୀ କହିଥିଲେ ଯେ, ତାଙ୍କ ବାପା ଏହା ଦେଖିବାକୁ ଥାନ୍ତେ କି। ଏହାଦ୍ୱାରା ସେ ତାଙ୍କ ବାପା ଓ ସଭିଙ୍କୁ ଗର୍ବିତ କରିଛନ୍ତି। ପୁଅକୁ କ୍ରିକେଟର କରାଇବାର ସ୍ୱପ୍ନ ଦେଖିଥିବା ବାପା ୨୦୧୦ରେ ମ୍ୟାଲେରିଆରେ ପୀଡ଼ିତ ହୋଇ ପ୍ରାଣ ହରାଇଥିଲେ। ସେତେବେଳେ ଅଥର୍ବଙ୍କୁ ୧୦ ବର୍ଷ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ବସ୍ କଣ୍ଡକ୍ଟର ଚାକିରି ତାଙ୍କ ମା ବୈଦେହୀଙ୍କୁ ମିଳିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ମଧ ପୁଅ ଅଥର୍ବଙ୍କୁ କ୍ରିକେଟର ହେବାକୁ ପ୍ରୋତ୍ସାହିତ କରିଥିଲେ ମା'।

# ଚୟନକର୍ତ୍ତାଙ୍କୁ ନ ଡ଼ାକି ସାରିଦେଲେ ଚୟନ ପ୍ରକ୍ରିୟା

କଟକ ଅଫିସ,୧୫।୯

୧୯ବର୍ଷରୁ କମ୍ ରାଜ୍ୟ ବାଳକ କ୍ରିକେଟ ଦଳର ଚୟନପ୍ରକ୍ରିୟା ସରିଗଲା ପଛେ ଚୟନକର୍ତ୍ତାଙ୍କୁ ଖୋଜା ପଡ଼ିଲାନି। ଚୟନ ପ୍ରକ୍ରିୟା ନେଇ ଥରେ ଫୋନ୍ କି ମେସେଜ ମଧ ଦିଆଗଲାନି। ଏଭଳି ସ୍ଥିତିରେ ପହଞ୍ଚିଲାଣି ରାଜ୍ୟ କ୍ରିକେଟର ସ୍ଥିତି। ରାଜ୍ୟ ଜୁନିୟର ଚୟନ କମିଟିର ଦୁଇ ଜଣ ଚୟନକର୍ତ୍ତାଙ୍କ ଅନୁପସ୍ଥିତିରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। କମିଟିରେ ଅଧକ୍ଷଙ୍କୁ ମିଶାଇ ମୋଟ ୬ ଜଣ ସଦସ୍ୟ ଅଛନ୍ତି। ଜୁନିୟର ଦଳର ଚୟନ ପ୍ରକ୍ରିୟାରେ ବିପୁଳ ଅର୍ଥ କାରବାର ହେଉଥିବା ପୂର୍ବରୁ ଅଭିଯୋଗ ଅଛି। ଜଣେ ଚୟନକର୍ତ୍ତା ଏ ସମ୍ପର୍କରେ ସୋସିଆଲ ମିଡ଼ିଆରେ ମଧ ପୋଷ୍ଟ ମଧ କରିଥିଲେ। ଓସିଏ କର୍ମଚାରୀମାନେ ନିଜର ଏପରି ମନ୍ଦ ଉଦ୍ଦେଶ୍ୟରୁ ଦୂରେଇ ରଖିବା ପାଇଁ ଏହି ଦୁଇ ଚୟନକର୍ତ୍ତାଙ୍କୁ ଚୟନପ୍ରକ୍ରିୟାକୁ ଡକାଯାଇ ନ ଥିବା କେତେଜଣ ପୂର୍ବତନ କ୍ରୀଡ଼ାବିତ କହିଛନ୍ତି।

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଦ୍ୱାରା ଗତ ୧୦ ତାରିଖରୁ କଟକର ୨ଟି ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ ରାଜ୍ୟ ବାଳକ କ୍ରିକେଟ ଦଳର ଚୟନପ୍ରକ୍ରିୟା ଶନିବାର ଶେଷ ହୋଇଛି। ବିଡ଼ାନାସୀ




୧୯ବର୍ଷରୁ କମ୍ ରାଜ୍ୟ କ୍ରିକେଟ

ଓ ବୋଷ ଗ୍ରାଉଣ୍ଡରେ ମୋଟ ୩ଟି ଟ୍ରାଏଲ ମ୍ୟାଚ୍ ଖେଳାଯାଇଥିଲା। ୧୧ ଓ ୧୨ ତାରିଖରେ ବର୍ଷା ହେବା ଯୋଗୁଁ ଏହାକୁ ଦୁଇ ଦିନ ଘୁଞ୍ଚାଯାଇଥିଲା। ପ୍ରଥମେ ରାଜ୍ୟରୁ ମୋଟ ୬୨ଜଣ ଖେଳାଳିଙ୍କ ନାମ ଏହି ଶିବିର ନିମନ୍ତେ ସ୍ଥିର କରିଥିଲା ଓସିଏ। ପରେ ୮୦ ଓ ଏହା ପରେ ୧୦୦ଟପିଥିଲା ଶିବିରରେ ଯୋଗଦେଇ ଥିବା ଖେଳାଳିଙ୍କ ସଂଖ୍ୟା। କେଉଁ ଜିଲାରୁ କେତେଜଣ ଲେଖାଏ ଖେଳାଳି ପଠାଯିବେ ସେନେଇ ଯେଉଁ ନିୟମ କରିଥିଲା ଓସିଏ ତାହାକୁ ପରବର୍ତ୍ତୀ ସମୟରେ ଖୋଲାଖୋଲି ଭାଙ୍ଗି ଦିଆଯାଇଥିଲା। ଓଦା ଗ୍ରାଉଣ୍ଡରେ ୧୦୦ଖେଳାଳିଙ୍କୁ ନେଇ ମାତ୍ର ୩ଟି ଟ୍ରାଏଲ ମ୍ୟାଚ୍‌ରେ ଓସିଏର ଏହି ଚୟନପ୍ରକ୍ରିୟା ଶେଷ ହୋଇଗଲା। ଆଉ କିଛି ଦିନ ପରେ ଚୂଡ଼ାନ୍ତ ଖେଳାଳି ତାଲିକା ପ୍ରକାଶ କରାଯିବ। ହେଲେ ଖେଳାଳି ଚୟନପ୍ରକ୍ରିୟାରେ ଅନେକ ଜାଲିଆତି ହୋଇଛି ଏବେ ଅଭିଯୋଗ ଉଠିଲାଣି। ଯେଉଁ ଦୁଇ ଜଣ ଚୟନକର୍ତ୍ତାଙ୍କୁ ଡକାଗଲାନି ସେମାନେ ଦୀର୍ଘବର୍ଷ ଧରି ରାଜ୍ୟ ଜୁନିୟର ଚୟନ କମିଟିରେ ଅଛନ୍ତି। ହେଲେ ଦୁଇ ଚୟନକର୍ତ୍ତାଙ୍କୁ କାହିଁକି ଡକାଗଲାନି ସେ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ଦେଉନାହାନ୍ତି ଓସିଏର ଅଧିକାରୀମାନେ। ବିଗତ ବର୍ଷ ଗୁଡ଼ିକରେ ରାଜ୍ୟ ଜୁନିୟର କ୍ରିକେଟ ଦଳର ପ୍ରଦର୍ଶନ ଅତ୍ୟନ୍ତ ଶୋଚନୀୟ ରହିଛି।

ସୂଚନାଥାଉକି, ଗତ ଅଗଷ୍ଟ ୨୪ରେ ରାଜ୍ୟ ଜୁନିୟର ଚୟନ କମିଟିର ଜଣେ ସଦସ୍ୟ ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ କରିଥିଲେ। ଯେଉଁଥିରେ ସେ ଚୟନ ପ୍ରକ୍ରିୟାରେ ଅର୍ଥ କାରବାର ହେଉଛି ବୋଲି ଉଲ୍ଲେଖ କରିବା ସହ ଏଥିରେ ଓସିଏର ଅନେକ ଅଧିକାରୀ ସାମିଲ ବୋଲି ଖୋଲାଖୋଲି ଭାବେ ପ୍ରକାଶ କରିଥିଲେ। ଫୋନ୍ କଲରେ ଟଙ୍କା ଯଚାହେଉଛି ବୋଲି ଏହି ସଦସ୍ୟଜଣଙ୍କ ସୂଚନା ମଧ ଦେଇଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଅବସରରେ



ଏ ମହନି ଚରଣ ବାରିକ
ଏକତଲା, ମଧୁବନ ହାଟ, ଯାଜପୁର
ଜନ୍ମ: ତା.୦୨.୦୧.୧୯୫୦
ମୃତ୍ୟୁ: ତା.୦୬.୦୯.୨୦୧୯
ଜଣେ କୃତି ଶିକ୍ଷକ ଭାବରେ ଆପଣଙ୍କର ପାଣ୍ଡିତ୍ୟ ଓ ସମାଜ ପ୍ରତି ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଦିଗ୍‌ଦର୍ଶନ ଦେଇ ଆସୁଥିଲା, ଆପଣଙ୍କ ଅବର୍ତ୍ତମାନରେ ବି ଦେଉଥିବ। ଆପଣ ତ ଆମ ପାଇଁ ଥିଲେ କୋଟି ସୂର୍ଯ୍ୟର ଶକ୍ତି। ପବିତ୍ର ଆତ୍ମା ଆପଣଙ୍କର ଶାନ୍ତି ପାଉ, ଏତିକି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ ପରିବାର ଓ ପ୍ରିୟଜନ
ଧ-୧୪୩୬୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସତ୍ୟଭାମା ଦାଶ
ସ୍ୱାମୀ: ସ୍ୱର୍ଗତ ବସନ୍ତ କୁମାର ଦାଶ
(ଆୟକର ଅଧିକାରୀ)
ଉତ୍ତର ମଧୁବନ, ଗୁଡ଼ିଆନାଳୀ, ଢେଙ୍କାନାଳ
ତିରୋଧାନ: ୨୬।୦୯।୨୦୧୮
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ସୁନିଲ, ସୁଶିଲ, ନିଳିମା, ସ୍ୱର୍ଣ୍ଣପ୍ରଭା, ଶାନ୍ତିଲତା, ଗୀତାରାଣୀ, ବିଜୟଲକ୍ଷ୍ମୀ, ତନ୍ମୟୀ, ନାତିନାତୁଣୀ: ବର୍ଣ୍ଣି, ସିପୁ, ନିକି, ଶ୍ରୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୬୬୮୧୯

## ସଂକ୍ଷେପରେ

ଗନ୍ଧୋର ଘାଟିରାସ୍ତାରେ ଓଲଟିଲା ବସ୍

### ୨୫ଯାତ୍ରୀ ଆହତ, ୧୦ଗୁରୁତର



ରାସ୍ତାରେ ଭାରସାମ୍ୟ ହରାଇ ବସ ଓଲଟି ପଡ଼ିଛି।

ସୁନ୍ଦରଗଡ଼/ବଡ଼ଗାଁ, ୧୫।୯(ଡି.ଏନ୍.ଏ) ସୁନ୍ଦରଗଡ଼ ଜିଲା ସବ୍‌ଡେଗାରୁ ରାଉରକେଲା ଯାଉଥିବା ଏକ ଯାତ୍ରୀବାହୀ ବସ୍ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବଡ଼ଗାଁ ବ୍ଲକର ଏକମା ନିକଟବର୍ତ୍ତୀ ଗନ୍ଧୋରଟୋଲି ଘାଟିର ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ପ୍ରାୟ ୩୦ଜଣ ଯାତ୍ରୀଙ୍କ ମଧ୍ୟରୁ ୨୫ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୧୦ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ଓ କୁତ୍ରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶଯେ, ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସବ୍‌ଡେଗା -ଖଡକୁବାହାଲ -ରାଜଗାଙ୍ଗପୁର ରାନୀବନ୍ଧ ପୂର୍ତ୍ତବିଭାଗ ରାସ୍ତା ଦେଇ ବସଟି ରାଉରକେଲା ଚଳାଚଳ କରୁଥିଲା। ଏହାର ନଂ. ଓଆର ୧୬ବି ୧୦୩୫। ଓଲଟି ପଡ଼ିବା ପରେ ବସ୍ ରାସ୍ତା ପାର୍ଶ୍ୱସ୍ଥ ଏକ ଗଛରେ ଲଟକି ଯିବାରୁ ଏକ ବଡଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଖବରପାଇ ସବ୍‌ଡେଗାର ଅଗ୍ନିଶମବାହିନୀ କର୍ମଚାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବଡ଼ଗାଁ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି। ଗୁରୁତର ଆହତ ଯାତ୍ରୀମାନେ ହେଲେ ସାଗଯୋର ଗ୍ରାମର ଇଲିୟାନି ବାର୍ଲା (୧୫), ମୀନା କୁମାରୀ ବାର୍ଲା, ଆଲେକ୍ସିଆ ବାର୍ଲା (୨୨), କାଂଶବାହାଲ ଷ୍ଟେସନପଡାର ସୁନୀଲ ଲାକ୍ରା(୪୫), ଲାଇଙ୍ଗର ଲମ୍ବୋଦର ସାହୁ (୩୫) ଓ ତାଙ୍କ ଝିଅ ନିକିତା ସାହୁ (୮), ତୁଡିଯୋରରେ ଭଗବାନ ମାଝି (୩୦) ଓ ତାଙ୍କ ପୁଅ ଦୁର୍ଗା (୪), ଶାଗଯୋରର ରମେଶ ତିର୍କୀ ଓ ଅନ୍ୟ ଜଣେ। ଅଧିକାଂଶ ଯାତ୍ରୀ ବଡଗାଁ ନିକଟସ୍ଥ ଇତମା ସାପ୍ତାହିକ ହାଟକୁ ଯାଉଥିଲେ ବୋଲି ଜଣାଯାଇଛି।

# ଦାଦନ ଯାଇଥିବା ଯୁବକଙ୍କ ତାମିଲନାଡୁରେ ମୃତ୍ୟୁ

- ପ୍ରଶାସନର ହସ୍ତକ୍ଷେପ ପରେ ମଧ ଗାଁକୁ ଆସିପାରିଲାନି ମୃତଦେହ
- ବୀରମହାରାଜପୁର ଥାନା ଝାରକୁମୁଣ୍ଡା ଗ୍ରାମ
- ଆର୍ଥିକ ଅଭାବ, ବାପାଙ୍କ ଚିକିତ୍ସା ପାଇଁ ଦାଦନ ଯାଇଥିଲେ
- ପରିବାରକୁ କ୍ଷତିପୂରଣ ଦାବି

ଅମରପାଲି, ୧୫।୯(ଡି.ଏନ.ଏ.)





ମୃତ ସନତଙ୍କ ଫାଇଟ ଫଟୋ (ବାମ)। ଶୋକାକୁଳ ପରିବାର ।

ଦାଦନ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଆଉ ତାଙ୍କ ମୃତଦେହ ନିଜ ଜନ୍ମ ମାଟିକୁ ମଧ ଆସିପାରିନାହିଁ। ଏପରିକି ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ମଧ ଏହା ସମ୍ଭବ ହୋଇନାହିଁ। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଝାରକୁମୁଣ୍ଡା ଗ୍ରାମର ସନତ କୁମାର ଲୁହା (୨୧)। ସନତ ଗତ ୩ ବର୍ଷ ହେଲା ତାମିଲନାଡୁ ରାଜ୍ୟର କୋଏମ୍ବାଟୁରର ତେଲିପାଲିୟମ୍‌ସ୍ଥିତ ଶ୍ରୀକୃଷ୍ଣ ମଟାମିଲ କମ୍ପାନୀରେ କାମ କରୁଥିଲେ। ଯୁକ୍ତଦୁଇ ପାସ୍ କଲା ପରେ କାମଧନ୍ଦା ନ ମିଳିବାରୁ ଯୁବକ ଜଣକ ବାଧହୋଇ କାମ କରିବାକୁ ଯାଇଥିଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବା ବେଳେ ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟବସ୍ଥା ମଧ ଠିକ ନ ଥିଲା । ଘରେ ଥିବା ତାଙ୍କର ଆଉ ୩ ଭଉଣୀ ଓ ଭାଇଙ୍କ ପାଠପଢ଼ା ଏବଂ ବାପାଙ୍କ ଚିକିତ୍ସା ପାଇଁ ଟଙ୍କାର ଅଭାବ ଥିଲା। ତେଣୁ ସନତ ତାଙ୍କ ବଡଭାଇ ତେନ୍ଦୁଲକର ଲୁହାଙ୍କ ସହ ସେଠାରେ କାମ କରି ପରିବାର ଚଳାଉଥିଲେ। ଗତ ଶୁକ୍ରବାର ସେ ଅସୁସ୍ଥ ହୋଇ ପଡିଥିଲେ । ତେଣୁ ପରିବାର ଲୋକେ ତାଙ୍କୁ ଘରକୁ ଫେରିଆସିବା ପାଇଁ କହିଥିଲେ। ତେବେ ଘରକୁ ଆସିବା ପୂର୍ବରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଘରକୁ ଆଣିବାକୁ ତାଙ୍କ ଭାଇଙ୍କ ପାଖରେ ଟଙ୍କା ମଧ ନଥିଲା କିମ୍ବା ସେମାନେ କାମ କରୁଥିବା କମ୍ପାନୀ ମଧ କୌଣସି ସାହାଯ୍ୟ କରି ନ ଥିଲା । ଏପଟେ ପରିବାର ବର୍ଗ ଏ ନେଇ ଜିଲା ପରିଷଦ ଅଧକ୍ଷା, ଜିଲାଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲାପାଳ ତତ୍ପରତା ପ୍ରକାଶ କରି ମୃତଦେହ ଆଣିବା ପାଇଁ କୋଏମ୍ବାଟୋର ଜିଲାପାଳଙ୍କୁ ଚିଠି ମଧ ଲେଖିଥିଲେ। ମାତ୍ର ମୃତଦେହ ଜନ୍ମମାଟିକୁ ଆସି ପାରିଲା ନାହିଁ । ଅନ୍ୟପକ୍ଷେ ଆଣିବା ପାଇଁ ଟଙ୍କା ନହେବାରୁ ଯୁବକଙ୍କ ବଡଭାଇ ତାମିଲନାଡୁରେ ରବିବାର ମୃତଦେହ ପୋଡି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଅନ୍ତେଷ୍ଟିକ୍ରିୟା ପାଇଁ ମଧ ସମସ୍ୟା ଦେଖାଯାଇଛି । ତେଣୁ ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବିହେଉଛି ।

# ୫ ଆନ୍ତଃ ଜିଲା ହାଇୱେ ଡକାୟତ ଗିରଫ

### ଟଙ୍କା, ମୋବାଇଲ, ବାଇକ୍ ଜବତ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ ଓ ଜବତ ବିଭିନ୍ନ ସାମଗ୍ରୀ।

ସମ୍ବଲପୁର,୧୫।୯ (ବ୍ୟୁରୋ) ସମ୍ବଲପୁର ଜିଲା ଚାରମାଲ ଥାନା ପୋଲିସ ୫ ଜଣ ଆନ୍ତଃ ଜିଲା ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁରେଶ ଦେହୁରୀ, ରମାକାନ୍ତ ବାଦୀ, ସୌଲେନ୍ଦ୍ର କୁମାର ବେହେରା ଓ ସୋନପୁର ଜିଲାର ରସାନନ୍ଦ କୁମ୍ଭାର, ବବୁଲୁ ବେହେରା। ଏମାନଙ୍କ ନିକଟରୁ ମୋବାଇଲ ଫୋନ୍, ଟାବଲଏଡ, ୧୧ ହଜାର ଟଙ୍କା ସହ ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଏସ୍‌ପି ଅଫିସରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଲ ସିଂ ଏହି ସୂଚନା ଦେଇଛନ୍ତି। ଗତ ସେପ୍ଟେମ୍ବର ୧୧ ତାରିଖ ଭାରତ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ଭରତପୁର ଗ୍ରାମରୁ ଋଣ ଟଙ୍କା ଅସୁଲ କରି ଫେରୁଥିଲେ । ଏମାନେ ତାଙ୍କ ପିଛା କରି ଲୁଟ୍ କରିଥିଲେ । ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ ଗିରଫ କରିଛି। ତେବେ ଏମାନଙ୍କୁ ଜେରା ବେଳେ ଭରତପୁର ରାମେଶ୍ୱର ଶିବ ମନ୍ଦିରରୁ ମଧ ଚୋରି ଘଟଣାରେ ଏମାନେ ଜଡିତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏଣୁ ମନ୍ଦିରରୁ ଚୋରି ହୋଇଥିବା ଚାଉଳ, ମାଇକ୍ ସେଟକୁ ମଧ ପୋଲିସ ଜବତ କରିଛି।

### ଜିଲା ଆଇନସେବା ପ୍ରାଧିକରଣର ବିବିଧ ପ୍ରତିଯୋଗିତା

# କ୍ଷୁଦ୍ର ନାଟକରେ ବଲାଙ୍ଗୀର ପ୍ରଥମ, ବରଗଡ ଦ୍ୱିତୀୟ

ସମ୍ବଲପୁର, ୧୫।୯(ବ୍ୟୁରୋ) ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ଜୋନସ୍ତରୀୟ କ୍ଷୁଦ୍ର ନାଟକ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଷୁଦ୍ର ନାଟକ ବିଭାଗରେ ବଲାଙ୍ଗୀର ମହିମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ଓ ବରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରବନ୍ଧରେ ସୌରଭ ପାଣିଗ୍ରାହୀ, ପ୍ରିୟା ଶତପଥୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ବକ୍ତୃତାରେ ଅଭିଜିତ ଖମାରୀ ପ୍ରଥମ, ଉଦୟ ବାଗ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଚିତ୍ରାଙ୍କନରେ ହିତାଂଶୁଶେଖର ପ୍ରଧାନ ପ୍ରଥମ ଓ ଅଙ୍କିତା ଡନସନା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ଅନୁପ କୁମାର ଚନ୍ଦନ, ଡ. ପଞ୍ଚାନନ ମିଶ୍ର, ରାଜକିରନ ମିଶ୍ର, ଉଦିତ କୁମାର ପାଇଯୋଶୀ, ରାଜେନ୍ଦ୍ର କୁମାର ପଣ୍ଡା, ସଂଗୀତା ପାଣି, ଲିପା ଦାଶ, ଅମିତ କୁମାର ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ୍ ସନ୍ତୋଷ କୁମାର ଜେନା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ମୃତିଲେଖା ବାରିକ, ସିଭିଲ କୋର୍ଟ ରେଜିଷ୍ଟ୍ରାର୍ ବିବୋଶ୍ୱତ ଗୌତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାଧିକରଣ ସଚିବ ଲିଲି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।





ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ବଲାଙ୍ଗୀର ଦଳ ନାଟକ ମଞ୍ଚସ୍ଥ କରୁଛନ୍ତି (ବାମ)। ବରଗଡ ଦଳ ନାଟକ ମଞ୍ଚସ୍ଥ କରୁଛନ୍ତି ।

### ଗଞ୍ଜେଇ ଜବତ, ଯୁବକ ଗିରଫ

କୁଚିଣ୍ଡା, ୧୫।୯ (ଡି.ଏନ.ଏ.) ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପୋଲିସ ଝୁଲେନ ପୋଲି ନିକଟ ଚେକ୍‌ଗେଟ୍ ପାଖରୁ ଜଣେ ଯୁବକଙ୍କୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ କରିଛି। ସେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା କୁରୁକୁପା ଗ୍ରାମର ଶଙ୍କର୍ଷଣ ସାହୁ(୩୪)। ତାଙ୍କ ନିକଟରୁ ଏକ ବାଇକ୍ ସହ ୪ କେଜି ଗଞ୍ଜେଇ ଜବତ ହୋଇଛି। ସେ ଏକ ଜରି ମୁଣା ନେଇ ଯାଉଥିବାବେଳେ ପୋଲିସର ସନ୍ଦେହ ହୋଇଥିଲା। ଅଟକାଇ ଯାଞ୍ଚ କରିବାକୁ ଗଞ୍ଜେଇ ଧରା ପଡିଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

**ବିନିକା, ୧୫।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ୧୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୃସିଂହ ନାରାୟଣ ନାୟକଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ସଭାପତି ନୀଳାଞ୍ଚଳ ଷାଣ୍ଡ, ଉପସଭାପତି ଉପେନ୍ଦ୍ର ପାଣ୍ଡେ, ସମ୍ପାଦକ ସୁରୁବାବୁ ପଧାନ, କୋଷାଧକ୍ଷ ଶୁଭେନ୍ଦୁ ହୋତା ଏବଂ ସଦାଶିବ ସା ପ୍ରମୁଖ ଉପସ୍ଥିତ ଥିଲେ। ପୂଜା ୩ଦିନ ବ୍ୟାପୀ ଚାଲିବ ଏବଂ ପ୍ରତ୍ୟେକ ଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କିମିଟି ପକ୍ଷରୁ ଆୟୋଜିତ ହେବ। ପୂଜା କମିଟ ସଦସ୍ୟଙ୍କ ଉପସ୍ଥିତିରେ ମନୋରଞ୍ଜନ କମିଟି ସଭାପତି ଭାବେ ହାଡିବନ୍ଧୁ ମହଲାଙ୍କୁ ମନୋନୀତ କରଯାଇଛି। ବୈଠକରେ ତୀର୍ଥବାସୀ ପାଣ୍ଡେ ଓ ପ୍ରେମ କୁମାର ସା ଉପସ୍ଥିତ ଥିଲେ।

### ପୋଲିସର ୫-ଟି ରୂପାୟନ ପାଇଁ ବୈଠକ

**ସୋନପୁର,୧୫।୯(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ପୋଲିସ ଅଫିସ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ରୂପାୟନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ବୈଠକରେ ଅଧକ୍ଷତା କରି ସରକାରଙ୍କ ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟେକ୍ନୋଲୋଜି, ଟାଇମ୍ ଓ ଟ୍ରାନ୍ସଫର୍ମେସନ ୫-ଟିକୁ ଜିଲାର ସମସ୍ତ ପୋଲିସ କର୍ମଚାରୀଙ୍କ ସମେତ ପ୍ରତ୍ୟେକ ଥାନା ଅଧିକାରୀ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ ସହ ଯେପରି କୌଣସି ମାମଲାରେ ଅଭିଯୋଗକାରୀଙ୍କୁ ବାରମ୍ବାର ଥାନାକୁ ଦୌଡିବାକୁ ପଡିବା ନାହିଁ ସେଥିପ୍ରତି ଯତ୍ନବାନ ହେବାକୁ କହିଥିଲେ। ଆଚରଣ ଓ ବ୍ୟବହାର ପ୍ରତି ଧ୍ୟାନ ଦେବା ସହିତ ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଆନ୍ଥୋନି ତିର୍କ୍ରୀ, ଡିଆଇବି ଡିଏସପି ମନୋରଞ୍ଜନ ପ୍ରଧାନ, ଡିଏସପି ସୟଦ ମୁଜିପୁର ରହମାନ, ହେମସାଗର ନନ୍ଦ, ଆନନ୍ଦ ବର୍ଦ୍ଧନ ଗୁରୁ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ବୀରମହାରାଜପୁର ଏସଡିପିଓ ଧୀରଜ ଚୋପଦାର, ବୀରମହାରାଜପୁର ଆଦର୍ଶ ଥାନା ଅଧିକାରୀ ପ୍ରଭା ଧର, ସୁବଳୟା ଥାନା ଅଧିକାରୀ ପ୍ରଦୀପ ପ୍ରଧାନ, ଡୁଙ୍ଗୁରିପାଲି ଥାନା ଅଧିକାରୀ ନିରଞ୍ଜନ ଦାସ, ରାମପୁର ଥାନା ଅଧିକାରୀ ଭୀମାଶଙ୍କର ଯାଦବ, ବିନିକା ଥାନା ଅଧିକାରୀ କୁଶ ପାଣିଗ୍ରାହୀ, ଉଲୁଣ୍ଡା ଥାନା ଅଧିକାରୀ ବିଭୂତି ଭୂଷଣ ପୁଟା ଓ ତରଭା ଥାନା ଅଧିକାରୀ ତୋଳାମଣି ଭୋଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବ୍ରିଜ୍, ସହର ରାସ୍ତା ବୁଲାଗୋରୁଙ୍କ ଯୋଗୁ ଡେଥ୍‌ଜୋନ

**ସୋନପୁର,୧୫।୯(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଉଭୟ ପାର୍ଶ୍ୱରେ ରହିଛି ମହାନଦୀ ଓ ତେଲନଦୀ ବ୍ରିଜ୍। ଏହି ଦୁଇ ବ୍ରିଜ୍ ଉପରେ ଶତାଧିକ ବୁଲା ଗୋରୁ ଦିନ ଓ ରାତି ସାରା ରହୁଛନ୍ତି। ବ୍ରିଜ୍ ପାଲଟିଛି ଗୁହାଳ। ଗମାନଗମନର ମୁଖ୍ୟ ମାଧମ ଏହି ବ୍ରିଜ୍‌ଦ୍ୱୟ ଏବେ ଜିଲାବାସୀଙ୍କ ପାଇଁ ଡେଥ୍ ଜୋନ ପାଲଟିଛି। ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ମଣିଷ ଓ ଗୋରୁ ଉଭୟ ଖଣ୍ଡିଆ ଖାବରା ହୋଇ ରକ୍ତାକ୍ତ ହେଉଛନ୍ତି। ମୂଲ୍ୟବାନ ଜୀବନ ମଧ ଯାଉଛି। ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ସୁବର୍ଣ୍ଣପୁର ପୌରପାଳିକାରେ ନିଜସ୍ୱ କାଞ୍ଜିଆହୁଦା ନ ଥିବା ଓ ଜିଲାରେ ଗୋଶାଳା ନ ଥିବାରୁ ବୁଲା ଗୋରୁଙ୍କୁ ରଖିବା ସମ୍ଭବ ହେଉନି। ସହରର ସମସ୍ତ ରାସ୍ତାରେ ସେମାନଙ୍କ ଅବାଧ ବିଚରଣ ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଜନଗହଳିପୂର୍ଣ୍ଣ ରାସ୍ତା ହେଉକି ବଜାର ସବୁଠି ଗୋରୁ ଗୋଠ। ଗୋରୁ, ମଇଁଷି ଓ ଷଣ୍ଢ ରାସ୍ତା ଉପରେ ଅଧିକାଂଶ ସମୟରେ ଶୋଇ ରହୁଛନ୍ତି। ହର୍ଣ୍ଣମାରିଲେ ବି ରାସ୍ତାରୁ ଘୁଞ୍ଚ ନାହାନ୍ତି। ଚାରିଚକିଆ ତ ଦୂରର କଥା ଦୁଇ ଚକିଆରେ ମଧ ଯାଇ ହେଉନି। ଗୋରୁଙ୍କୁ ହେଲପର ବାଡି ଧରି ଘଉଡାଇବା ପରେ ଆଗକୁ ଗଡୁଛି ଯାନବାହାନ। ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥରେ ମଧ ସମାନ ଅବସ୍ଥା। ଲୋକେ ଅତିଷ୍ଠ ହେଲେଣି। ପୂର୍ବରୁ ସହରରେ ଥିବା କାଞ୍ଜିଆହୁଦାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ ହେଉନି। ପ୍ରଶାସନ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ସହରବାସୀ ଗୋରୁ ରଖୁଛନ୍ତି, କିନ୍ତୁ ସେମାନଙ୍କ ଯତ୍ନ ନେଉ ନାହାନ୍ତି। ଅଧିକାଂଶଙ୍କ ଘରେ ଗୁହାଳ ନାହିଁ। ହେଲେ ପୌରପାଳିକା ପକ୍ଷରୁ ଏଭଳି ଗୋରୁ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଗୋଚର ଜମିଗୁଡିକ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଆଉ କିଛି ଗୋଚର ଜମିରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଖାଲି ପଡିଥିବା ସ୍ଥାନରେ ଘର ନିର୍ମାଣ ହେଲାଣି। ଗୋରୁଙ୍କ ପାଇଁ ଖାଦ୍ୟାଭାବ ସୃଷ୍ଟି ହୋଇଛି। ସେମାନେ ବିଭିନ୍ନ ଦୋକାନ ଅବା ଘର ଭିତରକୁ ପଶି ଜିନିଷପତ୍ର ଖାଇବାକୁ ଟାଣି ଆଣୁଥିବା ଦେଖିବାକୁ ମିଳୁଛି। ବୁଲା ଗୋରୁ ସହରବାସୀଙ୍କୁ ନାକେଦମ କଲେଣି। ସହରର ଆଭ୍ୟନ୍ତରୀଣ ରାସ୍ତା ଜବରଦଖଲ ଯୋଗୁଁ ଅଣଓସାରିଆ ହୋଇଥିବାରୁ ଯାନବାହାନ ଚାଳକଙ୍କୁ ସବୁବେଳେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଗଳିରାସ୍ତା ସମେତ ମୁଖ୍ୟରାସ୍ତା ଓ ସରକାରୀ କାର୍ଯ୍ୟାଳୟ ଆଗରେ ବୁଲାଗୋରୁଙ୍କ ଦୌରାତ୍ମ୍ୟ ପଥଚାରୀଙ୍କ ଚିନ୍ତା ବଢାଇଛି। ସଙ୍କୁଚିତ ରାସ୍ତାରେ ଗୋରୁଙ୍କ ଭିଡ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଛି। ତେଣୁ ଦୁର୍ଘଟଣା ରୋକିବାକୁ ଟ୍ରାଫିକ୍ ନିୟମ ସଂଶୋଧିତ ଆଇନ ଏଠାରେ ମୂଲ୍ୟହୀନ ହୋଇପଡିଛି। ଏ ସମ୍ପର୍କରେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଜଗଦୀଶ ଚନ୍ଦ୍ର ମହାନନ୍ଦ କୁହନ୍ତି ଖିବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ଲୋକେ ବେଆଇନ ଭାବେ ଗୋରୁ ଛାଡୁଛନ୍ତି। ରାତିରେ ମଧ ଗୁହାଳକୁ ନେଉ ନାହାନ୍ତି। ମାଇକ୍ ପ୍ରଚାର ଦ୍ୱାରା ଲୋକଙ୍କୁ ସଚେତନ କରାଯିବ। ପରେ ଫାଇନ ଆଦାୟ କରାଯିବ। ମାଲିକ ନ ମିଳିଲେ ବୁଲା ଗୋରୁଙ୍କୁ ସହର ବାହାରେ ସୁରକ୍ଷିତ ସ୍ଥାନରେ ଛଡାଯିବ।



ସୁବର୍ଣ୍ଣପୁର ମହାନଦୀ ବ୍ରିଜ୍ ଉପରେ ବୁଲା ଗୋରୁଙ୍କ ପାଇଁ ଯାତାୟାତରେ ବାଧା ସୃଷ୍ଟି ହେଉଛି।

**ପୌରପାଳିକାରେ ନାହିଁ କାଞ୍ଜିଆହୁଦା**

### ନବଦିନାତ୍ମକ ପୁରାଣ ପଠନ ପାଇଁ ପ୍ରସ୍ତୁତି ବୈଠକ

**ବିନିକା, ୧୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଳ ଗ୍ରାମରେ ଦୁର୍ଗାପୂଜା ଅବସରରେ ହେବାକୁ ଥିବା ନବଦିନାତ୍ମକ ରାମାୟଣ ପାରାୟଣ ପାଇଁ ଏକ ପ୍ରସ୍ତୁତି ବୈଠକ ଗାଁ ହରିଶଙ୍କର ବାବା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାରାୟଣ କମିଟି ପକ୍ଷରୁ ହୋଇଥିବା ବୈଠକରେ ଲୋକନାଥ ବାରିକ ଅଧକ୍ଷତା କରିଥିଲେ। ବୈଠକରେ ଖଇରମାଳ ପାରାୟଣ କମିଟି ସଭାପତି ବିଶ୍ୱଜିତ ପାଢୀ, ଉପସଭାପତି ଦେବ ପଧାନ, ସମ୍ପାଦକ ପଙ୍କଜ ଭୂଏ, କୋଷାଧକ୍ଷ ଛନ୍ଦାଚରଣ ପାଢୀଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଏହି ଉପଲକ୍ଷେ ଦିନବେଳା ତୁଳସୀ ରାମାୟଣ ପଠନ ଓ ରାତିରେ ରାମାୟଣ ଆଧାରିତ ଗୀତିନାଟ୍ୟ କରାଯିବାକୁ ସ୍ଥିରୀକୃତ ହୋଇଛି। ଏହି ଅବସରରେ ବ୍ୟାସଭାବେ ସୁବର୍ଣ୍ଣପୁର ଜିଲା ତେଲେଣ୍ଡା ଗ୍ରାମର ଗୋବର୍ଦ୍ଧନ ମିଶ୍ରଙ୍କୁ ଖଇରମାଳ ପାରାୟଣ କମିଟି ପକ୍ଷରୁ ବରଣ କରାଯାଇଛି। ଏଥିସହିତ ୯ଦିନ ବ୍ୟାପୀ ରାତ୍ରୀରେ ପ୍ରବଚନ କାର୍ଯ୍ୟକ୍ରମ ହେବ। ପାରାୟଣ ଆସନ୍ତା ମାସ ୩ତାରିଖରୁ ଆରମ୍ଭ ହୋଇ ୧୧ ତାରିଖରେ ସମ୍ପୂର୍ଣ୍ଣ ହେବ।

## ଯୌତୁକ ପାଇଁ ନବବିବାହିତାଙ୍କୁ ବିଷ ଦେଇ ହତ୍ୟା ଅଭିଯୋଗ

ଅମରପାଲି, ୧୫।୯ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବହଲପଦର ଗ୍ରାମରେ ଜଣେ ନବବିବାହିତାଙ୍କୁ ଯୌତୁକ ପାଇଁ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ନବବଧୂ ହେଲେ ଝିଲି ଦନ୍ତା (୨୨)। ଅଭିଯୋଗମତେ ମୁର୍ଷୁଣୀ ପଞ୍ଚାୟତର ମାଣିକପୁର ଗ୍ରାମର ବିଷ୍ଣୁ ଡାଙ୍ଗଙ୍କ ଝିଅ ଝିଲି ୨୦୧୯ ଫେବୃୟାରୀ ୨୧ତାରିଖରେ ବହଲପଦର ଗ୍ରାମର ନାରାୟଣ ଦନ୍ତାଙ୍କ ସାନପୁଅ ପ୍ରଶାନ୍ତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଝିଅ ଘରୁ ଯଥାସାଧ ଯୌତୁକ ଦିଆଯାଇଥିଲା। ବିବାହର ୨ ମାସ ପର୍ଯ୍ୟନ୍ତ ଶାଶୁ ଘରେ ଝିଲି ଭଲରେ ଥିଲେ। ମାତ୍ର ପରେ ଝିଲିଙ୍କ ସ୍ୱାମୀ ପ୍ରଶାନ୍ତ, ଦେଢ଼ଶୁର ସୁଶାନ୍ତ ଓ ଜେଠାଣି ସୁଶାନ୍ତଙ୍କ ସ୍ତ୍ରୀ, ଶାଶୁ ଓ ଶ୍ୱଶୁର ନାରାୟଣ ଅଧିକ ୫୦ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ଲିଲିଙ୍କୁ ବାଧ କରୁଥିଲେ। ଏଥିରେ ସେ ରାଜି ନ ହେବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ମାତ୍ର ଗତ ୧୦ ତାରିଖ ସନ୍ଧ୍ୟା ୬ଟାରେ ଲିଲି ସୋନପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ତାଙ୍କ ଘର ଲୋକେ ଖବର ପାଇଥିଲେ।ସେମାନେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଝିଅର ମୃତ୍ୟୁପରେ ସୋନପୁରରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ବିଷ ଦେଇ ଲିଲିକୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏ ନେଇ ଏକ ମାମଲା (ନଂ. ୧୫୫/୧୯)ରୁଜୁ କରାଯାଇ ସ୍ୱାମୀ ପ୍ରଶାନ୍ତ ଦନ୍ତା, ଦେଢ଼ଶୁର ସୁଶାନ୍ତ ଦନ୍ତା, ଜେଠାଣି ସୁଶାନ୍ତଙ୍କ ସ୍ତ୍ରୀ, ଶାଶୁ ଓ ଶ୍ୱଶୁର ନାରାୟଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାକୁ ଏସଆଇ ସରୋଜ କୁମାର ପାଣିଗ୍ରାହୀ ପରିଚାଳନା କରୁଛନ୍ତି। ଅଭିଯୁକ୍ତଙ୍କୁ ଦୃଢ଼ କାଯର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଝିଅର ବାପା ଅଭିଯୋଗ କରିଛନ୍ତି।



ମୃତ ନବବିବାହିତା ଝିଲି ଦନ୍ତାଙ୍କ ଫାଇଟ ଫଟୋ।

### ଗଣ୍ଡାବାହଲ ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ

**ଉଲୁଣ୍ଡା ୧୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଚିତରଞ୍ଜନ ପୂଜାହାରୀଙ୍କ ସଂଯୋଜନାରେ ହୋଇଥିବା ଏହି ଉତ୍ସବରେ ବିଇଓ ଗରୁଡଧ୍ୱଜ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ ମେଣ୍ଡଲି, ବିଦ୍ୟାଳୟ ପରିଚାଳନା ପରିଷଦ ସଭାନେତ୍ରୀ ରୀନା ଜଗଦଲା, ଉପାଧକ୍ଷ ନାରାୟଣ ହରିପାଲ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବିଭିନ୍ନ ଦିବସରେ ହୋଇଥିବା କୁଇଜ, ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ, ସ୍ଲୋଗାନ ପ୍ରଭୃତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ହରିଚରଣ ପାଲ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଶକ୍ତୀ ଶିବାନୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ରେଫରିଙ୍କ ସହ ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳି।

## ସମଲେଶ୍ୱରୀ ଫୁଟବଲ: ଚେରୁପାଲି ଚାମ୍ପିୟନ

**ଉଲୁଣ୍ଡା, ୧୫।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୁତମେଣ୍ଡାର ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ୨୭ତମ ମା' ସମଲେଶ୍ୱରୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ଚେରୁପାଲି ଦଳ ଉଲୁଣ୍ଡାକୁ ଟାଇବ୍ରେକର ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହାପୂର୍ବରୁ ଖେଳାଯାଇଥିବା ମ୍ୟାଚ ଗୁଡିକରେ ସିଲାଟି ଦଳ ଖାରବାହାଲିକୁ ୩-୧, ଉଲୁଣ୍ଡା ଦଳ ସାହାଜବାହାଲକୁ ୩-୨, କଦଳିପାଲି ଦଳ କୁତମେଣ୍ଡାକୁ ୧-୦ ଓ ଚେରୁପାଲି ଦଳ ବାନପୁରକୁ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଉଲୁଣ୍ଡା ଦଳ ସିଲାଟିକୁ ୪-୩ ଓ ଦ୍ୱିତୀୟ ସେମିରେ ଚେରୁପାଲି ଦଳ କଦଳୀପାଲିକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଖେଳ ସବୁକୁ ଅଭି ମହାନନ୍ଦ, ନନ୍ଦୁ ନାଏକ ଓ କିଶୋର ଭୋଇ ପରିଚାଳନା କରିଥିଲେ। ଏହାପରେ ଆୟୋଜକ କମିଟି ସଭାପତି ଅଜିତ ଧରୁଆ ଓ ସମ୍ପାଦକ ରମାକାନ୍ତ ଘିବିଲାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ବିଜୟ କୁମାର ସାହୁ ଓ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ବିଜୟୀ ଚେରୁପାଲି ଦଳକୁ ଟ୍ରଫି ସହ ୩୦୦୦ ଓ ରନର୍ସ ଅପ ଉଲୁଣ୍ଡାକୁ ଟ୍ରଫି ସହ ୨ହଜାର ଟଙ୍କା ନଗଦ ପ୍ରଦାନ କରିଥିଲେ। ସୁଦର୍ଶନ ପୋଢ଼, ଆନନ୍ଦ ପଟେଲ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଅରବିନ୍ଦ ଶିକ୍ଷା କେନ୍ଦ୍ରରେ ଜିଲାସ୍ତରୀୟ ବିଜ୍ଞାନ ମେଳା

**ଉଲୁଣ୍ଡା, ୧୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଗାଁରେଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ଦାସଙ୍କ ସଂଯୋଜନାରେ ହୋଇଥିବା ଏହି ମେଳାକୁ ଜିଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଙ୍ଗଠକ ମଦନ ମୋହନ ଦାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସଂଯୋଜକ ଅଜୟ କୁମାର ମହାକୁର ଯୋଗଦେଇଥିଲେ। ଏଥିରେ ୧୪ଟି ବିଦ୍ୟାଳୟରୁ ୬୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ପଞ୍ଚାୟତ ସମିତି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଦେବରାଜ ସାହୁ ଯୋଗଦେଇଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ସଚିନ କୁମାର ମିଶ ଏବଂ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ୟାମ ସୁନ୍ଦର ପଣ୍ଡା ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସକୁନ କୁମାର ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁଜିତ କୁମାର କର୍ମୀ, ଶଙ୍କର ଥାନପତି, ରଞ୍ଜିତ ନାଏକ, କଣ୍ଡଦାନୀ ବାରିକ, ବୁଲୁ ହୋତା, ଦାଶରଥି ପଧାନ, ଦଶରଥ ଜାଲ, ସବ୍ୟସାଚୀ ପଧାନ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶଙ୍କର ଥନାପତି ଧନ୍ୟବାଦ ଦେଇଥିଲେ।



ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

**■ ସମ୍ବଲପୁର-ବ୍ରହ୍ମପୁର ରେଳ ପ୍ରକଳ୍ପ ବୀରମହାରାଜପୁର ଦେଇଯିବା ଦାବି ଜୋର ଧରିଲା**

## ଆନ୍ଦୋଳନ ପାଇଁ ଗଠିତ ହେଲା କ୍ରିୟାନୁଷ୍ଠାନ କମିଟି

**ଅମରପାଲି, ୧୫।୯ (ଡି.ଏନ.ଏ)**

ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁର ରେଳ ପ୍ରକଳ୍ପ ବୀରମହାରାଜପୁର ଦେଇ ଯିବାକୁ ଦାବି ଜୋର ଧରିଲା। ଏ ନେଇ ରବିବାର ସ୍ଥାନୀୟ ମୈତ୍ରୀସଦନଠାରେ ଏକ ଜରୁରୀ ବୈଠକ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ଭଗବାନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଅ, ଆଇନଜୀବୀ ଗୌରିଶ୍ୟାମ ପଣ୍ଡା, ଗୋବିନ୍ଦ ମହାରଣା, ଶ୍ୟାମ ଓଁ ପ୍ରସାଦ ମିଶ୍ର, ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। କିଶୋର ହୋତା ସଭା ସଂଯୋଜନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଉପଖଣ୍ଡ ଖବରଦାତା ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ବଲାଙ୍ଗୀର ଏମପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ତଥା ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ, ଆଶ୍ରୟ ମହାନନ୍ଦ, ପୁରୁଷୋତ୍ତମ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ସମସ୍ତ ମଞ୍ଚାସୀନ ବ୍ୟକ୍ତିବିଶେଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୀରମହାରାଜପୁର ଉପଖଣ୍ଡ ଏକ ଅନଗ୍ରସର ଅଞ୍ଚଳ ହୋଇଥିବାରୁ ସମ୍ବଲପୁର-ବ୍ରହ୍ମପୁର ରେଳପଥ ବୀରମହାରାଜପୁର ଉପଖଣ୍ଡ ଦେଇ ଯିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଇଂରେଜ ସମୟରୁ ହୋଇଥିବା ପ୍ରସ୍ତାବରେ ଉକ୍ତ ରେଳପଥ ବୀରମହାରାଜପୁର ଦେଇ ଯିବାର ପ୍ରସ୍ତାବିତ ହୋଇଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ଜୋରଦାର ଆନ୍ଦୋଳନ କରିବା ପାଇଁ ଏକ ଉପଦେଷ୍ଟା କମିଟି ଓ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଖୁବଶୀଘ୍ର କେନ୍ଦ୍ର ରେଳମନ୍ତ୍ରୀ, ସ୍ଥାନୀୟ ଏମପି ସଙ୍ଗୀତା ସିଂଦେଓ, ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବାର ସ୍ଥିର ହୋଇଛି। ଏ ନେଇ ଗଠିତ ହୋଇଥିବା କମିଟିରେ ଭଗବାନ ମିଶ୍ରଙ୍କୁ ସଭାପତି, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀଙ୍କୁ ଉପସଭାପତି, କିଶୋର ହୋତା ଆବାହକ, ରଞ୍ଜିତ ରଥ ସମ୍ପାଦକ ଓ ଆଶ୍ରୟ ମହାନନ୍ଦଙ୍କୁ ଯୁଗ୍ମ ସମ୍ପାଦକଭାବେ ଚୟନ କରାଯାଇଛି। ଉପଦେଷ୍ଟାଭାବେ କାର୍ତ୍ତିକ ପ୍ରସାଦ ତରିଆ, ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଗୋବିନ୍ଦ ମହାରଣା, ଗୌରିଶ୍ୟାମ ପଣ୍ଡା, ଶ୍ୟାମାଓଁ ପ୍ରସାଦ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ ପ୍ରମୁଖ ରହିଛନ୍ତି। ଭଗବାନ ବାଘ, ପ୍ରଦୀପ ସ୍ୱାଇଁ, ଗାୟତ୍ରୀ ପାଣିଗ୍ରାହୀ, ନଳିନୀ ପଣ୍ଡା, ସତ୍ୟବାନ ହୋତା, ପୀତାମ୍ବର ସାହୁ, ସତ୍ୟଞ୍ଜିବ ମିଶ୍ରଙ୍କୁ ଉକ୍ତ କମିଟିର ସଦସ୍ୟଭାବେ ମନୋନୀତ କରାଯାଇଛି। ଚଳିତ ମାସ ୨୦ତାରିଖ ଅପରାହ୍ନ ୪ଟାରେ ବୀରମହାରାଜପୁର ସ୍ଥିତ ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ପରିଚାଳନା କମିଟିର ପରବର୍ତ୍ତୀ ବୈଠକ ହେବାର ସ୍ଥିରୀକୃତ ହୋଇଛି। ଆଲୋଚନାଚକ୍ରରେ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ସାଧାରଣ ଜନତା ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସନ୍ତୋଷ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୀରମହାରାଜପୁରସ୍ଥିତ ମୈତ୍ରୀ ସଦନରେ ଅନୁଷ୍ଠିତ ଜରୁରୀ ବୈଠକ ଓ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିବିଶେଷ।

■ ବୀରମହାରାଜପୁରରେ ଜରୁରୀ ବୈଠକ ଓ ଆଲୋଚନାଚକ୍ର

■ ମନ୍ତ୍ରୀ, ଏମପିଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଅତାବିରା, ୧୫।୯ (ଡି.ଏନ.ଏ)
ଅତାବିରା ବ୍ଲକ ଲରମ୍ବା କଲେଜ ମହୋଦଧି ନିବାସରେ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ନରେନ୍ଦ୍ର କୁମାର ବେହେରାଙ୍କ ଅଧକ୍ଷତାରେ ତତ୍ତ୍ୱାବଧାରକ ଡ. ଅଜିତ କୁମାର ନାଥ, ଦିନେଶ ପ୍ରଧାନ, ଆଦିତ୍ୟ ଖମାରୀ, ସରୋଜା ନାୟକ, ପ୍ରମୋଦ ସେଠ ଯୋଗ ଦେଇଥିଲେ। ଅଧାପକ ପବିତ୍ର କୁମାର ମାହାଣା, ସିଦ୍ଧେଶ୍ୱର ପ୍ରଧାନ, ଜ୍ୟୋତିର୍ମୟୀ ନନ୍ଦ, ବାସୁଦେବ କୁମ୍ଭାର, ଦିଗମ୍ବର ଚାନ୍ଦ, ରୋଜି କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା । ଶରତ ପୂଜାରୀ କଳା ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ କଲେଜର ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସାଧାରଣ ସମ୍ପାଦକ ଅଭିଷେକ ପ୍ରଧାନ ସ୍ୱାଗତ ଭାଷଣ ଓ ତାପସ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ ।

### ଭାଗବତ ଜନ୍ମୋତ୍ସବ ପାଳିତ

ଝାରବନ୍ଧ, ୧୫।୯ (ଡି.ଏନ.ଏ)
ଝାରବନ୍ଧ ବ୍ଲକ କୋତନା ସ୍ଥିତ ବୀରବଜରଙ୍ଗ ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଛି । ପଣ୍ଡିତ କୁମରମଣି ମହାପାତ୍ର ଭାଗବତ ପାଠରେ ପୂଜାର୍ଚ୍ଚନା କରିଥିଲେ । ଦ୍ରୋଣାଚାର୍ଯ୍ୟ ପୋଡ଼ ଓ ତାଙ୍କ ସ୍ତ୍ରୀ ଦ୍ରୌପଦୀ ପୋଡ଼ ପୂଜାକର୍ତ୍ତା ଥିଲେ । ପୂଜାର୍ଚ୍ଚନା ପରେ ଭାଗବତ ଜନ୍ମ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରମୋଦ ସାହୁ, ରବିଶଙ୍କର ବାରିକ, ଅନ୍ତରାମ ପୋଡ଼, ଯୋଗୀ ସିଦାର, ନନ୍ଦଲାଲ ବନଛୋର, ସଦାନନ୍ଦ ପୋଡ଼, ଉପେନ୍ଦ୍ର ପୋଡ଼, ଦୀନବନ୍ଧୁ ପୋଡ଼ ସହଯୋଗ କରିଥିଲେ ।

### ୫ ଅସାମାଜିକ ଯୁବକ ଗିରଫ

ଭେଡ଼େନ,୧୫।୯(ଡ଼ି.ଏନ.ଏ)
ଭେଡ଼େନ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ନିଶା ଖାଇ ଗଣ୍ଡଗୋଳ କରୁଥିବା, ଲୋକମାନଙ୍କ ଠାରୁ ଟଙ୍କା ଲୁଟପାଟ କରୁଥିବା, ମହିଳାମାନଙ୍କୁ ଅଶ୍ଳୀଳ ଆଚରଣ କରି ଗାଳିଗୁଲଜ କରୁଥିବା ଅଭିଯୋଗରେ ଭେଡ଼େନ ଥାନା ପୋଲିସ ୫ ଅସାମାଜିକ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଡ଼େନ ଗ୍ରାମର ଚକ୍ରପାଣି ସାହୁ ଓରଫ ବୁଲୁ, ଜଗଦୀଶ ସାହୁ ଓରଫ ପିଚୋ, ଅମିତ ସୁନା, ସଂକୀର୍ତ୍ତନ ସାହୁ ଏବଂ କୁତପାଲି ଗ୍ରାମର ନିରଞ୍ଜନ ତ୍ରିପାଠୀ ଓରଫ ଟୁନା। ସମସ୍ତ ଅଭିଯୁକ୍ତଙ୍କୁ ଭେଡ଼େନ ସ୍ଥିତ ଜେଏମଏଫସି କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବରଗଡ଼ ଜେଲକୁ ପଠାଯାଇଛି। ଏ ନେଇ ସୁଦାମ ସାହୁ ଏବଂ ଭେଡ଼େନ ନାଗରିକ କମିଟି, ଭେଡ଼େନ ବଣିକ ସଂଘର ଅନ୍ୟ ସଦସ୍ୟମାନଙ୍କ ମିଳିତ ଅଭିଯୋଗ କ୍ରମରେ ଭେଡ଼େନ ଥାନାରେ ଏକ ମାମଲା (ନଂ.୧୪୬/୧୯) ମାମଲା ରୁଜୁ ହୋଇଛି।

# ମାଇକ୍ରୋ ଫାଇନାନ୍ସ ଚକ୍ରବ୍ୟୂହରେ ମହିଳା

**ଜାମଟିକ୍ରା, ୧୫।୯ (ଡି.ଏନ.ଏ)**

ବରଗଡ ଜିଲାର ଅତାବିରା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଗତ କିଛି ବର୍ଷ ହେଲା କେତେକ ମାଇକ୍ରୋ ଫାଇନାନ୍ସ କମ୍ପାନୀ ନିଜର ବ୍ୟବସାୟ ଜାରି ରଖିଛନ୍ତି। ଏହି କମ୍ପାନୀ ଗୁଡିକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମହିଳା ଗୋଷ୍ଠୀ କରି ସେମାନଙ୍କୁ ଅର୍ଥ ଋଣ ଦେଉଛନ୍ତି। କିନ୍ତୁ ସାପ୍ତାହିକ ଭାବେ ଯେଉଁ ଅର୍ଥ ସଂଗ୍ରହ କରୁଛନ୍ତି ତାହା ମହାଜନଙ୍କ ଚକ୍ରବୃଦ୍ଧି ସୁଧଠାରୁ ବଳିଯାଉଛି। ଅତାବିରା ଅଞ୍ଚଳରେ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଆଳରେ ମାଇକ୍ରୋ ଫାଇନାନ୍ସ ନାମରେ ଲକ୍ଷ ଲକ୍ଷ ଟଙ୍କାର କାରବାର ଚାଲିଛି। ମହିଳାମାନଙ୍କୁ ଦିଆଯାଉଥିବା ଋଣ ବାବଦକୁ ୨୨ ପ୍ରତିଶତରୁ ୩୬ ପ୍ରତିଶତ ଯାଏଁ ସୁଧ ଆଦାୟ କରାଯାଉଛି। କେତେକ ମାଇକ୍ରୋ ଫାଇନାନ୍ସ କମ୍ପାନୀ ବିଭିନ୍ନ ବ୍ୟାଙ୍କ ତୁଳନାରେ ତିନି ଗୁଣ ଅଧିକ ସୁଧ ଆଦାୟ କରୁଛନ୍ତି। ଏହି ଋଣ କାରବାର ପ୍ରକୃତରେ ଗ୍ରାମାଞ୍ଚଳର ମହିଳା ଗୋଷ୍ଠୀଙ୍କୁ ଅର୍ଥନୈତିକ ଭାବେ ସୁଦୃଢ଼ କରିବା ବଦଳରେ ଦେବାଳିଆ କରିପକାଉଛି। ସହଜରେ ହାତ ପାଆନ୍ତାରେ ଋଣ ମିଳି ଯାଉଥିବାରୁ ଅଧିକାଂଶ ମହିଳା ଏଭଳି ଋଣ ନେବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ସରକାର ମହିଳା ସଶକ୍ତୀକରଣ ପାଇଁ ଏସ୍ଏଚଜି ମହିଳାଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏହି ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ବଡି, ପାମ୍ପଡ, ଆଚାର ଭଳି ଘରୋଇ ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ରଖାଯାଇଛି। ସରକାର କମ୍ ସୁଧରେ ମହିଳା ଗୋଷ୍ଠୀମାନଙ୍କୁ ଋଣ ମଞ୍ଜୁର କରି ବିଭିନ୍ନ ବ୍ୟବସାୟ ପାଇଁ ପ୍ରୋତ୍ସାହିତ କରୁଛନ୍ତି । କିନ୍ତୁ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଗୁଡିକ ମହିଳାମାନଙ୍କୁ ଟାର୍ଗେଟ କରି ଆକର୍ଷଣୀୟ ଯୋଜନା ପ୍ରସ୍ତୁତ କରି ଋଣ ମଞ୍ଜୁର କରୁଛନ୍ତି। କେବଳ ଆଧାର କାର୍ଡର ଫଟୋ କପି, ଗୋଟିଏ ଫଟୋ ଦେଲେ ତାହା ଋଣ ମଞ୍ଜୁର ପାଇଁ ଯଥେଷ୍ଟ ହେଉଛି । ଏହି କମ୍ପାନୀ ଗୁଡିକ ପଞ୍ଜୀକରଣ ହୋଇଛି କି ନାହିଁ ତାହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ବୃଦ୍ଧିଜୀବୀ ଓ ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଅତାବିରାର ଜଣେ ମହିଳା ସୀତା ତାଣ୍ଡି କୁହନ୍ତି, ମୁଁ ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ଋଣ ନେଇ ମୋ ପୁଅକୁ କଲେଜରେ ନାମ ଲେଖାଇବି । ସୁଧ ଯାହା ନେଲେ ବି କ'ଣ କରିବି । ଋଣ ନେବାକୁ ପରିସ୍ଥିତି ମୋତେ ବାଧ କରୁଛି । ସେହିପରି ସିଲାଟର ମିନତୀ ମିର୍ଦ୍ଧା କୁହନ୍ତି, ମୁଁ ୨୫ ହଜାର ଋଣ ଆଣିଛି । ତାହା ମାସିକ ହିସାବରେ ଦେଢ଼ ବର୍ଷ ପର୍ଯ୍ୟନ୍ତ ୨୨ ପ୍ରତିଶତ ସୁଧ ସହିତ ସୁଝିବି । ସୁଧ ଟିକିଏ ଅଧିକ ହେଉଛି । ଅତାବିରା ଅଞ୍ଚଳରେ ଅନେକ ଅର୍ଥ ଲଗାଣ ସଂସ୍ଥା ମହିଳାମାନଙ୍କଠାରୁ ଅଧିକ ସୁଧ ନେଇ ଶୋଷଣ କରୁଛନ୍ତି । ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସଚେତନ ନାଗରିକ ବିନୋଦ ସାହୁ ମତବ୍ୟକ୍ତ କରିଛନ୍ତି ।

# ମହାନଦୀରୁ ମିଳିଲା ବିରଳ ପ୍ରଜାତିର ମାଛ, କଇଁଛ

**ଗଣ୍ଡତୁରୁମ, ୧୫।୯ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ଅଞ୍ଚଳରେ ପ୍ରବାହିତ ମହାନଦୀରେ ବିରଳ ପ୍ରକାର ମାଛ ଓ କଇଁଛ ଦେଖିବାକୁ ମିଳିଛି। ରବିବାର ବ୍ରାହ୍ମଣତୁରୁମ ଗ୍ରାମର ପ୍ରେମସାଗର ତରିଆ ନଦୀରେ ମାଛ ମାରୁଥିବା ସମୟରେ ଏହି ମାଛ ଓ କଇଁଛ ତାଙ୍କ ଜାଲରେ ପଡିଥିଲେ। ମାଛର ଚିତାକୁଟା ହୋଇଛି । ଏହାର ଶରୀର କଣ୍ଟକ ଯୁକ୍ତ ରହିଛି। ଏହାକୁ ଭଲଭାବେ ଅନୁଧ୍ୟାନ କଲେ ଅନେକ ଦେବଦେବୀ ଓ ଶ୍ରୀ ଜଗନ୍ନାଥଙ୍କ ପ୍ରତିଛବି ପ୍ରତିଫଳିତ ହେଉଛି । ସେପରି ମାଛ ଶରୀରରେ ରାମଚିତା, ଶିବ ଡମ୍ବରୁ ଚିହ୍ନ ଥିବା ଅନୁମାନ ହେଉଛି । ଉକ୍ତ ଜାଲରେ ଆଉ ଏକ ଭିନ୍ନ ଧରଣର ବିରଳ ପ୍ରଜାତିର କଇଁଛ ଦେଖିବାକୁ ମିଳିଛି । ଏହାର ରଙ୍ଗ ସମ୍ପୂର୍ଣ୍ଣ ହଳଦିଆ ଏବଂ ଅନ୍ୟ କଇଁଛଠାରୁ ଏହା ଦେଖିବାକୁ ଭିନ୍ନ । ମତ୍ସ୍ୟଜୀବୀ ଏହି ମାଛ ଓ କଇଁଛଙ୍କୁ ମହାନଦୀ ପାଣିରେ ଛାଡିଦେଇଥିବା ଜଣାପଡିଛି ।



ମହାନଦୀରୁ ମିଳିଥିବା ବିରଳ ପ୍ରଜାତିର ମାଛ ଓ କଇଁଛ ।

# ଜିଲା ଫୁଟବଲ ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧନା

**ଭେଡ଼େନ,୧୫।୯(ଡ଼ି.ଏନ.ଏ)**

ବରଗଡ଼ ଜିଲାସ୍ତରୀୟ ହାଇସ୍କୁଲ କ୍ରୀଡ଼ା ପ୍ରତିଯୋଗିତାର ଫୁଟବଲ ଖେଳରେ ଭେଡ଼େନ ବ୍ଲକ ବାଳକ ବିଭାଗର ହାଇସ୍କୁଲ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଜାରିଂ ହାଇସ୍କୁଲଠାରେ ହୋଇଥିବା ଏହି ପ୍ରତିଯୋଗିତାର ଚମ୍ପିୟନ ହୋଇଥିବା ବାଳକ ଦଳର ଖେଳାଳି ଏବଂ ବାଳିକା ବିଭାଗରେ ଉପବିଜେତା ହୋଇଥିବା ବାଳିକା ଖେଳାଳି ମାନଙ୍କୁ ଭେଡ଼େନ ବ୍ଲକ ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଭୟ ଦଳ ଶନିବାର ସନ୍ଧ୍ୟାରେ ଭେଡ଼େନରେ ପହଞ୍ଚିବା ପରେ ତାଙ୍କୁ ଶୋଭାଯାତ୍ରାରେ ହାଟପଦା ସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ସଭାରେ ସିଆରସିସି ପଞ୍ଚାନନ ଭୁଏ, ଅରୁଣ ଭୋଇ, ଖିତେଶ୍ୱର ବେହେରା, ଖେଳ ଶିକ୍ଷକ ପର୍ଶୁରାମ ପାତ୍ର, ପ୍ରଧାନ ଶିକ୍ଷକ ଶିବଲାଲ ମେହେର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଉଲ୍ଲେଖନୀୟ, ଭେଡ଼େନ ବ୍ଲକର ବାଳକ ଦଳ ପ୍ରଥମ ମ୍ୟାଚରେ ପଦମପୁରକୁ ୩-୦ ଗୋଲ, ଦ୍ୱିତୀୟ ମ୍ୟାଚରେ ବରଗଡ଼ ଦଳକୁ ଟାଇବ୍ରେକର ଯୋଗେ ପରାସ୍ତ କଲାପରେ ଫାଇନାଲରେ ଗାଇସିଲେଟ ଦଳକୁ ଟାଇବ୍ରେକର ଯୋଗେ ୪-୩ ଗୋଲରେ ହରାଇ ଜିଲା ଚାମ୍ପିୟନ ହୋଇଛି। ସୌରଭ ସାହୁ ଦଳର ଅଧିନାୟକ ଥିବାବେଳେ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ଦାଶ, ଦେବାନନ୍ଦ ଭୋଇ, ସୁଦାମ ଭୋଇ ଅଫିସିଆଲ ଭାବେ ଯୋଗ ଦେଇଥିଲେ। ଗତବର୍ଷ ମଧ୍ୟ ଭେଡ଼େନ ବାଳକ ଦଳ ଚାମ୍ପିୟନ ହୋଇଥିଲା। ସେହିପରି ବାଳିକା ବିଭାଗର ଭେଡ଼େନ ଦଳ ପ୍ରଥମ ମ୍ୟାଚରେ ଅମ୍ବାଭୋନାକୁ ୧-୦ ଗୋଲରେ, ଦ୍ୱିତୀୟ ମ୍ୟାଚରେ ଅତାବିରାକୁ ୧-୦ ଗୋଲରେ ହରାଇବା ପରେ ଫାଇନାଲରେ ବରପାଲି ଠାରୁ ହାରି ଉପବିଜେତା ହୋଇଛି। ଜନଜୀ ନେଗି ଏହି ଦଳର ଅଧିନାୟିକ ଥିବାବେଳେ ବିଜୁଳିବତୀ ଦଲେଇ ଅଫିସିଆଲ ଭାବେ ଯୋଗ ଦେଇଥିଲେ ।



ଚାମ୍ପିୟନ ହୋଇଥିବା ଭେଡ଼େନ ଦଳକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

# ବିଜେପୁରର ପ୍ରସିଦ୍ଧ ଅନନ୍ତବ୍ରତ ସମ୍ପନ୍ନ

**ବିଜେପୁର, ୧୫।୯ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁରର ପ୍ରସିଦ୍ଧ ଅନନ୍ତବ୍ରତ ମହୋତ୍ସବ ଶାନ୍ତିଶୃଙ୍ଖଳାର ସହିତ ରବିବାର ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନେ ଗାନ୍ଧୀପଡା, ବୀରବଜରଙ୍ଗ ଛକ, ହାଇସ୍କୁଲ ପଡିଆରେ ଖୋଲିଥିବା ମୀନାବଜାର, ଦୋଳିର ଭରପୁର ମଜା ଉଠାଇଥିଲେ । ଉପରପଡାରେ ପ୍ରଦର୍ଶିତ ଜୀବନ୍ତ କଳାକୁଞ୍ଜ ଚଳିତ ବର୍ଷର ମହୋତ୍ସବର ପ୍ରମୁଖ ଆକର୍ଷଣ ପାଲଟିଥିଲା। ଏଥିରେ ପରିବେଷିତ ଦୁର୍ଘଟଣା ଜନିତ ସଚେତନତା ବାର୍ତ୍ତା ଶ୍ରଦ୍ଧାଳୁମାନଙ୍କୁ ବେଶ୍ ପ୍ରଭାବିତ କରିଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟି ଦେଇ ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗାନ୍ଧୀଛକରେ ଆଶୁ ଚିକିତ୍ସାକେନ୍ଦ୍ର ଖୋଲା ଯାଇଥିଲା। ରବିବାର ମଧପଡା, ତଳିପଡା, ଉପରପଡା, ମାଳପଡା, ଗାନ୍ଧୀପଡା, ବୀରବଜରଙ୍ଗ ଛକର ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ମୃଣ୍ମୟ ମୂର୍ତ୍ତିକୁ ଦାମୋଦର କଟାରେ ବିସର୍ଜନ କରାଯାଇଥିଲା । ଭୁଏପଡା ଅନନ୍ତବ୍ରତ ମେଢ଼ର ଭସାଣ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

■ ସୋହେଲା ପଞ୍ଚାୟତ ସମିତି ବୈଠକ

# ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ

**ସୋହେଲା,୧୫।୯(ଡି.ଏନ.ଏ)**

ସୋହେଲା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରଗଡ ଏମ୍ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏମ୍ପି ଭାବେ ନିର୍ବାଚିତ ହେବା ପରେ ବ୍ଲକକୁ ପ୍ରଥମ ଗସ୍ତ ଅବସରରେ ତାଙ୍କୁ ବିଡିଓ ଅଶୋକ କୁମାର ଗଡତିଆ, ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସ୍ୱାଗତ କରିଥିଲେ । ଏମ୍ପି ସମିତି ବୈଠକରେ ଯୋଗଦେଇ ତାଙ୍କ ଅଭିଭାଷଣରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟରେ ଚାଲିଥିବା ବିଭିନ୍ନ ଜନହିତକର ଯୋଜନାକୁ ପ୍ରଶଂସା କରିଥିଲେ । ଏହାସହିତ ସମସ୍ତ ଯୋଜନାକୁ ସଫଳ କରିବା ପାଇଁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ, ବିଧାୟକ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଘେଁସ ଜମିଦାର ପରିବାରର ବଳିଦାନକୁ ସ୍ମରଣ କରି ଐତିହାସିକ ଶହୀଦ ପୀଠ ଘେଁସକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଉଦ୍ୟମ କରିବେ ବୋଲି ଏମ୍ପି ପ୍ରକାଶ କରିଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହମ୍ମଦ ଆକବର ପୂର୍ବ ସଭାର ବିବରଣୀ ପାଠ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗତ ବୈଠକରେ ନିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଦ୍ୱାରା ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ବୈଠକରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ, ବିଧାୟକ ତଥା ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ପ୍ରତିନିଧି ପ୍ରଫୁଲ୍ଲ ପଧାନ, ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ, ସୁବ୍ରତ ବେହେରା, ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତହସିଲା ସାହୁ, ସିଡିପିଓ ରାସେଶ୍ୱରୀ ସାହୁ, ସୁପରଭାଇଜର ଗୋଲି ରାଉତ, ଏବିଇଓ ସରୋଜ ଦୀପ, ଡବ୍ଲ୍ୟୁଇଓ ଅତୀଶ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଡିଓ ଅଶୋକ କୁମାର ଗଡତିଆ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତାରୁ ମାଟି ଧୋଇ ଧାନ ଫସଲ ନଷ୍ଟ

**ଗଣ୍ଡତୁରୁମ, ୧୫।୯ (ଡି.ଏନ.ଏ)**

ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଭୂତଲୋଡ ରାସ୍ତାର ଉନ୍ନତିକରଣ କାମ କରାଯାଇଛି। ମାତ୍ର ତାହା କେବଳ ମାଟି କାମରେ ସୀମିତ ରହିଯାଇଛି । ପ୍ରବଳ ବର୍ଷା ଯୋଗୁ ରାସ୍ତା ପାର୍ଶ୍ୱସ୍ଥ ଚାଷ ଜମିକୁ ମାଟି ଧସି ଯାଇ ପଶି ୩ ଏକର ଧାନ ଫସଲ ନଷ୍ଟ ହୋଇଛି । କ୍ଷତିଗ୍ରସ୍ତ ଚାଷୀ ଏହାର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ କିଛି ସୁଫଳ ନ ପାଇବାରୁ ଶେଷରେ ସେମାନେ ଶନିବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏହି ମର୍ମରେ ସେମାନେ ଭେଡେନ ତହସିଲଦାର ଏବଂ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି । ଅପରପକ୍ଷେ ଉକ୍ତ ରାସ୍ତା କାଦୁଅରେ ଭର୍ତ୍ତି ହୋଇଥିବାରୁ ଗ୍ରାମବାସୀ ଓ ସ୍କୁଲ ଛାତ୍ରୀଛାତ୍ର ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଭେଡେନ ବିଡିଓ ମୁରଲିଧର ନାଏକଙ୍କୁ ପଚାରିବାରୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

# ବିପର୍ଯ୍ୟୟ ମୁକାବିଲା ପାଇଁ ଜନସଚେତନତା

**ପଦ୍ମପୁର, ୧୫।୯ (ଡି.ଏନ.ଏ)**

କଟକର ମୁଣ୍ଡଳୀ ସ୍ଥିତ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ତରଫରୁ ଶନିବାର ରାଜବୋଡାସମ୍ବର ବ୍ଲକ ସଭାଗୃହରେ ବିପର୍ଯ୍ୟୟ ମୁକାବିଲା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ତାହା ଉପରେ ବିବରଣୀ ପ୍ରଦାନ କରିଥିଲେ । ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ) ଇନ୍ସପେକ୍ଟର ଅମରନାଥ ସିଂ ଏବଂ ସବଇନ୍ସପେକ୍ଟର ବିବେକ କୁମାର ଯାଦବ ବିପର୍ଯ୍ୟୟ ମୁକାବିଲା ସଂକ୍ରାନ୍ତୀୟ ସବିଶେଷ ବିବରଣୀ ପ୍ରଦାନ କରିବା ସହିତ ଜନଜୀବନକୁ କିଭଳି ସୁରକ୍ଷିତ ରଖାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋନୁ ବାଗ, ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ, ଅଗ୍ନିଶମ ସେବା ଅଧିକାରୀ ଶକ୍ତିପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଞ୍ଚଳ କଲେଜ, ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ଏନସିସି ଏବଂ ସ୍କାଉଟ୍ ଦଳଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ତଥା ଜନସାଧାରଣ ଉପସ୍ଥିତ ଥିଲେ। ରାଜବୋଡାସମ୍ବର ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗିରିନ୍ଦ୍ର ସାହୁ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ସ୍କୁଲ ସମୂହ କ୍ରୀଡା ପ୍ରତିଯୋଗିତା ସମ୍ପନ୍ନ

**ବିଜେପୁର, ୧୫।୯ (ଡି.ଏନ.ଏ)**

ବିଜେପୁର ବ୍ଲକ ଜାରିଂ ହାଇସ୍କୁଲ ପଡିଆରେ ତିନିଦିନ ବ୍ୟାପି ଚାଲିଥିବା ଅଷ୍ଟମ ଜିଲାସ୍ତରୀୟ ସ୍କୁଲ ସମୂହ କ୍ରୀଡା ପ୍ରତିଯୋଗୀତା ଶନିବାର ସମ୍ପନ୍ନ ହୋଇଛି। ୧୭ ଓ ୧୪ ବର୍ଷ ବୟସରୁ କମ୍ ବାଳିକା ବାଳକ ବିଭାଗରେ ଫୁଟବଲ, ଭଲିବଲ, କବାଡି ପ୍ରତିଯୋଗିତା ହୋଇଥିଲା। ଏଥିରେ ବରଗଡ଼ ଜିଲାର ୧୨ଟି ବ୍ଲକରୁ ୪୦୦ ଜଣ ଖେଳାଳି ସାମିଲ ହୋଇଥିଲେ । କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିବାକୁ ୬୦ଜଣ ଖେଳ ଶିକ୍ଷକ ନିୟୋଜିତ ହୋଇଥିଲେ । ୧୭ବର୍ଷରୁ କମ୍ ବାଳକ କବାଡି ପ୍ରତିଯୋଗିତାରେ ପାଇକମାଳ ଚାମ୍ପିୟନ ଓ ବରଗଡ ଉପବିଜେତା, ବାଳିକା ବିଭାଗରେ ପଦ୍ମପୁର ଚାମ୍ପିୟନ ଓ ବରପାଲି ଉପବିଜେତା ଘୋଷିତ ହୋଇଥିଲେ । ସେହିପରି ୧୪ ବର୍ଷରୁ କମ୍ କବାଡିରେ ବାଳକ ବିଭାଗରେ ପାଇକମାଳ ବିଜେତା ଓ ଅତାବିରା ଉପବିଜେତା ଏବଂ ବାଳିକା ବିଭାଗରେ ସୋହେଲା ବିଜୟୀ ଓ ବିଜେପୁର ଉପବିଜୟୀ ହୋଇଥିଲେ। ଫୁଟବଲ ପ୍ରତିଯୋଗିତାରେ ବାଳକ ବିଭାଗରେ ଗାଇସିଲେଟକୁ ହରାଇ ଭେଡେନ ବିଜୟୀ ଏବଂ ବାଳିକା ବିଭାଗରେ ଭେଡେନକୁ ହରାଇ ବରପାଲି ଚାମ୍ପିୟନ ବିବେଚିତ ହୋଇଥିଲେ। ଭଲିବଲ ପ୍ରତିଯୋଗିତାରେ ବରପାଲିକୁ ପରାସ୍ତ କରି ଅମ୍ବାଭୋନା ଦଳ ଚାମ୍ପିୟନ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧକ୍ଷତାରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଜିଲା ଶିକ୍ଷାଧିକାରୀ ସୁବୋଧ କୁମାର ଦାଶ ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୌପଦାର, ବିଜେପୁର ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଢୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗଡତିଆ, ସରପଞ୍ଚ ପ୍ରଭାସିନୀ ବିଭାର, ଜିଲା ବିଜ୍ଞାନ ସୁପରଭାଇଜର ଡ. ମନୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ବରୁଣ ଭୋଇ ସ୍ୱାଗତ ଭାଷଣ, ଜିଲା ଶାରିରୀକ ନିରୀକ୍ଷକ ତ୍ରୈଲୋକ୍ୟ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ହୃଦମଣି ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । କବାଡିରେ ହେମସାଗର ସାହୁ, ଡାକ୍ତର ଭୋଇ, ମନସୀ ପାତ୍ର, ସୁଦୀପ୍ତ, ଫୁଟବଲରେ ମନୋଜ ସାହୁ, ସମ୍ପୂର୍ଣ୍ଣ ଭୋଇ, ଲବ ସାହୁ, ଭଲିବଲରେ ଆନନ୍ଦ ପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରୋଜ କୁମାର ପୁରୋହିତ, ପର୍ଶୁରାମ ପାତ୍ର, ପ୍ରଶାନ୍ତ ସାହୁ ପ୍ରମୁଖ ମିଳିତ ଭାବେ ଉଦଯାପନୀ ସମାରୋହ ସଂଯୋଜନା କରିଥିଲେ। ବିଶ୍ୱମ୍ଭର ସାହୁ, ଅମୂଲ୍ୟ ସେଠୀ, ହରେକୃଷ୍ଣ ସାହୁ, ସଚ୍ଚିଦାନନ୍ଦ ପଧାନ, ଦଶରଥ ଗଡତିଆ, ଅଶୋକ ପାଣ୍ଡେଙ୍କ ସମେତ ସମସ୍ତ ବ୍ଲକର କ୍ରୀଡା ଶିକ୍ଷକ, ଜାରିଂ ହାଇସ୍କୁଲର ଶିକ୍ଷକ, ସ୍ଥାନୀୟ ଆଥଲେଟିକ ଆସୋସିଏଶନର ସଦସ୍ୟ ଓ ଗ୍ରାମବାସୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ବ୍ଲକ କ୍ରୀଡା ସମ୍ପାଦକ ସୁରେନ୍ଦ୍ର ମୋହନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




ଚାମ୍ପିୟନ ଦଳ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଔଷଧ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

ବୌଦ୍ଧ,୧୫।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ଔଷଧ ବ୍ୟବସାୟୀ ସଂଘର ତ୍ରୟବାର୍ଷିକ ସାଧାରଣ ଅଧିବେଶନ ବୌଦ୍ଧ କଲ୍ୟାଣ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିଥି ଭାବେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ସମ୍ପାଦକ ଆଚାର୍ଯ୍ୟ ହୃଷିକେଶ ମିଶ୍ର ଓ ପୁରୀ ଜିଲା ଔଷଧ ବ୍ୟବସାୟୀ ସଂଘର ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବୌଦ୍ଧ ଜିଲା ଔଷଧ ବ୍ୟବସାୟୀ ସଂଘର ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଗିରିଧାରୀଲାଲ ଅଗ୍ରୱାଲା ସଭାପତ, ପ୍ରାଣବନ୍ଧୁ ପ୍ରଧାନ ସାଧାରଣ ସମ୍ପାଦକ, ସୁରଜ ଅଗ୍ରୱାଲା ସଙ୍ଗଠନ ସମ୍ପାଦକ, ଅନନ୍ତ ନାରାୟଣ ମହାରଣା ଟ୍ରେଡ ଏଣ୍ଡ କମର୍ସ ଅଧ୍ୟକ୍ଷ, ଅକ୍ଷୟ କୁମାର ସାହୁ ଉପସଭାପତି ଓ ସିଦ୍ଧାର୍ଥ ଶଙ୍କର ସାହୁ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ଭବାନୀ ଶଙ୍କର ମହାପାତ୍ର ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ।

### ସଂସ୍କାର ସ୍କୁଲରେ ହିନ୍ଦୀ ଦିବସ

ବରଗଡ଼ ଅଫିସ୍,୧୫।୯

ବରଗଡ଼ର ସଂସ୍କାର ଆନ୍ତର୍ଜାତିକ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଛି । ଏହି ଅବସରରେ ଏକ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ପ୍ରାର୍ଥନା ସଭାଟି ହିନ୍ଦୀ ଭାଷାରେ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ ହିନ୍ଦୀ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷ ସାହୁ ଏକ କବିତା ଆବୃତ୍ତି କରିଥିଲେ । ହିନ୍ଦୀ ବିଭାଗର ବରିଷ୍ଠ ଶିକ୍ଷୟିତ୍ରୀ ରେଣୁ ଅଗ୍ରୱାଲ ହିନ୍ଦୀ ଦିବସର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଦେବବ୍ରତ ପାଣିଗ୍ରାହୀ, ଛାତ୍ରୀ ପ୍ରୀତିପ୍ରଜ୍ଞା କବିତା ପାଠ କରିଥିଲେ । ଛାତ୍ରୀଛାତ୍ର ଏକ କ୍ଷୁଦ୍ର ନାଟିକା ମଧ୍ୟ ପରିବେଷଣ କରିଥିଲେ ।

# ଯୁକ୍ତଦୁଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୫।୯



ସ୍ୱାଗତ ସମାରୋହରେ ଛାତ୍ରୀଛାତ୍ର ମଜା ଉଠାଉଛନ୍ତି ।

ବରଗଡ଼ ମିଳନ ମଣ୍ଡପରେ ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼ ପକ୍ଷରୁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଚେୟାରମ୍ୟାନ ପ୍ରକାଶ କରଙ୍କ ମାର୍ଗଦର୍ଶନ ଏବଂ ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ରଙ୍କ ସଭାପତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ମହାନ୍ତି ପରିଚାଳନା କରିଥିଲେ । ଯୁକ୍ତଦୁଇ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନର ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ର ଆୟୋଜନ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତୀକ୍ଷା ସାହୁ, ସ୍ନେହା ଲାଠ, ପ୍ରତୀକ ଅଗ୍ରୱାଲ, ଅଂଶୁମାନ ସେଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ମ୍ୟୁଜିକାଲ ଚେୟାର, ରେମ୍ପ ଶୋ ଆଦି ପ୍ରତିଯୋଗିତା ହୋଇଥିଲା। ନୂତନ ଏକାଦଶ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମିସ୍ ଫ୍ରେସର ଓ ମିଷ୍ଟର ଫ୍ରେସର ମନୋନୟନ କରାଯାଇଥିଲା। ରେମ୍ପ ଶୋରେ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହିତ ପୁଷ୍ପାଞ୍ଜଳି ଦାଶ, ଅଶୋକ ମହାନନ୍ଦ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ । ସ୍କୁଲ ପକ୍ଷରୁ ଏକାଦଶ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରାଯାଇଥିବା ବେଳେ ପୁରାତନ ଛାତ୍ର ସ୍ଥିତପ୍ରଜ୍ଞା ଶର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଙ୍ଗୀତ ଶିକ୍ଷକ ସନ୍ଦୀପ କୁମାର ମହାପାତ୍ର, କଳା ଶିକ୍ଷକ କୁଶ ଭୂୟାଁ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିବାବେଳେ ଅଭିଭାବକ, ଅନୁଷ୍ଠାନର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

ଭେଡ଼େନ,୧୫।୯(ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ତିନିଦିନ ଧରି ଚାଲିଥିବା ତୃତୀୟ ମାନସ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଅପରାହ୍ନରେ ଖେଳା ହୋଇଥିବା ଫାଇନାଲ ମ୍ୟାଚରେ ଏହି ଦଳ ଭୁବନେଶ୍ୱର ଜଟଣୀ କ୍ଲବକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ପୂର୍ବରୁ ଖେଳା ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଦଳ ଝାରସୁଗୁଡ଼ା ଦଳକୁ ୩-୦ ଗୋଲ ବ୍ୟବଧାନ ଏବଂ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ଦଳ ଭବାନୀପାଟଣାକୁ ରୋମାଞ୍ଚକର ଟାଇବ୍ରେକର ଯୋଗେ ୯-୮ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ବିଜୟୀ ଦଳର ରଘୁ ମାରାଣ୍ଡିଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୂର୍ଯ୍ୟ ଦେହେରି ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳଗୁଡ଼ିକୁ ରେଫରୀ ଶିବୁ ଛେତ୍ରୀ, ଅରୁଣ ଭୋଇ, ନୀଳ ନାଏକ, ସୁଶାନ୍ତ ଓରାମ ଏବଂ ସୁଧାଂଶୁ ସେଠ ପ୍ରମୁଖ ପରିଚାଳନା କରିଥିଲେ। ମାନସ ସ୍ପୋର୍ଟସ କ୍ଲବ ସଭାପତି ସଞ୍ଜୟ ମେହେର, ସମ୍ପାଦକ ସୁଶାନ୍ତ ସାହୁଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ

ଭେଡ଼େନ,୧୫।୯(ଡ଼ି.ଏନ.ଏ)

ଭେଡ଼େନ ଠାରୁ ବରପଦର ଦେଇ ରେଶମ ପର୍ଯ୍ୟନ୍ତ ୧୧ କିଲୋମିଟର ରାସ୍ତା ଗତ ବର୍ଷ ମରାମତି କରାଯାଇ ନୂତନ ଭାବେ ପିଚୁ କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ମରାମତିର ବର୍ଷେ ନ ପୂରୁଣୁ ଏହି ରାସ୍ତାରେ ଖାଲଖମା ହୋଇ ଯାତାୟାତରେ ଅସୁବିଧା ହେଉଛି। ବିଶେଷ କରି ବରପଦର ବୁଲାଣି ନିକଟ ତଥା ଅରେଇଗୁଡ଼ି ବସଷ୍ଟାଣ୍ଡ ନିକଟରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାର ତୁରନ୍ତ ମରାମତି କରା ନ ଗଲେ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।



ବରପଦର ନିକଟରେ ରାସ୍ତା ଅବସ୍ଥା ଖରାପ ହୋଇପଡିଛି ।

# ଆରପିଏଫର ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧୫।୯

ବରଗଡ଼ ରୋଡ୍ ରେଳଷ୍ଟେଶନ ପ୍ଲାଟଫର୍ମ ପରିସରରେ ରବିବାର ସ୍ଥାନୀୟ ଆରପିଏଫ ପକ୍ଷରୁ ରେଳଯାତ୍ରୀଙ୍କ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି, ଜଗଦଲପୁର-ହାୱାଡ଼ା ଏକ୍ସପ୍ରେସର ଯାତ୍ରୀଙ୍କୁ ସଚେତନତା କରାଯିବା ସହିତ ହେଲ୍‌ପ ଲାଇନ୍-୧୮୨ର ବ୍ୟବହାର ଉପରେ ପରାମର୍ଶ ଦିଆଯାଇଥିଲା । ଆରପିଏଫର ଏସଆଇ ଏସ.ସି ପଣ୍ଡା, ଏଏସଆଇ ଜି. ବେହେରା, ଏଚ.ଏଲ ସିଂ, ଆର୍.କେ ବାଗ, ଡି.ସି ପଟେଲ, ଜେ. ସାହୁ, ପି.କେ ସାହୁ, ଏସ. ବେହେରା, ଏ. ସିଂ, ଏ.କେ ଯାଦବ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ରେଳ ସୁରକ୍ଷା ନେଇ ରେଳଯାତ୍ରୀଙ୍କୁ ଆରପିଏଫ ଅଧିକାରୀମାନେ ସଚେତନ କରାଉଛନ୍ତି ।

### ରାଣାପ୍ରତାପ ସ୍କୁଲରେ ବୃକ୍ଷରୋପଣ

ବରଗଡ଼ ଅଫିସ୍,୧୫।୯

ବରଗଡ଼ ଜିଲାର ବହୁମୁଖୀ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ସ୍ମୃତିରେ ସ୍ଥାନୀୟ ରାଣାପ୍ରତାପ ସ୍କୁଲରେ ବୃକ୍ଷରୋପଣ ହୋଇଛି । ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଛାତ୍ରୀଛାତ୍ର ସ୍କୁଲ ପରିସରରେ ବୃକ୍ଷଚାରା ରୋପଣ କରିଥିଲେ । ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ହୋଇଥିଲା। ଡିଇଓ ପ୍ରକାଶ କୁମାର ଯୋଶୀ, ସାହିତ୍ୟିକ ମନୋରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନ୍ଦ୍ର ଗଡ଼ତିଆ, ଅମରେନ୍ଦ୍ର ନାରାୟଣ ଯାଦବ ପ୍ରମୁଖ ଯୋଗ ଦେଇଥିଲେ । ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀ, ବିରେନ୍ଦ୍ର କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ରୀମଦ୍ ଭାଗବତ ଜନ୍ମ ପାଳିତ

ମନମୁଣ୍ଡା/ଘଣ୍ଟାପଡା, ୧୫।୯ (ଡି.ଏନ.ଏ)

ମନମୁଣ୍ଡା ବାସୁଦେବପାଲି ଶ୍ରୀ ଭାଗବତ ମନ୍ଦିରରେ ଶ୍ରୀମଦ୍ ଭାଗବତ ଜନ୍ମ ଶନିବାର ପାଳିତ ହୋଇଛି । ବ୍ରାହ୍ମଣ ରମେଶ ଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରି ଭାଗବତ ଗାୟନ କରିଥିଲେ । ମନମୁଣ୍ଡା ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତାଙ୍କ ସମେତ ବହୁ ବ୍ରାହ୍ମଣ ଏଥିରେ ଯୋଗ ଦେଇଥିଲେ। ସେହିପରି ଶଗଡା ପଞ୍ଚାୟତ ରୁଗୁଡିକନପାଠାରେ ମଧ ଶ୍ରୀ ଭାଗବତ ଜନ୍ମ ପାଳିତ ହୋଇଥିଲା । ବ୍ରାହ୍ମଣ ରବୀନ୍ଦ୍ର ଦାସ ପୂଜାର୍ଚ୍ଚନା ଏବଂ ପୁରାଣ ପଠନ କରିଥିଲେ ।

**ଘଣ୍ଟାପଡା, (ଡି.ଏନ.ଏ):** କଣ୍ଟାମାଳ ବ୍ଲକ ଘଣ୍ଟାପଡା ଜଗନ୍ନାଥ ନାଟ୍ୟ ସଂସଦ ଆନୁକୂଲ୍ୟରେ ଶନିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଛି । ସନ୍ଧ୍ୟାରେ ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀ ପ୍ରବଚନ ଦେଇଥିଲେ । ସେହିପରି ଫଟାମୁଣ୍ଡା ଗ୍ରାମରେ ପଣ୍ଡିତ ଧବଳେଶ୍ୱର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ଖଗରାଜ ଭୋଇ ଓ ମାଳତି ଭୋଇ ସସ୍ତ୍ରୀକ କର୍ତ୍ତା ଥିଲେ । ଲଣ୍ଡାବାହାଲ ଗ୍ରାମରେ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଜଳନ୍ଧର ମଲିକ ଓ ଜାହ୍ନବୀ ମଲିକ ସସ୍ତ୍ରୀକ କର୍ତ୍ତ ଦାୟିତ୍ୱ ତୁଲାଇଥିଲେ । ସେହିପରି ମସିଣାଗୋରା ସରସ୍ୱତୀ ଶିଶୁ ମନ୍ଦିରରେ ବଂଶୀଧର ମାଝୀ ମୁଖ୍ୟଅତିଥି, କାର୍ତ୍ତିକେଶ୍ୱର ବେହେରା ମୁଖ୍ୟବକ୍ତା, ଦେବାଧି ମଲିକ, ଧର୍ମାନନ୍ଦ ସାହୁ ଓ ଗୋବିନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଗବତ ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକ ସଂଘ କଲା ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ ।

ବରଗଡ଼ ଅଫିସ୍,୧୫।୯

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆଣ୍ଠୁଗଣ୍ଠି ବାତ ଉପଚାର ନେଇ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଅସ୍ଥି ଚିକିତ୍ସା ବିଶେଷଜ୍ଞମାନେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ । ବରିଷ୍ଠ ନାଗରିକ ସଂଘର ଗିରିଜା ଶଙ୍କର ଆଚାର୍ଯ୍ୟ, ପ୍ରହ୍ଲାଦ ମହାପାତ୍ର, ରବିନ୍ଦ୍ର ପ୍ରଧାନ, ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ପ୍ରମୋଦ ଝାଙ୍କର, ଅମୂଲ୍ୟ ପତି, ରୁକ୍ମଣ ମହାପାତ୍ର, ସୁରେନ୍ଦ୍ର ମୋହନ ଚାନ୍ଦ, ସନ୍ତୋଷ କୁମାର ପୁରୋହିତ, ମଳୟ ମହାନ୍ତି, ଡା. ସନମୁଖ ରାଓ, କାହ୍ନୁଚରଣ ପୃଷ୍ଟି, ପ୍ରକାଶ ଭୋଇ, ପ୍ରସନ୍ନ ପ୍ରଧାନ, ଭରତ ଭୂଷଣ ଦାଶ, ଶ୍ରୀମୁଖ ପ୍ରଧାନ, କୃଷ୍ଣଚନ୍ଦ୍ର ନାଥ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । କେଦାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକାଶ ସ୍କୁଲରେ ହିନ୍ଦୀ ଦିବସ

ବରଗଡ଼ ଅଫିସ୍,୧୫।୯

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ବିକାଶ ଇଂଲିଶ ମିଡ଼ିୟମ ସ୍କୁଲରେ ହିନ୍ଦୀ ଦିବସ ପାଳନ କରାଯାଇଛି । ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ ସନାତନ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଦିବସ ପାଳନର ମହତ୍ତ୍ୱ ଉପରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ମମତା ସାହୁ ହିନ୍ଦୀ ଭାଷାର ପ୍ରାଚୀନତା ଉପରେ ବକ୍ତବ୍ୟ ରଖିଥିଲେ । ଛାତ୍ରୀ ନେହା ମହାତ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀ ହର୍ଷିତା ପ୍ରଧାନ ହିନ୍ଦୀ ଭାଷାରେ କବିତା ଆବୃତ୍ତି କରିଥିଲେ । ଛାତ୍ର ଭୁବନାନନ୍ଦ ଦଲାଇ ଏବଂ ଛାତ୍ରୀ ସୁସ୍ମିତା କୁମ୍ଭକର ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



ଏସିସି ବିକାଶ ସ୍କୁଲରେ ଅନୁଷ୍ଠିତ ହିନ୍ଦୀ ଦିବସ ପାଳନ କାର୍ଯ୍ୟକ୍ରମ ।

# ନବଦିନାତ୍ମକ ଶାରଦୀୟ ପୂଜା ପ୍ରସ୍ତୁତି

ବରଗଡ଼ ଅଫିସ୍,୧୫।୯

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ନବଦିନାତ୍ମକ ଶାରଦୀୟ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ରବିବାର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ନବରାତ୍ର ପୂଜା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା । ଗଣେଶରାମ ଦ୍ୱାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବବର୍ଷର ଆୟବ୍ୟୟର ହିସାବ ଏବଂ ପୂଜା ପରିଚାଳନା ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଦଶହରା ନବରାତ୍ର ପୂଜା ପାଇଁ ଚଳିତବର୍ଷ ଆନନ୍ଦ ଚରଣ ଦାଶଙ୍କୁ ସଭାପତି ଭାବେ ମନୋନିତ କରାଯାଇଥିଲା । ସେହିପରି ସୁନୀଲ କୁମାର ମହାପାତ୍ର ସମ୍ପାଦକ, ଭରତ ଅଗ୍ରୱାଲ କୋଷାଧ୍ୟକ୍ଷ, ଆଲୋକ ପ୍ରଧାନ ଓ ରୋଶନ ପ୍ରଧାନ ସହସମ୍ପାଦକ ଭାବେ ମନୋନିତ ହୋଇଥିଲେ । ପୂଜା ପରିଚାଳନା ପାଇଁ ୧୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ ହୋଇଥିବାବେଳେ ଦଶହରା ନବରାତ୍ର ପାଇଁ ବିଭିନ୍ନ ସବ୍‌କମିଟି ଗଠନ କରାଯାଇଥିଲା । ଆସନ୍ତା ୨୮ତାରିଖ ମହାଳୟା ତିଥିରେ ମାଁ ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେବା ସହିତ ସେହିଦିନ ଖଣ୍ଡାଧୁଆ ପର୍ବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଆସନ୍ତା ୨୯ତାରିଖରୁ ନବରାତ୍ର ପୂଜା ଆରମ୍ଭ ହେବ ବୋଲି ପୂଜା କମିଟି ସୂତ୍ରରୁ ଜଣାପଡ଼ିଛି ।



ପ୍ରସ୍ତୁତି କମିଟିରେ ମନ୍ଦିର କମିଟିର କର୍ମକର୍ତ୍ତାବୃନ୍ଦ ।

### ପ୍ରବଚନ ସପ୍ତାହ ଉଦ୍‌ଯାପିତ

ବରଗଡ଼ ଅଫିସ୍,୧୫।୯

ବରଗଡ଼ର ସ୍ୱାମୀ ଶିବାନନ୍ଦ ଆଶ୍ରମରେ ଭାଗବତ ପ୍ରବଚନ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ଶିବାନନ୍ଦ ଜୟନ୍ତୀରୁ ଭାଗବତ ଜୟନ୍ତୀ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ପୁରୀ ଭାଗବତ ଆଶ୍ରମର ମୁଖ୍ୟ ବାବା ବ୍ରଜବନ୍ଧୁ ଦାସ ମହାରାଜ ଯୋଗଦାନ କରି ପ୍ରବଚନ ଦେଇଥିଲେ । ଗତ ୮ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୪ତାରିଖରେ ଶେଷ ହୋଇଥିଲା। ଉଦଯାପନୀ ଦିବସରେ ପ୍ରଫେସର ରବିନ୍ଦ୍ର କୁମାର ପ୍ରଧାନଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ପୁସ୍ତିକା 'ହଂସବାଣୀ ବଚନାମୃତ' ଉନ୍ମୋଚନ କରାଯାଇଥିଲା । ଆଶ୍ରମ ତରଫରୁ ସଭାପତି ଅଚ୍ୟୁତାନନ୍ଦ ମହାପାତ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଡଃ ବନମାଳି ପ୍ରଧାନଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

# ବୌଦ୍ଧ ପଞ୍ଚାୟତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

ବୌଦ୍ଧ,୧୫।୯(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ଶେଷବର୍ଷର ଛାତ୍ରୀଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ବଡ ଭଉଣୀ ଭାଇମାନେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ନବାଗତ ଛାତ୍ରୀଛାତ୍ରମାନେ ସମ୍ମାନ ପ୍ରଦର୍ଶନ ପୂର୍ବକ ବଡ ଭଉଣୀଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ସଭାରେ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀମାନେ ବଡ ଭାଇଭଉଣୀଙ୍କ ଠାରୁ ଶୃଙ୍ଖଳା ଶିକ୍ଷା କରିବା ସହିତ ଉତ୍ତମ ଶିକ୍ଷା ଗ୍ରହଣ କରି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ମୁଖ୍ୟ ଡଃ. ସୁଜାତା ସାହୁ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପିକା ଡଃ. ରତ୍ନପ୍ରଭା ବାରିକ ଓ ଅଧ୍ୟାପକ ମୁକ୍ତି ସାହୁ ସହଯୋଗ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ର ଶୋଭନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ରୀ ତ୍ରିବେଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।




ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ହାଇସ୍କୁଲସ୍ତରୀୟ ଭଲିବଲ, ବ୍ୟାଡମିଣ୍ଟନ ପ୍ରତିଯୋଗିତା

**ଖଡିଆଲ,୧୫।୯(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲ ବ୍ଲକ ଲୋହରାପାଲି ହାଇସ୍କୁଲଠାରେ ରବିବାର ହାଇସ୍କୁଲସ୍ତରୀୟ ଭଲିବଲ ଓ ବ୍ୟାଡମିଣ୍ଟନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୭ ବର୍ଷରୁ କମ୍ ବୟସ୍କର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଯେଉଁ ଖେଳାଳିମାନେ ଉତ୍ତମ ଖେଳ ପ୍ରଦର୍ଶନ କରି ଚୟନ ହେବେ ସେମାନେ ଆସନ୍ତା ୧୭ ତାରିଖରେ ନୂଆପଡା ମିନିଷ୍ଟାଡିୟମଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଏଥିରେ ଯେଉଁ ଖେଳାଳିମାନେ ଚୟନ ହେବେ ସେମାନେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି କ୍ରୀଡାଶିକ୍ଷା ନିରୀକ୍ଷକ ସୂଚନା ଦେଇଛନ୍ତି ।



### ମହାଲିଙ୍ଗା କଲେଜଠାରେ ଚାରାରୋପଣ

**ଗୋଲାମୁଣ୍ଡା/କେଗାଁ,୧୫।୯ (ଡି.ଏନ.ଏ.)** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗା ଗ୍ରାମପଞ୍ଚାୟତ ତରଫରୁ ସ୍ଥାନୀୟ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମପଞ୍ଚାୟତ ସରପଞ୍ଚ ସୁଶାନ୍ତ ସାହୁଙ୍କ ଅଧକ୍ଷତାରେ ମହାବିଦ୍ୟାଳୟ ସଭାପତି ଗୋବିନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମହାବିଦ୍ୟାଳୟ ଚର୍ତୁଃପାର୍ଶ୍ୱରେ ଅନେକ ମୁଲ୍ୟବାନ ଚାର ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ରଣଜିତ ସାହୁ, ନିଧି ପୁଟେଲ, ବାସୁଦେବ ପଣ୍ଡା, ଜାଙ୍କସ ମେହେର, ରମେଶ ଦାଶ ତଥା ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରା ରୋପଣକାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ■ କଣ୍ଟାବାଞ୍ଜିରେ ପୋଲିସର ଚଢାଉ

# ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ

**କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.)**

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ କମ୍ପାନୀ ନାଁରେ କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ବ୍ରାଣ୍ଡର ନକଲି ସାମଗ୍ରୀ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନରେ ଶନିବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଏଥିରେ କମ୍ପାନୀର ୪ ଜଣିଆ ଟିମ୍ ମଧ୍ୟ ସାମିଲ ହୋଇଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ଖୁଚୁରା ଦୋକାନୀ ଏବଂ ଥୋକ ବିକ୍ରେତାଙ୍କ ଉପରେ ଚଢାଉ ହୋଇଥିଲା। ଚଢାଉ ବେଳେ ସ୍ଥାନୀୟ ସାପ୍ତାହିକ ବଜାର ରୋଡସ୍ଥିତ ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲଙ୍କ ନିକଟରୁ ୫୮ ହଜାର ୬ ଶହ କ୍ଲିନିକ ପ୍ଲସ ସେମ୍ପୁ ପାଉଚ, ଇନ୍ଦିରା ଛକ ନିକଟସ୍ଥ କହ୍ନେୟା ଟ୍ରେଡିଂର ମାଲିକ ମଣ୍ଟୁ ଗୋୟଲଙ୍କ ଦୋକାନରୁ ୨ହଜାର ୮୮୦ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ଜବତ କରାଯାଇଥିଲା।

ସେହିପରି ବଙ୍ଗୋମୁଣ୍ଡା ରାସ୍ତା ରେଳବାଇ ଫାଟକ ନିକଟସ୍ଥ ରାଜେଶ ଅଗ୍ରୱାଲଙ୍କ ଦୋକାନରୁ ବିକ୍ରି ହୋଇଥିବା ୯୫୪ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ସହ ହରିଭବନ ସମ୍ମୁଖସ୍ଥିତ ପାୟଲ ଫେନ୍ସି ଷ୍ଟୋରର ମାଲିକ ବିଷ୍ଣୁ ଜୈନଙ୍କ ଦୋକାନରୁ ୨ଟି ଲେକ୍‌ମି ସ୍କିନ ଫ୍ରେସନର, ୩ଟି ଆଇ ଲୁମ୍ବ(୫ଗ୍ରାମର) ଜବତ କରାଯାଇଥିବା ଜଣାପଡିଛି। ଏନେଇ କମ୍ପାନୀର ଲିଗାଲ ଏଟନୀ ନୟନ ତାରା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ । କଣ୍ଟାବାଞ୍ଜି ପୋଲିସ ଏକ ମାମଲା(ନଂ.୧୭୯/୨୦୧୮) ରୁଜୁ କରି ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲ ଏବଂ କହ୍ନେୟା ଟ୍ରେଡିଂର ମଣ୍ଟୁ ଅଗ୍ରୱାଲଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଚଢାଉରେ କମ୍ପାନୀର ନୟନ ତାରାଙ୍କ ସହ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକରାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କିଛିବର୍ଷ ପୂର୍ବରୁ ନକଲି ଔଷଧକୁ ନେଇ କଣ୍ଟାବାଞ୍ଜି ସହରରେ ଚଢ଼ାଉ କରାଯାଇଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା । ଏବେ ନକଲି କସ୍‌ମେଟିକ୍ ସାମଗ୍ରୀ ଜବତ୍ କରାଯାଇଥିବା ଘଟଣା ଗ୍ରାହକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନ ବଜାରରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

**୨ ଦୋକାନୀଙ୍କୁ କୋର୍ଟ ଚାଲାଣ**

## ■ ଗଞ୍ଜାମ: ୨୪ ଘଣ୍ଟାରେ ଦ୍ୱିତୀୟ ଏନ୍‌କାଉଣ୍ଟର

# ପୋଲିସ ଗୁଳିରେ ପ୍ରମୋଦ ଆହତ

- ବିଜେଡି ନେତାଙ୍କୁ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିଲେ
- ମାଉଜର, ଗୁଳି, ବାଇକ ଜବତ



ଆହତ ପ୍ରମୋଦ ବାରିକି।

**ଗଞ୍ଜାମ,୧୫।୯(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ପୁଣି ଜଣଙ୍କୁ ଏନ୍‌କାଉଣ୍ଟର ହୋଇଛି। ଶନିବାର ଗଞ୍ଜାମ ଥାନା ପୋଲିସ ଗୁଳିରେ ବ୍ରହ୍ମପୁର ଗୋଷାଣୀ ନୂଆଗାଁର ସୁଶାନ୍ତ ବେହେରା ଓରଫ କୋକ ଆହତ ହୋଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଏକାଧିକ ମାମଲାର ଅଭିଯୁକ୍ତ ତଥା ସୁଶାନ୍ତଙ୍କ ଜଣେ ସହଯୋଗୀଙ୍କୁ ରବିବାର ଭୋର୍‌ରେ ରମ୍ଭା ପୋଲିସ ଏନ୍‌କାଉଣ୍ଟର କରିଛି। ସେ ହେଲେ ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମର ପ୍ରମୋଦ ବାରିକି (୩୦)। ପ୍ରମୋଦଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ପ୍ରଥମେ ଛତ୍ରପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ତାଙ୍କ ନିକଟରୁ ଗୋଟିଏ ମାଉଜର, ଗୁଳି ଓ ବାଇକ୍ ଜବତ କରିଛି। ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରତିନିଧିଙ୍କ ଉପରକୁ ବୋମାମାଡ ଘଟଣାରେ ପ୍ରମୋଦ ମଧ୍ୟ ସମ୍ପୃକ୍ତ ଥିଲେ ବୋଲି ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି।

ଗତ ୨୨ ତାରିଖ ସନ୍ଧ୍ୟାରେ ଗଞ୍ଜାମରେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର ପାଢ଼ୀଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜୋରଦାର ଉଦ୍ୟମ ଚଳାଇଥିଲା। ଅଭିଯୁକ୍ତ ସୁଶାନ୍ତଙ୍କୁ ଶନିବାର ଭୋର ପ୍ରାୟ ୪ଟାରେ ଗଞ୍ଜାମ ଜୟଶ୍ରୀ ଛକ ନିକଟରେ ଏନ୍‌କାଉଣ୍ଟର କରାଯାଇଥିଲା। ସେ ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରମୋଦ ରାତିରେ କୃଷ୍ଣପ୍ରସାଦଗଡ଼ ଅଞ୍ଚଳରୁ ଜଣେ ସହଯୋଗୀଙ୍କ ସହ ବାଇକ ଯୋଗେ ଗଞ୍ଜାମ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ତେଣୁ ପାଲୁର ଜଙ୍କଶନସ୍ଥିତ ପାଲୁର ଗ୍ରାମଠାରେ ରମ୍ଭା ଥାନା ପୋଲିସର ଏକ ଟିମ୍ ଜଗି ରହିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ପ୍ରମୋଦଙ୍କ ବାଇକ୍‌କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିବା ବେଳେ ସେ ପ୍ରଥମେ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ପ୍ରମୋଦଙ୍କ ଗୋଡ଼ରେ ବାଜିଥିଲା। ଫଳରେ ସେ ସେଠାରେ ପଡ଼ି ଯାଇଥିବା ବେଳେ ସହଯୋଗୀ ଜଣକ ଖସି ପଳାଇଥିଲେ। ପ୍ରମୋଦଙ୍କୁ କାବୁ କରିବା ବେଳେ ଧସ୍ତାଧସ୍ତିରେ ୨ କନ୍‌ଷ୍ଟେବଲ ଆହତ ହୋଇଥିବା ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରମୋଦଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

## ■ ଉପରଝରରେ ନୂଆଁଖାଇ ଭେଟ୍‌ଘାଟ୍

# ସମସ୍ତେ ମିଶି ଅଞ୍ଚଳର ବିକାଶ କରିବା

**ଦେଓଗାଁ,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଉପରଝରରେ ସ୍ଥାନୀୟ ଯୁବ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ସମସ୍ତେ ମିଶି ଅଞ୍ଚଳର ବିକାଶ କରିବାକୁ ଆହ୍ୱାନ ଦେବା ସହ ଗାଁଗୁଡିକରେ ଏକତା ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ରାଜୀବ ପଟେଲ, ସ୍ଥାନୀୟ କୃଷିସେବା ସମବାୟ ସମିତି ସଭାପତି ପଞ୍ଚାନନ ପଧାନ, ବ୍ରଜବନ୍ଧୁ ପ୍ରଧାନ, ଯୁବନେତା ବିଶ୍ୱଜିତ ପାତ୍ର, କାନ୍ତେଶ୍ୱର ପଧାନ, ମକୁନ୍ଦପୁର ସରପଞ୍ଚ ବାଳକ ପଧାନ ପ୍ରମୁଖ ଯୋଗଦେଇ ନୂଆଁଖାଇ ପର୍ବର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏପରି କି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସମସ୍ତଙ୍କୁ ଏକାଠି କରି ଭାତୃତ୍ୱଭାବ ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଯୁବନେତା ଅସିତ ମିଶ୍ର ଅତିଥି ପରିଚୟ ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ଯୁବ ସଂଗଠନ ସଭାପତି ବିକାଶ ବିଶ୍ୱାଳ, ଉପସଭାପତି ରମେଶ କୁମାର ମହାପାତ୍ର, ସମ୍ପାଦକ ରଞ୍ଜନ ପଧାନ, ଯୁଗ୍ମ ସମ୍ପାଦକ ଜୟ ଶଙ୍କର ମେହେର, ଧନମାଳି ଭୋଇଙ୍କ ସହ ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଏକ୍ ତରା ଜୁଲ୍ ଜୁଲ୍‌ର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୧୫।୯**

ବଲାଙ୍ଗୀର ଅମଲା ଭବନଠାରେ କବି ସୁଶାନ୍ତ ବାଗ୍‌ଙ୍କ ଲିଖିତ ଲୋକପ୍ରିୟ କୋସଲୀ କବିତା ସଙ୍କଳନ ଏକ ତରା ଜୁଲ୍ ଜୁଲ୍‌ର ଦ୍ୱିତୀୟ ସଂସ୍କରଣର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। କବି ନିମାଇଁ ଚରଣ ପାଣିଗ୍ରାହୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପନ୍ୟାସିକ ବଳଦେବ ଦୀକ୍ଷିତ, ମୁଖ୍ୟବକ୍ତା ଅଧ୍ୟାପକ ମୋହନ ସାହୁ, ପ୍ରଥମ ସଂସ୍କରଣର ପ୍ରକାଶକ ଅରୁଣ କୁମାର ମିଶ୍ର, ସଙ୍ଗଠକ ଶାନ୍ତନୁ କୁମାର ନାଏକ ମଞ୍ଚାସୀନ ଥିଲେ। ଦ୍ୱିତୀୟ ସଂସ୍କରଣକୁ ଅତିଥିମାନେ ଲୋକାର୍ପିତ କରିବା ପରେ ସଂସ୍କରଣ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ସାହୁ କୋସଲୀ ଭାଷା ସାହିତ୍ୟ ଉପରେ ମାର୍ମିକ ଉପସ୍ଥାପନା କରି ଭାଷା ଓ ସଂସ୍କୃତିକୁ ଅବକ୍ଷୟ ଓ ଅସତ୍ ବ୍ୟବହାରରୁ ରୋକିବାକୁ କହିଥିଲେ। ସଭାରେ ବୀରେନ୍ଦ୍ର କୁମାର ଝାଙ୍କର, ଓଁପ୍ରଣବ ନାୟକ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଧ୍ୟାପକ ଜଗନ୍ନାଥ ସାହୁ, ପୁରୁଷମ ଜୁଏଡ ବକ୍ତବ୍ୟ ରଖିଥିଲେ। ସଭାରେ କୋସଲୀ ଗବେଷକ ଓ ସାହିତ୍ୟିକ ରାମଭକ୍ତ ଫରିକାର, କବି ସନ୍ଦୀପ କୁମାର କୁଅଁର, କଳ୍କି ମିଶ୍ର, ନିରୂପମା ଉଦ୍‌ଗାତା, ମନୋରଞ୍ଜନ ସାହୁ, ରାଜେଶ ଝାଙ୍କର, ଗଣେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁପ୍ରିୟା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜିଲା ୮୪ ଘର ଅଘରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍




ଅଘରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ,୧୫।୯**

ସ୍ଥାନୀୟ ଟାଉନ ହଲ୍‌ଠାରେ ରବିବାର ବଲାଙ୍ଗୀର ଜିଲା ୮୪ ଘର ଅଘରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକଦିଗାମ୍ବର ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସମାଜ ସଭାପତି ହରିଶଙ୍କର ସାଏ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ପୋଲିସ ଅଧିକାରୀ ନରେଶ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଏସ୍‌ଡିପିଓ ସୁରେଶ କୁମାର ନାଏକ ଯୋଗ ଦେଇଥିଲେ। ବଲାଙ୍ଗୀର ଗୁଡି ସଭାପତି ମନୋରଞ୍ଜନ ସାଏ, କେନ୍ଦ୍ର ଉପସଭାପତି ଷଡାନନ ରାଉତ ମଞ୍ଚାସୀନ ଥିଲେ। ଅତିଥିମାନେ ମହାପ୍ରଭୁ ଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ଦର୍ଶକଙ୍କୁ ମହିଳା ମଞ୍ଚ ସଭାନେତ୍ରୀ ମିତା ରାଉତ୍ ନୂଆଁ କୁଁଢା ବଣ୍ଟନ କରିଥିଲେ । ଏହି ଅବସରରେ କେନ୍ଦ୍ର କମିଟି ତରଫରୁ ସ୍ୱର୍ଗତ ଦୁର୍ଗା ପ୍ରସାଦ ସାଏଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଲିଲି ପଟେଲ, କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଜିତ କୁମାର ସାଏଙ୍କୁ ସମ୍ମାନିତ କରାଯାଇଥିଲା। ବଲାଙ୍ଗୀର ଗୁଡି ପକ୍ଷରୁ ୩ ଜଣ ଦିବଙ୍ଗତ ବ୍ୟକ୍ତି ସମାଜିକ କର୍ମୀ ସ୍ୱର୍ଗତ ପ୍ରସନ୍ନ ରାଉତ୍, ସ୍ୱର୍ଗତ ସିଦ୍ଧେଶ୍ୱର ସାଏ ଓ ସ୍ୱର୍ଗତ ମହାଦେବ ସାଏଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ସହଆବାହକ ଜୟକୃଷ୍ଣ ନାଏକ ବିବରଣୀ ପାଠ କରିଥିଲେ। ଶେଷରେ ନୀଳମଣି ପଟେଲ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଦ୍ୟଯନ୍ତ୍ରରେ ବାଳକୃଷ୍ଣ ପଟେଲ, ସୁବୀନ୍ଦ୍ର ପଟେଲ, ଚୈତନ୍ୟ ପଟେଲ, ଭକ୍ତ ପଟେଲ, ଦୁଷ୍ମନ୍ତ ପଟେଲ ସହଯୋଗ କରିଥିଲେ। ଲର୍କପାଲି, ଫଟକରା ଓ ବଲାଙ୍ଗୀର ଗୁଡିର ସଭ୍ୟମାନେ ଖାଦ୍ୟ ପରିବେଷଣ କରିଥିଲେ । ୧୮ ଗୁଡି ସଭାପତି, ୧୧ ଜଣ ଉପଦେଷ୍ଟା, ୪ ଜଣ ମଣ୍ଡଳ ସଭାପତି, ଗ୍ରାମ୍ୟ ଓ ଗୁଡି କର୍ମକର୍ତ୍ତା, ମହିଳା ମଞ୍ଚ, ଯୁବା ମଞ୍ଚ ଓ କୃଷକ ମଞ୍ଚର ସଭ୍ୟ ସଭ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଅଘରିଆ ପରିବାର ସଦସ୍ୟ ଯୋଗ ଦେଇଥିଲେ । ସୁରେନ୍ଦ୍ର ପଟେଲ, ଆଶିଷ କୁମାର ନାଏକ, ସୁରଥ ନାଏକ, ସୁମନ୍ତ ରାଉତ, ଗୋବିନ୍ଦ ପଟେଲ ଓ ବାଳକୃଷ୍ଣ ପଟେଲ ସହଯୋଗ କରିଥିଲେ।

# ବାପୁଜୀ ସ୍କୁଲରେ ଚାରା ରୋପଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୫।୯(ଡି.ଏନ.ଏ.)** ଭବାନୀପାଟଣା ସହରସ୍ଥିତ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷ୍ଟେଟ ବ୍ୟାଙ୍କ ପେନସନର କଲ୍ୟାଣ ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସୁଢଳଦେବ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଷ୍ଟେଟ ବ୍ୟାଙ୍କ ପେନସନର କଲ୍ୟାଣ ସଂସ୍ଥା ସଭାପତି କୁବେର ଦାଶ, ସମ୍ମାନିତ ଅତିଥି ସମ୍ପାଦକ ଦୀନବନ୍ଧୁ ମୁଣ୍ଡ, ସଞ୍ଜୀବ କୁମାର ନାଏକ, ଭାରତୀ ଭୂଷଣ ଶତପଥୀ, ବି. କୈଳାସ ରାଓ, ବିଜୟ କୁମାର ହୋତା, ଅଚ୍ୟୁତାନନ୍ଦ ପଣ୍ଡା, ବାଞ୍ଛାନିଧି ମିଶ୍ର, ନକୁଳ ସାହୁ, ହରିଶଙ୍କର ପଟ୍ଟନାୟକ ପ୍ରମୁଖ ଚାରା ରୋପଣ ନେଇ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଦାମୋଦର ବେହେରା, ସୁମନ୍ତ କୁମାର ମୁଣ୍ଡ, ଜ୍ୟୋସ୍ନା ପଟ୍ଟନାୟକ, ଛନ୍ଦିତା ଦାଶ, ଗୀତା ଦେଇ, ବିଷ୍ଣୁପ୍ରିୟା ଚଣ୍ଡ, ମୀନତି ନାଏକ, ସସ୍ମିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।



## ■ ଭାନୁ ପ୍ରକାଶ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବାରିକ୍ ଚ୍ୟାଲେଞ୍ଜର୍ସ ଉଦ୍ୟାନ ବନ୍ଧ ଚାମ୍ପିୟନ

**କୋମନା,୧୫।୯(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଭେଲା ମିନି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଭାନୁପ୍ରକାଶ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଦ୍ୟାନବନ୍ଧ ବାରିକ ଚ୍ୟାଲେଞ୍ଜର ଭେଲା ଦଳକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବାହ୍ନରେ ବାରିକ ଚ୍ୟାଲେଞ୍ଜର ଉଦ୍ୟାନବନ୍ଧ ଓ ଭେଲା ଦଳ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ବାରିକ ଚ୍ୟାଲେଞ୍ଜର ଦଳ ଭେଲା ଦଳକୁ ୪ଟି ଗୋଲ ଦେଇଥିଲା। ଜବାବରେ ଭେଲା ଦଳ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା। ବାରିକ ଚ୍ୟାଲେଞ୍ଜର ୪-୨ ଗୋଲରେ ଭେଲାକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରାଜେନ୍ଦ୍ର ଡୋଲକିଆ, ସମ୍ମାନିତ ଅତିଥି କୋମନା ବ୍ଲକ ଚେୟାରମ୍ୟାନ ମନୋଜ କୁମାର ମିଶ୍ର, ଏମ୍‌ପି ପ୍ରତିନିଧି ଅଭିନନ୍ଦନ ପଣ୍ଡା, ବିଜେଡି ନେତା ଅବନୀ ରଞ୍ଜନ ଜୋଷୀ, ନନ୍ଦିଘୋଶ ଖମାରୀ, ରତନ କେତକି ପ୍ରମୁଖ ଯୋଗଦେଇ ବିଜେତା ଉଦ୍ୟାନବନ୍ଦ ଦଳକୁ ଚାମ୍ପିୟନ ଟ୍ରଫି ଓ ଭେଲା ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ପ୍ଲେୟର ଅଫ ଦି ଟୁର୍ଣ୍ଣାମେଣ୍ଟ ଉମେଶ ଭୋଇ ଏବଂ ମ୍ୟାନ ଅଫ ଦି ମ୍ୟାଚ ପିଙ୍କୁ ବିବେଚିତ ହୋଇଛନ୍ତି। ସେହିଭଳି ବେଷ୍ଟ ଗୋଲ କିପର ମଧୁ ନାୟକଙ୍କୁ ମିଳିଥିବା ବେଳେ ବେଷ୍ଟ ଡିଫେନସର ଭାବେ ଖର ଭାଇଙ୍କୁ ଦିଆଯାଇଛି। ବଳରାମ ସରାଫ, ଗୁଡୁ ମାଝି, ବନ ସାହୁ ଏବଂ ତ୍ରିନାଥ କୁମ୍ଭାର ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ମୁକେଶ ଦଣ୍ଡସେନା ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ପ୍ରାୟୋଜକ ବିମଳ ଯୋଷୀ, କମଳ ଯୋଷୀ, ଦେବାଶିଷ ଯୋଷୀ, ତାରାନନ୍ଦ ଶବର, ବିଷ୍ଣୁପ୍ରିୟା ମେଡିକାଲ ଓ ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସମାଜିକ କର୍ମୀ ଦୁଲୁ ସୁପକାର, ରତିକାନ୍ତ ମହାନ୍ତିଙ୍କ ସମେତ କମିଟି ସଦସ୍ୟ କ୍ଷୁଦ୍ରଦେବ ଶବର, ହେତୁରାମ ଶବର, ସାଗର ଶବର, ଲିଟୁ ସେଠୀ, ଆଶିଶ ଶବର, ପରେଶ ଶବରଳ ରାହୁଲ ଶବର ପ୍ରମୁଖ ସହଯୋଗ କରିଥିଲେ।



ବାରିକ ଚ୍ୟାଲେଞ୍ଜର୍ସ ଉଦ୍ୟାନ ବନ୍ଧ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

# ବଲାଙ୍ଗୀର ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୧୫।୯**

ବଲାଙ୍ଗୀର ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ଦଳୀୟ କର୍ମକର୍ତ୍ତା ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବୈଠକରେ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗ ଦେଇଥିଲେ । ଯୁବ ବିଜେଡି ଜିଲା ସଭାପତି ଲୋଟଷ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଭବାନୀ ପ୍ରସାଦ ହୋତା ସଭା ପରିଚାଳନା କରିଥିଲେ । ବୈଠକରେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ସରୋଜ ମେହେର, ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଆୟୁବ ଖାଁ, ପ୍ରକୃତି ସିଂଦେଓ, ଉପସଭାପତି ଉମାଶଙ୍କର ସିଂ, ମଧୁ ଦାସ, ବନମାଳୀ ଖମାରୀ, ପ୍ରଦୀପ ଗୁରୁ, ଗିରିଧାରୀ ପତି, ଜିଲା କୃଷକ ସଭାପତି ଅଜୟ ଦାସ, ପ୍ରଦୀପ ବେହେରା, ଲଳିତ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଗୁଞ୍ଜା ଖାନ୍ ମଞ୍ଚାସୀନ ହୋଇଥିଲେ। ବୈଠକ ଆରମ୍ଭରେ କ୍ୟାବିନେଟରେ ସ୍ଥାନ ପାଇଥିବା ମନ୍ତ୍ରୀ ସୁଶାନ୍ତ ସିଂ, ମନ୍ତ୍ରୀ ଟୁକୁନି ସାହୁ, ପ୍ରଥମ ଥର ବିଧାୟକ ହୋଇଥିବା ସରୋଜ ମେହେରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲା ସଭାପତି ସିଂଦେଓ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ନୂତନ ସଭ୍ୟ ସଂଗ୍ରହ କରି ରାଜ୍ୟରେ ବଲାଙ୍ଗୀର ଜିଲାକୁ ଏକ ନମ୍ବର ଜିଲା କରିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଜିଲାରେ ପଦଯାତ୍ରା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ଜଣାପଡିଛି । ବୈଠକରେ ଜିଲାର ସମସ୍ତ ବ୍ଲକ, ସବ୍‌ଡିଭିଜନ, ମ୍ୟୁନିସିପାଲଟି, ଏନ୍‌ଏସି ଓ ପଞ୍ଚାୟତରୁ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।




ବଲାଙ୍ଗୀର ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ।

## ସଂକ୍ଷେପରେ

### କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ

**ଲୋଇସିଂହା,୧୫।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା କୁଳିତା ସମାଜର ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ଜିଲା ଯୁବ ସଂଗଠକ ସନ୍ତୋଷ କୁମାର ସାହୁ, ପରମେଶ୍ୱର ପଧାନ ଅତିଥି ଭାବେ ଯୋଗଦେଇ ସମାଜର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଅନୁଷ୍ଠିତ ସଭାରେ ସମାରୁ ପଧାନ ଅଧ୍ୟକ୍ଷତା କରିଥିଲେ। ସଭାରେ ସାମାଜିକ ବିଧିବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏପରି କି କୁଳିତା ମହିଳା ମୋର୍ଚ୍ଚା ଗଠନ କରାଯାଇ ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରିବା ପାଇଁ ଆଲୋଚନା ହୋଇଥିଲା। ସମ୍ପାଦକ ସରୋଜ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୋମନାଥ ବିଶ୍ୱାଳ ସଭାକାର୍ଯ୍ୟ କରିଚାଳନା କରିଥିଲେ। ବେଣୁଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍‌ଡିଆର୍‌ଏଫ୍‌ର ଜୀବନ ରକ୍ଷା କୌଶଳ ପ୍ରଦର୍ଶନ

**ଟିଟିଲାଗଡ଼,୧୫।୯(ଡି.ଏନ.ଏ.)** ଡିଏଭି ସ୍ୱୟଂ ଶାସିତ କଲେଜରେ ଏନ୍‌ଡିଆରଏଫ ପକ୍ଷରୁ ଦିନିକିଆ ଜୀବନ ରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜରୁରିକାଳୀନ ସମୟରେ ଜୀବନ ରକ୍ଷା ଏବଂ ରୋଗୀଙ୍କୁ କିପରି ଡାକ୍ତରଖାନାରେ ପହଞ୍ଚାଯାଇ ପାରିବ ସେନେଇ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏନ୍‌ଡିଆର୍‌ଏଫ ତୃତୀୟ ବାଟାଲିୟନ କମାଣ୍ଡର ଡି.କେ. ପାଣ୍ଡେ, ଉପନିରୀକ୍ଷକ ସନ୍ତୋଷ କୁମାର କଲେଜର ଏନ୍‌ସିସି କ୍ୟାଡେଟ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୁଶିଲ ପାଢୀ, ମେଜର ଡ. ମଧୁସୂଦନ ମିଶ୍ର, ପ୍ରାଧାପକ ବିଧାନଚନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ଗ୍ୟାସ ଟାଙ୍କିରୁ ନିଆଁଲାଗି ଘର ଜଳିଗଲା

**ଲୋଇସିଂହା,୧୫।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ରବିବାର ରାତିରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଉର୍କୁଲୀ ସେଠଙ୍କ ଘର ପୋଡି ଯାଇଛି। ରୋଷେଇ କରୁଥିବା ବେଳ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ହେଲ ଉର୍କୁଲୀଙ୍କ ସହ ତାଙ୍କ ୩ ଛୁଆ ଅଳ୍ପକେ ବର୍ଚ୍ଚିଯାଇଛନ୍ତି। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ ଉର୍କୁଲୀଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ସ୍ୱାମୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ତୁରନ୍ତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିପଦ୍ ଅବସ୍ତାରେ ପଁଚେତ୍ କୁଠା

**ଲାଠୋର, ୧୫।୯ (ଡି.ଏନ.ଏ.)**


ବିପଦ ଅବସ୍ତାରେ ଥିବାର କରୁଆଁଝର ପଁଚେତ୍ କୁଠା।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଁଚେତ୍ ଅଫିସ କୁଠା ବିପଦ୍ ଅବସ୍ତାରେ ରହିଛେ। ହେଲେ ଇ କୁଠାର ମରାମତି କି ନୂତନ କୁଠା ତିଆର ଦିଗେ ପରଶାସନ ପଦକ୍ଷେପ ନାଇଁ ନେବାର।

ସୂଚନା ଅନ୍‌ସାରେ ଗଲା ୨୦୧୨ ସାଲେ ଥାପିତ ଇ ପଁଚେତ୍ ତରଫୁ ଅଂଲଚର କରୁଆଁଝର, ମସିଣା, ଝଲିଆଲିଟି, ସାନଗୁର୍ଜିଭଟା, ଚାଉଲଡିଆ ଗାଁବାସୀକୁ ସେବା ଯୁଗେଇ ଦିଆଯାଉଛେ। ସେ ସମିଆରେ ଲକ୍ଷାଧିକ ଟଁକା ଖରଚ୍‌ରେ ପଁଚେତ୍‌ର ଅଫିସର କୁଠା ତିଆର କରାଯାଇଥିଲା। ହେଲେ ଏହେଦେ କୁଠାଟା ବିପଦ୍ ଅବସ୍ତାରେ ରହିଛେ, ଅଲପ ବରଷା ପାଏନ୍‌ରେ ବି ଛାତ୍‌ରୁ ଦରୋ ଦରୋ ପାଏନ୍ ଗଲୁଛେ। ଏନ୍ତା କି କୁଠାର କାଁଥିଯାକ ଫାଟି ଆଁ କରି ରହିଛେ। କେତେବେଲେ କେନ୍ ଅଘଟନ ଘଟବା କିଛି କହି ନାଇଁ ହେବାର। ଯେନ୍‌ଥିରଲାଗି ଏହେଦେ ଭଏରେ ପଁଚେତ୍ କୁଠାରେ କେହେନ୍‌ସି ବଇଠକ୍ କି ଉନିଆ କାଯ୍‌କରମ କରାଯାଇ ନାଇଁ ପାରବାର। କୁଠାର ମରାମତି ଲାଗି ସରପଁଚ୍ ବିଜୟଲକ୍ଷ୍ମୀ ବାଗ ଏକ୍ସନପ୍ଲାନ ତିଆର କରି ଗ୍ରାମପଞ୍ଚାୟତ ଅଧିକାରୀକୁଁ ମଂଜୁରୀ ଲାଗି ପଠେଇଥିଲେ। ହେଲେ ଗ୍ରାମପଞ୍ଚାୟତ ଅଧିକାରୀ ମଂଜୁରୀ ଦେବାର ଜାଗାରେ ପଁଚେତ୍‌ର କାମ୍ ସବୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କରାଯାଉ ବୋଲି କହିଥିଲେ। ହେଲେ ଇଆଡ଼େ ପାଖାପାଖି ୧୦ ବଛର ହେଲା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ବି ପୂରା ହେଇ ନୁହେପାରେ। ଏନ୍ତାଥି କରୁଆଁଝର ପଁଚେତ୍ ଝୁଲି ରହିଛେ। ଖପ୍ରାଖୋଲ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସୁଶାନ୍ତ କୁମାର ପାଣିକୁଁ ପଚରାଲରୁ ଯଦି ପଁଚେତ୍ କୁଠା ବିପଦ୍ ଅବସ୍ତାରେ ଅଛେ, ଅଫିସକେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରକେ ଉଠେଇ ନିଅ ବଲି ସେ କହିଥିଲେ। ହେଲେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଯଦି ପଁଚେତ୍ କାମ୍ ଚାଲବା ତ ଭିନେ ଭିନେ ସରକାରୀ, ବେସରକାରୀ କାଯ୍‌କରମ କେନ୍ଠାନେ ହେବା ବଲି ସରପଁଚ୍ ଉଲଟିଆ ତାହାକୁ ପ୍ରଶ୍ନ କରିଥିବାର କହିଛନ୍। ଇ ଦିଗେ ବ୍ଲକ ଆର ଜିଲା ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ପଁଚେତ୍‌ବାସୀ ଦାବି କରିଛନ୍।

# ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

**ମୁରିବାହାଲ, ୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳି, ଓ ଝାଡୁଦାରମାନଙ୍କର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଘ ସଭାପତି ଲୋଚନ ମାଝୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଦୀର୍ଘବର୍ଷ ଧରି ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ କମ୍ ପାରିଶ୍ରମିକରେ ଏହି କର୍ମଚାରୀମାନେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ହେଲେ ଏମାନଙ୍କୁଁ ମାସିକ ଏକ ହଜାରରୁ ପନ୍ଦର ଶହ ଟଙ୍କା ଯାଏ ପାରିଶ୍ରମିକ ମିଳୁଛି। ଏଥିରେ ଆଜିର ମହରଗ ଦୁନିଆରେ ଜୀବନ ଧାରଣ ଅସମ୍ଭବ ହୋଇ ଯାଉଛି। ପାରିଶ୍ରମିକ ବୃଦ୍ଧି ପାଇଁ ସେମାନେ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ହେଁ ରାଜ୍ୟ ସରକାର ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି। ରାଜ୍ୟ ସରକାର ବିଭିନ୍ନ ବିଭାଗର ସମସ୍ତ ବର୍ଗର କର୍ମଚାରୀଙ୍କ ଅନୁଦାନ ବୃଦ୍ଧି କରୁଛନ୍ତି। କିନ୍ତୁ ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି। ଏଣୁ ନିୟମିତ ଦରମା ସାଙ୍ଗକୁ ଚାକିରି ସରକାରୀ ପରିସରଭୁକ୍ତ କରିବାକୁ ବୈଠକରେ ଦାବି କରାଯାଇଛି। ଏହି ଦାବିକୁ ଯଥାଶୀଘ୍ର ସରକାର ଗ୍ରହଣ ନ କଲେ ଅକ୍ଟୋବର ମାସରୁ ରାଜ୍ୟର ସମସ୍ତ ୬୭୯୮ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ବ୍ଲକ ସଂଘ ସମ୍ପାଦକ ସୁରେଶ ପୋଢ, ଉପସଭାପତି ହେମନ୍ତ ନାଗ,କୋଷାଧ୍ୟକ୍ଷ ସତ୍ୟାନନ୍ଦ ବାଗ, ପୃଥ୍ୱୀରାଜ ଦୀପ, ଧରଣୀଧର ତାଣ୍ଡି, ବନମାଳୀ ମହାକୁର, ସୁକନାଥ ବାଗ ଓ ବନମାଳୀ ବେହେରା ପ୍ରମୁଖଙ୍କ ସହ ସମସ୍ତ ୪ର୍ଥଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ।

## ପୋଲିସ ସମିତି ପକ୍ଷରୁ ଟ୍ରାଫିକ ସଚେତନତା ରାଲି



ପୋଲିସ ସମିତି ପକ୍ଷରୁ ବାହାରିଥିବା ଟ୍ରାଫିକ ସଚେତନତା ଶୋଭାଯାତ୍ରା।

**ଲୋଇସିଂହା,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଭ୍ୟର୍ଥନା ଗୃହରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇଆଇସି ଲଳିତା ଲାକ୍ରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବାଦିବାହାଲ ପଞ୍ଚାୟତର ୧୯ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପରେ ବୈଠକରେ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା । ବିଶେଷ କରି ଗ୍ରାମାଞ୍ଚଳରେ କୁଚିଆ ମଦ ଦୋକାନ ବୃଦ୍ଧି ଯୋଗୁ ଅସାମାଜିକ କାର୍ଯ୍ୟକଳାପ ହେଉଥିବା ନେଇ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ କିପରି ମଦ ବିକ୍ରି ବନ୍ଦ ହୋଇପାରିବ ସେନେଇ ଆଇନଜୀବୀ ଅଶୋକ କୁମାର ସାହୁ, ଭୂତନାଥ ନାଏକ, ବ୍ରଜମୋହନ ମିଶ୍ର, ବିଭୂତିଭୂଷଣ ସାହଣୀ, ପ୍ରବୀର ଭୋଇ ପ୍ରମୁଖ ମତବ୍ୟକ୍ତ କରିଥିଲେ। ବୈଠକରେ ଅବକାରୀ ଅଧିକାରୀ ଏବଂ ମଦ ଭାଟି କର୍ମଚାରୀଙ୍କୁ ଡାକି ସମସ୍ୟାର ସମାଧାନ କରିବାକୁ ଏକ ପ୍ରସ୍ତାବ ଆଗତ ହୋଇଥିଲା। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାତିରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବୃଦ୍ଧି ହେଉଥିବାରୁ ପୋଲିସ ସୁରକ୍ଷା ଯୋଗଇ ଦେବାକୁ ବରିଷ୍ଠ ନାଗରିକ ବିଭୂତିଭୂଷଣ ସାହାଣୀ ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇଆଇସି ଲେକ୍ରାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଏବଂ ପୋଲିସ ସମିତି ସଦସ୍ୟମାନେ ଥାନାରୁ ବ୍ଲକ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରି ଟ୍ରାଫିକ ସଚେତନତା ସୃଷ୍ଟି କରିଥିଲେ।

## ଦେଓଗାଁ ମେନ୍‌ରୋଡ ଦୂର୍ଗାପୂଜା କମିଟି ଗଠିତ

**ଦେଓଗାଁ,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ମେନ୍‌ରୋଡ ସାର୍ବଜନୀନ ଦୂର୍ଗାପୂଜା ପରିଚାଳନା ପାଇଁ ରବିବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ଜ୍ୟୋତି ବିକାଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟ ପାଠ କରାଯାଇଥିଲା। ପରେ ସର୍ବସମ୍ମତି କ୍ରମେ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ବିଶ୍ୱଜିତ ପାତ୍ର, ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଉପ ସଭାପତି ଜ୍ୟୋଲା ପୋଢ଼, ଯୁଗ୍ମ ସମ୍ପାଦକ ସମୀର କୁମାର ସାହୁ, କୋଷାଧ୍ୟକ୍ଷ ମୋହନଲାଲ ଅଗ୍ରୱାଲ ଙ୍କୁ ମନୋନିତ କରାଯାଇଥିବା ବେଳେ ୧୫ ଜଣିଆ ଉପଦେଷ୍ଟା କମିଟିରେ ବେଣୁଧର ଦଲାଇ, ବାବୁଲାଲ ଅଗ୍ରୱାଲ, ଅର୍ଜ୍ଜୁ କର୍ତ୍ତି, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ନାରାୟଣ ସାହୁ, ବେଲାର ସା, ଜ୍ୟୋତି ବିକାଶ ବାରିକ, ଯୁଗେଶ୍ୱର ସାହୁ, କାର୍ତ୍ତିକ ମଲ୍ଲିକ, କରୁଣାକର ବେହେରା, ଘୁଣ୍ଟୁ ସାହୁ, ରଜନୀକାନ୍ତ ଦାସ, ଆଶିଷ ସାହୁ, ଜଗୁ ସାହୁ ପ୍ରମୁଖ ରହିଛନ୍ତି। ଚଳିତ ବର୍ଷ କର୍ତ୍ତା ଭାବେ ସୌମ୍ୟରଞ୍ଜନ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ପୂଜକ ଭାବେ ବାଳକୃଷ୍ଣ କର ରହିଛନ୍ତି । ବୈଠକରେ ଦେଓଗାଁର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ଟିଟିଲାଗଡ଼ ସରକାରୀ ବାଳକ ହାଇସ୍କୁଲ ପରିସରରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

■ ପରଡ଼ା ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

# ନୂଆଁଖାଇ ସ୍ନେହଶ୍ରଦ୍ଧାର ନିଦର୍ଶନ

**ଟିଟିଲାଗଡ଼,୧୫।୯(ଡି.ଏନ୍.ଏ.)**

ଟିଟିଲାଗଡ଼ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପରିଡା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପରିସରରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିଟିଲାଗଡ଼ ନାଗରିକ କମିଟି ସଭାପତି ରାଧାକାନ୍ତ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଭ୍ରାତୃଭାବ, ସ୍ନେହଶ୍ରଦ୍ଧାର ଏକ ନିଆରା ନିଦର୍ଶନ ବୋଲି କହିଛନ୍ତି। ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା, ରବିକିରଣ ସ୍ୱାଇଁ, ମୁଖ୍ୟବକ୍ତା କବି ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ନୂଆଁଖାଇ ପର୍ବର ସହତ୍ୱ ଉପରେ ଆଲୋକପାତ କରିଥିଲେ। ଏପରି କି ଅଞ୍ଚଳରେ ରକ୍ତଦାନ, ଚାରା ରୋପଣ, କୃତୀ ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସହାୟତା, ଦିବ୍ୟାଙ୍ଗ ଶିଶୁଙ୍କୁ ସହାୟତା, ଅସହାୟଙ୍କୁ ଚିକିତ୍ସା ଯୋଗାଇ ଦେବା କ୍ଷେତ୍ରରେ ସମାଜ ପାଇଁ ଏକ ସାହାରା ପାଲଟିଥିବା ପରିଡା ମେମୋରିଆଲ ଟ୍ରଷ୍ଟକୁ ଅତିଥିବୃନ୍ଦ ପ୍ରଶଂସା କରିଥିଲେ। ବ୍ୟଙ୍ଗ କବି ଟିକେଲାଲ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଶ୍ରୀକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଶିବପ୍ରସାଦ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ବଦ୍ରିନାଥ ମିଶ୍ର, ଅମରେନ୍ଦ୍ର ହୋତା, ଜ୍ୟୋତି ପ୍ରକାଶ ଗଡତିଆ, ପ୍ରମୋଦ ପାଲ, କବି ସଞ୍ଜୟ ଅଗସ୍ତି, ନାଗରିକ କମିଟି ସମ୍ପାଦକ ପଦ୍ମନାଭ ବେହେରା, ନାଟ୍ୟକାର ନୀଳମଣି ସାହୁ, ଦେବ ଷଡଙ୍ଗୀ, ପ୍ରଦୀପ୍ତ ମିଶ୍ର, ଶିଶିର କାନ୍ତ ପରିଡା, ମୁକେଶ ସାହୁ, ସୁଶାନ୍ତ ସ୍ୱାଇଁ, ଟୁଲୁ ପରିଡା, ବିଦ୍ୟାଧର ସ୍ୱାଇଁଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଦେଓଗାଁ ଡିଗ୍ରୀ କଲେଜ: ବାଣିଜ୍ୟ ବିଭାଗର ସ୍ୱାଗତ ସମାରୋହ

**ଦେଓଗାଁ,୧୫।୯(ଡି.ଏନ.ଏ.)**



ଦେଓଗାଁ ଡିଗ୍ରୀକଲେଜରେ ବାଣିଜ୍ୟ ବିଭାଗର ସ୍ୱାଗତ ସମାରୋହ ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଶନିବାର ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ମଣ୍ଟୁ ରଞ୍ଜନ ସାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତିଙ୍କ ପ୍ରତିନିଧି ଶୈଳେନ୍ଦ୍ର କୁମାର ସାହୁ, ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟନିଷ୍ଠ ଓ ସମୟାନୁବର୍ତ୍ତିତା ହୋଇ ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଅଧକ୍ଷ ପ୍ରଧାନୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସିନିୟର ଛାତ୍ରୀଛାତ୍ରମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମଳୟ ରଞ୍ଜନ ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗି, ମେହଶ କୁମାର ମେହେରଙ୍କ ସହ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଲୋଇସିଂହା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି।

# ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ୍

**ବଲାଙ୍ଗୀର ଅଫିସ, ୧୫।୯:** ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସ୍ଥାନୀୟ ଲାଲଟିକ୍ରାସ୍ଥିତ ସୈନିକ ଭବନଠାରେ ରବିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଅତିଥି ଭାବେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରିଚ୍‌ପାଲ ସାଗର, ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ପାଟଣାଗଡ଼ ଅବସରପ୍ରାପ୍ତ ସୈନିକ ସଂଘ ଶାଖା ସଂଯୋଜକ ସହଦେବ ପୁରୋହିତ, ପ୍ରଫୁଲ୍ଲ କୁମାର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ କବି ଆନନ୍ଦ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଏମ୍‌ପି ସିଂଦେଓ ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ । ଜିଲାର ଦ୍ରୁତ୍ ବିକାଶ ପାଇଁ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ବଲାଙ୍ଗୀରକୁ ଏକ ବିକଶିତ ଜିଲା ଭାବେ ପରିଣତ କରିବା ସମସ୍ତଙ୍କ ଲକ୍ଷ୍ୟ, ଏହାକୁ ହାସଲ କରିବାକୁ ହେବ ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୈନିକ ସଂଘ କାର୍ଯ୍ୟାଳୟର ଆବଶ୍ୟକ ନିର୍ମାଣ ପାଇଁ ସେ ପାଣ୍ଠି ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ସୈନିକମାନଙ୍କ ସେବା ଓ ଦେଶ ପାଇଁ ବଳିଦାନ ଉପରେ କହିଥିଲେ। ସମ୍ପାଦକ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଖିକଁର ପିଛା ନାଇଁ ଛାଡ଼ବାର ଦୁଖ୍

**ଲୋଇସିଂହା,୧୫।୯(ଡି.ଏନ୍.ଏ.)**


ବରଷାରେ ଦୁଖିକଁର ଭାଂଗି ଯାଇଥିବାର ଘର।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗାଁର ଦୁଖି ପଧାନ(୪୫)। ଟଁକା ପଏସା ଅଭାବୁ ମାଏକିନାର ପଥରୀ ରୋଗ୍‌ର ଚିକିଛା କରେଇ ନାଇଁପାରବାର। ଏନ୍‌ତାଥି ଫେର ଲଗେତ୍ ବରଷା ତାକର ପାରିବାରିକ୍ ଜୀବନକେ ଦୁହୁଲେଇ ଦେଇଛେ। ବରଷାରେ ତାକର ଘରଟା ଭାଂଗି ଯାଇଛେ। ଇଥିରେ ତାକର ୫ ବଛର୍‌ର ପୁଓର ଗୋଡ଼ ଭାଂଗି ଯାଇଛେ। ଗୁଟେ ପରେ ଗୁଟେ ବିପଦ୍ ପରିବାରର ପିଛା ନାଇଁଛାଡ଼ବାର। ହେଲେ ଦୁଖର କଥା ଏବ୍‌ତକ ଇ ପରିବାରଟା ସରକାରୀ ସାହାଯ୍‌ରୁ ବଁଚିତ୍ ହେଇ ରହିଛନ୍।

ସୂଚନା ଅନ୍‌ସାରେ ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ପଁଚେତ୍ ସଦର ଗାଁର ସ୍ୱର୍ଗତ ବିରଞ୍ଚି ପଧାନ, ମା' ବେଦ ପଧାନକଁର ୫ ପୁଓ ଭିତରୁ ଦୁଖି ସମକିରନୁ ସାନ। ଏହେଦେ ଦୁଖିକଁର ପରିବାର କହେଲେ ମାଏକିନା ଭାରତୀ, ଝିଁ ଶ୍ରାବଣୀ(୮), ପୁଓ ସାହିଲ(୫)କେ ନେଇ ତାକର ସଁସାର। ଗାଁର ଜଗନ୍ନାଥ ଗୁଡ଼ି ପାସେ ତାକର ଘର ରହିଛେ। କୁଲିମଜୁରି କରି ଦୁଖି ୪ ପରାନୀ କୁଟୁମ ପୁଷୁଛନ୍। ହେଲେ ବଛରେ ତଲେ ମାଏକିନା ଭାରତୀର ପେଟ ବଥେଇଥିଲା। ଡାକ୍‌ତରୀ ଚିକିଛା ଉତାରୁ ସେ ପଥରୀ ରୋଗ୍‌ରେ ପୀଡ଼ିତ ଥିବାର ଜନାପଡ଼ିଥିଲା। ଲାଗ୍‌ବରମସ୍ କରି ଭାରତୀକଁର ଅପରେଶନ କରବାର ଯୋଜନା କରିଥିଲେ। ହେଲେ ଗଲା ଅଗଷ୍ଟ ୧୨, ୧୩ ତାରିଖରେ ହେଇଥିବାର ବରଷା ତାକର ସବୁ ଭାବନାକେ ଉଲଟପାଲଟ କରିଦେଲା। ୧୩ ତାରିଖ ସଖାଲେ ପୁଓ ବାରନ୍‌ଡାରେ ଶୌଚ ହେଲାବେଲେ ହଠାତ୍ ଘରଟା ଭୁଷ୍‌ଲି ଯାଇଥିଲା। ଘରର ଗୁଟେ ଉରା ଛିଟ୍‌କି ସାହିଲର ଡେବ୍‌ରି ଗୁଡ଼େ ବାଜିଥିଲା। ଇଥିରେ ସାହିଲକଁର ଡେବ୍‌ରି ଗୋଡ଼ ଭାଂଗି ଯାଇଛେ। ବଲାଙ୍ଗୀର ଭୀମଭୋଇ ମେଡିକାଲରେ ତାହାକୁ ଚିକିଛା କରି ଏଭେ ଘରକେ ଆନିଛନ୍। ଇଆଡ଼େ ବରଷାରେ ଘରଟା ଭାଂଗି ଯିବାର ଲାଗି ପରିବାରଟା ବାସହରା ହେଇଯାଇଛନ୍। ଏନ୍‌ତାଥି କୁଟୁମବସିଆ ଗାଁରେ ଝନ୍‌କର ଘରେ ଭଡ଼ାରେ ରହୁଛନ୍। ଅଲପ୍ ରୁଜଗାରରେ ମାଏକିନା ଆର ପୁଓର ଚିକିଛା ଖରଚ୍ ତୁଲାବାର ଦୁଖିର ପକ୍ଷେ ସମ୍‌ଭବ ନୁହେ। ଇଆଡ଼େ ମାସ୍ ପୂରଲେ ଘରଭଡ଼ା ଦେବାକେ ପଡୁଛେ, ଯେନ୍‌ଟା ବୋଝ୍ ଉପରେ ଲଳିତା ବିଡା ସାଜୋ ହେଇଛେ। ଘର ଭାଂଗ୍‌ଲା ଉତାରୁ ତହସିଲ ତରଫୁ ସରକାରୀ ସାହାଯ୍ ହିସାବେ ପଲିଥିନ୍ ଖଁଡ଼େ ପାଇଥିବାର ଦୁଖି କହିଛନ୍। ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍‌ଟି ଦେଇ ଚିକିଛା ସାହାଯ୍ ସଂଗେ ଆବାସ ଯୋଜନାରେ ଘର ଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

## ସଂକ୍ଷେପରେ



### ଚାଷ ଜମିରୁ ୮ ଫୁଟର ଅଜଗର ଉଦ୍ଧାର

**କୋମନା,୧୫।୯ (ଡି.ଏନ.ଏ.)-** ନୂଆପଡ଼ା ଜିଲା କୋମନା ବ୍ଲକ ପଏଁର ଗାଁର ଚାଷ ଜମିରୁ ଏକ ୮ ଫୁଟର ଅଜଗର ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ପଏଁର ଗାଁର ଚାଷୀ ଗୋପାଲ ତିବାରୀଙ୍କ ଜମିରେ କେତେକ ଲୋକ କାମ କରୁଥିବା ବେଳେ ଅଜଗରକୁ ଦେଖିବାକୁ ପାଇଥିଲେ। କୋମନା ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗ ୨ ଜଣ ସାପ ଧାରଆଳି ହରେରାମ କଣ୍ଟା ଓ ତେଜ ନାଗ ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ କୋମନା ବନ ବିଭାଗକୁ ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥାନୀୟ ଜଙ୍ଗଲରେ ଛାଡ଼ି ଦେଇଥିବା ରେଞ୍ଜର ଜଗଦିଶ ଦୁରିଆ ସୂଚନା ଦେଇଛନ୍ତି ।

### ୮ ଶ୍ରେଣୀକୁ ୨ ଶିକ୍ଷକ, ପାଠପଢ଼ା ଠପ୍

**ବୋଡେନ,୧୫।୯ (ଡି.ଏନ.ଏ.)-** ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କରଙ୍ଗାମାଳ ପଞ୍ଚାୟତସ୍ଥିତ କୁଲେକେଲା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏ ନେଇ ବିଦ୍ୟାଳୟ କମିଟି ଓ ଅଭିଭାବକ ପକ୍ଷରୁ ଗତ ଅଗଷ୍ଟ ୨୬ ତାରିଖରେ ବୋଡେନ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଅଭିଯୋଗ କରାଯାଇଥିଲା। ଜିଲାପାଳ ଡିଇଓ ଲକ୍ଷ୍ମଣ ଭୋଇଙ୍କୁ ସମସ୍ୟ ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ପର୍ଯ୍ୟନ୍ତ ଶିକ୍ଷା ବିଭାଗ ଅଧିକାରୀଙ୍କ ଦେଖାଦର୍ଶନ ନାହିଁ । ଏଠାରେ ୮ଟି ଶ୍ରେଣୀ ପାଇଁ ୨ ଜଣ ଶିକ୍ଷକ ଥିବାରୁ ପାଠପଡାରେ ବାଧାପ୍ରାପ୍ତ ହେଉଛି। ଶିକ୍ଷକ କେବଳ ପିଲାମାନଙ୍କୁ ଜଗିବା ସାର ହେଉଛି । ଏ ନେଇ ଡିଇଓ ଭୋଇଙ୍କୁ ପଚାରିବାରୁ ବୋଡେନ ଗୋଷ୍ଠି ଶିକ୍ଷା ଅଧୀକାରୀଙ୍କୁ ଶିକ୍ଷକ ସମସ୍ୟ ବୁଝିବାକୁ ନିର୍ଦ୍ଦେଶ କରାଯାଇଛି, ଓ ଖୁବ କମ ଦିନ ଭିତରେ ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଥିଲେ । ଏ ସମ୍ପର୍କରେ ବୋଡେନ ଗୋଷ୍ଠି ଶିକ୍ଷା ଅଧୀକାରୀ ଇନ୍ଦ୍ରମଣି ପାଣିଗ୍ରାହିଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ତର୍ଜମା କରି କିଛି ଦିନ ଭିତରେ ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଥିଲେ। ତୁରନ୍ତ ଶିକ୍ଷକ ଯୋଗାଇଦିଆ ନ ଗଲେ ଆଗାମୀ ଦିନରେ ଅନ୍ଦୋଳନ କରାଯିବ ବୋଲି ଗାଁର ପଦ୍ମନାଭ ଯୋଷୀ, ସୁର୍ଯ୍ୟକାନ୍ତି ଚିନ୍ଦା, ବାସନ୍ତି ଚିନ୍ଦା, ରମେଶ ଚିନ୍ଦା, ସଦାନନ୍ଦ ଚିନ୍ଦା, ଘାସିରାମ ଚିନ୍ଦା, ହୃଦାନନ୍ଦ ସଲମା, ବିରେନ୍ଦ୍ର ସଲମା, ଲିଙ୍ଗରାଜ ସଲମା, ନିଳମାଧବ ଚିନ୍ଦା ପ୍ରମୁଖ ଚେତାବନୀ ଦେଇଛନ୍ତି ।

### ମାଓବାଦୀ ଗଡ଼ରେ ମହିଳା ଜିଲାପାଳ

# ସୁନାବେଡ଼ାବାସୀଙ୍କ ସମସ୍ୟା ବୁଝିଲେ

■ ଲୋକଙ୍କ ସହ ଜଡ଼ିତ ରହିବାକୁ ପରାମର୍ଶ

**ନୂଆପଡ଼ା ଅଫିସ,୧୫।୯**

ନୂଅପଡା ଜିଲାର ମାଓବାଦୀଙ୍କ ଗଡ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟରେ ଖୁବ କମ୍ ଅଧିକାରୀ ପାଦ ମାଡିଛନ୍ତି । ସେମାନେ ବି କଡା ସୁରକ୍ଷା ବ୍ୟବସ୍ଥା ଭିତରେ ଯାଇଥିବାବେଳେ ବର୍ତ୍ତମାନ ଜିଲାପାଳ ମଧୁସ୍ମିତା ସାହୁ ବିନା ପୋଲିସ କର୍ଡନରେ ଦିନସାରା ସୁନାବେଡା ଅଭୟାରଣ୍ୟ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟା କଥା ବୁଝି ନିର୍ଭିକତାର ପରିଚୟ ଦେଇଛନ୍ତି । ବନବାସୀ ଆଦିବାସୀଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବା ସହ ଅଧିକାରୀମାନଙ୍କୁ ମଧ୍ୟ ଲୋକଙ୍କ ନିକଟତର ହେବାକୁ ପରାମର୍ଶ ଦେଇଆସିଛନ୍ତି । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ସମୁଦ୍ର ପତନରୁ ୩ ହଜାର ଫୁଟ ଉଚ୍ଚରେ ଥିବା ସୁନାବେଡା ଅଣୟାରଣ୍ୟ ଭିତରେ ୫୫ଟି ଜନବସତି ରହିଛି। ସେମାନେ ସାଧାରଣ ମୌଳିକ ସୁବିଧା ବିଜୁଳି, ପାନୀୟ ଜଳ, ଗମନାଗମନ ସୁବିଧାରୁ ଅପହଞ୍ଚ। ଏସବୁ ଦେଖିବାକୁ ସରକାରୀ ଅଧିକାରୀମାନଙ୍କ ବର୍ଷାଧିକକାଳ ଦେଖାସାକ୍ଷାତ ମିଳି ନ ଥାଏ। ବ୍ଲକ ପ୍ରଶାସନ ଲୋକଙ୍କଠାରୁ ବିଭିନ୍ନ ବାହାନା କରି ଦୂରେଇ ରହୁଥିବା ଅଭିଯୋଗ ହେଉଛି। ଜିଲାପାଳ ନୂତନ ଭାବେ ଜିଲାକୁ ଆସି ଏସବୁ ଗୁରୁତ୍ୱ ଦେଇ ହଠାତ ରବିବାର ଗସ୍ତ କରିଥିଲେ। ତାଙ୍କ ସହ କୌଣସି ପୋଲିସ ବ୍ୟବସ୍ଥା ମଧ୍ୟ ନ ଥିଲା। ଗାଡିର ଲାଲ ବତୀ କେବଳ ଓହ୍ଲାଇ ରଖାଯାଇଥିଲା। ଅଗନାଅଗନି ବନସ୍ତ ମଧ୍ୟରେ ଜଙ୍ଗଲ ତଳି ମିଛାପାଲି ଗାଁଠାରୁ ଦୀର୍ଘ ୩୦ କି.ମି. ଦୂର ଘଞ୍ଚ ଜଙ୍ଗଲ ମଧ୍ୟରେ ଯାଇଥିଲେ। ସୁନାବେଡା ବସ୍ତିରେ ପହଞ୍ଚି ସେଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଚାଲିଥିବା ସେବାଶ୍ରମ ବିଦ୍ୟାଳୟ ବୁଲି ଦେଖିଥିଲେ। ସେଠାରେ ବହୁ ଦିନ ଧରି ଅଧାପନ୍ତରିଆ ହୋଇ ପଡିରହିଥିବା ସ୍କୁଲ ଗୃହଗୁଡିକର ସ୍ଥିତି ଦେଖିଥିଲେ। ପିଲାଙ୍କ ଉପସ୍ଥାନ ସହ ଖାଇବା ପିଇବା କଥା ପଚାରି ବୁଝିଥିଲେ। ଏହା ପରେ ସିବିଡିଏ (ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା) ତରଫରୁ କରାଯାଇଥିବା କେତୋଟି ରାସ୍ତା କାମ ଦେଖିଥିଲେ। ବସ୍ତିରେ ଭୁଞ୍ଜିଆ ସମ୍ପ୍ରଦାୟର କେତେକ ଲୋକଙ୍କୁ ଭେଟି ବିଭିନ୍ନ ସମସ୍ୟା କଥା ବୁଝିଥିଲେ। ସୁନାବେଡାରେ ଆଦିବାସୀଙ୍କ ଜୀବନ ଜିବିକା ସକାଶେ ସେଭଳି କୌଣସି କାମ ହେଉ ନ ଥିବାରୁ ତୁରନ୍ତ ରୋଜଗାର ବ୍ୟବସ୍ଥା କରିବାକୁ କହିଥିଲେ। ଜିଲାପାଳ ଏହା ଉପରେ ବିଶେଷ ଧ୍ୟାନ ଦେବେ ବୋଲି କହିଥିଲେ। ଅଙ୍ଗନୱାଡି କେନ୍ଦ୍ର ବୁଲି ସମନ୍ୱିତ ଶିଶୁ ବିକାଶ ଯୋଜନା ଉପରେ ଦୃଷ୍ଟି ଦେଇଥିଲେ। ପରେ ମିଛାପାଲି ନିକଟରେ ଥିବା ସିବିଡିଏର ସ୍ୱତନ୍ତ୍ର କମ୍ପ୍ଲେକ୍ସ ଦେଖିଥିଲେ। ସେଠାରେ କର୍ମଚାରୀମାନଙ୍କୁ ରହି କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ପରିଦର୍ଶନ ବେଳେ ସିବିଡିଏ ସ୍ୱତନ୍ତ୍ର ଅଧିକାରୀ ଭକ୍ତବନ୍ଧୁ ଅଗସ୍ତୀ, ସହକାରୀ ଯନ୍ତ୍ରୀ ସୀତାକାନ୍ତ ସାହୁ, ଯନ୍ତ୍ରୀ ସୁନୀଲ କୁମାର ଅର୍ଗାର, ଓପିଲିପି ପ୍ରୋଜେକ୍ଟ ମ୍ୟାନେଜର ସୁରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳ ସୁନାବେଡ଼ାରେ ଲୋକଙ୍କ ବିଭିନ୍ନ ସମସ୍ୟା କଥା ପଚାରି ବୁଝୁଛନ୍ତି ।



କାଠ ବୋଝେଇ ଗାଡ଼ି ସହ ଗିରଫ ଅଭିଯୁକ୍ତ।

## ଟାଟା ମ୍ୟାଜିକ୍ ଗାଡ଼ିରୁ ୪୦ ଖଣ୍ଡ ଶାଳକାଠ ଜବତ

**ଭବାନୀପାଟଣା,୧୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ମୂଷାନାଳ ସେକ୍ସନ ପକ୍ଷରୁ ଲାଞ୍ଜି ପଞ୍ଚାୟତ ଜାମଚୁଆଠାରେ ଚଢାଉ କରାଯାଇ ଏକ ଟାଟା ମ୍ୟାଜିକ ଗାଡିରୁ ୪୦ ଖଣ୍ଡ ସାଇଜ ଶାଳକାଠ ଜବତ କରାଯାଇଛି। ଗାଡିକୁ ବନ ବିଭାଗ ଅଟକ ରଖିଛି ଏବଂ ଗାଡି ମାଲିକ ବିଭୀଷଣ ନାଗଙ୍କୁ ଜେଲ ପଠାଇ ଦେଇଛି। ବନବିଭାଗ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ଭୋରରୁ ଜାମଚୁଆ ଗାଁର ବିଭୀଷଣ ନାଗ ତାଙ୍କ ଟାଟା ମ୍ୟାଜିକ (ନଂ. ଓଆର୧୭ଜି ୪୫୯୧)ରେ ୪୦ ଖଣ୍ଡ ସାଇଜ ଶାଳକାଠ ନେଇ ଭଟାଙ୍ଗପଦର ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମୂଷାନାଳ ସେକ୍ସନ ଫରେଷ୍ଟର ଚିନ୍ତାମଣି ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ରାସ୍ତାରେ ଗାଡିକୁ ଅଟକାଇ ଚଢଉ କରିଥିଲେ। ଗାଡି ଭିତରୁ ୪୦ ଖଣ୍ଡ ଚଉଖଟ କାଠ ଜବତ କରିଥିଲେ। ଏହି ଚଢାଉରେ ମାଝିଙ୍କ ସମେତ ଫରେଷ୍ଟଗାର୍ଡ ଦେବରାଜ ବରଡେ ଓ ଲୋଚନ ମାଝି ସାମିଲ ଥିଲେ। ଗାଡି ସହ ଜବତ କାଠକୁ ବିଶ୍ୱନାଥପୁର ରେଞ୍ଜ ଅଫିସକୁ ଆଣିଥିଲେ। ଶନିବାର ବିଭୀଷଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦ ପ୍ରକାଶ କରିଛନ୍ତି।

## ଶିଶୁ ରୋଗ ବିଶେଷଜ୍ଞ ଡା. ପି.ସି. ଆଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖଡିଆଳ,୧୫।୯ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଗୋଷ୍ଠୀ ଉନ୍ନୟନ ଚିକିତ୍ସାଳୟ ଶିଶୁ ରୋଗ ବିଶେଷଜ୍ଞ ଡା. ପି.ସି. ଆଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଦୀନବନ୍ଧୁ ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଭାରପ୍ରାପ୍ତ ଚିକିତ୍ସାଧକାରୀ ଡା. ପିସି ଆଚାରୀଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ବଦଳି ହୋଇଥିବାରୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଖଡିଆଳ ଚିକିତ୍ସାଳୟ ଡା. ରଞ୍ଜିତ ରାଉତ, ଡା. ଆଦିତ୍ୟ ଯୋଶୀ, ଡା. ସଂଘମିତ୍ରା ବାବୁ, ଡା. ରିତେଶ ପଣ୍ଡା, ଡା. ଉତ୍ତମ ଜେନା, ଡା. ନିଶିଗନ୍ଧା ହୋତା, ଡା. ସଂଗିତା ବିଶି, ଡା. ଉନିଷ ଠାକୁର, ଡା. ଧର୍ମେନ୍ଦ୍ର ତାଣ୍ଡି, ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ରଥ, ଏଲଏସଭି ଜ୍ୟୋତିର୍ମୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।



ଡା. ପି.ସି. ଆଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## କନ୍ଧ ବାନ୍ଦୋପଲାରେ ଭାଗବତ ପୂଜନୋତ୍ସବ



**ଭବାନୀପାଟଣା,୧୫।୯ (ଡି.ଏନ.ଏ.)**

ଭାଦ୍ରବ ପୂର୍ଣ୍ଣିମା ଦିନ ଶ୍ରୀମଦ୍ ଭାଗବତ ପୂଜା କମିଟି କନ୍ଧ ବାନ୍ଦୋପଲା ଆୟୋଜନରେ ଶ୍ରୀମଦ୍ ବାଗବତ ଜନ୍ମ ପାଳିତ ହୋଇଛି । ଏହି ଅବସରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ସଭାପତି ଧର୍ମଦେବ ସାହୁ, ସମ୍ପାଦକ କଲ୍ୟାଣ କୁମାର ବେହେରାଙ୍କ ନେତୃତ୍ୱରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦସ୍ୟ ଧନଶ୍ୱେର ସାହୁ, ଦୁଲ ପଟେଲ, ବିଦ୍ୟା ରଣା, ଜସକେତନ ରଣା, ଉଜ୍ୱଳ ରଣା, ସରସ୍ୱତୀ ରଣା, ତପସ୍ୱିନୀ ସାହୁ ପ୍ରମୁଖ କଳସଯାତ୍ରାରେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଲକ୍ଷ୍ମୀଧର ବେହେରା, ପଦ୍ମଲୋଚନ ସାହୁ ଓ ପଦ୍ମଲୋଚନ ରଣା ଭାଗବତ ପାଠ କରିଥିଲେ। ଜିଲା କଳା ସଂସ୍କୃତି ସଂଘ ପକ୍ଷରୁ ଗୁରୁ ଭିମସେନ ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କେଫ୍ୟୁ ସଙ୍ଗଠନ ପ୍ରତିଷ୍ଠାତା ସଦସ୍ୟ ଢୋଲାମଣି ସାହୁ ଓ କେଫ୍ୟୁ ସଭାପତି ନାଦରାଜ ନାଏକ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦସ୍ୟ ଲମ୍ବୋଦର ସାହୁଙ୍କ ଦ୍ୱାରା ପ୍ରସାଦ ସେବନ ହୋଇଥିଲା।

## ନୂଆପଡ଼ାର ଉଦ୍ୟମୀ ଚାଷୀ ସମ୍ବର୍ଦ୍ଧିତ

**କୋମନା,୧୫।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବେଲରଦନା ଗ୍ରାମର ଜଣେ ଅଗ୍ରମୀ ଓ ଉଦ୍ୟମି ଚାଷୀଙ୍କୁ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରାଯାଇଛି । ରବିବାର ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଅନୁଷ୍ଠିତ କୁଲତା ସମାଜ କଲ୍ୟାଣ ସଙ୍ଗଠନ ନୂଆଁଖାଇ ଭେଟଘାଟରେ ବେଲରଦନା ଗ୍ରାମର ସନ୍ତୋଷ ବିଶ୍ୱାଳ(୬୦)ଙ୍କୁ ଜିଲାର ଜଣେ ଉଦ୍ୟମି ଆଦର୍ଶ ଚାଷୀ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ପିଲା ଦିନରୁ ବାପ ଛେଉଣ୍ଡ ହୋଇ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ସେତେ ବେଳେ ସୁନ୍ଦର ନଦୀବନ୍ଧ ଯୋଜନାରେ ନିଜ ଜମିବାଡି ଓ ଘରଦ୍ୱାର ହରାଇ ବାସଚ୍ୟୁତ ହୋଇଥିଲେ। ଏଥିରେ ହାର ନ ମାନି ସୁନାବେଡା ପାଦ ଦେଶରେ ଥିବା ମାମୁଁ ଘର ଗାଁ ବେଲରଦନାରେ ୧୩ ଏକର ଜଙ୍ଗଲ ଓ ପତିତ ଜମି କିଣି ନିଜ ପରିଶ୍ରମ ବଳରେ କମ ଦିନରେ ଉତ୍କୃଷ୍ଟ ଚାଷ ଜମିରେ ପରିଣତ କରିଥିଲେ। ସେହି ଧାନଚାଷ ଜମିରେ ଶ୍ରୀ ପ୍ରଣାଳୀ ସମେତ ଆଧୁନିକ ଚାଷ ପ୍ରଣାଳୀ ଅବଲମ୍ବନ କରି ଉନ୍ନତ ମାନର ଧାନ ବିହନ ଉତ୍ପାଦନ କରି ସରକାର ତଥା ବେସରକାରୀ ସଂସ୍ଥାକୁ ବିହନ ଯୋଗାଉଛନ୍ତି। ଖରିଫ ଋତୁରେ ମଧ୍ୟ ହାରାହାରି ୩୫ କୁଇଣ୍ଟାଲ ଧାନ ଉତ୍ପାଦନ କରି ସମଗ୍ର ଜିଲାରେ ଲଗାତାର ରେକର୍ଡ ସୃଷ୍ଟି କରି ଆସୁଛନ୍ତି। ଏହା ସହିତ ବହୁ ଗରୀବ ପରିବାରକୁ ରୋଜଗାରକ୍ଷମ କରି ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ଭାବେ ପରିଚିତ ହୋଇ ପାରିଛନ୍ତି। ଏଭଳି ଉଦଯୋଗୀ ତଥା ଆଦର୍ଶ ଚାଷୀ ହୋଇ ପାରିଥିବାରୁ ତାଙ୍କୁ ସମ୍ମାନିତ କରିବା ସହ ମାନପତ୍ର ପ୍ରଦାନ କରାଯାଇଛି ।




ଚାଷୀ ସନ୍ତୋଷ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଉଛି।

## ୧୭ରେ ଅନଶନ ପାଇଁ ଦଳିତ ମଞ୍ଚର ଚେତାବନୀ

**ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ ଦାବି**

**ଖଡିଆଳ,୧୫।୯ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରରେ ବାସ କରୁଥିବା ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ କରିବା ନେଇ ଖଡିଆଳ ଦଳିତ ମଞ୍ଚ ତରଫରୁ ଆସନ୍ତା ୧୭ ତାରିଖରେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ଆମରଣ ଅନଶନ କରିବା ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁଯାୟୀ ସରକାର ସହରାଞ୍ଚଳରେ ବାସ କରୁଥିବା ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରିବା ବ୍ୟବସ୍ଥା କରିଛନ୍ତି । ହେଲେ ଖଡିଆଳ ସହର ବିଭିନ୍ନ ୱାର୍ଡରେ ବାସ କରୁଥିବା ଚିହ୍ନଟ ୧୫୯ ଜଣ ଭୂମିହୀନ ପରିବାର ମଧ୍ୟରୁ ୧୦ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇ ନାହିଁ। ଏ ନେଇ ଦଳିତ ଅଧିକାରୀ ମଞ୍ଚ ଏବଂ ଖଡିଆଳ ସହରରେ ବାସ କରୁଥିବା ଭୂମିହୀନ ନାଗରିକମାନେ ଗତ ଜୁନ ୨୩ ତାରିଖରେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ବିକ୍ଷୋଭ ପ୍ରଦର୍ଶନ କରି ୫ ଦଫା ସମ୍ବଳିତ ଏକ ଦାବିପତ୍ର ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା । ସେ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମୟ ଅତିବାହିତ ହେବା ପରେ ମଧ ଜଣେ ହେଲେ ବ୍ୟକ୍ତିଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇ ନାହିଁ । ଏହାର ପ୍ରତିବାଦରେ ଖଡିଆଳ ଦଳିତ ମଞ୍ଚ ଏବଂ ଭୂମିହୀନ ପରିବାର ଆସନ୍ତା ୧୭ ତାରିଖରେ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମୁଖରେ ଆମରଣ ଅନଶନ କରିବା ନିଷ୍ପତ୍ତି ନେଇଛନ୍ତି ବୋଲି ଖଡିଆଳ ଦଳିତ ମଞ୍ଚ ସଭାପତି କମଳଚରଣ ତାଣ୍ଡି ପ୍ରକାଶ କରିଛନ୍ତି ।

### ବିଦ୍ୟୁତ୍ ତାର ଛିଣ୍ଡି ଅଙ୍ଗନୱାଡି କର୍ମୀ ଜଳିଯିବା ଘଟଣା

## ୫ ବର୍ଷ ପରେ ମୃତକଙ୍କ ପରିବାରକୁ ମିଳିଲା କ୍ଷତିପୂରଣ

**ଭବାନୀପାଟଣା,୧୫।୯ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପେନସୁର ଗ୍ରାମର ଦଶମିନା ମାଝି (୪୫) ଗତ ୨୦୧୪ ଅଗଷ୍ଟ ୧୩ ତାରିଖରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିଲେ। ଅଙ୍ଗନୱାଡି କର୍ମୀ ଥିବା ଦଶମିନା କେନ୍ଦ୍ର ନିକଟରେ ଥିବା ନଳକୂପରୁ ପାଣି ନେଉଥିବା ବେଳେ ହଠାତ୍ ୧୧ କେଭି ବିଦ୍ୟୁତ ତାର ତାଙ୍କ ଉପରେ ଛିଣ୍ଡିପଡିଥିଲା। ଫଳରେ ସେଠାରେ ଦଶମିନା ଜଳିଯାଇଥିଲେ। ଏପରି ଘଟଣା ସମ୍ପର୍କରେ ସାମାଜିକ କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବିଧିକାର କମିଶନ (ଏନଏଚଆରସି)ରେ ଏକ ମାମଲା ରୁଜୁ କରିଥିଲେ। ଏନଏଚ୍ଆରସିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ମୃତା ଦଶମିନାଙ୍କ ସ୍ୱାମୀ ଧନପତି ମାଝିଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ପ୍ରଥମେ ରାଜ୍ୟ ସରକାର ଏହି ଘଟଣାରେ ଅବହେଳା କରୁଥିଲେ। କିନ୍ତୁ ମାନବିଧିକାର କମିଶନ ୨୨ ଫେବୃୟାରୀ ୨୦୧୯ରେ ମୁଖ୍ୟ ଶାସନ ସଚିବଙ୍କୁ ସମନ ଜାରି କରିବା ପରେ ସରକାର ଏହି ଅର୍ଥ ପ୍ରଦାନ କରିବା ସହ ବିଦ୍ୟୁତ୍ ବିଭାଗର ଲଳିତ ମେହେର ଓ ମନୋରଞ୍ଜନ ନାଏକଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଛନ୍ତି।

### ବାର୍‌ହା ମାରିବା ଗୁଳିରେ ଶିକାରୀ ମୃତ ଘଟଣା

## ୮ଜଣ କୋର୍ଟ ଚାଲାଣ, ଜଣେ ଫେରାର

**କେସିଙ୍ଗା,୧୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ପଲମ ଫାଣ୍ଡି ଅନ୍ତର୍ଗତ ଟକର୍ଲା ଗ୍ରାମପଞ୍ଚାୟତ ରାଏଧୁନିପଦର ଗ୍ରାମର ନିକଟସ୍ଥ ବଜରଗଡ ଜଙ୍ଗଲକୁ ବାର୍‌ହା ଶିକାର କରିବାକୁ ଯାଇଥିଲେ। ବାର୍‌ହାକୁ ମାରିବା ଗୁଳି ବାଜିବାରୁ ରାଜୁ ମାଝି (୪୫) ନାକମ ଜଣେ ଶିକାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଶନିବାର ଅଟକ ରଖିଥିବା ୮ଜଣଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜଣେ ଫେରାର ଥିବା ଜଣାପଡ଼ିଛି। ଗିରଫମାନେ ହେଲେ ମଦନ ପାତ୍ର (୫୮), ମୁଖ ପାତ୍ର (୫୦), ଗୌତମ ପାତ୍ର (୪୫), ଶତ୍ରୁଘନ ପାତ୍ର (୩୦), ଦୋଳ ବର୍ଗର୍ତ୍ତି (୪୧), ନେତ୍ରା ହରିଜନ (୪୨), ବେଣୁ ପାତ୍ର (୨୮), ଜଗଦିଶ ପାତ୍ର (୩୫)। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଉକ୍ତ ଗ୍ରାମର ୮ଜଣ ଶିକାରୀ ସଂଘବଦ୍ଧ ହୋଇ ଶିକାର କରିବାକୁ ନିକଟସ୍ଥ ବଜ୍ରଗଡ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ବାର୍‌ହାକୁ ଶିକାରୀ ଜଣକ ବନ୍ଧୁକରେ ଗୁଳି ମାରିବାବେଳେ ବାର୍‌ହାକୁ ନ ବାଜି ଶିକାରୀ ରାଜୁଙ୍କୁ ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଶିକାରୀମାନେ ଓ ଗ୍ରାମର ବ୍ୟକ୍ତିଙ୍କ ସହ ଆଲୋଚନା କରି ପୋଲିସକୁ ନ କହି ରାଜୁଙ୍କ ମୃତଦେହକୁ ପୋଡି ଦେଇଥିଲେ। ରାଜୁଙ୍କ ଭଉଣୀ ଉର୍ମିଳା ମାଝି ଭାଇଙ୍କ ୩ ଦିନିଆ ଶୁଦ୍ଧିକ୍ରିୟା ସରିବା ପରେ ଗତ ଶୁକ୍ରବାର ପଲମ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପଲମ ଫାଣ୍ଡି ଅଧିକାରୀ ଅଶିତ କୁମାର ପଣ୍ଡା କେସିଙ୍ଗା ଥାନାକୁ ଜଣାଇଥିଲେ । ଏସପିଙ୍କୁ କେସିଙ୍ଗା ଥାନା ପକ୍ଷରୁ ଅବଗତ ପରେ ଭବାନୀପାଟଣାରୁ ଏକ ସାଇଣ୍ଟିଫିକ୍ ଦଳ ସମେତ ସନ୍ଧାନୀ କୁକୁରକୁ ନେଇ ଘଟଣା ସ୍ଥଳେ ପହଞ୍ଚିଥିଲେ। ରାଜୁର ଚିତାଭସ୍ମ, ହାଡ ଓ ୨ଟି ଦେଶୀ ବନ୍ଧୁକ ଜବତ କରି ୮ଜଣଙ୍କୁ କେସିଙ୍ଗା ଥାନାରେ ଅଟକ କରାଯାଇଥିଲା। ସମସ୍ତ ତଥ୍ୟକୁ ତଦନ୍ତ କରି ୮ଜଣ ଦୋଷୀ ସାବ୍ୟସ୍ତ ହେବା ପରେ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି ।

## ସଚେତନତାର ମଙ୍ଗ ଧରିଲେ ଏସ୍‌ପି

■ ପୋଲିସ, ଓକିଲ ସଂଘ କର୍ମକର୍ତ୍ତା ସାମିଲ
■ ହେଲମେଟ ପାଇଁ ଏସ୍‌ପି ପରାମର୍ଶ ଦେଲେ

**ନୂଆପଡା ଅଫିସ,୧୫।୯**

ପରିବର୍ତ୍ତିତ ପରିବହନ ଅଧିନିୟମକୁ କଡାକଡି କାର୍ଯ୍ୟାନ୍ୱୟନ କରିବା ପୂର୍ବରୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ଆଣିବାକୁ ଜିଲା ପୋଲିସ ଉଦ୍ୟମ ଆରମ୍ଭ କରିଛି। ବିଭିନ୍ନ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ପ୍ରତିଦିନ ବିକଳ୍ପ ଖୋଜି ଲୋକଙ୍କ ମଧ୍ୟରେ ତତ୍ପରତା ଅଣାଯାଉଛି। ରବିବାର ଏସପି ବିନୀତ ଅଗ୍ରୱାଲ ନିଜେ ଏକତା ଛକକୁ ଆସି ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ଓକିଲ ସଂଘ ମଧ୍ୟ ଗୋଟିଏ ପାଦ ଆଗକୁ ଆସି ସାମିଲ ହୋଇଥିଲେ।

ରବିବାର ଅପରାହ୍ନ ସାଢେ ୫ଟାରେ ନୂଆପଡାର ପ୍ରମୁଖ ଏକତା ଛକ ନିକଟରେ ପ୍ରତିଦିନ ଭଳି ପୋଲିସ ଚେକିଂ ହୋଇଥିଲା । ଏଥିରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନେତୃତ୍ୱରେ ବହୁ ପୋଲିସ ଅଧିକାରୀ ଏବଂ ଆଇନଜୀବୀମାନେ ସାମିଲ ହୋଇଥିଲେ। ସମସ୍ତ ଗାଡି ଚାଳକମାନଙ୍କୁ ଅଟକାଇ ହେଲମେଟ ସହ ଅନ୍ୟାନ୍ୟ ନିୟମକୁ ମାନିବାକୁ ପରାମର୍ଶ ଦେଇଥିଲେ। କିଛି ସମୟ ପରେ ଏସପି ଅଗ୍ରୱାଲ ମଧ୍ୟ ଆସି ଯୋଗଦେଇଥିଲେ। ଓକିଲ ସଂଘ କର୍ମକର୍ତ୍ତା, ପୋଲିସ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ସହ ଗାଡି ଚାଳକମାନଙ୍କୁ ଡାକି ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାଇ ହେବ ବୋଲି କହିଥିଲେ । ଏହି ଅବସରରେ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଗାଡି ଚାଳକମାନେ ମଧ୍ୟ ଏକ ଫଟୋ ସେସନରେ ପୋଜ ଦେଇଥିଲେ। ଫଳରେ ଏହି ଛକରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ଏହି ଚେକିଂ ବ୍ୟବସ୍ଥାକୁ କେବଳ ଏହି ଛକରେ ସୀମିତ ନ ରଖି ଅନ୍ୟଠାରେ ବ୍ୟାପକ କରିବା ଜରୁରୀ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି । ସୂଚନାଯୋଗ୍ୟ ଯେ, ଆଜକୁ ସପ୍ତାହେ ହେବ ଏହି ଛକରେ ପୋଲିସ ଚେକିଂ ହେଉଥିବାରୁ ଲୋକେ ସନ୍ଧ୍ୟା ହେଲେ ଏହି ରାସ୍ତା ଦେଇ ଯିବା ଆସିବା କରିବାକୁ ଚିନ୍ତା କରୁଛନ୍ତି । ଏହା ମୁଖ୍ୟ ଛକ ହୋଇଥିବାରୁ ଏଠିକାର ଦୋକାନ ବଜାର ଉପରେ ଏହାର ପ୍ରଭାବ ପଡୁଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି ।



ଏକତା ଛକରେ ଫଟୋ ସେସନରେ ଏସ୍‌ପିଙ୍କ ସହ ଓକିଲ ସଂଘ କର୍ମକର୍ତ୍ତାମାନେ ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

**କୋକସରା,୧୫।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଡୁମେରବାହାଲ ଗ୍ରାମର ନିଖୋଜ ଯୁବକଙ୍କ ମୃତଦେହ ରବିବାର ଆମପାଣି ଆଇଆରବି ପୋଲିସ କ୍ୟାମ୍ପ ପଛପଟେ ଥିବା ଏକ ପରିତ୍ୟକ୍ତ ପୋଖରୀରୁ ଉଦ୍ଧାର କରାଯାଇଛି। ତାଙ୍କ ନାମ ଜିତେନ୍ଦ୍ର ମାଝି (୩୬)। ଗତ ଗୁରୁବାରଠାରୁ ସେ ନିଖୋଜ ଥିବା ବେଳେ ପରିବାରବର୍ଗ ବହୁତ ଖୋଜାଖୋଜି ପରେ ମଧ୍ୟ ପାଇ ନ ଥିଲେ। ଆମପାଣି ଆଇଆରବି ପୋଲିସ କ୍ୟାମ୍ପ ପଛପଟେ ଥିବା ଏକ ପରିତ୍ୟକ୍ତ ପୋଖରୀରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଭାସୁଥିବା ମୃତଦେହ ଉଦ୍ଧାର କରିଥିଲା । ମୃତଦେହ ଚିହ୍ନଟ କରିବାରୁ ତାହା ନିଖୋଜ ଯୁବକ ଜିତେନ୍ଦ୍ର ବୋଲି ଜଣାପଡିଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଆମପାଣି ପୋଲିସ ସୂଚନା ଦେଇଛି।

### ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

**ଭବାନୀପାଟଣା,୧୫।୯(ଡି.ଏନ.ଏ.)** ଭବାନୀପାଟଣା ଏକ ଲର୍ଜରେ ଗତ ଜୁନ୍ ୨ ତାରିଖରେ ନିଜର ଜଣେ ଦୂର ସମ୍ପର୍କୀୟାଙ୍କୁ ବଳାତ୍କାର ଅଭିଯୋଗରେ ଶନିବାର ଟାଉନ୍ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ହେଲେ ଲଡୁଗାଁର ସନ୍ତୋଷ ଦାସ (୪୫)। ଜାମିନ ନାମଞ୍ଜୁର ହେବାରୁ ହାଜତକୁ ପଠାଇ ଦେଇଛି। ସୂଚନା ଅନୁସାରେ ଅଭିଯୁକ୍ତଙ୍କ ମାମୁଁ ଝିଅ ଭଉଣୀଙ୍କ ସହ ବିବାହିତା ମହିଳା ଜଣକ ଜୁନ୍‌ରେ ଭବାନୀପାଟଣା ସାବିତ୍ରି ଅମାବାସ୍ୟା ମାର୍କେଟିଂ କରିବାକୁ ଆସିଥିଲେ। ଏହି ସମୟରେ ସ୍ଥାନୀୟ ଏକ ଲର୍ଜ୍‌ରେ ରହିଥିଲେ। ଅଭିଯୁକ୍ତ ମାମୁଁଝିଅ ଭଉଣୀ ଓ ଭାଣଜୀ ପୀଡିତା ଲଜ୍‌ରେ ରହିଥିଲେ। ଅନ୍ୟମାନେ ମାର୍କେଟିଂ ଯିବା ପରେ ଅଭିଯୁକ୍ତ ଚାବି ମାଗିବା ବାହାନାରେ ଅସି ପୀଡିତାଙ୍କୁ ବଳାତ୍କାର କରିଥିଲେ। ସେ ସମୟରେ ମୋବାଇଲରେ ଭିଡିଓ ରେକର୍ଡ କରି ପୀଡିତାଙ୍କୁ ଅଭିଯୁକ୍ତ ବ୍ଲାକ୍‌ମେଲିଂ କରୁଥିଲେ। ଶୁକ୍ରବାର ପୀଡିତା ଭବାନୀପାଟଣା ଟାଉନ୍ ଥାନାରେ ଏତଲା ଦେବା ପରେ ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବେହେରା ଗଣେଶ ପୂଜା ଭସାଣି

**ପର୍ଲା,୧୫।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ବେହେରାଠାରେ ୧୦ ଦିନ ଧରି ଚାଲିଥିବା ଗଣେଶ ପୂଜା ଭସାଣି ଯାତ୍ରା ଶୁକ୍ରବାର ଶେଷ ହୋଇଯାଇଛି। ମାର୍କେଟ କମ୍ପ୍ଲେକ୍ସ ସଂଘ ଏହି ପୂଜା ଆୟୋଜନ କରିଥିଲା। ୧୦ ଦିନ ଧରି ପ୍ରବଚନ ଚାଲିଥିବା ବେଳେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରାତିରେ ଆଶିର୍ବାଦ ମହାରାଜଙ୍କ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ପୂଜା ପୂର୍ଣ୍ଣାହୁତି ହୋଇଥିବା ବେଳେ ଅପରାହ୍ନରେ ଭସାଣି ହୋଇଥିଲା। ଏଥିରେ ସଂଘ ସଭାପତି, ସମ୍ପାଦକ, ସଭ୍ୟାସଭ୍ୟ ଏବଂ ଜନସାଧାରଣ ସାମିଲ ହୋଇଥିଲେ।

ଉଦାହରଣ ସୃଷ୍ଟି କଲେ ଛଞ୍ଚାଣବାହାଲି ଗ୍ରାମବାସୀ

# ଟାଙ୍ଗରା କୋଳାଡଙ୍ଗରି ପାହାଡ଼ ସବୁଜ ବନାନୀ

**ପର୍ଲା,୧୫।୯ (ଡି.ଏନ.ଏ.)**

ଜଳବାୟୁ ପ୍ରଦୂଷଣ ସାଙ୍ଗକୁ ପାଣିପାଗ ପରିବର୍ତ୍ତନ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହେଉଛି। ଏହାର ପ୍ରଭାବରେ ଅଦିନିଆ ବର୍ଷା, ମରୁଡି ଦେଖାଯାଉଛି । ଏହା ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି । ଏହାର ମୁଖ୍ୟ କାରଣ ଜଙ୍ଗଲ ଧ୍ୱଂସ ବୋଲି ମତପ୍ରକାଶ ପାଇଛି। ଏହା ରୋକିବାକୁ ସରକାର ଅନେକ ଯୋଜନା ସହ ଉଦ୍ୟମ କରିଛନ୍ତି। କିନ୍ତୁ ଏହା ରୋକିବାରେ ଫେଲ ହେଉଥିବା ବେଳେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଛଞ୍ଚାଣବାହାଲି ଲୋକଙ୍କ ପ୍ରଚେଷ୍ଟାରେ ଟାଙ୍ଗରା କୋଳାଡଙ୍ଗରି ପାହାଡ ଏବେ ସବୁଜ ବନାନୀ ହୋଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଅଞ୍ଚଳରେ ସେମାନଙ୍କୁ ପ୍ରସଂଶା କରୁଥିବା ବେଳେ ଜଙ୍ଗଲ ବିଭାଗ ଓ ସରକାରଙ୍କ ପ୍ରୋସାହନ ପହଞ୍ଚି ପାରୁନାହିଁ। ଛଞ୍ଚାଣବାହାଲିଠାରୁ ମାତ୍ର ୩୦୦ ମିଟର ଦୂରରେ ଅବସ୍ଥିତ ସାଲେପାହାଡ । ଦୀର୍ଘ ବର୍ଷ ହେବ ଏହି ପାହାଡରେ ବହୁ ପରିମାଣରେ ମୂଲ୍ୟବାନ ସାଲେ ଗଛ ଥିବାରୁ ସାଲେ ପାହାଡ ନାମରେ ନାମିତ ହୋଇଛି । ରକ୍ଷଣବେକ୍ଷଣ ଅଭାବ ସାଙ୍ଗକୁ କାଠ ମାଫିଆଙ୍କ ଦୃଷ୍ଟି ପଡ଼ିବା ପରେ ୧୯୭୫ ବେଳେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଟାଙ୍ଗର ପାହାଡରେ ପରିଣତ ହୋଇଥିଲା। ସେହି ଦିନଠାରୁ ଏହି ପାହାଡକୁ କୋଳାଡଙ୍ଗରି ନାମ ଭାବେ କୁହାଯାଉଥିବା ଗ୍ରାମବାସୀ କହନ୍ତି। ଜଙ୍ଗଲ ନଷ୍ଟ ହେବା ଯୋଗୁ ଗ୍ରାମବାସୀ ଜୀବନ ଜିବିକା ହରାଇ ବସିଥିଲେ। ସେଥି ପାଇଁ ଗାଁରେ ୧୯୮୧ରେ ଏକ ବୈଠକ ଡକାଯାଇ ପୁଣି ଏହି ପାହାଡକୁ ଜୀବନ୍ତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମ୍ୟ କମିଟି ମଧ୍ୟମରେ ୧୫ଜଣଙ୍କୁ ଗୋଟିଏ ଦଳ ଭାବେ ଚୟନ କରାଯାଇ ଦାୟିତ୍ୱ ଦିଆଯାଇଥିଲା। ଏପରି କି ଗାଁର ମହିଳାମାନେ ମଧ୍ୟ ସାମିଲ ହୋଇ ପାଣି ଦେବା ଦାୟିତ୍ୱ ତୁଲାଇଥିଲେ। ପ୍ରଥମେ ଗ୍ରାମ ଲୋକଙ୍କଠାରୁ ୫୦୦ ଟଙ୍କା ଲେଖାଏ ଚାନ୍ଦା ଆଦାୟ କରି ରାତି ଜଗୁଆଳି ଭାବେ ନିୟୋଜିତ ୫ ଜଣକୁ ୨ ବର୍ଷ ପର୍ଯ୍ୟନ୍ତ ପାରିଶ୍ରମିକ ଦେଇ ଆସୁଥିଲେ। ଅର୍ଥ ସମସ୍ୟା ଦେଖା ଦେବାରୁ ପରେ ବିନା ମୂଲ୍ୟରେ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଣେ ଚାରା ଯୋଗାଇବା ପାଇଁ ସରକାର ଓ ଜଙ୍ଗଲ ବିଭାଗକୁ ଅନୁରୋଧ କରିଥିଲେ ହିଁ ଗୁରୁତ୍ୱ ଦେଇ ନ ଥିଲେ। ଗ୍ରାମ୍ୟ ଲୋକେ ଭାଙ୍ଗି ପଡ଼ିଥିବା ଗଛ ମୂଳ ସଜାଡି ପାଣି ଦେବ ଆରମ୍ଭ କଲେ। ଧୀରେ ଧୀରେ ସେହି ମୂଳରୁ ଗଛ ସବୁ ବାହାରି ଥିଲା। ଦିନରାତି ଗ୍ରାମବାସୀ ପାହାଡର ଯତ୍ନ ନେବା ସହ ରକ୍ଷଣବେକ୍ଷଣ ଉପରେ ଗୁରୁତ୍ୱ ଦେଉଥିଲେ। ୧୯୯୯ ବେଳକୁ ସେହି ଗଛସବୁ ଶାଖା ପ୍ରଶାଖା ବାହାରି କାୟାବିସ୍ତାର କରିଛି। ଏବେ ସେହି ଟାଙ୍ଗରା ଜଙ୍ଗଲ ଘଞ୍ଚ ଜଙ୍ଗଲରେ ପରିଣତ ହୋଇପାରିଛି। ଏବେ ଜୀବଜନ୍ତୁ ବାସ କରୁଥିବା ଦେଖିବାକୁ ମିଳୁଛି । ଏପରି କି ଦୂରଦୂରାନ୍ତରୁ ଲୋକେ ଆସି ପିକନିକ ମନାଉଛନ୍ତି । ଏସବୁ ଦେଖି ଗ୍ରାମ ଲୋକେ ଉତ୍ସାହିତ ହେଉଥିବା ଗ୍ରାମର କୁଷ୍ଟ ଭଇସାଲ, ଦିନବନ୍ଧୁ ପାଣିଗ୍ରାହୀ, ପ୍ରେମଲାଲ ମାଝି, ହୁକିମ୍ ଭଇସାଲ, ମହେଶ୍ୱର ଜୁଏଡ, ଅଲେଖ ସୁନାନି ପ୍ରମୁଖ କହିଛନ୍ତି । ବେହେରା ଫରେଷ୍ଟର ସୁରେଶ ରାଉତଙ୍କୁ ପଚାରିବାରୁ ସରକାରଙ୍କ ଆମ ଜଙ୍ଗଲ ଯୋଜନାରେ ସାମିଲ କରାଯାଇଛି, ଏହାର ଉନ୍ନତି ପାଇଁ ଏବେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଏ ନେଇ ଧର୍ମଗଡ଼ ଉପଖଣ୍ଡ ରେଞ୍ଜର ପ୍ରଦୀପ କୁମାର ଭୋଇଙ୍କୁ ପଚାରିବାରୁ ଆମ ଜଙ୍ଗଲ ଯୋଜନାରେ ସାମିଲ କରାଯାଇଛି। ଆସନ୍ତା ଡିସେମ୍ବରରେ କାମ ଆରମ୍ଭ ହେବ ବୋଲି କହିଛନ୍ତି ।



ଟାଙ୍ଗରା କୋଳାଡଙ୍ଗରି ପାହାଡ଼।

ଅନୁସୂଚିତ ଜାତି ବିକାଶ ପରିଷଦ

# ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

**କଲମପୁର,୧୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନୁସୂଚିତ ଜାତି ବିକାଶ ପରିଷଦ ତରଫରୁ କଲମପୁର ମଣ୍ଡିଠାରେ ଶନିବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ବିକାଶ ପରିଷଦ ସଭାପତି କୃଷ୍ଣଚନ୍ଦ୍ର ନିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେପୁର ସରପଞ୍ଚ ଭୁକୁଲୁ ବାଗ, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ଶତ୍ରୁଘନ ବାଗ, ସମ୍ମାନିତ ଅତିଥି ଧର୍ମଗଡ ଉପକଣ୍ଠ ଡମ୍ବ ସମାଜ ସଭାପତି ତଥା ଅଧକ୍ଷ ଗୋବର୍ଦ୍ଧନ ବାଗ, ଦେପୁର ସମିତି ସଭ୍ୟ ଗଜେନ୍ଦ୍ର ବିହାର, କୋଷାଧକ୍ଷ ଟଙ୍କଧର ନାଏକ, ରାଏଦାସ ଧଙ୍ଗଡା ମାଝି, ଡମ୍ବରୁଧର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଅତିଥିମାନେ ଆମ ସମାଜ ହିଁ ଆମର ମୁକ୍ତିଦାତା, ତ୍ରାଣ କର୍ତ୍ତା ଓ ସୁଖ ଦୁଃଖର ସାଥି ଏବଂ ନୂଆଁଖାଇ ଗୋଟାଏ ଭାଇ ଚାରାର ପର୍ବ । ସମସ୍ତ ବାଦ ବିବାଦକୁ ଭୁଲି ଏକତ୍ରିତ ହେବାର ମହାନ ଗଣପର୍ବ ହେଉଛି ନୂଆଁଖାଇ ବୋଲି କହିଥିଲେ । ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଲୋକ ଉପସ୍ଥିତ ହୋଇ ପ୍ରଥମେ ନଗର ପରିକ୍ରମା ଏବଂ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୟ ସୁନାନୀ, ଲୋକନାଥ ନାଗ, ଗଣେଷ ବାଗ, ଚକ୍ରଧର ନାଏକ, ବସନ୍ତ ନିଆଁଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସେନାପତି ନାଏବ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁସୂଚିତ ଜାତି ବିକାଶ ପରିଷଦ ସମ୍ପାଦକ ବଳରାମ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ସଭାରେ ଯୋଗ ଦେଇଥିବା ଅତିଥି।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ ସଭା

**ଭବାନୀପାଟଣା,୧୫।୯(ଡି.ଏନ.ଏ.)**

କଳାହାଣ୍ଡି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଶନିବାର ସ୍ଥାନୀୟ ବାଲାଜୀ ବିହାର ଶିଶୁ ମନ୍ଦିର ସଭାଗୃହଠାରେ ଏକ ସ୍ୱଦେଶୀ ସଭା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡିର ନିରନ୍ତର ବିକାଶ ସମ୍ପର୍କରେ ଆଲୋଚନା କରିବା ପାଇଁ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ଆଦିତ୍ୟ କୁମାର, ଅନ୍ୟତମ ଅତିଥି ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ସଙ୍ଗଠନ କାଶ୍ମୀର ଲାଲଜୀ, ସ୍ୱଦେଶୀ ଜାଗରଣ ମଞ୍ଚ ରାଷ୍ଟ୍ରୀୟ ସଂଘର୍ଷ ବାହିନୀ ମୁଖ୍ୟ ଇଂ. ଅନ୍ନଦା ଶଙ୍କର ପାଣିଗ୍ରାହୀ, ଇଂରାଜୀ ଅଧାପିକା ମନିଷା ସାହୁ, ଶାସ୍ତ୍ରୀଜୀ ଶିକ୍ଷା ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତ୍ୟୁଷ କୁମାର ସାହୁ, ଜିଲା ସଂଯୋଜକ ପ୍ରତୀକ ଯୋଷୀ ଓ କୌଶବ ବିହାରୀ ପ୍ରମୁଖ ଯୋଗଦେଇ ଜିଲାର ସାମଗ୍ରିକ ବିକାଶ ଦିଗରେ ଆଲୋଚନା କରିଥିଲେ। ସ୍ୱଦେଶୀ ବସ୍ତୁକୁ ଆପଣେଇ ନେଇ ବିଦେଶୀ ବସ୍ତୁକୁ ବର୍ଜନ କରିବାକୁ ବକ୍ତାମାନେ ଉପସ୍ଥିତ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ପର୍ବପର୍ବାଣୀରେ ବିଦେଶୀ ଆଲୋକମାଳା ବ୍ୟବହାର କରିବା ଉପରେ ରୋକ୍ ଲଗାଇବା ଏବଂ ବିଦେଶୀ କମ୍ପାନୀ ପ୍ରସ୍ତୁତ କରୁଥିବା ଥଣ୍ଡା ପାନୀୟ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଥିଲେ। କଳାହାଣ୍ଡିର ନିରନ୍ତର ବିକାଶ ଉପରେ ଆଲୋଚନା କରିବାକୁ ଯାଇ ବକ୍ତାମାନେ ଜିଲାବାସୀଙ୍କୁ ଦୃଢ ଇଚ୍ଛାଶକ୍ତି, ପରିଶ୍ରମ ଓ ନିଷ୍ଠା ଯୋଗୁ ଏ ଜିଲା ଏକ ଉନ୍ନତ ଜିଲାରେ ପରିଣତ ହୋଇପାରିବ ବୋଲି କହିଥିଲେ।

# ଅଞ୍ଚଳର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

**ଲାଞ୍ଜିଗଡ଼,୧୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ପ୍ରେସ କ୍ଲବ ପକ୍ଷରୁ ଲାଞ୍ଜିଗଡ ଯୁବକ ସଂଘ ସଭାଗୃହଠାରେ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି କୈଳାସ ସାହୁଙ୍କ ଅଧକ୍ଷତାରେ ଲାଞ୍ଜିଗଡ ବ୍ଲକ ଅଧକ୍ଷ ବ୍ଲକ ଅଧକ୍ଷ ଇଂ. ଫକୀରମୋହନ ମାଝି ଯୋଗଦେଇଥିଲେ। ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ବିକାଶ କାର୍ଯ୍ୟ ଓ ଏହାକୁ ତ୍ୱରାନ୍ୱିତ କରିବା ସହିତ ଏହାର ଉପଯୁକ୍ତ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି । ଏ ଦିଗରେ ସମସ୍ତ ଜନପ୍ରତିନିଧି, ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ ସଙ୍ଗଠନଗୁଡିକ ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ବ୍ଲକ ଅଧକ୍ଷ ମାଝି କହିଛନ୍ତି। ବୈଠକରେ ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରେସ୍ କ୍ଲବ ସାଧାରଣ ସମ୍ପାଦଏକ ସୁଶୀଲ କୁମାର ବାଗ। ସ୍ୱାଗତ ଭାଷଣ ଦେଇଥିଲେ ପ୍ରେସ୍ କ୍ଲବ ଉପସଭାପତି ବି. ତ୍ରିପତି ପାତ୍ର। ବୈଠକରେ ପ୍ରେସ୍ କ୍ଲବ କୋଷାଧକ୍ଷ ପରେଶ କୁମାର ନାୟକ, ସଦସ୍ୟ ଏମ୍ ଚନ୍ଦ୍ରଶେଖର, କ୍ଷମାନିଧି ମହାକୁଡ଼, ପଦ୍ମଲୋଚନ ସାହୁ, ଶଙ୍କର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। କୋଷାଧକ୍ଷ ପରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଖଣ୍ଡୀୟ ପେନସନ୍‌ଭୋଗୀ କଳାକାର ସଂଘର ନୂଆଁଖାଇ ଭେଟ୍‌ଘାଟ୍

**କୋକସରା,୧୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡୀୟ ପେନସନ ଭୋଗୀ କଳାକାର ମହାସଂଘର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କୋକସରା ବ୍ଲକ ମୋଟେର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ଜୟପାଟଣା, କଲମପୁର ଓ କୋକସରା ବ୍ଲକର ଶତାଧିକ ପେନସନଭୋଗୀ କଳାକାରମାନେ ଯୋଗଦେଇଥିଲେ। କଳାକାର ସଂଘ ଜିଲା ସଭାପତି ପ୍ରଦୀପ ଧଙ୍ଗଡାମାଝି ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ ଘୁମୁରାର ଗୁରୁ ତୀର୍ଥରାଜ ଦଳପତି ଯୋଗଦେଇ ରାଜ୍ୟ ସରକାର କଳାକାରମାନଙ୍କୁ ପେନସନ ଲାଗୁ କରିଛନ୍ତି ତେବେ ଆଜି ମଧ୍ୟ ଅନେକ କଳାକାର ପେନସନ ନ ପାଇ ଦୁଃସ୍ଥ ଜୀବନଯାପନ କରୁଛନ୍ତି। ଏଣୁ ସଂଘ ଦ୍ୱାରା ସେମାନଙ୍କୁ ଥଇଥାନ ଓ କଳାକାର ଭତ୍ତା ଯୋଜନାରେ ସାମିଲ କରିବା ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲା ହେଉଛି କଳାର ଏନ୍ତୁଡିଶାଳ। ଏଠି କଳା କିମ୍ବା କଳାକାରର ଅଭାବ ନାହିଁ । କଳାହାଣ୍ଡିର ବୀରବାଦ୍ୟ ଘୁମୁରା ହେଉ ଅବା ଢାପ ବାଜା ଆଜି ବିଶ୍ୱ ଦରବାରରେ ନିଜର କଳାର ପ୍ରଦର୍ଶନ କରି ସମ୍ମାନିତ ହୋଇଥିବାବେଳେ କଳାହାଣ୍ଡିର ଅନେକ ଲୋକକଳା ଯାହା କି ଆଜି ଲୋପ ପାଇବାକୁ ବସିଲାଣି। ତାହାର ପୁନରୁଦ୍ଧାର କରିବା ସହ କଳାହାଣ୍ଡିର କଳା ଓ ଗାରିମାମୟ ଗୌରବକୁ ଦେଶବିଦେଶରେ ପହଞ୍ଚାଇବା ପାଇଁ ସଂଘ ଉଦ୍ୟମ ଜାରି ରଖିବ ବୋଲି ଉପସ୍ଥିତ ବକ୍ତାମାନେ ମତ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା କଳାକାର ସଂଘ ଉପସଭାପତି ମହେଶ୍ୱର ସରାଫ, ସହସମ୍ପାଦକ ଶୋଭାବନ ଭାଟି, ନାଟ୍ୟଗୁରୁ ଚିନ୍ତାମଣୀ ପଟେଲ, ବିଜୟ ପ୍ରଧାନୀ, ଦାଶରଥି ସରାଫ, ନାସିର ଖାନ, ହୀରାଲାଲ ସରାଫ ପ୍ରମୁଖ ମଞ୍ଚାସୀନ ଅତିଥି ରୂପେ ଯୋଗଦେଇଥିଲେ। ମନମୋହନ ଦାସ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଶେଖର ଠାକୁର, ଯୁଧିଷ୍ଠିର ପଟେଲ, ସୋମନାଥ ବାରିକ, ହରି ପଟେଲ, ଦୁର୍ଯ୍ୟୋଧନ ବନ୍ଦିଛୋଡ, ବିଶ୍ୱନାଥ ବାଗ ପ୍ରମୁଖ ସହଯୋଗ କରିଥିଲେ ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅଜନା ରୋଗ୍‌ରେ କଲବଲ ହେଉଛନ୍ ଝିଁ' ସୁରେଖା

# ଟଁକା ପଏସା ଅଭାବ୍ବୁ ଭଗବାନ ଭରସାରେ ମା'ବାପ୍

**ଭବାନୀପାଟଣା, ୧୫।୯ (ଡି.ଏନ୍.ଏ.)**

ଅଜନା ରୋଗ୍ ପରଭାବରେ ଗୁଟେ ୫ ବଛ୍‌ରିଆ ଛୁଆର ପେଟ୍ ଆର ଶରୀର ଅସୁଆଭାବିକ ଭାବେ ବଢ଼୍‌ତେଲ ଯାଉଛେ। ଯେନ୍‌ଥିରଲାଗି ଅନେକ ସମିଆରେ ସେ ଦରଦ୍‌ରେ ଛଟ୍‌ପଟ ହେଉଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ପରିବାର ଲୋକ୍ ଛୁଆର ଚିକିତ୍ସା କରେଇ ନାଇଁ ପାରବାର। ଏନ୍ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅଂଚଲରେ। ସୂଚନା ଅନ୍‌ସାରେ ଥୁ.ରାମପୁର ସଦର ପଁଚେତ୍ ଅଧୀନ ପୋଇଗୋଡ଼ା ଗାଁର ସୁରତି ମମାଝି ଆର ରମିତା ମାଝିଙ୍କର ଝିଁ ସୁରେଖା(୫)। ପରିବାରଟା ଆଦିବାସୀ ସମାଜର ହେଇଥିଲାବେଲେ ସୁରତି କୁଲିମଜୁରି କରି କୁଟୁମ ପୁଷୁଛନ୍। ଜମିବାଡ଼ି ବଲି କିଛି ନାଇଁ। ଏନ୍ତାଥି ତାକର ୫ ବଛର୍‌ର ଝିଁ ସୁରେଖା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ସୁରେଖାର ବଏସ୍‌କେ ଦେଖିଲେ ତାକର ପେଟ୍ ଆର ଦିହିମୁଡ଼ ଅସୁଆଭାବିକ୍ ଭାବେ ବଢୁଛେ। ରୋଗ୍ ପରଭାବରେ ଏହେଦେ ସେ ଚାଲବୁଲ କି ବସିଉଠି ନାଇଁ ପାରବାର। ଝିଁର ଏନ୍ତା ଗୁଲ୍‌ଗୁଲା ଦେଖି ଅସାହା ଗରିବ୍ ମା'ବାପ୍ ହରମେଶା ଆଁଖିରୁ ଲହ ଗଡ଼ଉଛନ୍। ଗରିବ୍ ମା'ବାପ୍ ଝିଁର ଚିକିତ୍ସା ଲାଗି ପହେଲା ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆର ପଛେ ସ୍ୱାସ୍ଥ୍ୟ ସ୍ୱରାଜ ଦୁଆରା ପରିଚାଳିତ କାଣିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରକେ ଚିକିତ୍ସା ଲାଗି ନେଇଥିଲେ। ହେଲେ ସୁରେଖା କାଏଁ ରୋଗ୍‌ରେ ପୀଡ଼ିତ ଅଛନ୍ ଡାକ୍ତର ବି ଠହରେଇ ନାଇଁ ପାରବାର। ଏନ୍ତାଥି ଟଁକା ପଏସା ଅଭାବ୍‌କେ ସୁରତି ଝିଁର ଚିକିତ୍ସା କେନ୍‌ଠାନେ କରାବେ କିଛି ଭାବି ନାଇଁପାରବାର। ଇଆଡ଼େ ଯେ କେନ୍ଦ୍ର ଆର ରାଜ୍ ସରକାର ଗରିବ୍ ଦୁଖିକର ଚିକିତ୍ସା ସୁବିଧା ଲାଗି ଅନେକ୍ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଇ ଅସାହା ଗରିବ୍ ପରିବାର ସରକାରଙ୍କର ସବୁ ଯୋଜନାରୁ ବଁଚିତ୍ ହେଇ ରହିଯାଇଛେ। ଏନ୍ତାଥି ଜିଲା ପରଶାସନ ଇ ନିରିହ ଆଦିବାସୀ ଛୁଆର ଉଜଲ ଭବିଷତ୍ କାମନା କରି ଚିକିତ୍ସା ସେବା ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ଇ ବାବ୍‌ଦେ ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଡ.ବନଲତା ଦେବୀଙ୍କୁ ପଚରାଲାରୁ ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବାର ଆର୍‌ବିଏସ୍‌କେ ଜରିଆରେ ସଅଳ ରୋଗ ନିରୂପଣ କେନ୍ଦ୍ରକେ ଛୁଆକେ ଆନ୍‌ଲା ଉତାରୁ ତାର ପରୀକ୍ଷା ନିରୀକ୍ଷା କରାଯିବା। ଦରକାର ପଡ଼ଲେ ଚିକିତ୍ସା ଲାଗି କଟକ ଶିଶୁ ଭବନକେ ପଠାବାର ବେବସ୍‌ତା କରାଯିବା ବଲି ସେ କହିଛନ୍। ସେନ୍ତା ଇ ବାବ୍‌ଦେ ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ଅବିନାଶ ରଥଙ୍କୁ ପଚରାଲାରୁ ଯେତେ ଜଲଦି ହେବା ସୁରେଖାକେ ଚିକିତ୍ସା ସୁବିଧା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଅଜନା ରୋଗ୍‌ରେ ପୀଡ଼ିତ ସୁରେଖା ମାଝି।

ଆବର୍ଜନା, ନାଳ ସଫା ହେଉନି

# ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବା ଆଶଙ୍କା

**ଭବାନୀପାଟଣା,୧୫।୯ (ଡି.ଏନ.ଏ.)**

ଭବାନୀପାଟଣା ସହରରେ ଅସରାଏ ବର୍ଷା ହେଲେ ସହର ନାଳ ନର୍ଦ୍ଦମା ପାଣି ରାସ୍ତା ଉପରେ ବୋହୁଛି ଏବଂ ତଳିଆ ଅଞ୍ଚଳ ଘରେ ପ୍ରବେଶ କରୁଛି। ବର୍ତ୍ତମାନ ଭବାନୀପାଟଣା ପୌର ପରିଷଦ ମୁଖ୍ୟ ଭାବେ ଜିଲାପାଳ ଦାୟିତ୍ୱ ତୁଲାଉଛନ୍ତି ଏବଂ ସେ ସହରର ପରିମଳ ବ୍ୟବସ୍ଥା ସୁଧାର ଆଣିବାରେ ପ୍ରୟାସ କରୁଛନ୍ତି। ସହର ଅଳିଆ ଆବର୍ଜନା ସଫେଇ ସକାଶେ କେତେଗୁଡିଏ ସଫେଇ ଗାଡି କିଣାଯାଇ ଗୀତ ବାଜି ଗଳିକନ୍ଦିରେ ବୁଲୁଛି। ସହରରୁ ମଇଳା ପାଣି ନିଷ୍କାସନ ସକାଶେ ତିଆରି କରାଯାଇଥିବା ବହୁ ବର୍ଷର ପୁରୁଣା ନାଳ ଭାଙ୍ଗିଯାଇଛି। ରାସ୍ତା ଉପରେ ପୋତି ଗନ୍ଧ ପାଣି ବୋହି ଯାଉଛି। ଲୋକେ ସେହି ମଇଳା ପାଣି ଉପରେ ଚାଲିବାକୁ ବାଧ ହେଉଛନ୍ତି। ଭବାନୀପାଟଣା ସହର ଗାନ୍ଧୀ ଚୌକଠାରୁ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଛକ ପର୍ଯ୍ୟନ୍ତ ଅସରାଏ ବର୍ଷା ହେଲେ ନାଳ ନର୍ଦ୍ଦମା ପାଣି ରାସ୍ତା ଉପରେ ବୋହୁଛି। ସେହି ରାସ୍ତା ଦେଇ ଯାନବାହନ ଯାତାୟାତ କରିବା ସମୟରେ ଲୋକଙ୍କ ଉପରେ ମଇଳା ପାଣି ଛିଟିକି ଲୁଗାପଟା ଉପରେ ପଡୁଛି। ଏ ସମ୍ପର୍କରେ ସହରର କେତେକ ବ୍ୟକ୍ତି ପୌର ପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ଲିଖିତ ଆକାରରେ ଅଭିଯୋଗ କରିଛନ୍ତି। ସେହିଭଳି ଅଳ୍ପ ବର୍ଷା ହେଲେ ସହର ମଇଳା ପାଣି ନିଷ୍କାସନ ହୋଇ ନ ପାରି ସହର ମଧ୍ୟସ୍ଥଳିରେ ଥିବା ବସଷ୍ଟାଣ୍ଡରେ ପ୍ରବେଶ କରି ଏକ ଦୁଷିତ ପରିବେଶ ସୃଷ୍ଟି କରୁଛି। ଭବାନୀପାଟଣା ଘୋଡାଘାଟଛକ, ମହାବୀରପଡା, ବିଜୁ କଲ୍ୟାଣ ମଣ୍ଡପ ସମ୍ମୁଖ, ଷ୍ଟେଟ୍ରୁଛକ ନିକଟସ୍ଥ, ରେଡକ୍ରସ କଲ୍ୟାଣ ମଣ୍ଡପ, ଅର୍କାବାହାଲି ପଡା, ଗୋସାଲପଡା, ମନ୍ଦାର ବଗିଚାପଡା, ହିଲଟାଉନ ଆଦି ଅଞ୍ଚଳରେ ମାସ ମାସ ଧରି ମଇଳା ଆବର୍ଜନା ପାଣି ଜମି ରହୁଛି। ଫଳରେ ମଶା, ମାଛି ସଂଖ୍ୟା ବୃଦ୍ଧି ପାଇ ମ୍ୟାଲେରିଆ, ଝାଡ଼ାବାନ୍ତି ଆଦି ରୋଗୀଙ୍କ ସଂଖ୍ୟା ଜିଲା ମୁଖ୍ୟ ଡାକ୍ତରଖାନାରେ ବୃଦ୍ଧି ପାଉଛି। ଚଳିତ ବର୍ଷ ବିଭିନ୍ନ ଅଞ୍ଚଳରେ ମଇଳା, ଆବର୍ଜନା ପାଣି ଭରି ରହୁଥିବାରୁ ମ୍ୟାଲେରିଆ ଓ ଡେଙ୍ଗୁ ମଶା ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ଦେଖା ଦେଲାଣି। ଚଳିତବର୍ଷ ସହରର ପରିମଳ ବ୍ୟବସ୍ଥା ତୁରନ୍ତ ସୁଧାର ଅଣା ନ ଗଲେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ଥିବାରୁ ସହରବାସୀ ଭୟଭିତ ହୋଇପଡିଛନ୍ତି। ଜିଲାପାଳ ପରିମଳ ବ୍ୟବସ୍ଥା ସୁଧାର ଆଣିବା ସକାଶେ ବିଶେଷ ଧ୍ୟାନ ଦେବା ସହ ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର, ଫିନାଇଲ ପକାଯିବା ଓ ମେଶିନ୍ ଜରିଆରେ ମଶାମରା ଧୂଆଁ ବିଭିନ୍ନ ୱାର୍ଡରେ ନିର୍ଦ୍ଧାରିତ ସମୟରେ ମରାଯିବା ସକାଶେ ପଦକ୍ଷେପ ନେବାକୁ ସହରର ବୁଦ୍ଧିଜୀବୀ ମାନେ ଅନୁରୋଧ କରିଛନ୍ତି।

**ଭବାନୀପାଟଣା ସହର**



ଡ୍ରେନ ପାର୍ଶ୍ୱରେ ଜମି ରହିଥିବା ଆବର୍ଜନା।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ହାଇସ୍କୁଲସ୍ତରୀୟ ଭଲିବଲ, ବ୍ୟାଡମିଣ୍ଟନ ପ୍ରତିଯୋଗିତା

**ଖଡିଆଲ,୧୫।୯(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲ ବ୍ଲକ ଲୋହରାପାଲି ହାଇସ୍କୁଲଠାରେ ରବିବାର ହାଇସ୍କୁଲସ୍ତରୀୟ ଭଲିବଲ ଓ ବ୍ୟାଡମିଣ୍ଟନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୭ ବର୍ଷରୁ କମ୍ ବୟସ୍କର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଯେଉଁ ଖେଳାଳିମାନେ ଉତ୍ତମ ଖେଳ ପ୍ରଦର୍ଶନ କରି ଚୟନ ହେବେ ସେମାନେ ଆସନ୍ତା ୧୭ ତାରିଖରେ ନୂଆପଡା ମିନିଷ୍ଟାଡିୟମଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଏଥିରେ ଯେଉଁ ଖେଳାଳିମାନେ ଚୟନ ହେବେ ସେମାନେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି କ୍ରୀଡାଶିକ୍ଷା ନିରୀକ୍ଷକ ସୂଚନା ଦେଇଛନ୍ତି ।



### ମହାଲିଙ୍ଗା କଲେଜଠାରେ ଚାରାରୋପଣ

**ଗୋଲାମୁଣ୍ଡା/କେଗାଁ,୧୫।୯ (ଡି.ଏନ.ଏ.)** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗା ଗ୍ରାମପଞ୍ଚାୟତ ତରଫରୁ ସ୍ଥାନୀୟ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମପଞ୍ଚାୟତ ସରପଞ୍ଚ ସୁଶାନ୍ତ ସାହୁଙ୍କ ଅଧକ୍ଷତାରେ ମହାବିଦ୍ୟାଳୟ ସଭାପତି ଗୋବିନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମହାବିଦ୍ୟାଳୟ ଚର୍ତୁପାର୍ଶ୍ୱରେ ଅନେକ ମୁଲ୍ୟବାନ ଚାର ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ରଣଜିତ ସାହୁ, ନିଧି ପୁଟେଲ, ବାସୁଦେବ ପଣ୍ଡା, ଜାଙ୍କସ ମେହେର, ରମେଶ ଦାଶ ତଥା ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରା ରୋପଣକାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

■ କଣ୍ଟାବାଞ୍ଜିରେ ପୋଲିସର ଚଢ଼ାଉ

# ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ

**କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.)**

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ କମ୍ପାନୀ ନାଁରେ କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ବ୍ରାଣ୍ଡର ନକଲି ସାମଗ୍ରୀ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନରେ ଶନିବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଏଥିରେ କମ୍ପାନୀର ୪ ଜଣିଆ ଟିମ୍ ମଧ ସାମିଲ ହୋଇଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ଖୁଚୁରା ଦୋକାନୀ ଏବଂ ଥୋକ ବିକ୍ରେତାଙ୍କ ଉପରେ ଚଢାଉ ହୋଇଥିଲା। ଚଢାଉ ବେଳେ ସ୍ଥାନୀୟ ସାପ୍ତାହିକ ବଜାର ରୋଡସ୍ଥିତ ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲଙ୍କ ନିକଟରୁ ୫୮ ହଜାର ୬ ଶହ କ୍ଲିନିକ ପ୍ଲସ ସେମ୍ପୁ ପାଉଚ, ଇନ୍ଦିରା ଛକ ନିକଟସ୍ଥ କହ୍ନେୟା ଟ୍ରେଡିଂର ମାଲିକ ମଣ୍ଟୁ ଗୋୟଲଙ୍କ ଦୋକାନରୁ ୨ହଜାର ୮୮୦ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ଜବତ କରାଯାଇଥିଲା।

ସେହିପରି ବଙ୍ଗୋମୁଣ୍ଡା ରାସ୍ତା ରେଳବାଇ ଫାଟକ ନିକଟସ୍ଥ ରାଜେଶ ଅଗ୍ରୱାଲଙ୍କ ଦୋକାନରୁ ବିକ୍ରି ହୋଇଥିବା ୯୫୪ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ସହ ହରିଭବନ ସମ୍ମୁଖସ୍ଥିତ ପାୟଲ ଫେନ୍ସି ଷ୍ଟୋରର ମାଲିକ ବିଷ୍ଣୁ ଜୈନଙ୍କ ଦୋକାନରୁ ୨ଟି ଲେକ୍‌ମି ସ୍କିନ ଫ୍ରେସନର, ୩ଟି ଆଇ ଲୁମ୍ବ(୫ଗ୍ରାମର) ଜବତ କରାଯାଇଥିବା ଜଣାପଡିଛି। ଏନେଇ କମ୍ପାନୀର ଲିଗାଲ ଏଟନୀ ନୟନ ତାରା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ । କଣ୍ଟାବାଞ୍ଜି ପୋଲିସ ଏକ ମାମଲା(ନଂ.୧୭୯/୨୦୧୮) ରୁଜୁ କରି ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲ ଏବଂ କହ୍ନେୟା ଟ୍ରେଡିଂର ମଣ୍ଟୁ ଅଗ୍ରୱାଲଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଚଢାଉରେ କମ୍ପାନୀର ନୟନ ତାରାଙ୍କ ସହ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକରାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କିଛିବର୍ଷ ପୂର୍ବରୁ ନକଲି ଔଷଧକୁ ନେଇ କଣ୍ଟାବାଞ୍ଜି ସହରରେ ଚଢ଼ାଉ କରାଯାଇଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା । ଏବେ ନକଲି କସ୍‌ମେଟିକ୍ ସାମଗ୍ରୀ ଜବତ୍ କରାଯାଇଥିବା ଘଟଣା ଗ୍ରାହକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନ ବଜାରରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

**୨ ଦୋକାନୀଙ୍କୁ କୋର୍ଟ ଚାଲାଣ**

■ ଯାଦବ ସମାଜର ଜିଲାସ୍ତରୀୟ ବୈଠକ

# ସମାଜର ସାଙ୍ଗଠନିକ ସମୀକ୍ଷା

**ନୂଆପଡା ଅଫିସ,୧୫।୯**

ସ୍ଥାନୀୟ ଜିଲା ଯାଦବ ଭବନରେ ଯାଦବ ସମାଜର ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ହରେରାମ କଠାର ସଭାପତିତ୍ୱ କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ଉପସଭାପତି ତଥା କାର୍ଯ୍ୟକାରୀ ସଭାପତି ଚଞ୍ଚଳ ସଗରିଆ, କୋମନା ବ୍ଲକ ସଭାପତି ଅକ୍ରୁର ନିଆଲ, ନୂଆପଡା ବ୍ଲକ ସଭାପତି କୃଷ୍ଣ ଖର୍ସେଲ, ସମ୍ପାଦକ ଜୋହନ ରାଉତ, ସିନାପାଲିରୁ ଟଙ୍କଧର ନିଆଲ, ଖଡିଆଳରୁ ସନ୍ତୋଷ କୁମାର ନିଆଲ, ବୋଡେନରୁ ଲୋକନାଥ ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ନୂଆପଡା ବ୍ଲକ ସଭାପତି ରାଉତ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସଭା ପ୍ରାରମ୍ଭରେ ସ୍ୱର୍ଗୀୟ ମନୋହର ଗହୀରଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସଙ୍ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସମାଜ ବିଭିନ୍ନ କ୍ଷେତ୍ରରେ ଆଗକୁ ଯାଇଥିଲେ ମଧ୍ୟ ଶିକ୍ଷା, ଆର୍ଥିକ ସଂସ୍କାର ଦିଗରେ କାମ କରିବା ଆବଶ୍ୟକତା ରହିଥିବା ବକ୍ତାମାନେ ଆଲୋଚନା କରିଥିଲେ। ଏହିଭଳି ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ, ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଉପରେ ବକ୍ତାମାନେ ମତଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭରତଲାଲ ରାଉତ, ମହେଶ ନିଆଲ, ଗଜେନ୍ଦ୍ର ନିଆଲ, ବିରାଟ ବାଗ, ନେପାଲ ଖର୍ସେଲ, ଲଖନ ରାଉତ, ଲାଲସିଂ ରାଉତ, ପ୍ରହଲ୍ଲାଦ ପୋଢ଼, ମଙ୍ଗଳ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ।



ଜିଲା ଯାଦବ ସମାଜର ଜିଲାସ୍ତରୀୟ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

■ ଉପରଝରରେ ନୂଆଁଖାଇ ଭେଟ୍‌ଘାଟ୍

# ସମସ୍ତେ ମିଶି ଅଞ୍ଚଳର ବିକାଶ କରିବା

**ଦେଓଗାଁ,୧୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଉପରଝରରେ ସ୍ଥାନୀୟ ଯୁବ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ସମସ୍ତେ ମିଶି ଅଞ୍ଚଳର ବିକାଶ କରିବାକୁ ଆହ୍ୱାନ ଦେବା ସହ ଗାଁଗୁଡିକରେ ଏକତା ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ରାଜୀବ ପଟେଲ, ସ୍ଥାନୀୟ କୃଷିସେବା ସମବାୟ ସମିତି ସଭାପତି ପଞ୍ଚାନନ ପଧାନ, ବ୍ରଜବନ୍ଧୁ ପ୍ରଧାନ, ଯୁବନେତା ବିଶ୍ୱଜିତ ପାତ୍ର, କାନ୍ତେଶ୍ୱର ପଧାନ, ମକୁନ୍ଦପୁର ସରପଞ୍ଚ ବାଳକ ପଧାନ ପ୍ରମୁଖ ଯୋଗଦେଇ ନୂଆଁଖାଇ ପର୍ବର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏପରି କି ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସମସ୍ତଙ୍କୁ ଏକାଠି କରି ଭାତୃତ୍ୱଭାବ ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଯୁବନେତା ଅସିତ ମିଶ୍ର ଅତିଥି ପରିଚୟ ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ଯୁବ ସଂଗଠନ ସଭାପତି ବିକାଶ ବିଶ୍ୱାଳ, ଉପସଭାପତି ରମେଶ କୁମାର ମହାପାତ୍ର, ସମ୍ପାଦକ ରଞ୍ଜନ ପଧାନ, ଯୁଗ୍ମ ସମ୍ପାଦକ ଜୟ ଶଙ୍କର ମେହେର, ଧନମାଲି ଭୋଇଙ୍କ ସହ ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଏକ୍ ତରା ଜୁଲ୍ ଜୁଲ୍‌ର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୧୫।୯**

ବଲାଙ୍ଗୀର ଅମଲା ଭବନଠାରେ କବି ସୁଶାନ୍ତ ବାଗ୍‌ଙ୍କ ଲିଖିତ ଲୋକପ୍ରିୟ କୋସଲୀ କବିତା ସଙ୍କଳନ ଏକ ତରା ଜୁଲ୍ ଜୁଲ୍‌ର ଦ୍ୱିତୀୟ ସଂସ୍କରଣର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। କବି ନିମାଇଁ ଚରଣ ପାଣିଗ୍ରାହୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପନ୍ୟାସିକ ବଳଦେବ ଦୀକ୍ଷିତ, ମୁଖ୍ୟବକ୍ତା ଅଧାପକ ମୋହନ ସାହୁ, ପ୍ରଥମ ସଂସ୍କରଣର ପ୍ରକାଶକ ଅରୁଣ କୁମାର ମିଶ୍ର, ସଙ୍ଗଠକ ଶାନ୍ତନୁ କୁମାର ନାଏକ ମଞ୍ଚାସୀନ ଥିଲେ। ଦ୍ୱିତୀୟ ସଂସ୍କରଣକୁ ଅତିଥିମାନେ ଲୋକାର୍ପିତ କରିବା ପରେ ସଂସ୍କରଣ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ସାହୁ କୋସଲୀ ଭାଷା ସାହିତ୍ୟ ଉପରେ ମାର୍ମିକ ଉପସ୍ଥାପନା କରି ଭାଷା ଓ ସଂସ୍କୃତିକୁ ଅବକ୍ଷୟ ଓ ଅସତ୍ ବ୍ୟବହାରରୁ ରୋକିବାକୁ କହିଥିଲେ। ସଭାରେ ବୀରେନ୍ଦ୍ର କୁମାର ଝାଙ୍କର, ଓଁପ୍ରଣବ ନାୟକ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଧାପକ ଜଗନ୍ନାଥ ସାହୁ, ପୁସ୍ତମ ଜୁଏଡ ବକ୍ତବ୍ୟ ରଖିଥିଲେ । ସଭାରେ କୋସଲୀ ଗବେଷକ ଓ ସାହିତ୍ୟିକ ରାମଭକ୍ତ ଫରିକାର, କବି ସନ୍ଦୀପ କୁମାର କୁଅଁର, କଳ୍କି ମିଶ୍ର, ନିରୁପମା ଉଦ୍‌ଗାତା, ମନୋରଞ୍ଜନ ସାହୁ, ରାଜେଶ ଝାଙ୍କର, ଗଣେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁପ୍ରିୟା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜିଲା ୮୪ ଘର ଅଘରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍




ଅଘରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ,୧୫।୯**

ସ୍ଥାନୀୟ ଟାଉନ ହଲ୍‌ଠାରେ ରବିବାର ବଲାଙ୍ଗୀର ଜିଲା ୮୪ ଘର ଅଘରିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକଦିଗାମ୍ବର ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସମାଜ ସଭାପତି ହରିଶଙ୍କର ସାଏ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ପୋଲିସ ଅଧିକାରୀ ନରେଶ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଏସ୍‌ଡିପିଓ ସୁରେଶ କୁମାର ନାଏକ ଯୋଗ ଦେଇଥିଲେ। ବଲାଙ୍ଗୀର ଗୁଡି ସଭାପତି ମନୋରଞ୍ଜନ ସାଏ, କେନ୍ଦ୍ର ଉପସଭାପତି ଷଡାନନ ରାଉତ ମଞ୍ଚାସୀନ ଥିଲେ। ଅତିଥିମାନେ ମହାପ୍ରଭୁ ଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ଦର୍ଶକଙ୍କୁ ମହିଳା ମଞ୍ଚ ସଭାନେତ୍ରୀ ମିତା ରାଉତ୍ ନୂଆଁ କୁଁଢା ବଣ୍ଟନ କରିଥିଲେ । ଏହି ଅବସରରେ କେନ୍ଦ୍ର କମିଟି ତରଫରୁ ସ୍ୱର୍ଗତ ଦୁର୍ଗା ପ୍ରସାଦ ସାଏଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଲିଲି ପଟେଲ, କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଜିତ କୁମାର ସାଏଙ୍କୁ ସମ୍ମାନିତ କରାଯାଇଥିଲା। ବଲାଙ୍ଗୀର ଗୁଡି ପକ୍ଷରୁ ୩ ଜଣ ଦିବଙ୍ଗତ ବ୍ୟକ୍ତି ସମାଜିକ କର୍ମୀ ସ୍ୱର୍ଗତ ପ୍ରସନ୍ନ ରାଉତ୍, ସ୍ୱର୍ଗତ ସିଦ୍ଧେଶ୍ୱର ସାଏ ଓ ସ୍ୱର୍ଗତ ମହାଦେବ ସାଏଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ସହଆବାହକ ଜୟକୃଷ୍ଣ ନାଏକ ବିବରଣୀ ପାଠ କରିଥିଲେ। ଶେଷରେ ନୀଳମଣି ପଟେଲ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଦ୍ୟଯନ୍ତ୍ରରେ ବାଳକୃଷ୍ଣ ପଟେଲ, ସୁବୀନ୍ଦ୍ର ପଟେଲ, ଚୈତନ୍ୟ ପଟେଲ, ଭକ୍ତ ପଟେଲ, ଦୁଷ୍ମନ୍ତ ପଟେଲ ସହଯୋଗ କରିଥିଲେ। ଲର୍କପାଲି, ଫଟକରା ଓ ବଲାଙ୍ଗୀର ଗୁଡିର ସଭ୍ୟମାନେ ଖାଦ୍ୟ ପରିବେଷଣ କରିଥିଲେ । ୧୮ ଗୁଡି ସଭାପତି, ୧୧ ଜଣ ଉପଦେଷ୍ଟା, ୪ ଜଣ ମଣ୍ଡଳ ସଭାପତି, ଗ୍ରାମ୍ୟ ଓ ଗୁଡି କର୍ମକର୍ତ୍ତା, ମହିଳା ମଞ୍ଚ, ଯୁବା ମଞ୍ଚ ଓ କୃଷକ ମଞ୍ଚର ସଭ୍ୟ ସଭ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଅଘରିଆ ପରିବାର ସଦସ୍ୟ ଯୋଗ ଦେଇଥିଲେ । ସୁରେନ୍ଦ୍ର ପଟେଲ, ଆଶିଷ କୁମାର ନାଏକ, ସୁରଥ ନାଏକ, ସୁମନ୍ତ ରାଉତ, ଗୋବିନ୍ଦ ପଟେଲ ଓ ବାଳକୃଷ୍ଣ ପଟେଲ ସହଯୋଗ କରିଥିଲେ।

# ବାପୁଜୀ ସ୍କୁଲରେ ଚାରା ରୋପଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୫।୯(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷ୍ଟେଟ ବ୍ୟାଙ୍କ ପେନସନର କଲ୍ୟାଣ ସଂସ୍ଥା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସୁଢଳଦେବ ମୁଣ୍ଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଷ୍ଟେଟ ବ୍ୟାଙ୍କ ପେନସନର କଲ୍ୟାଣ ସଂସ୍ଥା ସଭାପତି କୁବେର ଦାଶ, ସମ୍ମାନିତ ଅତିଥି ସମ୍ପାଦକ ଦୀନବନ୍ଧୁ ମୁଣ୍ଡ, ସଞ୍ଜୀବ କୁମାର ନାଏକ, ଭାରତୀ ଭୂଷଣ ଶତପଥୀ, ବି. କୈଳାସ ରାଓ, ବିଜୟ କୁମାର ହୋତା, ଅଚ୍ୟୁତାନନ୍ଦ ପଣ୍ଡା, ବାଞ୍ଛାନିଧି ମିଶ୍ର, ନକୁଳ ସାହୁ, ହରିଶଙ୍କର ପଟ୍ଟନାୟକ ପ୍ରମୁଖ ଚାରା ରୋପଣ ନେଇ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଦାମୋଦର ବେହେରା, ସୁମନ୍ତ କୁମାର ମୁଣ୍ଡ, ଜ୍ୟୋସ୍ନା ପଟ୍ଟନାୟକ, ଛନ୍ଦିତା ଦାଶ, ଗୀତା ଦେଇ, ବିଷ୍ଣୁପ୍ରିୟା ଚଣ୍ଡ, ମୀନତି ନାଏକ, ସସ୍ମିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।



■ ଭାନୁ ପ୍ରକାଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ବାରିକ୍ ଚ୍ୟାଲେଞ୍ଜର୍ସ ଉଦ୍ୟାନ ବନ୍ଧ ଚାମ୍ପିୟନ

**କୋମନା,୧୫।୯(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଭେଲା ମିନି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଭାନୁପ୍ରକାଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଦ୍ୟାନବନ୍ଧ ବାରିକ ଚ୍ୟାଲେଞ୍ଜର ଭେଲା ଦଳକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବାହ୍ନରେ ବାରିକ ଚ୍ୟାଲେଞ୍ଜର ଉଦ୍ୟାନବନ୍ଧ ଓ ଭେଲା ଦଳ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ବାରିକ ଚ୍ୟାଲେଞ୍ଜର ଦଳ ଭେଲା ଦଳକୁ ୪ଟି ଗୋଲ ଦେଇଥିଲା। ଜବାବରେ ଭେଲା ଦଳ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା। ବାରିକ ଚ୍ୟାଲେଞ୍ଜର ୪-୨ ଗୋଲରେ ଭେଲାକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରାଜେନ୍ଦ୍ର ଡୋଲକିଆ, ସମ୍ମାନିତ ଅତିଥି କୋମନା ବ୍ଲକ ଚେୟାରମ୍ୟାନ ମନୋଜ କୁମାର ମିଶ୍ର, ଏମ୍‌ପି ପ୍ରତିନିଧି ଅଭିନନ୍ଦନ ପଣ୍ଡା, ବିଜେଡି ନେତା ଅବନୀ ରଞ୍ଜନ ଜୋଷୀ, ନନ୍ଦିଘୋଶ ଖମାରୀ, ରତନ କେତକି ପ୍ରମୁଖ ଯୋଗଦେଇ ବିଜେତା ଉଦ୍ୟାନବନ୍ଧ ଦଳକୁ ଚାମ୍ପିୟନ ଟ୍ରଫି ଓ ଭେଲା ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ଉମେଶ ଭୋଇ ଏବଂ ମ୍ୟାନ ଅଫ ଦି ମ୍ୟାଚ ପିଙ୍କୁ ବିବେଚିତ ହୋଇଛନ୍ତି। ସେହିଭଳି ବେଷ୍ଟ ଗୋଲ କିପର ମଧୁ ନାୟକଙ୍କୁ ମିଳିଥିବା ବେଳେ ବେଷ୍ଟ ଡିଫେନସର ଭାବେ ଖର ଭାଇଙ୍କୁ ଦିଆଯାଇଛି। ବଳରାମ ସରାଫ, ଗୁଡୁ ମାଝି, ବନ ସାହୁ ଏବଂ ତ୍ରିନାଥ କୁମ୍ଭାର ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ମୁକେଶ ଦଣ୍ଡସେନା ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ପ୍ରାୟୋଜକ ବିମଳ ଯୋଷୀ, କମଳ ଯୋଷୀ, ଦେବାଶିଷ ଯୋଷୀ, ତାରାନନ୍ଦ ଶବର, ବିଷ୍ଣୁପ୍ରିୟା ମେଡିକାଲ ଓ ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସମାଜିକ କର୍ମୀ ଦୁଲୁ ସୁପକାର, ରତିକାନ୍ତ ମହାନ୍ତିଙ୍କ ସମେତ କମିଟି ସଦସ୍ୟ କ୍ଷୁଦ୍ରଦେବ ଶବର, ହେତୁରାମ ଶବର, ସାଗର ଶବର, ଲିଟୁ ସେଠୀ, ଆଶିଷ ଶବର, ପରେଶ ଶବରଙ୍କ ରାହୁଲ ଶବର ପ୍ରମୁଖ ସହଯୋଗ କରିଥିଲେ।



ବାରିକ ଚ୍ୟାଲେଞ୍ଜର୍ସ ଉଦ୍ୟାନ ବନ୍ଧ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

# ବଲାଙ୍ଗୀର ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୧୫।୯**

ବଲାଙ୍ଗୀର ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ଦଳୀୟ କର୍ମକର୍ତ୍ତା ପ୍ରଦୀପ ପ୍ରଜ୍ଜଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବୈଠକରେ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗ ଦେଇଥିଲେ । ଯୁବ ବିଜେଡି ଜିଲା ସଭାପତି ଲୋଟଷ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଭବାନୀ ପ୍ରସାଦ ହୋତା ସଭା ପରିଚାଳନା କରିଥିଲେ । ବୈଠକରେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ସରୋଜ ମେହେର, ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଆୟୁବ ଖାଁ, ପ୍ରକୃତି ସିଂଦେଓ, ଉପସଭାପତି ଉମାଶଙ୍କର ସିଂ, ମଧୁ ଦାସ, ବନମାଳୀ ଖମାରୀ, ପ୍ରଦୀପ ଗୁରୁ, ଗିରିଧାରୀ ପତି, ଜିଲା କୃଷକ ସଭାପତି ଅଜୟ ଦାସ, ପ୍ରଦୀପ ବେହେରା, ଲଳିତ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଗୁଞ୍ଜା ଖାନ୍ ମଞ୍ଚାସୀନ ହୋଇଥିଲେ। ବୈଠକ ଆରମ୍ଭରେ କ୍ୟାବିନେଟରେ ସ୍ଥାନ ପାଇଥିବା ମନ୍ତ୍ରୀ ସୁଶାନ୍ତ ସିଂ, ମନ୍ତ୍ରୀ ଟୁକୁନି ସାହୁ, ପ୍ରଥମ ଥର ବିଧାୟକ ହୋଇଥିବା ସରୋଜ ମେହେରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲା ସଭାପତି ସିଂଦେଓ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ନୂତନ ସଭ୍ୟ ସଂଗ୍ରହ କରି ରାଜ୍ୟରେ ବଲାଙ୍ଗୀର ଜିଲାକୁ ଏକ ନମ୍ବର ଜିଲା କରିବା ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ଜିଲାରେ ପଦଯାତ୍ରା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ଜଣାପଡିଛି । ବୈଠକରେ ଜିଲାର ସମସ୍ତ ବ୍ଲକ, ସବ୍‌ଡିଭିଜନ, ମ୍ୟୁନିସିପାଲଟି, ଏନ୍‌ଏସି ଓ ପଞ୍ଚାୟତରୁ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।




ବଲାଙ୍ଗୀର ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### 'ସଂକଳ୍ପ' ଆୟୋଜିତ ୧୮ତମ ନାଟକ ପ୍ରତିଯୋଗିତା ନଭେମ୍ବର ୫ରୁ

**ରାଉରକେଲା ଅଫିସ, ୧୫।୯-** ଅଗ୍ରଣୀ ନାଟ୍ୟାନୁଷ୍ଠାନ ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ତରଫରୁ ଆୟୋଜିତ ୧୮ତମ ଓଡିଆ କ୍ଷୁଦ୍ର ନାଟକ ପ୍ରତିଯୋଗିତା ସିଭିକ୍ ସେଣ୍ଟର ଠାରେ ଆସନ୍ତା ନଭେମ୍ବର ୫ରୁ ଆରମ୍ଭ ହୋଇ ୧୦ ତାରିଖ ଉଦ୍‌ଯାପିତ ହେବ ବୋଲି ରବିବାର ଅପରାହ୍ଣରେ ବିଶ୍ରା ଡାହାରସ୍ଥିତ ଇଣ୍ଡୋ ଇଂରାଜୀ ସ୍କୁଲ ପରିସରରେ ଅନୁଷ୍ଠିତ 'ସଂକଳ୍ପ'ର ସାଧାରଣ ପରିଷଦ ବୈଠକରେ ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୬ ଦିନ ବ୍ୟାପି ହେବାକୁ ଥିବା ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦ ଗୋଟି ନାଟକ ଦଳ ସେମାନଙ୍କର ନାଟକ ପରିବେଷଣ କରିବେ। ଶେଷ ଦିନ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ। ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷା ମଞ୍ଜୁ ମୁଖାର୍ଜୀ ଅଧ୍ୟକ୍ଷତା କରିଥିବା ବେଳେ ସଭାପତି ସୁଜିତ ବିଶ୍ୱାସ ସଭାପତିତ୍ୱ କରିଥିଲେ। ନାଟକ ପ୍ରତିଯୋଗିତାର ସଫଳତା ନିମନ୍ତେ କଳା ସଂସ୍କୃତିକୁ ଭଲ ପାଉଥିବା ବ୍ୟକ୍ତି ଓ ସଙ୍ଗଠନ ମାନେ ଏ ଦିଗରେ ସାହାଯ୍ୟ ସହଯୋଗ କରିବାକୁ ସଭାପତି ବିଶ୍ୱାସ ନିବେଦନ କରିଥିଲେ।

### ମୋଟରଯାନ କ୍ଷେତ୍ର କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ

# ସ୍ୱାଧୀନ ଭାବେ କାମ କରିବାକୁ ସୁଯୋଗ ଦିଆଯାଉନି

**ରାଉରକେଲା ଅଫିସ,୧୫।୯**

ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରାଯାଉଛି। ଏମାନଙ୍କୁ ସରକାର ବାରମ୍ବାର ଅବହେଳା କରି ଚାଲିଛନ୍ତି। ଯୋଜନାବଦ୍ଧ ଭାବେ କୁତ୍ସା ରଟନା କରାଯାଉଛି ବୋଲି ସେକ୍ଟର୪ ଡାକବଙ୍ଗଳା ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ମୋଟର ଭେଇକିଲ ଫିଲ୍ଡ ୱାର୍କରର୍ସ ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିରେ ଉପସ୍ଥିତ କର୍ମକର୍ତ୍ତା ଅଭିଯୋଗ କରି କହିଥିଲେ ଯେ, ଏ କ୍ଷେତ୍ରରେ କାମ କରୁଥିବା କର୍ମଚାରୀଙ୍କୁ କେବେ ମୁକ୍ତ ବା ସ୍ୱାଧୀନ ଭାବେ କାମ କରିବାକୁ ସୁଯୋଗ ଦିଆଯାଉନି। ବିଭିନ୍ନ ସମୟରେ ହେୟ ତଥା ହୀନ ଚକ୍ଷୁରେ ଦେଖା ଯାଉଛି। ଯାହା ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମୀଚିନ ନୁହେଁ। ପଣ୍ଡିତ ନେହେରୁଙ୍କ ମସୟରୁ ପରିବହନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ଉଦ୍ୟମ କରାଯାଇ ଥିଲା। ତତ୍କାଳୀନ ସାଂସଦ ମିନୁ ମାସାନିଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବି ଗଠନ କରାଯାଇ ଥିଲା। ଏହି




ସେକ୍ଟର୪ ଡାକବଙ୍ଗଳା ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ମୋଟର ଭେଇକିଲ ଫିଲ୍ଡ ୱାର୍କର୍ସ ୟୁନିୟନର କର୍ମକର୍ତ୍ତା।

କମିଶନ ଦୀର୍ଘ ଦୁଇ ବର୍ଷ କାଳ କର୍ମଚାରୀଙ୍କ ସ୍ଥିତି ଆକଳନ କରି ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ସେ କହିଥିଲେ ସମଗ୍ର ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ହେଲେ କ୍ଷେତ୍ର କର୍ମଚାରିଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ହେବ। ଏମାନଙ୍କୁ ନିୟନ୍ତ୍ରିତ କରି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ହେବ। ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ସେହି ଅନୁଷାରେ ପରବର୍ତ୍ତୀ ଅବସ୍ଥାରେ ମୋଟର ଯାନ ପଞ୍ଜିକରଣ ଠାରୁ ନେଇ କ୍ଷେତ୍ର କର୍ମଚାରୀଙ୍କୁ ନିଯୁକ୍ତ କରାଗଲା। ଏମାନେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କଲେ। ଏହାକୁ ନେଇ ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଠାରୁ ଆରମ୍ଭ କରି ଅନ୍ୟ କେତେକ ରାଜ୍ୟରେ ଫିଲ୍ଡ ୱାର୍କର୍ସଙ୍କୁ ପରିଚୟ ପତ୍ର ପ୍ରଦାନ କରାଗଲା। ତେବେ ଆମ ରାଜ୍ୟ ଓଡିଶାରେ ଏଭଳି ନିୟମକୁ ଅଣଦେଖା କରାଗଲା। ଯିଏ ଯେମିତି ଜମା କରୁଛି ତାକୁ ସେହି ଅବସ୍ଥାରେ ଛାଡି ଦିଆଗଲା। ଫଳରେ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ଭାବେ ଆଜି ପର୍ଯ୍ୟନ୍ତ ଚାଲି ଆସୁଛି। ଏପରି ଅବସ୍ଥାରେ ତତ୍କାଳୀନ ବାରିଷ୍ଟର ରଂଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗତ ୧୯୭୧ରେ ପରିବହନ କ୍ଷେତ୍ରରେ ନିୟୋଜିତ କ୍ଷେତ୍ର କର୍ମଚାରୀଙ୍କୁ ସଂଗଠିତ କରି ଏକ ନୂତନ ସଙ୍ଗଠନ ପଞ୍ଜିକରଣ କଲେ। ଯାହାର ନାମ ଦିଆଯାଇ ଥିଲା ଓଡିଶା ମୋଟର ଭେଇକିଲ ଫିଲ୍ଡ ୱାର୍କର୍ସ ୟୁନିୟନ। ଏହା ପରଠୁ ପରିସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଆସିଲା। ତେବେ ଅତି ଆଶ୍ଚର୍ଯ୍ୟଜନକ ଭାବେ ଗତ ୧୯୯୮ରେ ଏହି ଧରଣର କର୍ମଚାରୀଙ୍କ ଉପରେ ରାଉରକେଲାରେ ରୋକ ଲଗାଗଲା। ତତ୍କାଳୀନ ଜିଲାପାଳ ଏମାନଙ୍କୁ ପରିବହନ କାର୍ଯ୍ୟାଳୟ ଆସିବାକୁ ନିଷେଧାଦେଶ ଜାରି କଲେ। ଯେଉଁମାନେ ଗାଡି ଚାଳକଙ୍କ ବିଭିନ୍ନ ସମସ୍ୟା ବୁଝୁଥିଲେ ସେମାନଙ୍କୁ ଏଥିରୁ ନିବୃତ ରହିବାକୁ କୁହାଗଲା। ଏ ନେଇ ସେତେବେଳେ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ଜବାବରେ କୋର୍ଟ କର୍ତ୍ତୃପକ୍ଷଏଭଳି କାର୍ଯ୍ୟକଳାପକୁ ଭତ୍ସନା କରିଥିଲେ। ପରେ ପରିବହନ କ୍ଷେତ୍ର କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଉଦ୍ୟମ କରାଯାଇଥିଲା। ତେବେ ଉଚ୍ଚ ଅଦାଲତଙ୍କ ଆଦେଶକୁ ଅଣଦେଖା କରି ପୁନଶ୍ଚ ଏବେ ପୋଲିସ ପ୍ରଶାସନ ପକ୍ଷରୁ ପରିବହନ କାର୍ଯ୍ୟାଳୟ କ୍ଷେତ୍ର କର୍ମଚାରୀଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଗଲା। ଯାହାକୁ ବେଆଇନ ବୋଲି ଦର୍ଶାଇଥିଲେ ସଂଘ କର୍ମକର୍ତ୍ତା ଅରିନ୍ଦମ ଦତ୍ତ ଓ ସୁରେନ୍ଦ୍ର ଦାସ ପ୍ରମୁଖ। ତୁରନ୍ତ ଏମାନଙ୍କୁ ଜିଲା ପରିବହନ କାର୍ଯ୍ୟାଳୟରେ କାମ କରିବାକୁ ସୁଯୋଗ ପ୍ରଦାନ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇ ଥିଲା।

### ପିଲାଙ୍କୁ ସଂସ୍କାର ଶିଖାଉଛନ୍ତି ଗାୟତ୍ରୀ ଉପାସିକା ମଞ୍ଜୁ ଶର୍ମା

**ରାଉରକେଲା ଅଫିସ,୧୫।୯**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ବୁଲି କୁନିକୁନି ପିଲାଙ୍କୁ ସଂସ୍କାର ଶିଖାଉଛନ୍ତି ଅଧ୍ୟାପିକା ତଥା ଗାୟତ୍ରୀ ଉପାସିକା ଡଃ ମଞ୍ଜୁଶର୍ମା ମହାପାତ୍ର। ଜଲଦା ବୀଣାପାଣି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମହାପାତ୍ର ବାଲ ସଂସ୍କାର ଉପରେ ପରାମର୍ଶ ପ୍ରଦାନ କରୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ପାତ୍ରଙ୍କ ଆଗ୍ରହ କ୍ରମେ ମହାପାତ୍ର ବିଦ୍ୟାଳୟ ଛାତ୍ରୀ ଛାତ୍ରଙ୍କୁ କବିତା, କାହାଣୀ, ନାଟକ ଓ ଗୀତ ସଙ୍ଗୀତ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି। ଭାରତୀୟ ସଂସ୍କୃତିର ମହାନ ଐତିହ୍ୟ, ପରମ୍ପରା ଓ ଏହାର ପାଳନ ନେଇ ସେ ପିଲାଙ୍କୁ ତାଲିମ ପ୍ରଦାନ କରି ଆସୁଛନ୍ତି। ପର୍ଯ୍ୟାୟ କ୍ରମ ପଲିଥିନ ନିସିଦ୍ଧ ଉପରେ ସଚେତନତା ସୃଷ୍ଟି କରାଯିବ ବୋଲି କହିଛନ୍ତି। କେବଳ ପିଲାମାନଙ୍କୁ ପୁସ୍ତକଗତ ଶିକ୍ଷା ପ୍ରଦାନ କରାଗଲେ ସେମାନେ ସଂସ୍କାରିତ ହେବେ ନାହିଁ। ପରିବାର, ସମାଜ ଓ ଦେଶ ଗଠନର ଭବିଷ୍ୟତ ପିଢିଙ୍କୁ ବେଳହୁଁ ଆମ ଗୌରବମୟ ଇତିହାସ ଉପରେ ଶିକ୍ଷା ପ୍ରଦାନ କରିବାକୁ ହେବ ବୋଲି ସେ କହିଛନ୍ତି। ସେ ବାଳିକା ଓ ମହିଳାଙ୍କୁ ସୁରକ୍ଷା କୌଶଳ ପ୍ରଦାନ କରିବା ସହ, ସିଲାଇ ଶିକ୍ଷା ପ୍ରଦାନ କରୁଛନ୍ତି ।



ମେଧାଶକ୍ତି ପ୍ରତିଯୋଗିତା ପୂର୍ବରୁ ଅତିଥିମାନେ ପୂଜାର୍ଚ୍ଚନା କରୁଛନ୍ତି।

## ମେଧାଶକ୍ତି ବିକାଶ ନେଇ ବିଦ୍ୟାର୍ଥୀଙ୍କ ବାର୍ଷିକ ପ୍ରତିଯୋଗିତା

**ରାଉରକେଲା ଅଫିସ, ୧୫।୯**

ରାଉରକେଲା ଉଦିତନଗର ପ୍ରାଥମିକ ବିଦ୍ୟାଳୟରେ 'ଆଭା ଅନ୍ୱେଷ' ପକ୍ଷରୁ ରବିବାର ମହାନଗର ସ୍ତରୀୟ ମେଧାଶକ୍ତି ବିକାଶ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ଟି ବିଦ୍ୟାଳୟର ପ୍ରାୟ ୨୦୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣଜ୍ଞାନ, ତର୍କ, ସୃଜନଶୀଳ ଲେଖା, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଶ୍ରା ବ୍ଲକର ଏବିଇଓ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଦେବବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।। ଅନୁଷ୍ଠାନର ସମ୍ପାଦକ ଶରତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧକ୍ଷ ଆର୍ତ୍ତତ୍ରାଣ ଜେନା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଆଭା ଅନ୍ୱେଷା ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜେନା ଆଲୋକପାତ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାର ବିଚାରକ ଭାବେ ଅନିରୁଦ୍ଧ ସାହୁ, ଅମୁଲ୍ୟ ବାରିକ, କୁନ୍ତଳା କୁମାରୀ ନାୟକ, ସବିତା ବସ୍ତିଆ, ସଞ୍ଜୟ ମଲ୍ଲିକ, ନଳିନୀ ସାହୁ, ଅଜିତ ପ୍ରଧାନ, ଅନ୍ତେ ନାୟକ, ସହଯୋଗ କରିଥିଲେ। ସିଆରସି ସବିତା ଜେନା, ସରସ୍ୱତୀ ପଯେଲ, ସୁଷମା ଜେନା, ମୁକ୍ତାମଞ୍ଜରୀ ଗିରି,ବିଜୟ ସାମଲ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ, ଆଭା ଅନ୍ୱେଷାର ସଦସ୍ୟା ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଳରାମ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ମାଲେସିଆରେ ରାଉରକେଲା କଳାକାରଙ୍କ କମାଲ

# ଏକାଧିକ ସ୍ଥାନରେ ପ୍ରଦର୍ଶନ ହେଲା ପାରମ୍ପରିକ ନୃତ୍ୟକଳା

**ରାଉରକେଲା ଅଫିସ,୧୫।୯**

ଆନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରଖ୍ୟାତ ନୃତ୍ୟଗୁରୁ ସିଙ୍ଗାରମଣି ଦେବାଶିଷ ପଟ୍ଟନାୟକଙ୍କ ମାର୍ଗ ଦର୍ଶନରେ ରାଉରକେଲାରୁ ମାଲେସିଆ ଯାଇଥିବା ଏକ ସଙ୍ଗୀତ ଦଳ ସେଠାରେ ଧୂମ ମଚାଇ ଫେରିଥିବା ଜଣାଯାଇଛି। ଗତ ୨୮ ଅଗଷ୍ଟରୁ ଏହି ନୃତ୍ୟ ଦଳ ମାଲେସିଆ ଗସ୍ତରେ ଯାଇଥିବା ବେଳେ ଗତ ୮ ସେପ୍ଟେମ୍ବରରେ ରାଉରକେଲା ଫେରି ଆସିଛନ୍ତି। ଦେବାଶିଷଙ୍କ ଦ୍ୱାରା ପରିଚାଳିତ ଦେବ ନୃତ୍ୟମ ଅନୁଷ୍ଠାନ ପକ୍ଷରୁ ମୋନାଲିସା କୁମାର, ମେଘନା ମିଶ୍ର, ଅଂକିତା ଖଟୁଆ, ଅଦ୍ୟାଶା ପାତ୍ର, ସ୍ୱୟଂପ୍ରଭା ସେଠୀ, ମୃତ୍ୟୁଞ୍ଜୟ ବାସା ଓ ସ୍ୱପ୍ନା ମିଶ୍ର ପ୍ରମୁଖ ଏହି ଦଳରେ ସାମିଲ ଥିଲେ। ଶୃଙ୍ଗାର କଳା ନିର୍ଦ୍ଦେଶିକା ରାଜଶ୍ରୀ ମିଶ୍ର ଓ ନୃତ୍ୟ ଗୁରୁ ଦେବାଶିଷ ଏମାନଙ୍କ ନେତୃତ୍ୱ ନେଇଥିଲେ। ଇଣ୍ଡିଆନ କଲଚରାଲ ଆସୋସିଏସନ ବ୍ରିକ ଫିଲ୍ଡ ଠାରେ ଆୟୋଜିତ ଓଡିଶୀ ସନ୍ଧ୍ୟାରେ ଏମାନଙ୍କୁ ନୃତ୍ୟ ପରିବେଷଣ ନିମନ୍ତେ ଆମନ୍ତ୍ରଣ କରାଯାଇ ଥିଲା। ୨୮ ଅଗଷ୍ଟରୁ ୮ ସେପ୍ଟେମ୍ବର ଯାଏ ମାଲେସିଆର



ନୃତ୍ୟମ ଅନୁଷ୍ଠାନର କଳାକାର ମାଲେସିଆରେ ନୃତ୍ୟ ପରିବେଷଣ କରୁଛନ୍ତି।

ଲେବହୁ ଆମପଙ୍ଗ, ପୁଚୁଙ୍ଗ, କ୍ଲାଂଗ ଆଦି ସ୍ଥାନରେ ଦେବ ନୃତ୍ୟମ ଦଳ ପକ୍ଷରୁ ଆକର୍ଷଣୀୟ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯାଇ ଥିଲା। ଯେଉଁଥିରେ ପଲ୍ଲବୀ, ମଙ୍ଗଳା ଚରଣ, ସ୍ଥାୟୀ ଓ ମୋକ୍ଷ ଆଦି ନୃତ୍ୟ ପ୍ରଦର୍ଶନ କରାଯାଇ ଥିଲା। ବିଦେଶ ମାଟିରେ ଓଡିଆ କଳାକାରଙ୍କ ନୃତ୍ୟକୁ ବେଶ ପ୍ରଶଂସା ମିଳିଥିଲା। ଗୁରୁ ଦେବାଶିଷ ଓ ଅନନ୍ୟା କାନନଙ୍କ ସହ ମେଘନା ମିଶ୍ରଙ୍କ ଯୁଗଳବନ୍ଦୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରବାସ ମାଟିରେ ଗୁରୁ ଦେବାଶିଷଙ୍କ ଜନ୍ମ ଦିନ ପାଳିଥିଲେ ତାଙ୍କର ଶତାଧିକ ଅନୁଗାମୀ, ନୃତ୍ୟ ଶିଳ୍ପୀ। ରାଉରକେଲା ଫେରିବା ପରେ ଏହି ନୃତ୍ୟ ଦଳଙ୍କୁ ରବିବାର ଦେବନୃତ୍ୟମ କାର୍ଯ୍ୟାଳୟ ସେକ୍ଟର ୩ ଠାରେ ଦିବ୍ୟସିଂ ଓ ସଂଧ୍ୟାରାଣୀ ପଟ୍ଟନାୟକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏଥିରେ ଅନୁଷ୍ଠାନର ବହୁ ଛାତ୍ରୀଛାତ୍ର ତଥା ନର୍ତ୍ତ୍ୟଶିଳ୍ପୀ ଉପସ୍ଥିତ ଥିଲେ।

### ସେକ୍ଟର ୧୬ ଦୁର୍ଗାପୂଜା କମିଟି ପକ୍ଷରୁ ହୀରକ ଜୟନ୍ତୀ

# ଶୋଭା ପାଇବ ବାହୁବଳୀ ତୋରଣ

**ରାଉରକେଲା ଅଫିସ, ୧୫।୯**

ସେକ୍ଟର- ୧୬ ରାଧାନାଥନଗର ଦୁର୍ଗା ପୂଜା କମିଟି ଚଳିତ ବର୍ଷ ୬୦ ବର୍ଷରେ ପଦାର୍ପଣ କରିଛି। ଏଥର କମିଟି ହିରକ ଜୟନ୍ତୀ ପାଳନ କରିବାକୁ ଯାଉଛି। ଅବସରରେ ପୂଜାସୋବକୁ ଆକର୍ଷଣୀୟ କରିବାକୁ ବହୁବିଧ ପଦକ୍ଷେପ ନେଇଛି। ଶ୍ରଦ୍ଧାଳୁଙ୍କୁ ଆକର୍ଷଣ ନିମନ୍ତେ ୧୧୦ଫୁଟ ଉଚ୍ଚ ୧୮୦ଫୁଟ ଚଉଡାର ବାହୁବଳୀ ପେଣ୍ଡାଲ ନିର୍ମାଣ କରାଯାଉଛି। ଏନେଇ ୩୦ଜଣ ଶ୍ରମିକ ଦୀର୍ଘ ମାସାଧିକ ହେବ କାମରେ ଲାଗିଛନ୍ତି। ପେଣ୍ଡାଲରେ ୫ ହଜାର ବାଉଁଶ ଓ ୧୫ଶହ ଖଣ୍ଡ କାଠ ବଟମ ବ୍ୟବହାର କରାଯିବ। କଲିକତାରୁ ଅସିଥିବା କାରିଗର ମୂର୍ତ୍ତି ଗଢିବାରେ ଲାଗିଛନ୍ତି। ଆସନ୍ତା ୪ରୁ ନେଇ ୧୩ ପର୍ଯ୍ୟନ୍ତ ଆୟୋଜିତ ପୂଜାରେ ମୀନା ବାଜାର ଅନ୍ୟ ଏକ ମୂଖ୍ୟ ଆକର୍ଷଣ ପାଲଟିବ ବୋଲି ଅନୁଷ୍ଠାନ ପକ୍ଷରୁ ରବିବାର ସୂଚନା ପ୍ରଦାନ କରିଛନ୍ତି ସଭାପତି ଗୌତମ ବୁଦ୍ଧ, ସମ୍ପାଦକ ଶୁକ୍ରୁ ବିଭାର, କୋଷାଧକ୍ଷ ସନ୍ତୋଷ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବାଡା, ବିଜୟ ରଜକ, ମୁରଲୀ ବାଡା, ବନମାଳି ବିଶୋୟୀ, ନାରାୟଣ ସତ୍ତୁ, ଅମିତ ସତ୍ତୁ, ରାଜା ଷଡଙ୍ଗୀ, ପଙ୍କଜ ସାମଲ, ଜିତୁ ସ୍ୱାଇଁ, ପ୍ରଦୀପ ପ୍ରଧାନ ଓ ସନ୍ତୋଷ ବେହେରା ପ୍ରମୁଖ।



ସେକ୍ଟର- ୧୬ ରାଧାନାଥନଗର ଦୁର୍ଗା ପୂଜା କମିଟିର ତୋରଣ।




ଏନଆଇଟିରେ ହିନ୍ଦୀ ଦିବସ ପାଳନ ଅବସରରେ ମୁଖ୍ୟଅତିଥିଙ୍କ ସହ କୁଳପତି ଓ ଅନ୍ୟମାନେ।

## ଏନ୍‌ଆଇଟିରେ ହିନ୍ଦୀ ଦିବସ ପାଳିତ

**ରାଉରକେଲା ଅଫିସ, ୧୫।୯**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ମହାସମାରୋହରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ର.ଅବନ୍ତୀ ସାହୁ ଅଧକ୍ଷତା କରିଥିଲେ। ପ୍ରସିଦ୍ଧ ଲେଖକ ଡା.ଅନୀଲ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷା ରାଷ୍ଟ୍ରକୁ ଏକତାରେ ବାନ୍ଧି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବର୍ଗର ସହଭାଗିତା ବଳରେ ଏହା ସମ୍ଭବ ହୋଇପାରିଛି। ତେବେ ଅନେକ ସ୍ଥାନରେ ହିନ୍ଦୀଭାଷା ପୂର୍ବାପେକ୍ଷା ଜଟିଳ ଦିଗରେ ଗତି କରୁଛି। ଏଥିପ୍ରତି ସମସ୍ତେ ଐକ୍ୟବଦ୍ଧ ଭାବେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର କୁଳସଚିବ ପ୍ର.ପ୍ରଦୀପ ଦାସ, ଉପକୁଳସଚିବ ପ୍ର.ବାମଦେବ ଆଚାର୍ଯ୍ୟ,ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ସଚିବ ରବିଶଙ୍କର ସିଂ ପ୍ରମୁଖ ହିନ୍ଦୀ ଦିବସ ଆୟୋଜନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ପରେ ଏକ ହିନ୍ଦୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ତାଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ହିନ୍ଦୀ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରଷ୍କୃତ କରାଯାଇଥିଲା।

# ୬୫ତମ ରାଜ୍ୟସ୍ତରୀୟ ସ୍କୁଲ ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ

**ରାଉରକେଲା ଅଫିସ, ୧୫।୯**

ସ୍ଥାନୀୟ ପାନପୋଷ ସ୍ପୋର୍ଟସ ହଷ୍ଟେଲ ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ରାଜ୍ୟସ୍ତରୀୟ ସ୍କୁଲ ହକି ଚାମ୍ପିୟନଶିପ ରବିବାର ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପୋର୍ଟସ ହଷ୍ଟେଲର କୋଚ ଅମୁଲ୍ୟାନନ୍ଦ ବିହାରି, ଏଡିଇଓ ରାଜଶ୍ରୀ ପଟ୍ଟନାୟକ, ପ୍ରଗତି ଲାୟନ୍ସ କ୍ଲବର ଅଧକ୍ଷା ପ୍ରିତୀ ଅଗ୍ରୱାଲ, ବୁଦ୍ଧିଜୀବୀ ଫୋରମର ଉପସଭାପତି ସୁସ୍ମିତା ମହାପାତ୍ର, ସମାଜସେବୀ ଜ୍ୟୋସ୍ନାରାଣୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶାରୀରିକ ଅଧିକାରୀ ବିଦ୍ୟାଧର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ବିଭାଗର ଯୁଗ୍ମସଚିବ ଲକ୍ଷ୍ମୀପ୍ରିୟା ଦେଇ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ।

ଉଦିତନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷ ପରେ ହକି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରତିଯୋଗିତା ପ୍ରାରମ୍ଭରେ ୧୭ବର୍ଷରୁ କମ ବାଳକ



ହକି ପ୍ରତିଯୋଗିତାରେ ବିଜୟୀ ମହିଳା ଦଳ ସହ ଅତିଥି ବୃନ୍ଦ।

ବର୍ଗରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଳକ ବର୍ଗରେ ଅନୁଗୁଳ,ବଲାଙ୍ଗୀର, ବରଗଡ଼, ଦେବଗଡ଼, ଢ଼େଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲା ଭାଗନେଇଥିଲେ। ପ୍ରଥମ ମ୍ୟାଚ ଦେବଗଡ଼ ବନାମ ଢ଼େଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ୭-୦ରେ ବିଜୟୀ ହୋଇଥିଲା। ସେହିପରି ସୁନ୍ଦରଗଡ଼ ବନାମ ବରଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼୨-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ସମ୍ବଲପୁର ଓ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ବଲପୁର ୩-୦ଗୋଲରେ ବିଜୟୀ ହୋଇଛି। ଗଞ୍ଜାମ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୭-୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଓ ବଲାଙ୍ଗୀର ମଧ୍ୟରେ ହୋଇଥିବା ବେଳେ ସୁନ୍ଦରଗଡ଼ ୪-୦ଗୋଲରେ ବିଜୟୀ ହୋଇ ଫାଇନାଲ ଖେଳିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଦେବଗଡ଼ ଓ ଅନୁଗୋଳ ମଧ୍ୟରେ ହୋଇଥିଲା। ଅନୁଗୋଳ ୩-୧ଗୋଲରେ ବିଜୟୀ ହୋଇଥିଲା। ଏହାର ଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଓ ଅନୁଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ ୫-୦ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ସମ୍ବଲପୁର, ଦେବଗଡ଼, ଢ଼େଙ୍କାନାଳ ଓ ସୁନ୍ଦରଗଡ଼ ଜିଲା ଭାଗନେଇଥିଲେ। ପ୍ରଥମ ମ୍ୟାଚ ସମ୍ବଲପୁର ଓ ଦେବଗଡ଼ ମଧ୍ୟରେ ହୋଇଥିବା ବେଳେ ଦେବଗଡ଼୧-୦ଗୋଲରେ ବିଜୟୀ ହୋଇଥିଲା। ସେହିପରି ଢ଼େଙ୍କାନାଳ ଓ ସୁନ୍ଦରଗଡ଼ ମଧ୍ୟରେ ହୋଇଥିବା ମ୍ୟାଚରେ ସୁନ୍ଦରଗଡ଼ ୬-୦ ଗୋଲରେ ବିଜୟୀ ହୋଇଥିଲା। ଏହାର ଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସୁନ୍ଦରଗଡ଼ ବାଳିକା ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ୧୪ବର୍ଷରୁ କମ ବାଳକ ବର୍ଗରେ ସୁନ୍ଦରଗଡ଼ ଓ ସମ୍ବଲପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ ୩-୦ରେ ବିଜୟୀ ହୋଇଥିଲା। ସେହିପରି ୧୪ବର୍ଷରୁ କମ ବାଳିକା ବିଭାଗରେ ସୁନ୍ଦରଗଡ଼ ଓ ସମ୍ବଲପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବପରି ସୁନ୍ଦରଗଡ଼ ଦଳ ୭-୦ ମ୍ୟାଚରେ ସମ୍ବଲପୁରକୁ ପରାସ୍ତ କରି ବିଜୟୀ ହୋଇଥିଲା।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ। - ଭଲ୍‌ଟାୟାର

■ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକଙ୍କ ଅଭିଯୋଗ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଝାରସୁଗୁଡା ଅଫିସ/ ଲଖନପୁର, ୧୫।୯ (ଡି.ଏନ୍.ଏ.)**

ଭାଜପା ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅରୁଣ ସିଂ ରବିବାର ଦିନିକିଆ ଝାରସୁଗୁଡା ଜିଲା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ସେବା ସପ୍ତାହ କାର୍ଯ୍ୟକ୍ରମର ଜିଲାରେ ଶୁଭାରମ୍ଭ କରିଛନ୍ତି। ସେବା ସପ୍ତାହ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ରାଷ୍ଟ୍ରୀୟ ସମ୍ପାଦକ ସିଂ ଦଳୀୟ କର୍ମକର୍ତ୍ତାଙ୍କ ସହ ଜିଲାମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏନେଇ ଦଳ ତରଫରୁ ସାରା ଜିଲାରେ ସେବା ସପ୍ତାହ କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ଜନହିତକର କାର୍ଯ୍ୟ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସିଂ ଆହ୍ୱାନ ଦେଇଛନ୍ତି। ଏଥିମଧ୍ୟରେ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂହଙ୍କ ସହିତ ଦଳୀୟ ନେତୃବୃନ୍ଦ।

ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ୍ ବର୍ଜନ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କହିଥିଲେ।

ରାଷ୍ଟ୍ରୀୟ ସମ୍ପାଦକ ସିଂ ସହରର ଏକ ହୋଟେଲରେ ସନ୍ଧ୍ୟାରେ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ସେ ସିଧାସଳଖ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଟାର୍ଗେଟ କରି ବର୍ଷିଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଏମିତି ଏକ ବ୍ୟକ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି, ଯାହାଙ୍କର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତାନାହିଁ। ଚାରିଆଡେ ପାଉଁଶ, ରାଖଡ ପଡିମାତ୍ରାଧିକ ପ୍ରଦୂଷଣ ବୃଦ୍ଧି ପାଉଛି। ଏ ଦିଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଦୂଷଣ, ପର୍ଯ୍ୟାବରଣ ଓ ସ୍ୱାସ୍ଥ୍ୟ ପ୍ରତି ଚିନ୍ତାନାହିଁ। ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଏଠାରେ ଓଲଟା ଗଙ୍ଗା ବହୁଛି ବୋଲି ସେ କହିଥିଲେ।

■ମୃତଦେହରେ ସାଲାଇନ୍ ଦେବା ଦୁର୍ଭାଗ୍ୟଜନକ
■ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ
■ପାଉଁଶ ପରିବହନ ବ୍ୟବସାୟରେ ମନ୍ତ୍ରୀଙ୍କ ହାତଥିବା କହିଲେ

ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣି ସିଂ କହିଛନ୍ତି ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ତାଙ୍କ ସମ୍ପର୍କୀୟ ପାଉଁଶ ବ୍ୟବସାୟରେ ସାମିଲ ଥାଇ ଅଞ୍ଚଳର ପରିବେଶକୁ ପ୍ରଦୂଷିତ କରୁଛନ୍ତି। ଏଥିରୁ ସେମାନେ ନିବୃତ୍ତ ରହି ପରିବେଶକୁ ସନ୍ତୁଳିତ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଏଠାରେ ଲୋକଙ୍କୁ ଯେଉଁ ସୁବିଧା ସୁଯୋଗ ମିଳିବା କଥା ତାହା ମିଳୁନାହିଁ। ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଚିକିତ୍ସାରେ ଅବହେଳା ପାଇଁ ୨ମାସ ମଧ୍ୟରେ ୨ଜଣଙ୍କର ପ୍ରାଣହାନି ଘଟିଲାଣି। ମୃତଦେହରେ ସାଲାଇନ୍ ଓ ଇଞ୍ଜେକ୍ସନ ଦିଆଯାଉଛି। ଏହି ଘଟଣାକୁ ସେ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଇସ୍ତଫା ଦିଅନ୍ତୁ ବୋଲି ସିଂ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ତଥା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନେଶ ଜୈନ, ଅନିଲ ନାୟକ, ନରେଶ ନାୟକ, ରଘୁନନ୍ଦନ ପଣ୍ଡା, ରମେଶ ଗାନ୍ଧୀ, ବିଶ୍ୱଜିତ ଷଡଙ୍ଗୀ, ନେତାଜୀ ପଟ୍ଟନାୟକ, ଉମେଶ ଗୁପ୍ତା, ସୋନୁ ଥିରାନୀ, ଶ୍ଳୋକ ସାର୍ନା, ସବିତା ପ୍ରଧାନ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମା’ ଉଗ୍ରତାରା ମହିଳା ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଉଗ୍ରାତାରା ମହିଳା ସଂଘ ପକ୍ଷରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଗଛ ଲଗାଉଛନ୍ତି।

**ରାଉରକେଲା ଅଫିସ, ୧୫।୯**

ସମାଜରେ ସଚେତନତା ଓ ସଶକ୍ତିକରଣ ଉପରେ ବିଶ୍ୱାସ ରଖୁଥିବା ମା’ ଉଗ୍ରତାରା ମହିଳା ସଂଘ ପକ୍ଷରୁ ସେକ୍ଟର ଅଞ୍ଚଳରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥ ଯୋଗଦେଇ ବୃକ୍ଷରୋପଣ କରିବା ସହ ଅଧିକରୁ ଅଧିକ ଫଳ ଗଛ ଲଗାଇବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମନୋରଞ୍ଜନ ଦାସ, ସଂଘର ଉପଦେଷ୍ଟା ରମେଶ ବଳ, ବ୍ରଜକିଶୋର ସାହୁ, ସଭାନେତ୍ରୀ ଶକୁନ୍ତଳା ସାହୁ, ସମ୍ପାଦିକା ଉର୍ମିଳା ଆଚାର୍ଯ୍ୟ, ନିର୍ମଳା ମହାପାତଅ, ସୁଜାତା ପାତ୍ର, ମମତା ସାହୁ, ପୁଷ୍ପଲତା ମହାନ୍ତି, ସରସ୍ୱତୀ ମିଶ୍ର, ସଞ୍ଜିତା ପଣ୍ଡା, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ମାଳତୀ ପ୍ରଧାନ ଓ ରମା ପାଇକରାୟ ପ୍ରମୁଖ ଶତାଧିକ ବୃକ୍ଷରୋପଣ କରିଥିଲେ।

## ଆର୍‌ଟିଓ କାର୍ଯ୍ୟାଳୟରେ ତାଲା : ଜନସାଧାରଣ ବ୍ୟତିବ୍ୟସ୍ତ

**ରାଉରକେଲା ଅଫିସ, ୧୫।୯**

ସେପ୍ଟେମ୍ବର ୧ ତାରିଖରୁ ରାଜ୍ୟରେ ନୂତନ ମୋଟରଯାନ ଆଇନ ଲାଗୁ ହୋଇଛି। ତେବେ ନୂତନ ମୋଟର ଯାନ ଆଇନରେ ଅତ୍ୟଧିକ ଫାଇନକୁ ନେଇ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଏହାସହ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଓ ଜନସାଧାରଣଙ୍କ ମଧରେ ଗଣ୍ଡଗୋଳ ଘଟିଛି। ଫଳରେ ରାଜ୍ୟ ସରକର ଏହି ଆଇନକୁ ୩ ମାସ କୋହଳ କରିବାକୁ ଘୋଷଣା କରିଛନ୍ତି। ଏହାସହ ୩ମାସ ମଧରେ ବାଇକ, କାର, ତଥା ଅନ୍ୟ ଗାଡିମାଲିକମାନେ ନିଜର କାଗଜପତ୍ର ପ୍ରସ୍ତୁତ କରିବାକୁ ସମୟ ଦେଇଛନ୍ତି। ଏଥିସହିତ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟରେ ଥିବା ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଛୁଟି ଦିନରେ ମଧ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଉରକେଲା ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ରବିବାର ଦିନ ପ୍ରାୟ ୧୧ଟା ପର୍ଯ୍ୟନ୍ତ ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲି ନ ଥିବା ଦେଖାଯାଇଥିଲା। ଫଳରେ ଡ୍ରାଇଭିଂ ଲାଇସେନ୍ସ, ଇନସ୍ୟୁରାନ୍ସ, ଫିଟନେସ ଓ ପ୍ରଦୁଷଣ ସାର୍ଟିଫିକେଟ ପାଇଁ ଦୂରଦୁରାନ୍ତରୁ ଆସିଥିବା ଜନସାଧାରଣ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ସରକାରଙ୍କ ଆଦେଶ ସତ୍ତ୍ୱେ କାର୍ଯ୍ୟାଳୟ ଠିକ ସମୟରେ ଖୋଲି ନ ଥିବାରୁ ସମସ୍ତଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଦିନ ୧୧ଟା ପରେ କାର୍ଯ୍ୟାଳୟ ଖୋଲିଥିବା ନେଇ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଖୋଲିବା ପରେ ସବୁ ଠିକଠାକ ଚାଲିଥିଲା। ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱରେ ଥିବା ପାନପୋଷ ଉପଜିଲାପାଳ ବିଶ୍ୱଜିତ ପଟ୍ଟନାୟକଙ୍କୁ ପଚାରିବାରୁ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଠିକ ୧୦ଟା ସମୟରେ କାର୍ଯ୍ୟାଳୟ ଖୋଲିଥିବା କହିଥିଲେ। ଏହାସହ ସ୍ମାର୍ଟଚିଫ ତିଆରି କରୁଥିବା କର୍ମଚାରୀମାନେ ୧୦ଟା ୪୫ ମିନିଟରେ ପହଞ୍ଚିବା ପରେ କାର୍ଯ୍ୟ ସ୍ୱାଭାବିକ ହୋଇଥିବା ନେଇ ସୂଚନା ଦେଇଥିଲେ।

■ କଣ୍ଟାବାଞ୍ଜିରେ ପୋଲିସର ଚଢ଼ାଉ

# ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ

**କଣ୍ଟାବାଞ୍ଜି, ୧୫।୯(ଡି.ଏନ.ଏ.)**

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ କମ୍ପାନୀ ନାଁରେ କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ବ୍ରାଣ୍ଡର ନକଲି ସାମଗ୍ରୀ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନରେ ଶନିବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଥିଲା। ଏଥିରେ କମ୍ପାନୀର ୪ ଜଣିଆ ଟିମ୍ ମଧ ସାମିଲ ହୋଇଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ଖୁଚୁରା ଦୋକାନୀ ଏବଂ ଥୋକ ବିକ୍ରେତାଙ୍କ ଉପରେ ଚଢାଉ ହୋଇଥିଲା। ଚଢାଉ ବେଳେ ସ୍ଥାନୀୟ ସାପ୍ତାହିକ ବଜାର ରୋଡସ୍ଥିତ ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲଙ୍କ ନିକଟରୁ ୫୮ ହଜାର ୬ ଶହ କ୍ଲିନିକ ପ୍ଲସ ସେମ୍ପୁ ପାଉଚ, ଇନ୍ଦିରା ଛକ ନିକଟସ୍ଥ କହ୍ନେୟା ଟ୍ରେଡିଂର ମାଲିକ ମଣ୍ଟୁ ଗୋୟଲଙ୍କ ଦୋକାନରୁ ୨ହଜାର ୮୮୦ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ଜବତ କରାଯାଇଥିଲା।

ସେହିପରି ବଙ୍ଗୋମୁଣ୍ଡା ରାସ୍ତା ରେଳବାଇ ଫାଟକ ନିକଟସ୍ଥ ରାଜେଶ ଅଗ୍ରୱାଲଙ୍କ ଦୋକାନରୁ ବିକ୍ରି ହୋଇଥିବା ୯୫୪ଟି କ୍ଲିନିକ ପ୍ଲସ ସେମ୍ପୁ ପାଉଚ ସହ ହରିଭବନ ସମ୍ମୁଖସ୍ଥିତ ପାୟଲ ଫେନ୍ସି ଷ୍ଟୋରର ମାଲିକ ବିଷ୍ଣୁ ଜୈନଙ୍କ ଦୋକାନରୁ ୨ଟି ଲେକ୍ମି ସ୍କିନ ଫ୍ରେସନର, ୩ଟି ଆଇ ଲୁମ୍ବ(୫ଗ୍ରାମର) ଜବତ କରାଯାଇଥିବା ଜଣାପଡିଛି। ଏନେଇ କମ୍ପାନୀର ଲିଗାଲ ଏଟର୍ନୀ ନୟନ ତାରା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ । କଣ୍ଟାବାଞ୍ଜି ପୋଲିସ ଏକ



କଣ୍ଟାବାଞ୍ଜି ସହରର ବିଭିନ୍ନ ଦୋକାନ ବଜାରରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

**୨ ଦୋକାନୀଙ୍କୁ କୋର୍ଟ ଚାଲାଣ**

ମାମଲା(ନଂ.୧୭୯/୨୦୧୮) ରୁଜୁ କରି ମହାବୀର ଜେନେରାଲ ଷ୍ଟୋରର ମାଲିକ ସୁମିତ ଅଗ୍ରୱାଲ ଏବଂ କହ୍ନେୟା ଟ୍ରେଡିଂର ମଣ୍ଟୁ ଅଗ୍ରୱାଲଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଚଢାଉରେ କମ୍ପାନୀର ନୟନ ତାରାଙ୍କ ସହ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଆଇଆଇସି ବିଜୟାନନ୍ଦ କରକରାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କିଛିବର୍ଷ ପୂର୍ବରୁ ନକଲି ଔଷଧକୁ ନେଇ କଣ୍ଟାବାଞ୍ଜି ସହରରେ ଚଢ଼ାଉ କରାଯାଇଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା । ଏବେ ନକଲି କସ୍‌ମେଟିକ୍ ସାମଗ୍ରୀ ଜବତ୍ କରାଯାଇଥିବା ଘଟଣା ଗ୍ରାହକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ

**ଲୋଇସିଂହା,୧୫।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କୁଳିତା ସମାଜର ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରାମମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ଜିଲା ଯୁବ ସଂଗଠକ ସନ୍ତୋଷ କୁମାର ସାହୁ, ପରମେଶ୍ୱର ପଧାନ ଅତିଥି ଭାବେ ଯୋଗଦେଇ ସମାଜର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଅନୁଷ୍ଠିତ ସଭାରେ ସମାରୁ ପଧାନ ଅଧ୍ୟକ୍ଷତା କରିଥିଲେ। ସଭାରେ ସାମାଜିକ ବିଧିବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏପରି କି କୁଳିତା ମହିଳା ମୋର୍ଚ୍ଚା ଗଠନ କରାଯାଇ ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ସମ୍ପାଦକ ସରୋଜ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୋମନାଥ ବିଶ୍ୱାଳ ସଭାକାର୍ଯ୍ୟ କରିଚାଳନା କରିଥିଲେ। ବେଣୁଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଡିଆର୍‌ଏଫର ଜୀବନ ରକ୍ଷା କୌଶଳ ପ୍ରଦର୍ଶନ

**ଟିଟିଲାଗଡ଼,୧୫।୯(ଡି.ଏନ.ଏ.)**

ଡିଏଭି ସ୍ୱୟଂ ଶାସିତ କଲେଜରେ ଏନ୍‌ଡିଆରଏଫ ପକ୍ଷରୁ ଦିନିକିଆ ଜୀବନ ରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜରୁରିକାଳୀନ ସମୟରେ ଜୀବନ ରକ୍ଷା ଏବଂ ରୋଗୀଙ୍କୁ କିପରି ଡାକ୍ତରଖାନାରେ ପହଞ୍ଚାଯାଇ ପାରିବ ସେନେଇ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏନ୍‌ଡିଆର୍‌ଏଫ ତୃତୀୟ ବାଟାଲିୟନ କମାଣ୍ଡର ଡି.କେ. ପାଣ୍ଡେ, ଉପନିରୀକ୍ଷକ ସନ୍ତୋଷ କୁମାର କଲେଜର ଏନ୍‌ସିସି କ୍ୟାଡେଟ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୁଶିଲ ପାଢ଼ୀ, ମେଜର ଡ. ମଧୁସୂଦନ ମିଶ୍ର, ପ୍ରାଧାପକ ବିଧାନଚନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

■ ଗଞ୍ଜାମ: ୨୪ ଘଣ୍ଟାରେ ଦ୍ୱିତୀୟ ଏନ୍‌କାଉଣ୍ଟର

# ପୋଲିସ ଗୁଳିରେ ପ୍ରମୋଦ ଆହତ

■ବିଜେଡି ନେତାଙ୍କୁ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥିଲେ
■ମାଉଜର, ଗୁଳି, ବାଇକ ଜବତ



ଆହତ ପ୍ରମୋଦ ବାରିକି।

**ଗଞ୍ଜାମ,୧୫।୯(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ପୁଣି ଜଣଙ୍କୁ ଏନ୍‌କାଉଣ୍ଟର ହୋଇଛି। ଶନିବାର ଗଞ୍ଜାମ ଥାନା ପୋଲିସ ଗୁଳିରେ ବ୍ରହ୍ମପୁର ଗୋଷାଣୀ ନୂଆଗାଁର ସୁଶାନ୍ତ ବେହେରା ଓରଫ କୋକ ଆହତ ହୋଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଏକାଧିକ ମାମଲାର ଅଭିଯୁକ୍ତ ତଥା ସୁଶାନ୍ତଙ୍କ ଜଣେ ସହଯୋଗୀଙ୍କୁ ରବିବାର ଭୋର୍‌ରେ ରମ୍ଭା ପୋଲିସ ଏନ୍‌କାଉଣ୍ଟର କରିଛି। ସେ ହେଲେ ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମର ପ୍ରମୋଦ ବାରିକି (୩୦)। ପ୍ରମୋଦଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାଙ୍କୁ ପ୍ରଥମେ ଛତ୍ରପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ତାଙ୍କ ନିକଟରୁ ଗୋଟିଏ ମାଉଜର, ଗୁଳି ଓ ବାଇକ୍ ଜବତ କରିଛି। ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରତିନିଧିଙ୍କ ଉପରକୁ ବୋମାମାଡ ଘଟଣାରେ ପ୍ରମୋଦ ମଧ ସମ୍ପୃକ୍ତ ଥିଲେ ବୋଲି ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି।

ଗତ ୨୨ ତାରିଖ ସନ୍ଧ୍ୟାରେ ଗଞ୍ଜାମରେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର ପାଢ଼ୀଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜୋରଦାର ଉଦ୍ୟମ ଚଳାଇଥିଲା। ଅଭିଯୁକ୍ତ ସୁଶାନ୍ତଙ୍କୁ ଶନିବାର ଭୋର ପ୍ରାୟ ୪ଟାରେ ଗଞ୍ଜାମ ଜୟଶ୍ରୀ ଛକ ନିକଟରେ ଏନ୍‌କାଉଣ୍ଟର କରାଯାଇଥିଲା। ସେ ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରମୋଦ ରାତିରେ କୃଷ୍ଣପ୍ରସାଦଗଡ଼ ଅଞ୍ଚଳରୁ ଜଣେ ସହଯୋଗୀଙ୍କ ସହ ବାଇକ ଯୋଗେ ଗଞ୍ଜାମ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ତେଣୁ ପାଲୁର ଜଙ୍କଶନସ୍ଥିତ ପାଲୁର ଗ୍ରାମଠାରେ ରମ୍ଭା ଥାନା ପୋଲିସର ଏକ ଟିମ୍ ଜଗି ରହିଥିଲା। ରାତି ପ୍ରାୟ ସାଢ଼େ ୩ଟାରେ ପ୍ରମୋଦଙ୍କ ବାଇକ୍‌କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିବା ବେଳେ ସେ ପ୍ରଥମେ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ପ୍ରମୋଦଙ୍କ ଗୋଡ଼ରେ ବାଜିଥିଲା। ଫଳରେ ସେ ସେଠାରେ ପଡ଼ି ଯାଇଥିବା ବେଳେ ସହଯୋଗୀ ଜଣକ ଖସି ପଳାଇଥିଲେ। ପ୍ରମୋଦଙ୍କୁ କାବୁ କରିବା ବେଳେ ଧସ୍ତାଧସ୍ତିରେ ୨ କନ୍‌ଷ୍ଟେବଳ ଆହତ ହୋଇଥିବା ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରମୋଦଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

**ଭେଡ଼େନ,୧୫।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ତିନିଦିନ ଧରି ଚାଲିଥିବା ତୃତୀୟ ମାନସ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଅପରାହ୍ନରେ ଖେଳା ହୋଇଥିବା ଫାଇନାଲ ମ୍ୟାଚରେ ଏହି ଦଳ ଭୁବନେଶ୍ୱର ଜଟଣୀ କ୍ଲବକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ପୂର୍ବରୁ ଖେଳା ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଦଳ ଝାରସୁଗୁଡ଼ା ଦଳକୁ ୩-୦ ଗୋଲ ବ୍ୟବଧାନ ଏବଂ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ଦଳ ଭବାନୀପାଟଣାକୁ ରୋମାଞ୍ଚକର ଟାଇବ୍ରେକର ଯୋଗେ ୯-୮ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ବିଜୟୀ ଦଳର ରଘୁ ମାରାଣ୍ଡିଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୂର୍ଯ୍ୟ ଦେହେରି ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳଗୁଡ଼ିକୁ ରେଫରୀ ଶିବୁ ଛେତ୍ରୀ, ଅରୁଣ ଭୋଇ, ନୀଳ ନାଏକ, ସୁଶାନ୍ତ ଓରାମ ଏବଂ ସୁଧାଂଶୁ ସେଠ ପ୍ରମୁଖ ପରିଚାଳନା କରିଥିଲେ। ମାନସ ସ୍ପୋର୍ଟସ କ୍ଲବ ସଭାପତି ସଞ୍ଜୟ ମେହେର, ସମ୍ପାଦକ ସୁଶାନ୍ତ ସାହୁଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

■ଆଗକୁ ବ୍ରଜରାଜନଗର ପୌର ନିର୍ବାଚନ

# ମଙ୍ଗୁଆଳ ବିହୀନ କଂଗ୍ରେସ, ମଙ୍ଗ ଧରିବ କିଏ

**ବ୍ରଜରାଜନଗର, ୧୫।୯ (ଡି.ଏନ୍.ଏ.)**

ଓଡ଼ିଶା ରାଜନୀତିରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ସର୍ବଦା ଚର୍ଚ୍ଚାରେ ରହି ଆସିଛି। ପ୍ରସନ୍ନ ପଣ୍ଡାଙ୍କ ଦେହାନ୍ତ ପରଠାରୁ ଆଜି ପର୍ଯ୍ୟନ୍ତ ଏ ନିର୍ବାଚନମଣ୍ଡଳୀରେ ସରକାର ବିରୋଧୀ ହାୱା ଚାଲିଥିଲା, ଯାହାକୁ ୨୦୧୯ରେ କିଶୋର ମହାନ୍ତି ଭଙ୍ଗ କରିଥିଲେ। ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଏଠାରେ କଂଗ୍ରେସ ଟିକେଟରେ ଅନୁପ ସାଏ ନିର୍ବାଚିତ ହୋଇଆସୁଥିଲେ। ହେଲେ ୨୦୧୪ରେ ଅନୁପ ବିଜେଡିରେ ଯୋଗଦେଇ ନିର୍ବାଚନ ଲଢ଼ି ଥଇଲେ ବି ଭାଜପାର ରାଧାରାଣୀ ପଣ୍ଡାଙ୍କଠାରୁ ହାରି ଯାଇଥିଲେ। ୨୦୦୧ରୁ ୨୦୧୯ ରାଜ୍ୟରେ ବିଜେଡି ସରକାର ଥିଲାବେଳେ ବ୍ରଜରାଜନଗର ଆସନ ସବୁବେଳେ ବିରୋଧୀ ଦଳ ଅକ୍ତିଆରରେ ରହିଥିଲା। ଫଳରେ ବ୍ରଜରାଜନଗରରେ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେତେବେଳେ ଝାରସୁଗୁଡ଼ାରୁ ନବ କିଶୋର ଦାସ କଂଗ୍ରେସର ମଙ୍ଗୁଆଳ ସାଜି କଂଗ୍ରେସକୁ ଜିତାଇବା ସହ ସାରା ରାଜ୍ୟରେ ନିଜର ପତିଆରା ବୃଦ୍ଧି କରିଥିଲେ। ପଶ୍ଚିମ ଓଡିଶାର ଟାଣୁଆ ନେତା କିଶୋର ପଟେଲ ୨୦୧୪ରେ କଂଗ୍ରେସକୁ ସୁସଂଗଠିତ କରିଥିଲେ ହେଁ ନିର୍ବାଚନରେ ଅଳ୍ପକେ ରାଧାରାଣୀ ପଣ୍ଡାଙ୍କଠାରୁ ହାରି ଯାଇଥିଲେ। ୨୦୧୯ରେ ପଟେଲ ଟିକେଟ ପାଇବା ଗୋଟେ ପ୍ରକାର ନିଶ୍ଚିତ ଥିଲା, ହେଲେ ଦଳର ଦୁର୍ଭାଗ୍ୟ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସେ ରୋଗରେ ପୀଡ଼ିତ ଥିଲେ। ଏ ପରିସ୍ଥିତିରେ ଦଳର ଅନେକ ଆଗଧାଡି କର୍ମୀ ଦିଗହରା ହୋଇଯାଇଥିଲେ। ନିର୍ବାଚନମଣ୍ଡଳୀର ୩୦ ହଜାରରୁ ଉର୍ଦ୍ଧ୍ୱ ଟାଣୁଆ କର୍ମୀଙ୍କୁ ଅଣଦେଖା କରି ଦଳ ସିପିଆଇ ସହିତ ମେଣ୍ଟ କଲା। ହେଲେ ନିର୍ବାଚନରେ ତା’ର ଓଲଟା ପ୍ରଭାବ ପଡିଲା। ବର୍ତ୍ତମାନ ସ୍ଥିତିରେ ଆଗକୁ ପୌର ନିର୍ବାଚନ ରହିଛି। ହେଲେ ଏ ପର୍ଯ୍ୟନ୍ତ ଦଳରେ କେହି ମଙ୍ଗୁଆଳ ନାହାନ୍ତି। ଦଳ ତରଫରୁ ମଧ କୌଣସି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉ ନାହିଁ। ଏପଟେ ପୌର ନିର୍ବାଚନ ପାଖେଇ ଆସୁଥିବା ଦେଖି ବିଜେଡି ଓ ଭାଜପା କର୍ମୀମାନଙ୍କ ମଧରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ଉଭୟ ଦଳ ସେମାନଙ୍କର ଦଳ ବିଷୟରେ ସମୀକ୍ଷା କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ବେଳେ କଂଗ୍ରେସର ସେପରି କିଛି ସାଙ୍ଗଠନିକ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଏପରି କି ସୋସିଆଲ ମିଡିଆରେ ଜଣେ ଦୁଇ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ କେହି ନିଜର ମତ ରଖୁନାହାନ୍ତି। ନିକଟ ଅତୀତରେ ଯେଉଁମାନେ ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗଦେଇଥିଲେ ବର୍ତ୍ତମାନ ପରିସ୍ଥିତିରେ ସେମାନେ କରିବେ କ’ଣ। ଏହା ସତ ଯେ, ପୌରାଞ୍ଚଳରେ କଂଗ୍ରେସର ଭୋଟର ଅଛନ୍ତି। ହେଲେ ସେମାନଙ୍କୁ ସଂଗଠିତ କରିବା ପାଇଁ ହେଲେ ଜଣେ ସୁଦକ୍ଷ ମଙ୍ଗୁଆଳଙ୍କ ଆବଶ୍ୟକତା ରହିଛି। ଏହା ହୋଇପାରିଲେ ନିଃସନ୍ଦେହ କଂଗ୍ରେସ ପୌର ନିର୍ବାଚନରେ ଅନ୍ୟଦଳକୁ କଡ଼ା ଟକ୍କର ଦବ। ଦଳର ବରିଷ୍ଠ ନେତା ପ୍ରମୋଦ ପଣ୍ଡା, ଯତୀନ୍ଦ୍ର ମିଶ୍ର, ସଦାଶିବ ବିଶି, ବାବୁ ବନଛୋର, ପୂର୍ବତନ ଯୁବ କଂଗ୍ରେସ ସଭାପତି ଦେବେଶ ପଣ୍ଡା ପ୍ରମୁଖଙ୍କୁ ପଚାରିବାରୁ ସମସ୍ତଙ୍କର ଗୋଟିଏ ଉତ୍ତର ଆମେ ଦଳରେ ଅଛୁ ଓ ଦଳ ପାଇଁ କାମ କରିବୁ। ଦଳ ଯାହାକୁ ଦାୟିତ୍ୱ ଦେବ ତାଙ୍କ ସହିତ ମିଳିମିଶି କାର୍ଯ୍ୟ କରିବୁ। ହେଲେ ନିଜେ ମଙ୍ଗୁଆଳ ହେବା ପାଇଁ ସମସ୍ତେ ନିଜ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି।

## ଗ୍ୟାସ ଟାଙ୍କିରୁ ନିଆଁଲାଗି ଘର ଜଳିଗଲା

**ଲୋଇସିଂହା,୧୫।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ରବିବାର ରାତିରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଉର୍କୁଲୀ ସେଠଙ୍କ ଘର ପୋଡି ଯାଇଛି। ରୋଷେଇ କରୁଥିବା ବେଳ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ହେଲ ଉର୍କୁଲୀଙ୍କ ସହ ତାଙ୍କ ୩ ଛୁଆ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ ଉର୍କୁଲୀଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ସ୍ୱାମୀ ବାହାର ରାଜ୍ୟକୁ ଦାଦନ କଟିବାକୁ ଯାଇଛନ୍ତି। ତୁରନ୍ତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂସ୍କାର ସ୍କୁଲରେ ହିନ୍ଦୀ ଦିବସ

**ବରଗଡ଼ ଅଫିସ୍,୧୫।୯**

ବରଗଡ଼ର ସଂସ୍କାର ଆନ୍ତର୍ଜାତିକ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଛି । ଏହି ଅବସରରେ ଏକ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ପ୍ରାର୍ଥନା ସଭାଟି ହିନ୍ଦୀ ଭାଷାରେ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ ହିନ୍ଦୀ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକାରୀ ଶକ୍ତି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ

ସୁନ୍ଦରଗଡ,୧୫ା୯ (ଡି.ଏନ୍.ଏ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ପାଳନ ଅବସରରେ ଭାଜପା ପକ୍ଷରୁ ଶନିବାରଠାରୁ ସପ୍ତାହବ୍ୟାପୀ ସେବା ସପ୍ତାହ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଉପଲକ୍ଷେ ଭାଜପା କର୍ମୀମାନେ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳବଣ୍ଟନ କରି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ସହଦେବ ଖାଖା, ଜିଲା ସ୍ୱଚ୍ଛଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନଗର ମଣ୍ଡଳ ସଭାପତି ତଥା ସେବା ସପ୍ତାହ ସଂଯୋଜକ ଯଶୋବନ୍ତ ନାଏକ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ପୂର୍ବତନ କାଉନସିଲର ଡ. ହିମାଂଶୁ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ନାଏକ, ସଞ୍ଜୁଲତା ନାଏକ, ଲତିକା ପଟ୍ଟନାୟକ, ହିମାନୀ ପାଢ଼ୀ, ଭାରତୀ ରାଉତ, ଜିଲା ଯୁବମୋର୍ଚ୍ଚା ସଭାପତି ଆଶୀଷ ପଟେଲ, ପୂର୍ବତନ କାଉନସିଲର ଇକବାଲ ସିଂ, ଅମୀୟ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ସାହୁ, ଅବିନାଶ ପ୍ରସାଦ, ମନୋଜ ପୁରୋହିତ, ମନୀଷ ପଟେଲ, ଇଂ କେଦାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ସଉନାମରା କେଲୋଖଣ୍ଡି ପ୍ରାଥମିକ ବିଦ୍ୟାଳୟ

# କ୍ଷେତର ହିଡ଼ ଛାତ୍ରୀଛାତ୍ରଙ୍କ ରାସ୍ତା





କେଲୋଖଣ୍ଡି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ (ବାମ)। ଛାତ୍ରୀଛାତ୍ର ହିଡ଼ରେ ଯାଉଛନ୍ତି।

**ବାଲିଶଙ୍କରା, ୧୫ା୯ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ଅଧିନସ୍ଥ କେଲୋଖଣ୍ଡି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଶେଷକରି ବିଦ୍ୟାଳୟକୁ ରାସ୍ତା ନ ଥିବାରୁ କ୍ଷେତର ହିଡ଼ ହିଁ ଛାତ୍ରୀଛାତ୍ରଙ୍କ ରାସ୍ତା ପାଲଟିଛି। ବର୍ଷର ସବୁ ସମୟରେ ଛାତ୍ରୀଛାତ୍ର ହିଡ଼ ଉପରେ ବିଦ୍ୟାଳୟକୁ ଯିବା ଆସିବା କରନ୍ତି। ବିଶେଷକରି ବର୍ଷା ଦିନେ ହିଡ ଦେଇ ଛାତ୍ରୀଛାତ୍ର ଯା'ଆସ କରୁଥିବା ବେଳେ ଗୋଡଖସି କାଦୁଅରେ ପଡିଥାନ୍ତି। ଅନେକ ସମୟରେ ଖଣ୍ଡିଆ ଖାବରା ହୋଇ ଚିକିତ୍ସିତ ହୋଇଥିବା ଜଣାପଡିଛି।

ଏହି ବିଦ୍ୟାଳୟ ୧୯୬୨ରେ ସ୍ଥାପିତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ରାସ୍ତା ନ ଥିବା ପରିତାପର ବିଷୟ। ଏଠାରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସର୍ବମୋଟ ଛାତ୍ରୀଛାତ୍ର ସଂଖ୍ୟା ୨୧। ବିଦ୍ୟାଳୟର ଅବସ୍ଥା ମଧ୍ୟ ଶୋଚନୀୟ ହୋଇଗଲାଣି। ଦୀର୍ଘ ଦିନଧରି ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ କାନ୍ଥଗୁଡିକ ଫାଟି ଆଁ କରିଛି। ବିଦ୍ୟାଳୟର ପାଚେରୀ ମଧ୍ୟ ନାହିଁ। ନୂତନ କୋଠରୀ ସହ ପାଚେରୀ ନିର୍ମାଣ ପାଇଁ ଦାବି ହୋଇଛି। ଏହି ବିଦ୍ୟାଳୟକୁ ରାସ୍ତା ତିଆରି ପାଇଁ ସରକାରୀ ଅନାବାଦୀ ଜମି ନାହିଁ। ଫଳରେ ଏହି ସମସ୍ୟା ରହିଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଗ୍ରାମରେ ଗତ କିଛି ଦିନ ତଳେ ବୈଠକ ବସିଥିଲା। ଗ୍ରାମର ଜଣେ ସମାଜସେବୀ ବିଦ୍ୟାଳୟ ରାସ୍ତା ପାଇଁ ଜମି ଦେବାକୁ ସଭାରେ ପ୍ରକାଶ କରିଥିଲେ। ତାହା ସମସ୍ତଙ୍କ ଉପସ୍ଥିତିରେ ମଞ୍ଜୁର କରାଯାଇଛି। ହେଲେ ସରକାରୀ ଅନୁଦାନ ନ ଥିବାରୁ ରାସ୍ତା କାମ ଆରମ୍ଭ ହୋଇପାରୁନି। ଏହି ରାସ୍ତା ନିର୍ମାଣ ହେବା ନେଇ ଛାତ୍ରୀଛାତ୍ର, ଗ୍ରାମବାସୀ ମନରେ ଆଶା ବାନ୍ଧି ରହିଛନ୍ତି। ଏହି ବିଦ୍ୟାଳୟର ସମସ୍ୟାର ସମାଧାନ ପାଇଁ କେଲୋଖଣ୍ଡିବାସୀ ଓ ଅଭିଭାବକ ମହଲରେ ଦାବି ହେଉଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ପ୍ରଧାନଙ୍କୁ ପଚାରିବାରୁ ରାସ୍ତା ନ ଥିବାରୁ ପିଲାମାନେ ହିଡ଼ରେ ବାଧ୍ୟହୋଇ ଯିବାଆସିବା କରୁଛନ୍ତି ବୋଲି କହିଥିଲେ।

## ଗାରିମା ପୁରସ୍କାର: ୩୭ ସ୍କୁଲ ଚୟନ, ୩୧ ବାଦ୍

**ବଡଗାଁ, ୧୫ା୯ (ଡି.ଏନ.ଏ)**

ବଡଗାଁ ବ୍ଲକ ଅଞ୍ଚଳର ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲର ଶୈକ୍ଷିକ ପରିମାପକ ଅନୁଯାୟୀ ୩ଟି ବର୍ଗରେ ଚିହ୍ନଟ କରିବାର ବ୍ୟବସ୍ଥା କରାଯାଇଛି। ବ୍ରୋଞ୍ଜ ପାଇଥିବା ସ୍କୁଲରେ ୩ଟି ତାରକ ଚିହ୍ନଟିକରଣ, ଜିଲାପାଳଙ୍କ ଦ୍ୱାରା ଅଭିନନ୍ଦନ, ବ୍ଲକସ୍ତରୀୟ ଖ୍ୟାତି ତାଲିକାରେ ସ୍କୁଲର ନାମ ସାମିଲ। ରୌପ୍ୟ ପାଇଥିବା ସ୍କୁଲକୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଅଭିନନ୍ଦନ, ସ୍କୁଲରେ ୪ଟି ଷ୍ଟାର ଚିହ୍ନଟିକରଣ, ଜିଲାସ୍ତରୀୟ ଖ୍ୟାତି ତାଲିକାରେ ସ୍କୁଲର ନାମ ସାମିଲ। ସ୍ୱର୍ଣ୍ଣ ପାଇଥିବା ସ୍କୁଲକୁ ପ୍ରିନ୍ସପାଲ ସେକ୍ରେଟାରୀଙ୍କ ଦ୍ୱାରା ଅଭିନନ୍ଦନ, ୫ଟି ଷ୍ଟାର ଚିହ୍ନଟିକରଣ, ଜିଲାସ୍ତରୀୟ ଖ୍ୟାତି ତାଲିକାରେ ସ୍କୁଲର ନାମ ସାମିଲ ବ୍ୟବସ୍ଥା ସହିତ ୫୦ ହଜାର ଅତିରିକ୍ତ ଅନୁଦାନ। ରୌପ୍ୟ ପାଇଥିବା ସ୍କୁଲକୁ ଅତିରିକ୍ତ ୨୦ ହଜାର ଟଙ୍କା ଅନୁଦାନ ଦିଆଯିବ।

## ଜାଙ୍ଗଲି ଗାଁରେ ଇନ୍ଦ୍ରପୂଜା

**ବଡ଼ଗାଁ, ୧୪ା୯ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଜାଙ୍ଗଲି ଗ୍ରାମରେ ଶନିବାର ଇନ୍ଦ୍ରପୂଜା ସମ୍ପନ୍ନ ହୋଇଛି। ଜାଙ୍ଗଲି ସମେତ ଆଖପାଖ ୧୫ଟି ଗ୍ରାମର ଅଧିବାସୀ ୬୯ ବର୍ଷ ହେଲା ଜାଙ୍ଗଲି ଗ୍ରାମରେ ଇନ୍ଦ୍ରପୂଜା ପ୍ରତିବର୍ଷ କରି ଆସୁଛନ୍ତି। ଚଳିତ ବର୍ଷ ପୂଜାରେ ମହେନ୍ଦ୍ର ବେହେରା କର୍ତ୍ତା ହୋଇଥିଲା ବେଳେ ଦିବ୍ୟଲୋଚନ ମିଶ୍ର ପୂଜାକାର୍ଯ୍ୟ, ଅର୍ଜୁନ ନାୟକ ପୁରାଣ ପାଠ ଓ ପୁରୋହିତ ଫକୀର ପାଣିଗ୍ରାହୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟ ସମ୍ପାଦନ ହୋଇଥିଲା। ପୂଜା କମିଟିର ଶଶିଭୂଷଣ ବେହେରାଙ୍କ ସହିତ କମିଟି ସଭ୍ୟମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ପୂଜାରେ ଉପସ୍ଥିତ ଗ୍ରାମବାସୀ।

## ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟିକା

# ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ



ବିଧାୟିକା ଓ ଅନ୍ୟମାନେ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

**ସୁନ୍ଦରଗଡ଼, ୧୫ା୯ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାର ଅନ୍ୟତମ ସର୍ବପୁରାତନ ସୁନାମଧନ୍ୟ ଶତାୟୁ ଶିକ୍ଷାନୁଷ୍ଠାନ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟକୁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ରବିବାର ପରିଦର୍ଶନ କରିଥିଲେ। ଏହି ଶିକ୍ଷାନୁଷ୍ଠାନରେ ଅନେକ ଛାତ୍ରୀ ଛାତ୍ର ଶିକ୍ଷାଲାଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ବିଦ୍ୟାଳୟର ଗୌରବକୁ ବଜାୟ ରଖିଛନ୍ତି। ହେଲେ ଏଭଳି ଏକ ସମାଜର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଗଠନ କରିଥିବା ଏହି ବିଦ୍ୟାଳୟ ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ଘେରରେ ରହିଥିବା ବେଳେ ସରକାର ତଥା ଲୋକପ୍ରତିନିଧିମାନଙ୍କର ଦୃଷ୍ଟି ଆଢୁଆଳରେ ରହିଥିବା ନେଇ ବିଧାୟିକା ପରିଦର୍ଶନ ବେଳେ କ୍ଷୋଭ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପାଇଁ ଆସିଥିବା ୨ଲକ୍ଷ ପୁସ୍ତକ ବର୍ତ୍ତମାନ ବର୍ଷା ଯୋଗୁ ସୁରକ୍ଷିତ ରହିପାରୁନାହିଁ। ବର୍ଷାପାଣି ବିଭିନ୍ନ କୋଠରି ଛାତରୁ ଝରୁଥିବା ଓ ଛାତ୍ରାବାସରେ ପାଣି ଗଳୁଥିବା ଜାଣିଥିଲେ। ଏହାର ପଦକ୍ଷେପ ସ୍ୱରୂପ ବିଧାୟିକା ଚେଷ୍ଟା କରିବେ ଏବଂ ବିଦ୍ୟାଳୟର ସମସ୍ୟାର ଶିଘ୍ର ସମାଧାନ ସକାଶେ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗକୁ ଜଣାଇବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ରାଉତରାୟ, ବରିଷ୍ଠ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ, ନନ୍ଦିତା ନାଏକ, ଅଫତାବ ଆଲମ, ଚନ୍ଦ୍ର ଶେଖର ସା, ରାଘବେନ୍ଦ୍ର ଠାକୁର,ବିଧୁଭୂଷଣ ନାଏକ, ପିଟିଏ ସଭ୍ୟ ସାଗର ସାହୁ ଓ ଦୀପକ ଶର୍ମା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ବିଦ୍ୟାଳୟର ଅନ୍ତେବାସୀ ଛାତ୍ରମାନଙ୍କୁ ପାଠପଢା ସହ ଖେଳକୁଦରେ ଆଗ୍ରହ ଦେଇ ବିଦ୍ୟାଳୟର ନାମ ରଖିବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ନୂତନ ହଷ୍ଟେଲ ଓ ପୁରୁଣା କୋଠାର ମରାମତି, ପାଚେରୀର ମରାମତି ସହ ରଙ୍ଗ ପାଇଁ ପୂର୍ବରୁ ମଞ୍ଜୁର ହୋଇଥିବା ଅର୍ଥ ବିନିଯୋଗ ଉପରେ ବିଧାୟିକା ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ହେମଗିର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

**ହେମଗିର, ୧୫ା୯ (ଡି.ଏନ.ଏ)**

ସମଗ୍ର ଓଡିଶାରେ ବିଜୁ ଜନତା ଦଳ (ବିଜେଡ଼ି)ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଚାଲୁଥିବା ବେଳେ ହେମଗିର ବ୍ଲକର କନିକା ଓ ଆଙ୍କେଲବିରା ପଞ୍ଚାୟତରେ ଏହା ଆରମ୍ଭ କରାଯାଇଛି। ଏହାକୁ ଶୁଭାରମ୍ଭ କରିବା ପାଇଁ ହେମଗିର ବିଜେଡି ପକ୍ଷରୁ କନିକା ଶିବ ମନ୍ଦିରଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି, ସୁନୀଲ ପାଇଯୋଶୀ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ବିପୁଳ ସଫଳତା ତଥା ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଏହାର ବୃଦ୍ଧି କରିବା ପାଇଁ କର୍ମୀମାନଙ୍କୁ ସିଂ ଆହ୍ୱାନ ଦେଇଥିଲେ। ସେହିପରି ପ୍ରତ୍ୟେକ ପରିବାରରୁ ଯେପରି ବିଜେଡିର ସଭ୍ୟାସଭ୍ୟ ହୋଇପାରିବେ ସେ ଦିଗରେ ଚେଷ୍ଟା କରିବା ପାଇଁ ବ୍ଲକ ସଭାପତି ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପେନ୍ଦ୍ର ଭୋଇ, ମୂରଲୀ ବନଛୋର, ପ୍ରକାଶ ବହିଦାର, ମିଳନ ନାଏକ, ବିଭୂତି ପଣ୍ଡା, ବ୍ରିଜଲାଲ ପଟେଲ, ଶାନ୍ତ ଧିଆ ତଥା ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## କଳାୟତନରେ ଟେମ୍ପେରା ପେଣ୍ଟିଂ କର୍ମଶାଳା

**ସୁନ୍ଦରଗଡ଼, ୧୫ା୯ (ଡି.ଏନ୍.ଏ)**

ସ୍ଥାନୀୟ ଚାରୁ ଓ କାରୁକଳା ମହାବିଦ୍ୟାଳୟ କଳାୟତନଠାରେ ଶନିବାର ଏକ ଟେମ୍ପେରା ପେଣ୍ଟିଂ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳାରେ ଓଡିଶାର ସୁନାମଧନ୍ୟ ବରିଷ୍ଠ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳାୟତନ କଲେଜ ଚାରୁ ଓ କାରୁକଳାର ୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଶିଳ୍ପୀମାନେ ପାରମ୍ପରିକ ରଙ୍ଗକପଡା ମାଧ୍ୟମରେ ବିଭିନ୍ନ ପ୍ରକାର ଛବି ଆଙ୍କିଛନ୍ତି। ନିୟମିତ ଭାବେ କଳାର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ରଖିଥିବା ଶିଳ୍ପୀମାନେ ଆସି ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସେମାନଙ୍କର କୌଶଳ ସମ୍ବନ୍ଧରେ ଶିକ୍ଷା ଦେଉଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଶିଳ୍ପୀ ଶୀତଳ କୁମାର ମହାପାତ୍ର ଛାତ୍ରୀଛାତ୍ର ମାନଙ୍କୁ ବରିଷ୍ଠ ଶିଳ୍ପୀ ଗୌରାଙ୍ଗ ବାରିକଙ୍କ ଠାରୁ ବହୁ କିଛି ଶିଖି ପାରିବେ ବୋଲି ପରାମର୍ଶ ଦେଇଥିଲେ। ନିଜର ଅଭିଜ୍ଞତାକୁ ସେ ବିଭିନ୍ନ ଅନୁଷ୍ଠାନଙ୍କ ଜରିଆରେ ବାଣ୍ଟି ପାରିବାର ସୁଯୋଗ ପାଇପାରୁ ଥିବାରୁ ନିଜକୁ ଧନ୍ୟ ମଣୁଛନ୍ତି ବୋଲି ଶିଳ୍ପୀ ବାରିକ ପ୍ରକାଶ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ସୁଶାନ୍ତ ନାଏକ, ବିନୋଦ ବିହାରୀ ରଥ, ବୀରେନ୍ଦ୍ର ସିଂ, ନିରଞ୍ଜନ ପାତ୍ର ପ୍ରମୁଖଙ୍କ ସହଯୋଗରେ କର୍ମଶାଳା ପରିଚାଳିତ ହେଉଛି। ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ଦିଲୀପ କୁମାର ହାତୀ କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଯୁବ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କର୍ମଶାଳାର ସଫଳତା କାମନା କରିଛନ୍ତି।



ଛାତ୍ରୀଛାତ୍ର ପେଣ୍ଟିଂ କରୁଛନ୍ତି।

## ସବୁଜ ବନାନୀ କାର୍ଯ୍ୟକ୍ରମ: ୬୦୨ ଚାରା ରୋପଣ

**ବଡଗାଁ, ୧୫ା୯ (ଡି.ଏନ.ଏ)**

ବଡଗାଁ ବ୍ଲକର ସମସ୍ତ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଅମିତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଗୁଡିକରେ ମୋଟ ୬୦୨ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବଡ଼ଗାଁ ଯୁକ୍ତ ୨ କଲେଜରେ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଏବିଡିଓ ଚୋକା ଓରାମ, କଲେଜ ଅଧକ୍ଷା ସୁଶାନ୍ତ କୁମାର ଚୌଧୁରୀ, ଅଧ୍ୟାପକ ଦଶରଥ ନାଏକ, ନିରୋଜ ପଟେଲ, ବିଜୁ ଯୁବ ବାହିନୀର ସଂଯୋଜକ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ସଭାରେ ଅଧକ୍ଷା ମିଞ୍ଜ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ବୁଝାଇବା ସହିତ ପିଲାମାନେ ସୁସ୍ଥ ପରିବେଶ ଗଠନରେ ସହଭାଗୀ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର, ଅଧାପିକା, ଅତିଥିମାନେ କଲେଜ ପରିସରରେ ବୃକ୍ଷଚାରା ରୋପଣ କରିଥିଲେ। ସେହିପରି ଜରଙ୍ଗଲୋଇ, ଯୁଜି ଏମଇ ସ୍କୁଲରେ ସବୁଜ ବନାନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଟଙ୍କଧର ନାଏକ, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲଳିତା ଖଣ୍ଡା, ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ପ୍ରାଣୀଧନ ଚିକିତ୍ସକ ଦୀପାରାଣୀ ପାଣ୍ଡେ, ଯୁବ ବିଜେଡି ଜିଲା ଉପସଭାପତି କିଶୋର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଓ ଛାତ୍ରୀଛାତ୍ର ସ୍କୁଲ ପରିସରରେ ସାଗୁଆନ, କୃଷ୍ଣଚୂଡା, ତେନ୍ତୁଳି, କଦମ୍ବ ବୃକ୍ଷ ଚାରା ରୋପଣ କରିଥିଲେ।



କଲେଜ ଅଧକ୍ଷ ଓ ବ୍ଲକ ଅଧକ୍ଷା ବୃକ୍ଷଚାରା ରୋପଣ କରୁଛନ୍ତି।

## ସର୍ଗିପାଲିଠାରେ ବିଜେଡି ସଭ୍ୟସଂଗ୍ରହ ଅଭିଯାନର ଶୁଭାରମ୍ଭ

# ଅଞ୍ଚଳର ବିକାଶ କ୍ଷେତ୍ରରେ ସାମିଲ ହେବାକୁ ଆହ୍ୱାନ

**ଲେଫ୍ରିପଡା, ୧୫ା୯(ଡି.ଏନ.ଏ.)**

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସର୍ଗିପାଲିଠାରେ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ରବିବାର ଶୁଭାରମ୍ଭ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ବିଜେଡି ସଭାପତି ମଙ୍ଗଳା କିଷାନ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଅଞ୍ଚଳର ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଯୋଡିହୋଇ ବିଜୁ ଜନତା ଦଳରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ଜିଲା ସ୍ୱତନ୍ତ୍ରବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ରାଜ୍ୟ ସାଧାରଣ ସମ୍ପାଦକ ଆନନ୍ଦ ମହାନ୍ତି, ଜିଲା ମହିଳା ସମ୍ପାଦିକା ମୀନତୀ ଦେବତା, ତଲସରା ବିଧାୟକ ପ୍ରାର୍ଥୀ ଷ୍ଟିଫେନ ସୋରେଙ୍ଗ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଅତିଥିଗଣ ମାଲ୍ୟାର୍ପଣ କରିଥିଲେ। ଜିଲାସଭାପତି ମଙ୍ଗଳା କିଷାନ ବୈଠକରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଜେଡି ଦଳର ସଭ୍ୟସଂଗ୍ରହ ବିଷୟରେ ଦେଇଥିବା ବାର୍ତ୍ତା ଉପରେ ପ୍ରାଞ୍ଜଳ ଭାବେ ଉପସ୍ଥିତ କର୍ମୀ ତଥା ଜନସାଧାରଣଙ୍କୁ ଅବଗତ କରିଥିଲେ। ପରେ ଉପସ୍ଥିତ ମହିଳା ଏବଂ ଯୁବକମାନେ ବହୁ ସଂଖ୍ୟାରେ ସଭ୍ୟ ହୋଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଯୁବ ବିଜେଡି ନେତା ମନୋଜ କୁମାର ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ,ଟାଙ୍ଗରପାଲି ବିଜେଡି ସଭାପତି ଗୋବିନ୍ଦ ଚନ୍ଦ୍ର ପଟେଲ, ପୂର୍ବତନ ସୁନ୍ଦରଗଡ ନଗରପାଳ ବେଣୁଧର ତାଣ୍ଡିଆ, ଜିଲା ଆଇନ ସାମ୍ମୁଖ୍ୟ ଅଶୋକ ସ୍ୱାଇଁ, ଲେଫ୍ରିପଡା ବିଜେଡି ଯୁବନେତା ସୁନିଲ କୁମାର କାଲୋ,ଟଙ୍କଧର ବେହେରା, ଭବାନୀ ବିରଗଣ୍ଡିଆ, ଗୋଲାପ ପଟେଲ, ସୁମନ୍ତ ନାଏକ ପ୍ରମୁଖ ବିଜେଡି ନେତୃମଣ୍ଡଳୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଜେଡି ଯୁବନେତା ତଥା ଆଇନଜୀବି ସନ୍ତୋଷ ଆଚାର୍ଯ୍ୟ ପରିଚାଳନା କରିଥିଲେ।



ସର୍ଗିପାଲିଠାରେ ବିଜେଡ଼ି ସଭ୍ୟ ସଂଗ୍ରହ ଅଭିଯାନରେ ଉପସ୍ଥିତ ଦଳୀୟ ନେତା, ଅତିଥି।